ଶତାବ୍ଦୀର ଶ୍ରେଷ୍ଠ

# ପ୍ରବନ୍ଧ ସଂକଳନ

(ଦ୍ୱିତୀୟ ଭାଗ)

ଓଡ଼ିଶା ସାହିତ୍ୟ ଏକାଡେମୀ

# ଶତାବ୍ଦୀର ଶ୍ରେଷ୍ଠ ପ୍ରବନ୍ଧ ସଂକଳନ

(ଦ୍ୱିତୀୟ ଭାଗ)

ଓଡ଼ିଶା ସାହିତ୍ୟ ଏକାଡ଼େମୀ
ଭୁବନେଶ୍ୱର-୧୪

**ଶତାବ୍ଦୀର ଶ୍ରେଷ୍ଠ ପ୍ରବନ୍ଧ ସଙ୍କଳନ** (ଦ୍ୱିତୀୟ ଭାଗ)

ସଂକଳକ—ଡ଼ଃ ଖଗେଶ୍ୱର ମହାପାତ୍ର

ପ୍ରକାଶକ—ଓଡ଼ିଶା ସାହିତ୍ୟ ଏକାଡେମୀ,
ଭୁବନେଶ୍ୱର-୧୪

ପ୍ରଥମ ପ୍ରକାଶ:—୧୯୮୨

ମୁଦ୍ରଣ :—ଲିଲିପ୍ରିଣ୍ଟର୍ସ, ବର୍ଦ୍ଧମାନ କମ୍ପାଉଣ୍ଡ;
କଟକ-୩

ମୂଲ୍ୟ :—**ଟ୨୦** /-(**କୋଡ଼ିଏ ଟଙ୍କା ମାତ୍ର**)

**Satabdir Sretha Prabandha Sankalan (IIpart)**

Compilor :—Dr. Khageswar Mohapatra.

Published by :—Orissa Sahitya Akademi
Bhubaneswar—14

First Publication :—1982

Printed at :—Lily Printers
Burdwan Compound
Cuttack-3

Price .—Rs20 /-(Rupees Twenty only)

# ଭୂମିକା

ସ୍ୱାଧୀନୋତ୍ତର କାଳରେ ପ୍ରବନ୍ଧ ସାହିତ୍ୟର ଯେଉଁ ଗୁଣାତ୍ମକ ଅଭିବ୍ୟକ୍ତି ଘଟିଛି, ପ୍ରବନ୍ଧ ସଙ୍କଳନର ଏହି ଦ୍ୱିତୀୟ ଖଣ୍ଡରେ ତାହାର ସ୍ୱାକ୍ଷର ନିହିତ ରହିଅଛି । ପ୍ରବନ୍ଧରଚନା ଶୈଳୀ ଓ ବିଷୟ ବସ୍ତୁ ନିର୍ବାଚନ ଦୃଷ୍ଟିରୁ ପ୍ରବନ୍ଧ ସାହିତ୍ୟର ଯେଉଁ ଉତ୍କର୍ଷ ଘଟିଛି ତାହା ମଧ୍ୟ ଏହି ସଙ୍କଳନରେ ପରିଲକ୍ଷିତ ହୋଇଥାଏ । ଆଜି ସୁଦ୍ଧା ପ୍ରବନ୍ଧ ସାହିତ୍ୟ ଆଲୋଚନା ଧର୍ମୀ ହୋଇ ରହିଥିଲେ ହେଁ, କୌଣସି କୌଣସି ଲେଖକଙ୍କର ରଚନାରେ ପ୍ରବନ୍ଧ କପରି ଶୁଦ୍ଧ ଲିରିକ୍‌ସର ରୂପ ନେଇପାରେ, ଏଥିରେ ସନ୍ନିବିଷ୍ଟ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କର "ରାଜରାଣୀ" ଏକ ପ୍ରବନ୍ଧ ହେଲେହେଁ ଏହା ଯଥାର୍ଥରେ ରସୋତ୍ତୀର୍ଣ୍ଣ କବିତାର ଅନ୍ୟତମ ଉଦାହରଣ । ଗୋପୀନାଥ ମହାନ୍ତିଙ୍କର "ବାଇଆ ଜକ" ସେହିପରି ମାନସିକ ବୈଦଗ୍ଧ୍ୟର ଚଟୁଳ ବିସ୍ତାର । ଶତାବ୍ଦୀର ଶ୍ରେଷ୍ଠ ପ୍ରବନ୍ଧ ସଙ୍କଳନର ଏହି ଦ୍ୱିତୀୟ ଭାଗ, ପ୍ରଥମ ଭାଗ ପରି ପାଠକ, ଆଲୋଚକ ଓ ଗବେଷକମାନଙ୍କ ଦ୍ୱାରା ଆଦୃତ ହେବ; ଏଥିରେ ସନ୍ଦେହ ନାହିଁ ।

**ସୁରେନ୍ଦ୍ର ମହାନ୍ତି**
ସଭାପତି

ତା ୨୮ । ୧୧ । ୮୨

ଓଡ଼ିଶା ସାହିତ୍ୟ ଅକାଦମୀ
ଭୁବନେଶ୍ୱର

# ସୂଚୀପତ୍ର


| କ୍ର:ନଂ | ପ୍ରବନ୍ଧର ନାମ | ଲେଖକଙ୍କର ନାମ | ପୃଷ୍ଠା |
|---|---|---|---|
| ୧. | ରାଜରାଣୀ | କୃଷ୍ଣଚନ୍ଦ୍ର ପାଣିଗ୍ରାହୀ | ୧ |
| ୨. | ବାଲଆକଳ | ଗୋପୀନାଥ ମହାନ୍ତି | ୧୦ |
| ୩. | ଆର୍ଟର ପ୍ରୟୋଜନୀୟତା | ରାଜକିଶୋର ରାୟ | ୧୯ |
| ୪. | ଜୀବନ, ସାହିତ୍ୟ ଓ କଳା | ବାମା ଚରଣ ମିତ୍ର | ୨୭ |
| ୫. | ଚେତନାର ରୂପାନ୍ତର | ସଚ୍ଚି ରାଉତରାୟ | ୪୩ |
| ୬. | ନାଟର ଗୋବର୍ଦ୍ଧନ | ଭୁବନେଶ୍ୱର ବେହେରା | ୫୦ |
| ୭ | ବୈଷ୍ଣବ ସାହିତ୍ୟର କଥାବସ୍ତୁ | ନଟବର ସାମନ୍ତ ରାୟ | ୫୭ |
| ୮. | ଇତିହାସରେ ପ୍ରତିଭାଶୀଳ ବ୍ୟକ୍ତିର ସ୍ଥାନ | ରାଧାନାଥ ରଥ | ୭୦ |
| ୯. | ଅଫିମର ଫୁଲ | ସୁରେନ୍ଦ୍ର ମହାନ୍ତି | ୮୫ |
| ୧୦. | ସାମାଜିକ ଅବସ୍ଥା ଓ ଅର୍ଥନୈତିକ ପ୍ରଗତି | ବୈଦ୍ୟନାଥମିଶ୍ର | ୯୫ |
| ୧୧. | ସ୍ୱାଧୀନ ଜାତିର ନୂତନ ମୂଲ୍ୟବୋଧ | ଗୋଲକ ବିହାରୀ ଧଳ | ୧୦୩ |
| ୧୨. | କସ୍ମୈ ଦେବାୟ | ଚିତ୍ତ ରଞ୍ଜନ ଦାସ | ୧୧୧ |
| ୧୩. | ଉପଭକ୍ତି ଓ ପ୍ରେମ ଭକ୍ତି | ମହାପାତ୍ର ନୀଳମଣି ସାହୁ | ୧୨୭ |

॥ ଖ ॥


| | | | |
|---|---|---|---|
| ୪. | ନବଜୀବନର ସରଣୀ | ଚନ୍ଦ୍ରାମଣି ମିଶ୍ର | ୧୪୦ |
| ୫. | ଓଡ଼ିଆର ସାହିତ୍ୟ ସାଧନା | ବୃନ୍ଦାବନ ନାଥଶର୍ମା | ୧୪୮ |
| ୬. | ଆଲସ୍ୟ | ବିନୋଦ କାନୁନ୍‌ଗୋ | ୧୬୪ |
| ୭. | ଚମ୍ପା | ବସନ୍ତ କୁମାର ଶତପଥୀ | ୧୬୮ |
| ୧୮. | ଶିଳ୍ପ, ଶିଳ୍ପୀ ଓ ଜୀବନ | ଚିନ୍ତାମଣି ବେହେରା | ୧୯୨ |
| ୧୯. | ସାହାରା | ଚନ୍ଦ୍ର ଶେଖର ରଥ | ୨୦୨ |
| ୨୦. | ଚିନ୍ତା ରାଜ୍ୟରେ ଫଣପୁ | ଦେବକାନ୍ତ ମିଶ୍ର | ୨୦୯ |


—x—

# ଲେଖକପରିଚୟ

## ୧ । କୃଷ୍ଣଚନ୍ଦ୍ର ପାଣିଗ୍ରାହୀ (୧୯୧୨-     )

ବିଶିଷ୍ଟ ଐତିହାସିକ ଓ ସଂସ୍କୃତି ସଚେତନ ପ୍ରାବନ୍ଧିକ "ଇତିହାସ ଓ କିମ୍ବଦନ୍ତୀ (୧୯୬୪) 'ପ୍ରବନ୍ଧମାନସ' (୧୯୭୨) ଆଦି ତାଙ୍କର ପ୍ରଧାନ କୃତି 'ରାଜହଂସୀ' 'ପ୍ରବନ୍ଧ ମାନସ ଗ୍ରନ୍ଥରୁ ଗୃହୀତ ।

## ୨ । ଗୋପୀନାଥ ମହାନ୍ତି (୧୯୧୪-     )

ପ୍ରଧାନତଃ କଥାକାର । ପ୍ରବଂଧ ସାହିତ୍ୟକୁ ତାଙ୍କର ଅବଦାନ ସ୍ୱଳ୍ପ ହେଲେ ହେଁ ମୂଲ୍ୟବାନ । ତାଙ୍କର ଶାରଳାଦାସ ସଂପର୍କୀୟ ଆଲୋଚନା ଦୃଷ୍ଟି ଆକର୍ଷକ 'କଳାଶକ୍ତି' ତାଙ୍କର ବିଶେଷ କୃତି । ବାଇଆକଳ ସହକାର ୧୯୩୬ ମସିହାରେ ପ୍ରକାଶିତ ।

## ୩ । ରାଜକିଶୋର ରାୟ (୧୯୧୪-     )

ପ୍ରଧାନତଃ କଥାକାର । ସ୍ୱଳ୍ପ ପ୍ରବଂଧ ଲେଖିଛନ୍ତି ।" ସାହିତ୍ୟ ଓ ସାହିତ୍ୟତତ୍ତ୍ୱ" ଏହାଙ୍କର ବିଶିଷ୍ଟ ପ୍ରବଂଧ । ଆର୍ଟର ପ୍ରୟୋଜନୀୟତା ସାହିତ୍ୟତତ୍ତ୍ୱ ପୁସ୍ତକରୁ ସଂକଳିତ ।

## ୪ । ବାମାଚରଣମିତ୍ର (୧୯୧୫-୧୯୬୭)

କଥାକାର ଓ ପ୍ରାବନ୍ଧିକ । ଲଘୁଭାବରେ ଏକ ଗୁରୁତର ସମସ୍ୟାର ଉପସ୍ଥାପନା ତାଙ୍କ ପ୍ରବଂଧର ବୈଶିଷ୍ଟ୍ୟ । ଜୀବନ ସାହିତ୍ୟ ଓ କଳା ଏଣୁଷ୍ଟ ତେଣୁଷ୍ଟ ତାଙ୍କର ବିଶେଷକୃତି ।

## ୫। ସୁଚିରା ଉତ୍ତରାୟ (୧୯୧୬- )

ପ୍ରଧାନତଃ କବି । ନିରଳସଭାବେ ସାହିତ୍ୟିକ । ପ୍ରବନ୍ଧ ଓ ସମାଲୋଚନା ଲେଖନ୍ତି । 'କବିତା ୧୯୬୨'ର ଦୀର୍ଘ ଭୂମିକା 'ସାହିତ୍ୟ ବିଚାର ଓ ମୁକ୍ତିବୋଧ (୧୯୭୨) ଆଦି ତାଙ୍କର ଗଦ୍ୟ ପ୍ରବନ୍ଧ ଲେଖାର ନିଦର୍ଶନ । 'ଚେତନା ର ରୂପାନ୍ତର' ୧୯୭୩ ଆସନ୍ତା କାଲରେ ପ୍ରକାଶିତ ।

## ୬। ଭୁବନେଶ୍ୱର ବେହେରା (୧୯୧୬ )

ବିଶିଷ୍ଟ କଥାକାର ଓ ରମ୍ୟରଚନାକାର । 'ଶୁଣପଗ୍ଣଷ୍ଠ' ତାଙ୍କର କୃତି । 'ନାଟର ଗୋବର୍ଦ୍ଧନ' :—ଏପ୍ରିଲ ୧୯୭୩ ସପ୍ତର୍ଷିରେ ପ୍ରକାଶିତ ।

## ୭। ନଟବର ସାମନ୍ତରାୟ (୧୯୧୮- )—ପ୍ରବୀଣ ସାହିତ୍ୟ

ସମାଲୋଚକ 'ବ୍ୟାସକବି ଫକୀର ମୋହନ '(୧୯୫୭,' ଓଡ଼ିଆ ବୈଷ୍ଣବ ସାହିତ୍ୟ' (୧୯୫୯) 'ଯୁଗ ପ୍ରବର୍ତ୍ତକ ସ୍ରଷ୍ଟା ରାଧାନାଥ (୧୯୬୦) 'ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ' (୧୯୬୪) ଆଦି ତାଙ୍କର ବିଶିଷ୍ଟ କୃତି । ଓଡ଼ିଆ ସାହିତ୍ୟିକ ପ୍ରବନ୍ଧ ଧାରାର ଜଣେ ବିଶିଷ୍ଟ ଦିଗାରି । ବୈଷ୍ଣବ ସାହିତ୍ୟର କଥା ବସ୍ତୁ "ଓଡ଼ିଆ ବୈଷ୍ଣବ ସାହିତ୍ୟ" ଗ୍ରନ୍ଥରୁ ଗୃହୀତ ।

## ୮। ରାଧାନାଥ ରଥ (୧୯୨୦- )

ମନସ୍ତତ୍ତ୍ୱବିତ୍ । ନିଜ କ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ ନେଇ ଓଡ଼ିଆରେ ବହୁ ପ୍ରବନ୍ଧ ସୃଷ୍ଟି କରିଛନ୍ତି । 'ପ୍ରଗତି ପଥେ' ତାଙ୍କର ସୁଖ୍ୟାତ ପ୍ରବନ୍ଧ ଗ୍ରନ୍ଥ । ଇତିହାସରେ ପ୍ରଭାବଶାଳୀ ବ୍ୟକ୍ତିର ସ୍ଥାନ ଝଙ୍କାର ୪. ୧. ୧୯୫୨ ମସିହାରେ ପ୍ରକାଶିତ ।

## ୯। ସୁରେନ୍ଦ୍ର ମହାନ୍ତି (୧୯୨୨-     )

ପରିଚିତ କଥାକାର । ସାହିତ୍ୟ ଆଲୋଚନାରେ ମଧ୍ୟ ଅନୁରକ୍ତ । 'ଫକୀର ମୋହନ ସମୀକ୍ଷା' 'ଓଡ଼ିଆ ସାହିତ୍ୟରେ ଆଦିପର୍ବ', ଓଡ଼ିଆ ସାହିତ୍ୟରେ ମଧ୍ୟପର୍ବ, 'ଓଡ଼ିଆ ସାହିତ୍ୟର କ୍ରମବିକାଶ ଆଦି ତାଙ୍କର ଦ୍ୟୋତକ । 'ଶ୍ରୀ ଜଗନ୍ନାଥ', ଓଡ଼ିଶାରେ ଇଂରେଜ 'ଓଡ଼ିଆ ସାହିତ୍ୟର ଅନ୍ଧକାର ଯୁଗ', 'କ୍ଷୁଧିତ ବ୍ରହ୍ମପୁତ୍ର' ଆଦି ତାଙ୍କର ପ୍ରସିଦ୍ଧ ପ୍ରବନ୍ଧ । ଅଫିମର ଫୁଲ ' ସୁରେନ୍ଦ୍ର ରଚନା" (୧୯୬୫) ରୁ ଗୃହୀତ ।

## ୧୦। ବୈଦ୍ୟନାଥ ମିଶ୍ର '୧୯୨୦-     )

ବିଶିଷ୍ଟ ଅର୍ଥନୀତିଜ୍ଞ । ଅର୍ଥନୀତି ସଂପର୍କୀୟ ପ୍ରବନ୍ଧ ସରଳଭାବେ ଲେଖନ୍ତି । ''ସାମାଜିକ ଅବସ୍ଥା ଓ ଅର୍ଥନୈତିକ ପ୍ରଗତି ଝଙ୍କାର ୭/୫ ୧୯୫୪ ମସିହାରେ ପ୍ରକାଶିତ ।

## ୧୧। ଗୋଲକ ବିହାରୀ ଧଳ ୧୯୨୧-୭୪)

ମୂଳତଃ ମନ ବିଜ୍ଞାନୀ । ଭାଷାତତ୍ତ୍ୱ ମୂଳକ ତଥା ସାଂସ୍କୃତିକ ପ୍ରବନ୍ଧର ରଚୟିତା । ''ବିଶ୍ୱର ଆଲୋଚନା । (୧୯୬୬) ଏହାଙ୍କ ପ୍ରବନ୍ଧ ମାନସର ଶ୍ରେଷ୍ଠ ପରିଚୟ । 'ଶିକ୍ଷା, ସାଧନା ଓ ଶୃଙ୍ଖଳା', ରାମରାଜ୍ୟ ଏବଂ ରାମାୟଣ', ଆଦି ତାଙ୍କର ଖ୍ୟାତ-ନାମା ପ୍ରବନ୍ଧ । ' ସ୍ୱାଧୀନ ଜାତିର ମୂଲ୍ୟବୋଧ" ''ବିଶ୍ୱର ଆଲୋଚନା ଗ୍ରନ୍ଥରୁ ଗୃହୀତ ।

## ୧୨। ଚିତ୍ତରଞ୍ଜନ ଦାସ (୧୯୨୨     )

ବିଶିଷ୍ଟ ପ୍ରାବନ୍ଧିକ । "ଶିଳା ଓ ଶାଳଗ୍ରାମ" "ତରଙ୍ଗ ଓ ତଡ଼ିତ୍" ''ଜାତିରେ ମୁଁ ଯବନ" ତାଙ୍କର ପ୍ରସିଦ୍ଧ ପ୍ରବନ୍ଧ ଗ୍ରନ୍ଥ । "କସ୍ମୈ ଦେବାୟଃ" ନବପତ୍ର, ୫/୧, ୧୯୬୭ ରେ ପ୍ରକାଶିତ ।

୧୩। ମହାପାତ୍ର ନୀଳମଣି ସାହୁ (୧୯୨୬- )

ବଶିଷ୍ଟ କଥାକାର ସାମ୍ପ୍ରତିକ ପ୍ରବନ୍ଧ ଲେଖକ୍ତ "ଜଞ୍ଜିଡ଼ ସୂତ୍ର ଜଞ୍ଜିଡ଼ ବ୍ୟାଖ୍ୟା" ତାଙ୍କର ବଶିଷ୍ଟ କୃତି । ଉପୂଭକ୍ତ ଓ ପ୍ରେମଭକ୍ତ ଶରଣତ ୩।୪ ରେ ପ୍ରକାଶିତ ।

୧୪। ଚନ୍ଦ୍ରମଣି ମିଶ୍ର (୧୯୦୪-୧୯୮୦)

ପ୍ରାବନ୍ଧିକ । ନବଜୀବନର ସୁଖ୍ୟାତ ସମ୍ପାଦକ 'ଦେବ ଦେବଙ୍କ ଦୁର୍ଗତି' ବିଶେଷ କୃତି । "ନବଜୀବନର ସରଣୀ," 'ନବଜୀବନ' ୫।୧୨, ୧୯୬୦ ରେ ପ୍ରକାଶିତ ।

୧୫। ବୃନ୍ଦାବନ ରଥଶର୍ମା

ପ୍ରାବନ୍ଧିକ । ଉତ୍କଳ ସାହିତ୍ୟରେ ତାଙ୍କର ବହୁତ ପ୍ରବନ୍ଧ ପ୍ରକାଶିତ । "ଓଡ଼ିଶାର ସାହିତ୍ୟ ସାଧନା" 'ଉତ୍କଳ ସାହିତ୍ୟ' ୩୧।୩, ୧୯୧୬ ମସିହାରେ ପ୍ରକାଶିତ ।

୧୬। ବିନୋଦ୍ କାନୁନ୍‌ଗୋ (୧୯୧୨- )

'ଜ୍ଞାନମଣ୍ଡଳ'ର ସଂକଳକ ଭାବେ ସୁନାମଖ୍ୟାତ । "ଆଳସ୍ୟ" ତାଙ୍କର ଏକ ବିଶିଷ୍ଟ ପ୍ରବନ୍ଧ ।

୧୭। ବସନ୍ତ କୁମାର ଶତପଥୀ (୧୯୧୮- )

ପରିଚିତ କଥାକାର । ସାମ୍ପ୍ରତିକ ପ୍ରବନ୍ଧ ଲେଖକ୍ତ । ପ୍ରବନ୍ଧ ମାନଙ୍କରେ ସମ୍ବେଦନଶୀଳ ଜୀବନଦୃଷ୍ଟି ଅନୁଭବ୍ୟ । ଝଙ୍କାର, ୨୨।୫, ୧୯୭୦ ମସିହାରେ ପ୍ରକାଶିତ ।

## ୧୮। ଚିନ୍ତାମଣି ବେହେରା (୧୯୨୯- )

ବିଶିଷ୍ଟ ପ୍ରାବନ୍ଧିକ ଓ ସାହିତ୍ୟ ସମାଲୋଚକ "କାବ୍ୟ ଓ କଳାକାର" ଆଧୁନିକତାର କ·ଖ ଓ ଅନ୍ୟାନ୍ୟ ଆଲୋଚନା (୧୯୭୩) ବିଦଗ୍ଧ ପାଠକ (୧୯୭୫) ଆଦି ତାଙ୍କର ପାଣ୍ଡିତ୍ୟର ଦ୍ୟୋତକ । "ଶିଳ୍ପ ଶିଳ୍ପୀ ଓ ଜୀବନ" "ଆଧୁନିକତାର କ,ଖ ଓ ଅନ୍ୟାନ୍ୟ ଆଲୋଚନାରୁ ଗୃହୀତ ।

## ୧୯। ଚନ୍ଦ୍ରଶେଖର ରଥ (୧୯୨୯- )

କଥାକାର ଓ ପ୍ରାବନ୍ଧିକ । 'ଦୃଷ୍ଟି ଓ ଦର୍ଶନ' (୧୯୭୩) "ଅଶ୍ୱତ୍ଥର", "ମୁଁ ସତ୍ୟଧର୍ମା କହୁଛି ପ୍ରଭୃତି ତାଙ୍କର ବିଶେଷ ପରିଚୟ ବହନ କରେ । "ନୀତାପୂନେ", "ଦେବକୀ" ଆଦି ତାଙ୍କର ପରିଚିତ ପ୍ରବନ୍ଧ । ଏକ ସମ୍ବେଦନଶୀଳ କାବ୍ୟିକ ଦୃଷ୍ଟିରେ ସମସ୍ୟାର ପର୍ଯ୍ୟାଲୋଚନା କରନ୍ତି ସେ । "ସାହାବ" ମାନସ ୧୯୭୩ ପତ୍ରିକାରେ ପ୍ରକାଶିତ ।

## ୨୦। ଦେବକାନ୍ତ ମିଶ୍ର (୧୯୩୯- )

ପ୍ରାବନ୍ଧିକ । ବିଜ୍ଞାନର ଗୂଢ଼ ରହସ୍ୟକୁ ପ୍ରବନ୍ଧରେ ସହଜ ଭାବେ ବୁଝାଇଥାନ୍ତି । "ବିଜ୍ଞାନ ଓ ବସ୍ତୁର ବୋଧ" (୧୯୬୭) ତାଙ୍କର ପ୍ରଧାନ କୃତି । ଚିନ୍ତାରାଜ୍ୟରେ ଫଗୋପୁ ପ୍ରବନ୍ଧଟି ଏହି ଗ୍ରନ୍ଥରୁ ଗୃହୀତ ।

—x—

# ରାଜରାଣୀ

:କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ମନ୍ଦିର ମାଳମା ଏକାମ୍ର ନଗରୀର ଏହି ଗୃହୁ ଶିଳ୍ପ ଶାଳମା ମନ୍ଦିର ରାଣୀର ନାମ ରାଜରାଣୀ କାହିଁକି ହେଲା ? ନୀରସ ପତ୍ନତତ୍ତ୍ୱ ସାହାଯ୍ୟରେ ମୁଁ ଏହାର ସମାଧାନ କରିବାକୁ ଯାଉନାହିଁ, କଠିନ ଶିଳ୍ପ ଶାସ୍ତ୍ର ସାହାର୍ଯ୍ୟରେ ଏହାର କମନୀୟ ଅଙ୍ଗକୁ ଚ୍ଛେଦ ବିଚ୍ଛେଦ କରିବାକୁ ମୋର ମନ ବଳୁ ନାହିଁ, ମାଡନପୁଣର ସଙ୍କୁଚିତ ଦୃଷ୍ଟିରୁ ମୁଁ ଏହାକୁ ଦେଖିବାକୁ ଯାଉନାହିଁ, କିମ୍ବା ଐତିହାସିକର ନୀରସ ଓ ଭ୍ରାନ୍ତିଗ୍ରସ୍ତ ଭାଷା ଏହାପାଇଁ ପର୍ଯ୍ୟାପ୍ତ ହେବ ବୋଲି ମୁଁ ମନେ କରିପାରୁ ନାହିଁ । ଏଣୁ କବି କାଳ୍ପନିକ ଓ ଦାର୍ଶନିକ ଏହାକୁ ଯେଉଁ ଦୃଷ୍ଟିରେ ଦେଖନ୍ତେ, ମୁଁ ସେହି ଦୃଷ୍ଟିରେ ଏହାକୁ ଦେଖିବାକୁ ଯାଉଛି । ପତ୍ନତାତ୍ତ୍ୱିକର ଜ୍ଞାନ-ଗାରିମା, ବିସ୍ମୃତି ଗର୍ଭରେ ଲୀନ ହେଉ ।

ଏହି ରାଜରାଣୀ ଖାଲି ଗୋଟିଏ ପ୍ରସ୍ତର ସ୍ତୂପ ନୁହେଁ । ଏହା ବିଜୟୀ କଳିଙ୍ଗ ଶିଳ୍ପୀର ଜୈତ୍ରରଥ । ଉତ୍ଥାନ ପତନର ବନ୍ଧୁର ପଥରେ ଶିଳ୍ପୀର ବିଜୟ୍ୟଚକ୍ର ବହୁଦିନ ଗଡିକରି ଏ ଜାତିର ପାପ ପଙ୍କରେ ନିମଗ୍ନ ହୋଇ ଏହିଠାରେ ହିଁ ଗତିହତ ହୋଇ ରହିଗଲା । ଯେତେବେଳେ ଗୁଣ ଓ ଗୁଣୀର ସ୍ଥାନ ଗୃହୁଭିସ ଓ ଗୃହୁ ପଟ୍ଟୁ ଅଧିକାର କରିବସିଲେ, ସେତେବେଳେ ମାଳମା ପ୍ରତିଭା ରାଣୀ ମୁହଁ ମୋଡ଼ି ଦେଇ ବସିଗଲା । ରାଜରାଣୀ ପରେ ବହୁ ମନ୍ଦିର ନିର୍ମିତ ହେଲା; ଆଗଙ୍ଗାଧିଶ୍ୱରଙ୍କ ନିର୍ଭିଷ୍ଟ ମନ୍ଦିର ଶ୍ରୀକ୍ଷେତ୍ରରେ ମୁଣ୍ଡଟେକି ଉଠିଲା, କିନ୍ତୁ ଏ ପ୍ରତିଭା ଆଉ ଫୁଟିଲା ନାହିଁ । ପ୍ରତିଭାର ଅନୁକୂଳରେ ଗଲେ ରାଜଶକ୍ତି ସମ୍ମାନିତ ଓ ଜୟଯୁକ୍ତ ହୁଏ, କିନ୍ତୁ ପ୍ରତିକୂଳରେ ଗଲେ ଜୟର ସମ୍ଭାବନା ଥାଏ ନାହିଁ । ପ୍ରତିଭା

ଅଭିମାନିନୀ, ସେ ସମସ୍ତ ଦୁଃଖ କଷ୍ଟ ମଧ୍ୟରେ ବଞ୍ଚିପାରେ; କିନ୍ତୁ ଆଦର ଓ ଆଶ୍ରୟ ବିନା ବଞ୍ଚିପାରେନାହିଁ । ରାଜରାଣୀ ପରେ ଏପରି ଗୋଟିଏ ଯୁଗ ଆସିଲା, ଯେତେବେଳେ କି ଏହାପରି କିମ୍ବା ଏହାଠାରୁ ବଡ ବଡ଼ ମନ୍ଦିର ହେଲା, କିନ୍ତୁ ଏହିପରି ମଣ୍ଡନ ହୋଇ ପାରିଲାନାହିଁ । ଏହିପରି ପ୍ରତିମା ହେଲା, କିନ୍ତୁ ଏହାର ପ୍ରତିମା ପରି ପ୍ରାଣବନ୍ତ ହୋଇ ପାରିଲା ନାହିଁ ।

କିନ୍ତୁ ବହୁବର୍ଷପରେ ଯବନ- ଜୟୀ ନରସିଂହ ମାନିନୀ ପ୍ରତିଭା ରାଣୀର ଅଭିମାନ ଭାଙ୍ଗିଲେ । ପ୍ରତିଭା ପୂଜାପାଇଲା; ଏଣୁ ଭୁବନମୋହନ କୋଣାର୍କର ଆବିର୍ଭାବ ଘଟିଲା । ଏହି କୋଣାର୍କରେ ଓଡ଼ିଆ ଜାତି ତାର ଶିଳ୍ପ-ପ୍ରତିଭାର ଅବଦାନ ଶେଷକରି ଯେପରିକି ନିଃସ୍ୱ ହୋଇପଡ଼ିଲା; ଉନ୍ନତିର ଉତ୍ତୁଙ୍ଗ ଶିଖରକୁ ଉଠି ଅବନତି ଉପତ୍ୟକାର ଅତଳ ଗହ୍ୱରକୁ ହଠାତ୍ ଖସିପଡ଼ିଲା । କୋଣାର୍କ ପରେ ସମସ୍ତ ଅନ୍ଧକାର ଦେଖା-ଯାଏ ଓ ଐତିହାସିକ ଶିଳ୍ପ ପ୍ରତିଭାର ଚିହ୍ନ ଖୋଜି ପାଏ ନାହିଁ । ଯେଉଁ-ମାନେ ଭାବନ୍ତି ଯେ ରାଜରାଣୀ ଓ କୋଣାର୍କ ଭଳି ମନ୍ଦିର ମାନ "ବେଠି ବେଗାରିରେ" ତିଆରି ହୋଇଛି, ସେମାନେ କଣ ଭାବନ୍ତି ଯେ ବେଠିପ୍ରଥା ଲାଙ୍ଗୁଳା ନରସିଂହଙ୍କଠାରୁ ଉଠିଗଲା ? ବେଠି ପ୍ରଥାତ କାଲିପରି ଉଠିଯାଇଛି, କିନ୍ତୁ କୋଣାର୍କ, ରାଜରାଣୀ, ଲିଙ୍ଗରାଜ ବା ମୁକ୍ତେଶ୍ୱର କେତେଟା ମନ୍ଦିର ମୁଣ୍ଡ ଟେକି ଉଠିଛି ? ଏଣୁ କୋଣାର୍କ ପରେ ବେଠି ପ୍ରଥା ଉଠିଗଲା ବୋଲି ନଧରି ସୌନ୍ଦର୍ଯ୍ୟର ଉପାସନା ଓ ପ୍ରତିଭାର ପୂଜା ଉଠିଗଲା ବୋଲି ଧରିବାକୁ ହେବ । ଦାସମାନଙ୍କର ଶ୍ରମରେ ପ୍ରସ୍ତରସ୍ତୂପ ପିରାମିଡରେ ସମ୍ଭବ ହୋଇପାରେ, କିନ୍ତୁ କୋଣାର୍କ ବା ରାଜରାଣୀର ନୁହେଁ ।

ଏଣୁ ମୁଁ ରାଜରାଣୀକୁ ମନୁଷ୍ୟର ସ୍ୱେଦ ଓ ରକ୍ତରେ ରଞ୍ଜିତ ପ୍ରସ୍ତରସ୍ତୂପରୂପେ ଦେଖିପାରୁନାହିଁ । ଏହାକୁ ମୁଁ ଆନନ୍ଦ ଓ ଐଶ୍ୱର୍ଯ୍ୟର କନ୍ୟା ଲଳିତା, ଲଳିତା ଓ ଲୀଳାୟିତା ପ୍ରେମପ୍ରତିମା ରୂପେ ଦେଖିବାକୁ ପାଉଛି । କିମ୍ବା କାଳସ୍ରୋତରେ ଭାସମାନ ଏହା ଗୋଟିଏ ବିକଚ ପଦ୍ମ । ଏହା ବୃନ୍ତହୀନ; ଏହାର ପାଖୁଡ଼ା ଛିନ୍ନ ଭିନ୍ନ; କିନ୍ତୁ ଏହାର ସୌରଭ ଓ ରାଗ ତାର ପୂର୍ବ ବିଭବର ପରିଚୟ ଦେଉଛି । କିମ୍ବା ଏହା ଗୋଟିଏ

ଆଲେଖ୍ୟମୟୀ ପ୍ରେମପୁସ୍ତିକା । କାଳକୀଟ ଏହାର ପ୍ରତ୍ୟେକ ପତ୍ରକୁ କାଟି ବିକଳାଙ୍ଗ କରି ପକାଇଛି; ମାତ୍ର ଆଲେଖ୍ୟମୟୀର ଧ୍ୱଂସାବଶିଷ୍ଟ ରଞ୍ଜିତ ରାଗ ଓ କଳା କବିତା ରଚୟିତାର ବିରାଟ ପ୍ରତିଭାର ପରିଚୟ ଦେଉଛି । କିନ୍ତୁ ଏହା କଦାପି ଶୋଷିତ ଓ ନିଷ୍ପେଷିତର ସନ୍ତତି ନୁହେ । ତାହା ଯଦି ହୋଇଥାନ୍ତା, ଏହାର ଶତ ଶତ ବୁଭୁକ୍ଷୁ ପ୍ରସ୍ତର ଜୀବନହୀନ ପରି ଦେଖାଯାଉଥାନ୍ତେ; କିମ୍ବା ଏହାର ଚିତ୍ରାବଳୀ ଭ୍ରୂକୁଟି କୁଟିଳ କରି ବା କଙ୍କାଳମୟୀ ହୋଇ ଦର୍ଶକର ଭୀତି ବା କରୁଣା ଜନ୍ମାଉଥାନ୍ତେ । କିନ୍ତୁ ରାଜରାଣୀ ଶାନ୍ତିମୟୀ, ସ୍ନେହମୟୀ ଓ ଆନନ୍ଦଦାୟିନୀ । ଏଣୁ ଏହା ନିଶ୍ଚୟ ଆନନ୍ଦ ଓ ଐଶ୍ୱର୍ଯ୍ୟର କନ୍ୟା ।

ଏହାର ନାମ ରାଜରାଣୀ ହେଲା କାହିଁକି ? ଏ ପ୍ରଶ୍ନର ସମାଧାନ ପାଇଁ ପୋଥି ପତ୍ରରେ ପ୍ରମାଣ ଖୋଜିବା ଅନାବଶ୍ୟକ । ଏ ପ୍ରକୃତରେ ଶିଳ୍ପ ଜଗତର ରାଜରାଣୀ । ଏଣୁ ଏହାର ନାମ ଯେ କାରଣରୁ ହୋଇ ଥାଉ ପଛକେ ଏ ନାମର ପୂର୍ଣ୍ଣ ସାର୍ଥକତା ରହିଛି । ଏହାର ନିର୍ମାତାର ନାମ ବିସ୍ମୃତି ଗର୍ଭରେ ଲୀନହୋଇଥିବାରୁ ଭଲ ହୋଇଛି । ତା ନହେଲେ ହୃତ-ସର୍ବସ୍ୱ ଓ ଭୂତସର୍ବସ୍ୱ ଓଡ଼ିଆମାନେ ରବିନ୍ଦ୍ରନାଥଙ୍କ ଗଳ୍ପରେ ଥିବା ନୟନ ଯୋଡ଼ର ବାବୁମାନଙ୍କପରି ଆଉ ଗୋଟାଏ ପ୍ରାଚୀନ ନାମକୁ ଗାଇ ବୁଲନ୍ତେ । ନିର୍ମାତାର ନାମ ଲୋପ ପାଇଛି; କିନ୍ତୁ କାଳନଦୀର ସିକତାରେ ତାରପଦଚିହ୍ନ ଅଦ୍ୟାପି ବିଦ୍ୟମାନ ଅଛି । ସେ ଥିଲା ସୌନ୍ଦର୍ଯ୍ୟର ଉପାସକ ଓ ପ୍ରତିଭାର ପୂଜାରୀ । ଯେ ହେତୁ ସୌନ୍ଦର୍ଯ୍ୟ ହିଁ ସତ୍ୟ ଓ ସତ୍ୟହିଁ ସୌନ୍ଦର୍ଯ୍ୟ, ସେହି ଚିରନ୍ତନ ସତ୍ୟ ପ୍ରସ୍ତର-- ଗାତ୍ରରେ ଅମର ହୋଇଛି । କିନ୍ତୁ ଦୁର୍ବଳ ଜାତିର ଅତିପ୍ରୀତିର ଖ୍ୟାତି ମନରେ ନେଇ ରାଜରାଣୀକୁ ଦେଖିଲେ, ଏହି ସୌନ୍ଦର୍ଯ୍ୟ ଉପଲବ୍ଧି କରି ହେବନାହିଁ । ଯେଉଁ ସତ୍ୟ ସୃଷ୍ଟିର ପ୍ରଭାତରେ ଆଦିମ ନରନାରୀ ମନରେ ଅନାହୂତ ରୂପ ଜାଗ୍ରତ ହୋଇ ଜନ୍ମ ମୃତ୍ୟୁର ଲୁଚକାଳି ଖେଳ ମଧ୍ୟରେ ଏ ଧରଣୀକୁ ଧରି ରଖିଛି, ଯାହା ସାହିତ୍ୟ, ଧର୍ମ, ବିଜ୍ଞାନ ଓ ଦର୍ଶନର ମୂଳ ଉତ୍ସ ରୂପେ ଯୁଗେ ଯୁଗେ ରହି ଆସିଛି, ତାର ଲଗ୍ନ ପ୍ରକାଶକୁ ଅଶ୍ଳୀଳ କହିବା ନିରର୍ଥକ । ସତ୍ୟର ଲଗ୍ନ ପ୍ରକାଶକୁ ଦେଖି ଯାହାର ମନବିକାର ଗ୍ରସ୍ତ ହୁଏ, ତାର ନୈତିକତା ବା ଶକ୍ତିମତ୍ତାର ପରିଚୟ ମିଳେନାହିଁ ।

ଏହି ଲଗ୍ନ ପ୍ରକାଶକୁ ଯଦି ଅଶ୍ଳୀଳ କୁହାଯାଏ, ତାହାହେଲେ ସଭ୍ୟ-ମାନବ ଦ୍ୱାରା ଶିବଲିଙ୍ଗ ଓ ଶକ୍ତି ପୁଷ୍ପଦାମରେ ମଣ୍ଡିତ ହୋଇ ପୂଜିତ ହେବା ଆହୁରି ବେଶୀ ଅଶ୍ଳୀଳ; କାରଣ ଏମାନେ ମଧ୍ୟ ତ ସେହି ଚିରନ୍ତନ ସତ୍ୟର ନଗ୍ନତାର ପ୍ରକାଶ ।

ଅତଏବ ମାଉନପୁଣ ! ଅତିପ୍ରୀତିର ହିତ ତ୍ୟାଗକରି ରାଜରାଣୀର ସୌନ୍ଦର୍ଯ୍ୟ ଉପଲବ୍ଧି କରନ୍ତୁ । ଏହି ଦେଖନ୍ତୁ, ନିମ୍ନରେ ମୁକୁରହସ୍ତା ଅଳସ କନ୍ୟା ଦଣ୍ଡାୟମାନା । ଏହି ତନ୍ୱୀ କିଶୋରୀର ପଦରେ ନର୍ତ୍ତନ ଛନ୍ଦ, ମନରେ ବିଜୟିନୀର ଭାବ । ଏହାର ଦକ୍ଷିଣ ହସ୍ତ ମୁକୁରରେ ମଣ୍ଡିତ ହୋଇଛି ଓ ବାମ ହସ୍ତରେ ଲୀଳାର ବନ୍ଧ ଶୋଭା ପାଉଛି । ଏ କିଶୋରୀ ପ୍ରିୟପାଇଁ ସଜ ହେଉଛି । ଏଣୁ ପ୍ରଥମ ପ୍ରଣୟ ପ୍ରଥମ ପ୍ରଭାତ ପରି ଏହାର ମୁଖକୁ ଲଜ୍ଜାରୁଡ଼ା କରି ପକାଇଛି । ତାର ଅଦୂରରେ ରହିଛି ଉନ୍ମାଦିନୀ ବିକଚ ଯୌବନା କାମିନୀ । ପୁଷ୍ପଚୟନ ଛଳରେ ଅଳସ ଅଙ୍ଗକୁ ପାଦପ ଦେହରେ ଢ଼ାଳି ଦେଉଛି । ପ୍ରିୟର ଅନୁପସ୍ଥିତିରେ ଏହି ସୁନ୍ଦରୀ ହୁଏତ ବଳୟ-ତାଳଦ୍ୱାରା ପୋଷା ମୟୂରକୁ ନଚଉଥିଲି । ବର୍ତ୍ତମାନ ମୟୂର ସୁଯୋଗ ପାଇଁ ପୁଷ୍ପ ଚୟନରେ ତାର ସୀମାନ୍ତରୁ ମୁକ୍ତା ଚୋରିକରି ନେଉଛି ।

କଳା ଓ କବିତାର ଉଦ୍ଦେଶ୍ୟ ଓ ଉତ୍ସ ଏକ । ଏହି ପାଷାଣ ମୟୀ ପ୍ରତିମାରେ ଯେଉଁ କଳା ପ୍ରକାଶ ପାଇଛି ବହୁବର୍ଷ ପୂର୍ବେ ତାହା ପ୍ରକାଶ ପାଇଥିଲା କାଳିଦାସଙ୍କ କବିତାରେ । ବିରହୀଯକ୍ଷ ମେଘକୁ ଅଳକାପୁରୀରେ ଥିବା ତାର ବାସଭବନ ଓ ତାର ସୁନ୍ଦରୀ ପ୍ରିୟାର ପରିଚୟ ଦେବାକୁ ଯାଇ କହୁଛି—

"ତନ୍ମଧ୍ୟେଚ ସ୍ଫଟିକ ଫଳକା କାଞ୍ଚନା ବାସଯଷ୍ଟି—
ମୂଳେବଦ୍ଧା ମଣିଭିରନତି ପ୍ରୌଢ଼ବଂଶ ପ୍ରକାଶୈଃ ।
ତାଳୈଃ ଶିଞ୍ଜାବଲୟ ସୁଭଗୈର୍ନର୍ତ୍ତିତଃ କାନ୍ତୟା ମେ
ଯାମଧ୍ୟାସ୍ତେ ଦିବସ ବିଗମେ ନୀଳକଣ୍ଠଃ ସୁହୃଦଃ ।

(ଉତ୍ତରମେଘ)

ଏହି ଭାବରେ ପ୍ରତିଧ୍ୱନି କରି ବିଶ୍ୱକବି ରବୀନ୍ଦ୍ରନାଥ ମଧ୍ୟ ଲେଖିଛନ୍ତି—

ତାଲେ ତାଲେ ଦୁଟି କଙ୍କନ କନ କନିଆ
ଭବନ ଶିଖୀରେ ନାଚାଅ ଗନିଆ ଗନିଆ ।

ପୁଷ୍ପଚୟନରତା ତାର ଠିକ୍ ଅପର ପାର୍ଶ୍ୱରେ ରହିଛି ଅନ୍ୟ ଏକ ଅଳସ କନ୍ୟା । ତୋରଣ—ଶାଳ—ଭଞ୍ଜିକା—ଠାଣିରେ ଦଣ୍ଡାୟମାନ ଏହି ସୁନ୍ଦରୀ ତାର କରଲତାକୁ ପାଦପକଣ୍ଠରେ ବେଷ୍ଟନ କରୁଛି ଏବଂ ଦକ୍ଷିଣ ପାଦ ପାଦପର ପାଦ ଦେଶରେ ପ୍ରହାର କରୁଛି । ଅବାଧ ପବନ ଚିନାଂଶୁକ ଉଡ଼ାଇ ନେଇ ତାର ଗଳ ଦେଶରେ ରଖିଛି; ଏଣୁ ଯୌବନର ଲଗ୍ନ ବିକାଶ ସହଜରେ ପ୍ରତିଭାତ ହେଉଛି । ନାରୀ ବାସନାର ମୂର୍ତ୍ତିମନ୍ତ ଏହି ସୁନ୍ଦରୀ ନିଷ୍ଠୁର ପୁରୁଷ ପାଦପଠାରେ ଯୌବନର ଚରିତାର୍ଥ ପାଇଁ ତାର ଦାବୀ ଜଣାଉଛି ।

ଏହାର ଅନତିଦୂରରେ ପଶ୍ଚିମ ବାଡ଼ରେ ଅଭିସାରିକା ଦଣ୍ଡାୟମାନା । ଦକ୍ଷିଣପାଦରୁ ଚ୍ୟୁତ ମୁଖରମଞ୍ଜୀର ଏହାର ବାମ ହସ୍ତରେ ମୁକ୍ତ ହୋଇ ରହିଛି । ବାକି ଅନ୍ୟଟିକୁ ମୁକ୍ତ କରିବା ଚେଷ୍ଟାରେ ସୁନ୍ଦରୀ ବ୍ୟସ୍ତ ହୋଇ ପଡ଼ିଛି, ଏହି ଅଭିସାରିକା ଆଭରଣ ଶୂନ୍ୟା ହୋଇ, "ବିଦ୍ୟୁତ ଆଲୋକରେ ନିଭୃତ ପଥରେ" ପ୍ରିୟର ପଥ ଅନୁସରଣ କରିଯିବ । ଏଣୁ ଏହାର ମୁଖ ଆଶାର ଆଲୋକରେ ଆଲୋକିତ । ଏହାର ବଦନ ମଣ୍ଡଳରେ ଆଭରଣ ଶୂନ୍ୟା ଖଣ୍ଡିତା ନାୟିକାର ରୋଷ କଷାୟିତ ଭଙ୍ଗିନାହିଁ । ଅତଏବ ଏହାକୁ ଖଣ୍ଡିତା ନାୟିକା ବୋଲି ଧରିଯାଇ ନପାରେ । ଏହି ପାଷାଣ କବିତା ଲେଖା-ହେବାର ଅନେକ ବର୍ଷପରେ ଜୟଦେବ ଲେଖିଛନ୍ତି—

"ମୁଖରମଧୀରଂ ତ୍ୟଜ ମଞ୍ଜୀରଂ ରିପୁମିବ କେଳିଷୁ ଲୋଳଂ
ଚଳ ସଖୀକୁଞ୍ଜଂ ସତିମିର ପୁଞ୍ଜଂ ଶୀଳୟ ନୀଳ ନିଚୋଳଂ ।"

ଉତ୍ତର ବାଡ଼ ମଣ୍ଡନ କରୁଛି ଦୋହଦଭଞ୍ଜୀକା ଅଳସକନ୍ୟା । ରୂପସୀର ରୂପଗର୍ବ ଅପାଙ୍ଗରୁ ସୂଚିତ ହେଉଛି । ରୂପସୀ ବୋଲି ଜବାଚିତା ହୋଇଥିବାରୁ ତ ସେ ଅଶୋକ ବୃକ୍ଷରେ ତାର ବାମପାଦ

ଆଘାତ କରୁଛି । ତା'ର ମୃଦୁ ପଦାଘାତରେ ଅଶୋକର ଦୋହଦ ଭାଙ୍ଗିବ ଓ ତେଣୁ ସେ ପୁଷ୍ପିତ ହେବ । କବିର କଳ୍ପନା, ଶିଳ୍ପୀର ତୁଳୀ ଶୂନ୍ୟରେ ସ୍ୱର୍ଣ୍ଣକମଳ ଫୁଟାଇପାରେ । ଏଣୁ ସୁନ୍ଦରୀ ନାୟିକାର ମୁଖାସବରେ ବକୁଳ ଫୁଲକୁ ଫୁଟାଇଦେବା କିମ୍ବା ତାର କୋମଳ--ଚରଣ—ଦଳନାରେ ଅଶୋକର ଦୋହଦ ଭାଙ୍ଗିବାର କଳ୍ପନା ଆଦୌ ବିଚିତ୍ର ନୁହେଁ । କାଳିଦାସ ମାଳବିକା'ର କୋମଳ ପଦାଘାତରେ ଅଶୋକ ଗଛରେ ଫୁଲ ଫୁଟାଇ ଦେଲେ । ଯକ୍ଷପ୍ରିୟା ଯେ ସେହିପରି ଗୋଟିଏ ଅପୂର୍ବ ରୂପସୀ ଥିଲା, ତାହା ମଧ୍ୟ ତାର ଉକ୍ତି ଓ ବିରହୀପ୍ରିୟାର ମୂର୍ତ୍ତିରୁ ବାହାରି ପଡ଼ୁଛି—

"ରକ୍ତା ଶୋକଶ୍ଚଳ କିଶଳୟଃ କେଶରଶ୍ଚାତ୍ର କାନ୍ତଃ
ପ୍ରତ୍ୟାସନ୍ନୌ କୁରବକ ବୃତେର୍ମାଧବୀ ମଣ୍ଡପସ୍ୟ ।
ଏକଃସଖ୍ୟାସ୍ତବ ସହ ମୟା ବାମପାଦା ଭିଲାଷୀ
କଂାକ୍ଷତ୍ୟନ୍ୟୋ ବଦନମଦିରାଂ ଦୋହଦ ଛଦ୍ମନାସ୍ୟାଃ ।"

—ଉତ୍ତର ମେଘ

ଏହି ଭାବର ପ୍ରତିଧ୍ୱନି କରି ବିଶ୍ୱକବି ରବୀନ୍ଦ୍ରନାଥ ମଧ୍ୟ ଲେଖିଗଲେ—

"ଅଶୋକଗାଛ୍ ଉଠ୍‌ତ ଫୁଟେ ପ୍ରିୟାର ପାଦାଘାତେ
ବକୁଲ ହତ ଫୁଲ ପ୍ରିୟାର ମୁଖେର ମଦବାତେ ।"

ତେବେ ଏଠାରେ ଗୋଟିଏ କଥା ବିଚାର କରିବାର ଅଛି । ଅଶୋକ ତ ଗୋଟିଏ ବୃକ୍ଷ, ତାକୁ ରାଜରାଣୀର ଶିଳ୍ପୀ ଲତା ରୂପରେ ଅଙ୍କନ କରିଗଲେ କାହିଁକି ? କବି ଓ ଶିଳ୍ପୀ ଉଭୟ ବିଚିତ୍ର ଜୀବ । ପୁଂବାଚକ ବୃକ୍ଷର ବିଶାଳତା ସେମାନଙ୍କ ପକ୍ଷରେ ଅସହ୍ୟ । ଏଣୁ ବୃକ୍ଷକୁ ସୁଦ୍ଧା ସେମାନେ ଲତା କରି ପକାନ୍ତି । ଏହି ଦେଖନ୍ତୁ ଶାଳପରି ପ୍ରକାଣ୍ଡ ବୃକ୍ଷକୁ ଭଟ୍ଟୀ କିପରି ଲତାକରି ପକାଇଛନ୍ତି—

ହିରଣ୍ମୟୀ ଶାଲଲତେବ ଜଙ୍ଗମା
ଚ୍ୟୁତାଦ୍ଦିବଃ ସ୍ଥାସ୍ନୁରିବାଚିର ପ୍ରଭା ।

ଶଶାଙ୍କ କାନ୍ତେରଧ୍ୱ ଦେବତା କୃତଃ
ସୁତା ଦଦେ ତସ୍ୟ ସୁତାପୃ ମୈଥିଲୀ । (ଭଟ୍ଟୀ—୨ୟ)

ଏତ ଗଲା ସାଧାରଣ ବୃକ୍ଷକଥା । ଏହି ଅଶୋକ ବୃକ୍ଷଟାକୁ ମୁଦ୍ଧା କାଳିଦାସ ଲତା କରି ପକାଇଛନ୍ତି.—

"ହସ୍ତେନ ହସ୍ତଂ ପରିଗୃହ୍ୟ ବଧ୍ୱାଃ ସ ରାଜସୂନୁଃ ସୁତରାଂ ଚକାସେ ।"

ଅନନ୍ତ ରାଶୋକଲତା ପ୍ରବାଳଂ ପ୍ରାପ୍ୟେବ ଚୂତଃ ପ୍ରତି ପଲ୍ଲବେନ ।" ( ରଘୁ·—୭ମ )

ଅତଏବ ରାଜରାଣୀର ଶିଳ୍ପୀ ଅଶୋକ ବୃକ୍ଷକୁ ଲତା ରୂପରେ ଦେଖାଇ କୌଣସି ଭୁଲ କରିନାହାନ୍ତି ।

ଏହିପରି ବହୁରସ କବିତା ରାଜରାଣୀର କମନୀୟ ଅଙ୍ଗରେ ଅମର ଓ ମଧୁର ରୂପଧାରଣ କରିଛନ୍ତି । ଏ ଗୁଡ଼ିକରୁ କେତୋଟି ମାତ୍ରର ଆଭାସ ଦେବାଛଡ଼ା ଏ କ୍ଷୁଦ୍ର ପ୍ରବନ୍ଧରେ ବିସ୍ତୃତ ବର୍ଣ୍ଣନାର ପ୍ରୟାସ ବିଡ଼ମ୍ବନା ମାତ୍ର । ମୁଁ ଯେ ଏହାର ସମସ୍ତ କଳା ବିଭବକୁ ଭଲରୂପେ ବୁଝି ପାରିଛି, ଏପରି କହିବା ମୋ ପକ୍ଷରେ ମଧ୍ୟ ବୃଥା ଅହଙ୍କାର ହେବ । ଯେଉଁ ସମାଜ, ବେଷ୍ଟନୀ, ରୁଚି ଓ ଭାବରେ ପଙ୍କ ଭୂମିକାରେ ରାଜରାଣୀର ପାଷାଣରେ ପାରିଜାତ ଫୁଟିଥିଲା, ଏହି ବିଂଶ ଶତାବ୍ଦୀର ମଧ୍ୟଭାଗରେ କୌଣସିଟି ନାହିଁ । ଏଣୁ ବିଂଶ ଶତାବ୍ଦୀର ରାଜରାଣୀର ଜଣେ ପୂଜାରୀର ଧ୍ୟାନ ଓ ଅଙ୍କିତ ଲେଖନୀ ତାର ଯଥାଯଥ ବର୍ଣ୍ଣନା କରି ପାରିବ କପରି ?

ଏହି ପ୍ରକାଣ୍ଡ ପାଷାଣ—ଗ୍ରନ୍ଥରେ ଯେ ଖାଲି ପ୍ରେମ କବିତା ଅଛି, ତାହା ନୁହେଁ । ଏଥିରେ ସ୍ନେହ—ବାତ୍ସଲ୍ୟ ଓ ମିଳନ—ବିରହର ଚିତ୍ର ମଧ୍ୟ ଦେଖିବାକୁ ମିଳେ । ପଶ୍ଚିମ ବାଡ଼ରେ ସ୍ନେହମୟୀ ମାତା ତାର ପ୍ରେମ—ପ୍ରତ୍ୟକ ଶିଶୁସନ୍ତାନଟିକୁ ଉଭୟ ହସ୍ତରେ ଟେକି ଧରିଛି । ତାର ବାସନାର ବିଗ୍ରହ ଓ ତାର ସ୍ୱପ୍ନର ସତ୍ୟ ଏହି ନବନୀତ ପ୍ରତିମା ଉପରେ ତାର ଦୃଷ୍ଟି ନିବଦ୍ଧ ହୋଇ ଆନନ୍ଦରେ ବିସ୍ଫାରିତ ହୋଇ ଉଠିଛି । ଏହି ମାତାର ଅନତିଦୂରରେ ରହିଛି ବିରହିଣୀ । ଏହାର

ଦକ୍ଷିଣ ହସ୍ତରେ ଉପବିଷ୍ଟ ମନୁଷ୍ୟଭାଷୀ ଶୁକ ଏହାଙ୍କୁ ବିଦେଶସ୍ଥ ପ୍ରିୟର ଉଦନ୍ତ କହୁଛି । ଉତ୍ତର ପଦ୍ଧତିରେ ରହିଛି ଆଉ ଗୋଟିଏ ମର୍ମସ୍ପର୍ଶୀ ଦୃଶ୍ୟ । ଏହି ଦୃଶ୍ୟରେ ପ୍ରକାଣ୍ଡ ଢ଼ାଲଧର ଯୁଦ୍ଧଯାତ୍ରୀ ଶାଳପ୍ରାଂଶୁ ଯୁବା ଦଣ୍ଡାୟମାନ, ତାର ସମ୍ମୁଖରେ ତାର ପ୍ରେମପ୍ରତିମା ପ୍ରିୟା । ପାଷାଣ ପ୍ରିୟାର ମସ୍ତକ କାଳ ସବୁ ଦିନ ପାଇଁ ହରଣ କରିନେଇଛି; ଏଣୁ ସେଥିରେ ଆଉ ଲେଖକ—ଆଶାର ଦେଖିବାର ସମ୍ଭବନା ନାହିଁ । ପ୍ରେମ ପ୍ରତୀକ ଶିଶୁ ମଧ୍ୟ ଏ ଦୃଶ୍ୟରେ ବିଦ୍ୟମାନ ଅଛି ।

ରାଜରାଣୀ ଯଥା ସ୍ଥାନରେ ମନୋହର ବେଶରେ ଅଷ୍ଟ ଦିଗପାଳ ଶୋଭା ପାଉଛନ୍ତି । ପଶୁ, ପକ୍ଷୀ, ଲତା, ପୁଷ୍ପ ଓ ପଲ୍ଲବର ବିଚିତ୍ର ସମାବେଶରେ ଏହାର ଅଙ୍ଗ ସର୍ବତ୍ର କମନୀୟ ହୋଇ ଉଠିଛି । କଠିନ ପାଷାଣମାନଙ୍କର ଯେଉଁ ଆଡ଼କୁ ଚାହିଁବେ, ଦେଖିବେ ସେଥିରେ କଳ୍ପନାର କୋମଳ ଚରଣ ପଡ଼ିଛି । ଏହାର ପ୍ରତ୍ୟେକଟି ଦେବମୂର୍ତ୍ତିର ପାଦ ଦେଶରେ ରହିଛି ଅଭିନବ "ପୁଷ୍ପଲତା" । ଏହି ପୁଷ୍ପ ସ୍ୱର୍ଗର ପାରିଜାତ ବା ସ୍ୱର୍ଣ୍ଣପୀଠର ସ୍ୱର୍ଣ୍ଣକମଳ; କିନ୍ତୁ ଏହାର ମଧ୍ୟଭାଗରେ ରହିଛି ପତ୍ର ମୃଣାଳ ଯୁକ୍ତ ମର୍ତ୍ତ୍ୟର ପଙ୍କଜ । ପଙ୍କଜ ପତ୍ର ଉପରେ ହିଁ ଦେବ ବିଗ୍ରହ ଓ ଅଳସକନ୍ୟାମାନଙ୍କ ପାଦ ନିହିତ ହୋଇଛି; କୌଣସି କୌଣସି ସୁନ୍ଦରୀ ଅଳସ କନ୍ୟାର ମସ୍ତକ ଉପରେ ରହିଛି କମଳର ଚନ୍ଦ୍ରାତପ । ରାଜରାଣୀର ପ୍ରତ୍ୟେକଟି ପାଗ ଗୋଟିଏ କ୍ଷୁଦ୍ରାକୃତି ଦେବମନ୍ଦିର ଓ ଏହାର ସମସ୍ତ ଅଙ୍ଗଟି ଗୋଟିଏ ବିକଚପଦ୍ମ ଉପରେ ପ୍ରତିଷ୍ଠିତ । ଏହାର ତଳଜଙ୍ଘାରେ କ୍ଷୁଦ୍ରାକୃତି ଅଳସ କନ୍ୟାମାନ ଓ କରିକୁମ୍ଭ ବିଦାରଣରେ ବ୍ୟସ୍ତ ସିଂହାସନ ସୁନିପୁଣ ଭାବରେ ଖୋଦିତ ହୋଇଛି । ଉପରଜଙ୍ଘା ଉପରକୁ ପ୍ରତ୍ୟେକଟି "ବନଲତା"- ଆରମ୍ଭ ହୋଇଛି ଗୋଟିଏ ମୁକ୍ତା ଲେଖା ରାଜହଂସର ପୁଚ୍ଛଠାରୁ କିମ୍ବା କିନ୍ନରର ମସ୍ତକ ଉପରୁ । ଭାରତୀୟ କବି କଳ୍ପନାର ଏହି କିନ୍ନରୀ ଗୋଟିଏ ବିଦେଶିନୀ ମାତ୍ର । ଇତିହାସର ଆଦିଯୁଗରେ ହିମାଳୟର ନିବିଡ଼ ଦେବଦାରୁ ବନ ଭେଦକରି କିମ୍ବା ତାର ଚିରତୁଷାର ଶୃଙ୍ଗ ଲଙ୍ଘନ କରି କଳ୍ପନା ଛଡ଼ା ମନୁଷ୍ୟ ଖୁବ୍ କ୍ୱଚିତ୍ ଯାଇ ପାରୁନଥିଲେ । ଏଣୁ "ପୃଥିବୀର ଏହି ମାନଦଣ୍ଡ"ର ଅପର ପାର୍ଶ୍ୱରେ ଭାରତୀୟ

କଳ୍ପନାର ଖାଲି ଯକ୍ଷ-ଯକ୍ଷୀ, କିନ୍ନର କିନ୍ନରୀ, ବିଦ୍ୟାଧର—ବିଦ୍ୟାଧରୀ ଓ ଗନ୍ଧର୍ବ—ଗନ୍ଧର୍ବୀମାନେ ହିଁ ସ୍ୱାଭାବିକ । କିନ୍ନରୀ କାମୋନ୍ମାଦିନୀ । ଏଣୁ ନିଦ୍ରାଗତ ସୁକୁମାର କୁମାର—ମାନଙ୍କର ତରୁଣ ତନୁ ଲୋଭରେ ସେମାନଙ୍କୁ ବକ୍ଷଦେଶରେ ରୂପିଧରି ଘୋଟକ ବା ପକ୍ଷୀଣୀର ଚରଣ ଲଗାଇ ଦ୍ରୁତ ଗତିରେ ପଳାୟନ କରେ ।

ସନ୍ଧ୍ୟା ସମାଗତ । କିଙ୍ଗରାଜ ନିକେତନ "ବାରୁଣୀ-ତିଳକ" ପ୍ରାନ୍ତ ଝଳି ଆସିଲାଣି, ରାଜରାଣୀ ! ଆଜି ତୋ ମନ୍ଦିରରେ ଆଉ ଘଣ୍ଟା ଧ୍ୱନି ଶୁଭୁନାହିଁ । ପୁରାଙ୍ଗନାମାନଙ୍କ ନୂପୁରନିକ୍ୱଣ ତୋତେ ମୁଖରିତ କରୁନାହିଁ, କିମ୍ବା ସେମାନଙ୍କ ଚିନାଂଶୁକର କମ୍ପନନର୍ତ୍ତନ ତୋତେ ବିଶୃଙ୍ଖଳ କରୁନାହିଁ । ସମଗ୍ର ଉତ୍କଳ ତ ଆଜି ତୋପରି ଶ୍ରୀହୀନ । ମାଳିନ, ମୌନ, ପାଷାଣୀ, ରାଜରାଣୀ ମୁଁ ତୋତେ ଆଜି ପଚାରେଁ— ଏତେ ବିଭବ, ଏତେ କଳ୍ପନା, ଏତେ ପ୍ରତିଭା କୁଆଡ଼େ ଚାଲିଗଲା ? ମନ୍ଦିର ଯୁଗ ସିନା ଚାଲିଗଲା, କିନ୍ତୁ ମନୁଷ୍ୟ ଯୁଗ ତ ଚାଲିଛି । ଏ ଦେଶ ମନୁଷ୍ୟର ପ୍ରତିଭା କଅଣ ମରିଗଲା ? ମୁଁ ଏ ପ୍ରଶ୍ନ ବାରମ୍ବାର ପଚାରି ଉତ୍ତର ପାଉଛି—"ନା, ନା ପ୍ରତିଭା ମରିନାହିଁ" । ସତ୍ୟପ୍ରତି, ପ୍ରତିଭା ପ୍ରତି—ଆଦର ହିଁ ପ୍ରଥମେ ମରିଯାଇଛି ।

—※—

# ବାଇଆ କକା

**ଶ୍ରୀ ଗୋପୀନାଥ ମହାନ୍ତି**

ସେହ୍ନ ! ଝାମ୍ପୁରା ବରଗଛ ଡାଳରେ କଣ ଗୋଟାଏ ଅଛି ! ଏ ପାଖ ସେପାଖ ଡିଆଁ ମାରି ନସ ଭଇ ଝଡ଼ାଇବାରେ ସବୁବେଳେ ଲାଗିଥାଏ । ଆଜ୍ଞା ବଡ଼ବାପାଙ୍କ ମାଳଷ୍ଣ ଗଛଟା ତାଙ୍କ ସାଇକି ଯାଉଁ ଯାଉଁ ଠିକ୍ ଯେମିତି ହବା ଚକୁଳ ସେମିତି ବାସେ । ପାଞ୍ଚଗଛିଆଠିଁ ଗାଡ଼ ଅଧରେ ଗୋଟାଏ କଣ କାନ୍ଦେ, କଅଁଳା ପିଲା ପରି କୁଆଁ—କ୍ୱାଁ—କ୍ୱା ଆଁ… ।

ଓଡ଼ିଶା ମଫସଲର ଗାଁ ! କେଡ଼େ ଭୟଙ୍କର । ଯେଉଁଠି ଗ୍ରାଇ-ମେଇଠି ଭୂତ, ଯେଉଁଠି ହୁଙ୍କା ସେଇଠି ସାପ, ଯେଉଁଠି ବୁଦା ସେଇଠି ଗୋଟାଏ କଣ ହଲର୍ ହଲର୍ । ମାଲୋ ! ଏ ଘରକୁ ସେ ଘରକୁ ଯିବାକୁ ଗୋଡ଼ ଚଳେ ନାହିଁ । ସଞ୍ଜରେ ପେତିନୀ, ଗୋଞ୍ଜରେ ଭୂତ, ବାଡ଼ ନଡ଼ିଆ-ଗଛରେ କଣ ଗୋଟାଏ—ତାର ଡେଙ୍ଗା ଡେଙ୍ଗା ଗୋଡ, ଆଉ ଖଣତି ପରି ଦାନ୍ତ । ଆଗକୁ ଅନାଇଲେ ଖାଲି କଡ଼କଡ଼ ମଡମଡ—ଆଉ ଚିରଗୁଣୀ ଆଲୁଅ । କେହ୍ନ ତ ଦେଖି ନାହିଁ । ହରି ବୋଉ ମନା ବୋଉଠୁ ଶୁଣିଥିଲେ । ମନା ବୋଉ ଶୁଣିଥିଲେ ଶିଶୋଳ ଗାଁର ବୁଢା କହୁଥିଲା । କିଛି ତ ଠିକ୍ ନାହିଁ । ତେବେ ଭେଟଣା ତ କମ୍ ଲୋକ ହୁଅନ୍ତି ନାହିଁ । ଝଡ଼ା ଝଡ଼, ଫୁଙ୍କାଫୁଙ୍କି, ହମୁହଁ ଛୁଟେ, ସେଇଠୁ ଆଖି ବୁଜି ହୋଇଯାଏ । ଆମ ଓଡ଼ିଆ ଜାତିଟା ତ ଠିକ୍ ଏହିପରି । ଏତୁଟି ହନୁ ଖାଲିଭୂତ, ପ୍ରେତ, ଡାହାଣୀ, ଚିରଗୁଣୀ । ସାହସ ବୋଲି ଯଦି କିଛି ଥାଏ, ତେବେ ସେ ଆପେ ଆପେ ପାଣି ହୋଇଯାଏ । ତଥାପି ଆମ ଦେଶ ସାହିତ୍ୟକୁ ଅନାଇ ମନେ ହୁଏ, ଯେମିତି ଏସବୁ କଥାର

କୌଣସି ନାମ ଗନ୍ଧ ନାହିଁ । ଅଜଣା ଅଶୁଣାରେ ଏ ଯେଉଁ ଗାଉଁଲି ପ୍ରକୋପ, ତାର ଛୁପା ଆମ ସାହିତ୍ୟରେ ମରନାହିଁ । ହୁଏତ ଆମ ଦେଶର ସାହିତ୍ୟିକ ଏ ସବୁ ଗାଲଗପ କଥାର ଯେ ଗୋଟାଏ ସାହିତ୍ୟ ହିସାବରେ ମୂଲ୍ୟ ଅଛି, ତା ଭାବି ପାରି ନାହାନ୍ତି । ଆଉ ବି ଅକ୍ଷର ଇଂରାଜୀ ପାଠ ପଢ଼ିଲେ ଲାଜ ବି ମାଡେ ଏସବୁ କଥା ଭାବିବାକୁ । ତେବେ ଏ ଯେ ଗୋଟାଏ ବଡ଼ ଅଭାବ, ଏଥିରେ ସନ୍ଦେହ ନାହିଁ । ଆମେ ଜାଣି ଜାଣି ସାହିତ୍ୟର ଗୋଟାଏ ହାତପାଆନ୍ତା ମିଠା ଫଳକୁ ଛାଡ଼ି ଦେଉଛୁଁ ।

ଉଚ୍ଚ ସାହିତ୍ୟର ଗୋଟାଏ ବଡ଼ ଉପାଦାନ—ମଣିଷକୁ ଆଚମ୍ବିତ କରିବାର ଗୁଣ (Principle of wonder) । କୌଣସିଥିରେ କିଛି ବିଶେଷତ୍ୱ ଦେଖିଲେ ଏହିପରି ଭାବ ଆସିଥାଏ । ଯାହା ଅଜଣା ଅଶୁଣା, ବିଶେଷତଃ ଯାହା ଅସ୍ପଷ୍ଟ, ତହିଁରେ ସାହିତ୍ୟର ବିଶେଷ ଉନ୍ନତି । ବିଜୁଳିବତୀ ଆଉ ଜହ୍ନ ଆଲୁଅର ପ୍ରଭେଦ ଯେତିକି ବିଜ୍ଞାନ ଆଉ କଳାର ପ୍ରଭାବ ସେତିକି । ବିଜ୍ଞାନରେ ସବୁ ସଫା, ସବୁ ଜଣା ଶୁଣା ଦେଖାପରଖା । ପୁଣି ସେମିତି ବିଜ୍ଞାନର ସବୁ କଥା ସୀମାବଦ୍ଧ । ଯେଉଁଠି ଅସ୍ପଷ୍ଟ କିଛି ନାହିଁ, ସବୁ ମପାମପି, କଷାକଷି—ସେଠି ଅସମାପିକା, ଅସୀମର ନାମ ଗନ୍ଧ ନାହିଁ, ଇନ୍ଦ୍ରିୟମାନଙ୍କର ଅପରିଚିତ କିଛି ନାହିଁ । କଳାର ଠିକ୍ ବିପରୀତ । ଜହ୍ନର ଝାପ୍‌ସା ଆଲୁଅରେ ଇନ୍ଦ୍ରିୟ ପରିଚୟର ସୀମା ଡେଇଁ ବହୁତ ବିଷୟ ଅନୁଭବ କରିବାକୁ ହୁଏ । ସେଥିପାଇଁ ସାଥୀ କଳ୍ପନା । ଆମ୍ବଗଛ ତଳେ ପତ୍ର ଫାଙ୍କରେ ଛୁପ ଛୁପିକା (ଶବଳୀକୃତ—Chequered light ) ଆଲୁଅ । କିଏ ଜାଣେ କେଉଁଠି କଣ ଅଛି ? ହୁଏ ତ ସେ ବଙ୍କୁଲି ଡାଳରେ ଗୋଡ଼ ହଟା ଲମ୍ବେଇ ଦେଇ—ନ ହେଲେ ଛୁପ ଛୁପିକା ଛାଇ ତଳେ-ମଙ୍ଗଳା ନାଚୁଥିବା ବା କିଏ ଜାଣେ ? ସୀମାନାହିଁ ଇନ୍ଦ୍ରିୟବୋଧ ନାହିଁ, ଅସୀମର ପରଶ ଲଗି କଳ୍ପନା ଧାଇଁଯାଏ । ମରୀଚିକା ପରି କବିର ideal ଦୂରକୁ ଦୂରକୁ ଘୁଞ୍ଚି ଘୁଞ୍ଚି ଯାଉଥାଏ ।

ଆଚମ୍ବିତକାରୀ ଗୁଣ କଳାର ପ୍ରଧାନ ଉପାଦାନ । ତହିଁରେ ସବୁ ହିଁଶେ ନୂଆ ନୂଆ, ପୁରୁଣା ଭିତରେ ହଠାତ୍ ଅଦେଖା ଅଶୁଣା ନୂଆ ରୂପ ଦେଖି ଦୁଇଟି ଭାବ ଆସେ, ଆନନ୍ଦ ଆଉ ଭୟ । ନୂଆ ସୁଖର

ସନ୍ଧାନରେ ଆନନ୍ଦ ହୁଏ, ପୁରୁଣା ନଗଡ଼ବନ୍ଧା ଗତ ଭିତରେ ନୂଆ ସୌନ୍ଦର୍ଯ୍ୟ, ନୂଆ ଆଦର୍ଶ, ମନଭୁଲଣି ନୂଆ ଅର୍ଥ ଦେଖି । ଆଜ ଯେଉଁଥିରେ ମଣିଷର ହାତ ଥିଲ ପର ଦଶେ ନାହିଁ, ଯହିଁରେ ପୁରୁଣା ନକଟ ସମ୍ବନ୍ଧ ହଠାତ୍ ଓଲଟ୍ ପାଲଟ୍ ହୋଇ ଦୂରକୁ ଦୂରକୁ ଚାଲିଯାଏ ତହିଁରେ ହୁଏ ଭୟ । ସଁବ ଜୁଆ ଦରବୁଢ଼ା ସଜନା ଗଛଟା । ତାର ଭିତରେ ପୁଣି କଣ ଗୋଟାଏ କଡ଼କଡ ମଡମଡ଼—ପୁଣି ରାତି ଦିପହରେ ! ଉଭୟଥାଉ ଚମତ୍କାର । ଆନନ୍ଦ ଆସିଲେ ବି ଭୟ ଓ ବିସ୍ମୟ ହୁଏ । ଏ ଦୁଇଟି ଗୁଣ ମାନବ ତା ଅମଳ ଆଗରୁ ସାରା ମଣିଷ ଜାତିଟାକୁ ଗାରଡ଼ କରି ରଖିଛି । ନଅଗୁଣ୍ଟିଆ ରାତିରେ ସାଇଁ ସାଇଁ ଉପରେ କଦମ୍ବ ଗଛଆଡ଼ୁ ଗୋଟାଏ ଗୋଠଖଣ୍ଡିଆ ବଇଁଶୀ ସ୍ୱର ଭାସି ଆସେ । ତହିଁରେ ଯେପରି ସାରା ସଂସାର ଆତ୍ମହରା । ଅଧରାତିରେ ବାଟଘର ପିଢ଼ା ଉପରେ କଣ ଗୋଟାଏ ହୁଁ ହୁଁ ହେଲେ ବି ସମସ୍ତେ ଉତ୍କର୍ଣ୍ଣ, ଉଦ୍‌ଗ୍ରୀବ ଓ ଉତ୍ରନାସା ମୂଳ ଉପାଦାନ ସେହି Principle of wonder—ଗୁଣ କେବଳ ବିଭିନ୍ନ । ତେଣୁ ଚମତ୍କାରିତା ଗୁଣ ସବୁଦିନେ ଉଚ୍ଚ କଳାକୁ ଗାଢ଼ ମାଡ଼ି ବସିଛି । ଆଜ ବି କାହିଁ ଅଗନାଗିଣ ବନସ୍ତ ଭିତରେ ଗଛ ଛେଳିପିନ୍ଧା ଶକୁନ୍ତଳା ନାଁଟି ପଢ଼ିଲେ ଆନନ୍ଦରେ ମନ କୁଣ୍ଢେ ମୋଟ । ସେହିପରି ବିକଟାଳ ମଶାଣିରେ ଟହଟହ ହସ ଭିତରେ ମଶାଣୀଚଣ୍ଡୀ—କଳାର ଦୁଇଟି ଅଙ୍ଗ, ଗୋଟିଏ ବାପ—ଆଶ୍ଚର୍ଯ୍ୟକାରୀ ସତ୍ତା । ସବୁ ସାହିତ୍ୟରେ ତ ଏହି ଗୁଣ ଉଚ୍ଚକଳାର ବଡ଼ ବଡ଼ ଘଟନା ଗଢ଼ିଛି ? ଆମ ଓଡ଼ିଆ ସାହିତ୍ୟକ ଦୋଷ କଲ ଅସ୍ପଷ୍ଟତାର ଏତେ ଉପାଦାନ ଥାଉଁ ଥାଉଁ ଆମେ ସବୁ ଉପାୟ ଆପେ ଆପେ ଛାଡ଼ି ଦେଉଥାଉଁ ।

ଚମତ୍କାରୀ ଗୁଣ ଉପରେ ସାଧାରଣତଃ ତିନି ପ୍ରକାର ସାହିତ୍ୟ ଦେଖାଯାଏ । ତିନୋଟିଯାକ ଆନନ୍ଦ ଭୟ ବିସ୍ମୟ—ଚମତ୍କାରୀ ଗୁଣର ଆଉ ଆଉ ସନ୍ତାନଙ୍କ ରାଜୁତିରେ । ଆଖି ମେଲି ଏ ସଂସାରରେ ଯାହା ଦେଖୁଁ, ତା ଉପରେ ଅଦେଖା ଅଶୁଣା ଆହୁରି ଦଳେ ଶକ୍ତିର ଲୀଳା ଖେଳା 'ଭୟ' ଉପାଦାନଟି ବେଶୀ ଅଂଶରେ ଆଣିଥାଏ । ଭୂତ-ପ୍ରେତ, ଡାହାଣୀ, ଚିରଗୁଣୀ; ଦେବାଦେବୀ ସମସ୍ତଙ୍କର ଏ ଧରଣ ସାହିତ୍ୟରେ ରାଜୁତି । ଶହଶହ ବର୍ଷର ଧର୍ମ ଅଜା ଅମଳର ବିଶ୍ୱାସ ଭିତରେ ବଢିଥାଉଁ

ଏସବୁ ଅଦେଖା ଅଶୁଣା ଚଳନ୍ତ ଶକ୍ତିମାନେ ଯେମିତି ଆମର ରକ୍ତ ଭିତରେ ବସା ବାନ୍ଧିଛନ୍ତି । ଯେତେ ବଡ଼ ଗୁଣି ହେଲେ ବି ପିଲେଇ ପାଣି ହୋଇଯାଏ । ଏ ଉପାଦାନରେ ଆମ ଦେଶର ସାହିତ୍ୟ ବଢି- ନାହିଁ । ଖାଲି ପିଲାଦିନେ ଅଝଟ ଅବୁଝା ହେଲେ ଯାହା ଜେଜେମା କେତେଟା କଥା କହନ୍ତି । ଅନ୍ୟ ଦେଶରେ ଏହାରି ଉପରେ କେତେ ବଡ଼ ବଡ଼ ସାହିତ୍ୟ ଜନ୍ମିଛି । କାହିଁକି ବା ନ ହେବ ? ନିଜର ମନଗଢା କଳ୍ପନା ଲେଖିବା ଲାଗି ତ ଅସରନ୍ତି Hyphen ରହିଛି ? ତା ଛଡା ପୁଣି ଲୋକଙ୍କ ଉପରେ ପ୍ରଭାବ ଅସୀମ । ଭୂତ ଗପରୁ ଲୋକେ ଆହୁରି ଦୂରକୁ ଯାଇଛନ୍ତି । ଆମର ଋଷିମୁନିମାନେ ତ ଏଡ଼େବଡ଼ ଦେଖାପରଖା ସଂସାରଟିକୁ ସ୍ୱପ୍ନ ବୋଲି କହିଯାଇଛନ୍ତି । ତେବେ 'ସତ' କଣ ? ତେବେ କଣ ଯାହା ଦେଖୁଥାଇଁ ସେ ସବୁ ପିତୁଳ ଖେଳା ? ଆଉ ଠିକ୍ ତାରି ଉହାଡ଼ରେ ବସି ଥାଅନ୍ତା ଅଚିହ୍ନା ଶକ୍ତି ଖାଲି ଦୌଡ଼ି ଟାଣିବାରେ ଲାଗିଛି । ମଣିଷର ଆଗ ପଛ ଉପରେ, ଏପରି କି ଚିନ୍ତା ଉପରେ ଅଦେଖା ଶକ୍ତିଗୁଡାକ କପରି କାମକରେ ? ମଣିଷର ଅଧଚେତା (ସୁଷୁପ୍ତି) ଅବସ୍ଥା ଉପରେ ବାହାରର ଶକ୍ତି କପରି କାମ କରେ ? ଏଣେ ସମ୍ବଲପୁର ଜିଲ୍ଲାର କେଉଁ ଅଜଣା ମୂଲକରେ ନନ୍ଦ ଡାକ୍ତର ଆରପାରିକୁ ଟିକଟ କାଟୁଛନ୍ତି, ତେଣେ ଠିକ୍ ସେତିକବେଳେ କେନ୍ଦ୍ରାପଡ଼ା ଭିତରେ ମଫସଲି ଗାଁରେ ତାଙ୍କ ଭାଇ ସ୍ୱପ୍ନ ଦେଖୁଛନ୍ତି "ଆରେ ମୁଁ ଅମକଠି ମରିଗଲି ।" ଭାବିବା ଲାଗି ବହୁତ କଥା ଅଛି । ଦେହ ଉଲୁସି ଉଠେ ରୋମ ଟାଙ୍କୁରି ଉଠେ ।

ଏ ପ୍ରକାର ସାହିତ୍ୟ ନିର୍ଭର କରେ ବର୍ଣ୍ଣନା ଉପରେ । ତେବେ ଗୋଟିଏ କଥା ସବୁ କଥା ଖୋଲି ବର୍ଣ୍ଣନା କଲେ ଏସବୁ ମାଟି ହୋଇଯାଏ । ଏସବୁ ବିଷୟ ନିଜେ ଅସୀମ; କାରଣ ସୀମାର ଇନ୍ଦ୍ରିୟଗ୍ରାହ୍ୟ ବେଷ୍ଟନୀ ଭିତରେ ଏପରି ଅଦେଖା ଅଶୁଣା ବସ୍ତୁ ଆସେ ନାହିଁ । ସୀମାହୀନ ଉପାୟରେ ଏସବୁ କଥା ମାପି ବସିଲେ ଆମର ନିର୍ଦ୍ଦିଷ୍ଟ ସୀମା ଭିତରେ ତାର ଯେତିକି ଅଂଶ ପଡ଼େ, ସେତିକି ରହି ବାକି ଭାଗ ଆମ ହାତ- ପାଆନ୍ତରେ ଗଳିଯାଏ । ଯାହା ବି ରହେ ତାହା ପାତ୍ର ଘେନି ପାଣିର ଆକାର ହେଲା ପରି ଆମର ସୀମା ଭିତରେ ଆମର ବର୍ଣ୍ଣନାକୁ ଲାଗି କସିକାସି ରହିଯାଏ, ଫଳରେ ବର୍ଣ୍ଣନାଟି ସାଧାରଣ ହୋଇଯାଏ ।

ଅଦେଖା ଅଶୁଣା ଶକ୍ତିର ଅସରନ୍ତି ଭୟ-ବିସ୍ମୟ ତଳେ ମାଡ଼ ଆସେ ନାହିଁ । ତେଣୁ ଅସ୍ପଷ୍ଟ ବର୍ଣ୍ଣନାକୁ ବଖାଣିବାକୁ ଯାଇ ଅସ୍ପଷ୍ଟ ହାଲୁକା ହୋଇଯାଏ । ଅନିର୍ଦ୍ଦିଷ୍ଟ ଉପାୟ ଧରିଲେ ସୁବିଧା । ଭୂତ, ପ୍ରେତ ଡାଆଣୀ, ଚିରଗୁଣୀ—ଏମାନଙ୍କ ରୂପ ବର୍ଣ୍ଣନା କରି ବସିଲେ ସବୁ ସରିଲା । "ବାରିଆଡ଼େ ସାହାଡ଼ା ଗଛରେ କିଏ ଗୋଟାଏ ଅଛି"— ବେଳକାଳ ଉକ୍ତି ଏତିକ କହିଲେ ଯାହା ଫଳ ହୁଏ, ରୂପଗୁଣ ବାହୁନି ବସିଲେ ତା ହୁଏନାହିଁ । ବରଂ ହସ ମାଡ଼େ ।

ଭୂତ କାହାଣୀ ଛଡ଼ା ଆହୁରି ଗୋଟିଏ ପ୍ରକାର ଗପ ଅଛି— ଯେଉଁଥିରେ ଆଖିରେ ଭେଲକି ଲଗାଇଲା ପରି ଜୀବନକୁ ପାଣି ଛଡ଼ାଇ ଦେଇ କାମ କରିବାକୁ ହୁଏ । ଓଡ଼ିଶାରେ ଗଦ୍ୟ ଲେଖା ତ ଏତେ ବିରଳ ତହିଁରେ ପୁଣି ପିଲାବେଳର କଥା-କାହାଣୀ ଛାଡ଼ିଦେଲେ ଏ ବିଗରେ ଓଡ଼ିଆ ଲେଖା ବେଶି ପାହୁଣ୍ଡ ଯାଇ ନାହିଁ । ରଜାପୁଅ ଯାଏ ପାରିଧିକି, ତାପରେ ଅସୁର ଅସୁରୁଣୀଙ୍କ ସଙ୍ଗେ ଦେଖା ସାକ୍ଷାତ ଆଉ କଳି କଜିଆ । ସାଙ୍ଗେ ସାଙ୍ଗେ ମନପବନ ପକ୍ଷୀରାଜ ଘୋଡ଼ା ଛୁଟାଇ କୁଆଡ଼େ କୁଆଡେ ହଜାର । ଗୁଇନ୍ଦା ପୁଲିସ ଗପ ବିଦେଶରେ ବହୁତ କହୁଛି । ଓଡ଼ିଆରେ ଖୁବ୍ ଅଳ୍ପ ।

ତା ପରେ ରୋମାନ୍‌ସ (Romance) ଚମତ୍କାରି ଗୁଣର ଚରମ ବିକାଶ । ସିତୁଆ ନଈରେ ଚଉଦ ହାତ ଲମ୍ବା ବାଳ ଭସି ଆସିଲା । ରଜାପୁଅ ଅଡ଼ି ବସିଛି ସେହି ଝିଅର ହାତ ଧରିବ । କେତେ ଖୋଜା-ଖୋଜି, ମାଲ୍ୟାଣୀ ଗାରଡ଼ି, ଅସୁର, ପକ୍ଷୀରାଜ—କେତେ କଥା । ଉପରେ ଯେଉଁ ଜୀବନ ଛଡ଼ା ଭେଲକିଲଗା ସାହସୀକାମ କଥା ଲେଖା ହେଲା, ତାଠୁ ଏ ଅଲଗା । ସେଥିରେ ଦେହର କଥା, ବୁଦ୍ଧିର କଥା ବେଶୀ । ମନ ଖୁବ୍ ଖୁସିହୁଏ । ବିପଦ ଆଉ ଜୋର—କରାମତି ଦେଖି ନିଜ ମନରେ ସେଇ ସେଇ ଭାବ ଆସେ । ସେ ସବୁ ହେଲା ପଶୁର ପ୍ରବୃତ୍ତି, ପିଲାମନର କୌତୁକ, ଡେଇଁବା, ନାଚିବା କାମୁଡ଼ିବା, ଖାଇବା, ଜିତିବା, ଜବରଦସ୍ତୀ ଝାମ୍ପି ଆଣିବା, ବିପଦରୁ ଉଦ୍ଧାରିବା—ଏଭଳି Romance ରେ ଏ ସବୁ ତ ଗୁଣ ଅଧିକେ ଥାଏ । ତା ଉପରେ

ଦୁଇଟି ଗୁଣଥାଏ—( ୧ ) ସୌନ୍ଦର୍ଯ୍ୟ ପୂଜା, ( ୨ ) ହୃଦୟର କଥା; ଯେପରି ଭଲ ପାଇବା, ପରଦୁଃଖରେ ଦୁଃଖୀ ହେବା, ନିଜ ଭିତରେ ଅନୁଭବ କରିବା—ଏଇ ସବୁ । ସ୍ଥାନ—କାଳପାତ୍ର ସମ୍ଭବ ଅସମ୍ଭବ ମାନେ ନାହିଁ । କଳ୍ପନାର ଯାଦୁକାଠି ଛୁଇଁ ସବୁ ବଦଳି ହୋଇଯାଏ । ଚମତ୍କାରୀ ଗୁଣର ଏ ଗୋଟିଏ ପ୍ରଧାନ ସ୍ୱଭାବ, କଳା ହିସାବରେ ଖୁବ୍ ଉଚ୍ଚ । ମଣିଷ ଏଥିରେ ନିଜର ସୌରଭ ନିଜେ ଅନୁଭବ କରେ । ଚାଳଘର, ବରଷାରେ କାନ୍ଥରୁ ଫାଳେ ଲେଖାଏଁ ପଡ଼ି ଯାଇଛି । ଦଦରା କାନ୍ଥ, କଣା ଚାଳ, ପୋକରା ଓଟା, ତା ଭିତରେ କେମ୍ପୀବୁଢ଼ୀ, ମୋଟେ ଗୋଟାଏ ଦାନ୍ତ । Romance ବଳରେ ତାର ସୁଖଦୁଃଖ, ପ୍ରେମ, ପ୍ରତ୍ୟାଖ୍ୟାନ ତାର ପାଇଁ ମନ ଘଣ୍ଟି ଚକଟି ମଣ୍ଡି ଦେଇପାରେ । ତାର ଦଦରା କୁଡ଼ିଆର ପ୍ରତ୍ୟେକ ପାଟ romance କଳାର ଅସରନ୍ତି ଝରଣା ହୋଇପାରେ । Romance ଚାହେଁ ଚିରଯୌବନ; ଦେହରେ ବଳ, ହୃଦୟରେ ଉତ୍‌ପ୍ରେକ୍ଷ୍ୟ, ମନରେ ସୀମାହୀନ ଆଶା । ତାର ସମ୍ଭବ ଅସମ୍ଭବ କିଛି ନାହିଁ, ସବୁ ତ କଳ୍ପନା, ଜୀବନଟା ତ ଗୋଟାଏ କଳ୍ପନା । ତେବେ romance ର କଳ୍ପନାବସ୍ତୁ ଅଲଗା ଏତିକି ଯାହା । ମନ କଣ ନ ଚାହେଁ କିନ୍ତୁ ସବୁତ ସମ୍ଭବ ନୁହେଁ । ଅହେତୁକୀ ବିରହ ଦେଖାଇଲେ ପୁଲିସ ଅଛି, ଆଇନ—ଅଦାଲତ ଅଛି । ଉଦାର ପ୍ରେମ ବିରୁଦ୍ଧରେ ଅଛି ସମାଜର ସଂସ୍କାର । ତାପରେ କେତେ ପ୍ରକାର ସୀମାର ନିଗଡ଼ ଅଛି—ଦେହର, ଜନ୍ମର ପୃଥିବୀର । କଳ୍ପନା-ରାଜ୍ୟରେ ସେ ସବୁ ବନ୍ଧନ ଖୋଲିଯାଏ, ସୁଷୁପ୍ତ ଅବସ୍ଥାରେ ଜୋର କଲା ସଞ୍ଜମର ବନ୍ଧନ ପରି, ତାପରେ ତ ବେଗର ପାରାବାର ! ଅସରନ୍ତି ଭୋଗଲାଗି ଜୀବନ କାନ୍ଦେ, ବାସ୍ତବରେ ଯଦି ନ ହେଲା କଳ୍ପନାରେ ହେଉ । ତା ପରେ ସଂସାର ଜଞ୍ଜାଳ, ଭଙ୍ଗା ଆଶା, ଅଶାନ୍ତି ଭିତରେ ପ୍ରାଣ ଛଟପଟ ହେଉଥାଏ । ଆଇନ ବନ୍ଧା ଗଡ଼ରୁ ବାହାରି ଖୋଲା ବତାସରେ ବୁଲିବାକୁ ତେଣୁ ଚମତ୍କାର—ଗୁଣର ଏତେ ଆଦର ।

ହେଇ—ବଣ ଉହାଡ଼ରେ ଯେଉଁ ଭଙ୍ଗା କୋଠାଖଣ୍ଡ ଅରମା ଜଙ୍ଗଲରେ ଏକରକମ ପୂରିଛି, ଦିନ ସରିଲେ ଝିଙ୍କାଳିଆ ଚାକୁଣ୍ଡା ଗଛଟା ଖୁବ୍ ବଡ଼ ଛାଇ ପକାଇଦିଏ, ତାକୁ ଦେଖିଲେ ମନେହୁଏ,

ନିଶ୍ଚୟ ଚୋର ଡକେଇତଙ୍କ ଆଡ୍ଡା ହେବ ପରା । ସମୁଦ୍ର କୂଳରେ ନିଛାଟିଆ ଘର ଖଣ୍ଡେ ଦେଖିଲେ ମନେହୁଏ, ନିଶ୍ଚୟ ଏଠି ଭୟଙ୍କର କାମ କିଛି ଘଟୁଛି—ଏତେ ଶୁନ୍‌ଶାନ୍‌ ଚୁପଚାପ ନ ହୋଇ ଯିବ କୁଆଡେ ? ତାପରେ ଅଗନାଗିଣ ବନସ୍ତ ଭିତରେ ଯେଉଁ ଆଲୁଅଟା ଝିରକା ବାଟେ ଦିଶୁଛି ଦୂରରୁ ଦେଖି ଅନେକ ଲୋକଙ୍କର ତ ସନ୍ଦେହ ହୋଇଛି ଡାଆଣୀ, ପେତ୍ନୀ ବା ବୁଢ଼ୀ ଅସୁରୁଣୀର ଘର ବୋଲି । ସଖିଗାଡ଼ିଆ ମଶାଣୀ ଉପର ଢିକେନିଆ ଖଜୁରି ଗଛଟା, ଜହ୍ନରାତିରେ କେତେଲୋକତ ଦେଖିଛନ୍ତି ଧୋବଲୁଗା ପିନ୍ଧି ଦିହାତ ବଢ଼ାଇ ଦେଇ ଠିଆ ହେବାର । ଗୋଟିଏ ଯାଗାରେ ଗୋଟିଏ ଗୋଟିଏ ସଙ୍କେତ ଥିଲାପରି ଜଣାପଡେ । ସେତକ ମାନି ନେବାକୁ ହେବ, ନିଜର ଲେଖାରେ । ଲୋକଙ୍କର ବି ଏପରି ଗୋଟାଏ ଗୋଟାଏ ସୂଚନା ( Significance ) ଥାଏ । ଆମ ଗାଁ ହରିସାହୁଟା ବାଁ ଆଖିରେ କେମିତି ତରଟି ଚରଟି ଚାହେଁ । ଘରଛୁଆଣି ବେଳେ ମୁଁ ତାକୁ ଦେଖି କେତେ ଡରିଛି । ଆଉ ନାକ ଫୋଡ଼ିଆ ମା; ଯାହାକୁ ଡାଆଣୀ ବୋଲି ଗାଁ ଲୋକେ ନିସ୍ତୁକ ଛେଚିଲେ, ହରିବୋଲିଆ ଚୁଡ଼ା କିଣି ଯାଉ ଯାଉ ନିଜେ ଦେଖିଥିଲି ଯେ, ସେ ଗୋଡ଼ ଦିଟା ଉପରକୁ କରି ହାତରେ ଭରାଦେଇ ଗନ୍ଧି ସାଉ ଚଲବାରିରେ—ଏ କଣ ତାର ଦୋଷ ? ଗୋଟାଏ କଣା ଆଖି, ଗୋଟାଏ ବୋଲି ବଙ୍କୁଲି ହଳଦିଆ ଦାନ୍ତ, ସେପୁଣି ମୁହଁ ବାହାରେ ଥାଏ । ଆଉ ସବୁବେଳେ ମୁହଁ ତଳକୁ ପୋତି ଠିଆହେଲେ ବି ଗୋଟାଏ ଆଖି ଉପର ଦୃଷ୍ଟିରେ ଶଗଡ ଚକପରି ଘୂରୁଥାଏ । ସ୍ଥାନ ଆଉ ପାତ୍ରର ଏ ଯେଉଁ ବିଶେଷତ୍ୱ, ସେତକ ଚମତ୍କାରି ଗୁଣର ଉତ୍କୃଷ୍ଟ ଉପାଦାନ । ଏଇ ଶ୍ରେଷ୍ଠ ବିଶେଷତ୍ୱଟି ଯେପରି ସାଧାରଣ ଗତିରୁ ବାହାର, ଅସ୍ପଷ୍ଟ ଅପୂର୍ଣ୍ଣତା ଲାଗି ସୀମାର ଅତୀତ, ଏହାକୁ ନିର୍ଭର କରି ଯେଉଁ କଳ୍ପନାର ପାରିଜାତ ଫୁଟେ, ତାହାର ସୌରଭ ବି ସେହିପରି; ତେଣୁ ଏ ପ୍ରକାର ସାହିତ୍ୟରେ ଏଇ ଶ୍ରେଷ୍ଠଶ୍ରେଷ୍ଠ ବିଶେଷତ୍ୱ ଦେଖାଯାଏ ।

ଏଇ ତ ସାହିତ୍ୟ । Realism ରେ ଯେପରି ଆଖି ଆଗର ସୁନ୍ଦର କୁତ୍ସିତ, ଶୁଭ ଅଶୁଭ ସବୁପ୍ରକାର ପାର୍ଥିବ ପ୍ରାକୃତ ଛବି

ଭିତରେ ସଂସାରର ହାନିଲାଭ ବିଷୟର କଳା ଫୁଟି ଉଠେ, ଏ ପ୍ରକାର ଚମତ୍କାରୀ ସାହିତ୍ୟରେ ଠିକ୍ ତାର ବିପରୀତ ଦିଗରେ ଚୂର ଦଉଡ଼ିକଟା ବେପରୁଆ କଳ୍ପନାର ଉଚ୍ଚ ସାହିତ୍ୟ ଗଢ଼ାହୁଏ । ଉଭୟଥିରେ କଳାଅଛି, ପ୍ରକାର ଯାହା ଭିନ୍ନ । ମଣିଷର କେତେଗୁଡ଼ିଏ ମୌଳିକ ଗୁଣ ଅଛି, କେତେ ଗୁଡ଼ିଏ ଇଚ୍ଛା. କ୍ଷୁଧା, ତୃଷ୍ଣା । ସେ କେବେ ବଦଳି ନାହିଁ, ମୂଳରେ ଅଟୁଟ ରହିଛି ବଞ୍ଚିବାର ଇଚ୍ଛା, ସମସ୍ତଙ୍କ ଉପରେ ବଡ ହେବାକୁ ଇଚ୍ଛା, ସ୍ତ୍ରୀ ପୁରୁଷର ଆକର୍ଷଣ, ହିଂସା ଦ୍ୱେଷ ଇତ୍ୟାଦି ଇତ୍ୟାଦି । ସେଇ ତାରରେ ଯେତେବେଳେ ଆଘାତ ପଡେ. ହୃଦୟ ଆପେ ଆପେ ଥରିଉଠେ । **Realism** ହେଉ ବା **Idealism** ହେଉ ଯେ କୌଣସି ମତେ ମୌଳିକ ଭାବ ଗୁଡ଼ିକ ଫୁଟାଇବାକୁ ହେବ । ତା ପରେ କେହି କହିପାରେ, ତୁଚ୍ଛା ମିଛକଥା ଗୁଡ଼ାକ କେବେ **art** ହୁଏ ? **Oscarwilde** ଆକ୍ଷେପ କରିଛନ୍ତି, ମିଛ କହିବା ଦିନକୁ ଦିନ କମି ଯାଉଛି । କାରଣ ସାହିତ୍ୟରେ ସବୁଠୁ ମିଛ ବଡ଼, ମିଛ ସବୁଠୁ ବଡ ସତ । ସତ ମିଛ ବା କଅଣ ? ବ୍ୟବହାରରେ ଏହାର ସୂଚନା ଭଲ ମନ୍ଦ ହୋଇପାରେ । କିନ୍ତୁ ସାହିତ୍ୟରେ ମିଛ ହେଉଛି ଗୋଟାଯାକ କଳ୍ପନା । ତାକୁ ଛାଡ଼ିଲେ **art** ବଞ୍ଚିବ କପରି ?

ଆଜକାଲିକା ବିଦେଶୀ ସାହିତ୍ୟ ଏତେ ଜଡ଼ବାଦୀ ହେଲେ ବି ଚମତ୍କାରୀ ଗୁଣର ମର୍ଯ୍ୟାଦା ଭୁଲି ନାହିଁ, କେହି କେବେ ଭୁଲି ପାରିବ ବି ନାହିଁ । ମଣିଷ ମନର ବଡ ଗୁଣ, ସେ କେବେ କୌଣସି ସୀମାକୁ ଶେଷ ବୋଲି ମାନି ନେବାକୁ ଚାହେଁ ନାହିଁ । ନିଜେ ଅସୀମ ଅସରନ୍ତି ସୃଷ୍ଟିର ଖଣ୍ଡେ କନା, ସେଥିଲାଗି । ଓଡ଼ିଶାରେ ପ୍ରତି ଘରେ ଚମତ୍କାରୀ ଗୁଣର ଆଦର । ଏ ଦେଶ ଗୋଟା ଯୁଗା କବି ଦେଶ, କଳାର ଦେଶ ।

କୁଆଁର ପୁନେଇଁ ଜହ୍ନ, ଜହ୍ନିଫୁଲ, ଚହଟିଆ ମଞ୍ଚା, ଜହ୍ନି କାକୁଡ଼ି ଲତା ଭିତରେ ସୁନେଲି ପରୀ ଏ ପକ୍ଷୀ ଜାକି ବସି ତାଳ ମାରି ଗୀତ ଶୁଣନ୍ତି । ଟିଙ୍କିଶାଳ ସେ ପାଖରେ କଇଁମାଳ ଭିତରେ ଝଲୁକୁଣୀ, ହାଣ୍ଡିଶାଳେ ଷଠୀ ଦୁଚ୍ଛଇଁ । ଫଗୁଣ ପୁନେଇଁରେ କଦମ୍ବ ଗଛ ତଳେ ରାସ । "ପୂଜା" ବେଳେ ଝୁଣା—ଗୋଗୁଳ ଉଡ଼ୁଛି ହାତରେ ଧରି ନିଶବଦ ରାତିରେ ଦେବାଦେବୀଏ ଝୁମର୍ ଝୁମର୍ । ଓଡ଼ିଆ ଦେଶ ବୋଲି

ସିନା; ନ ହେଲେ କେଉଁଦିନୁ ଏ ସବୁ ତ **Classical Convention** ହୋଇ ସାରନ୍ତାଣି । ଖଣ୍ଡି ଆଭୂତ ଧୂଳି ଉଡ଼ାଇ ଗୃଳିଯାଏ; ମେଘ ଫାଙ୍କରୁ କୋଉ ଅଜଣାର ବଜ୍ରକ ଆଙ୍ଗୁଠି ବଣ ଜଙ୍ଗଲ ଭିତରେ ଭୂତ ପ୍ରେତ ଡାଆଣୀ ଡାଙ୍କୁଣୀଙ୍କୁ ଗୁମର ଦେଖାଇଦିଏ । ବେଳ ବେଳ ଅଚଳ ନିଶବଦ ଗଛଗୁଡ଼ାକ ଏକା ସାଙ୍ଗେ ପବନ ପାଇଲେ ପଶି ଥରି ଥରି ଉଠେ, ବଡ଼ ବାପାଙ୍କ ଭଙ୍ଗା ଡିହ. ଯେଉଁଠି କାକୁଡ଼ି ଲଟିଛି— ବିଲୁଆ ଗୁଡ଼ାକ ହସି ହସି ପହିଲ ମାମା କରନ୍ତି; ଆଉ ବାରି ତଳେ କେତେ ଜନ୍ତୁଜନ୍ତା ବଜେ କରନ୍ତି । ଠିକ୍ ତାରି ପାଖରେ ଭଙ୍ଗା କୁଡ଼ିଆ ଭିତରେ ଦଦରା କାନ୍ଥ ଉପରେ ମିଞ୍ଜି ମିଞ୍ଜି ଦୀପ ପାଖରେ ସୁନା ବୋଉ ଖୁଡ଼ୀ ଛୁଆ ମୁଣ୍ଡରେ ଶୁଖିଲା ହାତଆ ପାପୁଲିଟା ଥାପୁଡ଼େଇ ଗୀତ ଗାନ୍ତି—

ବାରଆଡ଼େ କକ—ଅ—ଅ
ବୋବାଳି ଘୁଡୁଛି—ଇ—ଇ—ଇ
ନିଶା ଡାକେ ସାଇଁ—ଇଁ—ସାଇଁ ।

# ଆର୍ଟର ପ୍ରୟୋଜନୀୟତା

ରାଜକିଶୋର ରାୟ

ଆର୍ଟ ଯେଉଁ ଆନନ୍ଦ ଦାନ କରେ ତାହା ଅପ୍ରୟୋଜନର ଆନନ୍ଦ—ଏହି ତତ୍ତ୍ୱ ରବୀନ୍ଦ୍ର କାହିଁକି ଅନ୍ୟାନ୍ୟ ରସବିଦ୍‌ମାନେ ମଧ୍ୟ ଗ୍ରହଣ କରି ଅଛନ୍ତି । ଯଦି ଏହି ମତ ଗ୍ରହଣ କରାଯାଏ ଯେ, ଆର୍ଟର ମୂଳ ପ୍ରକୃତି ଅପ୍ରୟୋଜନର ଆନନ୍ଦ ଉପରେ ପର୍ଯ୍ୟବସିତ, ତେବେ କଅଣ ବିଶ୍ୱାସ କରିବାକୁ ହେବ ଯେ, ସୌନ୍ଦର୍ଯ୍ୟ ପୂଜାରୀର ସକଳ ସୌନ୍ଦର୍ଯ୍ୟ ସୃଷ୍ଟି ଶୀତ ଶ୍ୟାମ ବନଭୂମି ଉପରେ କେବଳ ଗୋଟିଏ କୁଜ୍‌ଝଟିକାର ଆସ୍ତରଣ ଭଳି ଉପରେ ଉପରେ ସନ୍ତରଣ କରିଯାଉଛି ଓ ଆମର ଏହି କର୍ମସଚଳ ପୃଥିବୀର କୌଣସି କାର୍ଯ୍ୟରେ ଏହା ସାହାଯ୍ୟ କରୁନାହିଁ ବା ଏହାକୁ କୌଣସି ବିନ୍ଦୁରେ ମଧ୍ୟ ସ୍ପର୍ଶ କରୁନାହିଁ ? ଏହି ଅପ୍ରୟୋଜନମୀୟ ଆର୍ଟକୁ ପ୍ରୟୋଜନମୀୟ କରିବାକୁ ଯାଇ ଆମେ ନିଜର ଗୃହାନ୍ଧକାରକୁ ଏହାଦ୍ୱାରା ଯେତେ ପ୍ରଦୀପ୍ତ କରିବାକୁ ଇଚ୍ଛା କଲେ ବି କବି ବା ଶିଳ୍ପୀର ମନ ଏହି ସ୍ୱଳ୍ପାନ୍ଧକାରକୁ ଆଲୋକମୟ କରିବାକୁ ସ୍ୱୀକାର କରୁନାହିଁ । ତେବେ କଅଣ ବୁଝିବାକୁ ହେବ ଯେ, କବି ବା ଶିଳ୍ପୀ ଯେଉଁ ଆଲୋକ ଜଳାଉଛି, ତାହା ଘରର ଅନ୍ଧକାର ବିନାଶ ପାଇଁ ନୁହେଁ ? ତାହା କଅଣ ପ୍ରୟୋଜନହୀନ ? ବରଂ ଗୋଧୂଳିର ପର୍ଯ୍ୟାପ୍ତ ଅନ୍ଧକାରକୁ ଅଙ୍କିତ ନଦୀର ଛଳରେ ଛଳରେ ଭସାଇ ଯେଉଁ ଭସମାନ ଊର୍ଦ୍ଧ୍ୱ ଆଲୋକ-ରେଖା ସମସ୍ତ କାଳିମା ଦୂର କରୁଛି ତାହା କେବଳ କଣ ଅପ୍ରୟୋଜନର ଆନନ୍ଦ ? ଶିଳ୍ପୀର ନିଜ ସୃଷ୍ଟିରେ ସ୍ୱାର୍ଥ ବୋଧ ନାହିଁ କି ବାହାର ଜଗତର ପ୍ରୟୋଜନ - ଅପ୍ରୟୋଜନ, ଲାଭ-କ୍ଷତିରେ ବି ତାର କିଛି ଯାଏ ଆସେ ନାହିଁ ।

ପ୍ରତ୍ୟେକ ସାହିତ୍ୟ ଓ କଳା ସୃଷ୍ଟିର ଅନ୍ତରାଳରେ ପ୍ରେରଣା ରହିଛି । ମନୁଷ୍ୟର ଜୈବଧର୍ମ ଓ ପ୍ରବୃତ୍ତିର ମଧ୍ୟ ପ୍ରେରଣା ରହିଛି । ଜୈବଧର୍ମର ପ୍ରେରଣାରେ ସଂସାରରେ ବଞ୍ଚି ରହିବାର ପ୍ରବୃତ୍ତି ଜାଗ୍ରତ ହୁଏ । କିନ୍ତୁ କଳାସୃଷ୍ଟି ପଛରେ ଯେ ପ୍ରେରଣା ରହିଥାଏ, ତାହା ବଞ୍ଚି ରହିବାର ପ୍ରବୃତ୍ତି ଓ ତାହା ସହିତ ଓତଃପ୍ରୋତ ଭାବରେ ଜଡ଼ିତ ଜୀବନ ସଂଗ୍ରାମରେ ଧୂଳି କର୍ଦ୍ଦମକୁ ଆଲୋଡ଼ନ କରେ ନାହିଁ । ଜୈବିକ ଅସ୍ତିତ୍ୱର ଏକ ବିରାଟ ପ୍ରବାହ ମନୁଷ୍ୟର ଚତୁର୍ଦ୍ଦିଗରେ ନାନା ସଂଗ୍ରାମ, ନାନା, ଅଭାବ ଅଭିଯୋଗ ଓ ନାନା ପ୍ରୟୋଜନ ସୃଷ୍ଟି କରିଛି । କିନ୍ତୁ ଆର୍ଟ ସୃଷ୍ଟି ଜୈବିକ ପ୍ରୟୋଜନ ସିଦ୍ଧି ପାଇଁ ଆବଶ୍ୟକ ନୁହେଁ । ତାର ପ୍ରୟୋଜନୀୟତା ରହିଛି ପ୍ରୟୋଜନର ଦୁରରେ, ପ୍ରୟୋଜନର ଅତିରିକ୍ତ ରୂପରେ ।

ଏହି କଥାଟିକୁ ବିଶ୍ଳେଷଣ କରିବା ପାଇଁ ଗୋଟିଏ ସୁନ୍ଦର ଦୃଷ୍ଟାନ୍ତ ଦିଆଯାଇପାରେ । ତୃଷା ମନୁଷ୍ୟର ଜୈବିକ ଧର୍ମର ଅଙ୍ଗ । ପ୍ରାଣୀ ମାନେ ତୃଷାର ଅଧୀନ । ଏହି ବିଶିଷ୍ଟ ଜୈବିକ ଧର୍ମର ପ୍ରେରଣାରେ ଜଳପାତ୍ରର ସୃଷ୍ଟି । ପାଣି ପିଇବାର ଇଚ୍ଛା ହେବାରୁ ପାତ୍ର ସମ୍ଭବ ହେଲା । ତାହା ହେଲେ ପାତ୍ରଟି ପ୍ରାଣୀର ପ୍ରୟୋଜନ ସିଦ୍ଧିର ପ୍ରେରଣାରୁ ସୃଷ୍ଟି ହୋଇଛି ତେଣୁ ଏଭଳି ସୃଷ୍ଟି ଆର୍ଟ ନୁହେଁ । ଏତିକରେ ମଣିଷ ଅଟକି ଯାଇ ନାହିଁ । ତାହାର କଳ୍ପନାଶକ୍ତି ଓ ସୌନ୍ଦର୍ଯ୍ୟ ଜ୍ଞାନ ଦ୍ୱାରା ସେ ସହସ୍ର ପ୍ରକାର ଜଳପାତ୍ର ସୃଷ୍ଟି କରୁଛି । ରେଖା, ରଙ୍ଗ ଓ ବିନ୍ଦୁ ଚିତ୍ରରେ ସୁନ୍ଦରର ସାଧନା ଚାଲିଛି । ମାତ୍ର ଏ ସାଧନା, ତୃଷା ନିବାରଣ ପାଇଁ ଅପରିହାର୍ଯ୍ୟ ନୁହେଁ । ପ୍ରୟୋଜନର ବାହାରେ ଯେଉଁ ସୃଷ୍ଟି ରହସ୍ୟ ଜାଗ୍ରତ ରହିଛି । ତାହାର ସୌନ୍ଦର୍ଯ୍ୟ ସାଧନା ଆର୍ଟ ସୃଷ୍ଟି ।

ମନୁଷ୍ୟ ଜୀବନରେ ସଂଗ୍ରାମ ରହିଛି । ନିରନ୍ତର ବ୍ୟସ୍ତତା ଓ ପରିଶ୍ରମ ମନୁଷ୍ୟକୁ ଅହରହ ଗ୍ରାସ କରୁଛି, କିନ୍ତୁ ଏ ସମସ୍ତ କର୍ମପ୍ରବାହ ଓ ସଂଗ୍ରାମକୁ ଟପିଯାଇ କରି କେଉଁ ଶୁଭ ମୁହୂର୍ତ୍ତରେ ଦେଖା ଦେଇଥିଲା ସୁନ୍ଦରର ସୁବର୍ଣ୍ଣ ରଥଚକ୍ର । ସନ୍ଧ୍ୟା ଓ ପ୍ରଭାତର କମନୀୟ ରମ୍ୟତା ଭିତରେ, ନମ୍ର, ଶ୍ୟାମଳ ଓ ସବୁଜ ଧରଣୀ ଉପରେ ସେହି ଚିତ୍ରର

ଉଦ୍‌ଭାସିତ ରେଖାପାତ ହୋଇଯାଇଛି । ଜୀବନର ବନ୍ଧ ପ୍ରକୋଷ୍ଠର ବାତାୟନ ପଥ ବାଟେ ଆସୁଛି ସୁନ୍ଦରର ଆହ୍ୱାନ । ଚକ୍ଷୁ ଉନ୍ମୀଳିତ କରି ମନୁଷ୍ୟ ଦେଖିଲା, କାରାଗାରରେ ନିକ୍ଷିପ୍ତ ଏହି ଶୁଷ୍କ ଜୀବନଟା ସାର୍ଥକ ନୁହେଁ; ଏହାର ଅନ୍ତରାଳରେ, ଏହାର ବନ୍ଧଭୂମିରେ, ଏହାର ଚତୁର୍ଦ୍ଦିଗରେ ଆଉ ଗୋଟାଏ ଜୀବନ ଅଛି, ତାହା ବାସ୍ତବରେ ଆର୍ଟକୁ ଉଦ୍‌ବୋଧନ ଦିଏ । ବଞ୍ଚିବାର ଦୁର୍ବାର ସ୍ପୃହା ଭିତରେ ଯେଉଁ ଜୀବନ ତାହା କର୍ମ ଜଗତ୍; କିନ୍ତୁ ଏହି କର୍ମ ଜଗତ ବାହାରେ ଯେଉଁ ଆବେଦନ ବିଘୋଷିତ ହେଉଛି । ତାହାହିଁ "ମାଳଞ୍ଚର ମାଳାକାର" ହେବାର ଆବେଦନ ।

ତାହା ହେଲେ ସୌନ୍ଦର୍ଯ୍ୟ-ଶତଦଳ ନିରାଲମ୍ବ ଭାବରେ ଆକାଶରୁ ବିଲମ୍ବିତ । ସମ୍ଭବ ନାହିଁ, ସହାୟ ନାହିଁ ନିଜେ ନିଜର ବିକାଶର ପଥ ଆବିଷ୍କାର କରି ନିଜେ ପ୍ରସ୍ଫୁଟିତ । ପଙ୍କରୁ ପ୍ରକାଶ ପାଇ ମଧ୍ୟ ପଙ୍କଜ ପଙ୍କଧର୍ମୀ ନୁହେ । ତାହାର ବିକାଶରେ ଯେଉଁ ସ୍ୱଚ୍ଛତା ଓ ମନୋହାରିତା ରହିଛି; ତାହା କ୍ଳିନ୍ନ କର୍ଦ୍ଦମ ଭିତରେ ଜଡ଼ିତ ରହି ମଧ୍ୟ ଦୁର୍ଗନ୍ଧି ପଙ୍କର କୁଶ୍ରୀତାକୁ ବିସର୍ଜନ କରି ଅପରୂପ ସୌନ୍ଦର୍ଯ୍ୟରେ ଆତ୍ମ ପ୍ରକାଶ କରିଅଛି । ତାହା ପଙ୍କ ମଧ୍ୟରେ ରହି ମଧ୍ୟ ଦୂରସ୍ଥିତ ସୂର୍ଯ୍ୟର ଉପାସନା କରିଥାଏ । ଠିକ୍ ସେହିପରି ଆମର ରସ ବା ସୌନ୍ଦର୍ଯ୍ୟ ବୋଧ ବସ୍ତୁ-ସ୍ଥୂଳ ପ୍ରୟୋଜନ ଭିତରେ ଆବଦ୍ଧ ରହି ଲୋକୋତ୍ତର ରସ-ପଦାର୍ଥକୁ ଗ୍ରହଣ କରୁଛି । ଜୈବିକ ପ୍ରୟୋଜନର ସ୍ଥୂଳ ପରିଧିରେ ରହି ସେ ନିଜର ସ୍ୱତନ୍ତ୍ର ସ୍ୱରୂପ ଓ ଅସୀମ ଦୃଷ୍ଟିକୁ ପ୍ରକାଶ କରେ । ଲୌକିକରୁ ଲୋକୋତ୍ତର ଯାତ୍ରା ଆର୍ଟର ଧର୍ମ ।

କିନ୍ତୁ ଏ ତତ୍ତ୍ୱଟିକୁ ବିଂଶ ଶତାବ୍ଦୀର ବାସ୍ତବପନ୍ଥୀ ମନ ଗ୍ରହଣ କରୁ ନାହିଁ । ଆର୍ଟକୁ ଯଦି ଅଲୌକିକ ବିକାଶ ବୋଲି ଧରିଯାଏ, ତେବେ ବାସ୍ତବ ଜୀବନ ସହିତ ଆର୍ଟର ସମ୍ବନ୍ଧ କେଉଁଠି ? ତୁଙ୍ଗ ମେଘବେଷ୍ଟିତ ଉପରେ ଦୋଳାୟମାନ ଶିବିକାରେ ପ୍ରତିଷ୍ଠିତ ଆର୍ଟକୁ ପ୍ରଣାମ କରାଯାଇ ପାରେ । କିନ୍ତୁ ନଗ୍ନ ପୃଥିବୀର ନଗ୍ନ ବାସ୍ତବତା ସହିତ ଏହାର କି ପରିଚୟ ଅଛି ? ପ୍ରକୃତ, ଜୀବନର କୌଣସି ବାହୁଲ୍ୟକୁ ସହ୍ୟ କରିପାରେ ନାହିଁ । ଅତିରିକ୍ତ ଆହାର ଅଜୀର୍ଣ୍ଣରୋଗ ଜନ୍ମାଏ ।

ଅତିରିକ୍ତ ଆଳସ୍ୟ, ଦୁଃଖର କାରଣ ହୁଏ । କାଳଚକ୍ରର କ୍ରମ ବିବର୍ତ୍ତନର ପ୍ରଧାନ କର୍ମ ହେଉଛି, ବାହୁଲ୍ୟ ବର୍ଜନ । ତେଣୁ ମନୁଷ୍ୟର ଜୀବନରେ ଆର୍ଟ ଯଦି ଗୋଟାଏ ଅଧିକା କଥା ବା ବାହୁଲ୍ୟ ହୋଇଥାନ୍ତା, ତେବେ ପ୍ରାକୃତିକ ନିୟମ ଅନୁସରଣ କରି ତାହା ବହୁ ପୂର୍ବରୁ ବର୍ଜିତ ହୋଇ ଯାଇଥାନ୍ତା । କିନ୍ତୁ ଏହା ନିଜେ ବିସୃଷ୍ଟ ହୋଇଯିବା ଦୂରେ ଥାଉ । ମନୁଷ୍ୟ ଜୀବନ ସହିତ ଏହା ଅତି ସାନ୍ଦ୍ର ଭାବରେ ସଂଯୁକ୍ତ ହୋଇ ରହିଅଛି । ବରଂ ସ୍ୱତନ୍ତ୍ର ମହାତ୍ମ୍ୟ ଦ୍ୱାରା ଜୀବନରେ ଗଭୀର ଭାବରେ ତାହା ପ୍ରତିଷ୍ଠିତ ହୋଇ ପାରିଛି । ଆର୍ଟରେ ଚରିତାର୍ଥ ନ ହେଲେ, ମନୁଷ୍ୟ ପ୍ରାଣ ଶାନ୍ତ ହୁଏ ନାହିଁ । ଏଥିରୁ ପ୍ରମାଣିତ ହେଉଛି ଯେ, ଆର୍ଟ ମନୁଷ୍ୟ ଜୀବନରେ ବାହୁଲ୍ୟ ନୁହେଁ । ଅପ୍ରୟୋଜନର ସୌନ୍ଦର୍ଯ୍ୟରେ ଏହା ସୁଶୋଭିତ ନୁହେଁ । ବରଂ ଏହାର ପ୍ରୟୋଜନ ଗଭୀରତର ମହତ୍ତର ।

ସୌନ୍ଦର୍ଯ୍ୟ-ବୋଧ ବା ରସବୋଧକୁ ଅପ୍ରୟୋଜନର ଆନନ୍ଦ ବୋଲି ବହୁ କଳାକାର ବ୍ୟାଖ୍ୟା କରି ଯାଇଛନ୍ତି । ଏପରି କି ରବୀନ୍ଦ୍ରନାଥ ମଧ୍ୟ ଏହି ପନ୍ଥାର ଅନୁସରଣ କରିବାକୁ ଛାଡ଼ି ନାହାନ୍ତି । କାବ୍ୟରେ ସତ୍ୟ ଓ ବାସ୍ତବ ଜୀବନର ସ୍ପର୍ଶ ଅପେକ୍ଷା ଭାବମୟ ବିଳାସ ପ୍ରାଧାନ୍ୟ ଲାଭ କରିଥାଏ । କବିର କଳ୍ପନା ବିଳାସ ଏଥିପାଇଁ ଦାୟୀ । ଆର୍ଟର ଧର୍ମକୁ ବାସ୍ତବ ଜୀବନ ସହିତ ଏତେ ଦୂରରେ ସଂସ୍ଥାପିତ କରି ରଖିଲେ, ଜୀବନ ସହିତ ତାହାର ଯୋଗସୂତ୍ର କେଉଁଠାରେ ମିଳିବ ? ମନରେ ଗୋଟିଏ ପ୍ରଶ୍ନ ଉଠେ । ଜୀବନରେ ଯାହା ପ୍ରୟୋଜନ ଯାହା ଅପ୍ରୟୋଜନ, ତାହାର ସୁସ୍ପଷ୍ଟ ସୀମାରେଖା ଅଛି କି ? ପ୍ରୟୋଜନ ବୋଇଲେ ଯଦି କେବଳ ବଞ୍ଚି ରହିବାର ଦୈହିକ ସ୍ଥୂଳ ପ୍ରୟୋଜନ ବୁଝାଯାଏ ଓ ଅପ୍ରୟୋଜନ କହିଲେ ଯଦି ପ୍ରୟୋଜନାତିରିକ୍ତ ଯାହା କିଛି ରହିଛି, ତାହା ବୁଝାଯାଏ, ତେବେ ଏ ଦୁଇର ସୀମାରେଖା କିପରି ସ୍ଥିର କରାଯିବ ? ଏପରି ବିଭାଗ କରଣୀୟ କି ନୁହେଁ, ତାହା ସେହି ଜଳପାନ କାହାଣୀରୁ ହୃଦୟଙ୍ଗମ ହୋଇ ପାରିବ ।

ମନୁଷ୍ୟର ଜଳତୃଷା ରହିଛି । ସେ ପୁଣି ସହରର ମଣିଚକୋଠ ଗଳିର ଅସ୍ୱାସ୍ଥ୍ୟକର ବିପଣୀରୁ ମାଟିପାତ୍ରରେ ଜଳପାନ କରି ତୃଷା ମେଣ୍ଟାଇ

ପାରେ, କିମ୍ବା ଗୋଟାଏ ପ୍ରଥମ ଶ୍ରେଣୀୟ ସ୍ୱାସ୍ଥ୍ୟକର ଭୋଜନାଗାରରୁ କାରୁକାର୍ଯ୍ୟମୟ ରଚିତ ସୁନ୍ଦର କାଚପାତ୍ରରୁ ଜଳପାନ କରି ତୃଷା ହରଣ ସଙ୍ଗେ ସଙ୍ଗେ ଯେଉଁ ଆନନ୍ଦ ବୋଧହୁଏ ସମପରିମାଣରେ ଦୁଇ କ୍ଷେତ୍ରରେ ଉପଲବ୍ଧ ହୋଇନାହିଁ । ଜଳପାତ୍ରର ବିଭିନ୍ନ ଆକୃତି ତୃଷା ନିବାରଣ ପାଇଁ ଅପରିହାର୍ଯ୍ୟ ନ ହୋଇ ପାରେ । ମାତ୍ର ପ୍ରୟୋଜନର ଅତିରିକ୍ତ ଆନନ୍ଦ ଗୋଟିଏ ସୁନ୍ଦର ଚିତ୍ରାଙ୍କିତ ପାତ୍ରରେ ଯେପରି ଅନୁଭୂତ ହୁଏ। ଅନ୍ୟନିକୃଷ୍ଟ ଓ ଅସୁନ୍ଦର ପାତ୍ରରୁ ଜଳଗ୍ରହଣ, ସେତିକି ଆନନ୍ଦ ନ ଦେଇପାରେ । ପୁଣି ଯେଉଁ ପାତ୍ରରେ ଅଭିଶପ୍ତ ରିକ୍‌ସାବାଲା ପାଣି ପିଇ ତୃପ୍ତ ହୋଇପାରେ, ସେହି ପାତ୍ରରୁ ଜଳ ଗ୍ରହଣ କରି ଜଣେ ଧନୀ ମାନୀ ବ୍ୟକ୍ତି ତୃପ୍ତ ହୋଇ ପାରିବ ନାହିଁ । ତେଣୁ ଜଳପାତ୍ରର ଆକୃତି-ସୌନ୍ଦର୍ଯ୍ୟ ସେହି ଧନୀ ବ୍ୟକ୍ତିର ତୃଷା ନିବାରଣ ପକ୍ଷରେ ସହଜରେ ପରିହାର୍ଯ୍ୟ ନୁହେଁ । ସୁତରାଂ ତାହା କେବଳ ଶତଦଳ ଭଳି ଆକାଶରୁ ବିଲମ୍ବିତ, ଏପରି ଭାବିବା ଭ୍ରାନ୍ତିଯୁକ୍ତ । ଜଣେ ମାରୁଆଡ଼ି ବ୍ୟବସାୟୀ ପାଇଁ ଗଳି ଭିତରେ ଗୋଟିଏ ଛୋଟ କୋଠରୀ ବାସସ୍ଥାନ ରୂପରେ ଯଥେଷ୍ଟ । କିନ୍ତୁ ରବୀନ୍ଦ୍ରନାଥଙ୍କର ଜୈବିକ ସତ୍ତାର ଉପଲବ୍ଧି ପାଇଁ ସେଭଳି ସ୍ଥାନ ଯଥେଷ୍ଟ ନୁହେଁ । ଶାନ୍ତି ନିକେତନ ବା "ଶ୍ୟାମଳୀ" ମାରୁଆଡ଼ି ବ୍ୟବସାୟୀ ପାଇଁ ହୁଏତ ଅପ୍ରୟୋଜନ, ତେଣୁ ବାହୁଲ୍ୟ । କିନ୍ତୁ ରବୀନ୍ଦ୍ରନାଥଙ୍କ ଜୈବିକ ଧର୍ମର ପ୍ରକାଶ ପାଇଁ ତାହା ଏକାନ୍ତ ଅପରିହାର୍ଯ୍ୟ ।

ଭ୍ରାନ୍ତଟା ବୋଧହୁଏ ଆମ୍ଭମାନଙ୍କ ଧାରଣାରେ ରହି ଯାଇଛି, ଅର୍ଥାତ୍, ଜୀବ ସ୍ୱଭାବରେ ଆମ ସମସ୍ତଙ୍କର ଜୈବିକ ସତ୍ତା ଏକ ନୁହେଁ । ମନୁଷ୍ୟର ପ୍ରଧାନ ଦୁଇଟି ଧର୍ମ-ଅନ୍ନଧର୍ମ ଓ ପ୍ରାଣଧର୍ମ । ପ୍ରୟୋଜନ-ବୋଧ ଭିତରେ ଏହି ଦୁଇଟି ଅଭିନ୍ନ ରୂପେ ପରସ୍ପର ଜଡ଼ିତ । ଦୁଇଟି ଭିତରେ ସୀମାରେଖା କାଟି ଦେବା କେବଳ ଅସମୀଚୀନ ନୁହେଁ, ଅସାଧ୍ୟ । ଦେହର କ୍ଷୁଧା ନ ମେଣ୍ଟିଲେ ଯେପରି ଆମେ ବଞ୍ଚି ପାରିବା ନାହିଁ, ମନର କ୍ଷୁଧା ସେହିପରି ତୃପ୍ତ ନ ହେଲେ ଅଥଚ ଦେହର କ୍ଷୁଧା ପ୍ରଶମିତ ହେଲେ ମଧ୍ୟ ଆମେ ବଞ୍ଚିବାକୁ ଅକ୍ଷମ ହେବା ।

ପୂର୍ବାଚାର୍ଯ୍ୟଗଣ ଜୀବସତ୍ତା ଭିତରେ ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଓ ଆନନ୍ଦମୟ କୋଷର କଥା ସ୍ଥିର କରିଛନ୍ତି । ପ୍ରୟୋଜନ,

ଅପ୍ରୟୋଜନ ଭେଦରେ ଏହି କୋଷଗୁଡ଼ିକୁ ବିଭାଗ କଲେ ଏହିପରି ହେବ । ଅର୍ଥାତ, ଅନ୍ନମୟ ଓ ପ୍ରାଣମୟ କୋଷର ଯାହା ପ୍ରୟୋଜନ, ତାହା ଆମର ପ୍ରୟୋଜନ, ମନୋମୟ, ବିଜ୍ଞାନମୟ ଏବଂ ଆନନ୍ଦମୟ କୋଷର ଯାହା ପ୍ରୟୋଜନ, ତାହା ବାହୁଲ୍ୟ; ଜୈବିକ ବୃତ୍ତି ପ୍ରଶମନ ପାଇଁ ପ୍ରୟୋଜନ ହୋଇପାରେ, ନ ହୋଇପାରେ । ଏପରି ବିଭାଗ କେତେ ଦୂର ଉଚିତ ତାହା ବିଚାର୍ଯ୍ୟ । ସବୁକୋଷର ପ୍ରୟୋଜନ ନ ଥିଲେ, ଜୀବ ସତ୍ତ୍ୱରେ ତାହାର ପରିକଳ୍ପନା ହୋଇ ନଥାନ୍ତା । ମନେ ହୁଏ ଏହି ପରିକଳ୍ପନାର ତାରତମ୍ୟରେ ପଶୁ ଓ ମନୁଷ୍ୟ ଭିତରେ ତାରତମ୍ୟ ରହିଛି । ପଶୁ କେବଳ ଅନ୍ନମୟ ଓ ପ୍ରାଣମୟ କୋଷର ପ୍ରୟୋଜନ ଘେନି ବ୍ୟସ୍ତ । ସେଇଥିରେ ତାର ଜୀବସତ୍ତ୍ୱର ମୌଳିକ ପ୍ରବୃତ୍ତି ସମ୍ପୂର୍ଣ୍ଣ ଭାବରେ ପ୍ରଶମିତ ହୋଇଯାଏ ।

କିନ୍ତୁ ମନୁଷ୍ୟ ପଶୁ ନୁହେଁ । ମାନବ ଜଗତରେ ଅନ୍ନ ଓ ପ୍ରାଣ ଉପରେ ମନ, ବିଜ୍ଞାନ ଓ ଆନନ୍ଦର ନିତ୍ୟଖେଳା ଚାଲିଛି । ସେଥିପାଇଁ କେବଳ ଅନ୍ନ ଓ ପ୍ରାଣର ପ୍ରୟୋଜନ ପୂରଣ କରି ମନୁଷ୍ୟ ସନ୍ତୁଷ୍ଟ ନୁହେଁ; ମନ, ବିଜ୍ଞାନ ଓ ଆନନ୍ଦର ପରିସ୍ଫୁରଣକୁ ମଧ୍ୟ ସେ ଅପେକ୍ଷା କରେ ଓ ସେଥିରୁ ଆନନ୍ଦ ପାଏ । ଏ କଥା ସତ୍ୟ ଯେ, ସମ ପରିମାଣରେ ସମସ୍ତଙ୍କର ଏହି କୋଷଗୁଡ଼ିକ ଉନ୍ମେଷ ଲାଭ କରି ନଥାଏ । ତେଣୁ ସାଧାରଣ ଲୋକ କେବଳ ଅନ୍ନ ଓ ପ୍ରାଣ ଘେନି ବ୍ୟସ୍ତଥାନ୍ତି ।

ମନ, ବିଜ୍ଞାନ ଓ ଆନନ୍ଦର ପ୍ରୟୋଜନ ଘେନି ମନୁଷ୍ୟର ପ୍ରାଣରେ ସକଳ ସୁକୁମାର ବୃତ୍ତି ଜାଗି ଉଠେ । ସୌନ୍ଦର୍ଯ୍ୟ-ବୋଧ, ରସ-ବୋଧ, ଶ୍ରେୟୋବୋଧ-ସମସ୍ତ ହିଁ ଜାଗ୍ରତ ହୁଏ । ଏହିଠାରେ ଆମର ସମଗ୍ର ସତ୍ତା ସହିତ ସାହିତ୍ୟ ଓ କଳା ସୃଷ୍ଟିର ନିବିଡ ସଂଯୋଗ ।

•

କବିର ଭିତଡାଲି ଯେତିକି ପ୍ରୟୋଜନୀୟ, ସାହିତ୍ୟ ସଙ୍ଗୀତ, ଅଙ୍କନ ଓ ନୃତ୍ୟ— ବିଳାସ ବି ସେତିକି ପ୍ରୟୋଜନୀୟ । ନିଜର ଆବାସ ଖଣ୍ଡିକ ଯେତିକି ପ୍ରୟୋଜନ, ଉନ୍ମୁକ୍ତ ଆକାଶ ମଧ୍ୟ ତାର ସେତିକି ପ୍ରୟୋଜନ । ତାହାହେଲେ ଏହି ସାହିତ୍ୟ, ସଙ୍ଗୀତ, ଅଙ୍କନ, ନୃତ୍ୟ-

ଗୀତ, ଗୁମ୍ଫା ନିବିଡ଼ ଆବେଷ୍ଟନୀ, ଉଦ୍ୟାନ ଓ ମୁକ୍ତ ଆକାଶ, ମନୁଷ୍ୟର ଜୀବନ ପକ୍ଷରେ କଣ ବାହୁଲ୍ୟ ପଦାର୍ଥ ? ଏମାନଙ୍କର ପ୍ରୟୋଜନ କଣ କିଛିନାହିଁ ? ପାଶବ ସତ୍ତାର ମୋହ—ବନ୍ଧନକୁ ଯଦି କେବଳ ମାତ୍ର ପ୍ରୟୋଜନ ଭାବି ଆମେ ମହତ୍ତର ଆନନ୍ଦମୟ ସତ୍ତାକୁ ଅପ୍ରୟୋଜନ ଭାବୁ, ତେବେ ମନୁଷ୍ୟର ଅସ୍ତିତ୍ୱକୁ ବିରାଟ ଅପମାନ ଦେବା ଛଡ଼ା ଆମେ ଆଉ ବିଶେଷ କଣ କଲୁ ? ସୁତରାଂ ଆର୍ଟକୁ ଅନ୍ନଜଳ ପ୍ରାୟ ପ୍ରୟୋଜନୀୟ ପଦାର୍ଥ ରୂପେ ଗ୍ରହଣ କରିବା ବିଧେୟ । ନର୍ଦ୍ଦମା ପଙ୍କରେ ତାକୁ ପଙ୍କିଳ କରିବା ଯେପରି ଉଚିତ ନୁହେଁ, ନିରାଲମ୍ବ ଶୂନ୍ୟରେ ତାକୁ ଅନାତ୍ମୀୟ ଭାବରେ ବିଲମ୍ବିତ କରି ରଖିବା ମଧ୍ୟ ସେହିପରି ଠିକ୍ ନୁହେଁ । କବି ଜୟଦେବ ଜୈବିକ ପ୍ରାଣ ଧାରଣ ପାଇଁ ତଣ୍ଡୁଳ ସଂଗ୍ରହ କରିବାରେ ଅନ୍ୟ ମନସ୍କ ଥାଇ ଗୀତଗୋବିନ୍ଦ ରଚନାରେ ବ୍ୟାପୃତ ହେବାର ଅର୍ଥ ହେଉଛି, କବିତା ରଚନା ତାହାଙ୍କର ଜୈବିକ ପ୍ରୟୋଜନରେ ରୂପାନ୍ତରିତ ହୋଇ ଯାଇଥିଲା । ଆର୍ଟର କ୍ଷୁତ ପିପାସାକୁ ମନୁଷ୍ୟ ଶାନ୍ତ କରିବା ଉଚିତ । ସୁତରାଂ ଆର୍ଟ କେବଳ ଯେ ଅବବିଳାସ, ତାହା ନୁହେଁ ତାହା ପରମ ଆତ୍ମୀୟ, ଆର୍ଟ କେବଳ ଯେ, "ଆଳସ୍ୟର ସହସ୍ର ସଞ୍ଚୟ" ତାହା ନୁହେଁ, ଏହା ଆମର ବାସ୍ତବ ଜୀବନ ସହିତ ନିବିଡ ଭାବରେ ସମ୍ପୃକ୍ତ ।

—*—

# ଜୀବନ, ସାହିତ୍ୟ ଓ କଳା

ଶ୍ରୀ ବାମାଚରଣ ମିଶ୍ର

ଉପମା :—

ପୃଥିବୀର ଇତିହାସରେ ତଥା ପୃଥିବୀ ବ୍ୟାପି ସାହିତ୍ୟର ଇତିହାସରେ ଅତି ବିଚିତ୍ର, ଅଦ୍ଭୁତ ଏବଂ ଏକମେବ ଦ୍ୱିତୀୟମ୍ ଗୋଟିଏ ଘଟଣା ! ପ୍ରାୟ ନ'ଶହ ବର୍ଷ ତଳେ ଗୋଟିଏ ଉପମାନର ବ୍ୟାଖ୍ୟାକୁ କେନ୍ଦ୍ର କରି ଦୁଇବ୍ୟକ୍ତିଙ୍କ ମଧ୍ୟରେ ମତାନୈକ୍ୟ ଏପରି ଏକସ୍ତରକୁ ଯାଇଥିଲା ଯହିଁରେ ଜଣେ ଅନ୍ୟଜଣକୁ ହତ୍ୟା କରିବାର ଚକ୍ରାନ୍ତ କଲେ । ସେ ଦୁଇବ୍ୟକ୍ତିଙ୍କ ମଧ୍ୟରୁ ଜଣେ ହେଉଛନ୍ତି ପୁଣି ମହାପ୍ରତିଭାଶାଳୀ ଦାର୍ଶନିକ, ବିଶିଷ୍ଟାଦ୍ୱୈତବାଦର ଉଦ୍ଭାବକ ଓ ପ୍ରତିପାଦକ ରାମାନୁଜାଚାର୍ଯ୍ୟ ଏବଂ ଅନ୍ୟଜଣକ ହେଉଛନ୍ତି ତାଙ୍କ ଗୁରୁ ଅଦ୍ୱୈତମତବାଦର ପ୍ରତିପାଦକ, ମହାପଣ୍ଡିତ ଓ ପ୍ରତିଭାଶାଳୀ ଶିକ୍ଷକ ଯାଦବପ୍ରକାଶ ।

ବିବାଦୀୟ ଉପମାଟି ଛାନ୍ଦୋଗ୍ୟ ଉପନିଷଦର ପ୍ରଥମ ଅଧ୍ୟାୟର ସପ୍ତମ ଅନୁବାଦରେ ଅଛି—ତସ୍ୟ ଯଥା କପ୍ୟାସଂ ପୁଣ୍ଡରୀକ ମେବମକ୍ଷିଣୀ ତସ୍ୟୋଦିତି ନାମ ସ ଏଷ ସର୍ବେଭ୍ୟଃ ପାପ୍ମାଭ୍ୟ ଉଦିତ ଉଦେତି ହ ବୈ ସର୍ବେଭଃ ପାପ୍ମାଭ୍ୟୋ ଯ ଏବଂ ବେଦ ।

ତସ୍ୟ ଯଥା କପ୍ୟାସଂ ପୁଣ୍ଡରୀକମ୍ ଏବମ୍ ଅକ୍ଷିଣୀର ବ୍ୟାଖ୍ୟା ଉପରେ ଏ ଦୁଇ ବ୍ୟକ୍ତିଙ୍କ ଭିତରେ ଯେଉଁ ବିବାଦ ହୋଇଥିଲା ତାହା ଶ୍ରୀ ଆର୍. ପାର୍ଥସାରଥି ତାଙ୍କର ଇଂରାଜୀ ବହି 'ରାମାନୁଜାଚାର୍ଯ୍ୟ'ରେ ( ନ୍ୟାସନାଲ ବୁକ୍‌ଟ୍ରଷ୍ଟ, ଇଣ୍ଡିଆ ଦ୍ୱାରା ପ୍ରକାଶିତ ଏବଂ ମୋ ଓ ଶ୍ରୀ ଜୋଆରଦାରଙ୍କ ଦ୍ୱାରା ଓଡ଼ିଆରେ ଅନୁଦିତ ) ନିମ୍ନଲିଖିତ ରୂପେ ବର୍ଣ୍ଣନା କରିଛନ୍ତି :—

···ଥରେ ଯାଦବ ପ୍ରକାଶଙ୍କ ରାମାନୁଜ ତାଙ୍କ ଗୁରୁଙ୍କୁ ତୈଳମର୍ଦ୍ଦନ କରୁଥିବା ବେଳେ ଗୁରୁ 'ତସ୍ୟ ଯଥା କପ୍ୟାସଂ ପୁଣ୍ଡରୀକମେବମକ୍ଷିଣୀ' ଉପରେ ମନ୍ତବ୍ୟ ଦେଇ କହିଲେ—ବ୍ରହ୍ମର ଆଖି କପି ପୃଷ୍ଠର ଅଧୋଭାଗ ଭଳି। ରାମାନୁଜ ଏ ପ୍ରକାର ବ୍ୟାଖ୍ୟାରେ ଆଘାତ ପାଇଲେ। ତାଙ୍କ ଆଖିରୁ ଅଶ୍ରୁଧାର ବୋହି ଗୁରୁଙ୍କ ଜଙ୍ଘ ଉପରେ ପଡ଼ିଲା। ଗୁରୁ ଶିଷ୍ୟଙ୍କୁ ଏହିଁ କାନ୍ଦିବାର କାରଣ ପଚାରିଲେ। ରାମାନୁଜ କେବଳ କହିଲେ 'ଗୁରୁଦେବ, ଆପଣଙ୍କ ବ୍ୟାଖ୍ୟା ପ୍ରମାଦପୂର୍ଣ୍ଣ। ଆପଣଙ୍କ ଉପମା ନିମ୍ନସ୍ତରର ଏବଂ ଅଯୋଗ୍ୟ'। ଯାଦବ କ୍ରୋଧ ଦମନ କରି ନପାରି ଚିତ୍କାର କରି ପଚାରିଲେ 'ତେବେ ଯଥାର୍ଥ ଅର୍ଥଟି କଅଣ ?' ରାମାନୁଜ ଉତ୍ତର ଦେଲେ 'ଗୁରୁଦେବ, କପ୍ୟାସଂର ଅର୍ଥ—ସୂର୍ଯ୍ୟଙ୍କ ଦ୍ୱାରା ପ୍ରସ୍ଫୁଟିତ ଓ ପୁଣ୍ଡରୀକମାନେ ପଦ୍ମ। ତେଣୁ ବାକ୍ୟଟିର ଏକମାତ୍ର ଅର୍ଥ ହେଉଛି—ଭଗବାନଙ୍କ ଚକ୍ଷୁ ପ୍ରଭାତ ସୂର୍ଯ୍ୟ ଦ୍ୱାରା ପ୍ରସ୍ଫୁଟିତ ପଦ୍ମ ପରି। ଯାଦବ ଅତିବ କ୍ରୋଧାନ୍ୱିତ ହୋଇ କହିଲେ 'ଯଦି ମୋର ଶିକ୍ଷାଦାନ ତୁମର ମନଃପୂତ ନ ହୁଏ ତୁମେ ମୋତେ ତ୍ୟାଗ କରିପାର।······

ଉପର୍ଯ୍ୟୁକ୍ତ ଘଟଣା ପୂର୍ବରୁ ବହୁଥର ଗୁରୁ ଯାଦବ ପ୍ରକାଶଙ୍କ ଉପନିଷଦ ବ୍ୟାଖ୍ୟା ସହ ଶିଷ୍ୟ ରାମାନୁଜ ଏକମତ ହୋଇପାରି ନଥିଲେ। ତସ୍ୟ ଯଥା କପ୍ୟାସଂ···'ରେ ଥିବା ଉପମାର ବ୍ୟାଖ୍ୟାକୁ କେନ୍ଦ୍ର କରି ଗୁରୁଶିଷ୍ୟଙ୍କ ମଧ୍ୟରେ ମତଭେଦ ଚରମକୁ ଗଲା। ରାମାନୁଜ ଦିନେ ଅଦ୍ୱୈତମତବାଦର ଘୋର ଶତ୍ରୁ ହେବେ ଜାଣିପାରି ଗୁରୁ ମନସ୍ଥ କଲେ ଯେ ଏହି ପ୍ରତିଭାଶାଳୀ ଶିଷ୍ୟଙ୍କୁ ଭୂପୃଷ୍ଠରୁ ଚିରଦିନ ପାଇଁ ବିଦାୟ ଦେବାକୁ ପଡ଼ିବ। ସେ ଓ ତାଙ୍କର ଆଉ ଦୁଇଜଣ ଶିଷ୍ୟ ଚକ୍ରାନ୍ତ କଲେ ଯେ ତୀର୍ଥ ପର୍ଯ୍ୟଟନକୁ ଯିବା ବାହାନାରେ ରାମାନୁଜଙ୍କୁ ନେଇଯାଇ ବାଟରେ ହତ୍ୟା କରାଯିବ। ସମସ୍ତେ ତୀର୍ଥ ଯାତ୍ରା କଲେ; କିନ୍ତୁ ବାଟରେ ରାମାନୁଜ ଚକ୍ରାନ୍ତ କଥା ଜାଣିପାରି ଖସି ପଳାଇଯାଇ ଜୀବନ ରକ୍ଷା କଲେ।

ଉପନିଷଦର ଟୀକାକାର ଓ ଭାଷ୍ୟକାରମାନେ ଉପର୍ଯ୍ୟୁକ୍ତ ସପ୍ତମ ଅନୁବାକ୍‌ର ବ୍ୟାଖ୍ୟା ଏହିପରି କରିଛନ୍ତି—ପୁଣ୍ଡରୀକ (ପଦ୍ମ) ଯେପରି କପି ପୃଷ୍ଠର ଅଧୋଭାଗ ( କପ୍ୟାସଂ = କପି + ଆସଂ = ବାନର ପୁଚ୍ଛର

ନିମ୍ନଭାଗ = ମାଙ୍କଡ଼ର, ବିଶେଷତଃ ପାଛ ମାଙ୍କଡ଼ର, ପିଚ୍ଛ ) ଭଳି ଆରକ୍ତିମ ତାଙ୍କର ( ଷଷ୍ଠ ଅନୁବାକ୍‌ରେ କୁହା ହୋଇଥିବା ପୁରୁଷଙ୍କର ଆଦିତ୍ୟଙ୍କ ଅଭ୍ୟନ୍ତରରେ ଯେଉଁ ପୁରୁଷ ଦୃଷ୍ଟ ହୁଅନ୍ତି. ସିଏ ହିରଣ୍ମୟ ହିରଣ୍ୟଶ୍ମଶ୍ରୁ ହିରଣ୍ୟକେଶ, ଯାହାଙ୍କ ନଖାଗ୍ରରୁ ସମୁଦାୟ ଅଙ୍ଗ ସ୍ୱର୍ଣ୍ଣମୟ, ତାଙ୍କର ) ଚକ୍ଷୁ ଦୁଇଟି ସେହିପରି ଆରକ୍ତିମ (ଅର୍ଥାତ୍, ପ୍ରଭାତ ସୂର୍ଯ୍ୟର ରକ୍ତିମା ଭଳି )। ତାଙ୍କର ନାମ 'ଉତ୍', କାରଣ ସେ ସମୁଦାୟ ପାପରୁ ଉତ୍‌ଥିତ ହୋଇଛନ୍ତି । ଯେ ଏହି ପ୍ରକାର ଜାଣେ ସେ ସେହି ପ୍ରକାର ପାପରୁ ଉତ୍ତୀର୍ଣ୍ଣ ହୁଏ ।

ଏ ଦୁଇବ୍ୟକ୍ତିଙ୍କ ଭିତରେ ଅଭୂତପୂର୍ବ ବିବାଦ ଓ ସେଇ ସଂକ୍ରାନ୍ତରେ ଉପମା ବିଷୟରେ ଆଲୋଚନା କରିବା ପୂର୍ବରୁ ବେଦାନ୍ତ ବା ଉପନିଷଦ୍‌ର ଦର୍ଶନ ଶଙ୍କରଙ୍କ ଅଦ୍ୱୈତ ଓ ମାୟାବାଦ ଏବଂ ବୈଷ୍ଣବ ଧର୍ମର ବିଭିନ୍ନ ମତବାଦ ବିଷୟରେ ମୋଟାମୋଟି ଗୋଟାଏ ଧାରଣା କରିବାକୁ ପଡ଼ିବ ।

ସାଧାରଣତଃ ଉପନିଷଦ୍‌ର ସଂଖ୍ୟା ୧୦୮ ବୋଲି କୁହାଯାଏ । ( କଠ, କେନ, ପ୍ରଶ୍ନ, ଛାନ୍ଦୋଗ୍ୟ, ମୁଣ୍ଡକ, ତୈତ୍ତିରୀୟ, ଶ୍ୱେତାଶ୍ୱତର ଇତ୍ୟାଦି ) । ଏ ସବୁ କୌଣସି ଏକ ସମୟରେ ବା ଜଣକ ଦ୍ୱାରା ସୃଷ୍ଟି ନୁହେଁ । ଐତରେୟ, ରୈକ୍ୱ, ଶାଣ୍ଡିଲ୍ୟ, ଜାବାଲ, ଜୈବାଲି, ଉଦ୍ଦାଳକ, ଶ୍ୱେତକେତୁ, ଗାର୍ଗୀ, ମୈତ୍ରେୟୀ ପ୍ରଭୃତି ଋଷି ଓ ଦ୍ରଷ୍ଟାଗଣ ବିଭିନ୍ନ ସମୟରେ ବିଭିନ୍ନ ଉପନିଷଦ୍ ସୃଷ୍ଟି କରିଛନ୍ତି । ସମସ୍ତ ସୃଷ୍ଟି କାଳ ଖ୍ରୀ: ପୂ ୧୦୦୦ ରୁ ଖ୍ରୀ: ପୂ: ୩୦୦ ବୋଲି ସାଧାରଣତଃ ସ୍ୱୀକାର କରାଯାଏ । ଉପନିଷଦ୍‌ର ଅନ୍ୟ ନାମ ବେଦାନ୍ତ; କାରଣ ଏହା ବେଦର ଶେଷ, ଅର୍ଥାତ୍ ସମସ୍ତ ବେଦର ନିର୍ଯ୍ୟାସ; କିନ୍ତୁ ତା'ବୋଲି ଏହା ବେଦ ଉପରେ ନିର୍ଭରଶୀଳ ନୁହେଁ । ବେଦଠାରୁ ଏହା ସ୍ୱତନ୍ତ୍ର ଏବଂ ଅନେକ ସ୍ଥଳରେ ବେଦ ବିରୋଧୀ ।

ବେଦରେ କୌଣସି ନିର୍ଦ୍ଦିଷ୍ଟ ଦର୍ଶନ ବା ଚିନ୍ତା ଏବଂ ତୀବ୍ର ଜିଜ୍ଞାସା ନ ଥିଲେ ହେଁ ଅଛି ସ୍ୱତଃ ସ୍ଫୁର୍ତ୍ତି ଓ ଆନନ୍ଦ; କିନ୍ତୁ ଉପନିଷଦ୍ ବେଳକୁ

ଜିଜ୍ଞାସା ଅନେକ ଓ ତୀବ୍ର ହେଲଣି ଏବଂ ସେଥିପାଇଁ ଅସନ୍ତୋଷ ଓ ବିଷାଦ ଯାହାକୁ କହନ୍ତି ( Spiritual discontent ) ଦେଖା ଦେଲଣି । ନାନା ଦାର୍ଶନିକ ଚିନ୍ତା ଓ କଳ୍ପନା ଦେଖା ଦେଲଣି । ତେଣୁ ଉପନିଷଦରେ ସବୁର ମୂଳ ଦର୍ଶନ କଅଣ କହିହେବ ନାହିଁ । ତେବେ ମୋଟା ମୋଟି କହିଲେ; ସୋଽହଂ ଅହଂ ବ୍ରହ୍ମାସ୍ମି, ତତ୍ ତ୍ୱମ୍ ଅସି, ଏ ହେଲା ସବୁ ଉପନିଷଦର କଳ୍ପନା । ଚରମ ସତ୍ୟ କଅଣ ? ଏହି ହେଲା ସବୁ ଉପନିଷଦର ଜିଜ୍ଞାସା । ଉପନିଷଦର ଋଷିମାନେ ଗୋଟିଏ ମୌଳିକ ବାସ୍ତବତା ଆଡ଼କୁ ମୁହାଁଇଛନ୍ତି । ତାହା ହେଉଛି, ସତ୍ ( ଅସୀମତ୍ୱ—Infinite existence ), ଚିତ୍ ( ଅନାପେକ୍ଷିକ ବାସ୍ତବତା—Absolute reality ), ଏବଂ ଆନନ୍ଦ ( ଅନାପେକ୍ଷିକ ଆନନ୍ଦ Absolute delight ) । ସେଇ ଅନାପେକ୍ଷିକ ବାସ୍ତବଟି ହେଉଚି, କର୍ତ୍ତା ଓ କର୍ମ ( Subject and predicate ) ଉଭୟ, ଅସୀମ ଓ ସସୀମ ଉଭୟ, ଅନ୍ତର୍ନିହିତ ଓ ଅତିକ୍ରାନ୍ତ (Immanent and transcendent ) ଉଭୟ, ଉଦ୍ଦେଶ୍ୟ ଓ ପନ୍ଥା ଉଭୟ, ଯେ କୌଣସି ଚିନ୍ତା ବା ଭାବ ଏବଂ ତାର ବିରୋଧୀ ଚିନ୍ତା ବା ଭାବ ଉଭୟ, ଜ୍ଞାତା ଓ ଜ୍ଞାନ ଉଭୟ, ଐକ୍ୟ (Unity) ଏବଂ ବିଭିନ୍ନ (Division) ଉଭୟ, ଏକା ସାଙ୍ଗରେ ଏବଂ ଓତଃପ୍ରୋତ ଭାବରେ । ଅନାପେକ୍ଷିକ ମୌଳିକ ବାସ୍ତବଟି ସତ୍ୟନୁହେଁ କି ମିଥ୍ୟା ନୁହେଁ । ପୁରୁଷ ଓ ପ୍ରକୃତି ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ତତ୍ତ୍ୱବୋଲି ସାଂଖ୍ୟର ମତକୁ ବେଦାନ୍ତ ଗ୍ରହଣ କରେନାହିଁ । ବେଦାନ୍ତ ମତରେ ବସ୍ତୁହିଁ ବ୍ରହ୍ମ । ସବୁ ବ୍ରହ୍ମ । ଶରୀର ଭିତରେ ଥିବା ନାନାପ୍ରକାର ଜୀବାଣୁ, ନାଡ଼ି—ଭୁଡ଼ି, ଅଙ୍ଗ—ପ୍ରତ୍ୟଙ୍ଗ ନାନାପ୍ରକାର ଭବସବୁ ମିଶି ଯେମିତି ମଣିଷ ସେମିତି ।

କୁହା ହୋଇଚି, ବେଦାନ୍ତରେ କୌଣସି ପ୍ରଣାଳୀବଦ୍ଧ ( systematic ) ଚିନ୍ତା ନଥିଲା । ଚିନ୍ତା ସେତେବେଳେ ମାତ୍ର ଦାନା ବାନ୍ଧି ଆସୁଥିଲା । ତେଣୁ ଥିଲା ଅସ୍ପଷ୍ଟ କଳ୍ପନା । ଜିଜ୍ଞାସା ତୀବ୍ର ଏବଂ ସ୍ପଷ୍ଟ; କିନ୍ତୁ ଉତ୍ତର ଅସ୍ପଷ୍ଟ ଏବଂ ଅଡୁଆ ତଡୁଆ; କିନ୍ତୁ ଆଶ୍ଚର୍ଯ୍ୟର କଥା, ଏହାପରେ ଯେତେ ସବୁ ପ୍ରଣାଳୀ ବଦ୍ଧ ଯୁକ୍ତି ସମର୍ଥିତ ଦର୍ଶନ

ବାହାରିଲ ସମସ୍ତେ ଏଇ ବେଦାନ୍ତରୁ ନିଜ ନିଜ ମତର ସମର୍ଥନ ପାଇଁ ବ୍ୟଗ୍ରହୋଇ ସେ ଦିଗରେ ଚେଷ୍ଟିତ ହେଲେ ।

ଶଙ୍କର ( ଜୀବନକାଳ ୭୮୮ ଖ୍ରୀ: ଅ: ରୁ ୮୨୦ ଖ୍ରୀ. ଅ. ମାତ୍ର ୩୨ ବର୍ଷ ! ) ଯେଉଁ ଅଦ୍ୱୈତ ବାଦ ଓ ମାୟାବାଦ ପ୍ରତିଷ୍ଠା କଲେ ସେଥିପାଇଁ ସେ ବେଦାନ୍ତରୁ ସମର୍ଥନ ଖୋଜିଲେ । ଶଙ୍କର 'ବ୍ରହ୍ମସୂତ୍ର'ର ଯେଉଁ ଭାଷ୍ୟଲେଖି ଯାଇଛନ୍ତି ସେଥିରେ ସେ ବସ୍ତୁର ବାହ୍ୟ ବିଭିନ୍ନତାକୁ ମାୟା ବୋଲି ପ୍ରମାଣ କରି ବ୍ରହ୍ମ ଅଦ୍ୱୈତ୍ୟ ବୋଲି ପ୍ରମାଣ କରିଛନ୍ତି । ଆମେ ଯେ ନାନାପ୍ରକାର ବସ୍ତୁ, ପ୍ରାଣୀ ଭାବ ଆଦି ଦେଖୁଛୁ ତାହା କେବଳ ଭ୍ରମ, ମାୟା ( illusion )—ଯାହା ଆମ ଅବିଦ୍ୟାରୁ ଜାତ । ସମସ୍ତଙ୍କର ମୂଳରୂପଟି ହେଉଛି ବ୍ରହ୍ମ ଏବଂ ସେ ବ୍ରହ୍ମରେ କୌଣସି ପରସ୍ପର ବିରୋଧୀ କଥା ରହିପାରେନା ଏଇଠି ସେ ବେଦାନ୍ତ ଠାରୁ ଭିନ୍ନମତ ପୋଷଣ କଲେ ) । ଆମେ ଅବିଦ୍ୟା ହେତୁରୁ ବ୍ରହ୍ମକୁ ଜାଣିପାରୁନା ବୋଲି ବାହ୍ୟ ବିଭିନ୍ନତା ଏକ ସତ୍ୟ ବୋଲି ଧାରଣା ଉପୁଜୁଛି । ସମସ୍ତଙ୍କର ମୂଳ ଯେ ଏକ ବ୍ରହ୍ମ ତାହା ଜାଣିଲେ ଏ ମାୟା ଗୁଚିଯିବ । ଏ ବ୍ରହ୍ମ ନିରାକାର ନିର୍ଗୁଣ । ଏ ମତ ସମସ୍ତ ଭାରତରେ ଅଖଣ୍ଡ ପ୍ରଭାବ ବିସ୍ତାର କଲା ।

ଆଇନ୍‌ଷ୍ଟାଇନ୍‌ଙ୍କ ଆପେକ୍ଷିକ ବାଦ ( Theory of relativity ) ଏ ବିଷୟରେ ଆଲୋକପାତ କରିପାରେ । ଆପେକ୍ଷିକ-ବାଦ ଅନୁସାରେ ସବୁ ବସ୍ତୁର ମୂଳରୂପଟି ହେଉଛି ଶକ୍ତି । ଯେ କୌଣସି ବସ୍ତୁକୁ ଭାଙ୍ଗି ଭାଙ୍ଗି ପରମାଣୁ ପର୍ଯ୍ୟନ୍ତ ଯାଇ ପୁଣି ତାକୁ ଭାଙ୍ଗିଲେ ଶକ୍ତିରେ ପରିଣତ ହେବ ଏବଂ ଶକ୍ତି ଧୀରେଧୀରେ ଜଡ଼ୀଭୂତ ହୋଇଗଲେ ବିଭିନ୍ନ ବସ୍ତୁରେ ପରିଣତ ହେବ । ସେ ଶକ୍ତି ସମସ୍ତ ବିଶ୍ୱବ୍ୟାପି, ଅସୀମ, ନିରାକାର, ନିର୍ଗୁଣ ବସ୍ତୁରେ ପରିଣତ ହେଲେ ଯାଇ ତାହାର ଆକାର ଗୁଣ ପ୍ରକାଶପାଏ, ଶକ୍ତି ( energy ) ଓ ବସ୍ତୁ ( matter ) କୁ ଦୁଇଟି ଭିନ୍ନକଥା ଭାବିବା ତେଣୁ କେବଳ ଭ୍ରମ । ଆଇନ୍‌ଷ୍ଟାଇନ୍‌ଙ୍କ ଅଙ୍କ କଷି ଦେଖାଇ ଦେଲେ କେତେ ପରିମାଣର ବସ୍ତୁ କେତେ ଶକ୍ତିରେ ପରିଣତ ହେବ । ସେ ହେଲେ ଆଧୁନିକ ପରମାଣୁ ଯୁଗର ଜନ୍ମଦାତା । ତାଙ୍କର ଆପେକ୍ଷିକ ବାଦ କେବଳ ବିଜ୍ଞାନ ଜଗତରେ ନୁହେଁ, ଦର୍ଶନ ଜଗତରେ ମଧ୍ୟ ମହା ଓଲଟ ପାଲଟ ସୃଷ୍ଟି କଲା ।

ଶଙ୍କରଙ୍କ ମାୟାବାଦ କିନ୍ତୁ ଜନସାଧାରଣ ପାଇଁ ନାନା ବ୍ୟଭିଚାରର ଦ୍ୱାର ଉନ୍ମୁକ୍ତ କରିଦେଲା । ଲୋକେ 'ପାପ ସବୁ ମାୟା ମ' ( ମାୟାର ଲୌକିକ ଅର୍ଥ ) କହି କୌଣସି ନୀତିଶୃଙ୍ଖଳା ନ ରଖି ନାନା ବ୍ୟଭିଚାରରେ ମାତିଲେ । ସମାଜ ବିପର୍ଯ୍ୟସ୍ତ ହେଲା ।

ଏହି ସମୟରେ ରାମାନୁଜ ଅବତୀର୍ଣ୍ଣ ହେଲେ ( ଜୀବନକାଳ ୧୦୧୭ ଖ୍ରୀ:ଅ. ରୁ ୧୧୩୭ ଖ୍ରୀ. ଅ:—୧୨୦ ବର୍ଷ !) ସେ ମଧ୍ୟ 'ବ୍ରହ୍ମସୂତ୍ର'ର ଭାଷ୍ୟଲେଖି ଶଙ୍କରଙ୍କ ଅଦ୍ୱୈତବାଦ ତଥା ମାୟାବାଦକୁ ଖଣ୍ଡନ କରି 'ବିଶିଷ୍ଟ ଦ୍ୱୈତ' ମତବାଦ ପ୍ରତିଷ୍ଠା କଲେ । ଏହା ମଧ୍ୟ ସେହି ଉପନିଷଦରୁ ସମର୍ଥନ ଆହରଣ କରିଛି । ସମଗ୍ର ଭାରତରେ ଏହା ବିସ୍ତାର ଲାଭକଲା । ଅଦ୍ୱୈତବାଦ ଓ ମାୟାବାଦର ପ୍ରଭାବ ଯଥେଷ୍ଟ ମ୍ଳାନ ହୋଇଗଲା । ବସ୍ତୁତଃ ଏହା ଏକ ଐତିହାସିକ ଘଟଣା ହୋଇ କେବଳ ରହିଲା । ବିଶିଷ୍ଟାଦ୍ୱୈତର ଅର୍ଥ—ବ୍ରହ୍ମା ବା ଭଗବାନ ଅଦ୍ୱିତୀୟ, ନିରାକାର, ନିର୍ଗୁଣ ହେଲେହେଁ ଗୁଣମାନଙ୍କ ଦ୍ୱାରା ବିଶେଷିତ ବା ବିଶିଷ୍ଟ ହୁଅନ୍ତି । ଭଗବାନଙ୍କ ନିରାକାରତ୍ୱ, ନିର୍ଗୁଣତ୍ୱ, ଯେମିତି ବାସ୍ତବ, ତାଙ୍କର ସାକାରତ୍ୱ ସଗୁଣତ୍ୱ ମଧ୍ୟ ସେମିତି ବାସ୍ତବ । ସେମିତି ଭଗବାନଙ୍କ ସ୍ଥାଣୁତ୍ୱ ଓ ଗତିଶୀଳତ୍ୱ, ଐକ ଓ ବିଭିନ୍ନତା ଇତ୍ୟାଦି ବାସ୍ତବ । ଏକ କଥାରେ ଭଗବାନଙ୍କ ଐଶ୍ବର୍ଯ୍ୟ ଓ ମାଧୁର୍ଯ୍ୟ ଦୁଇଟି ଯାକ ବାସ୍ତବ । ଉପନିଷଦରୁ ଠାରୁ ଏ ମତର ପାର୍ଥକ୍ୟ ଅତିସୂକ୍ଷ୍ମ କିନ୍ତୁ ଗୁରୁତର ବୋଲି ମନେହୁଏ । ଉପନିଷଦ୍ ମାନଙ୍କରୁ ଯାହା ଜଣାପଡେ, ବ୍ରହ୍ମଙ୍କ ଠାରେ ପରସ୍ପର ବିରୋଧୀ କଥାମାନ ଓତଃପ୍ରୋତ ଭାବରେ ଜଡ଼ିତ ହୋଇଅଛି । କାରଣ, ଏ ଦୁଇ ମିଶି ବ୍ରହ୍ମ; ଯେହେତୁ ସମଗ୍ର ବିଶ୍ୱହିଁ ବ୍ରହ୍ମ । ଯେମିତି ମଣିଷ ବୋଇଲେ ତା'ଭିତରେ ଥିବା ପରସ୍ପର ବିରୋଧୀ କଥାମାନ, କିନ୍ତୁ ରାମାନୁଜଙ୍କ ମତରେ ଏ ଦୁହେଁ ଭଗବାନ ହେଲେ ହେଁ ଅଲଗା ଅଲଗା ଭାବେ ବାସ୍ତବ, ଯଦିଓ ଏକ ଅନ୍ୟର ପରିପୂରକ ଏବଂ ପରସ୍ପର ମଧ୍ୟରେ ଅଦଳ ବଦଳ ( Inter change ) ହୋଇପାରେ । ସାଧାନା ଦ୍ୱାରା ଜୀବ ବିଶେଷ ଗୁଣର 'ଦେବତ୍ୱର ଗୁଣ—ଦୟା ଆଦି ) ଅଧିକାରୀ ହୋଇପାରେ ଏବଂ ଭଗବାନ୍ ହୋଇପାରେ ।

ବସ୍ତୁର ବିଭିନ୍ନତାକୁ ବାସ୍ତବ ବୋଲି ସ୍ୱୀକାର କରିବାରୁ ସେ ନୀତି, ନିୟମ, ଶୃଙ୍ଖଳା, ଦୟା, ଭକ୍ତି ଆଦି ଉପରେ ପ୍ରାଧାନ୍ୟ ଦେଲେ । ବସ୍ତୁ ବା ପ୍ରାଣୀର ବିଭିନ୍ନତା ସ୍ୱୀକାର କରିବା ମାତ୍ରେ ଶ୍ରେଣୀ, ଗୋଷ୍ଠୀ ବା ସମାଜ ସ୍ୱୀକାର କରିବାକୁ ପଡ଼ିବ ଏବଂ ତେଣୁ ନୀତି, ନିୟମ, ଶୃଙ୍ଖଳା ଆଦି ସ୍ୱୀକାର କରିବାକୁ ପଡ଼ିବ ଏବଂ ତା ସହିତ ସ୍ୱୀକାର କରିବାକୁ ପଡ଼ିବ କ୍ରମବିକାଶ ( ଦେବତ୍ୱ ) ପାଇଁ ସେବା, ଦୟା, ଭକ୍ତି ଆଦି ଗୁଣକୁ । ମୋଟ ଉପରେ ବିଭିନ୍ନତାର ଜଗତରେ ନୀତି (Morality) ହେଲା ମୂଳକଥା; କିନ୍ତୁ ମୌଳିକ ଅନପେକ୍ଷ ବାସ୍ତବକୁ ଧରିଲେ ବା ଆଧ୍ୟାତ୍ମିକ (Spiritual) ଜଗତରେ ନୀତି କଅଣ ଅନୀତି ବା କଅଣ, ବାଟ କିଏ ଅବାଟ କିଏ ! ସବୁ ଏକାକାର ! ବିଶିଷ୍ଟାଦ୍ୱୈତ ମତବାଦ ପ୍ରଭାବ ବିସ୍ତାର କରିବା ପରେ ତେଣୁ ସାଧାରଣ ସମାଜ ଗୋଟାଏ ବାଟକୁ ଆସିଲା । ରାମାନୁଜ ଭଗବାନଙ୍କ ଐଶ୍ୱର୍ଯ୍ୟ, ନିର୍ଗୁଣତ୍ୱ ନିରାକାରତ୍ୱ ସ୍ୱୀକାର କଲେ ହେଁ ଏକଥା ନିସନ୍ଦେହରେ କୁହାଯିବ ଯେ ସେ ମାଧୁର୍ଯ୍ୟ ସଗୁଣତ୍ୱ ଓ ବିଭିନ୍ନତା ଉପରେ ବିଶେଷ ପ୍ରାଧାନ୍ୟ ଦେଇଥିଲେ ।

କାଳକ୍ରମେ ଏହି ମତବାଦ ଗୋଟାଏ ଦେବତା-ମଣିଷ ଗୋଷ୍ଠୀ ସୃଷ୍ଟି କଲା ଯେଉଁମାନେ ନିଜକୁ ସାଧାରଣ ଠାରୁ ଉଚ୍ଚତର ଜୀବ ବୋଲି ଭାବି ସୁଖ ସୁବିଧା ହାସଲ କଲେ । ଏହି ସମୟରେ ଅବତୀର୍ଣ୍ଣ ହେଲେ ମାଧ୍ୱାଚାର୍ଯ୍ୟ [ ଜନ୍ମ ୧୧୯୯ ଖ୍ରୀ ଅ: ] ଉପନିଷଦରୁ ସମର୍ଥନ ଆହରଣ କରି ସେ ଯେଉଁ ମତବାଦ ସୃଷ୍ଟି କଲେ ତାହା ହେଉଛି ଦ୍ୱୈତବାଦ । ଏ ମତ ଅନୁସାରେ ଭଗବାନ ଓ ତାଙ୍କ ସୃଷ୍ଟି କଦାପି ଅଦ୍ୱୈତ ହୋଇ ନ ପାରନ୍ତି । ସେମାନେ ଦ୍ୱୈତ । ଦୃଶ୍ୟମାନ ବିଭିନ୍ନତା ବାସ୍ତବ ଓ ସତ୍ୟ କେବଳ ନୁହନ୍ତି, ଭଗବାନଙ୍କ ଠାରୁ ଭିନ୍ନ ଏବଂ ଚିରକାଳ ପାଇଁ ଭିନ୍ନ । ଜୀବ କେବଳ ଭକ୍ତ ହୋଇ ପାରେ ସିନା, ଭଗବାନ ହୋଇ ପାରେନା । ଏ ବିଶ୍ୱ ଭଗବାନ୍ ନୁହେଁ, ଭଗବାନଙ୍କ ସୃଷ୍ଟିମାତ୍ର । ଭକ୍ତ ଓ ଭଗବାନ, ସୃଷ୍ଟି ଓ ସ୍ରଷ୍ଟା, ବସ୍ତୁ ଓ ମୂଳଶକ୍ତି, ଜୀବାତ୍ମା ଓ ପରମାତ୍ମା କଦାପି ଅଦ୍ୱୈତ ହୋଇ ନପାରନ୍ତି । ଦୁହେଁ ଯେତେ ନିକଟବର୍ତ୍ତୀ ହୁଅନ୍ତୁନା କାହିଁକି, ଦୁହିଁଙ୍କ ଭିତରେ ପାର୍ଥକ୍ୟ ନିଶ୍ଚୟ

ରହିବ । ବସ୍ତୁ ଶକ୍ତିରେ ପରିଣତ ହୋଇପାରେ; କିନ୍ତୁ ସେ ଶକ୍ତିର ଆଉ ଭଗବାନ୍ ନୁହେଁ, ଭଗବାନଙ୍କ ଏକ ସୃଷ୍ଟି ମାତ୍ର । (ଏ ଯୁକ୍ତି Fallacy of infinity regress—ଅଶେଷ ପଛଘଞ୍ଚା ପର୍ଯ୍ୟାବୃତ୍ତି ? ତାଙ୍କୁ ସୃଷ୍ଟି କଲା କିଏ ? ତାଙ୍କୁ ଯେ ସୃଷ୍ଟି କଲା ତାଙ୍କୁ ସୃଷ୍ଟି କଲା କିଏ ? ଏମିତି ପଛକୁ ପଛକୁ ଯିବା ।)

ପଦୋନ୍ନତି (Promotion)ର ଆଉ ଆଶା ନ ଥିଲେ ଚାକିରିଆ (ଦ୍ୱୈତବାଦ ଅନୁସାରେ, ଆମେ ସବୁ ଭଗବାନଙ୍କ ଚାକର) ଯେପରି ହତାଶ ହୋଇଯାଏ ଏବଂ କାମରେ ଆଉ ମନ ନଦେଇ ଠକାଏ, ଦ୍ୱୈତ-ବାଦ ସେମିତି ଏକ ହତାଶା ସୃଷ୍ଟି କଲା ଜନସାଧାରଣଙ୍କ ମଧ୍ୟରେ । ଯେଉଁ ନ୍ୟସ୍ତ-ସ୍ୱାର୍ଥ ଲୋକେ ଦେବତା-ମର୍ଷିଷ ହୋଇ ବସିଥିଲେ ସେମାନେ ମଧ୍ୟ ଭୟ ପାଇଲେ । ଏହି ସମୟରେ ଅବତୀର୍ଣ୍ଣ ହେଲେ ଶ୍ରୀ ଚୈତନ୍ୟ (ଜୀବନକାଳ—୧୪୮୫ ଖ୍ରୀ: ଅ: ରୁ ୧୫୩୩ ଖ୍ରୀ.ଅ. ଏବଂ ତା' ମଧ୍ୟରୁ ଶେଷ ଅଠର ବର୍ଷ ପୁରୀରେ । ସେ ଯେଉଁ ମତବାଦ ପ୍ରତିଷ୍ଠା କଲେ ତାହାହେଉଛି 'ଅଚିନ୍ତ୍ୟ ଭେଦାଭେଦ' ବା ଅଚିନ୍ତ୍ୟ ଦ୍ୱୈତାଦ୍ୱୈତ' ଭେଦ +ଅଭେଦ, ଦ୍ୱୈତ+ଅଦ୍ୱୈତ, (In comprehensible difference-non-difference)ତତ୍ତ୍ୱ । ଭଗବାନ୍ ଓ ବସ୍ତୁ ଜୀବ ଆଦି ଦୁଇ ସମାନ୍ତରାଳ ରେଖାରେ ଗତି କରୁଥିଲେ ନହିଁ ଅଚିନ୍ତ୍ୟମୟ ଭାବରେ ଅନନ୍ତକାଳର କୌଣସି ଏକ ବିନ୍ଦୁରେ ମିଳିତ ହୁଅନ୍ତି । କ୍ରମବିକାଶର ଶେଷ ବିନ୍ଦୁକୁ ଗଲେ ଜୀବ ମୋକ୍ଷ ପାଇପାରେ । ତାହାର ପ୍ରେମ ଓ ଭକ୍ତି ଏ କ୍ରମବିକାଶର ମୂଳଶକ୍ତି । ଏକ ଜନ୍ମପରେ ବା ବହୁଜନ୍ମ ପରେ ଭ୍ରମିତେ ଭ୍ରମିତେ ଜୀବ କୃଷ୍ଣ କୃପା କରେ । ଶ୍ରୀ ଚୈତନ୍ୟଙ୍କ ତତ୍ତ୍ୱ ମଧ୍ୟ ଉପନିଷଦ୍ ଉପରେ ପ୍ରତିଷ୍ଠିତ ।

ବୈଷ୍ଣବ ମାନଙ୍କର ଏସବୁ ମତ ଲୀଳାବାଦର ପ୍ରତିପାଦନ କରଛି । ଲୀଳ ବାଦ ଯେ ମାୟାବାଦଠାରୁ ସଂପୂର୍ଣ୍ଣଭିନ୍ନ ଏହା ସୁସ୍ପଷ୍ଟ । ଲୀଳାବାଦ ଅନୁସାରେ, ସୃଷ୍ଟିର ବିଭିନ୍ନତା ଓ ବୈଚିତ୍ର୍ୟ ନଥିଲେ କ୍ରମବିକାଶ ଅସମ୍ଭବ । କାରଣ, ସଂଘର୍ଷହିଁ କ୍ରମବିକାଶର ମୂଳ ପ୍ରେରଣା ଦିଏ । ଏହି କ୍ରମବିକାଶ ପାଇଁ ତ ଭଗବାନ ବିଭିନ୍ନତା ଓ ବୈଚିତ୍ର୍ୟ

ସୃଷ୍ଟି କରିଛନ୍ତି, କରୁଛନ୍ତି । ପ୍ରଶ୍ନଉଠେ; କହେ।, କିପାଁ ଭଗବାନ ଭଦ୍ରଲୋକଟି କାହୁଅକୁ ଯାଉଛନ୍ତି କାହିଁକି, ଗୋଡ଼ଧୋଉଛନ୍ତି କାହିଁକି ? ଲୀଳାବାଦୀମାନେ କହନ୍ତି ସେ ତାଙ୍କ ଲୀଳା । କାରଣ ନଥାଇ କାର୍ଯ୍ୟ (ଆଧୁନିକ ବିଜ୍ଞାନ ମତରେ କାରଣ Cause ନଥାଇ ମଧ୍ୟ କାର୍ଯ୍ୟ effect ହୁଏ) । ସେ ଲୀଳାର କାରଣ ନାହିଁକି ଉଦ୍ଦେଶ୍ୟ ବି ନାହିଁ । ଯାହାର ସିମା ଶକ୍ତି ଓ ସମୟ ସୀମିତ ତାହାର ଉଦ୍ଦେଶ୍ୟ ଥାଏ; ଭଗବାନଙ୍କ ଶକ୍ତି ସମୟତ ଅନାଦି, ଅନନ୍ତ । ଭଗବାନଙ୍କ ଏ ସୃଷ୍ଟି କ୍ରିୟା ହେଉଛି ଲୀଳା (Play), ଶିଶୁର ବାଲିଘର ଖେଳଭଳି ଉଦ୍ଦେଶ୍ୟ-ହୀନ; କାରଣହୀନ । ଏହା କୌଣସି ଏକ କ୍ରୀଡ଼ା(game) ନୁହେଁ ଯେ ଗୋଟାଏ ନିୟମ, ଉଦ୍ଦେଶ୍ୟ, ନିର୍ଦ୍ଦିଷ୍ଟ ସମୟର ସୀମା ଭିତରେ କାମ କରିବ !

ଏ ବିଷୟରେ ପୁଣି ଆପେକ୍ଷିକବାଦ ଦେଖାଯାଉ । ଆପେକ୍ଷିକ-ବାଦ ଅନୁସାରେ, ବିଶ୍ୱବ୍ୟାପି ଅଖଣ୍ଡ ନିର୍ଗୁଣ ଶକ୍ତି ସ୍ଥାଣୁ ଭାବରେ ବିସ୍ତାରି ରହିଛି । ସ୍ଥାଣୁଭାବରେ ଅଛି କାହିଁକି, ନା ପରିପୂର୍ଣ୍ଣ ସାମ୍ୟ (Perfect eguilibrium) ବିରାଜିଲେ ଶକ୍ତି ସ୍ଥାଣୁ ହୁଏ (ଯେମିତି ପ୍ରଳୟପରେ ବିଷ୍ଣୁ, ପରମ ପୁରୁଷ ଯୋଗନିଦ୍ରାରେ ଶୋଇଛନ୍ତି, ଲକ୍ଷ୍ମୀ-ପ୍ରକୃତି ତାଙ୍କ ପାଦସେବା କରୁଛନ୍ତି ! କୌଣସି ସ୍ଥାନରେ ସାମାନ୍ୟ ଅସାମ୍ୟ ସୃଷ୍ଟିହେଲେ (କାରଣ ନଥାଇ କାର୍ଯ୍ୟ ! ଲୀଳା ?) ସେହି ସ୍ଥାନରେ ଘୂର୍ଣ୍ଣନ (Churring) ହୁଏ । ଏହା ଧୀରେ ଧୀରେ ଏକ ଅଗ୍ନିମୟ ପିଣ୍ଡାକାର ଧାରଣ କରେ ଏବଂ ଘୂର୍ଣ୍ଣନ ଯୋଗୁଁ ନିଜ ଶକ୍ତିବଳରେ ଶୂନ୍ୟରେ ବିସ୍ତାରି ରହିଥିବା ପରମାଣୁ ମାନଙ୍କୁ ଆକୃଷ୍ଟ କରେ । କ୍ରମେ କ୍ରମେ ଏହାର ଆୟତନ ବଢ଼ି ବଢ଼ି କୋଟି କୋଟି ଯୋଜନ ବ୍ୟାପି ହୁଏ । ଏଥିରୁ ବହୁପିଣ୍ଡ ଛିଟିକି ଯାଇ ମୂଳପିଣ୍ଡର ଚାରିପଟେ ଘୂରି ବୁଲନ୍ତି । କାଳକ୍ରମେ ଏହି ଘୂର୍ଣ୍ଣାୟମାନ ବହୁ ପିଣ୍ଡ ମଧ୍ୟରୁ କେହି ହୁଏତ ଥଣ୍ଡା ଧରି ଆସିଲେ (ମୂଳ ଅଗ୍ନିମୟ ପିଣ୍ଡଠାରୁ ଦୂରେଇ ଯିବାଯୋଗୁଁ) ତାହା ଘନୀଭୂତ ବସ୍ତୁରେ ପରିଣତ ହୁଏ ଏବଂ ସେଥିରୁ ଉତ୍ପନ୍ନ ହୁଏ ନାନା ବସ୍ତୁ ଯାହାକି

କ୍ରମେ ଉଦ୍ଭିଦ ପ୍ରାଣି ଆଦି ଓ ସେମାନଙ୍କ ସ୍ୱ ସ୍ୱ ଭାବରେ ପରିଣତ ହୁଅନ୍ତି । ଏହିପରି ଅସଂଖ୍ୟ ସୃଷ୍ଟି ହେଉଛି ଓ ମିଳାଇ ଯାଉଛି । ଅନାଦି ମଧ୍ୟଂ ବିଭୂତ୍ୱେନ ବର୍ତ୍ତସେ ଯତୋ ଜାତାନି ଭୁବନାନି ବିଶ୍ୱା-ଶ୍ୱେତାଶ୍ୱତରୋପନିଷତ୍ ୪।୪ । କେତେ ଚତୁରାନନ ମରି ମରି ଯାଉଛନ୍ତି ନାହିଁ ତବ ଆଦି ଅବସାନ । ତୋହି ଜନମି ପୁନ ତୋହି ସମାଉଛ ସାଗର ଲହରି ସମାନା ବିଦ୍ୟାପତି ।

ବେଦାନ୍ତ ଦିଏ ଆଧ୍ୟାତ୍ମିକ (Spiritual)ଐକ୍ୟ । ପରବର୍ତ୍ତୀ ଦର୍ଶନ ସବୁ ଦିଏ ନୈତିକ (Moral) ଐକ୍ୟ । ଆଧ୍ୟାତ୍ମିକ ଐକ୍ୟ ଅପରିବର୍ତ୍ତନୀୟ; କିନ୍ତୁ ଦେଶକାଳ ପାତ୍ର ଅନୁସାରେ ନୈତିକ ଐକ୍ୟ ପରିବର୍ତ୍ତନଶୀଳ ଏବଂ କ୍ରମବିକାଶଶୀଳ । ଐକ୍ୟ ଭାବର ମୂଳ ଉତ୍ସ ହେଉଛି ଆଧ୍ୟାତ୍ମିକ । ବିଶ୍ୱ ବା ଭଗବାନ୍ ସହିତ ମଣିଷର ଦୁଇପ୍ରକାର ସଂପର୍କ ଏକ ସାଙ୍ଗରେ ଅଛି । ଏକକ ଭାବେ ବା ବ୍ୟକ୍ତିଗତ ଜୀବଭାବେ ଏବଂ ସାମାଜିକ ଜୀବ-ଭାବେ । ଉପନିଷଦ୍ ଏ ଦୁଇଦିଗ କଥା କହିଥିଲେ ହେଁ ବ୍ୟକ୍ତି ଉପରେ ପ୍ରାଧାନ୍ୟ ଦେଇଛନ୍ତି, ବ୍ୟକ୍ତି ଦୃଷ୍ଟିରୁ ସମଗ୍ରର ବିଚାର କରିଛନ୍ତି । ଏହା କ୍ଷୁଦ୍ରଗଳ୍ପ ବୋଲି କୁହାଯାଇ ପାରେ । ପରବର୍ତ୍ତୀ ଦର୍ଶନ ସବୁ ମଧ୍ୟ ଏ ଦୁଇଦିଗ କଥା କହିଥିଲେ ହେଁ ସମାଜ ବା ସମଗ୍ର ଉପରେ ପ୍ରାଧାନ୍ୟ ଦେଇଛନ୍ତି, ସମଗ୍ର ଦୃଷ୍ଟିରୁ ବ୍ୟକ୍ତିର ବିଚାର କରିଛନ୍ତି । ଏ ସବୁକୁ ଉପ-ନ୍ୟାସ କୁହାଯାଇପାରେ । ଶଙ୍କରଙ୍କ ଅଦ୍ୱୈତବାଦ ବେଦାନ୍ତର ନିକଟ-ତମ । ପରବର୍ତ୍ତୀ ଦର୍ଶନ ସବୁ ସମାଜ ଆଡ଼କୁ କ୍ରମେ ଅଧିକରୁ ଅଧିକ ମୁହାଁଇଛନ୍ତି ।

୧୮୫୯ରେ origin of speciesରେ ଡ଼ାରଉଇନ୍ ମଣିଷ ମାଙ୍କଡ଼ରୁ ଜାତ ପ୍ରମାଣକରି ମଣିଷର ଦେବତ୍ୱ ଧ୍ୱଂସ କଲେ(ଭଲକଲେ) । ପରେ ମାର୍କସ (୧୮୧୮ ୧୮୮୩) ବ୍ୟକ୍ତିର ଏକକତ୍ୱକୁ ପ୍ରାୟ ଧ୍ୱଂସ କରିଦେଲେ । ରସେଲ ଯାହା କହିଛନ୍ତି ଯେ ଏ ଦୁହେଁ ଆଧ୍ୟାତ୍ମିକ ସେ କଥା ସତ; କାରଣ ମଣିଷକୁ ଏମାନେ ଆହୁରି ବିରାଟ ବାସ୍ତବତା ସହିତ ସମ୍ପର୍କିତ କଲେ । ମାର୍କସଙ୍କ ମତରେ ଏକକତ୍ୱ ହିଁ ଦୁର୍ନୀତି ଓ ଶୋଷଣକୁ ପୁଷ୍ଟକରେ; କିନ୍ତୁ ସେ ଯେଉଁ ଶ୍ରେଣୀହୀନ, ସଙ୍ଘର୍ଷହୀନ ସମାଜ

ଓ ରାଷ୍ଟ୍ରହୀନ ରାଷ୍ଟ୍ରର ସ୍ୱପ୍ନ ଥୋଇଲେ ତା'ର ଏକକତ୍ୱର ନାମାନ୍ତର । ତାଙ୍କ ଶ୍ରେଣୀହୀନତା ଓ ରାଷ୍ଟ୍ରହୀନତାକୁ ବସ୍ତୁତାନ୍ତ୍ରିକ ଅଦ୍ୱୈତବାଦ କୁହାଯାଇପାରେ; କିନ୍ତୁ ତାଙ୍କ ପନ୍ଥା ହେଉଛି ଦ୍ୱୈତ, ଦ୍ୱନ୍ଦ୍ୱ, ସଂଘର୍ଷ । କେହି କାହାରିକୁ ଦୟା କରିବା କଥା ନାହିଁ । ପ୍ରତ୍ୟେକ ପ୍ରତ୍ୟେକର ଦାବୀ ସ୍ୱୀକାର କରିବେ ଏବଂ ଫଳରେ ପ୍ରତ୍ୟେକ ପ୍ରତି ପ୍ରତ୍ୟେକର କର୍ତ୍ତବ୍ୟ ଆପେ ଆପେ ବାହାରକୁ ଆସିଯିବ । ଦାବୀମୁଖ୍ୟ, କର୍ତ୍ତବ୍ୟଗୌଣ, କିନ୍ତୁ ଶ୍ରେଣୀହୀନତା, ସଂଘର୍ଷ ହୀନତା, ରାଷ୍ଟ୍ରହୀନତା ହାସଲ କରିବା ପାଇଁ ଏକ ଅତି ଦୃଢ଼ ଶ୍ରେଣୀସଂଘର୍ଷ, ରାଷ୍ଟ୍ରର ପ୍ରୟୋଜନ ! କି ମୁସ୍କିଲ ! ପୂର୍ବରୁ ଏ ପର୍ଯ୍ୟନ୍ତ ବଜାଏ ରହିଥିବା ଏକ ଦୃଢ଼ ଶୋଷଣକାରୀ ସମାଜ ଏବଂ ଗଢ଼ି ଉଠୁଥିବା ଏକ ଦୃଢ଼ ଶୋଷଣହୀନ ସମାଜର ଷଣ୍ଢୁଆସି ଆକ୍ରମଣରେ ପଡ଼ି ମଣିଷର ଏକକ ବ୍ୟକ୍ତିତ୍ୱଟି ଛଟପଟ ! ତେଣୁ ଏକକ-ତ୍ୱର ବିକାଶପାଇଁ ପ୍ରତିଷ୍ଠାପାଇଁ ପୁଣି ବ୍ୟକ୍ତିର ବ୍ରହ୍ମ ସହିତ ସିଧାସଳଖ ସଂଯୋଗରେ ଏକ ବ୍ୟାକୁଳ ଚେଷ୍ଟା ଆରମ୍ଭ ହୋଇଛି-ହିପ୍ପି, ବିଏ-ଟ୍‌ନିକ୍ ଇତ୍ୟାଦି । ଭିତରେ କିନ୍ତୁ ଏକକତ୍ୱଟି ମୋଟା ମୋଟି ବଜାଏ ଅଛି ଏ ପର୍ଯ୍ୟନ୍ତ ।

ଆଜକୁ ନ'ଶହ ବର୍ଷ ପୂର୍ବେ ଭାରତରେ ଯେତେବେଳେ ଜାତି-ଭେଦ ପ୍ରଥା ପ୍ରବଳ ଥିଲା ସେତେବେଳେ ଯେଉଁ ମହାବିପ୍ଳବୀ ରାମାନୁଜ ବ୍ରାହ୍ମଣ ହୋଇମଧ୍ୟ ନଦୀରେ ସ୍ନାନ ସାରି ଦେବ ମନ୍ଦିରକୁ ଯିବାବେଳେ ଜଣେ ଅ-ବ୍ରାହ୍ମଣ କାନ୍ଧରେ ହାତ ରଖି ଯାଉଥିଲେ, ଯିଏ ଗୁରୁଦତ୍ତ ଗୁପ୍ତଦୀକ୍ଷା-ମୋକ୍ଷ ମନ୍ତ୍ର ଅନ୍ୟ ଆଗରେ ପ୍ରକାଶ କଲେ ନରକରେ ପଡ଼ିବାର ନିଶ୍ଚିତ ଜାଣିମଧ୍ୟ ମନ୍ତ୍ରଦାନପରେ ପରେ ସମସ୍ତଙ୍କ ମୋକ୍ଷ ପାଇଁ ବ୍ୟାକୁଳ ହୋଇ ମନ୍ଦିର-ଚୂଡ଼ାରେ ଛିଡ଼ା ହୋଇ ସମସ୍ତଙ୍କୁ ପାଟି-କରି ଡାକି ସମସ୍ତଙ୍କୁ ଚିତ୍କାର କରି ସେ ମନ୍ତ୍ରଟି ଜଣାଇଦେଲେ ଏବଂ ଗୁରୁ ପଚାରିବାରୁ କହିଲେ, ମୁଁ ଏକା ନରକକୁ ଯିବି ସିନା, ଏମାନେ ସମସ୍ତେତ ମୋକ୍ଷ ପାଇଯିବେ, ସେଇ ମହାବିପ୍ଳବୀ, ମହାମନୀଷୀ ରାମାନୁଜ-ଚାର୍ଯ୍ୟଙ୍କ ଚରଣରେ ବିନମ୍ର ପ୍ରଣତି ଜଣାଇ ମୁଁ ତାଙ୍କର ଉକ୍ତ ଉପମାର ବ୍ୟାଖ୍ୟା ବିଷୟରେ କିଞ୍ଚିତ ଆଲୋଚନା କରିବି ।

ଉପମେୟକୁ ଗଭୀର ଭାବେ ଅନୁଭବ କରିବା ପାଇଁ ଉପମା ଦିଆଯାଏ । ଉପମେୟର ସତ୍ୟତା ପ୍ରମାଣ କରିବା ପାଇଁ ଉପମା ଦିଆଯାଏ ନାହିଁ । ଉପମାଟି ସତ୍ୟ ହେଲେ ଯେ ଉପମେୟଟି ସତ୍ୟବୋଲି ପ୍ରମାଣିତ ହୋଇଗଲା, ତା’ ନୁହେଁ । ପୁଣି ଉପମାବର୍ଣ୍ଣିତ ବସ୍ତୁ, ବିଷୟ ବା ଭାବ ଯେ ସର୍ବତୋ ଭାବେ ଉପମେୟ ସହିତ ମେଳ ଖାଇବ ତା’ ବି ନୁହେଁ । ପୁଣି ଉପମା ବର୍ଣ୍ଣିତ ବସ୍ତୁ, ବିଷୟ ବା ଭାବର ସାମାନ୍ୟ ଗୋଟିଏ ଅଂଶ ଉପମେୟ ସହିତ ଖାପ ଖାଇଲେ ହେଲା । ଉଦାହରଣ— ଚନ୍ଦ୍ରମୁଖୀ ।

ପୁଣି ଉପମେୟ, କୌଣସି ଏକ ନିର୍ଦ୍ଦିଷ୍ଟ ସୀମିତ ବାସ୍ତବ ବିଷୟ ବା ଭାବଥିବା ସ୍ଥଳେ ଉପମା ବର୍ଣ୍ଣିତ ବିଷୟ ବା ଭାବ ଅସୀମ କପୋଳ-କଳ୍ପିତ ଅବାସ୍ତବ ହୋଇପାରେ । ଉପମେୟ କୌଣସି ଅମୂର୍ତ୍ତ (obstract) ବିଷୟ ଥିବା ସ୍ଥଳେ ଉପମାଟି ମୂର୍ତ୍ତ (Concrete) ହୋଇପାରେ ଏବଂ ଏହାର ବିପରୀତ ମଧ୍ୟ । ଏ ବିଷୟରେ ବିଶେଷ ଆଲୋଚନା ନକରି କେତୋଟି ଉଦାହରଣ ଦେଲେ ଯଥେଷ୍ଟ ହେବ :—

(କ) ଶେଲି ଗୋଟିଏ କବିତାରେ କୌଣସି ବ୍ୟକ୍ତିର ମନର ଆନ୍ଦୋଳିତ ଅବସ୍ଥାର ଉପମା ଦେବାକୁ ଯାଇ କହିଛନ୍ତି, ଭୂମିକମ୍ପବେଳେ କୌଣସି ପର୍ବତର ଏକ ତୀକ୍ଷ୍ଣ ଚୂଡ଼ା ଉପରେ ଗୋଟିଏ ଇଗଲ୍ ପକ୍ଷୀ ବସିବାକୁ ଚେଷ୍ଟା କରି ବସି ନପାରି ଯେମିତି ଏପାଖ ସେପାଖ ହେଉଥାଏ ସେମିତି ସେ ବ୍ୟକ୍ତିର ମନଟି ଆନ୍ଦୋଳିତ ହେଉଥିଲା ।

(ଖ) ସୀତାଙ୍କୁ ଠାବ କରିବାକୁ ଯାଇ ହନୁମାନ ରାବଣଙ୍କ ରମଣୀୟ ଉପବନରେ ପଶି ଗଛ ବୃଛ ସବୁ ଧ୍ୱସ୍ତବିଧ୍ୱସ୍ତ କରି ଦେବାରୁ ଉପବନ ଯେମିତି ଦିଶିଲା ବାଲ୍ମୀକି ତାହାର ଉପମା ଦେଇଛନ୍ତି —ଦ୍ୟୁତକ୍ରୀଡ଼ାରେ ପରାଜିତ ବ୍ୟକ୍ତି ବସ୍ତ୍ର ଆଭରଣ ଆଦି ହାରି ବସିଥିବା ଅବସ୍ଥାରେ ଯେମିତି ଦିଶେ ଉପବନଟି ସେମିତି ଦିଶୁଥିଲା ।

(ଗ) *ବାଲ୍ମୀକି ପୁଣି ଲେଖିଛନ୍ତି, ଅଶୋକବନରେ ସୀତାଙ୍କ ମ୍ଳାନମୂର୍ତ୍ତି କେମିତି ଦିଶୁଥିଲା, ନା ସନ୍ଦେହାକୁଳ ସ୍ମୃତି ନିପତିତ ସମୃଦ୍ଧି, ବିହତ ଶ୍ରଦ୍ଧା, ପ୍ରତିହତ ଆଶା, ମିଥ୍ୟା ଅପବାଦଗ୍ରସ୍ତ କୀର୍ତ୍ତି ଭଳି ।

(ଘ) କାଳିଦାସ ରଘୁବଂଶର ପ୍ରଥମ [ମଙ୍ଗଳା ଚରଣ] ଶ୍ଳୋକରେ କହିଲେ, ଶବ୍ଦ ଓ ଅର୍ଥର ପ୍ରତିପତ୍ତି ଲାଭ କରିବା ପାଇଁ ଶବ୍ଦ ସହିତ ଅର୍ଥ ଯେପରି ଜଡ଼ିତ ହୋଇଥାଏ (ଅର୍ଥ ନଥାଇ ଶବ୍ଦ ହୋଇ ପାରେନା ସେହିପରି ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଶିବ ଓ ପାର୍ବତୀଙ୍କୁ ମୁଁ ଆରାଧନା କରୁଛି ।

(ଙ) ବ୍ୟାସଦେବଙ୍କ ପ୍ରାୟ ଉପମା ଗମ୍ଭୀରତତ୍ତ୍ୱ ବିଷୟକ । ଗୋଟିଏ କଥାକୁ ବୁଝାଇବାକୁ ଯାଇ ସେ ଗୋଟିଏ ତତ୍ତ୍ୱକୁ ଉପମା ରୂପେ ବ୍ୟବହାର କରନ୍ତି- ଯଥା ;— (ଯୁଧିଷ୍ଠିର ଧର୍ମବକଙ୍କୁ କହୁଛନ୍ତି) ଏଇ ମହାମୋହରୂପ କଟାହରେ କାଳ ପ୍ରାଣୀ ସମୂହକୁ ପାକ କରୁଛି । ସୂର୍ଯ୍ୟ ତାହାର ଅଗ୍ନି, ଦିବା ଓ ରାତ୍ରି ତାହାର ଇନ୍ଧନ, ମାସ-ଋତୁ ତାହାର ଆଲୋଡନ କରିବା ଦର୍ବୀ (ଘାଣ୍ଟିବା କରଚୁଲି) ।

ଉପମାବର୍ଣ୍ଣିତ ବସ୍ତୁ, ବିଷୟ ବା ଭାବ ଯାହା ହେଉନା କାହିଁକି, ଉପମେୟକୁ ଯଦି ତାହା ଗମ୍ଭୀର ଭାବେ ହୃଦୟଙ୍ଗମ କରାଇ ନପାରେ ତେବେ ଉପମାଟି ବେଖାପ ହୋଇଯିବ ଏବଂ ବିରକ୍ତି ସୃଷ୍ଟି କରିବ । ପୁଣି ଉପମା ଏପରି ହେବା ଆବଶ୍ୟକ ଯେ ସମଗ୍ର ବିଷୟଟିର ମୌଳିକଭାବ ସହିତ ତାହା ଖାପ ଖାଉଥିବ ଏବଂ ତେଣୁ ମୌଳିକ ଭାବକୁ ଆହୁରି ସୁଦୃଢ଼ କରୁଥିବ । ଅବାନ୍ତର ଉପମା ତେଣୁ ବିରକ୍ତିକର ହୁଏ । ଅବାନ୍ତର ଉପମା ଆଦିରସାତ୍ମକ ହେଲେ ତାହା ଅଶ୍ଳୀଳ ହୁଏ । ବିଷୟ ବସ୍ତୁଟି ଯଦି ଆଦିରସାତ୍ମକ ତେବେ ଉପମା ନଗ୍ନ ହେଲେ ବି ଅଶ୍ଳୀଳ ବୁଝାଯିବ ନାହିଁ; କିନ୍ତୁ ବିଷୟବସ୍ତୁଟି ଯଦି ଭିନ୍ନ ରସର ହୁଏ ଏବଂ ଅବାନ୍ତର ଭାବରେ ଆଦିରସର ଉପମା ଦିଆଯାଏ ତାହା ବାଧେ ଏବଂ ତେଣୁ ଅଶ୍ଳୀଳ ହୁଏ ।

ଆଧୁନିକ ସାହିତ୍ୟରେ ଅନେକ ଉପମା କେତେକଙ୍କୁ ବେଖାପ ବା ଅଖାଡୁଆ ଲାଗେ । ଚନ୍ଦ୍ରର ଧବଳତ୍ୱକୁ ଯଦି ବଟୁଣିର ପଗଡ଼ିର ଧବଳତ୍ୱ ସହିତ ତୁଳନା ଦିଆଯାଏ କିମ୍ବା ଚନ୍ଦ୍ରର ବର୍ତ୍ତୁଳତ୍ୱକୁ ଯଦି ଝିଲସାନୋ (ସେକା) ରୁଟି' ସହିତ ତୁଳନା କରାଯାଏ ତେବେ ଚନ୍ଦ୍ରର ଧବଳତ୍ୱ ବା ବର୍ତ୍ତୁଳତ୍ୱ ପ୍ରତି ଆବେଗ ଜାତହେବକି ? ନିଶ୍ଚୟ ହେବ, ଯଦି ବିଷୟବସ୍ତୁର ମୂଳଭାବ ସହିତ ଏ ଉପମା ଖାପ ଖାଉଥାଏ ଏବଂ ତେଣୁ ମୂଳଭାବକୁ ଆହୁରି

ଗମ୍ଭୀରଭାବେ ହୃଦୟଙ୍ଗମ କରାଉଥାଏ । ସଚିବାବୁଙ୍କ ଯେଉଁ କବିତାରେ ପ୍ରଥମୋକ୍ତ ଉପମାଟି ଏବଂ ବଙ୍ଗଳାର ସୁକାନ୍ତ ଭଟ୍ଟାଚାର୍ଯ୍ୟଙ୍କ (ଆହା, ଏଇ ପ୍ରତିଭାଶାଳୀ କବି ମାତ୍ର ଏକୋଇଶ ବର୍ଷରେ ପ୍ରାଣତ୍ୟାଗ କଲେ ! ) ଯେଉଁ କବିତାରେ ଦ୍ୱିତୀୟୋକ୍ତ ଉପମାଟି ବ୍ୟବହାର କରାଯାଇଛି ସେ କବିତାଦୁଇଟି ସୁପରିଚିତ । କବିତା ଦୁଇଟି ପଢ଼ିଲେ ହୃଦୟଙ୍ଗମ ହୁଏ, ଉପମା ଦୁଇଟି ଯଥାର୍ଥ ଭାବଦ୍ୟୋତକ ।

ଅନେକ ସମୟରେ କେବଳ ଚମତ୍କାରିତା ସୃଷ୍ଟି କରିବାପାଇଁ ବା ଆଧୁନିକତା ଦେଖାଇ ଦେବାପାଇଁ ଅଖାଡ଼ୁଆ ଉପମା ବ୍ୟବହାର କରାଯାଉଛି । ସେଇଥିପାଇଁ ଅନେକ ସମୟରେ ଏଭଳି ଉପମା ଦୁର୍ବୋଧ, ବିରକ୍ତିକର ଓ ହାସ୍ୟପ୍ରଦ ହେଉଛି । ଅପର ପକ୍ଷରେ, ପୁରୁଣାକାଳିଆ (ମଧ୍ୟଯୁଗୀୟ) ସାହିତ୍ୟ ପଢ଼ି ପଢ଼ି ପାଠକମାନଙ୍କ ରସବୋଧ ଏମିତି ଗୋଟିଏ ଫର୍ମାରେ ପଡ଼ିଯାଇଛି ଯେ ଆଧୁନିକ ଉପମାର ରସବୋଧ ହୋଇପାରୁନାହିଁ । ବୃଦ୍ଧ କହିବା ମାତ୍ରକେ ଗୋଟାକ ସୁନ୍ଦର କୋମଳ କଥା ମନକୁ ଆପେ ଆପେ ଆସି ଯାଉଥିବାରୁ ବୃଦ୍ଧକୁ ବବୁରିର ପରାଡ଼ ବା ସେକାରୁଟି ସହିତ ତୁଳନା କଲେ ଭଲ ଲାଗୁନାହିଁ ।

ଏହି ଦୃଷ୍ଟିରୁ 'ତସ୍ୟ ଯଥା କପ୍ୟାସଂ...'ର ବ୍ୟାଖ୍ୟା ଆଲୋଚନା କରାଯାଉ । ଉପନିଷଦ୍‌ର ଋଷି କାହିଁକି ଏ ଉପମାଟି ଦେଲେ ସେହି ଦୃଷ୍ଟିରୁହିଁ ଆଲୋଚନା କରାଯିବ । ଯାଦବ ପ୍ରକାଶଙ୍କ ବ୍ୟାଖ୍ୟା ହୁଏତ ସଂପୂର୍ଣ୍ଣ ଠିକ୍ ହୋଇନଥିଲା (ଉକ୍ତ ପୁସ୍ତକରୁ ଯାହା ଜଣାପଡ଼ୁଛି) । ଉପନିଷଦ୍‌ରେ ଭଗବାନଙ୍କ ଆଖିର ରକ୍ତିମାକୁ ମାଙ୍କଡ଼ ପିଚ୍ଛର ରକ୍ତିମା ଓ ପଦ୍ମର ରକ୍ତିମା ସହିତ ତୁଳନା କରାଯାଇଥିବା ସ୍ଥଳେ ଯାଦବପ୍ରକାଶ କେବଳ ମାଙ୍କଡ଼ ପିଚ୍ଛର ରକ୍ତିମା କଥା କହିଲେ ।

ବୃଦ୍ଧର ଧବଳତ୍ୱକୁ ବବୁରିର ପରାଡ଼ର ଧବଳତ୍ୱ ସହିତ ଯେଉଁ ତୁଳନା ହୋଇଛି ତାହା କେବଳ ଧବଳତ୍ୱ ପାଇଁ । ଅତଏବ ଅନ୍ୟସବୁ ବାଦ ଦେଇ କେବଳ ଧବଳତ୍ୱ ଉପରେ ମନକୁ କେନ୍ଦ୍ରୀଭୂତ କଲେ ଉପମାଟିର ସୌନ୍ଦର୍ଯ୍ୟ ଓ ଗୁରୁତ୍ୱ ଉପଲବ୍ଧି ହେବ । ଭୁଲିଯିବାକୁ

ହେବ ଯେ ଚନ୍ଦ୍ର ମହାନ୍ ଦେବତା ଓ ବବୁର୍ଚ୍ଚି ଗୋଟିଏ ତୁଚ୍ଛ ବ୍ୟକ୍ତି
(ଆଜକାଲି ଚନ୍ଦ୍ରକୁ ଯେତେବେଳେ ବହୁଥର ମଣିଷ ଗଲେଣି
ସେତେବେଳେ ଚନ୍ଦ୍ର ଯେ ପଚଡ଼ା ଭଳି ଏକ ବସ୍ତୁ ଏହା ଭାବିବାକୁ ଆଉ
ଅସୁବିଧା ନାହିଁ । ପୂର୍ବେ ଏପରି ଭାବିବା ହୁଏତ ଅସମ୍ଭବ ଥିଲା) ।
ଭୁଲିଯିବାକୁ ପଡ଼ିବ ଚନ୍ଦ୍ରମା ଦେଖିବାକୁ ସୁନ୍ଦର ଓ ବବୁର୍ଚ୍ଚିଟା କାଳିଆ
କଦାକାର । କେବଳ ଧବଳତ୍ୱଟି ମନେ ରଖିବାକୁ ପଡ଼ିବ । ଏହା
ଅମୂର୍ତ୍ତ (obstract) ହୋଇଥିବାରୁ ବ୍ୟକ୍ତିକୁ (ଚନ୍ଦ୍ର ଓ ବବୁର୍ଚ୍ଚିକୁ)
ବାଦ୍ ଦେଇ କେବଳ ପଗଡ଼ିରେ ଧବଳତ୍ୱ ଉପରେ ଧ୍ୟାନଦେବା
ଅବଶ୍ୟ କଷ୍ଟକର । ସେହିପରି, ଗୋଟିଏ ଦରିଦ୍ର ବୁଭୁକ୍ଷୁ ଲୋକ ଖଣ୍ଡେ
ପୁରିରୁଟି ପାଇବାର କଳ୍ପନା ଜଳ୍ପନା କରୁ କରୁ ଦେଖିଲା ଆକାଶରେ
ପୁନେଇ ଚନ୍ଦ୍ର ଉଠିଛି । ତାକୁ ଲାଗିଲା, ଖଣ୍ଡେ ଚନ୍ଦ୍ର ଖଣ୍ଡେ ପୁରି ରୁଟି
ତାଓୟାରୁ ଏଇମାତ୍ର ସେକାହୋଇ ବାହାରିଛି !

ସେହିପରି ରକ୍ତିମା ଉପରେ ଧ୍ୟାନସ୍ଥିରକଲେ ହୃଦୟଙ୍ଗମ ହେବ
ଯେ ଭଗବାନଙ୍କ ଆଖିରେ ବାଳସୂର୍ଯ୍ୟର ଯେଉଁ ରକ୍ତିମା ତାହା ମାଙ୍କଡ଼-
ପିଚ୍ଛରେ ମଧ୍ୟ ଅଛି । ଆମକୁ ଅଡୁଆ ଲାଗୁଚି ଯେ ଭଗବାନଙ୍କ ମହିମା
କ୍ଷୁର୍ଣ୍ଣ କରା ହେଲା । ପୁଣି, ଭଗବାନଙ୍କ ଆଖି ପ୍ରସଙ୍ଗରେ ମାଙ୍କଡ଼ ପିଚ୍ଛ
କଥା କହିବା ଅଶ୍ଳୀଳତା ମଧ୍ୟ, କିନ୍ତୁ ଉପମା ଓ ଅପମେୟ ବର୍ଣ୍ଣିତ ବ୍ୟକ୍ତି-
ମାନଙ୍କର ବ୍ୟକ୍ତିତ୍ୱ ଭୁଲିଯାଇ କେବଳ ରକ୍ତିମା ଉପରେ ଧ୍ୟାନଦେଲେ
ଏପରି ମନେ ହେବ ନାହିଁ ।

ଇୟା ଭିତରେ ପୁଣି ଆଉ ଏକ କଥା ଅଛି । ନୈତିକ ଲୋକେ
ଏ ଉପମାକୁ ଭୟ କରିବେ । ଭଗବାନଙ୍କୁ ଯଦି ଏମିତି ଯାହା ତାହା
ସହିତ ତୁଳନା କରାଯାଏ ତେବେ ତ ଭଗବାନଙ୍କ ପ୍ରତି ଭକ୍ତି ଚାଲିଯାଇ
ଘୋର ବିଶୃଙ୍ଖଳାଭାବ ଜାତ ହେବ, ଭଲମନ୍ଦ ବିଚାର ରହିବ ନାହିଁ ।
ସର୍ବେ ହୋଇବେ ଏକାକାର, ଭେଦର ନଥିବ ବିଚାର ! କି ସର୍ବନାଶ !
ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ତ ଆତୁର ଉଚ୍ଚରିବେ, କାରଣ ତାଙ୍କ ପ୍ରତି-
ପତ୍ତିରେ ଘୋର ବାଧା ଆସିବ ।

କିନ୍ତୁ ଆଧ୍ୟାତ୍ମିକ ଐକ୍ୟ ବା ଅଦ୍ୱୈତ ବାଦର ଏ ଭୟ ନାହିଁ । ଏକଥା ଆଗରୁ କହିଛୁ । ସେମାନଙ୍କ ସୁନ୍ଦର-ଅସୁନ୍ଦର, ପାପ-ପୁଣ୍ୟ, ଜୀବନ-ମୃତ୍ୟୁ, ସତ୍-ଅସତ୍ ଭେଦଭାବ ନାହିଁ । କାରଣ ସବୁତ ଭଗବାନଙ୍କ ପ୍ରକାଶ । ଗୀତାରେ ଭଗବାନ ଏହିକଥା କହିଛନ୍ତି । ତେଣୁ ଭଗବାନଙ୍କ ଆଖିର ରକ୍ତିମା ଯଦି ମାଙ୍କଡ-ପିଚ୍ଛରେ ଦେଖିବାକୁ ମିଳିଲା ତେବେ ସେ ଉପମା ଦେବାରେ ଅଦ୍ୱୈତବାଦିଙ୍କ ପକ୍ଷରେ ବାଧା ବା ଦ୍ୱିଧା ନାହିଁ । ଅଦ୍ୱୈତବାଦୀତ ଭଗବାନ୍ ଓ ମାଙ୍କଡ-ପିଚ୍ଛ ଭିତରେ କୌଣସି ଭେଦ ଦେଖେନାହିଁ । ମାଙ୍କଡ-ପିଚ୍ଛର ରକ୍ତିମା ଦେଖିବା ମାତ୍ରକେ ତାକୁ ଭଗବାନଙ୍କ ଆଖିର ରକ୍ତିମା (ବଳାରୁଣ ରକ୍ତିମା ଦିଶିଯାଏ ଓ ଆବେଗ ଜାତହୁଏ । ପାଡମାଙ୍କଡ-ପିଚ୍ଛର ରକ୍ତିମା ଅଳ୍ପକାଳ ପ୍ରଭାତ ସୂର୍ଯ୍ୟର ରକ୍ତିମା ଭଳି । ଉପନିଷଦ୍‌ର ଅଦ୍ୱୈତଭାବ ସହିତ ଏ ଉପମାଟି ଖାଲି ଖାପ ଖାଉନାହିଁ, ସେ ଭାବକୁ ଆହୁରି ଦୃଢ଼ୀଭୂତ କରୁଛି ଏବଂ ଅଦ୍ୱୈତ ଭାବ ପ୍ରତି ଆବେଗ ଜାତ କରାଉଛି । ଏକ ମହାନ ବ୍ୟାପ୍ତି ମନକୁ ଆଣି ଦେଉଛି-ଅହୋବତ ! ଯେଉଁ ରକ୍ତିମା ଭଗବାନଙ୍କ ଆଖିରେ, ତାହା ପଦ୍ମରେ, ପୁଣି ତାହା ମାଙ୍କଡ଼ ପିଚ୍ଛରେ ! ଏହିଭଳି ଏକ ଅଖାଡୁଆ ଉପମା ଦେବାଦ୍ୱାରାହିଁ ସେ ଅଦ୍ୱୈତ ବ୍ୟାପକତ୍ୱଟି ଆସୁଛି । ଖାଲି ମଧୁର କୋମଳ ଉପମାଟିଏ ଦେଇଥିଲେ ଏହା ହୋଇ-ନଥାନ୍ତା ।

ରାମାନୁଜ ତାଙ୍କ ବ୍ୟାଖ୍ୟାରେ କେବଳ ମାଧୁର୍ଯ୍ୟଭାବଟି ପ୍ରକଟକଲେ ଯଦିଓ ସ୍ପଷ୍ଟ ଜଣାପଡୁଚି ଉପନିଷଦ୍‌ର ତାହା ଉଦ୍ଦେଶ୍ୟ ନୁହେଁ । ଉପନି-ଷଦ୍‌ର ଉପମା ଭଗବାନଙ୍କ ଐଶ୍ୱର୍ଯ୍ୟ ଏ ମାଧୁର୍ଯ୍ୟ ଉଭୟକୁ ସମାନ ଭାବରେ ପ୍ରକଟ କରୁଛି । କିନ୍ତୁ ରାମାନୁଜ ଏ ଦୁହିଁଙ୍କୁ ସ୍ୱୀକାର କରୁଥିଲେ ହେଁ ମାଧୁର୍ଯ୍ୟଭାବ ଓ ଶାନ୍ତ ଆଦି ଉପରେ ବେଶୀ ପ୍ରାଧାନ୍ୟ ଦେଉଥିବାରୁ ମାଙ୍କଡ ପିଚ୍ଛ ଉପମାଟି ତାଙ୍କୁ ଭାରି ବାଧିଲା, କିନ୍ତୁ ତାଙ୍କୁ ବାରମ୍ବାର ପ୍ରଣାମ କରି ମୁଁ ଅତି ବିନୀତ ଭାବରେ କହିବି ଯେ ତାଙ୍କ ବ୍ୟାଖ୍ୟାଟି ଉପନିଷଦ୍‌ର ମୂଳଭାବ ସହିତ ଖାପ ଖାଉନାହିଁ ।

ଅସଲ କଥା ହେଉଚି, ଉପମେୟ ଓ ଉପମା ପ୍ରତି ସମାନ ବିଶ୍ୱାସ ଓ ଆବେଗ ନଥିଲେ ଉପମାଟି ବିରକ୍ତି ସୃଷ୍ଟି କରିବ । ଯାଦବ

ପ୍ରକାଶଙ୍କ ଏ ଆବେଗ ହୁଏତ ନଥିଲା । ଯଦି ଥାଆନ୍ତା ତେବେ ଉପ-ମାଟିର ଐଶ୍ବର୍ଯ୍ୟ ଓ ମାଧୁର୍ଯ୍ୟ ଭାବ ସେ ବୁଝାଇ ଦେଇପାରିଥାନ୍ତେ । ରାମାନୁଜଙ୍କ ଉପରେ ରାଗି, ରାମାନୁଜ ଅଦ୍ୱୈତବାଦର ସର୍ବନାଶ କରିବେ ବୋଲି ନିଜ ଅହଙ୍କାର ଜନିତ ଭୟରୁ ତାଙ୍କୁ ମାରିବା ପର୍ଯ୍ୟନ୍ତ ଯାଇ ନଥାନ୍ତେ । ସେ ଯେଉଁ ମତ ଗ୍ରହଣ କରିଛନ୍ତି ସେ ମତ କାଟ ଖାଇଯିବ ଓ ତେଣୁ ତାଙ୍କ ଅସ୍ତିତ୍ୱ ରହିବନାହିଁ, ଏହି ଅହଙ୍କାର ଜନିତ ଭୟ ତାଙ୍କୁ ହୁଏତ ମାଡ଼ି ବସିଲା । ଅଦ୍ୱୈତବାଦ ପ୍ରତି ତାଙ୍କର ଯଦି ଆବେଗ ଓ ବିଶ୍ୱାସ ଥାଆନ୍ତା ସେ ନିଶ୍ଚୟ ଭାବନ୍ତେ, ଗୋଟାଏ ମତ ରହିଲେ କେତେ, ଗଲେ କେତେ ! ହୁଏତ ଏଇଥିପାଇଁ ତାଙ୍କର ବୁଝାଇବା ଭଙ୍ଗୀ ଏପରି ଶୁଷ୍କ ଥିଲା ଯେ ରାମାନୁଜଙ୍କ ମନରେ ତାହା ଆବେଗ ଜାତ କରାଇ-ପାରିଲା ନାହିଁ । ଅପର ପକ୍ଷରେ, ହୁଏତ ରାମାନୁଜଙ୍କ ମାଧୁର୍ଯ୍ୟ ଭାବ, ଚୈତନ୍ୟ, ଦ୍ୱୈତଭାବ ବା ବିଭିନ୍ନତା ପ୍ରତି ଯେଉଁ ଆବେଗ ଥିଲା ତାହା ଐଶ୍ବର୍ଯ୍ୟ ବା ଅଦ୍ୱୈତଭାବ ପ୍ରତିନଥିଲା । ଭଗବାନ୍ ଅଦ୍ୱୈତକୁ ସେ ଖାଲି ଏକ ଗାଣିତିକ ସତ୍ୟବୋଲି ଗ୍ରହଣ କରି ବିଶ୍ୱାସ କରୁଥିଲେ ମିନା, ଅତି ଅମୂର୍ତ୍ତ (abstract) ଭାବ ପ୍ରତି ତାଙ୍କ ଆବେଗ ଜାତ ହେଉ ନଥିଲା ।

ଅସଲ କଥା ହେଉଛି, ଉପମା ଓ ଉପମେୟ ବର୍ଣ୍ଣିତ ବିଷୟ ପ୍ରତି ବିଶ୍ୱାସ ଓ ଆବେଗ ଉଭୟ ଥିବ, ଜ୍ଞାନ ଥିବ ଏବଂ ସେ ଜ୍ଞାନକୁ ହୃଦୟରେ ଅନୁଭବ କରିପାରୁଥିବ । ଫୁଲ ଫାର୍କିଆ ହୋଇ ବା ଚମତ୍କାରିତା ସୃଷ୍ଟି କରିବା ପାଇଁ ଗୋଟାଏ ଉପମା ଦେଇଦେଲେ ତାହା ହାସ୍ୟାସ୍ପଦ ଓ ବିରକ୍ତିକର ହେବ ।

—❋—

ଝଙ୍କାର-୨୩ଶ ବର୍ଷ-୯ମ ସଂଖ୍ୟା
ଡିସେମ୍ବର-୧୯୭୧

# ଚେତନାର ରୂପାନ୍ତର

ଶ୍ରୀ ସଚ୍ଚି ରାଉତରାୟ

ଆଜ ମଣିଷର ସ୍ୱବରୋଧ ଓ ବଚ୍ଛିନ୍ନତା ଯେପରି ସୁଦୂର ପ୍ରସାରିତ, ତାହା ଏଥିପୂର୍ବରୁ କେବେ ଦେଖାଯାଇ ନଥିଲା । ଚିନ୍ତା ଓ କର୍ମ ମଧ୍ୟରେ ବ୍ୟବଧାନ, ବ୍ୟକ୍ତି ମାନସ ଓ ସମାଜ—ମାନସ ମଧ୍ୟରେ ବିଚ୍ଛେଦ, ଅନୁଭୂତି ଓ ଚିନ୍ତା ମଧ୍ୟରେ ଅସମନ୍ୱୟ ଏବଂ ଆଂଗିକ ଓ ଆତ୍ମିକ ମଧ୍ୟରେ ଅସାମଞ୍ଜସ୍ୟ,—ଏହାହିଁ ଯେପରି ଆଜର ପରିଚିତ ପ୍ରେକ୍ଷାପଟ । ଏ ପରିସ୍ଥିତିକୁ ଲେଖକ କିନ୍ତୁ ନିଜେ ତିଆରି କରିନାହିଁ । ଏହା ତାର ଅଲଙ୍ଘନୀୟ ଉତ୍ତରାଧିକାର ଏବଂ ଏକ ପ୍ରକାର ସାମାଜିକ ଅଦୃଷ୍ଟ କହିଲେ ଚଳେ ।

ଏହିଭଳି ପରିସ୍ଥିତିରେ ପଶ୍ଚିମର ଫରାସୀ ପ୍ରତୀକବାଦର ଆଦ୍ୟ ଓ ମଧ୍ୟପର୍ବରେ କିଛିଟା ମିଳିପାରେ । ବୁଦେଲଅର୍, ତାଙ୍କ ଯୁଗକୁ କି ଚକ୍ଷୁରେ ଦେଖୁଥିଲେ ? କ'ଣ ଥିଲା ତାଙ୍କର ଏବଂ ମାଲାର୍ମେ, ରଁ୍ୟାବୋ, ଭାଲେରୀ ପ୍ରମୁଖଙ୍କର ଆଭିମୁଖ୍ୟ ? ବୁଦେଲଅର ତାଙ୍କ ଯୁଗ ସମ୍ବନ୍ଧରେ କହିଛନ୍ତି ଯେତେବେଳେ ସବୁକିଛି ମିଥ୍ୟା ହୋଇପଡ଼େ, ଧର୍ମ, ଶାସନ, ଗବର୍ଣ୍ଣମେଣ୍ଟ ପ୍ରଚଳିତ ମୂଲ୍ୟ ସବୁକିଛି ଅସାର ଓ ଅଚଳ ହୋଇଯାଏ, **"Action is no longer the sister of dreams"** । ଠିକ୍ ମଧ୍ୟଯୁଗରେ ଖ୍ରୀଷ୍ଟିଆନ ଶ୍ରମଣମାନେ ଯେପରି ନିଜକୁ ସମାଜ ଓ ସଂସାରଠାରୁ ସମ୍ପୂର୍ଣ୍ଣ ଦୂରେଇ ରଖି ବନ୍ଧକୋଠରି ଭିତରେ ବସି **virgil** ଗ୍ରନ୍ଥ ଉଦ୍ଧାରବାରେ ଲାଗିଥିଲେ, ଏବଂ ତଦ୍ଦ୍ୱାରା ସେଣ୍ଟ୍ ଅଗଷ୍ଟିନ୍ ଓ ଲ୍ୟାଟିନ୍ କବିମାନଙ୍କର ସ୍ୱପ୍ନ ସତ୍ୟରେ ପରିଣତ ହେବ ବୋଲି ଆଶା କରୁଥିଲେ, ଠିକ୍ ସେହିପରି ବୁଦେଲଅର୍,

ଇଂ୍ୟାନବା, ମ୍ୟାଲାର୍ମେ, ଭ୍ୟାଲେରୀ ରାଜନୈତିକ ଆଶାଭଙ୍ଗ ଓ ଧର୍ମୀୟ ବିଶୃଙ୍ଖଳାରେ ପୀଡ଼ିତ ହୋଇ ଅପାର୍ଥିବକୁ ହିଁ ଆଶ୍ରୟକରି ବଞ୍ଚିଥିଲେ ଏବଂ କଳ୍ପନାକୁ ସୂକ୍ଷ୍ମରୁ ସୂକ୍ଷ୍ମତର କରିବାରେ ଏବଂ ସବୁ ଜିନିଷକୁ ତାର ବିଶୁଦ୍ଧ ରୂପରେ ଚିତ୍ର କରିବାରେ ବ୍ୟାପୃତ ଥିଲେ ।

ଭ୍ୟାଲେରି ବୁଦେଲାଅରଙ୍କ ଭଳି ଦୃଶ୍ୟମାନ ଜଗତ ଅପେକ୍ଷା ଅଦୃଶ୍ୟ ଜଗତ ଉପରେ ହିଁ ଅଧିକ ଗୁରୁତ୍ୱ ଦେଇ ଯାଇଛନ୍ତି । ତାଙ୍କ ଚରିତ୍ର M. Teste—ଯାହାଙ୍କୁ ଅନେକ "The ultimate Romantic" କହନ୍ତି. ଏବଂ ନିଜେ ଭ୍ୟାଲେରି ଯାହାଙ୍କୁ "A monster of isolation and singular knowledge" କହିଛନ୍ତି, ଏହା ବୌଦ୍ଧିକ ଅହଙ୍କାରର ଏକ ପ୍ରମୂର୍ତ୍ତନ ମାତ୍ର । ତାର ବାସସ୍ଥାନ ଚିନ୍ତାର ଧ୍ରୁବଲୋକରେ—ବାସ୍ତବଜଗତ ସହିତ ତାର କିଛିମାତ୍ର ସମ୍ପର୍କନାହିଁ । ଭ୍ୟାଲେରି ଅସତ୍ତା ବା nothingnessକୁ ଏକ ବିଶେଷ ଅର୍ଥରେ ବ୍ୟବହାର କରିଛନ୍ତି—ଯାହା ଅଦ୍ୱୈତ ବେଦାନ୍ତବାଦୀର "ପ୍ରଜ୍ଞପ୍ତି" ପରି, ଅର୍ଥାତ୍ ଯାହା ପ୍ରଜ୍ଞାତ ହୁଏ ମାତ୍ର ତାହାନୁହେଁ । ମାଲାର୍ମେ ଅସତ୍ତାକୁ ଏକ ପ୍ରତିଭାସରୂପେ ଦେଖିଛନ୍ତି । ସମସ୍ତ କିଛିହିଁ ତାଙ୍କ ଦୃଷ୍ଟିରେ ମାୟା ବା ପ୍ରତିଭାସ । ବାର୍ଗସଙ୍କ ଦର୍ଶନର ଅନ୍ୟ ଏକ ଉପଜୀବ୍ୟ ଥିଲା ଭୌତିକ ପଦାର୍ଥର ଅହେତୁତ୍ୱ ଠିକ୍ ଯେପରି ସୋପେନହେୟାରଙ୍କ ନିଷ୍କାମନା (absence of desire to be) ଏଇପରି ବିଭିନ୍ନ ନେତି ମୂଳକ ଆଭିମୁଖ୍ୟ ଇତିହାସର ବିଭିନ୍ନ ପର୍ଯ୍ୟାୟରେ ମଣିଷ ମନରେ ଧୂମକୁଣ୍ଡଳୀ ସୃଷ୍ଟି କରିଛି । ତାର ସହଜ ଶକ୍ତିକୁ ଆଚ୍ଛନ୍ନ ଓ ପ୍ରତିହତ କରିଛି । ଏଇ ପର୍ଯ୍ୟାୟର ଆଭିମୁଖ୍ୟ ଭ୍ୟାଲେରୀଙ୍କ ଲେଖାମାନଙ୍କରେ, ବିଶେଷତଃ ତାଙ୍କର 'L' Ame et lao Danse' ରେ (The soul and the dance) ବେଶ୍ ପରିସ୍ଫୁଟ ।

"The Soul's one perpetual aim is certainly that which does not exist, which was but is no longer, which will be but is not yet, that which is possible. or impossible, that is the soul's business, never that which is."

ଯାହାଅଛି ଆତ୍ମା ତା'ଠାରୁ ଦୂରରେ ରହେ । ଯାହାଥିଲା ଅଥଚ ବର୍ତ୍ତମାନ ନାହିଁ, ଯାହା ହୋଇପାରେ ମାତ୍ର ଏ ପର୍ଯ୍ୟନ୍ତ ହୋଇ ନାହିଁ, ଯାହା ସମ୍ଭବ ପୁଣି ଅସମ୍ଭବ, ଆତ୍ମା ତା'ର ପ୍ରତି ଉନ୍ମୁଖ, ଯାହା ଯେପରି ଅଛି ତା ପ୍ରତିନୁହେଁ । ଆଧୁନିକ କାଳର ସ୍ଥିତିବାଦ ଅନେକଟା ଏଇ ନହୋଇ ପାରିବାର ଯନ୍ତ୍ରଣାରେ ହିଁ ପୀଡ଼ିତ । ଭାରତ ବର୍ଷର ସମ୍ପ୍ରୀତି ବୌଦ୍ଧଶୂନ୍ୟବାଦ ମଧ୍ୟରେ ଠିକ୍ ଏଇପରି ଢଙ୍ଗେ ଏକ ଉପୁଙ୍କଳ ନେତୃତ୍ୱରେ ଆନ୍ଦୋଳିତ ହୋଇଥିଲା—ଯେତେବେଳେ ଭଗବାନ ବୁଦ୍ଧ ନେତିତ୍ୱକୁ ପରମପଥ ବୋଲି ଘୋଷଣା କଲେ'—

"Because all Dharmas have one mark only, that is no mark It is for this reason that all Dharmas have the character of not having been fully known by the Tathagatas, but just one single one is the nature of all dharmas. And the nature af all dharmas is non nature and this non nature is their nature. It is thus all points of attachment is abandoned.

(Astasaharika, 8, 192)

ସମକାଳୀନ ମଣିଷର ଚେତନା ଖଣ୍ଡିତ ଓ ଭଗ୍ନାଂଶ—ଚେତନା । ଏହା ପୂର୍ଣ୍ଣମଦଂ ପୂର୍ଣ୍ଣମିଦଂ ପୂର୍ଣ୍ଣା ପୂର୍ଣ୍ଣମୁଦଚ୍ୟ ତୋ'ର ଧାରଣା କରିବାକୁ ଅକ୍ଷମ ।

ବ୍ୟକ୍ତିତ୍ୱର ବିଚ୍ଛିନ୍ନ, ସ୍ୱବିରୋଧ ଓ ଅନ୍ତର୍ଦ୍ୱନ୍ଦ୍ୱରେ ସ୍ୱବିଭକ୍ତ ମଣିଷ ମନର ଯନ୍ତ୍ରଣା, ଏହା ଆଜି ସାହିତ୍ୟର ସ୍ୱଭାବିକ ଉପଜୀବ୍ୟ ନହେବାର ଉପାୟ ନାହିଁ । ମନେହୁଏ ମଣିଷ ଯେପରି ଆଜି ନିଜରଇ ଶିକାର ହୋଇପଡ଼ିଛି । ସେଥିରୁ ତାର ମୁକ୍ତି ନାହିଁ । ତେଣୁ ଏ ଯୁଗୀୟ ଚେତନା ସିନ୍ଧୁର ଗୋଟାଚିତ୍ର ଦେବାକୁ ଚେଷ୍ଟା ନକରି ବରଂ ବିନ୍ଦୁ ମଧ୍ୟରେ ସିନ୍ଧୁର ପରିଚୟ ଦେଇ ପାରିବାଭଳି ଶୈଳ୍ପିକ ଆଂଗିକ ଅନ୍ୱେ-ଷଣରେ ବ୍ୟସ୍ତ ।

ଏ ଯୁଗର ମଣିଷ ତାର ନିଜ ସୀମା ସମ୍ବନ୍ଧରେ ସଚେତନ । ସେ ନିଜକୁ ଅକପଟ ଭାବରେ ପ୍ରକାଶ କରିବାର ପକ୍ଷପାତୀ । ପୂର୍ବପୁରୁଷଙ୍କ

ପରି ତାର ନିଜର ପ୍ରକାଶ ପାଇଁ କୌଣସି ଧର୍ମୀୟ ବା ଶାସ୍ତ୍ରୀୟତାର ମୁଖା ଲୋଡ଼ନ୍ତିନାହିଁ । ସେ ଧର୍ମର ଖୋଳବଗଲାଣ୍ଡା ଖୁଣ୍ଡ ବାସ୍ତବତାର ସୋଜାସୁଜ ମୁକାବିଲା କରିବାକୁ ଚାହେଁ । ଏଇ ମୁକାବିଲା ହିଁ ତାର ଧର୍ମ ।

ରୂଢ଼ ବାସ୍ତବତାର ମୁକାବିଲା କରିବା ପ୍ରଣାଳୀରେ, ସେ ବାସ୍ତବତାର ପରିବର୍ତ୍ତନ ଘଟାଇବା ସଙ୍ଗେ ସଙ୍ଗେ ନିଜ ଚେତନାର ମଧ୍ୟ ରୂପାନ୍ତର ସାଧନକରି ଚାଲିଛି । ଏହାହିଁ ଜୀବନର ଗତି ଓ ପ୍ରକୃତି, ତେଣୁ ସାହିତ୍ୟର ମଧ୍ୟ । ମଣିଷ ନିଜର ପରିବେଶକୁ ବଦଳାଇବାକୁ ଯାଇ ନିଜେ ବଦଳି ଚାଲିଥାଏ ଏବଂ ବଦଳି ଚାଲିଛି ।

ଆଜି ପୃଥିବୀର ସବୁଠି ଆମେ ଶୁଣିବାକୁ ପାଉଁ ସ୍ଥିତାବସ୍ଥା ବିରୁଦ୍ଧରେ ଏକ ପ୍ରବଳସ୍ୱର । ଏହାକୁ କେହି କେହି ତରୁଣର ଆତ୍ମ ଅନ୍ୱେଷଣ ବା **'Search for an identity'** କହୁଛନ୍ତି । ପ୍ରଚଳିତ ବ୍ୟବସ୍ଥା ଭିତରେ ତରୁଣ ନିଜକୁ ହରାଇବସିଛି ବୋଲି ସ୍ଥିତିବାଦୀ-ଠାରୁ ସ୍ଥିତିସ୍ଥାପକ ପର୍ଯ୍ୟନ୍ତ ସମସ୍ତେ ପ୍ରାୟ ଏକମତ । ଆମେରିକାରେ ଅନେକ ସମାଜ ବିଜ୍ଞାନୀଙ୍କ ମତରେ ପ୍ରେସିଡେଣ୍ଟ କେନେଡିଙ୍କ ହତ୍ୟା ପରଠାରୁ ଏଇ ପର୍ଯ୍ୟାୟର ଆରମ୍ଭ । ଏଇ ଅବସ୍ଥାକୁ ପ୍ରେସିଡେଣ୍ଟ ନିକ୍ସନ୍‌ଙ୍କ ଅଧିବାନ୍ ଆପାଂୟାରସ୍ ବିଭାଗର ସ୍ୱତନ୍ତ୍ର ସହକାରୀ ଡ. ପି. ମହନିହାନ ଯେ କିଛିଦିନ ତଳେ ଭାରତରେ ରାଜଦୂତ ଥିଲେ । ଆମେରିକାନ ତରୁଣର ପ୍ରବଳ ପ୍ରତିବାଦ ଓ ବିକ୍ଷୋଭ'ର ଯୁଗବୋଲି ଅଭିହିତ କରିଛନ୍ତି । ଏଇ ଶିବିରରେ ଆମେ ଦୁଇପ୍ରକାର ମତବାଦ ଦେଖିବାକୁ ପାଉଁ । ପ୍ରଚଳିତ ଅନୁଷ୍ଠାନର ସିଦ୍ଧାନ୍ତଠାରୁ ଭିନ୍ନମତ ପୋଷଣ କରୁଥିବା ଏବଂ ପ୍ରଚଳିତ ଅନୁଷ୍ଠାନର ସମସ୍ତ ସିଦ୍ଧାନ୍ତକୁ ପ୍ରତ୍ୟାଖ୍ୟାନ କରୁଥିବା ଏଇପରି ଦୁଇଟି ଶ୍ରେଣୀରେ ଏ ଶିବିରଟି ବିଭକ୍ତ । ପଞ୍ଚମ ଦଶକଟି ଥିଲା ଯୁବ ଓ ତରୁଣ ସମାଜ ପକ୍ଷରେ ଏକ ଚୁପଚାପ ସମୟ, ଯେତେବେଳେ ସେମାନଙ୍କ ବିରୋଧରେ ସ୍ଥିତାବସ୍ଥାର ନୀରବ ସମର୍ଥନ **(quiscent Conformism)** ବୋଲି ଅଭିଯୋଗ ଉଠୁଥିଲା । ତେଣୁ ଦ୍ୱିତୀୟ ମହାଯୁଦ୍ଧ—ଯୁଦ୍ଧୋତ୍ତର କାଳର ତରୁଣ

ସଂପ୍ରଦାୟ ନିକଟରେ ବର୍ତ୍ତମାନର ସଂକ୍ଷୁବ୍ଧ ସମସ୍ତ ଆଶ୍ଚର୍ଯ୍ୟଜନକ ମନେ ହୋଇପାରେ ।

ଏଇ ଅଭୂତପୂର୍ବ ପରିସ୍ଥିତିରୁ ପ୍ରଚଳିତ ସମାଜ କଣ ଶିକ୍ଷା କରିବ ନକରିବ ତା ଭବିଷ୍ୟତହିଁ କହିବ । କିନ୍ତୁ, ବର୍ତ୍ତମାନ ପୃଥିବୀର ସର୍ବତ୍ର ଏକ ମୁକ୍ତାବଳୀପନ୍ଥୀ ଯୁବସାମୁଖ୍ୟ ଗଢ଼ି ଉଠିଛି । ମେକ୍ସିକୋ ଠାରୁ ଆରମ୍ଭକରି ଇଂଲଣ୍ଡ, ଫ୍ରାନ୍ସ, ଜାପାନ, ଭାରତବର୍ଷ ଏବଂ ଲ୍ୟାଟିନ୍ ଆମେରିକା ଯାଏ ଏ ଆନ୍ଦୋଳନ ପ୍ରସାରିତ ।

ଅଣମାର୍କ୍ସବାଦୀ ଏବଂ ଏପରିକି ଅଣରାଜନୀତିକ (apolitical) ବହୁ ଯୁବକ ଯୁବତୀ ଏଇ ଆନ୍ଦୋଳନରେ ସକ୍ରିୟ ଅଂଶ ନେଉଥିବାର ଦେଖା ଯାଉଛି ।

ମୂଳତଃ ଏ ଆନ୍ଦୋଳନ ପ୍ରଚଳିତ ସଂସ୍ଥା ବିରୋଧରେ ଏବଂ ପ୍ରଚଳିତ ମୂଲ୍ୟ ବିରୋଧରେ, ଯେଉଁ ମୂଲ୍ୟର କୌଣସି ମାନେନାହିଁ, ଅଥଚ ଯାହା ମଣିଷର ପ୍ରତିପଦରେ ବାଧାସୃଷ୍ଟି କରିଥିଲିତ । ଅନେକ ସମୟରେ ଏଇ ଆନ୍ଦୋଳନର ନେତୃତ୍ୱ ନବ୍ୟ ମାର୍କସବାଦୀମାନଙ୍କ ହାତକୁ ଚାଲିଗଲେ ମଧ୍ୟ ମୁଖ୍ୟତ ଏହା ଏକ ସାଧାରଣ ଯୁବ ଆନ୍ଦୋଳନ ହିଁ ହୋଇ ରହିଛି । ଡ଼. ମଯୁନଦ୍ଧ୍ୟାମଙ୍କ ମତରେ ଏ ଆନ୍ଦୋଳନ ପ୍ରଧାନତ ମନସ୍ତାତ୍ତ୍ୱିକ । କୌଣସି ଖାସ ମତବାଦରୁ ଏହାର ଜନ୍ମ ନୁହେଁ, ମତବାଦ—ନିରପେକ୍ଷ ଉଦାର ନୈତିକତାରେ ହିଁ ବର୍ତ୍ତମାନ ଯୁବସମାଜ ବିଶ୍ୱାସ କରେ, ଠିକ୍ ଯେପରି ରୋମ୍ ସାମ୍ରାଜ୍ୟରେ ଏକ ରାଷ୍ଟ୍ରସ୍ୱୀକୃତ ଧର୍ମଥିଲେ ମଧ୍ୟ ତା ପାଖାପାଖି ଖ୍ରୀଷ୍ଟଧର୍ମକୁ ମଧ୍ୟ ଯଥେଷ୍ଟ ସ୍ୱାଧୀନତା ଦିଆ ଯାଇଥିଲା । ଅନେକେ ମଧ୍ୟ କହନ୍ତି ଯେ ଉଦାର ନୈତିକତାର ଜନ୍ମ ଅଭିଜ୍ଞତା ମଧ୍ୟରୁ, କୌଣସି ଖାସ୍ କାରଣରୁ ନୁହେଁ, ତେଣୁ ଚରମ ଉଦାର ନୈତିକ ଦୃଷ୍ଟିଭଙ୍ଗୀ ବୋଲି କହୁନାହିଁ । ଏହା ପ୍ରାଗ୍‌ମେଟିକ୍ ।

ହାର୍ଭାର୍ଡ ବିଶ୍ୱ ବିଦ୍ୟାଳୟର ଆନ୍ତର୍ଜାତିକ କଳା ବିଜ୍ଞାନ ସେମିନାରର ପୂର୍ବତନ ଡିରେକ୍ଟର ଏବଂ ବର୍ତ୍ତମାନ ପ୍ରେସିଡେଣ୍ଟଙ୍କ

ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରୀ ( ଏ ସପ୍ତାହଠାରୁ ପରରାଷ୍ଟ୍ର ମନ୍ତ୍ରୀ ହେଲେଣି ) ଡ. ହେନେରୀ ଏ. କିସିଞ୍ଜର ସାମ୍ପ୍ରତିକ ପ୍ରେକ୍ଷାପଟରେ ବିଶ୍ଳେଷଣ କରି କହିଛନ୍ତି; ଆମେରିକାନ ଯୁବସମାଜର ଏକ ଆଦର୍ଶବାଦୀ ଅଂଶ ପ୍ରଚଳିତ ସଂସ୍ଥା ଓ ମୂଲ୍ୟ ବିରୋଧରେ ଏକ ଜୋରଦାର ଆହ୍ୱାନରୂପେ ଆତ୍ମ ପ୍ରକାଶ କରିଛି । ପଞ୍ଚମ ଦଶକ ଅର୍ଥାତ୍ କେନେଡ଼ି ଯୁଗର ( ସମାନ୍ତରାଳ ଭାବେ ଭାରତର ନେହେରୁ ଯୁଗ ) ଆଦର୍ଶଥିଲା ଆତ୍ମବିଶ୍ୱାସ ଉପରେ ପ୍ରତିଷ୍ଠିତ ଏକ ନୂତନ ନିର୍ମାଣର ଖସଡ଼ା । ଏହାର ଅଭିବ୍ୟକ୍ତି ହୋଇଥିଲା ଐକାନ୍ତିକ ଗଠନମୂଳକ କାର୍ଯ୍ୟରେ । ଆଜି କିନ୍ତୁ ଯୁବ ସମାଜର ଏକ ବୃହତ୍ତର ଅଂଶ କ୍ଷମତା ପରିଚାଳନା ଅପ୍ରାସଙ୍ଗିକ ବୋଲି ମନେ କରନ୍ତି । ଆଜି ଲିବର୍ଟିର ନୈତିକ ଭିତ୍ତି ଆଉ **CIVIC** ନୁହେଁ ତରୁଣ ବଂଶଧର ଶାନ୍ତି ଶୃଙ୍ଖଳାରକ୍ଷାର ସମସ୍ତ ପ୍ରଚଳିତ ଧାରଣା ପ୍ରତି ଉଦାସୀନ, ଏପରିକି ବିରୋଧ ଭାବାପନ୍ନ । ଡ. କିସିଞ୍ଜର କହନ୍ତି.—

**Management is equated with manipulation Structural designs are Perceived as system of domination—not of order."**

ଡ. କିସିଞ୍ଜର ବୟସଗତ ବ୍ୟବଧାନକୁ (**generation**) ଏଇ ଯୁଗ ବିକ୍ଷୋଭର ଅନ୍ୟତମ ମୌଳିକ କାରଣ ବୋଲି ମନେ କରନ୍ତି । ତାଙ୍କ ମତରେ ବର୍ତ୍ତମାନ ବଂଶଧରଙ୍କ ନିକଟ ଅତୀତ ସମ୍ବନ୍ଧରେ କୌଣସି ପ୍ରତ୍ୟକ୍ଷଜ୍ଞାନ ବା ସ୍ମୃତି ପ୍ରାୟ ନାହିଁ । ତେଣୁ ଆମେରିକାନ ଉଦ୍ୟମରେ ଯେଉଁସବୁ ନୂତନ ନିର୍ମାଣ ବା ଉଦ୍ଭାବନମାନ ଅଭୂତପୂର୍ବ ସଫଳତା ଲାଭ କରିଥିଲା ସେସବୁ ସମ୍ବନ୍ଧରେ କିମ୍ବା ତାର ଉଦ୍ଦେଶ୍ୟ ବା ଆଶୁ ଫଳାଫଳ ସମ୍ବନ୍ଧରେ ସେମାନେ ପ୍ରାୟ କିଛି ଜାଣନ୍ତିନାହିଁ କହିଲେ ଚଳେ । ତେଣୁ ସେମାନେ ସମଗ୍ର ବ୍ୟବସ୍ଥା ପ୍ରତି ବୀତଶ୍ରଦ୍ଧ ହୋଇ ଉଠିବା ସ୍ୱାଭାବିକ । ଆମେରିକାର ଭିଏତ୍‌ନାମୀ ନୀତି ବିରୋଧରେ ସେମାନେ ଶତଜିହ୍ୱ ହୋଇ ଉଠନ୍ତି, ମାତ୍ର ରୁଷର ହାଙ୍ଗେରୀ ବ୍ୟାପାରରେ ହସ୍ତକ୍ଷେପ ସମ୍ବନ୍ଧରେ ସେମାନେ ବେଶିକିଛି ଜାଣନ୍ତି ନାହିଁ ।

ପୃଥିବୀର ସବୁ ଦେଶରେ ପ୍ରାୟ ଏଇ ଅବସ୍ଥା । ଏଇ ନିରର୍ଥକ ମନୋଭାବର ପରିଣତି ଯେ କଣ ତାହା ବର୍ତ୍ତମାନ ସଠିକ କହିବା ଅସମ୍ଭବ । ତେବେ ସମକାଳୀନ କାବ୍ୟ କବିତା, ଗଳ୍ପ, ଉପନ୍ୟାସ ଓ ଶିଳ୍ପରେ ସ୍ଥିତାବସ୍ଥା ପ୍ରତି ଭୟଙ୍କର ବିତୃଷ୍ଣା ପ୍ରକାଶ ପାଉଛି । ଏଇ ବିତୃଷ୍ଣା ହିଁ ହୁଏତ ଦିନେ ସଶସ୍ତ୍ର ବିପ୍ଳବର ରୂପନେବ ଏବଂ ପ୍ରଚଳିତ ବ୍ୟବସ୍ଥାକୁ ଭାଙ୍ଗି ଏକ ନୂତନ ସମାଜ ବ୍ୟବସ୍ଥା ପ୍ରବର୍ତ୍ତନ କରିବାର ମାର୍ଗ ଦର୍ଶନ ଦେବ । ଇତିହାସର ଏଇ ଆହ୍ୱାନ ପ୍ରତି ସଚେତନ ରହିବ । ପ୍ରତ୍ୟେକ ମନନଶୀଳର କର୍ତ୍ତବ୍ୟ ।

—o—

(ଆସନ୍ତାକାଲି-୧୯୭୦)

# ନାଟର ଗୋବର୍ଦ୍ଧନ

**ଭୁବନେଶ୍ୱର ବେହେରା**

କୌଣସି ଘଟଣାବଳୀର ଆଢୁଆଳରେ ଯଦି କାହାର ହାତ ଛପି ରହିଥିବାର ସନ୍ଦେହ କରାଯାଏ ତେବେ ସେ ଅଦୃଶ୍ୟ ହାତର ଅଧିକାରୀଙ୍କୁ ସନ୍ଦେହକାରୀମାନେ 'ନାଟରଗୋବର୍ଦ୍ଧନ' ବୋଲି ବର୍ଣ୍ଣନା କରିଥାଆନ୍ତି । ନାଟରେ ଜଣେ ଗୋବର୍ଦ୍ଧନ କାହିଁକି ଦରକାର, ଗୋବର୍ଦ୍ଧନ ଠିକ୍ କଣ ସବୁ କରେ, ଆଉ ଏ ନାଁଟି କିଏ କେଉଁଥିପାଇଁ ପ୍ରଥମ କରିଦେଲା, ସେ ସମ୍ବନ୍ଧରେ ବିଶେଷ କିଛି କହି ହେଉନ— ତେବେ ଧରି ନିଆ ଯାଇପାରେ ଯେ, ସିନେମାର ଡାଇରେକ୍ଟର ପରି ଏହି ନାଟର ଗୋବର୍ଦ୍ଧନ—ଲୋକଲୋଚନରେ ଅନ୍ତରାଳରେ ରହି ନାଟରେ ଭାଗ ନେଉଥିବା ଖେଳାଳୀମାନଙ୍କ ପାଇଁ ଭିନ୍ନ ଭିନ୍ନ ଚରିତ୍ର ବଣ୍ଟନ କରେ ଓ ସେମାନେ ଠିକ୍ କିପରି ଭାବରେ ନାଚିବେ ସେ ବିଷୟରେ ନିର୍ଦ୍ଦେଶ ଦିଏ ।

ଏହି "ନାଟର ଗୋବର୍ଦ୍ଧନ" ଆଖ୍ୟାଟି ସାଧାରଣତଃ ଭଲ ଅର୍ଥରେ ନିଆ ଯାଉଥିବାର ଶୁଣାଯାଏ ନା । 'ନାଟ ଲଗେଇଛୁ' ବା ବା 'ପାଲି ଲଗେଇଛୁ' ପରି ବିରକ୍ତି ବ୍ୟଞ୍ଜକ ଇଙ୍ଗିତ ପଛରେ କୌଣସି ଆକ୍ଷେପର ହିଁ ସୂଚନା ମିଳେ । ତେଣୁ ଲୋକଚକ୍ଷୁରେ ନାଟର ଗୋବର୍ଦ୍ଧନ ଏକ ଜାଣିଶୁ ଭଲଲୋକ୍, ଗୋଟିଏ ଖଳ ପ୍ରକୃତିର ନାୟକ ।

ନାଟ କହିଲେ ସାଧାରଣ ଭାବରେ ଦଣ୍ଡନାଟ; ସୁଆଙ୍ଗ, ପାଲି, ଦାସକାଠିଆ ଓ ଅପେରା ପ୍ରଭୃତି ବୁଝା ଯାଇଥିଲେ ହେଁ ଆମ ଭାଷାରେ ଏହି ଶବ୍ଦର ବହୁଳ ପ୍ରୟୋଗ ଦେଖିବାକୁ ମିଳେ । ରାଜନୀତିରେ

କୁଆଡେ କେହି କେହି ଖିଆଲମତ ନାଟ ଲଗାଉ ଥାଆନ୍ତି— କଳ କାରଖାନାମାନଙ୍କରେ ଧାରଣା, ଧର୍ମଘଟ ପ୍ରଭୃତି ନାଟ ତାମସା ଲାଗେ ଏବଂ ଅନେକ ସମୟରେ ଛାତ୍ରମାନେ ମଧ୍ୟ ସ୍କୁଲ କଲେଜମାନଙ୍କରେ ନାନା ରକମର ନାଟ ଲଗାଉଥିବା ଶୁଣାଯାଏ । ତେଣୁ ଏପରି ପ୍ରତ୍ୟେକ ନାଟରେ ଜଣେ ଲେଖାଏଁ ଗୋବର୍ଦ୍ଧନ ଥିବା ସ୍ୱାଭାବିକ କଥା ।

ରାମାୟଣରେ ମନ୍ଥରା ଓ ମହାଭାରତରେ ଶକୁନିଙ୍କୁ "ନାଟର ଗୋବର୍ଦ୍ଧନ" ବୋଲି ଧରିନିଆଯାଇପାରେ ।

କାହାରି କାହାରି ମତରେ ଏ ସଂସାର ଗୋଟିଏ ଖେଳଘର ଓ ସେଥିରେ ପ୍ରତ୍ୟେକ ମଣିଷ ତାର ନିର୍ଦ୍ଦିଷ୍ଟ ଭୂମିକାରେ ଅଭିନୟ କରି ଚାଲିଛି । ଏ 'ଭବରଙ୍ଗ ଭୂମିତଳେ' କୁଆଡ଼େ 'କେହି ରହିନାହିଁ' କିମ୍ବା 'ରହିବେ ନାହିଁ' ଆଉ ସମସ୍ତେ 'ନିଜ ନିଜ ଅଭିନୟ ସାରି' ଆପଣା ଆପଣା ଘରକୁ ଯଥା ସମୟରେ ବାହୁଡ଼ି ଯିବେ । ଏଥିରୁ କେଉଁ ଜଣେ ନଟକୁଟିଆ, ଗୋବର୍ଦ୍ଧନଆ ଏ ସଂସାରରେ ସବୁ ପାଲି ଲଗେଇଛି ବୋଲି ଭାବିନେବା ସ୍ୱାଭାବିକ କଥା । କିନ୍ତୁ ଏସବୁ ଭିତରେ ଗୋଟିଏ ଧାରାବାହିକ ନିୟମାନୁଯାୟୀତା ଓ ମହାନ୍ ଉଦ୍ଦେଶ୍ୟର ସନ୍ଧାନ ପାଇ କେହି କେହି 'ସଂସାରର ଲୀଳା ଖେଳା ସରିଲା ଆମ୍ଭର' ବୋଲି ଘୋଷଣା କରି 'ମହାଯାତ୍ରା' ଆରମ୍ଭ କରି ଦେଇଥିବା କଥା ମଧ୍ୟ ଶୁଣାଯାଏ । ଏପରି ସ୍ଥଳେ ଏ ଖେଳର ପରିଚାଳକଙ୍କୁ ନାଟର ଗୋବର୍ଦ୍ଧନ ବୋଲି କୁହାଯିବା ଉଚିତ ହେବକି ନାହିଁ ସେ ସମ୍ବନ୍ଧରେ ଭିନ୍ନ ଭିନ୍ନ ମତ ପୋଷଣ କରାଯାଇପାରେ । କିନ୍ତୁ ପ୍ରତ୍ୟେକ ମଣିଷର ବ୍ୟକ୍ତିଗତ ଜୀବନ ମୁଖ୍ୟତଃ ଗୋଟିଏ ଲେଖାଏଁ ନାଟ ହୋଇଥିବାରୁ ପ୍ରତ୍ୟେକ ମଣିଷ ଭିତରେ ଯେ ଜଣେ ଗୋବର୍ଦ୍ଧନ ଲୁଚି ରହିଛି ଏଥିରେ ସନ୍ଦେହ ନାହିଁ ।

ଜାଣିଲା ଲୋକ କହନ୍ତି ଯେ ମଣିଷର ମନ ତାକୁ ଯେମିତି ନଚାଏ ସେ ବାଧ୍ୟ ହୋଇ ସେପରି ନାଚେ । ତେଣୁ ଏହି ମନକୁ ଗୋଟିଏ ନାଟର ଗୋବର୍ଦ୍ଧନ ବୋଲି ନିଃସନ୍ଦେହରେ କୁହାଯାଇପାରେ ।

ସ୍କୁଲରେ ଗୁରୁ ବାପା ମା'ଙ୍କ କଥା ମାନ ପଢ଼ିବାକୁ ଚାହୁଁଥିଲେ ମଧ୍ୟ କ୍ଲାସ ରୁମ୍‌ରେ ଶିକ୍ଷକ ଯେତେବେଳେ କିଛି ପଢ଼ାଉଥାନ୍ତି ଆଖି ବ୍ଲାକ୍ ବୋର୍ଡ଼କୁ ଅନାଇ ଥିଲେ ହେଁ ମନଯାଇ କେଉଁ ତେନ୍ତୁଳି ଗଛ, କଇଥ କିମ୍ବା ଆମ୍ବଗଛ ଚଢ଼ି ସାରିଥାଏ । ଶିକ୍ଷକଙ୍କ ବକ୍ତୃତା ଆଡକୁ କାନେଇ ରହିଲେ ବି ମନ ନିଜେ ନିଜେ ପେଁ କାଳି ବଜାଇବାକୁ ଆରମ୍ଭ କରେ । କଲେଜରେ ସେମିତି ବ୍ଲାକ୍‌ବୋର୍ଡ୍‌ରେ ବିଜ୍ଞାନର କୌଣସି ଫର୍ମୁଲା ଦେଖୁଁ ଦେଖୁଁ ମନ ସେହି ଫର୍ମୁଲା ଉପରେ କୌଣସି ଚନ୍ଦ ଛାଉଁକାର ମୁହଁ ଆଙ୍କିଦିଏ ନ ହେଲେ ହଠାତ୍ ବ୍ରେବୋର୍ଣ୍ଣ ଷ୍ଟେଡ଼ିୟମ୍ କିମ୍ବା ଫିରୋଜ ସାହା କୋଟ୍ଲା ଗ୍ରାଉଣ୍ଡର କ୍ରିକେଟ ଫିଲ୍-ଡ଼ରେ ପହଞ୍ଚିଯାଇ ନିଜେ ନିଜେ ବ୍ୟାଟିଂ ଆରମ୍ଭ କରିଦିଏ, କିମ୍ବା ଠିକ୍ ବହି ଖୋଲି ପଢି ବସିଲା ବେଳକୁ ସମାଜବାଦୀ ଜୀବନର ଆଦର୍ଶକୁ ବୁଢ଼ାଙ୍ଗୁଷ୍ଠ ଦେଖାଇ ଏହି ମନ ସୁନେଲି ସ୍ୱପ୍ନରେ ମଣି ମୁକୁତାର ମୁକୁଟ ପିନ୍ଧାଇ ହାତୀର ସୁନା—ହାଉଦାରେ ବସାଏ ଆଉ ସ୍ୱପ୍ନପୁରୀର ରାଜକନ୍ୟା ପାଖକୁ 'ବରାତ୍' ପ୍ରୋସେସନ୍ ଆରମ୍ଭ କରିଦିଏ । ବୟସ ଯେମିତି ଗଡ଼ି ଗଡ଼ି ଯାଏ, ପଇସାଟିଏ ବେଙ୍କ୍ ବେଲେନ୍‌ସ ନଥିଲେ ମଧ୍ୟ ଖପରେଲ ଘରେ ରହୁଥିବା ପୌଢ଼ ଶିକ୍ଷକର ମନ ବିରାଟ ପ୍ରସାଦ ରଚିବାକୁ ଆରମ୍ଭ କରେ ।

ମଣିଷ ବୁଝେ ଯେ ଏହି ଶୟତାନ ମନକୁ ଆକଟ ନକଲେ ତାର ମଙ୍ଗଳ ନାହିଁ-ତେବେ ବି ସେ ନିରୁପାୟ ହୋଇଯାଏ । ମନକୁ ମଣି କରିବା କେତେ କଷ୍ଟ ସେ ସମ୍ବନ୍ଧରେ ଏଠାରେ ଗୋଟିଏ ଗଳ୍ପର ଅବତାରଣା କରାଯାଇପାରେ ।

ରାଜାଙ୍କର କିଛି ଅଭାବ ନଥିଲା—ବିଶାଳ ସାମ୍ରାଜ୍ୟ କୋଷା-ଗାରର ଧନରତ୍ନରେ ଭରପୁର । ପୁଅ ଝିଅ, ହାତୀ ଘୋଡା, ସୈନ୍ୟ ସାମନ୍ତ, କେଉଁଥିରେ ଅଭାବନାହିଁ । ତେବେ ବି ରାଜାଙ୍କର ଗୋଟିଏ ବଡ ଦୁଃଖ—ମୁଣ୍ଡରୁ ବାଳ ଉପୁଡ଼ି ଉପୁଡ଼ି ତାଳୁ ଉପରେ ଦେଖା ଦେଇଥିବା '୦' ଟି ଧୀରେ ଧୀରେ ବଡ଼ ହେବାରେ ଲାଗିଥାଏ ଓ ଭୟ ହେଉଥାଏ ଯେ ବାଳ ଉପୁଡ଼ିବା ବନ୍ଦ ନହେଲେ ଓ ନୂଆବାଳ ନ ଗଜୁରିଲେ ସେ ଦିନେ ପୂରା ପୂରି ଚନ୍ଦା ହୋଇଯିବେ ।

ରାଜ୍ୟର ବଡ ବଡ଼ ଡାକ୍ତର, କବିରାଜ, ହାକିମ ସମସ୍ତେ ତାଙ୍କର ସବୁ ଉପାୟ ଶେଷ କରି ସାରିଥିଲେ । ଯବା କୁସୁମ, ଅଁଳା ଆଉ ଆଉ କେତେ ଫୁଲ ଫଳ ରସରୁ ତିଆରି ହୋଇଥିବା ତୈଳ ସବୁ କିଛି କାମ ଦେଖାଇ ପାରିଲାନି । କେତେ କେତେ ଭୃଙ୍ଗରାଜ, ନାରାୟଣ ମାହା ନାରାୟଣ ତୈଳ ସବୁ ଫେଲ୍ ମାରିଗଲେ । ବୃହତ୍ ଗୁଗଲ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ନାନା ଜାତୀୟ ଘୃତ ଆଉ କେତେ କେତେ ସାଲସା ମଧ୍ୟ କାମଦେଲାନି । ବରଂ ମୁଣ୍ଡ ଧିରେ ଧୀରେ ଚକ୍ ଚକ୍ କରିବାକୁ ଆରମ୍ଭ କଲା ।

ରାଜାଙ୍କର ଧୈର୍ଯ୍ୟଚ୍ୟୁତି ଘଟିଲା ଓ ସେ ରାଗରେ ଘୋଷଣା କଲେ ଯେ ଯଦି ମାସେ ଭିତରେ ତାଙ୍କର ଚନ୍ଦା ମୁଣ୍ଡରେ ବାଳ ନ ଉଠେ ତେବେ ରାଜ୍ୟର ସବୁ ଡାକ୍ତରଙ୍କ ମୁଣ୍ଡ କାଟ ହେବ ।

ଡାକ୍ତରମାନଙ୍କ ଭିତରେ ଭାଲେଣି ପଡ଼ିଗଲା ଏବଂ ଅନେକ ଆସନ୍ନ ବିପଦର ଆଶଙ୍କାରେ ଖାଇବା ପିଇବା ମଧ୍ୟ ଛାଡ଼ିଦେଲେ । ଜଣେ ଖୁସ୍ ମିଜାଜ ଓ ବେ' ପରବାଏ ଡାକ୍ତର କିନ୍ତୁ ରାଜାଙ୍କର ଏ ଚ୍ୟାଲେଞ୍ଜ ଗ୍ରହଣ କରି ଯଥା ସମୟରେ ଗୋଟିଏ ଶୁଭଦିନ ଓ ଶୁଭ ମୁହୂର୍ତ୍ତରେ ତାଙ୍କ ମହୌଷଧି ବାକ୍ସ ଧରି ରାଜାଙ୍କ ପାଖରେ ପହଞ୍ଚିଗଲେ । ବାକ୍ସ ଭିତରେ ନାନା ରଙ୍ଗର ଓ ନାନା ଢଙ୍ଗର ତୈଳ ଶିଶି ସବୁ-ଥାଏ । ଡାକ୍ତର ମହାଶୟ ରାଜାଙ୍କର ଚନ୍ଦାମୁଣ୍ଡ ତନ୍ନ ତନ୍ନ କରି ପରୀକ୍ଷା କଲେ. ଲମ୍ବା ଚୌଡ଼ା ମାପିଲେ, ମସୃଣତା ପରୀକ୍ଷା କଲେ—ରାଜାଙ୍କ ମୁଣ୍ଡରେ ନିଜ ପ୍ରତିବିମ୍ବ ଦିଶୁଛି ନା ନାହିଁ ପରଖି ନେଲେ—ଆଉ ଗମ୍ଭୀର ଭାବରେ ମୁଣ୍ଡ ଟୁଙ୍ଗାରି ଘୋଷଣା କଲେ ଯେ ୨୨ ଦିନରେ ରଜାଙ୍କ ମୁଣ୍ଡରେ ଯେତେବାଳ ବାହାରିବ ସେଥିରୁ ଖଣ୍ଡିଏ ଗାଲିଚା ତିଆରି ହୋଇ ପାରିବ ।

ତୈଳ ଶିଶି ସବୁ ବାହାର କରାଗଲା, ପ୍ରତ୍ୟେକ ତୈଳର ଗୁଣ ବର୍ଣ୍ଣନା ବି ସଙ୍ଗେ ସଙ୍ଗେ ଚାଲିଥାଏ । କେଉଁ ତୈଳ ମର୍ଦ୍ଦନରେ କେଶ ଗୁଚ୍ଛ ଝିଙ୍କି କାଟି ପରି ହେବ ତ କେଉଁଥିରେ ପ୍ରତ୍ୟେକ ବାଳ ଶାଳଗଛ ପରି ମୋଟା ହୋଇ ଶାଖା ପ୍ରଶାଖା ମେଲିଯିବ । ଯେଉଁ ତୈଳର ସାମାନ୍ୟ

ମର୍ଦ୍ଦନରେ ରାଜାଂକ କେଶରାଶି ହିମାଳୟର ଚମରୀ ଗାଈ ଲାଞ୍ଜର ଚଅଁର ପରି ହେବ ସେପରି ତୈଳର ଗୋଟିଏ ଶିଶି ରାଜାଂକ ଟେବୁଲ୍ ଉପରେ ଥୋଇ ଦେଇ ଡାକ୍ତର ଅନୁପାନ ଦେଲେ ଯେ ପ୍ରତ୍ୟେକ ଦିନ ବ୍ରାହ୍ମ ମୁହୂର୍ତ୍ତରେ ରାଜା ଗାଧୋଇବେ, ଆଉ ଗାଧୋଇବା ପୂର୍ବରୁ ବାଁ ହାତ ପାପୁଲିରେ ଆଠ ଅଣି ସାଇଜ୍‌ରେ କଟୁ ତେଲ ଢ଼ାଳି ନେଇ ମୁଣ୍ଡର ଚନ୍ଦା ଅଂଶରେ ଧୀରେ ଧୀରେ ପାଞ୍ଚମିନଟ୍ କାଳ ଘଷିବେ ।

ରାଜାଂକ ମୁହଁରେ ହସର ଢେଉ ଖେଳିଗଲା ।

ବାକ୍ସ ବନ୍ଦକରି ଘରକୁ ଯିବା ବାଟରେ ଡାକ୍ତର ବାବୁ ହଠାତ୍ ଚମକି ଉଠିଲେ ଓ ଫେରିଆସି କ୍ଷମାମାଗି ରାଜାଙ୍କୁ କହିଲେ ଯେ ସେ ଗୋଟାଏ ବଡ଼କଥା କହିବାକୁ ଭୁଲି ଯାଇଛନ୍ତି । ତେଲ ଲଗାଉଥିଲା ବେଳେ ରାଜା ଯେପରି ତିନୋଟି ଜିନଷ ମନେ ନ ପକାନ୍ତି— ପଚୁ ଅଣ୍ଡା, ଛିଣ୍ଡା ଚପଲ ଓ ଖଣ୍ଡିଆ ଝାଡ଼ୁ । ଏ ଭିତରେ କୌଣସି ଜିନଷଟି ସେତେବେଳେ ରାଜାଙ୍କର ମନେ ପଡ଼ିଲେ ଔଷଧ ଆଉ କାମ୍ଭୁ କରିବନି ।

ରାଜାଙ୍କ ମୁହଁରେ ବିଦ୍ରୂପର ହାସ୍ୟରେଖା ଦେଖାଦେଲା । ଯିଏ ହୀରା, ନୀଳା, ମୋତି ମାଣିକ୍ୟକୁ ମଧ୍ୟ ଗଣନା କରନ୍ତିନି ସେ କୁଆଡ଼େ ପଚୁଅଣ୍ଡା, ଛିଣ୍ଡା ଚପଲ ଆଉ ଖଣ୍ଡିଆ ଝାଡୁ କଥା ଭାବିବେ !

ଭୋର ଚଡ଼େଇ ସବୁ ଚିଂ ଚିଁ କଲାବେଳକୁ ରାଜା ପଲଙ୍କରୁ ଉଠି ତେଲଶିଶି ପାଖକୁ ଦୌଡ଼ିଗଲେ । ହାତ ପାପୁଲିରେ କଟୁ ଢ଼ାଳି ମୁଣ୍ଡରେ ଦେବାକୁ ଯାଉଛନ୍ତି ଠିକ୍ ସେତିକିବେଳେ ତାଙ୍କର ମନେ ପଡ଼ିଗଲା ଯେ ପଚୁଅଣ୍ଡା, ଛିଣ୍ଡା ଚପଲ, ଖଣ୍ଡିଆ ଝାଡୁ ବିଷୟରେ ନ ଭାବିବା କଥା । ଆଉ ତୈଳ ମର୍ଦ୍ଦନ ହୋଇ ପାରିଲାନି । ତା' ଆରଦିନ ବି ଠିକ୍ ସେମିତି ତେଲ ମୁଣ୍ଡପାଖକୁ ନେଲାବେଳକୁ ସେଇ ଛିଣ୍ଡା ଚପଲ କଥା ମନେ ପଡ଼ିଗଲା । ପୁଣି ତହିଁ ଆରଦିନ ସେଇଆ । ରଜା ଶେଷରେ ମନ ଦୃଢ଼କଲେ, ପ୍ରତିଜ୍ଞା କଲେ ଯେ ପଚୁଅଣ୍ଡା କାହିଁକି, ସେ ସକାଳେ କୌଣସି କଥା ଭାବିବେନି ।

ପାହାନ୍ତିଆ ହେଲା । ହାତ ପାପୁଲିରେ ତେଲ ନେଇ ଦାନ୍ତକାମୁଡ଼ି; ଡାହାଣ ହାତର ମୁଠା ଟାଣକରି, ଆଖିବୁଜି କଦାପି କିଛି ଛାଡ଼ିବେନି ବୋଲି ଦୋହରାଇ ଏକ—ଦୁଇ—ତିନିପରେ ତେଲ ଯେମିତି ତାଳୁରେ ଥାପୁଡ଼େଇଛନ୍ତି, ସେହି ମୁହୂର୍ତ୍ତରେ ପାଟିରୁ 'ଛୁଣ୍ଡାଟପଲ' ଶବ୍ଦ ବହିର୍ଗତ ଗୁଳିପରି ବାହାରି ଆସିଲା । ରାଜାଙ୍କର ସବୁ ଆଶା ଭରସା ସେଥିରେ ହିଁ ଶେଷ ହୋଇଗଲା ।

ଏହି ଚଞ୍ଚଳ ମନକୁ ଆକଟ କରିବା ସହଜ ନୁହେଁ । ଏହିମନ ଏପରି ପିଚ୍ଛିଳ ଯେ ତାକୁ ସହଜରେ ଧରି ରଖିହୁଏନି ।

କେହି କେହି କହନ୍ତି ଯେ ଔଷଧଦ୍ୱାରା ଏ ମନକୁ ବଶ କରା-ଯାଇପାରେ । ମଣିଷ ବେଳେ ବେଳେ ଅଫିମ ନିଶାରେ ସ୍ୱର୍ଗରେ ଖାଲିଥିବା ଇନ୍ଦ୍ରଙ୍କ ଆସନରେ ଯାଇ ବସେ; ଗଞ୍ଜେଇ, ମେରିଜୁଆନା, ଏଲ୍, ଏସ୍, ଡି. ନିଶାରେ ଆକାଶରେ ପହଁରି ବୁଲେ । ଆଉ କେବେ କେବେ ମଦପିଇ ରାସ୍ତା ଘାଟରେ ଗୁଡିପିଟେ ଓ ନିଶମୋଡ଼ି ବାହାସ୍ଫୋଟ ମାରି ନେପୋଲିୟନ୍ ବୋନାପାର୍ଟଙ୍କୁ କୁସ୍ତି ଆଖଡ଼ାକୁ ଡାକେ । ଆମରି ମହାନ ସଂସ୍କୃତି କିନ୍ତୁ ଦୃଢଭାବରେ ଘୋଷଣା କରେ ଯେ ଔଷଧଦ୍ୱାରା ମନକୁ ବଶୀଭୂତ କରିବା ଧାରଣା ସମ୍ପୂର୍ଣ୍ଣ ଭ୍ରମପୂର୍ଣ୍ଣ । ଔଷଧ ମନକୁ କ୍ଷଣିକ ଉନ୍ମାଦନା ନେଇ ସ୍ୱପ୍ନିଳ କରିପାରେ ମାତ୍ର ଅନବରତ ବ୍ୟବହାର ଦ୍ୱାରା ମଣିଷ ଶେଷରେ ଔଷଧର ଦାସହେବା ସଙ୍ଗେ ସଙ୍ଗେ ନିଜେ ମନର କ୍ରୀତଦାସ ହୋଇଯାଏ । ତା' ପରିବର୍ତ୍ତେ ଏହି ସଂସ୍କୃତି ଶିକ୍ଷାଦିଏ ଯେ କଣ୍ଟାକୁ କଣ୍ଟାରେ ବାହାର କଲାପରି ମନକୁ ବୁଦ୍ଧି ଓ ବିବେକର ଶକ୍ତି ବଳରେ ଦୃଢ଼କରି ସେହି ଦୃଢ଼ମନ ସାହାଯ୍ୟରେ କ୍ରମାଗତ ଅଭ୍ୟାସ ଦ୍ୱାରା ଚଞ୍ଚଳ ମନକୁ ଆକଟ କରାଯାଇ ପାରେ ।

ଲକ୍ଷ୍ୟହୀନ ଭାବରେ ଘୂରି ବୁଲୁଥିବା କୁକୁରକୁ ହାଡ଼ ଖଣ୍ଡିଏ ଦେଲେ ସେ ଯେମିତି ହାଡ଼କୁ ଚେକେଟି ଚେକେଟି ଗୋଟିଏ ଜାଗାରେ ପଡ଼ିରହେ, ଏହି ବାରବୁଲା ମନକୁ ସେପରି ତାର ପ୍ରିୟ ଜିନିଷଟିଏ ଧରାଇ ଦେଲେ କିଛି ସମୟପାଇଁ ଧୀରସ୍ଥିର ଓ ଶାନ୍ତ ହୋଇରହେ ।

ଘୋଟଛୁଆକୁ ପ୍ରଥମେ ଭାତ ଖୁଆଇଲାବେଳେ ସେ ଭାତକୁ ଯେମିତି ଜିଭ ଆଗରେ ବାହାରକୁ ଠେଲିଦିଏ କିନ୍ତୁ କ୍ରମେକ୍ରମେ ସେହି ଭାତରୁ ସ୍ୱାଦପାଇ ଖୁସିରେ ଖାଏ, ସେପରି ମନକୁ ମଧ୍ୟ ଧୀରେ ଧୀରେ ତା’ ପ୍ରିୟବସ୍ତୁ ନଦେଇ ଶ୍ରେୟ ଜିନିଷ ଭଲ ପାଇବାକୁ ଶିକ୍ଷା ଦିଆଯାଇ ପାରେ । ପାଠପଢାଠାରୁ ଆରମ୍ଭକରି ଗବେଷଣା, ସମାଜ ସେବା, ସାହିତ୍ୟ ସେବା, ଦେଶସେବା ପ୍ରଭୃତି ଯେ କୌଣସି ଭଲ କାମରେ ମନକୁ ଏପରି ଭାବରେ ଲଗାଇ ଦେଇ ପାରିଲେ ଦିଅଁଦୀପର ଶିଖାପରି ଊର୍ଦ୍ଧ୍ୱଗାମୀ ତଥା ଏକାଗ୍ର ହୋଇ ମନ ଯଥା ସମୟରେ ଶାନ୍ତ ହୋଇଯାଏ ।

ଆମର ଏଇ ସଂସ୍କୃତି ପୁଣି ସାବଧାନ କରିଦିଏ ଯେ ଗୋଟିଏ ସୁସ୍ୱାଦୁ ଖାଦ୍ୟର ଆସ୍ୱାଦନରେ ମଣା ହୋଇଥିବା ମନ ଆଉ ଗୋଟିଏ ସ୍ୱାଦୁ ଖାଦ୍ୟର ସନ୍ଧାନ ପାଇଲେ ପୁଣି ଚଞ୍ଚଳ ଓ ଚପଳ ହୋଇଯାଇ ପାରେ । ତେଣୁ ଯେଉଁସୁଖ ଓ ଆନନ୍ଦଠାରୁ ଆଉ ଶ୍ରେଷ୍ଠତର ଆନନ୍ଦ ନାହିଁ ସେପରି ଆନନ୍ଦର ଆସ୍ୱାଦନରେ ମନ ସମ୍ପୂର୍ଣ୍ଣ ସ୍ଥିର ହୋଇଯାଏ । ଏପରି ଧୀର ସ୍ଥିର ଶାନ୍ତମନର ଅଧିକାରୀହିଁ ଅମୃତର ସନ୍ତାନ ।

ଏହି ନାଟର ଗୋବର୍ଦ୍ଧନ ଚଞ୍ଚଳମନ ମଣିଷକୁ ବାସନାର ସଂକୀର୍ଣ୍ଣ ଗଳି କନ୍ଦି ଭିତରେ ବାଟ କଢ଼ାଇନେଇ ନରକର ଦ୍ୱାର ଉନ୍ମୁକ୍ତ କରି ସେ ଭିତରକୁ ଠେଲିଦିଏ, ଆଉ ସେହି ମନ ଯେତେବେଳେ ମଣ ହୋଇଯାଏ ସେ ହୁଏ ପରମ ଆନନ୍ଦର ସ୍ରଷ୍ଟା । ତେଣୁ ଏହିମନକୁ ଆକଟ କରିବା ସହଜ ସାଧ୍ୟ ନହେଲେହେଁ ତାକୁ ସବୁବେଳେ ସତ୍ଚିନ୍ତାରେ ନିୟୋଜିତ କରି କ୍ରମାଗତ ଚେଷ୍ଟାକରିବାହିଁ ପ୍ରତ୍ୟେକ ମଣିଷ ପକ୍ଷରେ ସର୍ବତୋଭାବେ ବିଧେୟ ବୋଲି ମନେହୁଏ ।

—*—

( ୧୯୭୭ ) ( ଶୁଣପଣ୍ଡାଷ—ପୃ୧— )

# ବୈଷ୍ଣବ—ସାହିତ୍ୟର କଥାବସ୍ତୁ

: ନଟବର ସାମନ୍ତରାୟ

"So decided is the alteration and so direct is the connection between this later phase of krisnaism and the christianity of the early centuries of our era, that it is no expression of extravagant fancy but a sober historical statement that in all probability the Hindus of this cult of the Madonna and child have in reality, though unwaittingly, been worshipping the Christ-child for fully-thousand years."

ପାଶ୍ଚାତ୍ୟ ଗବେଷକ ମାନଙ୍କର ଉଲ୍ଲିଖିତ ଉକ୍ତିପରି ବହୁ ଅଭିମତ ବହୁଦିଗରୁ ଆଲୋଚିତ ହୋଇ ସେମାନଙ୍କର ଅସାରତ୍ୱ ପ୍ରତିପାଦିତ ହୋଇ ଗଲାଣି । ବୈଷ୍ଣବଧର୍ମ କେଉଁ ଯୁଗରେ କେଉଁ ଧର୍ମଦ୍ୱାରା କେତେ ପରିମାଣରେ ପ୍ରଭାବିତ, ତାର ଆଲୋଚନା ବର୍ତ୍ତମାନ ପ୍ରବନ୍ଧର ଲକ୍ଷନୁହେଁ; କିନ୍ତୁ ଦୀନକୃଷ୍ଣ, ସାମନ୍ତସିଂହାର, ଭକ୍ତଚରଣ ପ୍ରଭୃତି ଯେଉଁ ଯୁଗରେ ଜନ୍ମଗ୍ରହଣ କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧିଶାଳୀ କରିଛନ୍ତି ସେ ଯୁଗରେ ଲୋକେ ଏ ଧର୍ମର ସମସ୍ତ ବାହ୍ୟ ଉପାଦାନକୁ ସନ୍ଦେହ ଚକ୍ଷୁରେ ନଦେଖି ତାକୁ ନିଜର ବୋଲି ଯେ ଗ୍ରହଣକରି ନେଇଥିଲେ ଏହା ସର୍ବବାଦୀ—ସମ୍ମତ । ଏ ଧର୍ମର କେତେକ ବିଷୟପ୍ରତି କବିଚିତ୍ତ କାହିଁକି ଆକର୍ଷିତ ହୋଇ କବିତା ବା କାବ୍ୟ ସୃଷ୍ଟି କରିଛି ତାହାହିଁ କେବଳ ଏଠାରେ ଆଲୋଚିତ ହେବ ।

ଗ୍ରୀକ୍ ଦାର୍ଶନିକ 'Poetics"ର ରଚୟିତା ଆରିଷ୍ଟଟଲଙ୍କ ମତରେ ପ୍ଲଟ ନାଟକର ଶ୍ରେଷ୍ଠ ଉପାଦାନ । ଅନ୍ୟାନ୍ୟ କେତେକ

ଉପାଦାନ ନାଟକର ଅପରିହାର୍ଯ୍ୟ ଅଙ୍ଗ ହେଲେ ହେଁ ପଟ୍‌କୁ ଅତି ଉଚ୍ଚ କୋଟୀରେ ଉପସ୍ଥାପନ କରିବାର ଅଭିପ୍ରାୟ ଏବଂ ଯେ ପୃଥିବୀରେ ଲକ୍ଷ ଲକ୍ଷ ବିଷୟ ଥିଲେ ବି ନିର୍ଦ୍ଦିଷ୍ଟ ରସ ପରି ସ୍ଫୁରଣ ଦିଗରେ ସମସ୍ତେ ସମପରିମାଣରେ ସାହାଯ୍ୟ କରିପାରନ୍ତିନି । ନାଟକର ଶ୍ରେଷ୍ଠ ଓ ପ୍ରଧାନ ଲକ୍ଷ୍ୟ ରସିକଚିତ୍ତରେ ରସନିବେଦନ । କିନ୍ତୁ ଦେଖାଯାଏ କେତେକ କଥା-ବସ୍ତୁର ଘଟଣା ତରଙ୍ଗ ଏପରି ବୈଚିତ୍ର୍ୟ ପୂର୍ଣ୍ଣ ଯେ ସେଇମାନଙ୍କ ସାହାଯ୍ୟରେ କେବଳ ନିର୍ଦ୍ଦିଷ୍ଟ ରସ ପରିପୁଷ୍ଟି ଲାଭ କରିଥାଏ । ସେଇ ହେତୁରୁ ପ୍ରାଚୀନ ଗ୍ରୀକ୍ ସାହିତ୍ୟର ବିୟୋଗାନ୍ତକ ନାଟକ କେତୋଟି କଥାବସ୍ତୁର ପରିଧି ମଧ୍ୟରେ ଆବଦ୍ଧ । ଏ ବିଷୟରେ ଆରିଷ୍ଟଟ୍‌ଲ କହିଛନ୍ତି—

"Whenever the tragic deed, however, is done within a family when murderer the like is done or meditated by brother, on brother, by son on father, by mother on son, or son on mother—these are the situations the poet should seek after—At the same time even with these there is something left to the poet himself, it is for him to devise the right way of treating them."

ଏକ ବିଷୟ ବସ୍ତୁର ଆଶ୍ରୟ ନେଉଥିଲେ ହେଁ କବିମାନେ ନିଜର ଚିତ୍ତ ପ୍ରକର୍ଷ ବଳରେ ସେଇ କଥାବସ୍ତୁ ଉପରେ ନିଜ ବ୍ୟକ୍ତିତ୍ୱର ସ୍ୱତନ୍ତ୍ର ଛାପ ଦେଇ ନୂତନ ନୂତନ ସାହିତ୍ୟ କେବଳ ସୃଷ୍ଟି କରିଥାନ୍ତି ଓ ସେମାନଙ୍କ ରଚନା ଅନବଦ୍ୟ ସୃଷ୍ଟିରେ ପରିଣତ ହେବାର ପ୍ରଧାନ କାରଣ ହେଉଛି ସେମାନେ ବିଷୟ ବସ୍ତୁର ପ୍ରକୃଷ୍ଟ ସଂଯୋଜନା ଓ ତାର ଉପଯୁକ୍ତ ବିନିଯୋଗ ଉପରେ ବିଶେଷ ଧ୍ୟାନ ଦେଇଥାନ୍ତି ।

ସଂସ୍କୃତ ସାହିତ୍ୟରେ ଏଇ ପ୍ରୟାସର ସ୍ପଷ୍ଟ ସଙ୍କେତ ଦେଖିବାକୁ ମିଳେ । ସମଗ୍ର ସଂସ୍କୃତ ସାହିତ୍ୟର ବହୁଅଂଶ ରାମାୟଣ ମହାଭାରତ ଓ ଭାଗବତର କଥାବସ୍ତୁ ଉପରେ ପ୍ରତିଷ୍ଠିତ । ଏକ ରାମାୟଣ ଉପରେ ବହୁ କବି କାବ୍ୟ ରଚନା କରିଥିଲେ ବି ପ୍ରତ୍ୟେକ କାବ୍ୟରେ ପ୍ରତ୍ୟେକ

କବିର ବ୍ୟକ୍ତି ସ୍ୱାତନ୍ତ୍ର୍ୟ ସୁପରିସ୍ଫୁଟ; ସେଇ ହେତୁରୁ କଥାବସ୍ତୁରେ ବିଶେଷ ପରିବର୍ତ୍ତନ ନଥିଲେ ବି କାବ୍ୟର ଅନ୍ତଃ ସ୍ୱରୂପରେ ପ୍ରଭେଦ ଅନୁଭବ କରିହୁଏ । ପୂର୍ବାଂଶରେ ଥିବା ଭାବ ପ୍ରକାଶ ଭଙ୍ଗୀର ବୈଚିତ୍ର୍ୟ, ଧ୍ୱନିର ଅପୂର୍ବମାଧୁରୀ, ବର୍ଣ୍ଣନା ମଧ୍ୟରେ ସଂଯମ ଓ କାବ୍ୟଗତ ରସଧାରା ଉତ୍ତର ରାମଚରିତରେ ଦେଖିବାକୁ ମିଳେନି ।

ବୈଷ୍ଣବ ସାହିତ୍ୟ ଏଇ ଏକ ପରମ୍ପରାରେ ପରିବର୍ଦ୍ଧିତ; ଏହା ଉଭୟ ସଂସ୍କୃତ ଓ ପ୍ରାଦେଶିକ ସାହିତ୍ୟରେ ସୁସ୍ପଷ୍ଟ । ଏ ସାହିତ୍ୟର ପ୍ରଧାନ ବିଷୟ ବସ୍ତୁ ହେଉଛି କଂସର ଅତ୍ୟାଚାର, ଏଥିରୁ ରକ୍ଷା ପାଇବା ପାଇଁ ଭଗବାନଙ୍କଠାରେ ଦେବତାମାନଙ୍କର ସ୍ତୁତି, କୃଷ୍ଣଙ୍କ ଜନ୍ମ ଓ ତାଙ୍କୁ ହତ୍ୟା କରିବାପାଇଁ କଂସର ଅସୁର ପ୍ରେରଣ, ଧନୁ ଉତ୍ସବ ସଂପାଦନ ଓ ମଥୁରାକୁ କୃଷ୍ଣଙ୍କ ଗମନ, ସର୍ବ ଶେଷରେ କଂସର ମୃତ୍ୟୁ;—ଏହି ବିଷୟବସ୍ତୁ ଓ ତାର ଆନୁସଙ୍ଗିକ ଘଟଣାରାଶି ଉପରେ ଓଡ଼ିଶାର ବିଶାଳ କୃଷ୍ଣ-ସାହିତ୍ୟ ଦଣ୍ଡାୟମାନ ।

କାଳ୍ପନିକ କାବ୍ୟ ଜଗତର ବିଷୟବସ୍ତୁ ଏକ ଗତାନୁଗତିକ କାବ୍ୟ ଆଦର୍ଶରେ ଅନୁପ୍ରାଣିତ ହୋଇଥିବାରୁ ସେହି ବିଷୟ ବସ୍ତୁରେ ନୂତନତ୍ୱର ପ୍ରବେଶ ଲାଭ ସହଜ କଥା ନୁହେଁ, କିନ୍ତୁ କୃଷ୍ଣ—ବିଷୟ—ବସ୍ତୁ ଏକ ସ୍ୱତନ୍ତ୍ର ପରିସୀମାରେ ଗତି କରିଛି । ଏ ସାହିତ୍ୟରେ ଘଟଣା ତରଙ୍ଗର ଘାତପ୍ରତିଘାତରେ ନିର୍ଦ୍ଦିଷ୍ଟ ରସ ସ୍ଫୁରଣ ସର୍ବାଦୌ ସମ୍ଭବ-ପର ବିଷୟବସ୍ତୁର ଆଶ୍ରୟରେ ବିଭିନ୍ନ ରସର ବିକାଶ କିପରି ହୋଇଛି ତାହା ବର୍ତ୍ତମାନ ଆଲୋଚିତ ହେବ ।

ବୈଷ୍ଣବ-ସାହିତ୍ୟରେ କୃଷ୍ଣହିଁ ନାୟକ । ବୈଷ୍ଣବ-ଧର୍ମ-ଦର୍ଶନ ଅନୁସାରେ ସେ ରସିକ ଶେଖର ଓ ସର୍ବ ରସାତ୍ମକ । ଜଣେ ଆଳଙ୍କାରିକ କହିଛନ୍ତି "ଯେ ରାଧାଙ୍କଠାରେ ଶୃଙ୍ଗାର ରସଶାଳୀ, ଯେ ଅଘାସୁରକୁ ବିଷରେ ଦଗ୍ଧୀଭୂତ କରି ସଖାମାନଙ୍କ ପ୍ରତି ସକରୁଣ, ଏଇ ଅସୁର ଗର୍ଭରେ ପ୍ରବେଶ କାଳରେ ଯେ ବିଭତ୍ସର ସମୟ, ବ୍ରଜକୁଳ କାମିନୀ-ମାନଙ୍କର ବସ୍ତ୍ରହରଣ ସମୟରେ ଯେ ହାସ୍ୟରସପରାୟଣ, ଯେ

ଦୁର୍ଦ୍ଦାନ୍ତ ଦୈତ୍ୟ ଦଳନରେ ବୀରରସାଶ୍ରୟୀ, କୁପିତ ଇନ୍ଦ୍ରଙ୍କ ପ୍ରତି ଯେ ରୌଦ୍ରରସାବତାର, ହୟୃଙ୍ଗବୀନ ହରଣରେ ଯେ ଭୀତି ବିହ୍ୱଳ, ନିଜତେଜ ଦର୍ଶନରେ ଯେ ବିସ୍ମୟନିମଗ୍ନ, ଦାମବନ୍ଧନରେ ଯେ ଶାନ୍ତ-ରସ ସମ୍ପନ୍ନ, ସେଇ ଭଗବାନ ଶ୍ରୀକୃଷ୍ଣଙ୍କର ଜୟ ହେଉ ।" ଘଟଣା ଗୁଡ଼ିକୁ କେନ୍ଦ୍ରକରି ସାହିତ୍ୟିକ ନବରସର ବିକାଶ କୃଷ୍ଣଚରିତରେ କିପରି ସଂସାଧିତ ହୋଇପାରେ ତାହାହିଁ କେବଳ ଏଠାରେ ଲକ୍ଷ୍ୟ କରିବା କଥା ।

କୃଷ୍ଣଲୀଳା ଓ କଂସବଧ କୃଷ୍ଣ-ସାହିତ୍ୟ ସୃଷ୍ଟିର ଆଦିଉତ୍ସ । କୃଷ୍ଣଙ୍କ ଉତ୍ତର ଚରିତ ମହାଭାରତ ଓ ଅନ୍ୟାନ୍ୟ ପୁରାଣର ବିଷୟ; ଏହାର ପ୍ରଚଳନ ବୈଷ୍ଣବଧର୍ମଦର୍ଶନ ଅନୁମୋଦନ କରେ ନା । ତେଣୁ ଏ ସାହିତ୍ୟରେ ତାର ଆଦର କମ୍ । ବୈଷ୍ଣବ କାବ୍ୟର କୃଷ୍ଣଚରିତ ଏକ ମନୋହର ଟ୍ରାଜେଡ଼ି । ଏ ସାହିତ୍ୟର କଥାବସ୍ତୁରେ ଘଟଣା ପରମ୍ପରାର ଏପରି ଚମତ୍କାର ସଂଯୋଜନା ଅଛି ଯେଉଁଥିରେ କି ଟ୍ରାଜେଡ଼ି ଅତି ସହଜରେ ସୃଷ୍ଟି ହୋଇପାରେ ।

କୃଷ୍ଣ-ବିଷୟ ଆଦ୍ୟନ୍ତ କରୁଣ ରସାଶ୍ରିତ । ବସୁଦେବଙ୍କ ବିବାହ ଉତ୍ସବରେ କଂସର ଅସୀମ ଆନନ୍ଦ । ସ୍ୱହସ୍ତରେ ଆକାଶ ମାର୍ଗରେ ରଥ ପରିଚାଳନା କରୁଥିବା ସମୟରେ ନାରଦଙ୍କଠାରୁ ସେ ଶୁଣେ ନିଜ ମୃତ୍ୟୁର ଅପ୍ରିୟ ସମ୍ବାଦ—ରଥସ୍ଥ ଭଗିନୀ ଦେବକୀର ଅଷ୍ଟମ ଗର୍ଭଜାତ ସନ୍ତାନ ହେବ ତାର କାଳାନ୍ତକ । କଂସ ନିଜେ ମହା ପରାକ୍ରମଶାଳୀ । ପିତାଙ୍କୁ ବିତାଡ଼ନ କରି ସେ ନିଜେ ହୋଇଛି ରାଜା । ସେଇ ରଥରେ ସେ ଇଚ୍ଛା-କଲା ଦେବକୀକୁ ହତ୍ୟା କରିବାକୁ; ବହୁ ଅନୁନୟ ବିନୟ ଫଳରେ ଦେବକୀ-ବସୁଦେବ ହୁଅନ୍ତି କାରାରୁଦ୍ଧ । ତତ୍ପରେ କଂସର କ୍ରୋଧାଗ୍ନିକୁ ଇନ୍ଧନ ଯୋଗାଇ ଗୋଟିକପରେ ଗୋଟିଏ ସନ୍ତାନ ମୃତ୍ୟୁ ମୁଖରେ ପତିତ ହେଲେ । ସଦ୍ୟଜାତ ଶିଶୁର ହତ୍ୟା ବିଶେଷତଃ ପିତାମାତାଙ୍କ ସ୍ୱଚକ୍ଷୁରେ ଏହା କମ୍ କରୁଣାଶ୍ରିତ କି ? ଅଷ୍ଟମ ଗର୍ଭଜାତ ସନ୍ତାନ ଯେଉଁ ଉପାୟରେ ନିର୍ଜନ ଘନ ଗର୍ଜିତ ରଜନୀରେ ନନ୍ଦଗୃହରେ ଆଶ୍ରୟ ନେଇଛି ତାର ବୈଚିତ୍ର୍ୟରେ କେଉଁ ସାହିତ୍ୟ ଧନ୍ୟ ହେବନି । ଆକାଶ-କନ୍ୟା କଂସର

ନ୍ଦୂର କବଳରୁ ମୁକ୍ତ ହୋଇ ଆକାଶ ମାର୍ଗରେ ଗତି କଲା ବେଳେ କହିଗଲା କାଳାନ୍ତକର ପ୍ରକୃତ ଅବସ୍ଥାନ କେଉଁଠି । କଂସ ମସ୍ତକରେ ବଜ୍ରପାତ ହେଲା । ପିତାମାତାଙ୍କର ମୁକ୍ତି ଏ ଅବସ୍ଥାରେ ସ୍ୱପ୍ନ ।

ତାପରେ କଂସର କୃଷ୍ଣହତ୍ୟା ବିଷୟରେ ହେଲା ଅନୁଦିନ ଚିନ୍ତା । ଗୋଟିକ ପରେ ଗୋଟିଏ ଅସୁର ଆସିଲେ ଶିଶୁ-ମୃତ୍ୟୁ କାମନାରେ, କେହି ଦୁଧରେ ବିଷଭରି, କେହି ଧେନୁ ବା କେହି ଶିଶୁକୁ ଭୁଲାଇବା ପାଇଁ ଶକଟା ରୂପ ଧରି । ଶିଶୁର ହତ୍ୟାପାଇଁ କଂସର ଏଇ ନିଦାରୁଣ ଦୁରଭିସନ୍ଧି, ଅଦମ୍ୟ ଉତ୍ସାହ ଓ ବିଧିବଦ୍ଧ ପରିକଳ୍ପନା ପ୍ରଭୃତି ପ୍ରତ୍ୟେକଟିରେ ଅଛି କରୁଣ ଭାବରାଶିର ଜୀବନ୍ତ ଉପାଦାନ । ଶିଶୁ ସବୁବେଳେ ଶିଶୁ; ତାର ନିଷ୍ଠୁର ହତ୍ୟାରେ କେଉଁ ନରନାରୀର ହୃଦୟ ଦୟାରେ ଦ୍ରବୀଭୂତ ନହେବ ?

ଯେତେବେଳେ କଂସର ସମସ୍ତ ଷଡଯନ୍ତ୍ର ନିଷ୍ଫଳ ଓ ନିଜେ ମୃତ୍ୟୁର କରାଳ ମୂର୍ତ୍ତି ନିକଟରେ ଧୃତହସ୍ତ, ସେତେବେଳେ ସେ ଶେଷଥର ପାଇଁ ଚେଷ୍ଟାକରିଛି । ଧନୁ ଉତ୍ସବର ଆୟୋଜନ ଏଇ ଶେଷ ପ୍ରୟାସର କେବଳ ବାହ୍ୟ ପୋଷାକ ମାତ୍ର । ଉତ୍ସବ ଦର୍ଶନ ପାଇଁ ବାଳକ ମନ ଅଧୀର ହେବା ସ୍ୱାଭାବିକ । ତେଣୁ କୃଷ୍ଣଙ୍କୁ ପଠାଇବାରେ ନନ୍ଦର କୌଣସି ଆଶଙ୍କା କରିବା ବୃଥା । ଧନୁ ଉତ୍ସବ ଆୟୋଜନ ପଛରେ ଯେଉଁ ନାଟକୀୟ ପରିକଳ୍ପନା ଅଛି ତାହା କଂସର କପଟ ପ୍ରଚେଷ୍ଟାର ଚୂଡ଼ାନ୍ତ ନିଦର୍ଶନ ।

ନିଜ ହସ୍ତରେ କୃଷ୍ଣଙ୍କୁ ହତ୍ୟାକରିବା ପାଇଁ କଂସ ପ୍ରସ୍ତାବ କରିଛି । ମଞ୍ଚରେ ବସିଛି ନିଜେ କଂସ । ନିକଟରେ ଅଛନ୍ତି ପୌରଜନ ସହ ବସୁଦେବ-ଦେବକୀ ଓ ନନ୍ଦରାଣୀ । ଏଇ ମାନଙ୍କ ସ୍ୱଚକ୍ଷୁ ସମ୍ମୁଖରେ ହେବ ପୁତ୍ରର ହତ୍ୟା ଏବଂ ତାପରେ ହେବ କଂସ କ୍ରୋଧାଗ୍ନି ଚରିତାର୍ଥ ପାଇଁ ନିର୍ବାପିତ । କରୁଣ ରସର ଦ୍ୟୋତନା ପାଇଁ ବିଷୟବସ୍ତୁର ଯଥାଯଥ ବିନ୍ୟାସ ଏଠାରେ ଚରମ ସୀମାରେ ବିଦ୍ୟମାନ; କିନ୍ତୁ ଯାହାର ମୃତ୍ୟୁପାଇଁ ଏତେ ଅବିରାମ ଆୟୋଜନ ତାର ଦର୍ଶନ କେବଳ

ଘଟଣାବଳୀକୁ ଉନ୍ମୁଖୀ କରି ଥୋଇ ଦେଇଛି—କଂସର କ୍ରୋଧାଗ୍ନି ଓ ଜୀବନ-ଦୀପ ଚିରନ୍ଦନ ପାଇଁ ଏକ ସମୟରେ ନିର୍ବାପିତ ହୋଇ ଛନ୍ତି ।

ସମଗ୍ର କୃଷ୍ଣ-ସାହିତ୍ୟର ପ୍ରଥମ ଓ ପ୍ରଧାନ ସ୍ୱର କରୁଣ, ଏହା ପୂର୍ବରୁ କୁହାଯାଇଛି । ଏହା ଶୁଦ୍ଧ ଓ ମିଶ୍ରିତ ରୂପରେ ଦୁଇ ଭାଗରେ ଦେଖି-ବାକୁ ମିଳେ । ଉପର ଲିଖିତ ଘଟଣାରାଶି ଶୁଦ୍ଧ କରୁଣରସର ପ୍ରତୀକ । ଏହାର ଉତ୍ପତ୍ତି ବସୁଦେବ ଦେବକୀଙ୍କ ହତ୍ୟା ଚେଷ୍ଟାରୁ; ପରିବ୍ୟାପ୍ତି କୃଷ୍ଣହତ୍ୟା-ପ୍ରଚେଷ୍ଟାରେ ଓ ଶେଷ ପରିଣତି ଘଟିଛି ସନ୍ତାନ ଶୋକଗ୍ରସ୍ତ ପିତା-ମାତାଙ୍କ ସମ୍ମୁଖରେ କୃଷ୍ଣ-ନିଧନ ଚେଷ୍ଟା ଓ କଂସ ମୃତ୍ୟୁରେ । ଦ୍ୱିତୀୟଟି ଶୃଙ୍ଗାରମିଶ୍ରିତ କରୁଣ ରସ । ଏହାର ଉତ୍ପତ୍ତି କୃଷ୍ଣରୂପ ଓ ବାଳଲୀଳାରୁ ପରିବ୍ୟାପ୍ତି କୃଷ୍ଣ ମଥୁରା ଗମନରେ ଓ ଶେଷ ପରିଣତି ଉଦ୍ଧବ ଆଗ-ମନରେ । ଗୋଟିଏ କଂସକୁ ଅପରଟି ଗୋପୀମାନଙ୍କୁ ଆଶ୍ରୟକରି ଘଟଣା ପରମ୍ପରା କ୍ରମିକ ଅଭିବୃଦ୍ଧିରେ ଏଇ କରୁଣ ରସ ଦେଦୀପ୍ୟମାନ । କୃଷ୍ଣ ସାହିତ୍ୟ ଅନୁଶୀଳନ ବେଳେ ଏ ଦୁହିଁଙ୍କ ମଧ୍ୟରେ ଥିବା ମଧୁର ଯୋଗସୂତ୍ର ଆଦୌ ଭୁଲି ହୁଏନା ।

ବୈଷ୍ଣବ-ସାହିତ୍ୟରେ ପ୍ରେମର ଶତ ବୈଚିତ୍ର୍ୟ ପ୍ରୀତିର ଶତ ନୂତନ ଭଙ୍ଗି ଓ ହୃଦ ସ୍ପନ୍ଦନର ଜୀବନ୍ତ ଆଲେଖ୍ୟ ଅନନ୍ୟ ସାଧାରଣ । ଶତ ଇନ୍ଦ୍ରଧନୁର ପ୍ରେମଛଟା ବୋଧହୁଏ ଏହି ପରକୀୟାପ୍ରୀତି ପାଇଁ ସମ୍ଭବପର ହୋଇଛି । ବିଦ୍ୟାପତି କହିଛନ୍ତି "ସେଇ ପ୍ରୀତି ଓ ଅନୁରାଗ କଥା କିଏ କହିବ । ତା ପ୍ରତିମୁହୂର୍ତ୍ତରେ ନୂତନ ଆକାର ଧାରଣକରେ ।" ବୈଷ୍ଣବ-ସାହିତ୍ୟକୁ ସାହିତ୍ୟ ବୋଲି ଗ୍ରହଣ କଲେ ଏଇ ପ୍ରୀତିକୁ ସାହିତ୍ୟିକରସ-ସୌନ୍ଦର୍ଯ୍ୟ ମାତରେ ଅନୁଭବ କରିବା ଉଚିତ । ବାସ୍ତବିକ, ପ୍ରୀତିବିହୀନ ବୈଷ୍ଣବସାହିତ୍ୟ କାନ୍ତିହୀନ ମୁଖଦର୍ପଣ ସଦୃଶ ।

କୃଷ୍ଣ ସର୍ବରସାତ୍ମକ ବୋଲି ପୂର୍ବରୁ କୁହାଯାଇଛି; ତଥାପି ସେ ମୂର୍ତ୍ତିମାନ ଶୃଙ୍ଗାରରସ । ଏହାକୁ ବୈଷ୍ଣବଧର୍ମ ଦର୍ଶନ ଅନୁମୋଦନ କରେ, ବୈଷ୍ଣବ ସାହିତ୍ୟ ମଧ୍ୟ ତାକୁ ବେଦବାକ୍ୟ ପରି ଗ୍ରହଣ କରିନେଇ

ଶୃଙ୍ଗାର-ରସମୟ ସାହିତ୍ୟ ସୃଷ୍ଟି କରିଛନ୍ତି । "ଯଦ୍ୟପି ଭଗବାନ ସର୍ବ-ରସାତ୍ମକ, ତଥାପି ସେ ଶୃଙ୍ଗାରରସର ଦେବତା ଓ ଏହି ରସର ବର୍ଣ୍ଣ ତାଙ୍କ ସମାନ ବର୍ଣ୍ଣବୋଲି ସେ ମୂର୍ତ୍ତିମାନ ଶୃଙ୍ଗାର ।"

କୃଷ୍ଣ ନାୟକ, ରାଧା ସହ ଗୋପୀମାନେ ନାୟିକା । ଲୋକେ କହନ୍ତି "କନ୍ୟା ବରୟତେ ରୂପଂ" । ପୁରୁଷର ରୂପସମ୍ପଦ ଚିରଦିନ ହିଁ ନାରୀଚିତ୍ତକୁ ଆକର୍ଷଣ କରି ଆସିଛି । ପ୍ରୀତିର ଆଦି ଉତ୍ସ ରୂପ । ଏମାନେ ପ୍ରେମମୟ ଜୀବନରେ କାର୍ଯ୍ୟକାରଣ ରୂପେ ପ୍ରତିଷ୍ଠିତ । କୃଷ୍ଣଙ୍କ ବହିଃ ସୌନ୍ଦର୍ଯ୍ୟ ଓ ବେଶଭୂଷା ଗୋପୀ ହୃଦୟକୁ ରସାପ୍ଳୁତ କରି ରଖିବାରେ ସମର୍ଥ ବୋଲି କବିମାନେ ଏ ସାହିତ୍ୟରେ ସେହି ରୂପ ଓ ବେଶକୁ ଶତବର୍ଣ୍ଣରେ ପୂର୍ଣ୍ଣକରି ରଖିଛନ୍ତି । କବି ଲେଖିଛନ୍ତି—

"ଶ୍ୟାମ ନାଗର ହେ ! ଏବେଶ ହୋଇବ ନାହିଁ ।
ଏ ବେଶ ହୋଇଲେ ପାଷାଣ ତରିଲେ
ଯୁବତୀ ବଞ୍ଚିବେ କାହିଁ ।

ପିନ୍ଧିଥିବ ଯେବେ ପୀତାମ୍ବର ତୁମ୍ଭେ
ଭୂମିରେ ଲୋଟିବ ନାହିଁ,
ହସୁଥିବେ ଯେବେ ମୃଦୁ ମୃଦୁ ହୋଇ
ତେରଛେ ଚହିଁବ ନାହିଁ ।

ଦେଇଥିବ ଯେବେ ଚନ୍ଦନର ବିନ୍ଦୁ
ଗୋରଚନା ଥିବନାହିଁ,
ବାନ୍ଧିଥିବ ଯେବେ ତ୍ରିଭଙ୍ଗୀମା ଚୂଳ
ଚନ୍ଦ୍ରିକା ଖୋଷିବ ନାହିଁ ।

ଯେତେ ବେଶ ତୋତେ ମନା କଲି ଶ୍ୟାମ
ତେତେ ବେଶ ହେଲୁ ତୁହି
ବୋଲେ ବନମାଳୀ ଶୁଣଗୋ ରାଧିକେ
ଏ ବେଶ ତୁମ୍ଭର ପାଇଁ ।

କବି କଳ୍ପନାରେ ମହିମାମୟ ବିଳାସ, ଭାବପ୍ରକାଶର ସ୍ଫୁର୍ତ୍ତି ଅଭି-ବ୍ୟକ୍ତି ଓ ସାହିତ୍ୟିକ ଚିରନ୍ତନ ଧର୍ମର ଅପୂର୍ବ ସମାବେଶ ସଙ୍ଗେ ଏହି କେତୋଟି ପଙ୍‌କ୍ତିରେ ତରୁଣୀ ହୃଦ ସ୍ପନ୍ଦନର ରମଣୀୟ ଆଲେଖ୍ୟ, ପ୍ରେମ ନିବେଦନର ଅଭିନବ କୌଶଳ ଓ ଆକର୍ଷଣରେ ମଧୁର ଆଭାସ ମଧ୍ୟ ଦେଖିବାକୁ ମିଳେ ।

ଗଉଡ ପୁଅଯାଏ ବନକୁ ଗୋରୁ ଜଗିବାକୁ, ତା କୁଳର ବେଉଷା ବୋଲି । ଯୂଥରେ ପ୍ରେମିକା ଚିତ୍ତ କ୍ଷଣିକ ପ୍ରିୟ ଅଦର୍ଶନରେ ଉଚ୍ଛଳ ହୋଇଉଠେ । ଚିତ୍ତର ଚାଞ୍ଚଲ୍ୟ, ହୃଦୟର ଉଦ୍‌ବେଗ, ପ୍ରାଣର ହାହାକାର, ଦୁଃଖର ନିପୀଡନ, ଏଡିକି ବେଳେ କେବଳ ଦେ । ହିଅନ୍ତି । ଶିରିଷ କୋମଳ ଶରୀର ପକ୍ଷରେ ଗୋଚାରଣ ରୂପ କଠୋର ପରିଶ୍ରମ ଗୋପୀମନରେ ଘୋର ଅନୁକମ୍ପା ଆଣି ଦିଏ, ଫଳରେ ନନ୍ଦ ଯଶୋଦାଙ୍କ ଉପରେ ପଡ଼େ ପ୍ରେମବ୍ୟଞ୍ଜକ କଟୂକ୍ତିର ବୃଷ୍ଟିଧାରା କୃଷ୍ଣ ଚରିତରେ ଗୋଚାରଣ ଘଟଣା ପ୍ରେମପ୍ରକାଶ ପାଇଁ କମ୍ ସାହାଯ୍ୟ କରିନି ।

ଗଉଡ ପୁଅ ଏ ଘରୁ ଯାଇ ସେ ଘରୁ ଖାଏ ଦହି । ଦୁଗ୍ଧାମୃତ ସହିତ ଅଧରାମୃତ ଏ ସମୟରେ ବାଦ ପଡ଼େନି । ଏହି ନିର୍ଜନରେ ପ୍ରେମର ପରସ୍ପର ସମ୍ବନ୍ଧ ହୁଏ । ପ୍ରେମାଭିଳାଷ ଚରିତାର୍ଥ ହେବା ସଙ୍ଗେ ସଙ୍ଗେ ତାର ବର୍ଣ୍ଣ ବିଭବ ଶତରୂପରେ ଅନୁରଞ୍ଜିତ ହୁଏ । ହୃଦ-ୟର ଶତସ୍ପନ୍ଦନ, ଚିତର ବିହ୍ୱଳତା, ଅନ୍ତରର ଆକର୍ଷଣ ପ୍ରଭୃତି ଚିତ୍ତବୃତ୍ତିର ନୈସର୍ଗିକ, ଶାଶ୍ୱତ ପ୍ରବୃତ୍ତି ଏହି ମଧୁର ମିଳନରେ ସାର୍ଥକତା ଲଭ କରନ୍ତି । ବୈଷ୍ଣବ-ସାହିତ୍ୟରେ କୃଷ୍ଣଙ୍କ ବାଲଲୀଳା, ଗୋପୀଲୀଳା ଯମୁନା-ବୃନ୍ଦାବନ-କାନନଲୀଳା ପ୍ରଭୃତିର ପ୍ରେମାନୁରାଗ ଏ ସାହିତ୍ୟର ଅମୂଲ୍ୟମଣି ସଦୃଶ ।

ଗଉଡ଼ ପୁଅ ହାତରେ କବି ଧରାଇ ଦେଇଛନ୍ତି ଗୋଟିଏ ବଂଶୀ ଯାହାକି ବନରେ ସୁଲଭ ଓ ଗଉଡ଼ ପୁଅ ପକ୍ଷରେ ଦୁର୍ମୂଲ୍ୟ ନୁହେଁ । ଏହାର ସାହାଯ୍ୟରେ ରମଣୀର ଚିତ୍ତ ଚାଞ୍ଚଲ୍ୟ ସୃଷ୍ଟି କରି ନିଜପାଖକୁ ଗୋପୀମାନଙ୍କୁ ଆକର୍ଷଣ କରି ଆଣିବାକୁ କୃଷ୍ଣ ସମର୍ଥ ହୋଇଛନ୍ତି ।

କୃଷ୍ଣ-ସାହିତ୍ୟରେ ଏଇ ବଂଶୀର ଗୌରବ ଓ ତାର ପ୍ରଭାବ ସମୁଚିତ ଭାବେ ସ୍ଥାନ ପାଇଛି । ରାଧାଙ୍କ ମୁଖରେ କବି କହିଛନ୍ତି—

"ମୁରଲି ! ତୋରେ ଶରଣ ଗଲିରେ (ମୁରଲି)
ଦିନେ ନ ଡାକିଲୁ ରାଧିକା ବୋଲିରେ ।

ଜାତି ତୋର କଣ୍ଟା ବାଉଁଶ ଖଣ୍ଡ
ଧ୍ୱନି ସଙ୍ଗେ ଥାଇ ପଞ୍ଚମ କାଣ୍ଡ ।
କୃଷ୍ଣ ହସ୍ତୁଁ ତୋତେ କେ ଦିଅନ୍ତା ମୋତେ
ଭସାଇ ଦିଅନ୍ତି ଯମୁନା ସ୍ରୋତେ ।'

କିମ୍ବା

"ଗୋପେ କେବା ନାହିଁତ, ମୋତେ ଧେଲି ଅଛିତ,
ନିରବଧି ରାଧା ରାଧା ଡାକେ ସେହିତ ।
କନ୍ଧ ଥାଇ ତହିଁକି, ପରଦାର୍ଥୀ ମୁହିଁକି ?
କୁଞ୍ଜବନକୁ ଡାକଇ ମୋତେ କାହିଁକି ?"

ନିଷ୍ଠୁର କଂସର ଆଦେଶ ହୋଇଛି, କୃଷ୍ଣ ମଥୁରାକୁ ନିଶ୍ଚୟ ଯିବେ । ଶତଗୋପୀ ଏହାର ଅନ୍ୟଥା କରି ପାରିବେନି । ପ୍ରେମ ପରିବର୍ଦ୍ଧନ ପାଇଁ, ବିପ୍ରଲମ୍ଭ ଶୃଙ୍ଗାର ରସର ଯୋଜନା ପାଇଁ ଏହି ଘଟଣାଟି ଅତ୍ୟନ୍ତ ଉପଯୋଗୀ । ଶକୁନ୍ତଳା ନାଟକରେ ବିରହର ଅଭିନବ ପ୍ରକାଶ ପାଇଁ ଦୁର୍ବାସାଙ୍କ ଅଭିଶାପ ଯେପରି ସଂଯୋଜିତ ହୋଇଛି ସେମିତି ଘଟଣା ଚକ୍ରର ସହଜ, ପ୍ରାକୃତିକ ଗତିବୃତ୍ତି ସଙ୍ଗତିକୁ ଛୁଡ଼ିଦେଲେ ଓଡ଼ିଆ ମଧ୍ୟଯୁଗ ସାହିତ୍ୟରେ ଅବଶ୍ୟ ଦୁର୍ଲଭ ନୁହେଁ । ଯେତେବେଳେ ପ୍ରେମିକା ପ୍ରେମରେ ନିମଗ୍ନ, ସେତେବେଳେ କଂସର କଠୋର ଆଦେଶ ତାର ଅଖଣ୍ଡ ଜୀବନର ସୁଖରାଶିକୁ କ୍ଷଣକରେ ମାଟିରେ ମିଶାଇ ଦେଉଛି । ଶୋକ ସନ୍ତପ୍ତା ଆସନ୍ନ ବିଚ୍ଛେଦ-ଦୁଃଖା-ଭିଭୂତା ଗୋପୀ ହୃଦୟ ଏଥିରେ ଶତଧା ବିଦୀର୍ଣ୍ଣ ହୋଇ ଉଠିଛି । ପ୍ରେମଗର୍ବିଣୀ ଗୋପୀ ହୃଦୟର ପ୍ରେମ ନିବେଦନ ଏଇ ସମୟରେ ଏକ ଅଲୌକିକ ଦୀପ୍ତିରେ ଉଦ୍ଭାସିତ ହେବାକୁ ସମର୍ଥ ହୋଇଛି ।

ବିଦାୟବେଳେ କୃଷ୍ଣ କହି ଯାଇଥିଲେ ଚାରିଦିନ ପରେ ଫେରି ଆସିବାକୁ । ଗୋପୀମାନେ ବୁଝିଲେଣି ଆଜ ଚାରିଯୁଗ ଗଲେ ବି କୃଷ୍ଣଙ୍କ ସହ ସେମାନଙ୍କର ମିଳନ ସମ୍ଭବ ନୁହେଁ । ସେ ତ ମଥୁରାର ନିକଟରେ । ପ୍ରେମିକା ଜାଣେ ପ୍ରେମିକର ଦର୍ଶନ ତା ପକ୍ଷରେ ଅସମ୍ଭବ, ଯଦିଓ ସେ ଅଛି ତାର ଅତି ନିକଟରେ । ହାତ ବଢ଼ାଇଲେ ପାଇବ, କିନ୍ତୁ ହାତ ବଢ଼ାଇବାର ସାମର୍ଥ୍ୟ ନାହିଁ । ଏହି ସମୟରେ ମୃତ୍ୟୁହିଁ ଶ୍ରେଷ୍ଠ ଅବଲମ୍ବନ, କିନ୍ତୁ ମୃତ୍ୟୁର ବି ଅନୁଗ୍ରହ ନାହିଁ । ଏଇ ଜଟିଳ ପରିସ୍ଥିତିରେ ଦାରୁଣ ମନୋବେଦନା ସମସ୍ତ ବାୟୁମଣ୍ଡଳ ଅଧିକାର କରି ପ୍ରେମିକାକୁ ଯେପରି ଶୋକବିଦଗ୍ଧ କରେ, ଗୋପୀମାନଙ୍କର ଜୀବନ କାହାଣୀ ଠିକ୍ ସେମିତି । ଅତୀତ ଜୀବନର ସମସ୍ତ ପ୍ରେମଲୀଳା, ଚିର ଆଶାପ୍ସୀର ଆକାଙ୍କ୍ଷିତ ପଦାର୍ଥ ପ୍ରତି ସକରୁଣ, ଦୁର୍ବଳ ହସ୍ତପ୍ରସାରଣ, ଐକାନ୍ତିକ ପ୍ରେମର ନିଷ୍ଫଳ ନିବେଦନ, ଶୋକସନ୍ତପ୍ତ ଭଗ୍ନହୃଦୟର କରୁଣ କାକୁକ୍ତି ରୂପାୟନ ଲଭ କରିଛନ୍ତି ସରଳ, ନିଷ୍କପଟ, ବିମଳ ଗୋପୀ ହୃଦୟର ବିରହ ଗୀତିକାରେ । ବୈଷ୍ଣବ-ସାହିତ୍ୟ ପ୍ରେମିକାର ସରଳ ପ୍ରେମ ବର୍ଣ୍ଣନାରେ ଚିରଦିନ ଉଜ୍ଜ୍ୱଳ ।

ଗୋପୀମାନଙ୍କ ମନର ଏଇ ଗଭୀର ଅଭିମାନ ନିମ୍ନଲିଖିତ ପଦ୍ୟାଂଶଟିରେ ଅତି ଜୀବନ୍ତଭାବେ ଆତ୍ମପ୍ରକାଶ କରିଛି ।

"ଯାକୁ ନାନା ରସପଣା ମିଳିବ ।
ସେ ଗୋ ଗୁଡ଼ପଣା କିସ କରିବ ॥
ଯାକୁ ମିଳିବ ହବ୍ୟଶାଳୀ ଅନ୍ନ ।
ତାର ବଗଡ଼ା ଭାତେ କାହିଁ ମନ

ଯାକୁ ମିଳିବ ସୁବାସ ଚନ୍ଦନ ।
ତାର ନିମ୍ବକାଠରେ କାହିଁ ମନ ॥
ଯେହୁ ଗଙ୍ଗାରେ କରିବ ସ୍ନାନ ।
ତାର କୂପଜଳରେ କାହିଁ ମନ ॥

ଯେତେ ପାଟ ପଉଣ୍ଣୀ ଗୋ ପିନ୍ଧିବ ।
ସେତେ ଶୁକଲ ବସ୍ତ୍ର କି କରିବ ॥
ଯାକୁ ମିଳିବ ପଲ୍ୟଙ୍କ ସୁପାତି ।
ତାର ଭୂମି ଶଯ୍ୟାରେ କାହିଁ ମତି ॥"

ବୈଷ୍ଣବ ସାହିତ୍ୟରେ କୁବୁଜା ପ୍ରତି-ନାୟିକା ରୂପେ ଚିତ୍ରିତ । କୃଷ୍ଣ ପ୍ରେମଗର୍ବିଣୀ ଗୋପୀମାନଙ୍କର ହୀନାବସ୍ଥା, କର୍ମବିପାକ, ସପତ୍ନୀ କୁବୁଜା ନିକଟରେ ପ୍ରକାଶ କରିବା ଜୀବନ୍ତ ମୃତ୍ୟୁ ସଦୃଶ ଅଟେ । ସେଇ ହେତୁରୁ ଅତି କରୁଣ ଭାବରେ ସେମାନେ ଉଦ୍ଧବଙ୍କୁ କହୁଛନ୍ତି "କୁବୁଜା ପାଶରେ ଥିବା ସମୟରେ ଦୁଃଖ ଏକା ନ କହିବ" । ନାରୀ ଚରିତ୍ରର ଏଇ ଜୀବନ୍ତ ଶାଶ୍ୱତ ଚିତ୍ରଟି ଅତି ଅନାଡ଼ମ୍ବର ଭାଷାରେ ଯେପରି ପ୍ରକାଶ ପାଇଛି ତାହା ଅତ୍ୟନ୍ତ ଉପଭୋଗ୍ୟ ।

ବୈଷ୍ଣବ-ସାହିତ୍ୟରେ ଅନ୍ୟାନ୍ୟ ରସମାନଙ୍କର ସ୍ୱର ଯେ ଶୁଣିବାକୁ ନମିଳେ ତା ନୁହେଁ । ଦେବତା ଓ ଗୋପୀମାନଙ୍କର କୃଷ୍ଣଙ୍କ ପ୍ରତି ଐକାନ୍ତିକ ଭକ୍ତି, ଯୋଦ୍ଧାମାନଙ୍କ ସହିତ ଯୁଦ୍ଧବେଳେ ବୀରରସ, ଯଶୋଦାଙ୍କ ମାତୃ ହୃଦୟର ବାତ୍ସଲ୍ୟ ଭାବ ମଧ୍ୟ ଦେଖିବାକୁ ମିଳେ । ଏମାନଙ୍କ ମଧ୍ୟରେ ଶେଷୋକ୍ତ ରସଟି ପ୍ରଧାନ । ମଥୁରା ଗମନ କାଳରେ ଏହା ଉତ୍ତମରୂପେ ପ୍ରତିପାଦିତ ହୋଇଛି । କଂସର ଆଦେଶରେ କୃଷ୍ଣ ମଥୁରାକୁ ଯାଉଛନ୍ତି; ତେଣୁ ଆସନ୍ନ-ପୁତ୍ର-ବିରହ-ବିଧୁରା ଯଶୋଦାଙ୍କ ହୃଦକନ୍ଦର ଯେପରି ଶୋକାଗ୍ନିରେ ଦଗ୍ଧୀଭୂତ ତାହା ବର୍ଣ୍ଣନାତୀତ । ମାତୃହୃଦୟର ଅମଳ ବିମଳ ମନ୍ଦାକିନୀ ଧାରାର ଅପୂର୍ବସ୍ରୋତ ମଥୁରା-ମଙ୍ଗଳରେ ଯେପରି ପ୍ରବାହିତ ହୋଇଛି ତାହା ଓଡ଼ିଆ ସାହିତ୍ୟରେ ଏକ ବିଶିଷ୍ଟ ସମ୍ପଦ । ଏପରି ହୃଦୟ ମନ୍ଥନକାରୀ କ୍ରନ୍ଦନ, ଏପରି ବୁକ୍‌ଫଟା ଭାଷା, ଏପରି ଅଳଙ୍କାର ବିହୀନ ନିରାଡ଼ମ୍ବର ସ୍ୱଚ୍ଛ ଭାବରାଶି ଏଇ କାବ୍ୟର ଅତି କମ୍ ସ୍ଥାନରେ ଦେଖିବାକୁ ମିଳେ । କୃଷ୍ଣଙ୍କ ଯାତ୍ରା ସମୟରେ ଯଶୋଦାଙ୍କ ଆକୁଳ ହୃଦୟରୁ ବାହାରିଛି "ଆରେ ବାବୁ ଶ୍ୟାମଘନ ତୁ ଗଲେ ମଧୁଭୁବନ କାହାମୁଖ ଅନାଇ ବଞ୍ଚିବି"···ଇତ୍ୟାଦି । କଥାଗୁଡ଼ିକ ଯେପରି ନିରାଟ ସତ୍ୟ ସେମିତି ଗଭୀର ଅନୁଭୂତି ପୂର୍ଣ୍ଣ । ମା କେବଳ

ବଞ୍ଚିପାରେ ପୁଅକୁ ଦେଖି । ତାର ଅନୁପସ୍ଥିତିରେ ମାଙ୍କୁ ଯେ ଦଶଦିଗ ଅନ୍ଧକାର ଦେଖାଯାଏ । ତାର ଖାଇବା, ପିନ୍ଧିବାରେ ଅନବରତ ଚିନ୍ତା ଲଗିଥାଏ—ଏମିତି ସତ୍ୟ କରୁଣାଶ୍ରିତ ଘଟଣାଗୁଡ଼ିକ ଯେପରି ଜୀବନ୍ତ ଭାଷାରେ ବର୍ଣ୍ଣିତ ତାହା ପଢ଼ିଲେ ଆଖିରୁ ଦୁଇଟୋପା ଲୁହ ଝରିପଡ଼େ । ପୁଣି କବି କହିଛନ୍ତି—

"ନିଶାକାଳେ ମୋର କୋଳେ
ଶୋଇଥାଉ ଶ୍ରମ ହେଲେ
ସ୍ୱପନରେ ଦେଖି କିସ କିଏ
ମା' ବୋଲି ଚମକି ପଡ଼ୁ    କଣ୍ଠେ ଦୁଇ ଭୁଜ ଭିଡ଼ୁ
ପୁଣି ଶୋଉ ଯୋଡ଼ିହୋଇ ବାସରେ ଜୀବଧନ"

ଓଡ଼ିଆ ଘରର ଏଇ ନିଘଟ ସତ୍ୟ ଚିତ୍ର ଅନ୍ୟ କେଉଁ ଓଡ଼ିଆ କବିଙ୍କ ହସ୍ତରେ ପ୍ରାଣବନ୍ତ ହୋଇଛି ବୋଲି ମନେ ହୁଏନି । ଅନ୍ୟତ୍ର କୁହାଯାଇଛି—

"କାହାକୁ ବୋଲିବି ଝୁଲିହାଣି
କାହାକୁ ଡାକିବି କରି ପାଖରେ"

ଏଇ କେତୋଟି କଥାରେ ମନୁଷ୍ୟ ଚିତ୍ତ ବୃତ୍ତିର ଶାଶ୍ୱତ ଚିତ୍ର କବି ଯେପରି ଦେଇଛନ୍ତି ତାହା ଅନ୍ୟତ୍ର ଦୁର୍ଲଭ । ଯାହାର ବାପ କିମ୍ବା ମା ହେବାର ପରମ ସୌଭାଗ୍ୟ ଜୀବନରେ ଘଟିନି ତା ପକ୍ଷରେ ଏ ଏ ଗୁଡ଼ିକ ଚିରଦିନ ସ୍ୱପ୍ନ ।

ବୈଷ୍ଣବ ସାହିତ୍ୟର କଥାବସ୍ତୁ ପୁରାଣ ଉପରେ ପ୍ରତିଷ୍ଠିତ କିନ୍ତୁ ପ୍ରତ୍ୟେକ ଘଟଣାର ପଶ୍ଚାଦ ଭାଗରେ ନିର୍ଦ୍ଦିଷ୍ଟ ରସ ବିକାଶର ସମୁଚିତ ବାତାବରଣ ଯେପରି ଅଛି ସେପରି ଅନ୍ୟତ୍ର ମିଳିବା ସହଜ ନୁହେଁ । ବୈଷ୍ଣବ କବିଗତ କାବ୍ୟ ସୃଷ୍ଟି ସମୟରେ ଏମାନଙ୍କ ପ୍ରତି

ଅକୃଷ୍ଟ ହେବା ଅସମୀଚୀନ ନୁହେଁ । ଓଡ଼ିଆ ସାହିତ୍ୟରେ ଏହି ବୈଷ୍ଣବ କବିମାନେ ତାର ସଦ୍‌ବ୍ୟବହାର ଦ୍ୱାରା ଏ ସାହିତ୍ୟର ଗୌରବ ପ୍ରତିଷ୍ଠା ଦିଗରେ ଯଥେଷ୍ଟ ସାହାଯ୍ୟ କରିଛନ୍ତି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

—o—

(୧୯୫୨ ନଭେମ୍ବର)

# ଇତିହାସରେ ପ୍ରତିଭାଶୀଳ ବ୍ୟକ୍ତିର ସ୍ଥାନ

: ରାଧାନାଥ ରଥ

ଯେତେ ପ୍ରକାର ଭୌତିକ, ଦୈବିକ, ମାନସିକ ଓ ସାମାଜିକ ଅବସ୍ଥିତି ଆମେ ଦେଖିବାକୁ ପାଉଁ, ସେ ସବୁର ଗୋଟିଏ ଧାରାବାହିକ ଇତିହାସ ଅଛି । ଜଡ ପଦାର୍ଥର କ୍ରିୟା ପ୍ରକ୍ରିୟା ପରସ୍ପର ସମ୍ପର୍କିତାର ଅନ୍ତର୍ନିହିତ ଶକ୍ତି ବସ୍ତୁରୁ ନିର୍ଦ୍ଦିଷ୍ଟ ପରିବର୍ତ୍ତନ ଓ ପ୍ରତିକ୍ରିୟା ବିଷୟରେ ଗଣନା କରି ଠିକ୍ ଠିକ୍ ଭାବରେ ଆଗରୁ କହିଦେବ । କୌଣସି ଜଡ ପଦାର୍ଥର ରାସାୟନିକ ପ୍ରକ୍ରିୟା ପଛରେ ପ୍ରତ୍ୟେକ, ଅଣୁ ପ୍ରତ୍ୟେକ ପରମାଣୁ କିପରି ଭାବରେ କେଉଁ ଦିଗକୁ ଓ କେତେ ବେଗରେ ସମ୍ବିତ ଗତି କରିବେ କହିବା ଅସମ୍ଭବ, ତଥାପି ସ୍ଥୂଳ ପଦାର୍ଥଟିର ସାଧାରଣ ପ୍ରକ୍ରିୟା କିପରି ଭାବରେ ସମ୍ପାଦିତ ହେବ ଏବଂ ତାର ଶେଷଫଳ କଣହେବ ତାହା ଗଣନା କରିବା ସହଜ । ଏପରି ଗଣନାରେ ମଧ୍ୟ ଗୋଟିଏ ଗୋଟିଏ କ୍ଷେତ୍ରରେ ଭୁଲ ଭଟକା ରହିଯାଇପାରେ । ଗଣନାନୁସାରେ ଶତକଡା ଶହେ ସତ ନହୋଇ ପାରେ । ତଥାପି ଏ ସମ୍ପର୍କରେ ଯେଉଁ ତଥ୍ୟ ପ୍ରଣୟନ କରାହୁଏ ତାର ସର୍ବପ୍ରସାରୀ ସତ୍ୟତା ଅଛି ବୋଲି ବୈଜ୍ଞାନିକମାନେ ଗ୍ରହଣ କରନ୍ତି । ଅର୍ଥାତ୍ ଭୌତିକ ନିୟମ କୌଣସି ଘଟଣାର ଗୋଟିଏ ନିର୍ଦ୍ଦିଷ୍ଟ ଭାବରେ ଘଟିବାର କେତେଦୂର ସମ୍ଭାବନା ଅଛି ତାର ଗୋଟିଏ ସଂକ୍ଷିପ୍ତ ବ୍ୟାଖ୍ୟାମାତ୍ର । ତଥାପି ଜଗତର ଜଡ଼ବସ୍ତୁ ସମ୍ବନ୍ଧୀୟ ତଥ୍ୟ ତଥ୍ୟ ଓ ନିୟମାବଳୀ ଗୋଟିଏ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଅନେକଟା ନିଶ୍ଚିତ ସତ୍ୟ ହିସାବରେ ଗ୍ରହଣ କରାଯାଇପାରେ । ପଦାର୍ଥର ମାଧ୍ୟାକର୍ଷଣ ଶକ୍ତି, ଗ୍ରହମଣ୍ଡଳ

ଓ ଜ୍ୟୋତିଷ୍କ ମଣ୍ଡଳର ସାର୍ବଭୌମ ଗତିବିଧି ନିୟମ, ମୌଳିକ ପଦାର୍ଥର ସାଧାରଣ କ୍ରିୟା ପ୍ରକ୍ରିୟା, ବାୟୁ ଓ ମେଘର ସଂଚରଣ ପ୍ରଭୃତି ବିଷୟରେ ଗଣନାସିଦ୍ଧ ନିୟମ ଗୁଡିକର ନିଶ୍ଚୟତା ସମ୍ବନ୍ଧରେ କେହି ଅବିଶ୍ୱାସ ପ୍ରକାଶ କରିପାରିବେ ନାହିଁ, କିନ୍ତୁ ସାମାଜିକ ରୀତି-ନୀତି ବା କ୍ରିୟା ପ୍ରକ୍ରିୟା ବିଷୟରେ, ଏପରି ସାର୍ବଭୌମ ନିଶ୍ଚିତ ନିୟମ ବିଷୟରେ ବହୁ ବିରୁଦ୍ଧାତ୍ମକ ମତ ଦେଖାଯାଏ । କେତେକ ଯଦି କହନ୍ତି ଯେ, ଏ ସବୁର ମଧ୍ୟ ନିୟମ ଅଛି, ଏବଂ ତାକୁ ଠିକ୍ ଠିକ୍ ଭାବରେ ଗଣନା କରି କହିହେବ, ଆଉ କେତେକ କହନ୍ତି ଯେ ଏସବୁ କ୍ଷେତ୍ରରେ କୌଣସି ସର୍ବ ସାଧାରଣ ନିୟମ ଆଦୌ କରି-ହେବ ନାହିଁ । ଆଉ କେତେକ ମତ ଦିଅନ୍ତି ଯେ ଜଡ ବସ୍ତୁ ବିଷୟରେ ସାର୍ବଭୌମ ନିଶ୍ଚିତ ନିୟମ ପରି ସ୍ଥିର ସିଦ୍ଧାନ୍ତ ଏ କ୍ଷେତ୍ରରେ ସମ୍ଭବ ନ ହେଲେ ସୁଦ୍ଧା ମୋଟା ମୋଟି ଭାବରେ ଯୁକ୍ତିସଙ୍ଗତ ଓ କାର୍ଯ୍ୟକାରୀ ନିୟମ ପ୍ରଣୟନ ସମ୍ଭବ ହୋଇ ପାରିବ ।

ଜୀବଜଗତର କ୍ରମ ବିକାଶ ନେଇ ବିଜ୍ଞାନ ସମ୍ମତ ଯେଉଁ ବିବର୍ତ୍ତନ ମତବାଦର ସୃଷ୍ଟି ହୋଇଛି । ସେହି ଦୃଷ୍ଟି କୋଣରୁ ମନୁଷ୍ୟ ଇତିହାସ ବିଚାର କରାଗଲେ ଆମ୍ଭମାନେ ବହୁ ଜଟିଳ ସାମାଜିକ ପରିସ୍ଥିତିରୁ ମଧ୍ୟ କେତେଗୁଡିଏ ଯୁକ୍ତିଯୁକ୍ତ ସର୍ବସାଧାରଣ ନିୟମ ଦେଖି-ବାକୁ ପାଉଁ । ସବୁ ମନୁଷ୍ୟମାନଙ୍କ ଶାରୀରିକ ସଂଗଠନ ଏକାବେଳକେ ସମାନ ନଥିଲେ ସୁଦ୍ଧା ଶରୀର ତତ୍ତ୍ୱବିତ୍ ମନୁଷ୍ୟ ଶରୀରର ଗୋଟିଏ ସାଧାରଣ ମାନଚିତ୍ର ତିଆରି କରିଥାଏ ଏବଂ ଏହି ମାନଚିତ୍ର ବା ମଡେଲଟି ଯେ ଶରୀର ବିଜ୍ଞାନ ସମ୍ମତ ଓ ଡାକ୍ତର ଓ ଶରୀର ତତ୍ତ୍ୱ-ବିତ୍‌ଙ୍କର ବହୁ ଉପକାର ସାଧନ କରେ ଏଥିରେ ସନ୍ଦେହ ନାହିଁ । କେତେକ ମନୁଷ୍ୟ ଅନ୍ୟକେତେକଙ୍କଠାରୁ ତଫାତ୍ ହେଲେ ଯଦି ଆମ୍ଭେମାନେ କୌଣସି ନିର୍ଦ୍ଦିଷ୍ଟ ନିୟମରେ ନ ପହଞ୍ଚୁ ତା ହେଲେ ଶରୀର ବିଜ୍ଞାନ କୌଣସି ମତେ ଆଗେଇ ପାରିବନାହିଁ । ଏହି ମଡେ-ଲର ସତ୍ୟତା ଶରୀର ତତ୍ତ୍ୱବିତ୍ ମାନଙ୍କର ଗବେଷଣାଗାରରେ ପରୀକ୍ଷିତ ନମୁନା ଗୁଡିକର ସଂଖ୍ୟା ଉପରେ ନିର୍ଭର କରେ । କିନ୍ତୁ

ଯେତେ ବ୍ୟକ୍ତିଗତ ପ୍ରଭେଦ ହେଲେ ସୁଦ୍ଧା ଅସ୍ଥି, ଚର୍ମ ଓ ମାଂସ ପ୍ରଭୃତି ପଦାର୍ଥ ଓ ରକ୍ତ ସଞ୍ଚାଳନ ନିଶ୍ୱାସ ପ୍ରଶ୍ୱାସ ପ୍ରଭୃତି ପ୍ରକ୍ରିୟାର ଗୋଟିଏ ସାଧାରଣ ନିୟମ ନିଶ୍ଚୟ ପ୍ରତିପନ୍ନ କରିଦେବ, ଏବଂ ଅନେକ ସ୍ଥଳରେ ଏଗୁଡିକ କାର୍ଯ୍ୟକାରୀ ହୋଇପାରିଲେ ଆମ୍ଭେମାନେ ତାକୁ ମୋଟା ମୋଟି ଭାବରେ ଗ୍ରହଣ କରିନେଉ। ଭବିଷ୍ୟତରେ ଯେ ଏହାର ପରିବର୍ତ୍ତନ ହେବ ନାହିଁ ତା ନୁହେଁ କିନ୍ତୁ ସେଥିସକାଶେ ଯଥେଷ୍ଟ ଅବକାଶ ରଖି ଦୈନନ୍ଦିନ କାମପାଇଁ ଆମ୍ଭେମାନେ ତାର ଉପରେ ନିର୍ଭର କରୁ। ଏହିପରି ଭାବରେ ବିଜ୍ଞାନର ବିଭିନ୍ନ ତଥ୍ୟ ତଥ୍ୟର ସମନ୍ୱୟକାଶ ହୋଇଛି ଏବଂ ତାର ଉପରେ ଅମ୍ଭମାନଙ୍କର ଜ୍ଞାନର ପରିସର ନିର୍ଭର କରିଆସୁଛି।

ଏହି ଦୃଷ୍ଟିରୁ ଦେଖିଲେ ମନୁଷ୍ୟ ଇତିହାସରେ ଲକ୍ଷ ଲକ୍ଷ ରାଜା ଦେଶଜୟୀ ଯୋଦ୍ଧା ଚିନ୍ତକ, ବୈଜ୍ଞାନିକ ଓ କୋଟି କୋଟି ସାଧାରଣ ଲୋକଙ୍କର ବିଭିନ୍ନ ମତ ମତି, ଭିନ୍ନ ଭିନ୍ନ ଆଦର୍ଶ ଓ କଳ୍ପନାଶ୍ରିତ କ୍ରିୟା ପ୍ରକ୍ରିୟା ଏହିପରି ସେଥିରେ କୌଣସି ସାଧାରଣ ନିୟମ ବହିର୍ଭୂତ ବୋଲି, ମନେ ହେଉଥିଲେ ମଧ୍ୟ ସେ ସବୁକୁ ଚିନ୍ତାର ସହିତ ଆଲୋଚନା କଲେ କେତୋଟି ସାଧାରଣ ନିୟମ ଦେଖିବାକୁ ମିଳେ। ଏହି ନିୟମଗୁଡ଼ିକ ନାନା ଘଟଣାଭିତରୁ ନିର୍ଦ୍ଧାରିତ ହୋଇଥାଏ ଏବଂ ଏସବୁ ନିୟମାନୁଯାୟୀ ଯେଉଁ ଭବିଷ୍ୟତ କାର୍ଯ୍ୟଧାରା ସ୍ଥିରୀକୃତ ହୁଏ ତାର କାର୍ଯ୍ୟକାରୀ ସଫଳତା ଉପରେ ଏହା ଭବିଷ୍ୟତ ନିର୍ଭର କରିଥାଏ। ତେଣୁ ମନୁଷ୍ୟ ବୁଦ୍ଧି ଏବଂ ବିଶ୍ୱର ସମ୍ପୂର୍ଣ୍ଣ ଜ୍ଞାନ, ଅତୀତ ଓ ଭବିଷ୍ୟତର ଘଟଣାବଳୀ, ଅଭିଜ୍ଞତା ଓ ସଙ୍ଗଠିତ ବୈଜ୍ଞାନିକ ପ୍ରଣାଳୀରେ ଉତ୍ତମରୂପେ ପରୀକ୍ଷିତ ହେଲା ପରେ ହିଁ ଏହାକୁ ଏକ ଯୁକ୍ତ ନିୟମ ଭାବରେ ଗ୍ରହଣ କରାଯିବା ଉଚିତ, ତେଣୁ ଏହା ବହୁ କଷ୍ଟସାଧ୍ୟ ହେଲେ ସୁଦ୍ଧା ସମ୍ଭବ,—ଭୌତିକ ତଥ୍ୟପରି ସୁନିଶ୍ଚିତ ନ ହେଲେ ସୁଦ୍ଧା ବିଜ୍ଞାନ ପଦବାଚ୍ୟ।

ଏପ୍ରକାର ଜ୍ଞାନ ମନୁଷ୍ୟ ସମାଜର ବହୁ ଉପକାର କରେ। ମନୁଷ୍ୟ ମନ ଅଜ୍ଞାତ ବିଷୟରେ ଅଯଥା ରହସ୍ୟାବୃତ୍ତ ହୋଇ ରହେନା।

ନାନା ଦୈବୀ ଓ ଆକସ୍ମିକ ଘଟଣା ସାହାଯ୍ୟରେ ମନୁଷ୍ୟ ସାମାଜିକ ଇତିହାସକୁ ବିକଳାଙ୍ଗ ଓ ନିଜର ମନକୁ କୁସଂସ୍କାର ପୂର୍ଣ୍ଣ କରେନା । ଏହା ଅତୀତର ଅନ୍ଧକାର ପଥରେ ଆଲୋକ ପଥ ସ୍ୱରୂପ କାର୍ଯ୍ୟକରେ ଓ ଭବିଷ୍ୟତ ପ୍ରତି ମଧ୍ୟ ପଥ ନିର୍ଦ୍ଦେଶ କରିବାରେ ସାହାଯ୍ୟ କରେ । ବ୍ୟକ୍ତି ବିଶେଷର ଖାମଖିଆଲ ମତି ଓ ରୁଚି ଅନୁସାରେ, କିମ୍ବା କୌଣସି ଆକସ୍ମିକ ଘଟଣା ଯୋଗୁଁ କୌଣସି ଜାତିର ଭାଗ୍ୟ ବିପର୍ଯ୍ୟୟ ବା ଅଭ୍ୟୁତ୍ଥାନ ନହୋଇ ବିଭିନ୍ନ ସାମାଜିକ ଶକ୍ତି ଓ ମନୁଷ୍ୟର ସଂଗଠିତ ଚେଷ୍ଟା ଏବଂ ଉପଯୁକ୍ତ ପ୍ରାକୃତିକ, ଅର୍ଥ ନୈତିକ ପ୍ରଭୃତି ପରିସ୍ଥିତିର କ୍ରିୟା ପ୍ରତିକ୍ରିୟା ଫଳରେ ହିଁ ସମ୍ଭବ ହୋଇଛି ବୋଲି, ଜାଣିପାରିଲେ ମନୁଷ୍ୟର ପ୍ରକୃତ ଜ୍ଞାନ ବଢ଼ିବା ସଙ୍ଗେ ସଙ୍ଗେ, ସେହି ସବୁ ଶକ୍ତିର ଉପଯୁକ୍ତ ସନ୍ନିବେଶ କରି ଇଚ୍ଛା ଅନୁସାରେ ଇତିହାସ ସୃଷ୍ଟି କରିବାର ଚେତନା-ଶକ୍ତି ଓ ଅଭିଳାଷ ବୃଦ୍ଧିପାଏ । ବିଜ୍ଞାନ ସମ୍ମତ ନିୟମ ସାହାଯ୍ୟରେ ମନୁଷ୍ୟ କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରର ପାରିପାର୍ଶ୍ୱିକ ଅବସ୍ଥିତି, ଶକ୍ତି ସମୂହର ପାରସ୍ପରିକ ସମ୍ପର୍କ ଓ କ୍ରିୟା ପ୍ରତିକ୍ରିୟା ବିଷୟରେ ସଜାଗ ହେବା ସଙ୍ଗେ ସଙ୍ଗେ ସେ ସବୁକୁ ନିୟନ୍ତ୍ରଣ କରିବାର କ୍ଷମତା ହାସଲ କରିପାରେ । ତେଣୁ ସାମାଜିକ ଇତିହାସର ଅନ୍ତର୍ନିହିତ ତତ୍ତ୍ୱ ଓ ବିଭିନ୍ନ ଶକ୍ତିର ଘାତ ପ୍ରତିଘାତ ଜନିତ ଐକ୍ୟ ବା ଧ୍ୱଂସାତ୍ମକ ବିପ୍ଳବ ବିଷୟରେ ଜ୍ଞାନ ହାସଲ କରି ପାରିଲେ ବର୍ତ୍ତମାନ କ୍ଷେତ୍ରରେ ସେ ସବୁକୁ ନିୟନ୍ତ୍ରଣ କରି ପ୍ରୟୋଜନ ମତ କାମ କରିହୁଏ । କିନ୍ତୁ ଏହାର ମୌଳିକ ନିୟମ ନ ବୁଝି ଯଦି ବ୍ୟକ୍ତିଗତ ଖାମଖିଆଲ ଓ ରୁଚି ବିଷୟରେ କେବଳ ଗଦା ଗଦା ଗବେଷଣା କରାହୁଏ, ତା ହେଲେ ସେଥିରୁ ମନୁଷ୍ୟର ବିଶେଷ କିଛି ଶିଖିବାର ନଥାଏ, କାରଣ ମନୁଷ୍ୟର ଖିଆଲ, ରୁଚି ଅରୁଚି ପ୍ରଭୃତି ଏତେବେଶୀ ବ୍ୟକ୍ତିଗତ ଓ ଅନିୟମିତ ଯେ, ହଜାର ହଜାର ରାଜାଙ୍କର ଖିଆଲ ବିଷୟରେ ବହୁକଥା ପଢ଼ିଲେ ସୁଦ୍ଧା ଏସବୁ ଉପରେ ନିର୍ଭର କରି ବିଶେଷ କିଛି କରିହେବ ନାହିଁ । ନିୟମ ସାର୍ବଭୌମିକ ଓ ସର୍ବସାଧାରଣ କିନ୍ତୁ ରୁଚି ବା ଖିଆଲ କେବଳ ବ୍ୟକ୍ତିଗତ । ଦୁର୍ଘଟଣା ପଛରେ ମଧ୍ୟ କୌଣସି ବିଜ୍ଞାନ ବା ନିୟମ ନାହିଁ—ଯେତେ ଚେଷ୍ଟା

କଲେ ସୁଦ୍ଧା ଦୁର୍ଘଟଣା ବିଷୟରେ ପୂର୍ବରୁ କିଛି ଜାଣିବାର ଉପାୟ ନାହିଁ । ତେଣୁ ଇତିହାସକୁ ଦୁର୍ଘଟଣା ଏବଂ ପ୍ରତିଭାଶୀଳ ମହାପୁରୁଷ ବା ଦୁର୍ଦମନୀୟ ପାଷାଣ୍ଡର ବ୍ୟକ୍ତିଗତ ରୁଚି ଓ ଖିଆଲରେ ପରିପୂର୍ଣ୍ଣ ବୋଲି ଭାବିଲେ ମନୁଷ୍ୟ ପକ୍ଷରେ ଏହାର କୌଣସି ମୂଲ୍ୟନାହିଁ । ମନୁଷ୍ୟ ପକ୍ଷେ ମୂଲ୍ୟହୀନ ବୋଲି ଯେ ଏହା ମିଥ୍ୟା ତା ନୁହେଁ । କିନ୍ତୁ ବିବର୍ତ୍ତନ-ଶୀଳ ମନୁଷ୍ୟ ସମାଜ ଇତିହାସର ବୈପ୍ଳବିକ ଘଟଣାବଳୀ ଓ ଯୁଗ-ପରିବର୍ତ୍ତନକାରୀ ଶକ୍ତି ସମୂହ, ଅନିୟମିତ ଗୋଳମାଳିଆ ଚଞ୍ଚଳଚିତ୍ତ ଜନିତ ଦୁର୍ଘଟଣା, ବ୍ୟକ୍ତିଗତ ଖିଆଲ ଇଚ୍ଛା ଅନିଚ୍ଛା ଓ ଅସଂଲଗ୍ନ ଘଟଣାବଳୀ ଯୋଗୁଁ ପରିଚାଳିତ ବୋଲି କହିଲେ ନିହାତିମିଥ୍ୟା ହେବ । ହଠାତ୍ ଜଣେ ଲୋକ ଏକା ଏକା ଜନଶୂନ୍ୟ ଜଙ୍ଗଲରେ ଗୋଟିଏ ବିରାଟ ଇସ୍ପାତ କାରଖାନା ପ୍ରତିଷ୍ଠା କରିବାକୁ ଭାବିଲାକ୍ଷଣି କାରଖାନା ସୃଷ୍ଟି ହୋଇଯିବା ଯେପରି ଅସମ୍ଭବ, ପ୍ରଗତିଶୀଳ ମାନବ ସମାଜର କ୍ରମବିକାଶ ଏପରି ଭାବରେ ବ୍ୟକ୍ତିଗତ ଇଚ୍ଛା ଦୁର୍ଘଟଣା ଯୋଗୁଁ ସମ୍ଭବ ବୋଲି ଭାବିବା ସେପରି ହାସ୍ୟାସ୍ପଦ । ଇତିହାସ ପ୍ରସିଦ୍ଧ ଘଟଣା-ବଳୀ ପୂର୍ବରୁ ଘଟିଯାଇଥିବା ନାନା ଅବସ୍ଥା ଓ ପାରିପାର୍ଶ୍ୱିକ ପରିସ୍ଥିତି ସହିତ କାର୍ଯ୍ୟ କାରଣ ସୂତ୍ରରେ ଜଡିତ । ତେଣୁ ଇତିହାସରେ ଆକସ୍ମିକ ଦୁର୍ଘଟଣା ଓ ବ୍ୟକ୍ତିଗତ ଇଚ୍ଛାର ପ୍ରଭାବ ଥିଲେ ସୁଦ୍ଧା କୌଣସି ପ୍ରଧାନ ପରିବର୍ତ୍ତନ ବା ବିପ୍ଳବ କେବଳ ଏହା ସାହାଯ୍ୟରେ ବିଚାର କରିବା ଠିକ୍ ହେବନାହିଁ । ପ୍ରସ୍ତର ଯୁଗର ଲୋକ ପୃଥିବୀର ଯେଉଁ ସ୍ଥାନରେ ଏବଂ ଯେଉଁ ସମୟରେ ଥାଆନ୍ତୁ ପଛକେ ସେମାନଙ୍କର ଜୀବନଯାପନ ପ୍ରଣାଳୀ ଖାଦ୍ୟ ଦ୍ରବ୍ୟ ଆହରଣ କରିବାର ପଦ୍ଧତି ପ୍ରଭୃତି କେତୋଟି ସାଧାରଣ ବିଷୟରେ ସାମ୍ୟଥିବାର ଦେଖାଯାଏ । ସେମାନେ ସମସ୍ତେ ଯନ୍ତ୍ରବତ ଏକପ୍ରକାର ବ୍ୟବହାର ନ କଲେ ସୁଦ୍ଧା ଏବଂ ଠିକ୍ ଗୋଟିଏ ପ୍ରକାର ସାମାଜିକ ପଦ୍ଧତି ଅନୁସରଣ ନ କଲେ ସୁଦ୍ଧା ଏସବୁ ସମ୍ବନ୍ଧରେ କେତୋଟି ସାଧାରଣ ନିୟମ ସହଜରେ ପରିଲକ୍ଷିତ ହୁଏ । ଏହି ସାଧାରଣ ନିୟମ ଗୁଡିକ ଅନୁଧାବନ କରି ଦେଖିଲେ, ଆମେ ସହଜରେ ଆଉ କେତେ ପ୍ରକାର ଆଚରର ବ୍ୟବହାର ଆଶା-କରି ପାରୁ । ଏପରି ଭାବରେ ପ୍ରତ୍ୟେକ ସାମାଜିକ ସ୍ତରର ଅନ୍ତର୍ନିହିତ

ଶକ୍ତି ଓ ଦୁର୍ବଳତା ଧରିହୁଏ ଏବଂ ବିଭିନ୍ନ ଶକ୍ତିର ବିଗ ଏ ପରିଣତି ବିଷୟରେ ମଧ୍ୟ ଅନୁମାନ କରିହୁଏ । ପ୍ରସ୍ତର ଯୁଗର ନାନା ସୂତ୍ର ଅବଲମ୍ବନ କରି ଆମେ ଯୁକ୍ତି ଯୁକ୍ତ ଭାବରେ ଆସି ତାମ୍ର ଓ ରୌପ୍ୟ ଯୁଗରେ ପହଞ୍ଚିପାରୁ । ଗୋଟିଏ ଯୁଗର ସ୍ଥିତିମାନ୍ତ ସାମାଜିକ ପଦ୍ଧତି ଜୀବନଯାପନ ପ୍ରଣାଳୀ କଳା ବିଜ୍ଞାନ ପ୍ରଭୃତି ସେହିଯୁଗ ମନୁଷ୍ୟ ମାନଙ୍କର ଉତ୍ପାଦିକା ଶକ୍ତି ଉତ୍ପାଦନ ପ୍ରଣାଳୀ ପ୍ରାକୃତିକ ଜଗତ ଉପରେ ତାର ପ୍ରଭାବ ଓ ପରସ୍ପର ସଂପର୍କ ପ୍ରଭୃତି ଭିତରେ ଅବିଚ୍ଛେଦ୍ୟ ସଂପର୍କ ରହିଛି । ଏପରି ଭାବରେ ପ୍ରତ୍ୟେକ ଯୁଗର ପାରିପାର୍ଶ୍ୱିକ ପରିସ୍ଥିତିକୁ ବିଶ୍ଳେଷଣ କରି ତାର ସଂସ୍କୃତି କଳା ପ୍ରଭୃତି ବିଷୟରେ ପ୍ରକୃତ ମତାମତ ତିଆରି କରିପାରିବା ମାନେ ବୈଜ୍ଞାନିକ ପ୍ରଣାଳୀରେ ନିୟମ ପ୍ରଣୟନ କରିବା । ଏପରି ମତା ମତ ଉକ୍ତା ଅଧିକେ ଦେଶକାଳ ପରିସ୍ଥିତି ନିର୍ବିଶେଷରେ ବାସ୍ତବ ବୋଲି ପ୍ରମାଣିତ ହୋଇଅଛି । ଆଧୁନିକ ଅତି ଜଟିଳ ସାମାଜିକ ପରିସ୍ଥିତି ଖୁବ୍ ସୂକ୍ଷ୍ମ ଭାବରେ ବିଶ୍ଳେଷଣ କରି ଦେଖିଲେ ମଧ୍ୟ କେତୋଟି ସାଧାରଣ ନିୟମ ଦୃଷ୍ଟି ଗୋଚର ହେଉଛି ଏବଂ ଏହି ନିୟମ ଗୁଡ଼ିକୁ ଅବଲମ୍ବନ କରି ଭବିଷ୍ୟତ ଫଳା-ଫଳ ମଧ୍ୟ ଗଣନା କରି ହେଉଛି ଓ ଅନେକ ଗଣନା ସତ୍ୟ ବୋଲି ପ୍ରମାଣିତ ହୋଇ ପାରିଛି । ଏପରି ବହୁ ଗଣନାରୁ ଗୋଟିଏ ମାତ୍ର ଉଦାହରଣ ସ୍ୱରୂପ ଦିଆଯାଇ ପାରେ । ପ୍ରାୟ ଶହେବର୍ଷ ତଳେ କୁହା ଯାଇଥିଲା ଯେ ପୁଞ୍ଜିବାଦର ପରିଣତି ସାମ୍ରାଜ୍ୟ ବାଦରେ ଏବଂ ସାମ୍ରାଜ୍ୟ ବାଦ ଓ ଏକଚାଟିଆ ପୁଞ୍ଜିବାଦର ଫଳହେବ ପୃଥିବୀ ଯୁଦ୍ଧ । ଏବଂ ପ୍ରତ୍ୟେକ ପୃଥିବୀ ଯୁଦ୍ଧପରେ ସାମ୍ରାଜ୍ୟବାଦ ଦୁର୍ବଳ ହୋଇଯିବ ଏବଂ ବିଭିନ୍ନ ଦେଶର ବିଭିନ୍ନ ପରିସ୍ଥିତି ଅନୁସାରେ ବହୁ ରକମର ସାମାଜିକ ପରିବର୍ତ୍ତନ ଦେଖାଯିବ । ଏ ଭବିଷ୍ୟତ ବାଣୀ ଯେ ଅନେକଟା ସତ ହୋଇଛି ଏଥିରେ ସନ୍ଦେହ ନାହିଁ । ସମାଜ ବିଜ୍ଞାନ ସମ୍ବନ୍ଧୀୟ ଭବିଷ୍ୟତ ବାଣୀରେ ବହୁ ଭୁଲଭଟକା ରହିଯିବା ସ୍ୱାଭାବିକ । ତଥାପି ଏହା ଉପରେ ଯେ ଆମ୍ଭେ ନିର୍ଭର କରିପାରୁ ଏ ବିଷୟରେ ମଧ୍ୟ ସନ୍ଦେହ କରିବା ଅନୁଚିତ । ତାଛଡ଼ା ମଧ୍ୟ ମନୁଷ୍ୟର ସାମାଜିକ ଅବସ୍ଥା ଓ ଅନ୍ୟାନ୍ୟ ପରିସ୍ଥିତି ଏତେ ଜଟିଳ ଓ ପ୍ରତ୍ୟେକ ପରିବର୍ତ୍ତନ ପଛରେ

ଏତେପ୍ରକାର ଶକ୍ତି କାମ କରୁଥାଏ ଯେ ସେ ସବୁକୁ ଯଥାଯଥ ଭାବରେ ବିଶ୍ଳେଷଣ କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ । ତେଣୁ ମୋଟା ମୋଟି ଭାବରେ କେତେଗୁଡ଼ିଏ ସାମାଜିକ ନିୟମ ବା ଧାରା ବିଷୟରେ ଜ୍ଞାନଲାଭ କରିପାରିଲେ ସୁଦ୍ଧା କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ପରିସ୍ଥିତିରେ କପରି ଭାବରେ ମନୁଷ୍ୟ ବା ସେମାନଙ୍କର ଅନୁଷ୍ଠାନ ସବୁ କାମ କରିବେ କହିବା କଷ୍ଟସାଧ୍ୟ । ଦଶବର୍ଷ ଭିତରେ ଆମଦେଶର ମୋଟା ମୋଟି ଅବସ୍ଥା କଣ ହୋଇପାରେ ସେ ବିଷୟରେ କିଛି କୁହା ଯାଇପାରେ । କିନ୍ତୁ ଅମୁକ ଧର୍ମଘଟ ବା ଅମୁକ ନିର୍ବାଚନରେ କଅଣ ଘଟିବ କହିବା ସମ୍ଭବ ନ ହୋଇପାରେ ।

× × ×

—ଦୁଇ—

ଯଦି ଇତିହାସ ନିୟମଦ୍ୱାରା ପରିଚାଳିତ—ଐତିହାସିକ ଘଟଣା ବଳୀର ଧାରାବାହିକ କାର୍ଯ୍ୟ କାରଣ ସମ୍ପର୍କ ରହିଛି—କୌଣସି ସାମାଜିକ ପରିବର୍ତ୍ତନ ବହୁପ୍ରକାର ଅର୍ଥନୈତିକ ରାଜନୈତିକ ଧର୍ମଗତ ଜାତିଗତ ପ୍ରଭୃତି ଶକ୍ତିମାନଙ୍କର ମିଳନୋତ୍ପନ୍ନ ପରିଣତି ହେଲେ ପ୍ରତିଭାଶାଳୀ ନାୟକ ବ୍ୟକ୍ତିର ପ୍ରଭାବ କେତେଦୂର ? ଏହା କଣ ଠିକ୍ ଯେ ଗୋଟିଏ ଦେଶର ଉତ୍ଥାନ ପତନ ବା ଯୁଗପଯୋଗୀ ବିପ୍ଳବ କୌଣସି ଜଣେ ନେତା ଯୋଗୁଁ ସମ୍ଭବ ହୁଏ ଏବଂ ସେ ପ୍ରତିଭାଶାଳୀ ନେତା ନଥିଲେ ତା କୌଣସିମତେ ସମ୍ଭବ ହୋଇ ନଥାନ୍ତା । ଅନେକେ ବିଶ୍ୱାସ କରନ୍ତି ଯେ ଜଣେ ଜଣେ କ୍ଷଣଜନ୍ମାମାନେ ଦେଶକୁ ଉଠାଇ ଦିଅନ୍ତି କିମ୍ବା ଭୁଲ୍ କରି ଅବନତିର ଅତଳ ଗହ୍ୱରକୁ ଠେଲି ଦିଅନ୍ତି । ଇତିହାସରେ ପ୍ରତିଭାଶାଳୀ ବ୍ୟକ୍ତିଙ୍କର ସ୍ଥାନଅଛି ସତ କିନ୍ତୁ ସେମାନଙ୍କର ଖାମଖିଆଲ ଓ ବ୍ୟକ୍ତିଗତ ରୁଚି ଅରୁଚି ଯୋଗୁଁ ଦେଶର ପରିସ୍ଥିତିରେ ବିପ୍ଳବାତ୍ମକ ପରିବର୍ତ୍ତନ ଆସେନାହିଁ । ଦୂରଦର୍ଶୀ ନେତା ମାନଙ୍କର ଜନସାଧାରଣଙ୍କ ତୁଳନାରେ ବହୁତ ପ୍ରଶଂସନୀୟ ଗୁଣଥାଏ ଏବଂ ଏମାନେ ସମାଜର ପ୍ରଚଳିତ ନିୟମ ଗୁଡ଼ିକର କାର୍ଯ୍ୟକାରୀ ଶକ୍ତି, ପାରସ୍ପରିକ ସମ୍ପର୍କ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତରେ ହୋର ତାତ୍ପର୍ଯ୍ୟ

ପ୍ରଭୃତି ବିଷୟରେ ଜାଗ୍ରତ ଥାଆନ୍ତି ଅର୍ଥାତ୍ ଉନ୍ନତ ଚିନ୍ତାଶକ୍ତି ଓ ବାସ୍ତବ ଅଭିଜ୍ଞତା ଦ୍ୱାରା ବର୍ତ୍ତମାନର ସାମାଜିକ ଶକ୍ତି ଗୁଡ଼ିକର ମୂଳ-କାରଣ ଅତିତରୁ ଖୋଜି ବାହାରକରି ପାରନ୍ତି ଏବଂ କି ଉପାୟରେ ଏସବୁ ଶକ୍ତିକୁ ପରିଚାଳିତ କଲେ କି ପ୍ରକାର ଫଳାଫଳ ହେବ ଏ ବିଷୟରେ ସେମାନଙ୍କର ଦୂରଦର୍ଶିତା ଥାଏ । ଯେ ଯେତେବେଶୀ ଦୂରଦର୍ଶିତା ଦେଖାଏ ଏବଂ ଯେତେ ଭଲଭାବରେ ବୈଜ୍ଞାନିକ ବିଶ୍ଳେଷଣ କରି ବିଭିନ୍ନ ସାମାଜିକ ଶକ୍ତିର ଗତି, ସ୍ଥିତି, ପ୍ରକୃତି, କାର୍ଯ୍ୟକାରଣ ପ୍ରଭୃତି ବିଷୟର ଯୁକ୍ତିଯୁକ୍ତ ସମ୍ପର୍କ ଦେଖିପାରେ ସେ ସେତେବେଶୀ କୃତକାର୍ଯ୍ୟ ହୋଇପାରେ । ଏହାର ବ୍ୟତିକ୍ରମ ଯୋଗୁଁ ଅନେକେ ଖୁବ୍ ବଡ଼ବଡ଼ ଭୁଲ କରଥାଆନ୍ତି ଏବଂ ଭୁଲ୍ ସବୁ ମାରାତ୍ମକ ହେଲେ ସୁଦ୍ଧା ଏବଂ କୌଣସି ଅନ୍ଦୋଳନ ସେଥିପାଇଁ ପଛେଇ ଗଲେ ସୁଦ୍ଧା ଚିରକାଳ ପାଇଁ ଲୋପପାଇ ଯାଏନାହିଁ । ଏମାନେ ସମାଜରେ ସବୁଠାରୁ ବଳି କଷ୍ଟସହିଷ୍ଣୁ, ଦୂରଦର୍ଶୀ ଏବଂ ସଚେତ ସମାଜ ବୈଜ୍ଞାନିକ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ମାତ୍ର ସାମାଜିକ ଶକ୍ତିର ସୃଷ୍ଟିକର୍ତ୍ତା ନୁହନ୍ତି—ଅନ୍ୟ ମାନଙ୍କର ଚେତନା ଶକ୍ତି ଜାଗ୍ରତ କରାଇ ବିଭିନ୍ନ ଶକ୍ତି ସମୂହକୁ ନିର୍ଦ୍ଦିଷ୍ଟ ପ୍ରଣାଳୀରେ କୃତକାର୍ଯ୍ୟତାର ସହିତ ପରିଚାଳିତ କରାଇ ପାରିବା ଦ୍ୱାରା ଇଚ୍ଛାମତ ଫଳ ପାଇପାରନ୍ତି । ଏପରି ମଧ୍ୟ ଦେଖାଯାଏ ଯେ କେତେକ ଅତି ପ୍ରତିଭାଶାଳୀ ନେତା ସେମାନଙ୍କର ତ୍ୟାଗ ଓ ଆଦର୍ଶବଳରେ ଲୋକମାନଙ୍କୁ ପ୍ରଭାବିତ କରି ସେମାନଙ୍କର ବହୁ ଉପକାର ସାଧନ କରନ୍ତି ଏବଂ ତାସଙ୍ଗେ ସଙ୍ଗେ କେତେଗୁଡ଼ିଏ ଭୁଲ୍ ଧାରଣା ବା ସାମାଜିକ ପରିସ୍ଥିତିର ଅବୈଜ୍ଞାନିକ ବିଶ୍ଳେଷଣ ଦ୍ୱାରା ଅନେକ କ୍ଷେତ୍ରରେ ଅକୃତକାର୍ଯ୍ୟ ମଧ୍ୟ ହୁଅନ୍ତି । ସେମାନେ ବଞ୍ଚିଥିଲା ଯାଏ ତାଙ୍କର କେତେକ ଶିଷ୍ୟ ତାଙ୍କୁ ଆଦର୍ଶ ବୋଲି ଗ୍ରହଣ କରି-ଥାଆନ୍ତି କିନ୍ତୁ ତାଙ୍କର ମୃତ୍ୟୁପରେ ସେ ଆଦର୍ଶ ସମସ୍ତେ ଅତିଶୀଘ୍ର ଭୁଲି ଯାନ୍ତି—ତେଣୁ କୌଣସି ଐତିହାସିକ ମହାପୁରୁଷର ମତାମତର ସତ୍ୟତା ସେହି ସାମାଜିକ କାର୍ଯ୍ୟ କ୍ଷେତ୍ରରୁ ପ୍ରମାଣିତ କରିହେବ । ସେଇଁ ମାତ୍ର କାର୍ଯ୍ୟକାରୀ ହୋଇପାରିଲା ତାହାଠିକ୍ ଏବଂ ଯାହା ଖରାପ ପ୍ରତିକ୍ରିୟା ସୃଷ୍ଟିକଲା ବା କୌଣସି କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରିଲା ନାହିଁ ।

ତାହା ଅନ୍ତତଃ ସେହି କ୍ଷେତ୍ରରେ ସେହି ସମୟପାଇଁ ଭୁଲ । ପ୍ରକୃତ କାର୍ଯ୍ୟ କ୍ଷେତ୍ରହିଁ ପ୍ରତ୍ୟେକ ଆଦର୍ଶର ଉପଯୁକ୍ତ ବିଚାରର ସ୍ଥଳ । ତା ନହେଲେ ଯୁକ୍ତିବଳରେ ତ ବହୁଜନଷ ପ୍ରମାଣିତ କରିହେବ । ଏବଂ ଏପରି ମତି ଅତି ଉଚ୍ଚ ଧରଣର ବୋଲି ମଧ୍ୟ ଗୃହୀତ ହୋଇପାରେ । କିନ୍ତୁ ସେ ସବୁର ଫଳ ପ୍ରଦାନକାରୀ ଶକ୍ତି ନଥିଲେ ଏବଂ କୌଣସି କ୍ଷେତ୍ରରେ କାର୍ଯ୍ୟକାରୀ ନହୋଇ ପାରିଲେ ତାର ସାମାଜିକ ମୂଲ୍ୟ କିଛିନାହିଁ । ବରଂ ଏହା ଅସାଧ୍ୟ ହୋଇ ଥିବାରୁ ଏବଂ ଉପସ୍ଥିତ ପରିସ୍ଥିତି ସହିତ ଏହାର କୌଣସି ବାସ୍ତବ ସମ୍ପର୍କ ନଥିବାରୁ ସାଧାରଣ ଲୋକଙ୍କ ପକ୍ଷରେ ଏହା ବଡ ରହସ୍ୟପୂର୍ଣ୍ଣ ହୋଇପଡେ ଓ ଆଉ କେତେକ ତଥାକଥିତ ଚତୁରନେତା ଏହା ସାହାଯ୍ୟରେ ଲୋକ ମାନଙ୍କୁ ଭୁଲାଇ ନିଜ ସ୍ୱାର୍ଥସିଦ୍ଧିରେ ଲାଗିପଡ଼ନ୍ତି ।

ମହାତ୍ମାଗାନ୍ଧୀ ଏକାଧାରରେ ଦାର୍ଶନିକ, ନେତା, ରାଜନୈତିକ ଓ ସମାଜ ସଂସ୍କାରକ ଥିଲେ । ତାଙ୍କର ସ୍ୱାର୍ଥତ୍ୟାଗ ଓ ଆଦର୍ଶ ଅତୁଳନୀୟ । ଏତେବଡ଼ ମହାପୁରୁଷ ରାଜନୀତି କ୍ଷେତ୍ରରେ ବଡ଼ ବିରଳ । ଅନେକ ଧର୍ମବିଶ୍ୱାସୀ ତାଙ୍କୁ ଭଗବାନଙ୍କ ଅବତାର ବୋଲି କହି ଥାଆନ୍ତି—ତା ମାନେ ସେ କୋଟି କୋଟି ଲୋକଙ୍କ ଆଦର୍ଶର ପ୍ରତିମୂର୍ତ୍ତି ରୂପେ ପୂଜା ପାଇଥିଲେ । ଭାରତୀୟ ମାନଙ୍କୁ ସେ ଯେପରି ଭାବରେ ଜାଗ୍ରତ କରାଇ ପାରିଛନ୍ତି ତାହା କେହି ଭୁଲିପାରିବେ ନାହିଁ । କିନ୍ତୁ ସେ ଜନ୍ମଗ୍ରହଣ କରି ନଥିଲେ ବା ରାଜନୀତିରେ ଯୋଗଦେଇ ନ ଥିଲେ ଭାରତ ସ୍ୱାଧୀନତା ପାଇ ନଥାନ୍ତା ବୋଲି ଭାବିବା ଭୁଲ । ଭାରତର ଆନ୍ଦୋଳନ ଅନ୍ୟପ୍ରକାର ହୋଇ ଥାଆନ୍ତା ସତ, କିନ୍ତୁ ସ୍ୱାଧୀନତା ପାଇଁ ଯେ ବିରାଟ ଆନ୍ଦୋଳନ ହୋଇଥାଆନ୍ତା ଏଥିରେ ସନ୍ଦେହ ନାହିଁ—ତାଙ୍କ ଅଭାବରେ ଭାରତ ଚିରକାଳପାଇଁ ପରାଧୀନ ହୋଇ ନଥାନ୍ତା, ସେ ଭାରତୀୟ ମାନଙ୍କର ସଚେତ ବା ଅଚେତମନର ସ୍ୱାଧୀନତା ଲାଭ କରିବାର ବଳବତୀ ଇଚ୍ଛା ଶକ୍ତିକୁ ଜାଗ୍ରତ କରାଇ ପାରିଥିଲେ ଏବଂ ଏହି ଶକ୍ତିକୁ ସେମାନଙ୍କ ସାହାଯ୍ୟରେ ଆଗକୁ ଅଗ୍ରସର କରାଇ ପାରିଥିଲେ । ତାଙ୍କର ଆଦର୍ଶ ଓ ପ୍ରବର୍ତ୍ତିତ ମତ କେତେକ କ୍ଷେତ୍ରରେ କୃତକାର୍ଯ୍ୟତାର ସହିତ କାର୍ଯ୍ୟକାରୀ ହୋଇଥିଲେ ସୁଦ୍ଧା

ଆଜିର କେତେକ କ୍ଷେତ୍ରରେ ଭୟଙ୍କର ଭାବରେ ପରାସ୍ତ ହୋଇଥିଲା । ଗାନ୍ଧିଜୀଙ୍କର ଅହିଂସା ନୀତି ଅଖଣ୍ଡ ଭାରତ ପରିକଳ୍ପନା ଓ ତାଙ୍କର ଅତିପ୍ରିୟ ଅର୍ଥନୀତି ଏକାବେଳକେ ପରାଜିତ ହୋଇଯାଇଛି । ଗାନ୍ଧି ଅର୍ଥନୀତିକି ତ ସାଧାରଣ ଲୋକେ କାହିଁକି ତାଙ୍କର ଅତିପ୍ରିୟ ଶିଷ୍ୟମାନେ ମଧ୍ୟ ତାଙ୍କ ମରିବାର କେତେବର୍ଷ ଭିତରେ ପୂରାପୂରି ଭୁଲିଗଲେ । ଏତେବଡ଼ ନେତାଙ୍କର ମୂଳଅର୍ଥନୀତି ଏତେଶୀଘ୍ର ଲୋକମାନଙ୍କ ମନରୁ ମୂଳୋତ୍ପାଟ ଲୋପ ପାଇଯିବା କଅଣ କମ୍ ପରାଭବ ?

ତାଙ୍କପରି ଲୋକପ୍ରିୟ ନେତାଙ୍କର ମୂଳ ଅର୍ଥନୀତି ଏପରିଭାବରେ ଲୋପ ପାଇଯିବାର କାରଣ କଅଣ ? ବର୍ତ୍ତମାନ ଯୁଗକୁ ଯନ୍ତ୍ର ଯୁଗ ବୋଲି କୁହାଯାଇପାରେ । ଏହି ଯୁଗର କେତେଗୁଡ଼ିଏ ସାମାଜିକ ଧାରା ଓ ବିଶିଷ୍ଟ ଗୁଣ ରହିଛି । ଯୁଗର ପ୍ରଧାନ ପ୍ରବାହର ଗତିରୋଧ କରି ତାକୁ ପୂରାପୂରି ଲୋପ କରିଦେଇ ତା ସ୍ଥାନରେ ଅତୀତ ଯୁଗର ସାମାଜିକ ପ୍ରବାହକୁ ପୁନଃ ପ୍ରବାହିତ କରିବା ଅସମ୍ଭବ । ପ୍ରତ୍ୟେକ ଯୁଗର କେତେ ଗୁଡ଼ିଏ ବିଶିଷ୍ଟ ସାମାଜିକ ଓ ଅର୍ଥ ନୈତିକ ଶକ୍ତି ଅଛି — ଯେତେବଡ଼ ପ୍ରଭାବଶାଳୀ ବ୍ୟକ୍ତି ହୋଇନା କାହିଁକି ଏହି ପ୍ରଧାନ ଶକ୍ତି ଗୁଡ଼ିକ ଅଗ୍ରାହ୍ୟ କରି ଅନ୍ୟ ଯୁଗର ଶକ୍ତିକୁ ଆଦର୍ଶ ରୂପରେ ଗ୍ରହଣ କଲେ ସେ ନିଶ୍ଚୟ ପରାସ୍ତ ହୋଇଯିବ । ତେଣୁ ଯେ କୌଣସି ଐତିହାସିକ ମହାପୁରୁଷ ହୋଇନା କାହିଁକି ଯୁଗର ପ୍ରଧାନ ପ୍ରବାହକୁ ତାକୁ ମାନିନେବାକୁ ହେବ । ଏହି ପ୍ରବାହର ଗତି ମନ୍ଥର କିମ୍ବା ଦୋଷଯୁକ୍ତ ଥିଲେ ତାକୁ ଦ୍ରୁତତର କରିବା କିମ୍ବା ପଙ୍କୋଦ୍ଧାର କରି ତାକୁ ନିର୍ମଳ କରିବା ହେଉଛି ଏମାନଙ୍କର ପ୍ରଧାନ କାମ । ମହାତ୍ମା ଗାନ୍ଧିଙ୍କର ଏହିଠାରେ ହେଲା ଭୁଲ୍ । ତାଙ୍କର ଅର୍ଥନୀତିର ଆଦର୍ଶ ଅତି ଉଚ୍ଚ ଧରଣର ହୋଇପାରେ କିନ୍ତୁ ବର୍ତ୍ତମାନ ଯୁଗଧର୍ମ ସହିତ ତାର କୌଣସି ସଂପର୍କ ନାହିଁ । ତେଣୁ ସେ ଏଥିରେ ପରାସ୍ତ ହୋଇଗଲେ । ସେହିପରି ଅଖଣ୍ଡ ଭାରତ ପ୍ରତିଷ୍ଠା ବାସ୍ତବରେ ପରିଣତ ହୋଇପାରିଲା ନାହିଁ । ଭାରତର ସାମାଜିକ ଓ ଅର୍ଥ-ନୈତିକ ପରିସ୍ଥିତି ଯାହା ସେଥିରେ ଗାନ୍ଧିଜୀଙ୍କ ଉପାୟରେ ଅଖଣ୍ଡ ଭାରତ ପ୍ରତିଷ୍ଠା ସମ୍ଭବ ହୋଇ ପାରିନଥାନ୍ତା । ଏଥିଲାଗି ଜିନ୍ନାଙ୍କୁ ଦୋଷଦେଇ

ନାହାନ୍ତି—ଜିନ୍ନାଙ୍କୁ ଗାନ୍ଧିଜୀଙ୍କଠାରୁ ଉଚ୍ଚ ଧରଣର ଜନନେତା ଓ ତ୍ୟାଗୀବୋଲି ଅନେକେ ସ୍ୱୀକାର କରୁନଥିଲେ ସୁଦ୍ଧା ଭାରତକୁ ଦ୍ୱିଭାଗ କରିବାରେ ସେ ଜୟୀହେଲେ—ଗାନ୍ଧିଙ୍କର ହେଲା ପରାଜୟ । ତାର କାରଣ ହେଉଛି ଜିନ୍ନା ଏପରି ଗୋଟିଏ ସାମାଜିକ ପ୍ରବାହ ଉପରେ ଯାଇ ବସିଲେ ଯେ ଏହାର ଶକ୍ତି ତାଙ୍କୁ କଳ୍ପିତ ସ୍ଥାନରେ ନେଇ ପହଞ୍ଚାଇ ଦେଇପାରିଲା । ଅନେକ ପ୍ରମାଣ ମିଳେ ଯେ ଜିନ୍ନା ପ୍ରକୃତରେ ଭାବି ନଥିଲେ ଯେ ପାକିସ୍ଥାନ କଳ୍ପନା ବାସ୍ତବରେ ପରିଣତ ହୋଇ ପାରିବ—ସେ ସମାଜର ଗୋଟିଏ ଶକ୍ତିର ଆଶ୍ରୟ ନେଇଥିବେ ମାତ୍ର—କିନ୍ତୁ ପରିସ୍ଥିତି ଏପରି ହୋଇ ଆସିଲା ଯେ, ସେ ଜିତିଲେ । ପୂର୍ବବଙ୍ଗଳାରେ ଯେଉଁ ଦଙ୍ଗାହଙ୍ଗାମା ହେଲା ସେଥିଲାଗି ମୁସ୍‌ଲିମ୍‌ଲିଗ୍ ଯେତିକି ଦାୟୀ ସେଠାକାର ଅର୍ଥନୈତିକ ପରିସ୍ଥିତି ତାଠାରୁ ଅଧିକଦାୟୀ, ହିନ୍ଦୁ ମୁସଲମାନଙ୍କ ଭିତରେ ଅର୍ଥନୈତିକ ଓ ସାମାଜିକ ସମ୍ପର୍କ ଯେପରି ଖରାପ ଥିଲା, ସେପରି କ୍ଷେତ୍ରରେ ଯେ କୌଣସି ବୁଦ୍ଧିମାନ ରାଜନୀତିକ ତାର ସୁବିଧା ନେଇ ପାରିଥାନ୍ତା । ତେଣୁ ସେଠାରେ ବିଦ୍ବେଷ ସୃଷ୍ଟି କରିବା ସହଜ ସେଥିପାଇଁ ଯଥେଷ୍ଟ ସୁବିଧା ଥିଲା । ଜିନ୍ନା ତାର ସୁବିଧା ନେଇଥିଲେ । ତାର ସୁବିଧା ନେଲାଭଳି ଅନ୍ୟ ରାଜନୀତିକ ଦଳ ଆସିବା ପୂର୍ବରୁ ଜିନ୍ନା ଆସି ପହଞ୍ଚିଗଲେ । ତେଣୁ ଜିନ୍ନାଙ୍କ କୃତିତ୍ୱ ଓ ଗାନ୍ଧିଙ୍କ ଅପାରଗତା ଅପେକ୍ଷା ପରିସ୍ଥିତିର ଶକ୍ତି ଅଧିକ ହେଲା । ଯେ ନେତା ଏହାର ସୁବିଧା ନେଲା ସେ ହେଲା ଜୟୀ

ତାପରେ ଜିନ୍ନା ହେଲେ ପାକିସ୍ଥାନର ଜନ୍ମଦାତା—ଓ ଅଦ୍ୱିତୀୟ ନେତା । ତାଙ୍କ ସମାନସ୍କନ୍ଧ ହେବା ଦୂରେ ଥାଉ, ତାଙ୍କର ବୁଦ୍ଧି ବିଚକ୍ଷଣତା ଓ ରାଜନୈତିକ ଅଭିଜ୍ଞତା ତୁଳନାରେ ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାର କରିବା ପାଇଁ ମଧ୍ୟ ପାକିସ୍ଥାନରେ କେହି ନଥିଲେ । ସମସ୍ତେ ଭାବୁଥିଲେ ଯେ ଜିନ୍ନାଙ୍କ ମୃତ୍ୟୁପରେ ପାକିସ୍ଥାନ ଆଉ ଠିଆ ହୋଇ ପାରିବ ନାହିଁ । କିନ୍ତୁ କଅଣ ହେଲା ? ସେ ଅଳ୍ପ ସମୟ ଭିତରେ ମରିଗଲେ, ତଥାପି ପାକିସ୍ଥାନରେ ତ କୌଣସି ବିଭ୍ରାଟ ଘଟିଲା ନାହିଁ ? ଅର୍ଥାତ୍ ବ୍ୟକ୍ତି ବିଶେଷ ଅପେକ୍ଷା ସାମାଜିକ

ଶକ୍ତି ଓ ଅନୁଷ୍ଠାନ ସମୂହର ବଳବେଶୀ—ଯାହା ବଳରେ ସେ ଜିତିଲେ ସେହି ସାମାଜିକ ଶକ୍ତି ଓ ଅନୁଷ୍ଠାନ ବଳରେ ପାକିସ୍ଥାନ ଗୁଲି-ପାରିଲା ।

ଗାନ୍ଧି ନୈତିକ ଆଦର୍ଶକୁ ରାଜନୈତିକ ଆଦର୍ଶଠାରୁ ବହୁତ ଉଚ୍ଚସ୍ଥାନ ଦେଇଥିଲେ । ତାଙ୍କର ସମସ୍ତ ପ୍ରଚାର-ସମସ୍ତ ଆନ୍ଦୋଳନ ପଛରେ ଏହି ନୈତିକ ଆଦର୍ଶ ରହିଥିଲା । କିନ୍ତୁ ଫଳ କଅଣ ହେଲା ? ସମାଜର ବିଭିନ୍ନ ପରିସ୍ଥିତି ଓ ବିଭିନ୍ନ ଶ୍ରେଣୀଗତ ଶକ୍ତିର ପରସ୍ପର ସମ୍ପର୍କର ମୌଳିକ ପରିବର୍ତ୍ତନ ନହେବାରୁ ତାଙ୍କର ନୀତିଗତ ପ୍ରଚାର ପ୍ରଚାରରେ ହିଁ ରହିଗଲା । ତାଙ୍କର ଜୀବିତାବସ୍ଥାରେ ସୁଦ୍ଧା ସାରା ଦେଶରେ ଲାଞ୍ଚ, କଳାବଜାର, ପ୍ରଭୃତି ଦୁର୍ନୀତି ମାଡ଼ିଗଲା ଏବଂ ବର୍ତ୍ତମାନ ସାମାଜିକ ଜୀବନକୁ ଏହା କଳୁଷିତ କରିଦେବାରେ ବସିଛି । ଏପରିକି ତାଙ୍କର କେତେକ ଶିଷ୍ୟ ମଧ୍ୟ ଏହି ପ୍ରକାର ଦୁର୍ନୀତି ମଧ୍ୟରେ ବୁଡ଼ି ରହିଛନ୍ତି । ଏହା ଯେ କୌଣସି କାରଣରୁ ହେଉନା କାହିଁକି ତାଙ୍କର ନୈତିକ ଆଦର୍ଶ ଯେ ପରାଭବ ହେଲା ଏଥିରେ ସନ୍ଦେହ ନାହିଁ । ସେ ଅତିଉଚ୍ଚ ନୀତିଗତ ଆଦର୍ଶ ପ୍ରଚାର କଲେ ସତ, କିନ୍ତୁ ଉପଯୁକ୍ତ ପ୍ରଣାଳୀରେ ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଅର୍ଥାତ୍ ବର୍ତ୍ତମାନର ସାମାଜିକ ଜୀବନ ପରିସ୍ଥିତି ଗତ ଶକ୍ତି ଓ ଅର୍ଥନୈତିକ ସମ୍ପର୍କ ଯେପରି ହେଥିରେ ତାଙ୍କର ରାମରାଜ୍ୟ କଳ୍ପନାକୁ କାର୍ଯ୍ୟକାରୀ କରିବାକୁ ଅନ୍ୟ ପନ୍ଥାର ଦରକାର ଥିଲା । ସେ କିପରି ପନ୍ଥା ତାର ଆଲୋଚନାର ସ୍ଥାନ ଏ ନୁହେଁ । ବିଭିନ୍ନ ମତବାଦୀ ରାଜନୈତିକମାନଙ୍କର ଏହା ବିଚାର କରିବାର କଥା, କିନ୍ତୁ ବିଶ୍ଳେଷଣ କରି ଏତିକିମାତ୍ର କୁହାଯାଇ ପାରୁଛି ଯେ ବର୍ତ୍ତମାନ ପରିସ୍ଥିତିରେ ଗାନ୍ଧିପନ୍ଥା କାର୍ଯ୍ୟକାରୀ ହୋଇପାରିନାହିଁ ବା ହେବାର ମଧ୍ୟ କୌଣସି ସମ୍ଭାବନା ନାହିଁ ।

ପ୍ରଥମ ମହାଯୁଦ୍ଧ ପରେ ଜର୍ମାନୀର ଅବସ୍ଥା ଭାରି ଖରାପ ହୋଇ ହୋଇ ଯାଇଥିଲା । ୧୯୩୦ ବେଳକୁ ବେକାର ସମସ୍ୟା ଭୀଷଣ ଆକାର ଧାରଣ କରିଥିଲା । ଯୁଦ୍ଧରେ ହାରି ଜର୍ମାନ ଜାତି ହୀନପ୍ରଭ ଓ ପରାସ୍ତ ମନୋଭାବ ହୋଇ ଆସୁଥିଲା ଓ ତା ସାଙ୍ଗେ ସାଙ୍ଗେ ପ୍ରତିଶୋଧ

ନେବାର ଇଚ୍ଛା ମଧ୍ୟ ବଳବତ୍ତର ଥିଲା । ଠିକ୍ ଏହି ପରିସ୍ଥିତିରେ ସୁଯୋଗ ନେଇ ହିଟ୍‌ଲର୍ ତାଙ୍କର ଉତ୍କଟ ଜର୍ମାନ ଜାତୀୟଭାବ ଲୋକମାନଙ୍କ ମନରେ ଆଣିଦେଲେ—ବେକାରଙ୍କୁ କାମଯୋଗାଇ ଦିଆଗଲା । ଯେଉଁ ଶତ୍ରୁପାଇଁ ଜର୍ମାନୀର ପରାଭବ ହୋଇଥିଲା, ସେମାନଙ୍କ ପ୍ରତି ଯେଉଁ ଉତ୍କଟ ଘୃଣା ଓ ପ୍ରତିଶୋଧ ପ୍ରତ୍ୟେକ ଜର୍ମାନୀ ଲୋକର ମନରେ ଥିଲା ତାକୁ ନାନା ଉପାୟରେ ଜାଗ୍ରତ କରାଗଲା ଏହି ସମସ୍ତ ସାମାଜିକ ଶକ୍ତିକୁ ଏକମୁଖୀ କରିବାରେ ହିଁ ହିଟ୍‌ଲରଙ୍କର ବାହାଦୁରୀ । ୟୁରୋପର ଯାହା ଅବସ୍ଥା ଥିଲା, ତାର ସୁବିଧା ନେଲେ—ତାଙ୍କର ଗଣନାନୁସାରେ ଅନେକ ଘଟଣା ଘଟିଗଲା ଦୁର୍ବଳ ସାମ୍ରାଜ୍ୟବାଦୀ ଇଂଲଣ୍ଡ ଓ ଅନ୍ୟାନ୍ୟ ପୁଞ୍ଜିପତି ଦେଶମାନଙ୍କୁ ପୁଞ୍ଜିବାଦର ଚରମ ସୀମାରେ ପହଞ୍ଚିଥିବା । ନାତ୍ସି ଜର୍ମାନୀ, ଫାସିଷ୍ଟ ଇଟାଲୀ ଓ ଜାପାନ ପକ୍ଷରେ ପରାସ୍ତ କରିବା ସହଜ ବୋଲି ମଧ୍ୟ ସେ କଳ୍ପନା କରିଥିଲେ । ସାମ୍ୟବାଦୀ ରୁଷିଆର ଜାତୀୟ ପ୍ରେରଣା । ଓ ନୂତନ ପ୍ରକାର ସାମାଜିକ ଶକ୍ତି ବିଷୟରେ ସେ ସଚେତ ହୋଇ ପାରିନଥିଲେ । ତେଣୁ ଘଟଣା କ୍ଷେତ୍ରରେ ଏହି ନୂତନ ଶକ୍ତି ତାଙ୍କର ସମସ୍ତ ଗଣନାକୁ ବ୍ୟର୍ଥ କରିଦେଲା । ତେଣୁ ଜର୍ମାନର ପରାସ୍ତ ଆକସ୍ମିକ ଦୁର୍ଘଟଣା ଯୋଗୁଁ ନୁହେଁ । ରୁଷିଆର ନୂତନ ସାମାଜିକ ଜୀବନ ଏପରି ଭାବରେ ଜାଗ୍ରତ ଓ ସଂଗଠିତ ହୋଇଥିଲା ଏବଂ ପୃଥିବୀର ବିଭିନ୍ନ ଶକ୍ତି ସମୂହର ସଂଗଠନ ଏପରି ଭାବରେ ହୋଇ ପାରିଲା ଯେ ହିଟଲରଙ୍କର ଫାସିଷ୍ଟ ରାଜନୀତି ସେଥିରେ ପରାସ୍ତ ହୋଇ ଯାଇଥିଲା । ହିଟ୍‌ଲର୍‌ଙ୍କର ସାମରିକ ଶକ୍ତି ଛଡା ତାଙ୍କର ରାଜନୀତି, ଅର୍ଥନୀତି, ଜାତିନୀତି ଓ ନୈତିକ ପ୍ରଭାବ ଅପର ପକ୍ଷକୁ ତାଙ୍କ ବିରୁଦ୍ଧରେ ବହୁତ ସାହାଯ୍ୟ କରିଥିଲା । କିନ୍ତୁ ଲେନିନ୍ ଓ ଷ୍ଟାଲିନ୍‌ଙ୍କର ନୀତି ହିଟ୍‌ଲର ନୀତିଠାରୁ ସମ୍ପୂର୍ଣ୍ଣ ଅଲଗା ଥିବାରୁ ଏବଂ ସେ ନୀତି ରୁଷିଆର ତତ୍‌କାଳୀନ ସାମାଜିକ ସଂଗଠନ ଓ ପୃଥିବୀର ପରିସ୍ଥିତି ଅନୁଯାୟୀ ବିଜ୍ଞତାର ସହିତ ପରିଚାଳିତ ହେବାରୁ କୃତକାର୍ଯ୍ୟ ହୋଇ ପାରିଥିଲା ଅଥଚ ଟ୍ରଟସ୍କିଙ୍କ ପୃଥିବୀ ବିପ୍ଳବ କଳ୍ପନା ସେହି ପରିସ୍ଥିତିରେ କୃତକାର୍ଯ୍ୟ ହୋଇପାରିନଥିଲା । ତେଣୁ ବ୍ୟକ୍ତି ବିଶେଷର ଦୂରଦର୍ଶୀତା ବୈଜ୍ଞାନିକ ପ୍ରଣାଳୀରେ ବିଭିନ୍ନ ସାମାଜିକ ଶକ୍ତି ସମୂହର ବିଶ୍ଳେଷଣ ଓ

ଦେଶକାଳପାତ୍ର ଓ ପରିସ୍ଥିତି ଅନୁସାରେ ସେ ସବୁର ପରିଚାଳନା ଉପରେ ହିଁ ଫଳାଫଳ ନିର୍ଭର କରିଥାଏ -- ବିଦ୍ୟା, ବୁଦ୍ଧି, ସ୍ୱାର୍ଥତ୍ୟାଗ ଉଚ୍ଚ ଆଦର୍ଶ ଓ ଜନପ୍ରିୟତା ପ୍ରଭୃତି ବ୍ୟକ୍ତିଗତ ଗୁଣ ଉପରେ କେବଳ ନୁହେଁ । ଅବଶ୍ୟ ଏସବୁ ଗୁଣ ନଥିଲେ କୌଣସି ନେତା ଉପଯୁକ୍ତ ଭାବରେ ବିପ୍ଳବକୁ କାର୍ଯ୍ୟକାରୀ କରି ପାରିବେ ନାହିଁ । କିନ୍ତୁ ଏସବୁ ଗୁଣ ଥାଇଯାଇ କେହି ବାହ୍ୟ ଶକ୍ତି ଓ ପରିସ୍ଥିତିର ବିଶ୍ଳେଷଣ ଉପରେ ଆସ୍ଥା ନରଖି କିମ୍ବା ଭୁଲକରେ ତା ହେଲେ ସେ ନିଶ୍ଚୟ ପରାସ୍ତ ହେବ ।

ଏହି ଦୃଷ୍ଟିରୁ ଯେ କୌଣସି ଐତିହାସିକ ବ୍ୟକ୍ତିର ତତ୍‌କାଳୀନ ସମାଜ ଉପରେ ପ୍ରଭାବ ଏବଂ ନାନା କ୍ଷେତ୍ରରେ ସେମାନଙ୍କର ଜୟ ପରାଜୟ ସେ ସମୟର ପାରିପାର୍ଶ୍ୱିକ ଅବସ୍ଥା ସାମାଜିକ ଶକ୍ତି ସଂଗଠନ ଓ ସମ୍ପର୍କ ଉପରେହିଁ ନିର୍ଭର କରିଥାଏ । ଖାଲି ସେତିକି ନୁହେଁ ଏସବୁ ପରିସ୍ଥିତି ମଧ୍ୟ ଏମାନଙ୍କୁ ସୃଷ୍ଟି କରିଥାଏ । କିନ୍ତୁ ଏମାନଙ୍କର ବାହାଦୂରି ଯେ ଏମାନେ ପାରିପାର୍ଶ୍ୱିକ ଅବସ୍ଥା ଦ୍ୱାରା ସବୁବେଳେ ଯନ୍ତ୍ରବତ୍ ପରି-ଚାଳିତ ନ ହୋଇ ସ୍ୱୋପାର୍ଜିତ ଶକ୍ତି ସାହାଯ୍ୟରେ ବିଭିନ୍ନ ସାମାଜିକ ଧାରାକୁ ଉପସ୍ଥିତ ପରିସ୍ଥିତି ଓ ନିର୍ଦ୍ଦିଷ୍ଟ ଭବିଷ୍ୟତ ଯୋଜନା ଅନୁସାରେ ପରିଚାଳିତ କରନ୍ତି ଏବଂ ଏହି ପରିଚାଳନାରେ ହିଁ ସେମାନଙ୍କର କୃତିତ୍ୱ ଜୟ-ପରାଜୟ ସବୁକିଛି ନିର୍ଭର କରେ ।

ଇତିହାସକୁ ଏପରି ଭାବରେ ଅଧ୍ୟୟନ କଲେ ପ୍ରତ୍ୟେକ ବିପ୍ଳବ ଯୁଗପଯୋଗୀ ପରିବର୍ତ୍ତନ ଓ ଅନ୍ୟାନ୍ୟ ପ୍ରଧାନ ପ୍ରଧାନ ଐତିହାସିକ ଘଟଣା ଐତିହାସିକ ବ୍ୟକ୍ତିମାନଙ୍କର ଜୀବନୀ ପରି ସେମାନଙ୍କର ରୁଚି ଅରୁଚି ଖିଆଲ ବିଷୟରେ ହିଁ ମୁଖସ୍ଥ କରିବାକୁ ପଡ଼ିବ । ତଦ୍ଦ୍ୱାରା ବିଚାର ଶକ୍ତିଯୁକ୍ତ ମନୁଷ୍ୟ ମନ ଏପରି ଅଯୌକ୍ତିକ ଭାବରେ ଅସଂଖ୍ୟ ଘଟଣା-ବଳୀକୁ ପରି ଆୟତ୍ତ କରିବାରେ ବୀତସ୍ପୃହ ହୋଇ ପଡେ ଓ ବିଭିନ୍ନ ଐତିହାସିକ ଘଟଣାବଳୀ ଭିତରେ କୌଣସି ଯୁକ୍ତି ଯୁକ୍ତ କାର୍ଯ୍ୟ କାରଣ ସମ୍ପର୍କ ବିଷୟରେ ଜ୍ଞାନ ନ ହେବାରୁ ଅନେକ ସମୟ ଧରି ମନେ ରଖିବା ମଧ୍ୟ ସମ୍ଭବ ହୁଏନାହିଁ । ଥରେ ସ୍କୁଲ ଭୂଗୋଳ

ପଡ଼ି ଦଶବର୍ଷ ଧରି ମନେ ରଖା ଯାଇପାରେ କିନ୍ତୁ ଅନେକ ଥର ଇତିହାସ ପଡ଼ି ସ୍କୁଲରେ ମୁଖସ୍ଥ କରଥିଲେ ସୁଦ୍ଧା ଅଳ୍ପ ସମୟ ଭିତରେ ଅଧିକାଂଶ ଐତିହାସିକ ଘଟଣା ମନରୁ ଲିଭିଯାଏ । ଉପରୋକ୍ତ କାରଣରୁ ଏହା ଘଟିଥାଏ । ଇତିହାସ ହେଉଛି ଯୁଗ ଯୁଗ ଧରି ମନୁଷ୍ୟ କାର୍ଯ୍ୟ କଳାପର କାହାଣୀ । ତା ହେଲେ ତାର ଧାରାବାହିକ କ୍ରମବିକାଶରେ ନିଶ୍ଚୟ ଯୁକ୍ତି ସଙ୍ଗତ ବସ୍ତୁର ଅଛି । କିନ୍ତୁ ଇତିହାସକୁ ଏପରି ଭାବରେ ନ ଦେଖି ଆମେ ଯଦି ସେ ଭିତରୁ କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କର କାର୍ଯ୍ୟାବଳୀ ପଢ଼ୁଁ ତା ହେଲେ ଏହା ଅସଂଲଗ୍ନ ଆକସ୍ମିକ ଘଟଣା ଓ ଖିଆଲର ଅଯୌକ୍ତିକ ଟିପ୍ପଣୀ ବ୍ୟତୀତ ଆଉ କିଛି ନୁହେ । ଏପରି ଇତିହାସ ପଢ଼ିବା ଯାହା ଅସଂଲଗ୍ନ ଅର୍ଥହୀନ, ଅସଂଖ୍ୟ ଶବ୍ଦାବଳୀକୁ ପଢ଼ି ମନେରଖିବା ସେଇଆ । ମନୁଷ୍ୟ ସମାଜର ଧାରାବାହିକ କାହାଣୀ ହିସାବରେ ଇତିହାସକୁ ଉପନ୍ୟାସ ବା କାବ୍ୟ ସହିତ ତୁଳନା କରାଯାଇପାରେ ।

— ❋ —

(ଝଙ୍କାର ୫।୧ ୧୯୪)

# ଅଫିମର ଫୁଲ

**ସୁରେନ୍ଦ୍ର ମହାନ୍ତି**

ରାଧାନାଥ ଓ ଫକୀରମୋହନଙ୍କ ସମ୍ପର୍କରେ ମୋର ଏକ ସନ୍ଦେହ ତଥାପି ଅସମାଧିତ ରହିଥିଲା; ଯଥାକ୍ରମେ 'ରାଧାନାଥ ଗ୍ରନ୍ଥାବଳୀ' ଓ 'ଆତ୍ମଚରିତ' ରେ ସନ୍ନିବିଷ୍ଟ ସେମାନଙ୍କ ଫଟୋଗ୍ରାଫ୍ ଦେଖି। ସନ୍ଦେହଟି ହେଉଛି, ଯେଉଁ ରାଧାନାଥ "ଲେଖାବଳୀ" ର ଅନବଦ୍ୟ କ୍ଷୁଦ୍ର କବିତାଠାରୁ ଆରମ୍ଭ କରି "ନନ୍ଦିକେଶ୍ୱରୀ", "ଯଯାତିକେଶରୀ" ଓ "ପାର୍ବତୀ" ପରି କାବ୍ୟମାନ ଲେଖିଲେ, ନିଶ ହଳଟିକୁ ଅନୁଶୋଚନାରେ ଅଧୋମୁଖ କରି ଖଣ୍ଡେ ବାଘଚମଡ଼ା ଉପରେ ପ୍ରାର୍ଥନା କରିବା ପରି ଭଙ୍ଗୀରେ ସେ ଆଣ୍ଠୁମାଡ଼ି ବସିଛନ୍ତି, କେଉଁ ଦୁଃଖରେ ? ରାଧାନାଥ ଯୋଗ ବା ପ୍ରାଣାୟାମ ପ୍ରତି ଆକୃଷ୍ଟ ଥିବା ବା ଭକ୍ତ ଥିବା ତାଙ୍କ ରଚନାବଳୀରୁ ଅନ୍ତତଃ ଜଣାପଡ଼େ ନାହିଁ। ତା' ହେଲେ ରାଧାନାଥଙ୍କର ସେହିପରି ଏକ ଅବାସ୍ତବ, ଭାବଦର୍ଶନ ('ଇମେଜ୍' ଜନଚେତନାରେ ପ୍ରସାରିତ କରାଯାଇଛି କାହିଁକି ? ରାଧାନାଥ ଜଣେ ନିର୍ଘାତ ଜୀବନରସିକ ଥିଲେ। ଫକୀରମୋହନ ତାଙ୍କ ଆତ୍ମଚରିତରେ ଲେଖିଛନ୍ତି, ସେମାନେ ଗୋଟିଏ ଷ୍ଟୀମରରେ ବାଲେଶ୍ୱରରୁ ଢଡ଼ଆମାଲ (ଧାମରା) ନଦୀ ବାଟେ କଟକ ଆସିବା ବାଟରେ, ଝଡ଼ ଯୋଗୁଁ ଷ୍ଟୀମରଟି କିପରି "ଏଇ ବୁଡ଼ିବ, ଏଇ ବୁଡ଼ିଲା" ଅବସ୍ଥାରେ ଆସି ପହଞ୍ଚିଥିଲା। ଗୋଟିଏ ସେକେଣ୍ଡ କ୍ଲାସ କ୍ୟାବିନରେ, କେବଳ ରାଧାନାଥ ଓ ଫକୀରମୋହନ। (ରାଧାନାଥ ସେତେବେଳକୁ 'ମହାଯାତ୍ରା, ଲେଖି ନ ଥିଲେ, 'ଛ ମାଣ ଆଠଗୁଣ୍ଠ' ବା 'ରେବତୀ' ତଥାପି ଥିଲା ସମ୍ଭାବନାର ଗର୍ଭରେ। ଷ୍ଟୀମରଟି ବୁଡ଼ିଥିଲେ ...?) ଫକୀରମୋହନ ଲେଖିଛନ୍ତି, ସେତେବେଳେ ରାଧାନାଥ କୁଞ୍ଚ-କାନଟିକୁ ଦେହରେ ଘୋଡ଼ାଇ ହୋଇ, "ଗୁଡ଼ାଏ ଆପୁ ଚଞ୍ଚଳ ଲୁଗା

କାନରେ  ବାନ୍ଧି ପକାଇଲେ ।’’ * ଅର୍ଥାତ୍ ଷ୍ଟୀମର ବୁଡ଼ୁ ପଛେ, ଆପୁତକ କନ୍ଥା ପାଣିରେ ନ ଭିଜୁ ! ଘଡ଼ିଆମାଳ ନଘାର ଉତ୍ତାଳ ସଙ୍କଟ ମଧ୍ୟରେଯିଏ ପ୍ରାର୍ଥନା କରିବା ପରିବର୍ତ୍ତେ ଆପୁ-କରାଟଟି ସମ୍ଭାଳି ଥିଲେ, ତାଙ୍କୁ ଆଣୁ ମଡାଇ ବାଘଚମ ଉପରେ ବସାଇବା, କେବଳ ନିତାନ୍ତ କାଷ୍ଠ ରସିକମାନଙ୍କ ପକ୍ଷରେ ସମ୍ଭବ । ଯେଉଁପରି ଫକୀରମୋହନଙ୍କ ପରି ରସବନ୍ତ ପୁରୁଷ, ଯାହାର ଜୀବନ ଥିଲା ଉପନ୍ୟାସଠାରୁ ଆଉରି ରମଣୀୟ ଓ ବଞ୍ଚିବା ଥିଲା ଏକ ‘ଆର୍ଟ’ ତାଙ୍କର ଯେଉଁ ପ୍ରତିକୃତିଟି ଆତ୍ମଚରିତରେ ସନ୍ନିବିଷ୍ଟ ହୋଇଅଛି—ମୁଣ୍ଡରେ ଟୋପି, ବେକରେ ରୁଦ୍ରର ପଟ୍ଟିକା; ହାତ ଦୁଇଟି ପ୍ରାର୍ଥନାର ଭଙ୍ଗୀରେ ମୁଦ୍ରିତ—ତାହା କ’ଣ ଯଥାର୍ଥରେ ଫକୀରମୋହନଙ୍କର ଭାବ-ମୂର୍ତ୍ତି ? ଯେଉଁ ଫକୀରମୋହନ ଶାରଦା ନାମ୍ନୀ ସ୍ତ୍ରୀକୁ ଯେଉଁ “ଲଜ୍ଜାବତୀ ନେଛତି ତନ ଗନ୍ତୁମ୍” * ପଦର ପାଦପୂରଣ କରୁଥିଲେ, ସାରିଆ ଓ ଚମ୍ପାର ଚରିତ୍ର ଯିଏ ସୃଷ୍ଟି କରି ପାରିଥିଲେ, ‘ଉତ୍କଳ ଭ୍ରମଣଂ’ ପରି ଏକ ଦୁଃସାହସିକ ସାଟାୟାର ଯିଏ ଲେଖିଥିଲେ, ଉପରେ ବର୍ଣ୍ଣିତ ପ୍ରତିକୃତିଟି କ’ଣ ତାଙ୍କର ପ୍ରକୃତ ‘ଇମେଜ’ ?··· ବହୁ ଚିନ୍ତା ପରେ ମୁଁ ତାର ଉତ୍ତର ଖୋଜି ପାଇଛି । ପାଠକ ମଣ୍ଡଳୀଙ୍କ ଭୟରେ ସେମାନେ ଏ ପ୍ରକାର ପ୍ରତିକୃତି ଛପାଇଥିଲେ । ସେପରି ଘଟାଟୋପ ଓ ଆଭରଣ ନ ଥିଲେ ସାହିତ୍ୟ ରୁଚି ପରିବର୍ତ୍ତେ ସାହିତ୍ୟ-ଶୁଚିର ପ୍ରାବଲ୍ୟରେ ସେମାନେ ଯେପରିକି ତିନି ପାଞ୍ଜିରୁ କାଠ ଖାଇଥାନ୍ତେ । ଏ ଧାରଣା ମୋର ଦୃଢ଼ୀଭୂତ ହେଲା, ଯେଉଁଦିନ ଜଣେ ସମଜଦାର ବନ୍ଧୁ, ମୋତେ ନିଭୃତରେ ପାଇ କହିଲେ···‘‘ଆପଣ ଲେଖନ୍ତି ମନ୍ଦ ନୁ-ହିଁ, ମାତ୍ର ଆପଣଙ୍କ ଗଳ୍ପର ଚରିତ୍ର ଗୁଡ଼ିକ ନିତାନ୍ତ ଚରିତ୍ରହୀନ, ଦାୟିତ୍ୱହୀନ ଓ

---

* ଆତ୍ମଚରିତ (ଫକୀରମୋହନ ପୃ—୧୦୭)

* “ଉତ୍ତୁଙ୍ଗ ବକ୍ଷାହି ନିତମ୍ବ ଗୁର୍ବୀ
ନବୀନ-ଧାରାଧର-ରୁଚିକେଶୀ
ସଦୈବ ହାସ୍ୟାବୃତ ପୂର୍ଣ୍ଣବକ୍ତ୍ରା ।
ଲଜ୍ଜାବତୀ ନେଛତି ତନ ଗନ୍ତୁମ୍ ।” (ଆ:ଚ: ପୃ-୨୫)

କର୍ତ୍ତବ୍ୟଜ୍ଞାନହୀନ । ଦେଶ ଓ ଜାତି ଗଠନ ପାଇଁ ସେ ଚରିତ୍ର ଗୁଡ଼ିକରେ କୌଣସି ଉପାଦାନ ନାହିଁ; କିମ୍ବା ଚାରିତ୍ରିକ ଗୌରବ ସାଧନ ପାଇଁ ସେଥିରେ କୌଣସି ନୀତିଶିକ୍ଷା ନାହିଁ ।"

ମୁଁ ଉତ୍ତର ଦେଇଥିଲି, "ମୁଁ ତ ନିଜେ ମୋ ଚରିତ୍ର ସମ୍ବନ୍ଧରେ ସନ୍ଦିହାନ; ଯାହାକୁ ଆପଣ ଚରିତ୍ର ବୋଲି ବୁଝନ୍ତି । ତେଣୁ ମୋ ଗଳ୍ପର ଚରିତ୍ର ସବୁ ଆପାତଦୃଷ୍ଟିରେ ଚରିତ୍ରହୀନ ନ ହୋଇ, ଆଉ କ'ଣ ହୁଅନ୍ତା ? କିନ୍ତୁ ବୁଦ୍ଧ ଓ ଖ୍ରୀଷ୍ଟଙ୍କଠାରୁ ରାମକୃଷ୍ଣ ଓ ଗାନ୍ଧୀ ଏପରିକି ସ୍କୁଲ ପୁରସ୍କାର-ବିତରଣୀ ସଭାମାନଙ୍କର ପ୍ରଧାନ ଅତିଥିମାନେ ଚରିତ୍ର ଓ ନୀତି ସଂପର୍କରେ ଏତେ ଏତେ ଉଦ୍‌ବୋଧନ ଦେଇ, ଯଦି ବଙ୍କା ଲାଙ୍ଗୁଡ଼ଗୁଡ଼ିକୁ ସିଧା କରି ନ ପାରିଲେ, ତା' ହେଲେ ଲେଖକ ବିଚରାଙ୍କୁ ସେ ଦାୟିତ୍ୱର ବଳୀବର୍ଦ୍ଦ କରିବେ କାହିଁକି ?"

'ଅଭିଜ୍ଞାନ ଶକୁନ୍ତଳମ୍" ରେ ରାଜା ଦୁଷ୍ମନ୍ତ କଣ୍ୱ ମହର୍ଷିଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଶକୁନ୍ତଳାଙ୍କ ସହିତ ଯେପରି ଆଚରଣ କଲେ 'ତାହା ତ ନୀତିବାଗୀଶମାନଙ୍କ ପକ୍ଷରେ ଶ୍ଳାଘାପୂର୍ଣ୍ଣ ହୋଇ ନପାରେ ! 'ପୁଣି "କିଙ୍ଗ୍ ଲିଅର୍" ରେ 'ଲିଅର' ଚରିତ୍ରଠାରୁ ଦୁର୍ଭାଗ୍ୟଜନକ ଅନୈତିକ ଚରିତ୍ର, ଅଥବା 'ହାମଲେଟ୍' ପରି ଦୁର୍ବଳମନା, ଭୀରୁ ଓ ଚିରଦୋଦୁଲ୍ୟମାନ ଚରିତ୍ର ଆଉ କ'ଣ ଥାଇପାରେ ? ଅଥବା ଫକୀରମୋହନଙ୍କ 'ରାଣ୍ଡୀପୁଅ ଅନନ୍ତା' ପରି ଗୋଟିଏ ହୁରୁମା ଚରିତ୍ର ! ତାଲିକା ପାଇଁ ତ ଗୋଟିଏ ସ୍ୱତନ୍ତ୍ର ପୋଥିଲେଖାଯାଇ ପାରିବ । ମାତ୍ର ଏମାନଙ୍କୁ ସାହିତ୍ୟରୁ ବିଦାୟ ଦେଲେ, ବିଶ୍ୱସାହିତ୍ୟ ଯେପରି ମ୍ଳାନ ଓ ଅକିଞ୍ଚନ ହୋଇ ପଡ଼ିବ, ଆମ୍ଭମାନଙ୍କର ରସଚେତନା ଯେପରି ଶୀର୍ଣ୍ଣ ହୋଇ ପଡ଼ିବ; ତାହା ଯେତେ ଲେଖିବାର ବିଷୟ ନୁହେଁ ସେତେ ଚିନ୍ତା ଓ ଧ୍ୟାନର ବିଷୟ । ସେହିପରି ଉତ୍କଳମଣି ଗୋପବନ୍ଧୁଙ୍କ "ଜଣେ ସହକର୍ମୀଙ୍କ ପ୍ରତି" * କବିତାଟି ଚାରିତ୍ରିକ ଶୁଚି ଦୃଷ୍ଟିରୁ ବିମନୋଦ୍ଦୀପକ ହୋଇପାରେ; ମାତ୍ର ଗୋପବନ୍ଧୁ ଯେଉଁ ଅଳ୍ପ କେତେଗୋଟି

* ଯୁଗବାଣୀ, ୨ୟ ଭାଗ, ୨ୟ ସଂଖ୍ୟା (୩୦୧) ଦ୍ରଷ୍ଟବ୍ୟ

ଭଲ କବିତା ଲେଖିଥିଲେ, ସେଥିମଧ୍ୟରୁ ଏହା ଅନ୍ୟତମ । ଏଥିରେ ଉପଲବ୍ଧିର ଗଭୀରତା ପୁଣି ଅନୁଭୂତିର ଉଷ୍ମତା ଯେପରି ପରିଲକ୍ଷିତ ହୁଏ, ଗୋପବନ୍ଧୁଙ୍କ ଅନ୍ୟ ରଚନାରେ କ୍ୱଚିତ ତାହା ପରିଲକ୍ଷିତ ହୋଇଥାଏ ।

ମାତ୍ର ଏକ ପାଦ୍ରୀ- ସୁଲଭ ଦୃଷ୍ଟିକୋଣ, ଆମ୍ଭମାନଙ୍କ ସୃଷ୍ଟିଧର୍ମୀ ସାହିତ୍ୟକୁ ଯେପରି ବିଡମ୍ବିତ କରିଅଛି; ସମାଲୋଚନାମୂଳକ ସାହିତ୍ୟକୁ ସେହିପରି ମଧ୍ୟ ବିଭ୍ରାନ୍ତ କରିଅଛି । ଅତୀତରେ ଏହିପରି ସମାଲୋଚନା ଫଳରେ ବିଶ୍ୱନାଥ ଖୁଣ୍ଟିଆଙ୍କ "ବିଚିତ୍ର ରାମାୟଣ" ପରି ରସୋତ୍ତୀର୍ଣ୍ଣ କାବ୍ୟ; ସ୍କୁଲ୍ ପାଠ୍ୟ ତାଲିକାରୁ ବର୍ଜିତ ହୋଇଥିଲା । ପୁଣି ମଧ୍ୟ-ଯୁଗୀୟ ଓଡ଼ିଆ କାବ୍ୟ ସାହିତ୍ୟର ସମାଲୋଚନାର ପରିସର ଆଜିସୁଦ୍ଧା "ଶ୍ଳୀଳତା ଓ ଅଶ୍ଳୀଳତାର" ସୀମା ଅତିକ୍ରମ କରି ପାରିଲା ନାହିଁ । ସେହିପରି "ପାର୍ବତୀ" ପରି, ରାଧାନାଥଙ୍କର ଏକ ଉଜ୍ଜ୍ୱଳ କାବ୍ୟକୃତି ପରିବର୍ତ୍ତେ "ଚିଲିକା" ପରି ଉତ୍କର୍ଷହୀନ ଏକ ପଦ୍ୟ, ରାଧାନାଥ ପ୍ରତିଭାର ଶ୍ରେଷ୍ଠ ସଙ୍କେତ ରୂପେ ଓଡ଼ିଆ ସାହିତ୍ୟ ଶ୍ରେଣୀମାନଙ୍କରେ ଶିକ୍ଷା ଦିଆ ଯାଉଅଛି । "ଚିଲିକା"ରେ ବହୁ ଆପ୍ତ ବାକ୍ୟ ଓ ନୀତିଶିକ୍ଷା ରହିଥିବାରୁ ଏହା ଉତ୍କୃଷ୍ଟ; ପୁଣି ମଫସଲର ନ: ପ୍ରା ଓ ଉ: ପ୍ରା ବିଦ୍ୟାଳୟମାନଙ୍କର କାନ୍ଥରେ ତାହାର ଅଭିଲେଖ ସବୁ ଉତ୍ତୀର୍ଣ୍ଣ ରହିଥାଏ । ମାତ୍ର ଏଠାରେ ଗୋଟିଏ ସୂକ୍ଷ୍ମ ତାରତମ୍ୟ ଦେଖିବାର ଅଛି ଯେ, ହିତୋପଦେଶ ଦୃଷ୍ଟିରୁ ଏହା ଉତ୍କୃଷ୍ଟ ହୋଇପାରେ; କିନ୍ତୁ କାବ୍ୟ ଦୃଷ୍ଟିରୁ ଆଦୌ ନୁହେଁ ।

ସେଥିପାଇଁ ସାହିତ୍ୟରୁ ପାଦ୍ରୀ-ସୁଲଭ ମନୋଭାବ ବର୍ଜିତ ନ ହେବା ପର୍ଯ୍ୟନ୍ତ ଆଧୁନିକ ସାହିତ୍ୟର ଅଭିବୃଦ୍ଧି, ପୁଣି ସେଥିରେ ଦୁଃସାହସିକ ଅନୁଶୀଳନ ସମ୍ଭବ ନୁହେଁ । ବସ୍ତୁତଃ ଏକ ପ୍ରତାରଣା ମୂଳକ, ବିଜ୍ଞାପନ ସର୍ବସ୍ୱ ଓ ଧର୍ମଯାଜକସୁଲଭ-ଆଡ଼ମ୍ବର ସମସାମୟିକ ରାଜନୀତିକୁ ଯେପରି ଶାଠ୍ୟଗ୍ରସ୍ତ କରିଅଛି; କେତେକ ଶକ୍ତିଶାଳୀ ଲେଖକଙ୍କର କେତେକ ବିଶାଳକାୟ ରଚନାକୁ ମଧ୍ୟ ସେହିପରି ଅପାଠ୍ୟ କରି

ଅଛି । ଜୀବନ ପରି ସାହିତ୍ୟରେ ମଧ୍ୟ ସତ୍ୟାନୁସନ୍ଧିତ୍ସାର ପଥ ବଡ଼ ଗହନ ଓ କଣ୍ଟକାକୀର୍ଣ୍ଣ । ଭୟ କରି ସେ ବାଟରେ ନଗଲେ ଯେପରି ଜୀବନର ସନ୍ଧାନ ମିଳେ ନାହିଁ; ସାହିତ୍ୟରେ ମଧ୍ୟ ସେହିପରି ସୁନ୍ଦର ଓ ଶାଶ୍ୱତର ସ୍ୱାକ୍ଷର ଫୁଟେ ନାହିଁ ।

ମୋ ପଢ଼ିବାରେ ସମ୍ଭବତଃ, ଶେଲି ସର୍ବପ୍ରଥମେ "ସେନ୍‌ସୀ" ନାଟକର (ଖ୍ରୀ: ଅ ୧୮୨୦, ଭୂମିକାରେ ସାହିତ୍ୟରେ ନୀତି ଓ ଅନୀତିର ଆଲୋଚନା କରିଥିଲେ । ଏ ସମ୍ପର୍କରେ ସ୍ମରଣ କରାଯାଇପାରେ ଯେ, ଆଦ୍ୟ ଊନବିଂଶ ଶତାବ୍ଦୀର ଇଂରେଜି ସାହିତ୍ୟରେ, "ସେନ୍‌ସୀ"ଏକ ଦୁଃସାହସିକ ଉଦ୍ୟମ ଥିଲା । ସମାଲୋଚକମାନେ ଏହି ନାଟକଟିକୁ ଶେଲି-ଙ୍କର ଏକ ଶ୍ରେଷ୍ଠ କୀର୍ତ୍ତିରୂପେ ଅଭିହିତ କରିଅଛନ୍ତି । ଅଥଚ ଏହାର ବିଷୟବସ୍ତୁ ଆପାତ ଦୃଷ୍ଟିରେ ଏପରି ବୀଭତ୍ସ (tearful and monstrous) ଯେ ଏହା କୌଣସି ମଞ୍ଚରେ ଅଭିନୀତ ହୋଇପାରି ନଥିଲା । ନିଜ କନ୍ୟା, ଅପାପବିଦ୍ଧା ବେଟ୍ରିସ ପ୍ରତି ସେନ୍‌ସୀର କାଉଣ୍ଟ ଫ୍ରାନ ସେ-ସ୍କୋଙ୍କ ଅବୈଧ ପ୍ରଣୟାଶକ୍ତି ଓ ତାହାର ଲୋମହର୍ଷକ ପରିଣତି, ଏହି ନାଟକର କଥାବସ୍ତୁ । ନାଟକଟି ଏଠାରେ ଆଲୋଚିତ ହେଉ ନଥିବାରୁ ମୁଁ ତାହାର ବିଶଦ ବିଶ୍ଳେଷଣ ବାଦ ଦେଉଅଛି । ମାତ୍ର କାଉଣ୍ଟ ଫ୍ରାନ୍‌ସସ୍କୋଙ୍କ ନାରକୀୟ ଯୌନଲିପ୍ସା ଓ ତାହାର ଅଗ୍ନିକୁଣ୍ଡରେ ବେଟ୍ରିସ୍‌ଙ୍କ ଜୀବନାହୂତି, ଏହାକୁ ପୃଥିବୀର ଅନ୍ୟତମ ଅବିସ୍ମରଣୀୟ ଟ୍ରାଜେଡ଼ିରେ ପରିଣତ କରିଅଛି । ରାଧାନାଥ, ଗ୍ରୀକ୍ କବି ଆଇସିଲ୍‌ସ (Aeschyless) ଙ୍କ ଆଗାମେମ୍‌ନନ୍ (Agamemnon) ଓ ଶେଲିଙ୍କ ସେନ୍‌ସୀର ଅବଲମ୍ବନରେ, ନିର୍ଦ୍ଦିଷ୍ଟ ଭାବରେ କହିବାକୁ ଗଲେ, 'ସେନ୍‌ସୀ'ର ଗଳ୍ପାଂଶ ଓ 'ଆଗମେମ୍‌ନନ ର କାବ୍ୟରୂପ ଅବଲମ୍ବନରେ ନିର୍ଦ୍ଦିଷ୍ଟ ଭାବରେ କହିବାକୁ ଗଲେ ସେନ୍‌ସୀ'ର ଗଳ୍ପାଂଶ ଓ ଆଗାମେମ୍-ନନ ର କାବ୍ୟରୂପ ଅବଲମ୍ବନରେ "ପାର୍ବତୀ"କାବ୍ୟ ରଚନା କରିଥିଲେ । ମାତ୍ର "ସେନ୍‌ସୀ"ର ଟ୍ରାଜେଡ଼ି ଯେପରି ଏକ ବିଶ୍ୱଜନୀନ ଗାମ୍ଭୀର୍ଯ୍ୟ ଓ କାବ୍ୟ-ସୌନ୍ଦର୍ଯ୍ୟ ଲାଭ କରିଅଛି; ପୁଣି ସେଥିରେ ଧର୍ମୀୟ ପୀଡ଼ନ, କ୍ଷମତା ଦୃପ୍ତ ଶାସନର ସ୍ୱେଚ୍ଛାଚାର ପୁଣି ଈଶ୍ୱରର ନାମରେ ଧର୍ମାଧିକରଣ

ମାନଙ୍କର ଅବସ୍ଥିର ବରୁଦ୍ଧରେ ଅତ୍ୟାଗୃରତ ଆତ୍ମାର ପ୍ରତିବାଦ ଯେପରି ଏକ ଲେଲିହାନ ଅଗ୍ନିଶିଖା ପରି ଉଲ୍ଲମ୍ଫିତ ହୋଇଅଛି, ତାହା ବିଶ୍ୱସାହିତ୍ୟରେ ଦୁର୍ଲଭ । ଯାହା ହେଉ ଏ ନାଟକରେ କିନ୍ତୁ ସେନସୀର ଦୁରଭୃତ୍ତି କାଉଣ୍ଟ ଫ୍ରାନ୍ସେସ୍କୋଙ୍କ ପରିବର୍ତ୍ତେ ନିରପରାଧିନୀ ଓ କଳଙ୍କହୀନା ବେଟ୍ରିସ୍ ବିଚାରରେ ଚରମ ଶାସ୍ତି ପାଇ ଅଛନ୍ତି । ବିଚାର ପରେ ଶାସ୍ତିରୂପେ ଜଘନ୍ୟ ମୃତ୍ୟୁର ସମ୍ମୁଖୀନ ହେବାବେଳେ ବେଟ୍ରିସ୍, ନିଜର ବିଲେଇ କବରୀଟିକୁ ବାନ୍ଧିଦେବା ପାଇଁ ଜନନୀ ଲୁକ୍ରେସିଆଙ୍କୁ ନିବେଦନ କରି କହିଛନ୍ତି······

"Here, mother, tie my girdle for me. and bind up this hair in any simple knot, any, that does well and yours I see is coming down. How often have we done this for one another, now we shall not do it any more, my Lord we are quite ready. well' very well"

ଏହିଠାରେ ନାଟକର ପରିସମାପ୍ତି ଘଟିଅଛି । ଏଥିରେ 'ପୋଏଟିକ୍ ଜଷ୍ଟିସ୍' ଘଟିନାହିଁ । କାଉଣ୍ଟ ଫ୍ରେନ୍‌ସିସ୍କୋ, ବିଧାତାର ଉଲଙ୍ଗ ଖଡ୍ଗ ପରି, "a sword in the right hand of Justet God' ଅତତାୟୀ ମାରକଙ୍କର ଛୁରିକାଘାତରେ ପ୍ରାଣତ୍ୟାଗ କରିଥିଲେହେଁ, ଧର୍ମାଧିକରଣ ଓ ଧର୍ମାଧିକାରୀ 'ପୋପ୍' ଙ୍କ ବିଚାରରେ କିନ୍ତୁ ପ୍ରକାରାନ୍ତରେ ନିର୍ଦ୍ଦୋଷ ରୂପେହିଁ ସାବ୍ୟସ୍ତ ହୋଇଅଛନ୍ତି !

ତେଣୁ ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ, ସମଗ୍ର ୟୁରୋପୀୟ ସାହିତ୍ୟକୁ ଗଭୀର ଭାବରେ ପ୍ରଭାବିତ କରିଥିବା ଶେଲୀଙ୍କ ପରି ମହାକବି, କାଉଣ୍ଟ ଫ୍ରାନ୍‌ସେସ୍କୋଙ୍କ ପରିବର୍ତ୍ତେ "ନିର୍ବାକ ଶୈଶବ ପରି ଅପାପବିଦ୍ଧା" 'as pure as speechless infancy" ବେଟ୍ରିସ୍‌ଙ୍କୁ ଚରମ ଶାସ୍ତି ଦେଇ ସମାଜରେ କେଉଁ ନୀତି ବା ଆଦର୍ଶର ପ୍ରତିଷ୍ଠା କଲେ ? ପୁଣି ଏତେ ବିଷୟବସ୍ତୁ ଥାଉଁ ଥାଉଁ ସେ ଏପରି ଏକ ଜଘନ୍ୟ କାହାଣୀ ନିର୍ବାଚନ କଲେ କାହିଁକି ? ଏ ପ୍ରଶ୍ନବାଚକଟି ଏତେ ବିରାଟ ଓ ବ୍ୟାପକ ଯେ; ତାହା ସ୍ୱତନ୍ତ୍ର ଆଲୋଚନାସାପେକ୍ଷ । କିନ୍ତୁ ସାହିତ୍ୟଶୁଚିବିକାରଗ୍ରସ୍ତ

ସମାଲୋଚକମାନଙ୍କ ଉଦ୍ଦେଶ୍ୟରେ ସାହିତ୍ୟର ପ୍ରକୃତି ବା ଆତ୍ମା ସମ୍ପର୍କରେ, ଏକ ନାଟକର ଭୂମିକାରେ ଶେଲି ଲେଖିଛନ୍ତି—

"The highest moral purpose aimed at in the highest species of the drama is the teaching of the human heart. through its sympathies, and antipathies the knowledge of itself, in proportion of the possession of which knowledge every human being is wise, just sincer, tolerent and kind. If dogmas can do more it is well, but a drama is not fit place for the enforcement of them.

ଏହାର ମର୍ମାନୁବାଦ ହେଉଛି ପାପ ଓ ପୁଣ୍ୟ ମଝିରେ ଜୀବନର ଆବିଷ୍କାର, ଶ୍ରେଷ୍ଠ ସାହିତ୍ୟର ସର୍ବଶ୍ରେଷ୍ଠ ନୈତିକ ଉଦ୍ଦେଶ୍ୟ । ଏହି ଆତ୍ମଜ୍ଞାନ ମଧ୍ୟରେହିଁ ମନୁଷ୍ୟ ପ୍ରାଜ୍ଞ, ବିଚାରବନ୍ତ, କ୍ଷମତାଶୀଳ ଓ ଉଦାର ହୋଇଥାଏ । ଯଦି ନୀତି ନାମରେ କେତେକ ପଦାଳି ଏହା ଅପେକ୍ଷା ମହତ୍ତର ଉଦ୍ଦେଶ୍ୟ ସାଧନ କରିପାରେ, ତାହେଲେ ଭଲକଥା ମାତ୍ର ନାଟକ ବା ସାହିତ୍ୟ ତାର କ୍ଷେତ୍ର ନୁହେଁ !

ସାହିତ୍ୟିକ ଓ ଶିଳ୍ପୀ, ସତ୍ୟଦ୍ରଷ୍ଟା ଓ ସୌନ୍ଦର୍ଯ୍ୟଦର୍ଶୀ ଭୂମି ମଧ୍ୟରେ ସେମାନେ ଯଦି ଭୂମିରେ ସଙ୍କେତ ନ ଦେଖିଲେ, ସବୁ କୁତ୍ସିତତା ମଧ୍ୟରେ ସେମାନେ ଯଦି ସୁନ୍ଦରର ସ୍ପର୍ଶ ନ ପାଇଲେ, ସବୁ ମିଥ୍ୟାର ନେପଥ୍ୟରେ ସେମାନେ ଯଦି ସତ୍ୟର ଆହ୍ୱାନ ନ ବୁଝିଲେ, ସବୁ ଅକଲ୍ୟାଣ ମଧ୍ୟରେ ସେମାନେ ମଙ୍ଗଳର ଶୁଭଶଙ୍ଖ ନ ଶୁଣିଲେ ଓ ସେମାନଙ୍କ କୃତିରେ ଯଦି ସେ ସବୁ ପ୍ରତିଫଳିତ ନ ହେଲା; ତା' ହେଲେ ସେମାନେ ଲେଖକ ଅଥବା ଚିତ୍ରକର ହୋଇ ପାରନ୍ତି, ମାତ୍ର ସାହିତ୍ୟିକ ଓ ଶିଳ୍ପୀ ହୋଇ ପାରିବେ ନାହିଁ । କଳା, କଳଙ୍କିତ ଚନ୍ଦ୍ରର ଜ୍ୟୋତ୍ସ୍ନା ପରି ଅଘୋରୀ···ସମୁଦ୍ରର ଫେନଚୂଡ଼ ଲହରୀକୁ ଏହା ଯେପରି ମହିମାନ୍ୱିତ କରେ, କର୍ଦ୍ଦମର ପଲ୍ୱଳକୁ ମଧ୍ୟ ସେହିପରି ଅବର୍ଣ୍ଣନୀୟ ସୁଷମାରେ ବ୍ୟଞ୍ଜିତ କରେ । ସେଥିପାଇଁ ଯେଉଁ ରଚନାରେ ଆତ୍ମାର ଅତୃପ୍ତି ନାହିଁ, ଅନୁସନ୍ଧାନ ନାହିଁ, ଜୀବନର ଆବିଷ୍କାର ନାହିଁ ଓ ସେଥିପାଇଁ ବେଦନା ଅଥବା ସଂଗ୍ରାମ ନାହିଁ, ତାହା ସିଦ୍ଧ ଲେଖକ

ହାତରେ, ଶୈଳୀ ଓ ଆଙ୍ଗିକର ଚମତ୍କାରତାରେ ଗୁଡ଼ିଏ ଶୃଙ୍ଖ ମଧୁର ଶବ୍ଦର ସମାହାରରେ "ଗୁଡ୍‌ରାଇଟିଙ୍ଗ୍" ବା ଭଲ ଲେଖା ହୋଇପାରେ, ମାତ୍ର ତାହା ଚିରନ୍ତନ ଲେଖା ବା "ଇଟର୍‌ନାଲ୍ ରାଇଟିଙ୍ଗ୍" ହୋଇ ପାରିବନାହିଁ । ହାମଲେଟ ଏକ ଦୁର୍ବଳମନା, ଦୋଦୁଲ୍ୟମାନ ସିଦ୍ଧାନ୍ତଖିରୁ ଚରିତ୍ର ସତ୍ୟ, ମାତ୍ର ଯୁଗେ ଯୁଗେ ମନୁଷ୍ୟ, ହାମଲେଟର ଚରିତ୍ର ମଧ୍ୟରେ ଜୀବନ ତଥା ପୃଥିବୀର ନୂତନ ନୂତନ ପରିଚୟ ଆବିଷ୍କାର କରି ଆସିଅଛି । ଅଥଚ ବାସ୍ତବ ଜୀବନରେ "ଟିପିକାଲ୍ ହାମଲେଟ" ଏକ କର୍ଯ୍ୟାତ ଗାଳି । (ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଜବାହାରଲାଲଙ୍କ ଉଦ୍ଦେଶ୍ୟରେ ସେହି ଗାଳି, ପାର୍ଲିଆମେଣ୍ଟରେ ଏହି ଲେଖକ ଅନ୍ୟୂନ ଏକଶହ ଏକବାର ପ୍ରୟୋଗ କରିଥିବ !) ସେହିପରି କିଙ୍ଗ୍ ଲିଅର୍, ଅଥେଲୋ, ଅଥବା ସେନସୀର କାଉଣ୍ଟ ଫ୍ରାନ୍‌ସେସ୍କୋ ପ୍ରତ୍ୟେକେ ଜୀବନର ଆବିଷ୍କାର ପାଇଁ ଗୋଟିଏ ଗୋଟିଏ ଅନ୍ଧାର ଗଳିରାସ୍ତା । ସେ ସବୁ ରାସ୍ତା ନୀତିବାଦ ଓ ପ୍ରଚାରଣାମୂଳକ ଆଦର୍ଶବାଦର ଆଲୋକିତ, ପିଚ୍‌ଢଳା ବଜାର ରାସ୍ତା ନୁହେଁ । ମାତ୍ର ସେହି ଅନ୍ଧାର ଗଳିରେ ଝୁଣ୍ଟି ପଡ଼ି ନ ଗଲେ, ମୁଖାମୁକ୍ତ ଜୀବନର ଯଥାର୍ଥ ପରିଚୟ ମିଳିବ ନାହିଁ । ମୋଟକଥା, ତଥାକଥିତ ପାପପୁଣ୍ୟ ସଂସ୍କାରର ଊର୍ଦ୍ଧ୍ୱରେ; ଯେଉଁ ସଂସ୍କାରମୁକ୍ତ ଜୀବନ ରହିଅଛି, ତାହାର ଉପଲବ୍ଧି, ଅନୁଶୀଳନ ଓ ଚୟନ ସବୁ ଚିରନ୍ତନ ସାହିତ୍ୟର ପ୍ରାଣ । ଧର୍ମ ଓ ସାହିତ୍ୟ, ସେଇଠାରେ କେବଳ ଏକ ଅଭିନ୍ନ ସତ୍ତାରେ ମିଳିତ ହୋଇ ପାରିଥାନ୍ତି । 'ଗୀତା' ର ବିଷାଦ ଯୋଗ ଅଥବା ବାଇବେଲ୍‌ର "ସାମ୍" ପାଇଁ ସେହି ଗ୍ରନ୍ଥସବୁ ମଧ୍ୟ ଶ୍ରେଷ୍ଠ ସାହିତ୍ୟ ପଦବାଚ୍ୟ ହୋଇ ପାରିଅଛି । ସେହି କାରଣରୁ ପୁଣି ରାମାୟଣ ଆଦ୍ୟ କାବ୍ୟ ଯେତିକି, ଧର୍ମଗ୍ରନ୍ଥ ମଧ୍ୟ ସେତିକି । ଟଲଷ୍ଟୟଙ୍କ "ଓ୍ୱାର ଆଣ୍ଡ୍ ପିସ୍" ଅଥବା ପାଷ୍ଟରନାକ୍‌ଙ୍କର "ଡକ୍ଟର ଜିଭାଗୋ" ଏହି କାରଣରୁ ମଧ୍ୟ କାଳୋତ୍ତୀର୍ଣ୍ଣ କ୍ଲାସିକ୍‌ସ୍‌ର ମର୍ଯ୍ୟାଦା ଲାଭ କରିଅଛି ।

ପାପ କଣ, ପୁଣ୍ୟ କେଉଁଠି, ସତ୍ୟ କିଏ ଆଉ କିଏ ବା ଅସତ୍ ଏ ବ୍ୟଥାତୁର ଜିଜ୍ଞାସା ଆଜିର ନୁହେଁ···ଉପନିଷଦ୍ କାଳରୁ ସୁଦ୍ଧା

ସେ ଉପ୍ରୀତକ ପ୍ରଶ୍ନ ଜଜ୍ଞାସିତ ହୋଇ ଆସିଅଛି । "କେନୋପନିଷଦ୍" ରେ ପଚରା ଯାଇଅଛି—

କେନେଷିତଂ ପତତି ପ୍ରେଷିତଂ ମନଃ
କେନ ପ୍ରାଣଃ ପ୍ରୈତି ଯୁକ୍ତଃ ?
କେନେଷିତଂ ବାଚଂ ଇମାଂ ବଦନ୍ତି ଚକ୍ଷୁ
ଶ୍ରୋତ୍ରଂ କଉ ଦେବୋଯୁନକ୍ତି ?"

ଅର୍ଥାତ୍ କାହାର ନିର୍ଦ୍ଦେଶରେ ମନ, ଅଭୀଷ୍ଟ ବସ୍ତୁ ପ୍ରତି ଧାବିତ ହୁଏ, କାହାର ଆଦେଶରେ ପ୍ରାଣ ଚଞ୍ଚଳ ଓ ଉଦ୍‌ବେଳିତ ହୁଏ ? କାହାର ଇଚ୍ଛାରେ ବାକ୍ୟ ସ୍ଫୁରିତ ହୁଏ ? କେଉଁ ଦେବତା ଚକ୍ଷୁ ଓ କର୍ଣ୍ଣକୁ ସ୍ପନ୍ଦିତ କରନ୍ତି ?

ଗୁରୁ ତାହାର ଉତ୍ତରରେ କହିଛନ୍ତି—

"ଯତ୍ ପ୍ରାଣେନ ପ୍ରାଣିତି ଯେନ ପ୍ରାଣଃ ପ୍ରଣୀୟତେ
ତଦ ଏବ ବ୍ରହ୍ମ ତ୍ୱଂ ବିଦ୍ଧି ନେଦଂ ଯଦ ଇଦଂ ଉପାସତେ ।"

ଅର୍ଥାତ୍ ଯାହା ଜୀବନୋତ୍ତର ହେଲେ ହେଁ ଜୀବନର ଅବଲମ୍ବନ ତାହାକୁ ତୁମେ ବ୍ରହ୍ମରୂପେ ଚିହ୍ନ ! ଯାହାକୁ ପୂଜା ଅର୍ଚ୍ଚନା କରୁଛ ସେ "ସେ ନୁହନ୍ତି ।" *

ଅଭୀଷ୍ଟ ବସ୍ତୁ ପ୍ରତି, ସେ ପରକୀୟାର ଯବାଧର ହେଉ ଅଥବା ଶ୍ରୀକୃଷ୍ଣଙ୍କ ରଙ୍ଗାଧର ହେଉ, ମନ ଧାବିତ ହେବା, ପାପ ଅଥବା ପୁଣ୍ୟ ନୁହେଁ । ଅଭିସାରିକାର ପଦଧ୍ୱନି ହେଉ ଅଥବା ଓଁକାରର ନିନାଦରେ ପ୍ରାଣ ଉଦବେଳିତ ହେବା, ପାପ ଅଥବା ପୁଣ୍ୟ ନୁହେଁ । ଏ ସବୁ ପୁଣି ଜୀବନୋତ୍ତର । କାରଣ ଏ ସବୁର ମଧ୍ୟରେ ବ୍ରହ୍ମର ସତ୍ତା ରହିଅଛି—ଚରିତ୍ରହୀନଠାରେ ଯେତିକ, ଚରିତ୍ରବାନ ଠାରେ ମଧ୍ୟ ସେତିକ ! ସବୁ ଆପେକ୍ଷିକ; ସବୁ ଗୋଟିଏ ମୁଦ୍ରାର ଦୁଇଟି ପାଖ ମାତ୍ର ।

କିନ୍ତୁ ସମସାମୟିକ ଭାରତୀୟ ସାହିତ୍ୟରେ ଜୀବନର ନିସ

---

* (ପାଠ୍ୟ ଓ ଅନୁବାଦ ଡକ୍ଟର ଏସ. ରାଧାକୃଷ୍ଣନଙ୍କ **"The Principal upanishad"** ରୁ ଗୃହୀତ)

ସଂସ୍କାର ମୁକ୍ତ ଅନୁସନ୍ଧାନ କାହିଁ ? ରାଜନୀତି ପରି ସାହିତ୍ୟ ମଧ୍ୟ ଏକ ଦୁର୍ନୀତିସର୍ବସ୍ୱ ସୁବିଧାବାଦ ଦ୍ୱାରା ବିଡମ୍ବିତ ହୋଇଅଛି । ସେଥିପାଇଁ ଗଳ୍ପ ଓ ଉପନ୍ୟାସରେ ଆମ୍ଭେମାନେ "ଦକ୍ଷିଣ ନାୟକ" ହେଲେହେଁ ବାସ୍ତବ ଜୀବନଚର୍ଯ୍ୟାରେ କିନ୍ତୁ ଶଠ ଅଥବା ଧୃଷ୍ଟ ! କବିତାରେ କେବଳ ଆମ୍ଭେମାନେ ଶର୍ମ୍ମ ହୋଇଥାଉ ଅଥବା ସିଆଲକୋଟ୍ କ୍ଷେତ୍ରରେ ପାଟନ୍ ଟ୍ୟାଙ୍କ୍ ଭାଙ୍ଗି ମହାବୀର ଚକ୍ର ପାଇଥାଉଁ । କିନ୍ତୁ ବାସ୍ତବ ଜୀବନରେ ଯଃ ପଳାୟତି ସ ଜୀବତି ! ମାତ୍ର ଏଥିରେ ଚିରନ୍ତନ ସାହିତ୍ୟ ସୃଷ୍ଟି ସମ୍ଭବ ନୁହେ । ସେଥିପାଇଁ ଔପନ୍ୟାସିକ ଆଲବର୍ଟ କାମୁଙ୍କ ପ୍ରସିଦ୍ଧ ଉପନ୍ୟାସ The outsider"ର ପ୍ରଥମ ସଂସ୍କରଣର ଭୂମିକାରେ ସମାଲୋଚକ ସିରଲ୍ କନୋଲି ଲେଖିଛନ୍ତି—

"It is not enough to love life, We must teach everyone else to love it, We must appreciate that happiness is consciousness, and consciousness is one, that all its manifestations are sacred and it is from these newer school of noveliests and poets in ali countries that one day we will learn it."

ମାତ୍ର ସେଥିପାଇଁ ଭାରତରେ ସମ୍ଭବତଃ ବିଳମ୍ବ ଅଛି । ରାଧାନାଥ ଓ ଫକୀରମୋହନ ତେଣୁ ସବୁ ଲେଖିସାରି ଏଇ ବିଡମ୍ବନାରୁ ଆତ୍ମରକ୍ଷା ପାଇଁ ହୁଏତ ଭକ୍ତଙ୍କ ପରି ଫଟୋ ଉଠାଇଛନ୍ତି । (ଭକ୍ତ ନହେଲେ ସାହିତ୍ୟ ଲେଖାଯାଇ ପାରିବ ନାହିଁ ।) ସେମାନଙ୍କୁ ଏ ବିଡ଼ମ୍ବନାରୁ ପରିତ୍ରାଣ କରି; ରାଧାନାଥଙ୍କ ହାତରେ ଅନୁଶୋଚନାଦଗ୍ଧ ପ୍ରାର୍ଥନାର ମୁଦ୍ରା ପରିବର୍ତ୍ତେ ଅଶୋକ-ମଞ୍ଜରୀ ପୁଣି ଫକୀରମୋହନଂକ ବେକରେ ଗୁହାରି ଆର ଗୃଦର-ପଟୁକା ପରିବର୍ତ୍ତେ ରଙ୍ଗୀନ ଉତ୍ତରୀୟ ଉଡାଇବା, ସେମାନଂକ ଅଧମ-ଉତ୍ତର-ପୁରୁଷ ରୂପେ ମୋର ଅଭିଳାଷ ସେମାନଂକର ସେହିପରି ଫଟୋଗ୍ରାଫ ମୁଁ ଖୋଜି ବୁଲୁଛି । ଆପଣ-ମାନେ କଷ୍ଟକରି ମୋ ପାଇଁ ତାହା ଟିକିଏ ଖୋଜିବେ କି ?

(୧୯୬୫)

—*—

# ସାମାଜିକ ଅବସ୍ଥା ଓ ଅର୍ଥନୈତିକ ପ୍ରଗତି

**ବୈଦ୍ୟନାଥ ମିଶ୍ର**

ଅର୍ଥନୈତିକ ପ୍ରଣାଳୀ ଦ୍ୱାରା ସାମାଜିକ ବ୍ୟବସ୍ଥା ନିୟନ୍ତ୍ରିତ ହୁଏବୋଲି କାର୍ଲ ମାର୍କସ ପ୍ରାୟ ୧୦୦ବର୍ଷ ତଳେ କମ୍ୟୁନିଷ୍ଟ ମାନିଫେଷ୍ଟୋରେ ପ୍ରଚାର କରିଥିଲେ । ଇତିହାସର ସେ ଯେଉଁ ନୂଆଅର୍ଥ କରିଥିଲେ, ଯାହାକୁ କି ଆମେ Materialistic interpretation of history ବୋଲି କହୁ, ସେ ସେଥିରେ କହିଥିଲେ ଯେ ଉତ୍ପାଦନ ପ୍ରଣାଳୀ ଦ୍ୱାରା ସମାଜର ଶିକ୍ଷା, ସଭ୍ୟତା, ସଂସ୍କୃତି ଓ ଏପରିକି ଧର୍ମ ମଧ୍ୟ ନିୟନ୍ତ୍ରିତ ହୁଏ । ଏଥିରେ ଯେ ଅନେକ ସତ୍ୟତା ଅଛି, କୌଣସି ସନ୍ଦେହ ନାହିଁ । ଯେଉଁମାନେ ଉତ୍ପାଦନ ପ୍ରଣାଳୀକୁ ପରିଚାଳିତ କରନ୍ତି, ଯେଉଁମାନଙ୍କ ହାତରେ ଉତ୍ପାଦନ ପ୍ରଣାଳୀର କର୍ତ୍ତୃତ୍ୱ ରହେ, ସେଇମାନେ ଶିକ୍ଷା ଓ ସଭ୍ୟତାର କର୍ଣ୍ଣଧାର ହୋଇ ଉଠନ୍ତି, ଶିକ୍ଷା, ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ ଅନେକ ସମୟରେ ସେମାନଙ୍କ ମତ ଅନୁଯାୟୀ ପ୍ରତିଷ୍ଠିତ ହୁଏ । ଅନ୍ତତଃ ସେମାନଙ୍କ ମତ ଅନୁଯାୟୀ ସାମାଜିକ ବ୍ୟବସ୍ଥା ଯେ ଅନେକାଂଶରେ ପ୍ରଭାବିତ ହୁଏ, ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ସମାଜର ଶିକ୍ଷା, ସଂସ୍କୃତି ବା ସଭ୍ୟତା କେବଳ ଉତ୍ପାଦନ ପ୍ରଣାଳୀ ଉପରେ ନିର୍ଭର କରେ ନାହିଁ·ସମାଜ ମଧ୍ୟ ଉତ୍ପାଦନ ପ୍ରଣାଳୀ ଓ ଅର୍ଥନୈତିକ ଅବସ୍ଥାକୁ ନିୟନ୍ତ୍ରଣ କରେ । କାର୍ଲ ମାର୍କସ ବୋଧହୁଏ ନିଜର ମତକ ପ୍ରତିଷ୍ଠା କରିବା ପାଇଁ ଉତ୍ପାଦନ ପ୍ରଣାଳୀକୁ ଅତିବେଶୀ ଗୁରୁତ୍ୱ ଦେଇଛନ୍ତି । ଗୋଟିଏ ମତକୁ ଅତିରଞ୍ଜିତ କରି ଲୋକମାନଙ୍କ ଆଗରେ ନ ଥୋଇଲେ, ଲୋକମାନେ ତାହା ସହଜରେ ଧରି ପାରନ୍ତି ନାହିଁ । ପ୍ରଚାର ପାଇଁ ଅତିରଞ୍ଜିତ

କରିବା ଏକ ବଡ଼ ଧରଣର କୌଶଳ । ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ଅନେକ ବଡ ବଡ଼ ଲେଖକ ଏହି ପନ୍ଥାର ଆଶ୍ରୟ ନେଇଛନ୍ତି । ତେଣୁ ମାର୍କସଙ୍କ ମତବାଦକୁ ଅକ୍ଷରେ ଅକ୍ଷରେ ସତ୍ୟବୋଲି ମାନିନେବା ବୁଦ୍ଧିମତାର ପରିଚୟ ହେବନାହିଁ । ଉତ୍ପାଦନ ପ୍ରଣାଳୀ ସମାଜକୁ କିପରି ପ୍ରଭାବିତ କରେ, ତାର ଅନେକ ଆଲୋଚନା ଅନେକ ଜାଗାରେ ହୋଇଯାଇଛି । ତେଣୁ ସାମାଜିକ ବ୍ୟବସ୍ଥା ଅର୍ଥନୈତିକ ପ୍ରଣାଳୀକୁ କିପରି ଭାବରେ ପ୍ରଭାବିତକରେ, ତାର ଏକ ଆଲୋଚନା ଆମ୍ଭେମାନେ ଏଠାରେ ବାଢ଼ିବାକୁ ଚେଷ୍ଟାକରିବୁ ।

ଆମର ସମାଜ ଏକ ଅତି ପୁରୁଣାକାଳିଆ ସମାଜ । ବୁଦ୍ଧଦେବ ଓ ଅଶୋକଙ୍କ ଅମଳରେ ଲୋକମାନେ ଯେପରି ରହୁଥିଲେ, ଆଜିକାଲି ମଧ୍ୟ ଗାଁ ଗଣ୍ଡାରେ ତାର ଅନେକ ଦୃଷ୍ଟାନ୍ତ ମିଳିବ । କିନ୍ତୁ ଏହି ପୁରୁଣା କାଳିଆ ସମାଜରେ ମୁସଲମାନ, ମୋଗଲ ଓ ଇଂରେଜଙ୍କ ପ୍ରଭାବ ପଡିଯାଇଛି । ଶାସକଙ୍କର ଭାଷା ଗ୍ରହଣକରି ସେମାନଙ୍କୁ ଅନୁକରଣ କରି ଚଳିବାପାଇଁ ଶାସିତମାନେ ସବୁବେଳେ ଚେଷ୍ଟା କରନ୍ତି । ଆମ ଦେଶରେ ଇଂରେଜି ଶିକ୍ଷିତ ଯୁବକମାନେ ପାଶ୍ଚାତ୍ୟ ସଭ୍ୟତା ଦ୍ୱାରା ପ୍ରଭାବିତ ହୋଇ ଆମର ପୁରୁଣା କାଳିଆ ରକ୍ଷଣଶୀଳ ସମାଜକୁ ଆଘାତ କରିବାକୁ ଲାଗିଛନ୍ତି । କିନ୍ତୁ ଏହା ସତ୍ତ୍ୱେ, ଆମର ସମାଜ ତାହାକୁ ପୂରାପୂରି ଗ୍ରହଣ କରିପାରି ନାହିଁ । ସବୁ ସଭ୍ୟତାର ଛାପ ଏହା ଉପରେ ପଡ଼ିଛି । ପୁରାତନ ଲିଭି ଯାଇନାହିଁ—ନୂତନ ପୂରା ଆସି-ନାହିଁ ତେଣୁ ଆମେମାନେ ମଝିନଈରେ ଗୁଳକବଧ୍ୱାନ ବୋଇତରେ ଭାସିଲା ପରି ଏଣେତେଣେ ଭାସୁଛୁ । ତେଣୁ ଆଜି ଭାରତୀୟ ସଭ୍ୟତା କଣ, କହି ହେବନାହିଁ । ଜାପାନ ଓ ସିଲୋନ ପ୍ରଭୃତି ଦେଶମାନେ ପ୍ରାଚ୍ୟ ଭୂଖଣ୍ଡର ଅଂଶ ହେଲେ ମଧ୍ୟ ପାଶ୍ଚାତ୍ୟ ସଭ୍ୟତାକୁ ପୂରାପୂରି ଆଦରି ନେଇଛନ୍ତି । ଅନ୍ୟ କେତେକ ଦେଶ ପ୍ରାଚ୍ୟ ସଭ୍ୟତାକୁ ଧରି ରହିଛନ୍ତି । କିନ୍ତୁ ଆମେ ଏଉଭୟରୁ କେଉଁ ଶ୍ରେଣୀରେ ଯାଉଁନାହୁଁ । ଭିନ୍ନଭିନ୍ନ ସଭ୍ୟତାର ସମନ୍ୱୟ ହୋଇଗଲେ ମଧ୍ୟ କିଛି ଅସୁବିଧା ହୁଅନ୍ତା ନାହିଁ । କିନ୍ତୁ ଆମର ସଭ୍ୟତା ଏପରି ଏକ ମିଶ୍ରିତ ସଭ୍ୟତା ଯେ ସେଥିରେ

ସମନ୍ୱୟ ( Adjustment and compromise ) ନାହିଁ । ଏଥିରେ ପାଗଳାବାବା ଓ ରନ୍ଦଲେଇ ବାବା ଉଦ୍ଭବ ହୁଅନ୍ତି—ଏବଂ ଆହୁରି ଆଶ୍ଚର୍ଯ୍ୟର କଥା ଯେ ସେମାନଙ୍କୁ ଶିକ୍ଷିତ, ବୈଜ୍ଞାନିକ ଓ ଅଧ୍ୟାପକମାନେ ମଧ୍ୟ ପୂଜା କରୁଛନ୍ତି ।

ଠିକ୍ ସେହିପରି ଆମର ସାମାଜିକ ବ୍ୟବସ୍ଥା କଥା ଦେଖାଯାଉ । ଆମ ସମାଜର ଜାତିଭେଦ, ପାରିବାରିକ ବ୍ୟବସ୍ଥା ଓ ଗ୍ରାମ୍ୟ ଜୀବନ ଦିନେ ଯେ ସମାଜର ଅତି ଦରକାର ଥିଲା, ଏଥିରେ କୌଣସି ସନ୍ଦେହ ନାହିଁ । ଏସବୁ ଅନୁଷ୍ଠାନ ସମାଜର ସହଯୋଗୀ ମୂଳକ ଅନୁଷ୍ଠାନ । ଭାରତୀୟମାନେ ଏକାଠି ପରସ୍ପରର ସାହାଯ୍ୟ ନେଇ ବଞ୍ଚି ରହିବା ପାଇଁ ଜାତିଭେଦ, ପାରିବାରିକ ବ୍ୟବସ୍ଥା ଓ ଗ୍ରାମ୍ୟ ଜୀବନର ପନ୍ଥା ଅନୁସରଣ କରିଥିଲେ । ଆଜିର ପାଶ୍ଚାତ୍ୟ ସଭ୍ୟତା ପରି ଆମର ପ୍ରାଚୀନ ସଭ୍ୟତାର ବ୍ୟକ୍ତି ସର୍ବସ୍ୱର ପୂଜା ହେଉ ନଥିଲା । ଗୋଟିଏ ପରିବାର ଭିତରେ ୧୫ । ୨୦ଜଣ ଲୋକ ରହୁଥିଲେ—ସମସ୍ତେ ମିଳିମିଶି ଚଳିବାକୁ ଚେଷ୍ଟା କରୁଥିଲେ । ସେଇପରି ଏକ ଏକ ଜାତିନେଇ ମଧ୍ୟ ସମାଜରେ ସଂହତି ଓ ପରସ୍ପର ସୌହାର୍ଦ୍ଦ୍ୟ ପ୍ରତିଷ୍ଠା କରା ଯାଉଥିଲା । ଗ୍ରାମ୍ୟ ଜୀବନ ଓ group life ବା ସହଯୋଗୀମୂଳ ଜୀବନର ଏକ ଚୂଡ଼ାନ୍ତ ନିଦର୍ଶନ । କିନ୍ତୁ ପାଶ୍ଚାତ୍ୟ ଦେଶରେ ବ୍ୟକ୍ତି ସର୍ବସ୍ୱ ( indi-vidualism ) ହିଁ ସବୁ । ବାହା ହୋଇଗଲେ ବାପ ପାଖରେ ପୁଅ ରହେନାହିଁ । ଗୋଟିଏ ଘରେ ଦୁଇଟି ଭାଇ ବାହାହୋଇ ରହନ୍ତି ନାହିଁ । ହୋଟେଲକୁ ଦୁଇଟି ଭାଇ ଖାଇବାକୁ ଗଲେ, ପ୍ରତ୍ୟେକ ନିଜର ଖାଦ୍ୟପାଇଁ ଦାମ୍ ଦିଅନ୍ତି । ସେଠି ପାରିବାରିକ ଜୀବନ ବା ଗ୍ରାମ୍ୟ ଜୀବନ କିଛିନାହିଁ ବୋଲି କହିଲେ ଚଳେ । ଯେଉଁଠି ପୁଅର ବାପ ସହିତ ସମ୍ବନ୍ଧ ନାହିଁ ଓ ବାପର ପୁଅସହିତ କିଛି ସମ୍ପର୍କ ନାହିଁ, ସେଠି ସହଯୋଗୀ ମୂଳ ଜୀବନ ଗଢି ଉଠିବ କିପରି ? ଆମର ସମାଜର ଆଦର୍ଶହେଲା ପରପାଇଁ ବଞ୍ଚିବା । କାର୍ଯ୍ୟକଥା ଆମେ କହୁନାହୁଁ—ଆଦର୍ଶ କଥା । ପୁଅ ବାହାହୁଏ, ବାପା ଓ ମା ଙ୍କୁ କଷ୍ଟରୁ ରକ୍ଷାକରିବା ପାଇଁ । ବୋହୂ ମଧ୍ୟ ଶାଶୁ ଓ ଶଶୁରଙ୍କ ସେବାପାଇଁ ଆସିଛି ବୋଲି ଭାବେ । ପୁଅ ବଡ଼ହେଲେ ବାପକାର୍ଯ୍ୟରୁ ବିଶ୍ରାମ ନିଅନ୍ତି—ପୁଅ

ସେମାନଙ୍କୁ ପୋଷେ । କିନ୍ତୁ ଆଜି ଆମ ସମାଜର ସେ ପୁରୁଣା ଆଦର୍ଶ ନାହିଁ । ପୁଅ ପାଠପଢ଼ି ବାହାରେ ଚାକିରି କଲେ, ନିଜର ସ୍ତ୍ରୀକୁ ନିଜ ପାଖକୁ ନେଇଆସୁଛି—ଏହିହେଲା ପାଶ୍ଚାତ୍ୟ କଥା । ଏହାକୁ ପୂର୍ବପୂରୁ ଗ୍ରହଣ କରିନେଲେ ବି ଚଳନ୍ତା । କିନ୍ତୁ ତା ନୁହେଁ । ପୁଅ ଯେତେବେଳେ ଚାକିରି ନ ପାଇ ବେକାର ହୋଇ ବସୁଛି, ସେତେବେଳେ ଘରକୁ ଦୌଡ଼ୁଛି—ଘରୁ ଭାଗ ଖୋଜୁଛି—ବାପା, ମା ଓ ଅନ୍ୟଭାଇ ମାନଙ୍କ ସହିତ କଳିକରୁଛି । ଏ କିନ୍ତୁ ପାଶ୍ଚାତ୍ୟ କଥା ନୁହେଁ । ଯେ ବାହାରକୁ ଗଲା, ସେ ବାହାରକୁ ଗଲା । ନିଜର ଧନ୍ଦା ଖୋଜି ଚଳିଲା । ବାପା ଓ ମା ସମ୍ପତ୍ତିର ଭାଗ ବିଷୟରେ କଳ୍ପନା ନାହିଁ । ସେହିପରି ମଧ୍ୟ ଗ୍ରାମ୍ୟ ଜୀବନରେ ଦ୍ୱନ୍ଦ୍ୱ ଉପସ୍ଥିତ ହୋଇଛି । ଗାଁର ଯେଉଁ ଲୋକଟି ପାଠ ପଢ଼ି ଉପଯୁକ୍ତ ହୋଇ ବାହାରିଲା, ବିଦେଶରେ ରୋଜଗାରର ପନ୍ଥା ପାଇଲା, ସେ ଗାଁକୁ ଛାଡ଼ି ସହରରେ ରହିଲା । କିନ୍ତୁ ଯେ ଟିକିଏ ଶିକ୍ଷାପାଇ କୁଆଡ଼ିର ନହେଲା, ସେ ଗାଁରେଯାଇ ଠାଉଠିଆ କଲା—ଗାଁବାଲା କହିଲେ ଯେ ପିଲାମାନେ ପାଶ୍ଚାତ୍ୟ ଶିକ୍ଷା ପାଇ ଖରାପ ହୋଇଗଲେ । ପାଶ୍ଚାତ୍ୟ ଦେଶରେ ଯେଉଁମାନେ ପାଠ ପଢ଼ନ୍ତି, ସେମାନେ ଚାଷ କରନ୍ତି, ଲୁଗା ସଫା କରନ୍ତି; ହୋଟେଲରେ ନୌକର କାମ କରନ୍ତି, ସାଲୁନରେ ବାଳ ମଧ୍ୟ କାଟନ୍ତି । କିନ୍ତୁ ଆମେ ତାଙ୍କ ଶିକ୍ଷାପାଇ ଶିକ୍ଷାର ଗୋଟିଏ ଢଙ୍ଗ ଶିଖିଲେ—ବାବୁହେବା କଥା—ସେଠି ସବୁକାମର ମର୍ଯ୍ୟାଦା ଅଛି—ଶିକ୍ଷିତ ଲୋକମାନେ ସବୁପ୍ରକାର କାମ କରୁଛନ୍ତି । କିନ୍ତୁ ଆମର ଶିକ୍ଷିତମାନେ ତାଙ୍କର ଶିକ୍ଷାପାଇ ମଧ୍ୟ ଶିକ୍ଷାର ମର୍ଯ୍ୟାଦା ରଖିପାରୁ ନାହାନ୍ତି । ନିଜର ବ୍ୟାଗ୍ ବା ସୁଟ୍‌କେଶଟି ଧରି ଟ୍ରେନ୍ ଉପରକୁ ଯିବାକୁ ନିଜକୁ ଲାଜଲାଗୁଛି । ତେଣୁ ଆମର ସଭ୍ୟତା ଏକ କିମ୍ଭୁତ କିମାକାର ହୋଇ ପଡ଼ିଛି । ଆମେ ପାଶ୍ଚାତ୍ୟ ସଭ୍ୟତାରେ ନାହୁଁ—ଆମର ସଭ୍ୟତାରେ ନାହୁଁ—କି ବାହାର ସମନ୍ୱୟ କରି ପାରୁନାହୁଁ । ଏହାଭିତରୁ ଯେ କୌଣସିଟି ଧରିନେଲେ ଚଳନ୍ତା । କିନ୍ତୁ ଦୁଃଖର କଥାଯେ ଆମର ସମାଜ ସଂସ୍କାରକମାନେ ପାଶ୍ଚାତ୍ୟ ସଭ୍ୟତାର ଅନୁକରଣ ଟାକୁ ଦେଖି ଖାଲି ପାଶ୍ଚାତ୍ୟ ସଭ୍ୟତାକୁ ସମାଲୋଚନା କରିବାରେ ଲାଗିଛନ୍ତି ।

ସେ ଯାହାହେଉ, ସମାଜଭିତରେ ଏବେ ଯେଉଁ ସଙ୍ଘର୍ଷ ଲାଗିଛି, ତା ଫଳରେ ଆମର ଅର୍ଥନୀତିକ ପ୍ରଗତି ସମ୍ଭବ ହୋଇପାରୁ ନାହିଁ । ପ୍ରଥମେ ଜାତିଭେଦ କଥା ଦେଖାଯାଉ । ଆମେ କେବଳ ଅର୍ଥନୀତି ଦିଗଟି ବିଚାର କରିବା । ପ୍ରଥମେ ଯେତେବେଳେ ଜାତିଭେଦ ସୃଷ୍ଟି ହୋଇଥିଲା, ସେତେବେଳେ କାର୍ଯ୍ୟର ବଣ୍ଟନ ପାଇଁ Division of labour ) ଏହା କରାଯାଇ ଥିଲା । ନିଜର ରୁଚି ଓ ଶକ୍ତିନେଇ ଯେ ଯେଉଁକାର୍ଯ୍ୟ କରିପାରିଲା, ସେ ସେଇ କାର୍ଯ୍ୟରେ ରହିଲା । କେବଳ ସେତିକି ନୁହେଁ । ଭିନ୍ନଭିନ୍ନ କାର୍ଯ୍ୟପାଇଁ ପିଲାଦିନରୁ ବିନାଖର୍ଚ୍ଚରେ ଟ୍ରେନିଂ ବି ମିଳିବାର ସୁବିଧା ହୋଇପାରିଲା । ତେଣୁ ଭାତ ଓ ରୁଟିର ଯୋଗାଡ଼ ପିଲା ଦିନଠାରୁ ହୋଇ ରହିଲା । ବଢ଼େଇ ଘରେ ଯେଉଁ ପିଲାଟି ଜନ୍ମହେଲା, ସେ ପିଲାଦିନରୁ ବାପ ପାଖରେ ବସି ବଢ଼େଇ କାମ ଶିଖିଲା ଏବଂ ବଡହୋଇ ବଢ଼େଇ କାମକରି ନିଜର ଜୀବିକା ଅର୍ଜ୍ଜନ କରିବାରେ ଲାଗିଲା । ବେକାର ସମସ୍ୟା ଉଠିଲାନାହିଁ । ଟ୍ରେନିଂ ପାଇଁ ଅର୍ଥର ଦରକାର ପଡ଼ିଲା ନାହିଁ । କିନ୍ତୁ ଆଜି ଠିକ୍ ଓଲଟା ହୋଇଛି । ଆମେ ତ କହିବୁ ଯେ ଜାତିଭେଦ ଯୋଗୁଁ ଆମ ଦେଶରେ ଆଜି ବେକାର ସମସ୍ୟା ବଢି ଚାଲିଛି । ଜାତିଭେଦ ଫଳରେ ଶ୍ରମର ମର୍ଯ୍ୟାଦା ରହୁନାହିଁ । ଯେଉଁ କାମଟିକୁ ଉଚ୍ଚ ଜାତିର ଲୋକମାନେ କରୁଛନ୍ତି ତାକୁ ସମସ୍ତେ ପସନ୍ଦ କରୁଛନ୍ତି । ତେଣୁ ସେଥିପାଇଁ ପ୍ରତି-ଯୋଗିତା ଲାଗୁଛି । ସମାଜରେ ଯେଉଁମାନେ ଆଜି ଉଚ୍ଚ ଜାତି ବୋଲି ବୋଲାଉଛନ୍ତି ସେମାନେ ଡେପୁଟି, ସବ୍‌ଡେପୁଟି, ଅଧ୍ୟାପକ, ଓକିଲ ଠାରୁ ଆରମ୍ଭକରି କିରାଣି ଓ ପିଅନ ପଚ୍ଛେ ହେବାକୁ ଇଚ୍ଛା କରୁଛନ୍ତି କିନ୍ତୁ ଚାଷକାମ, ଧୋବାକାମ, ବାରିକକାମ ବା ବଢେଇ କାମ ପ୍ରଭୃତି ଅନ୍ୟାନ୍ୟ କାମକୁ ଆଦୌ ପସନ୍ଦ କରୁନାହାନ୍ତି ଫଳରେ ଯେଉଁମାନେ ଆଜି ସମାଜରେ ନୀଚ ଜାତି ବୋଲି ବୋଲାଉଛନ୍ତି, ସେମାନେ ଉଚ୍ଚ ଜାତିର କାମ 'ପାଇବାକୁ ବ୍ୟଗ୍ର ହୋଇ ଧାଇଁଛନ୍ତି । ତେଣୁ ଡେପୁଟି, ସବ୍ ଡେପୁଟି, କିରାଣି ପ୍ରଭୃତି ଚାକିରି ପାଇଁ ପ୍ରତିଯୋଗିତା ବଢ଼ୁଛି । ସମସ୍ତେ ତ ଆଉ ଡେପୁଟି, ସବ୍ ଡେପୁଟି ବା କିରାଣି ହୋଇ ପାରିବେ ନାହିଁ । ତେଣୁ ବେକାର ସଂଖ୍ୟା ବଢ଼ୁଛି । ଅଥଚ ଏଣେ ଗାଁରେ ଧୋବା

ଭଣ୍ଡାରୀଙ୍କର ଅଭାବ ବଢ଼ିବାରେ ଲାଗିଛି । କଟକ ସହରରେ ଲୁଗା ଖଣ୍ଡିଏ ସଫା କରିବା ପାଇଁ ଯେତିକି ଦାମ୍ ମଫସଲରେ ମଧ୍ୟ ଆଜି ସେତିକି ଦାମ୍, ତଥାପି କେହି ଧୋବା କାମ କରିବାକୁ ମଙ୍ଗୁ ନାହାନ୍ତି । ଯଦି ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତା ଦୃଷ୍ଟି ଦେଇ କହିବା ଯେ ଜାତି ଭେଦଟା ଅନ୍ୟାୟ ଓ ଜାତିଧର୍ମ ନିର୍ବିଶେଷରେ ସମସ୍ତେ ସମାଜରେ ସମାନ ଅଧିକାର ପାଇବା ଉଚିତ, ସେଇ ଅନୁସାରେ ସବୁ କାମକୁ ମଧ୍ୟ ସମାନ ମର୍ଯ୍ୟାଦା ଦେବା ଉଚିତ—ପାଶ୍ଚାତ୍ୟ ଦେଶରେ ଅନ୍ତତଃ ସମସ୍ତେ ଏକଥା କରନ୍ତି । କିନ୍ତୁ ଆମର ଯେଉଁ ଶିକ୍ଷିତ ଯୁବକମାନେ ଜାତି ଭେଦକୁ ସମାଲୋଚନା କରନ୍ତି, ସେମାନେ ବାରିକ କାମ, ବଢ଼େଇ କାମ, ଧୋବାକାମକୁ, ମଧ୍ୟ ଅତି ଜଘନ୍ୟ ବୋଲି ମନେ କରନ୍ତି । ତେଣୁ ଆମ ଦେଶରେ ଜାତିଭେଦ ଭାଙ୍ଗି ବି ଭାଙ୍ଗି ନାହିଁ ଥାଇ ବି ବେକାର ସମସ୍ୟା ସମାଧାନ କରିପାରି ନାହିଁ । ବରଂ ଜାତିଭେଦ ଯୋଗୁଁ ବେକାର ସମସ୍ୟା ବଢ଼ିଛି—ଅସମାନତା ବଢ଼ିଛି ।

ସେଇପରି ପାରିବାରିକ ଓ ଗ୍ରାମ୍ୟ ଜୀବନ କଥା ମଧ୍ୟ ଦେଖାଯାଉ ଆମର ସବୁ ଏକାନ୍ନବର୍ତ୍ତୀ ପରିବାର । ଏକାଠି ଅନେକ ଲୋକ ରହୁଥିଲେ—ଫଳରେ ଖାଇବା ଖର୍ଚ୍ଚ କମୁଥିଲା । ବଡ଼ କଥା ଯେ ବଡ଼ ଧରଣର କୃଷି ବି ସମ୍ଭବ ହୋଇ ପାରୁଥିଲା । ହିନ୍ଦୁ ଆଇନ ଅନୁସାରେ ବାପାର ସମ୍ପତ୍ତିରେ ସବୁ ପୁଅଙ୍କର ଭାଗ । କିନ୍ତୁ ସବୁ ପୁଅ ଏକାଠି ରହିବା ଫଳରେ ଜମି ଭାଗ ଭାଗ ହୋଉ ନଥିଲା । ବାପାର ସମ୍ପତ୍ତି ସବୁ ପୁଅ ଏକାଠି ମିଶି କୃଷି କରୁଥିଲେ—ଏକେ ରକମ ସମବାୟ କୃଷି । ତେଣୁ ଜମି ଖଣ୍ଡ ବିଖଣ୍ଡ ହୋଉନଥିଲା । ପୁଣି ଏକାନ୍ନବର୍ତ୍ତୀ ପରିବାର ଫଳରେ ଆମଦେଶର ଅନେକ ଇନ୍‌ସୁରାନ୍‌ସ କମ୍ପାନୀ ଖୋଲିଥିଲା ବୋଲି କହିଲେ ଚଳେ । ପରିବାରର କିଏ ଦେହ ଖରାପରେ ପଡ଼ିଲେ, କିଏ ବା ବେକାର ହେଲେ, ପରିବାର ତାର ତତ୍ତ୍ୱ ନେଉଥିଲେ । ବୁଢ଼ାବୁଢ଼ୀମାନେ ଏହି ପରିବାର ଭିତରେ ପୁଅ ବୋହୂମାନଙ୍କ ପାଖରେ ରହି ନିଜର ଶେଷ ଜୀବନ ଟିକିଏ ଅପୂସରେ କଟାଉଥିଲେ । କିନ୍ତୁ ପରିବାର ଥାଇ ମଧ୍ୟ ପାରିବାରିକ ଜୀବନ ନାହିଁ । ସହନଶୀଳତା, ଦୟା ବା ସହଯୋଗିତା ଆମେ ଏଠି ସ୍ୱୀକାର କରୁନୁ ।

ସେ ସବୁ ପାରିବାରିକ ଜୀବନର ବଡ଼ ଜିନିଷ । ଆମେ ଅର୍ଥନୀତି କଥା କେବଳ ଆଲୋଚନା କରୁଛୁ । ପରିବାର ଥାଇ ମଧ୍ୟ ସେ ସବୁ ଇନ୍-ସୁରାନ୍ସ କମ୍ପାନୀ କାମ କରୁନାହାନ୍ତି । ରୋଗ ବା ବେକାର ସମୟରେ ପରିବାର ସେମାନଙ୍କର ତତ୍ତ୍ୱ ନେଇ ପାରୁନାହିଁ । ବାପା ମା' ମାନେ ବୁଢ଼ା ହୋଇଗଲେ ପୁଅମାନେ ସେମାନଙ୍କୁ ଘରୁ ବାହାର କରି ଦେଉଛନ୍ତି—ସେମାନେ ଦ୍ୱାରଦ୍ୱାର ଖୁଣ୍ଟିପିଣ୍ଡା ହେଉଛନ୍ତି । ଅଥଚ ସେଥିପାଇଁ ଆମଦେଶରେ ବୟସ୍କ ଲୋକମାନଙ୍କପାଇଁ ପେନ୍‌ସନ୍ ଭି ପ୍ରଥା ହୋଇନାହିଁ । ଇଆଡ଼େ ପରିବାର ଭାଙ୍ଗୁଛି—ଅଥଚ ପରିବାର ଘର ଓ ଗାଁମାଟି ନାଁରେ ଆମେ ଏଠି ମାଟି କାମୁଡ଼ି ପଡ଼ି ରହିଛୁ । ବିଦେଶକୁ ଯାଇ ଆଡ୍‌ଭେନ୍‌ଚର୍ କରିବାର ପ୍ରୟାସ ନାହିଁ । ବାହାରେ ଚାକିରୀ ମିଳିଲେ କେତେଜଣ ଓଡ଼ିଆ ଲୋକ ବାହାରକୁ ଯିବାକୁ ପ୍ରସ୍ତୁତ ? ଏପରିକି କୋରାପୁଟରେ ତ ଚାକିରୀ ମିଳିଲେ କଟକଲୋକେ ଯିବାକୁ ପ୍ରସ୍ତୁତ ନୁହନ୍ତି । ଏହି ହୋମ୍‌ସିକ୍‌ନେସ୍ ଯୋଗୁଁ ଆମର ଶିଳ୍ପ ଓ ବ୍ୟବସାୟର ମଧ୍ୟ ପ୍ରସାର ହୋଇନାହିଁ । ଶିଳ୍ପ ବ୍ୟବସାୟର ପ୍ରସାର ପାଇଁ ଆଡ୍‌ଭେନ୍‌ଚର ଦରକାର । ଏଥିପାଇଁ ଘର ଛାଡ଼ି-ବାକୁ ପଡ଼ିବ—ଦେଶ ବିଦେଶ ଘୂରିବାକୁ ପଡ଼ିବ । ଯେଉଁଦେଶ ଲୋକ-ମାନଙ୍କର ଚଳନଶକ୍ତି (Mobility) ନାହିଁ, ସେ ଦେଶରଲୋକମାନେ ଶିଳ୍ପରେ ଉନ୍ନତି କରିବେ କିପରି ? ଏଣେ ଆମର ଏକାନ୍ନପରିବାର ଭାଙ୍ଗୁଛି—ଅଥଚ ତେଣେ ହିନ୍ଦୁ ହସ୍ତାନ୍ତର ଆଇନର ପରିସର ପାର୍ଲିଆ-ମେଣ୍ଟରେ ବଢ଼ୁଛି । ଆଗରୁ ବାପର ସମ୍ପତ୍ତିରେ ପୁଅମାନଙ୍କର ଅଧିକାର ଥିଲା । ହିନ୍ଦୁ କୋର୍ଡ ବିଲ୍ ପାଶ୍ ହୋଇଗଲେ, ଝିଅମାନେ ବି ବାପ ସମ୍ପତ୍ତିରେ ଅଧିକାର ପାଇବେ । ପାଶ୍ଚାତ୍ୟ ଦେଶରୁ ଝିଅମାନଙ୍କ ଅଧିକାର ଆମେ ଗ୍ରହଣ କଲେ ସତ । କିନ୍ତୁ ପାଶ୍ଚାତ୍ୟ ଦେଶର ସମ୍ପତ୍ତି ହସ୍ତାନ୍ତର ଆଇନ ଗ୍ରହଣ କଲେ ନାହିଁ । କି ଆମ ଦେଶରେ ଏକାନ୍ନବର୍ତ୍ତୀ ପରିବାର ଆଉ ରହିପାରିଲନାହିଁ । ଫଳରେ ଆମର ଅର୍ଥନୈତିକ ପ୍ରଗତିରେ ଯେ ବାଧା ପଡ଼ିବ, ଏଥିରେ ସନ୍ଦେହ ନାହିଁ । ଆମର ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରନ୍ତି । ତେଣୁ ଏହି କୃଷି ଉପରେ ଏଣିକି ଅଧିକା ମାଡ଼ ପଡ଼ିବ । ଭାଇ ଭଉଣୀ ବଣ୍ଟୁରା ଫଳରେ

କୃଷି ଜମି ଖଣ୍ଡ ବିଖଣ୍ଡ ହେବ । ତେଣୁ କୃଷିର ବି ଉନ୍ନତି ହୋଇପାରିବ ନାହିଁ । ଅଧିକା କହିବା ନିଷ୍ପ୍ରୟୋଜନ ।

ମୋଟ ଉପରେ ଆମର ଏତିକି କହିବାର କଥା ଯେ ସାମାଜିକ ଅନୁଷ୍ଠାନ ଅର୍ଥନୈତିକ ପ୍ରଗତିକୁ ଅନେକାଂଶରେ ନିୟନ୍ତ୍ରଣ କରେ । ଆମର ସାମାଜିକ ଅନୁଷ୍ଠାନ ଲକ୍ଷହୀନ ଭାବରେ ପରିବର୍ତ୍ତିତ ହୋଇ-ଚାଲିଛି । ଯାହା ପୂର୍ବେ ଥିଲା; ତା ନାହିଁ—କି ଆଜିକାଲି ଯାହା ହେବାର କଥା ତାହା ହେଉନାହିଁ । ଫଳରେ ଅର୍ଥନୈତିକ କ୍ଷେତ୍ରରେ ମଧ୍ୟ ଏକ ବିଭ୍ରାଟ ସୃଷ୍ଟି ହୋଇଛି । ଆଜି ଏତିକି ।

—o—

(ଝଙ୍କାର ୭।୫ ପୃ ୪୮୧)

# ସ୍ୱାଧୀନଜାତିର ନୂତନ ମୂଲ୍ୟବୋଧ

**: ଗୋଲକ ବିହାରୀ ଧଳ**

ମନୁଷ୍ୟର ବୋଧହୁଏ ସବୁଠୁ ବେଶି ପ୍ରିୟ ତା'ର ଅତୀତ, ତା'ର ଇତିହାସ । ସେଇଥିପାଇଁ ସେ ତା'ର ଅତୀତ ଦିନକୁ ପ୍ରତିବର୍ଷ ନିତ୍ୟନୂତନ ରୂପରେ ଦେଖିବାକୁ ଚେଷ୍ଟା କରେ । ନିଜର ଜନ୍ମଦିନ ଯେମିତି ପାଳନ କରେ, ଜାତି ଓ ଦେଶର ଜନ୍ମଦିନ ସେମିତି ପାଳନ କରେ । ଏଥିରେ ତା'ର ଦୁଇଟି ଲାଭ ହୁଏ । ଅତୀତ କଥାକୁ ମନେ ପକାଇ ସେଥିରୁ ଶକ୍ତି ସଞ୍ଚୟ କରେ ଓ ଭବିଷ୍ୟତର ନିର୍ମାଣ ପାଇଁ ମାର୍ଗ ପ୍ରସ୍ତୁତ କରେ । ଆମ ଦେଶରେ ସେଇଥିପାଇଁ ଜାନୁୟାରୀ ଛବିଶ, ସେଇଥିପାଇଁ ଅଗଷ୍ଟ ପନ୍ଦର ପାଳନ କରାଯାଏ ।

ମଣିଷ ମନଟା ଏମିତି ଗଢା ଯେ, ଦୁଃଖ କଷ୍ଟ ଯେତେବେଳେ ଆସେ ସେତେବେଳେ ଭାରି ବାଧେ । କିନ୍ତୁ ସେହି ଦୁଃଖ କଷ୍ଟ ତୁଟିଗଲାପରେ ତାକୁ ପୁଣି ମନେ ପକାଇ ସେ ଭାରି ଖୁସି ହୁଏ । ସେହି ଦୃଷ୍ଟିରୁ ବିଚାର କଲେ ଅଗଷ୍ଟ ପନ୍ଦରକୁ ପାଇବା ପାଇଁ ଜାତି କେତେ ଲହୁ ଲୁହ ଢାଳିଛି, କେତେ ଦୁଃଖ, ଦୈନ୍ୟ, ମାନ, ଅପମାନ ଭୋଗିଛି ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଯେତିକି, ଗୌରବ ମନେହୁଏ ସେତିକି । ୧୮୫୭ରୁ ଏ ଦେଶରେ ବିଦେଶୀ ଅନ୍ୟାୟ ଅତ୍ୟାଚାରର ଯେଉଁ ସୁଅ ଛୁଟିଲା, ତା'ର ଅବସାନ ହେଲା ଦୀର୍ଘ ନବେ ବର୍ଷର ତପସ୍ୟା ପରେ —ଅଗଷ୍ଟ ପନ୍ଦର ତାରିଖରେ ।

ଅତୀତ କଥା ଭାବିଲେ ଏବେ ମନେ ପଡ଼ୁଛନ୍ତି ଦୁର୍ବଳ ମୋଗଲ ସମ୍ରାଟ ବାହାଦୁରସାହ 'ଜାଫର'—ବର୍ମାର କେଉଁ ଏକ ନିଭୃତ କାରା

ପ୍ରକୋଷ୍ଠରେ । ବ୍ରିଟିଶ୍ ସରକାର ତାଙ୍କର ଦୁଇ ପୁତ୍ରଙ୍କର ମୁଣ୍ଡକାଟି ତାଙ୍କୁ ଉପହାର ଦେଲେ ନସେଣ୍ଟ ବର୍ମା ଜେଲ୍‌ରେ । ସମ୍ରାଟ ଥିଲେ ଜଣେ କବି । କାନ୍ଦି କାନ୍ଦି କବିତା ପଂକ୍ତିରେ ଲେଖି ଯାଇଥିଲେ— "ମାତୃଭୂମିରେ ମରିବା ପାଇଁ ତିନହାତ ଜମି ମୋତେ ମିଳିଲା ନାହିଁ ।" ବ୍ରିଟିଶ୍ ବାଦ୍‌ଶାହଙ୍କ ବିଜୟରେ ମୋଗଲ ରବି ଚିର ଅସ୍ତମିତ ହେଲା ।

ଅଗଷ୍ଟ ପନ୍ଦରରେ ଆଜି ମନେପଡ଼େ ନୃଶଂସ ଜେନେରାଲ ଡାୟାର । ଜାଲିଓ୍ୱାନାଓ୍ୱାଲାବାଗରେ ଆଜି ଯେଉଁ ନବଷ୍ଟୁମ୍ଭୀ ସ୍ମରଣ ସ୍ତମ୍ଭ ଠିଆ ହୋଇଛି, ଠିକ୍ ସେଇଠି ମଶା ମାଛି ପରି ମଣିଷକୁ ମାରିଥିଲା ଜେନେରାଲ୍ ଡାୟାର୍ । ପୁଣି କେତେ ବର୍ଷପରେ ୧୯୪୨ରେ ଭାରତୀୟ ଜନତା ଉପରେ ବ୍ରିଟିଶ୍ ସରକାରର ଗୁଳି ଚାଲିଲା ପାଞ୍ଚ ଶହ ଅଠତିରିଶ ଥର । ମରିଥିଲେ ଏକ ହଜାର ଅଠାଇଶ, ଆହତ ହେଲେ ବତିଶ ଶହ, ତା ଛଡ଼ା ଜେଲ, ଜୋରିମାନା, ମାଡ଼, ଗାଳି ଅତ୍ୟାଚାରର ସୀମା ରହିଲା ନାହିଁ ।

ଏବେ ପୁଣି ମନେପଡ଼ନ୍ତି ପଣ୍ଡିତ ନେହେରୁ । ପଞ୍ଜାବର କେଉଁ ଏକ ଅନାମଧେୟ ନାଭା ରାଜ୍ୟରେ ତାଙ୍କ ଉପରେ ହେଲା ଦାରୁଣ ଅତ୍ୟାଚାର । ମାରନ୍ତି ହାଲୁତ କୋଠରୀ, ମଶା, ମାଛି, ମୂଷା ମାନଙ୍କର ଉପଦ୍ରବ । କୋଟିପତି ମୋତିଲାଲଙ୍କ ପୁତ୍ର ଜବାହାର, ହାରୋ ଏଟନର ରାଜକୁମାର ଜବାହର । କାହାଣୀ ପରି ଲାଗେ, ନାଭା ଜେଲରେ ଖାଲି ଭୂମିରେ ଶୟନ, ମୁହଁ ଉପରେ ମୂଷାମାନଙ୍କର ବେହରଣ । ଶୋଇବା ନହେଲା, ଉଠିବସି ଭାରତର ଭବିଷ୍ୟତ କଥା ଭାବିଲେ ଅମୃତ ପୁତ୍ର ଜବାହାର ବହୁବାର । ଜେଲ ଜୋରିମାନାର ସମ୍ମୁଖୀନ ହୋଇ ଆଧୁନିକ ଭାରତର ଭାଗ୍ୟନିର୍ମାତା ବ୍ରିଟିଶ୍ ଜଜ୍‌ମାନଙ୍କୁ ଯାହା ଶୁଣାଇଥିଲେ ମନେପଡ଼ିଲେ ଅନ୍ତର ଆଜି ଗୌରବରେ ଭରି-ଯାଏ । ଥରେ କଚେରୀରେ ତାଙ୍କ ବିଚାର ଚାଲିଥିଲା ବେଳେ ଜଣେ ଜଜ୍‌ଙ୍କୁ ସେ ଶୁଣାଇଥିଲେ—ସ୍ୱାଧୀନତା ସଂଗ୍ରାମରେ ଭାରତର ସେବା

କରିବାଠୁ ବଳି ସୌଭାଗ୍ୟ ଆଉକଣ ହୋଇ ପାରେନା; ତା ଛଡ଼ା ମହାତ୍ମାଗାନ୍ଧୀଙ୍କ ପରି ନେତାଙ୍କ ନିର୍ଦ୍ଦେଶରେ କାମକରିବା ଏକ ପରମ ସୌଭାଗ୍ୟ । ଦେଶର ପୂର୍ଣ୍ଣ ସ୍ୱାଧୀନତା ପାଇଁ ଲଢ଼ୁଲଢ଼ୁ ଦେଶପାଇଁ ଆତ୍ମବଳି ଦେବାଠାରୁ ଅଧିକ ଗୌରବ ଆଉ ମଣିଷର କଣ ଥାଇପାରେ ? ଆଜି ଏସବୁ ଇତିହାସ । ଯେଉଁମାନେ ମୁହାଁମୁହିଁ ଠିଆ ହୋଇ ରକ୍ତମାଂସର ଶରୀର ନେଇ ଏସବୁ ସହ୍ୟ କରିଥିଲେ, ସେମାନେ ଏବେ ଇତିହାସର କଥାବସ୍ତୁ । ସେହିମାନେ ଚରମ ତ୍ୟାଗ ମୂଲ୍ୟରେ ଏହି ଦେଶକୁ ବହି ଆଣିଥିଲେ ସ୍ୱାଧୀନତାର ଉଜ୍ଜ୍ୱଳ ଆଲୋକ ।

ଯେଉଁମାନେ ସ୍ୱାଧୀନତା ଆଣିଥିଲେ ସେମାନେ ତାଙ୍କ କାମ ସାରିଦେଇ ଚାଲି ଯାଇଛନ୍ତି । ତାକୁ ରଖିବାର ଦାୟିତ୍ୱ ବର୍ତ୍ତମାନ ଆମ୍ଭମାନଙ୍କର, ବିଶେଷତଃ ଆମ ଯୁବକ ବନ୍ଧୁମାନଙ୍କର । ଯେ କୌଣସି ଦାୟିତ୍ୱ ପାଇଁ ବାର୍ଦ୍ଧକ୍ୟର ପ୍ରଜ୍ଞା ଓ ଯୌବନର ଶକ୍ତି ଦରକାର । ଗାନ୍ଧୀଥିଲେ ଏ ଦେଶର ପ୍ରଜ୍ଞା ଓ ନେହେରୁଥିଲେ ଯୌବନ ପ୍ରତୀକ ସାହସ ଓ ଶକ୍ତି । ସେହି ମହାପୁରୁଷ ମାନେ ଏ ଦେଶର ଯେଉଁ ଦୃଢ଼ ଭିତ୍ତି ସ୍ଥାପନ କରି ଯାଇଛନ୍ତି, ତାକୁଇ ରକ୍ଷାକରିବା ବର୍ତ୍ତମାନ ଜାତିର କର୍ତ୍ତବ୍ୟ । ଜାତି ଯୁବକମାନଙ୍କ ଶକ୍ତି ଉପରେ ବେଶୀ ନିର୍ଭର କରୁଥିବାରୁ ଯୁବକମାନେହିଁ ଏହି ମୁହୂର୍ତ୍ତରେ ସବୁଠୁ ବେଶୀ ଜାଗ୍ରତ ହେବା ଦରକାର । ଜାଗୃତିର ଅର୍ଥ ଅସଞ୍ଜତ ଉନ୍ମାଦ ନୁହେଁ, ସଞ୍ଜତ କର୍ମବାଦ ।

ଖୁବ୍ ବଡ଼ବଡ଼ କଥା ନ ଭାବିକରି, ଅତି ଛୋଟଛୋଟ କଥା ଭାବି କରି ମଧ୍ୟ ଦେଶ ଓ ଜାତିକୁ ଉଠାଯାଇ ପାରେ । ଛୋଟଛୋଟ କଥାକୁ ପିଲାଦିନୁ ଅଭ୍ୟାସକରି ପାରିଲେ ବଡ଼ଦିନକୁ ତା'ର ମାହାତ୍ମ୍ୟ ସହଜେ ଅନୁଭବ କରିହୁଏ । ଆମ ଦେଶର ସବୁଠୁ ବଡ଼ ଦୁର୍ଭାଗ୍ୟଥିଲା ଆମ ପରାଧୀନତା । ମନୁଷ୍ୟ ପରାଧୀନ ହେଲେ ତା'ର ସମସ୍ତ କର୍ମପ୍ରେରଣା ହରାଇବସେ; ସବୁ କଥାରେ ଅନ୍ୟକୁ ଅର୍ଥାତ୍ ସରକାରଙ୍କୁ, ଅନେଇ ରହେ । ବିଦେଶୀ ସରକାର ମଧ୍ୟ ନିଜସ୍ୱାର୍ଥ ଦୃଷ୍ଟିରୁ ଲୋକଙ୍କର କର୍ମ

ପ୍ରବଣତାକୁ ଜାଣିଶୁଣି ନଷ୍ଟ କରିଦିଏ; ଲୋକେ କେମିତି ତାଙ୍କୁ ସବୁ-କଥାରେ ଅନାଇ ରହିବେ ଓ ତାଙ୍କଠୁ ଯାହା ପାଇବେ ତାକୁ ଦୟା ଓ ଆଶୀର୍ବାଦ ବୋଲି ମନେକରିବେ, ତାକୁଇ ଦୃଷ୍ଟିରେ ରଖି ସେ କାର୍ଯ୍ୟକରେ । ଏହିଭଳି ପରିସ୍ଥିତିରେ ପଡ଼ି ପରାଧୀନ ଜାତି କୌଣସି କଥା କରିବା ବା ଶିଖିବାପାଇଁ ଆଗ୍ରହ ପ୍ରକାଶ କରେନାହିଁ । ଗୋଟିଏ କ୍ଷୁଦ୍ର ଉଦାହରଣ ଦିଆ ଯାଇପାରେ—ଧରନ୍ତୁ ସମୟାନୁବର୍ତ୍ତିତା ଇଂରେଜୀ ଜାତିରେ ଏ ଗୁଣ ବିଶ୍ୱବିଖ୍ୟାତ । ସାହେବମାନେ ଘଣ୍ଟାର କଣ୍ଟାଏ କଣ୍ଟାଏ କାମକରନ୍ତି । ଆମେ କିନ୍ତୁ ଦେଢ଼ଶହ ବର୍ଷ ସେମାନଙ୍କ ସଙ୍ଗେ କାମକରି ମଧ୍ୟ ସେମାନଙ୍କର ସେହି ସଦ୍‌ଗୁଣରୁ କାଣିଚାଏ ହେଲେ ଶିଖିନାହୁଁ । ତାଙ୍କଠୁଁ ଅନ୍ୟାନ୍ୟ ଆଚାର ବ୍ୟବହାର ତ ଅନେକ ଶିଖିଛୁ; କିନ୍ତୁ ଏଇଟା ଶିଖିନାହୁଁ କାହିଁକି ? ହଁ, ହେଲା ଅବା ସେତେବେଳେ ପରାଧୀନ ଥିଲୁବୋଲି ଆମର ନିଜତ୍ୱ ନଥିଲାରୁ ଶିଖି ନଥିଲୁ; ଆଜି କିନ୍ତୁ ସ୍ୱାଧୀନହେବାର ସତର ବର୍ଷପରେ ମଧ୍ୟ ଶିଖିନାହୁଁ କାହିଁକି ? ହଁ, ନ ଶିଖିପାରିଛୁ ଅବା, କିନ୍ତୁ ସେହି ଅଭାବ ଯୋଗୁଁ ଲଜ୍ଜିତ ହେବାକୁ ଆରମ୍ଭ କରିନାହୁଁ କାହିଁକି ? ଛୋଟଠାରୁ ବଡ଼ ଯେତେ ସଭାସମିତି ହେଉଛି, ଆମେ ବରାବର ଦେଖୁଛୁ ଶ୍ରୋତାବକ୍ତା ଉଭୟେ ଆସନ୍ତି ଡେରିରେ । ଭାରତର ବଲତିସହର ଦିଲ୍ଲୀରେ ମଧ୍ୟ ସେ ରୋଗ କମ୍‌ନୁହେଁ । ସେଠି ଅଧିକାଂଶ ଜନାଷ ବଲନ୍ତି; କିନ୍ତୁ ଏହି କଥାଟି ଭାରଷାଣ୍ଡ । କିନ୍ତୁ ସବୁଠୁ ମଜାକଥା ହେଉଛି ? ସେଥିପାଇଁ ଆମକୁ ଲାଜମାଡ଼ିବା ଦୂରେଥାଉ ଆମେ ହସିଦେଇ 'ଇଣ୍ଡିଆନ୍ ପଙ୍କ-ଚୁଆଲିଟି' ବୋଲି କହିଦେଉ । ସେତିକିରେ ସବୁପାପ ମୋଚନ ହୋଇଯାଏ ।

ଆଜି ଦୁର୍ନୀତିର ଯେଉଁ ଝଞ୍ଜାଉଠିଛି ସେଟାକୁ ଆମେ କେବଳ ଟଙ୍କା ପଇସାର ଦୁର୍ନୀତି ଭାବରେ ଦେଖୁଛୁ । କିନ୍ତୁ କେବଳ ସେହି ଦୁର୍ନୀତି ବନ୍ଦ ହୋଇଗଲେ ଯେ କାମ ଛିଣ୍ଡିଯିବ ତା ନୁହେଁ । ଆମର ଯେତେସବୁ ଅନ୍ୟାନ୍ୟ ସାଧାରଣ କର୍ତ୍ତବ୍ୟ ତଥା ଦାୟିତ୍ୱ ରହିଛି, ତାକୁ ପୂରଣ କରିବାପାଇଁ ଆମେ ସାମୂହିକ ଭାବେ ଶିକ୍ଷା ନକଲେ ଦୁର୍ନୀତି

ଲେପ ପାଇ ପାରିବନି । ଦୁର୍ନୀତିର କାରଣସ୍ୱରୂପ ଅନେକେ କହୁଛନ୍ତି କର୍ତ୍ତବ୍ୟର ଅବହେଳା ତଥା ସମୟାନୁବର୍ତ୍ତିତାର ଅଭାବ । ଠିକ୍ ସମୟରେ ଆମେ କାମ ନକଲେ ଆମସହିତ ସଂପୃକ୍ତ ଲୋକମାନଙ୍କର କାମ ମଧ୍ୟ ଡେରି ହୋଇଯିବ । ଫଳରେ ଜାତିସ୍ୱ ସ୍ୱାର୍ଥ ନାନାଭାବରେ ଅବହେଳିତ ହେବ । ଯେ ପୁରୁଣା ହେଲଣି, ଯେଉଁମାନଙ୍କର ନୂତନ ପାଇଁ ଆଉ ବେଳନାହିଁ । ସେମାନଙ୍କ କଥା ଅଲଗା, କିନ୍ତୁ ଯେଉଁ ମାନଙ୍କ ଆଗରେ ବିସ୍ତୃତ ଜୀବନ ପଡ଼ିରହିଛି, ସେମାନେ କ'ଣ ସମୟକୁ ଏତେ ଅବହେଳା କରି ଏ ସ୍ୱାଧୀନତାକୁ ସମ୍ପୂର୍ଣ୍ଣ କରିପାରିବେ ?

କେଡ଼େ କ୍ଷୁଦ୍ରଦେଶ ଜାପାନ; କିନ୍ତୁ କି ପ୍ରଖର ସେମାନଙ୍କର ସମୟଜ୍ଞାନ । ଏ ଦେଶରେ ରେଲଗାଡ଼ି କଥା ତ ଛାଡ଼ନ୍ତୁ, ରେଡ଼ିଓ ବି ବେଳେବେଳେ ସକାଳକୁ ସନ୍ଧ୍ୟା କହିଦେଇ ପୁଣି ପରମୁହୂର୍ତ୍ତରେ କ୍ଷମା ମାଗିନିଅନ୍ତି । କିନ୍ତୁ ଜାପାନ ଦେଶରେ ଏକ୍ସପ୍ରେସ ଗାଡ଼ି ଏମିତି ଘଣ୍ଟାର କଣ୍ଟାଏ କଣ୍ଟାଏ ଚାଲେ ଯେ ସେ ଦେଶର ଲୋକେ ଏକ୍ସପ୍ରେସ ଗାଡ଼ିକୁ ଦେଖି ଘଣ୍ଟା ମିଳାଇଥାନ୍ତି । ଏଇ ବର୍ଷେ ଦୁଇବର୍ଷ ତଳେ ଜାପାନର ଏକ୍ସପ୍ରେସ ଗାଡ଼ି ଦିନେ ଏକମିନିଟ୍ ଲେଟ୍ ହୋଇଥିଲା ବୋଲି ସେ ଦେଶର ସବୁ ଖବର କାଗଜରେ ବଡ଼ବଡ଼ ଅକ୍ଷରରେ ଖବର ବାହାରିଥିଲା । ବିଳମ୍ବ ଲୋକେବି ବିଳମ୍ବକୁ ଏତେ ଘୃଣା କରୁଥିବେ କି ନାହିଁ ସନ୍ଦେହ ! କିନ୍ତୁ ଜାପାନ ଏବେ ବିଳାତଠାରୁ ଆଗରେ ଅଛି ? ଏଥିରେ କାହାର ସନ୍ଦେହ କରିବାର ନାହିଁ । ଆମ ଦେଶ ଓ ଜାତି ଯେଉଁଦିନ ଠିକ୍ ସମୟରେ କାମକରିବା ପାଇଁ ଶପଥ ନେବ ସେଦିନ ଅନେକ ଦୁର୍ନୀତି ଆପେ ଆପେ ନଷ୍ଟ ହୋଇଯିବ । ଶୀଘ୍ରଶୀଘ୍ର କାର୍ଯ୍ୟକଲେ ଦୁର୍ନୀତିପାଇଁ ଯେଉଁ ଦୁର୍ବୁଦ୍ଧି ଦରକାର ସେ ଗୁଡ଼ାକ ଅନେକ କମିଯିବ । ତେଣୁ ଏ ଦେଶରେ ବର୍ତ୍ତମାନ ଯେଉଁ ସାମାଜିକ ଶିକ୍ଷା ପ୍ରବର୍ତ୍ତନ କରାଯାଉଛି, ସେଥିରେ ସମୟାନୁବର୍ତ୍ତିତା ଶିକ୍ଷାପାଇଁ ପ୍ରୋଗ୍ରାମ ରଖାଗଲେ ଅନେକ ଉପକାର ହେବ ।

ବେଳେ ବେଳେ ରାସ୍ତାଘାଟରେ ଗଲାବେଳେ ଯୁବକମାନଙ୍କ ମୁଖରୁ ଶୁଣିବାକୁ ମିଳେ—ଭଲ ଚାକିରିଟିଏ ପାଇଛି, କାମ କିଛିନାହିଁ ।

ଟୁର୍ ଓ ଗାଡ଼ିଅଛି । ଆଜସବୁ କଥାଟା ଶୁଣି ଖୁସିଲାଗେ, କିନ୍ତୁ କାମ କିଛିନାହିଁ କଥାଟା ଶୁଣି ଆଶ୍ଚର୍ଯ୍ୟ ଲାଗେ । ଯେଉଁଦେଶରେ ଶତଶତ ଲୋକ ନଗ୍ନ, ନିରନ୍ନ ଓ ବାସସ୍ଥାନ ହୋଇ ବୃକ୍ଷମୂଳେ କିମ୍ବା ଆକାଶ-ତଳେ ସାରାଜୀବନ କଟାଇଦଉଅନ୍ତି, ସେହି ଦେଶର ଶିକ୍ଷିତ ବୁଦ୍ଧିଜୀବୀ ଯୁବକର କାମନାହିଁ, ପୁଣି କାମନାହିଁ ବୋଲି ଏତେ ଆତ୍ମପ୍ରସାଦ ! ତାହେଲେ ବୁଝିବାକୁ ହେବ ଆମଜୀବନ ପଦ୍ଧତିରେ କେଉଁଠି କିଛି ଗଣ୍ଡଗୋଳ ଅଛି । ଯେଉଁଦେଶ ଧନ ସମ୍ପଦର ସୁଖ ସମ୍ଭୋଗରେ ଦୋଳି ଖେଳୁଛି, ସେ ଦେଶରେ ଲୋକଙ୍କୁ ନିଃଶ୍ୱାସ ମାରିବାପାଇଁ ବେଳନାହିଁ, ଅଥଚ ଯେଉଁଦେଶରେ ଅନ୍ନଜ୍ୱାଳାରେ ଉଦର ଜଳୁଛି ଓ ଅନ୍ନପାଇଁ ପରଦ୍ୱାରେ ଯେ ଅଳି କରୁଛି, ସେ ଦେଶରେ ବୁଦ୍ଧିମାନ ଲୋକର କାମନାହିଁ । ଯେଉଁମାନେ ପାଶ୍ଚାତ୍ୟ ଦେଶ ମାନଙ୍କରେ କିଛି ସମୟ ଜୀବନ କାଟିଛନ୍ତି, ସେମାନେ ନିଶ୍ଚୟ ଅନୁଭବ କରିଥିବେ କେତେବେଳେ କେମିତି ସେଠି ଦେହମୁଣ୍ଡ ଖରାପହେଲେ ବେଗଟା ଯେତେ କାଟେନାହିଁ ଏକୁଟିଆ ପଡ଼ି ରହିବାଟା ସେତିକି କାଟେ । କାରଣ ସେ ଦେଶରେ କାମବେଳେ ହସଖେଳ କିମ୍ବା ଗପସପରେ କେହି ସମୟ କଟାନ୍ତିନାହିଁ । ତେଣୁ ପଡ଼ିରହିଥିବା ଲୋକକୁ ସାଙ୍ଗସାଥୀ ମିଳନ୍ତିନାହିଁ, କିନ୍ତୁ ଆମର ଗପସପ, ହସଖେଳ ଏତେବେଶୀ ଯେ ଜୀବନରେ କିଛି ଲକ୍ଷ୍ୟ ଥିଲପରି ଜଣା ପଡ଼େନାହିଁ ।

ଆମ ଦେଶ ଲୋକେ ତାଙ୍କ ଦେଶକୁ ଯାଇ ତାଙ୍କଠୁ କର୍ମ ପ୍ରବଣତା ଯେ ଶିଖନ୍ତି ନାହିଁ ତା ନୁହେଁ, କିନ୍ତୁ ଯାହା ସେଠି ଶିଖନ୍ତି ଏଠି ଭିନ୍ନ ପରିବେଶରେ ସେ ସବୁ ପୁଣି ଭୁଲିଯାନ୍ତି । ଅନେକ ସମୟରେ ଉତ୍ସାହର ଅଭାବରେ ଅବସନ୍ନ ହୋଇପଡନ୍ତି । ଉତ୍ସାହର ଅଭାବହୁଏ ଦୁଇଟି କାରଣରୁ । ଗୋଟିଏ ହେଉଛି, ମଣିଷ ଦେଖେ ଆମର ଏଠି ହାତି ଜାଗାରେ ଘୋଡା କାମ କରୁଛନ୍ତି । ଘୋଡ଼ାଟଣା ଗାଡ଼ି ଛେଳି ଟାଣୁଛନ୍ତି । କେହି ସେଥିପାଇଁ ଆଶ୍ଚର୍ଯ୍ୟ ହେଉନାହାନ୍ତି, ବରଂ ହାତି ଜାଗାରେ ଘୋଡାକୁ ଟେକି ଧରିବାକୁ ବହୁତ ଲୋକ ଅଛନ୍ତି, ତେଣୁ ହାତି କାମ ନପାଇ ଅବସନ୍ନ, ଏଣେ .ଘୋଡ଼ା କାମ କରି ନପାରି ସମସ୍ତଙ୍କୁ

ନାଚ ମାଇବାରେ ବ୍ୟସ୍ତ । ଏ ପ୍ରକାର ପରିସ୍ଥିତି ଯୁବଶକ୍ତିକୁ କେବଳ ନିରୁତ୍ସାହ କରିଦିଏ ନାହିଁ, ପଙ୍ଗୁ ମଧ୍ୟ କରିଦିଏ । ଭାରତ ବର୍ଷରେ ଯେଉଁଦିନ ଗୁଣ ଚିହ୍ନାହେବ, ହାତି କାମ ହାତିକୁ ଓ ଘୋଡ଼ାକାମ ଘୋଡ଼ାକୁ ମିଳିବ, ସେଇଦିନ ବହୁଦୁର୍ନୀତି ସ୍ଥିଏଁ ସ୍ଥିଏଁ ନଷ୍ଟ ହୋଇଯିବ । କାରଣ ପ୍ରତ୍ୟେକେ ନିଜ ନିଜ କ୍ଷେତ୍ରରେ ନିଜ କାର୍ଯ୍ୟରେ ଏତେ ଅଭିଭୂତ ହେବେ ଯେ ଅନ୍ୟ କଥା ଭାବିବାକୁ ବେଳ ପାଇବେ ନାହିଁ ।

ଯୁବକ ମାନେ ଆଦର୍ଶବାଦୀ, ଆଦର୍ଶ ଦେଖିଲେ ଅଗ୍ନି ପଛରେ ପତଙ୍ଗ ପରି ସେ ଧାଏଁ, କିନ୍ତୁ ସେ ଯେତେବେଳେ ଆଦର୍ଶ ଦେଖେ ନାହିଁ, ଅବସନ୍ନ ହୋଇପଡ଼େ । ତା ଛଡ଼ା ପ୍ରତ୍ୟେକ କର୍ମର ଫଳ ଅଛି । ମଣିଷ ଯଦି କର୍ମଫଳ ବିଷୟରେ ସନ୍ଦିହାନ ହୁଏ ତେବେ ସେ କାମକରେ ନାହିଁ । ବର୍ତ୍ତମାନ ଆମେ ସ୍ୱାଧୀନ । ଆମ ଦେଶକୁ ଆଗେଇ ନେବା ପାଇଁ ଆମର ବର୍ତ୍ତମାନ ଆଣ୍ଠୁ ପକାଇ କାମ କରିବା କଥା, କିନ୍ତୁ ମଣିଷ ଯେତେବେଳେ କାମ କରୁଥାଏ ସେତେବେଳେ ଅନ୍ୟ ସହକର୍ମୀଙ୍କ ସହିତ ବରାବର ସେ ନିଜକୁ ତୁଳନା କରୁଥାଏ । ସେ ଦେଖେ ସେ ଯେତିକ କରୁଛି, ଅନ୍ୟମାନେ ମଧ୍ୟ ସେତିକ କରୁଛନ୍ତି । କିନ୍ତୁ ହଠାତ୍ ଦିନେ ଦେଖିଲା ବେଳକୁ କିଛି ନ କରିବା ଲୋକ ବାଃ ବାଃ ନେଇ ଆଗରେ ଠିଆ ହୋଇଛି, କାମ କରିବା ଲୋକ ଯେଉଁଠି ଥିଲା ସେଇଠି ରହିଛି । ତେଣୁ ନିଜର କର୍ମଫଳ ଉପରେ ତା'ର ଆଉ ବିଶ୍ୱାସ ରହୁନାହିଁ, ଫଳରେ ଦେଶକୁ ତା'ର ଯେତିକି ଦାନ କରିବା କଥା ଦେଶ ସେଥିରୁ ବଞ୍ଚିତ ହୋଇ ରହିଯାଉଛି । ଯେଉଁ ଦେଶର ଯୁବଶକ୍ତି ଉତ୍ସାହ ଓ ଆଦର୍ଶ ଅଭାବରୁ ଅବସନ୍ନ ହୋଇପଡ଼େ, ସେହି ଦେଶରେ ଭବିଷ୍ୟତ ତମସାଚ୍ଛନ୍ନ ହୋଇଉଠେ । ମୋଟ ଉପରେ ଦୁର୍ନୀତି କଥା ଚିନ୍ତା କଲାବେଳେ କେବଳ ଟଙ୍କା ପଇସା କାରବାର କଥାଟା ଯେତେ ଚିନ୍ତାର କଥା ନୁହେଁ, ଚିନ୍ତାର କଥା ଦେଶର ସମୟ ଓ ଶକ୍ତିର ଅପଚୟ, ଅପବ୍ୟବହାର ଓ ହାତି ଘୋଡ଼ାର ଅସ୍ଥାନ-ପ୍ରୟୋଗ । ସ୍ୱାଧୀନତା ଦିବସ ବର୍ଷରେ ଥରେ ଆସେ, ଅତୀତର ଇତିହାସ ଶୁଣାଇ ଭବିଷ୍ୟତ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଯାଏ ।

ଆମ ଦେଶର ଯୁବକ ଯୁବତୀମାନେ ଏହି ପବିତ୍ର ଦିବସରେ ଜୀବନକୁ ନୂତନ ଭାବରେ ଗଢିବା ପାଇଁ ଭାବନ୍ତୁ ଓ ନୂତନ ମୂଲ୍ୟବୋଧରେ ଅନୁପ୍ରାଣିତ ହୁଅନ୍ତୁ । ତା ଯଦି ନ ହୁଏ । ତେବେ ସ୍ୱତଃ ମନରେ ପ୍ରଶ୍ନ ଉଠିବ । ସ୍ୱାଧୀନତା ପାଇଁ ଯେତେ ଲହୁ ଲୁହ, ସାଧନା, ତପସ୍ୟା ସେ ସବୁ କ'ଣ ଖାଲି ଏଇଥିପାଇଁ, ଯାହା ସବୁ ଆଜି ଘଟୁଛି !

—o—

(ପ୍ରବନ୍ଧ ଧାରା ପୃ ୧୧୯)

# କସ୍ମୈ ଦେବାୟ

**ଶ୍ରୀ ଚିତ୍ତରଞ୍ଜନ ଦାସ**

* ଭାରତୀୟ ଲୋକ ଚରିତ୍ର ଆଜି ଚତୁର୍ଦ୍ଦିଗେ ଅବକ୍ଷୟର ସମ୍ମୁଖୀନ । ଜାତୀୟତା କ୍ଷେତ୍ରରେ ସାଂସ୍କୃତିକ ନେତୃତ୍ୱର ବିଲୋପ ସାଧନ କରି ରାଜନୈତିକ ନେତୃତ୍ୱର ମୂଳପିଣ୍ଡକୁ ମଜଭୁତ କରାଗଲା ପରେ, ନିଜକୁ ବେକାର ଓ ଅସହାୟ ମନେ କରୁଥିବା ସାହିତ୍ୟିକ ପ୍ରାଣୀମାନେ ରାଜନୀତିକ ଶିବିରର ଶରଣାପନ୍ନ ହୁଅନ୍ତି । ଯେଉଁ ସାହିତ୍ୟ ଓ ସଂସ୍କୃତି ଆଜିଯାଏ ମଣିଷର ମନକୁ ଊର୍ଦ୍ଧ୍ୱଗାମୀ କରିବା ପାଇଁ ପ୍ରେରଣା ଯୋଗାଇ ଆସିଥିଲା, ଆଜି ତାହା "ମନ୍ତ୍ରୀ-ଗାମୀ" ହେବାପାଇଁ ଆହ୍ୱାନ ଦେଲାବେଳେ ସମାଜର ଆତୁର ନିରାଶ୍ରୟ ପ୍ରାଣୀଙ୍କ ହୃଦୟ କନ୍ଦରରୁ ସ୍ୱତଃ କାତର ଧ୍ୱନି ନିର୍ଗତ ହୁଏ—ହେ ଦେବଗଣ କୁଆଡେ ଲୁଚିଲ ? ବାଟ କୁଆଡେ ? ପନ୍ଥା କଣ ? *

ମଣିଷ ମୂଳତଃ ସୁଖ ଲୋଡ଼େଁ ନାହିଁ, ମୂଳତଃ କ୍ଷମତା ଲୋଡ଼େଁ ନାହିଁ; ସେ ସାର୍ଥକତା ଲୋଡ଼େଁ, ପରିପୂର୍ଣ୍ଣତା ଲୋଡ଼େଁ । ଆପଣା ଜୀବନର ବହୁବିଚିତ୍ର ଅନୁଧାବନରେ ଆମେ ସମସ୍ତେ କୌଣସି ଏକ ଅନ୍ତର୍ଗତ ଅର୍ଥର ସନ୍ଧାନ କରି ବୁଲୁଥାଉ । ଭୋଗଲାଗି ସଂଗ୍ରହ କରି ଓ ଅଧିକ ଭୋଗ କରିବା ଲାଗି ଆହୁରି ଅଧିକ ସଂଗ୍ରହ କରି ମଣିଷ ତାର ଜୀବନରେ ପରିପୂର୍ଣ୍ଣ ତୃପ୍ତି ପାଇପାରେ ନାହିଁ । ନ ବିତ୍ତେନ ତର୍ପଣୀୟଃ ମନୁଷ୍ୟଃ । ଜୀବନର ଉପର ପରସ୍ତଗୁଡ଼ାକୁ ଭେଦି ସେ ଜୀବନରେ ଏକ ଗଭୀରତର ଅର୍ଥ ଖୋଜି ବୁଲୁଥାଏ । ଜ୍ଞାନ ଓ ଗବେଷଣାର ବିଶ୍ଳେଷଣ ଖିଅଗୁଡ଼ାକୁ ଦୁହିଁ ସେ ତଥାପି ସବୁ ଖିଅ ଓ ସବୁ ଜ୍ଞାନକୁ

ସମ୍ଭାଳି ଧରିବା ଭଳି ଏହି ନିଶ୍ଚିତାର୍ଥର ସନ୍ଧାନ କରୁଥାଏ, ଶରୀର ଭିତରେ ଆତ୍ମାର ସନ୍ଧାନ କରୁଥାଏ, ପ୍ରେୟ ଭିତରେ ଶ୍ରେୟର ସନ୍ଧାନ କରୁଥାଏ । ଏଥିଲାଗି ତାକୁ ଶରୀର ବା ପ୍ରେୟକୁ ବର୍ଜନ କରି ଆଉ କେଉଁଠାକୁ ଦୌଡ଼ି ପଳାଇବାକୁ ପଡ଼େ ନାହିଁ । ମାତ୍ର କେବଳ ଶରୀର ଓ କେବଳ ଭିତରେ ଲାଗି ରହି ମଧ୍ୟ ସେ ଆପଣା ଜୀବନରୁ ବଞ୍ଚିବାର ପରିପୂର୍ଣ୍ଣ ସ୍ୱାଦ ପାଇ-ପାରେ ନାହିଁ । ମୁହୂର୍ତ୍ତ ଭିତରେ ସେ ମୁହୂର୍ତ୍ତାତୀତକୁ ଖୋଜୁଥାଏ, ନିଜ ଜୀବନର ନାନା ବିଚ୍ଛିନ୍ନ ଅଭିଜ୍ଞତାକୁ ଏକତ୍ର ଯୋଡ଼ି ପାରିବାକୁ ସେ ଏକ ସେତୁ ଖୋଜିବାରେ ହିଁ ଲାଗିଥାଏ ।

ମନଃ ଚିକିତ୍ସା ଶାସ୍ତ୍ର ଲାଗି ଏକ ଯଥାର୍ଥ ଜୀବନ ଦୃଷ୍ଟି ନିରୂପଣ କରିବାକୁ ଯାଇ ଭିଏନାର ଅଧ୍ୟାପକ ଭିକ୍‌ଟର ଫ୍ରାଙ୍କ୍‌ଲ୍ (viktor Franke) ସୁସ୍ଥ ଜୀବନ ବିଷୟରେ ଏହିପରି ଗୋଟିଏ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ମଣିଷ ସ୍ୱଭାବରେ ଆମେ ଯାହା କରୁ, ଯାହା କହୁ, ଯାହା ଆଶା କରୁ ବା ଯାହା ପଛରେ ଧାଉଁ, ସବୁ କ୍ଷେତ୍ରରେ ଆମେ ଜୀବନର ଏହି ଚରମ 'କାହିଁକି' କୁ ହିଁ ଖୋଜି ବୁଲୁଥାଉଁ । ମୋ ଜୀବନର ଅର୍ଥ କଣ, ମୋ' ଭଲ ପାଇବା ଓ ମୋ ସ୍ୱପ୍ନ ଦେଖିବାର ଅର୍ଥ କଣ, ମୋର ଜୀବନକୁ କୋଳାହଳମୟ କରି ରଖିଥିବା ଏହି ନାନାବିଧ ଗ୍ରହଣ ଓ ବର୍ଜନର ବା ଅର୍ଥ କଣ, ସମସ୍ତଙ୍କ ସହିତ ବାନ୍ଧି ହୋଇଯିବା ପଛରେ ରହିଥିବା ଏହି ଜୀବନା କର୍ଷଣରେ ଅର୍ଥ କଣ, ମୋ' ମୁକ୍ତି ଅଥବା ମୋ' ସ୍ୱର୍ଗର ବା ଅର୍ଥ କଣ— ଆମେ ସମସ୍ତେ ଆମର ଯାବତୀୟ କାର୍ଯ୍ୟକଳାପ ମଧ୍ୟ ଦେଇ ଏହି ପ୍ରଶ୍ନ ଗୁଡ଼ିକର ଉତ୍ତର ଖୋଜି ବୁଲୁଥାଉ । ଯୁବରାଜ ଗୌତମଙ୍କ ପରି ଆମେ ପ୍ରତ୍ୟେକେ ଆମ ନିଜ ନିଜର ଉତ୍ତରାଧିକାରୀ-ରାଜ୍ୟରେ ଯୁବରାଜ ହୋଇ ଜନ୍ମଗ୍ରହଣ କରିଥାଉ ଏବଂ ଯୁବରାଜ ଗୌତମଙ୍କ ପରି ଆମେ ପ୍ରତ୍ୟେକେ ଏହି ରାଜ୍ୟର ପୃଷ୍ଠଭୂମି ଉପରେ ଆମ ଜୀବନରେ ଅର୍ଥର ସନ୍ଧାନ କରି ବାହାରୁ । ଆମ ଭିତରୁ ଯିଏ ଆପଣା ଜୀବନରେ ଏହି ଅର୍ଥ ବିଷୟରେ ଏକ ଭାବମୂଳକ ଆସ୍ୱାଦ ପାଇପାରେ, ତାହାର ଜୀବନ ହିଁ ସାର୍ଥକ ହୁଏ । ତାର ଭୋଗ ସାର୍ଥକ ହୁଏ, ତ୍ୟାଗ ସାର୍ଥକ ହୁଏ; ସଂଗ୍ରହ ସାର୍ଥକ ହୁଏ, ସମର୍ପଣ-ସାର୍ଥକ ହୁଏ; ତାର ଇହ ସାର୍ଥକ ହୁଏ, ସ୍ୱର୍ଗ ମଧ୍ୟ ସାର୍ଥକ ହୁଏ । କୌଣସି

କାର୍ଯ୍ୟକୁ ସେ ଅଳୀକ ବୋଲି ଅନୁଭବ କରେ ନାହିଁ । ତା'ର ଜୀବନ ପରିପୂର୍ଣ୍ଣ ହୁଏ, ସେ ତରିଯାଏ । ମଣିଷର ଏହି ଜୀବନଗତ ଅର୍ଥାନୁ-ସନ୍ଧାନର ମାର୍ଗଟି ଯେତେବେଳେ ନାନା ନୈରାଶ୍ୟ ବିଫଳତା ଦ୍ୱାରା ବନ୍ଦ ହୋଇଗଲା ପରି ଲାଗେ, ମଣିଷ ସେତିକିବେଳେହିଁ ଅନ୍ୟକିଛି ପଛରେ ଧାଇଁବାକୁ ମନ ବଳାଏ । ସେତିକିବେଳେ ସେ ହୁଏତ କ୍ଷମତାକୁ ହିଁ ଆପଣାର ପରମ କାମ ବୋଲି ମାନିନିଏ । କ୍ଷମତାଶାଳୀ ହେବାକୁହିଁ ଜୀବନର ଚରମ ସାର୍ଥକତା ବୋଲି ବିଶ୍ୱାସ କରେ । କ୍ଷମତା ପାଇଲେ ସେ ଜୀବନରେ ସବୁ ପାଇଯିବ ବୋଲି ଆପଣାକୁ ଭୁସୁଲାଇବାରେ ଲାଗିଥାଏ । ଅନେକେ ପଇସା କରିବାକୁ ମଧ୍ୟ ସକଳ ଶ୍ରେୟ ଓ ସକଳ ଶୁଭର ନିଧାନ ବୋଲି ମନେ କରିଥାନ୍ତି । ପଇସା ମଣିଷକୁ କ୍ଷମତା ଦିଏ ସତ, ମାତ୍ର ପରିପୂର୍ଣ୍ଣତା ଦିଏ ନାହିଁ । ସାର୍ଥକତା ଦିଏ ନାହିଁ । ପଇସା କରିବାର ଜୀବନ ଧାବନକୁ ଶ୍ରୀଯୁକ୍ତ ଫ୍ରାଙ୍କ୍ଲ କ୍ଷମତାକୁ ହିଁ ଅସ୍ୱୀକାର କରି ନେଇଥିବାର ବର୍ବରତମ ଦଶାବୋଲି ବର୍ଣ୍ଣନା କରିଛନ୍ତି ।

ଶ୍ୱେତାଶ୍ୱତର ଉପନିଷଦରେ ଯଜ୍ଞର ଆଲୋଚନା କରାଯାଇ ଯଜ୍ଞର ଅଧିଷ୍ଠାତା ଦେବତାଙ୍କର ଆସ୍ଥାନ ନିର୍ଣ୍ଣୟ କରାଯାଇଛି । ଦେବତା-ଙ୍କର ଅର୍ଚ୍ଚନା ଲାଗି ଯଜ୍ଞର ଅନୁଷ୍ଠାନ କରାଯାଇଥାଏ, କିନ୍ତୁ ଆମର କାମ୍ୟ ଏହି ଦେବତାଙ୍କର କଳ୍ପନା ବ୍ୟାପକ ଭାବରେ କରାଯାଇପାରେ, ବଡ଼ ସଙ୍କୀର୍ଣ୍ଣ ଭାବରେ ମଧ୍ୟ କରାଯାଇପାରେ । ପ୍ରାଚୀନ କାଳରେ ଭାରତରେ ହୁଏତ ଏହିପରି ନାନା ପ୍ରକାର ଯଜ୍ଞର ପ୍ରଚଳନ ରହିଥିଲା । ଭଗବାନ ବୋଲି କହି ଭଗବାନଙ୍କର ଏକ ଖଣ୍ଡିତକଳ୍ପନାକୁ ମଧ୍ୟ ଯଜ୍ଞ ହବିର ନିବେଦନ କରାଯାଇ ପାରୁଥିଲା । ବର୍ତ୍ତମାନ କାଳର ହୋମପରି ସେ ଯୁଗରେ ନାନା ଉଦ୍ଦେଶ୍ୟରେ ହୁଏତ ଯଜ୍ଞ କରାଯାଉଥିଲା । ଯଜ୍ଞ ହେଉଛି ଏକ ଉପଚାର ମାତ୍ର,—ଯଜ୍ଞାଧିପତି ଦେବତାଙ୍କର କଳ୍ପନା ଯେତିକି ବ୍ୟାପକ ହୋଇପାରିବ, କୌଣସି ଯଜ୍ଞକୁ ଆମେ ସେତିକି ଉଚ୍ଚସ୍ତରର ବୋଲି କହିପାରିବା ଉପନିଷଦରେ ଏହିପରି ଏକ ସୂଚନା ଦିଆଯାଇଥିବା ପରି ମନେହୁଏ । ସେହିପରି ଆମ ଜୀବନର ଉପଚାରରେ ମଧ୍ୟ କେବଳ

ଉପଗ୍ରହର ଗୁଡ଼ିକରୁ ଆମେ ଜୀବନର ସ୍ତର ବିଗ୍ରହ କରି ପାରିବା ନାହିଁ । ଯାବତୀୟ ଉପଗ୍ରହର ମଧ୍ୟ ଦେଇ ଆମେ ଯେଉଁ ସ୍ତରର ସାର୍ଥକତା କାମନା କରୁଚୁ, ଆମର ଅନୁରକ୍ତି ଗୁଡ଼ାକୁ ଆମେ ଯେତିକି ଉପରକୁ ଉଠାଇ ପାରୁଚୁ, ଅର୍ଥାତ୍ ଯେତିକି ବ୍ୟାପକ କରି ପାରୁଚୁ, ତାହାରି ମାନଦଣ୍ଡ ଉପରେ ଆମ ଜୀବନର ଗୁଣାତ୍ମକ ବିଗ୍ରହ ହୋଇ ପାରିବ । ଆମ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଆମେ ଏହି ବିଷୟଟି ଉପରେ ଆମର ସାହିତ୍ୟଗ୍ରହଣାକୁ ପରଖି ଦେଇପାରିବା । ସାହିତ୍ୟର ନିବେଦନ ଭୂମି ଉପରେ ଆମେ କେଉଁ ଦେବତାର ଉଦ୍ଦେଶ୍ୟରେ ହବିନିବେଦନ କରି-ପାରୁଚୁ, ସାହିତ୍ୟ କରିଆସେ ଆମେ ଆପଣା ଲାଗି ତଥା ଅପର ସମସ୍ତଙ୍କ ଲାଗି କିପରି ସ୍ତରର ସାର୍ଥକତା ଖୋଜୁଁଚୁ, ଆମର ସାହିତ୍ୟା-ନୁରକ୍ତ ପ୍ରକୃତିରେ କେଉଁ ପାହାଡ଼ ଉପରେ ରହିଥିବା ଦେଉଳ କବାଟ ପାଖକୁ ପାହାଚ ପକାଇବାର ଅଭିପ୍ରାୟ ରଖିଚି, ଏହିସବୁ ପ୍ରଶ୍ନର ଉତ୍ତର ଦେଇ ଆମେ ଆମ ସାହିତ୍ୟର ଏକ ମୂଲ୍ୟାଙ୍କନ ଲାଗି ଅବଶ୍ୟ ଚେଷ୍ଟା କରିପାରିବା ।

ଆଗ କାଳରେ ସାହିତ୍ୟ ପ୍ରଧାନତଃ ରାଜଦରବାର ସକାଶେ ଲେଖା ହେଉଥିଲା । କାରଣ ଦରବାରରେ ହିଁ ସାହିତ୍ୟର ଆଦର ହେଉ-ଥିଲା । ରାଜାଙ୍କୁ ପ୍ରସନ୍ନ କରିବା ଲାଗି କବି କାବ୍ୟ ଲେଖୁଥିଲା, ରାଜାଙ୍କୁ ପ୍ରସନ୍ନ କରି ସେ ରାଜକବି ବୋଲାଉଥିଲା, ଦକ୍ଷିଣାସ୍ୱରୂପ ରାଜାଙ୍କଠାରୁ ଅସରପି ମିଳୁଥିଲା ଓ ତେଣୁ ରାଜ୍ୟର ବାଧ୍ୟ ପ୍ରଜାମାନଙ୍କଠାରୁ ଆଦର ଓ ପ୍ରଶଂସା ମଧ୍ୟ ମିଳୁଥିଲା । ଚତୁର୍ଦ୍ଦଶ ଶତାବ୍ଦୀରେ ଇଂଲଣ୍ଡର ଜଣେ ଦାର୍ଶନିକ ଦକ୍ଷିଣ ଜର୍ମାନୀର ଜଣେ ସମ୍ରାଟଙ୍କଠାରୁ ଆପଣା ବାଣୀ ଚର୍ଚ୍ଚାର ଯେଉଁ ମୂଲ୍ୟ ମାଗିଥିଲେ, ଦରବାରୀ ସାହିତ୍ୟରେ ଆମେ ତାହାକୁ ସାହିତ୍ୟିକର ଅଭୀପ୍ସା ବୋଲି କହିପାରିବା । ସମ୍ରାଟଙ୍କ ପାଖକୁ ସେ ମାଗୁଣି କରି ଲେଖି ପଠାଇଥିଲେ: **Tu me defendas gladio, ego te defendam calamo**–ଆପଣ ମୋତେ ଆପଣଙ୍କ ତରବାରୀ ବା ରାଜଦଣ୍ଡ ତଳେ ଶରଣ ଦେବେ ଏବଂ ମୁଁ ମୋର କଲମ ସାହାଯ୍ୟରେ ଆପଣଙ୍କର ଆସ୍ଥାନ ରକ୍ଷା କରୁଥିବି । ରାଷ୍ଟ୍ର ଓ ସାହିତ୍ୟ ଭିତରେ

ଏପରି ଏକ ପରସ୍ପର ସାହାଯ୍ୟକୃତ ସନ୍ଧି ହେଲେ ସାହିତ୍ୟର ସାର୍ଥକତା ରାଜସଭାର ବଶହୋଇ ରହିଯାଏ । ମୂଳତଃ ମୁଗ୍‌ଧ ବା ଅଭିଭୂତ ହୋଇ ଏପରି ସାହିତ୍ୟ ଲେଖାଯାଏ ନାହିଁ, ଏପରି ସାହିତ୍ୟରେ ମଣିଷ ଆତ୍ମାର ସର୍ବଶ୍ରେଷ୍ଠ ବାଣୀ ଉଚ୍ଚାରିତ ହୋଇପାରେ ନାହିଁ, ଏପରି ସାହିତ୍ୟ ସଂସାରରେ ଶୁଭ ବା କଲ୍ୟାଣ ଶକ୍ତି ବଢାଏ ନାହିଁ । କାରଣ ଭୟ ହିଁ ଏହି ସାହିତ୍ୟର ମୂଳ ପ୍ରେରଣା ରୂପେ କାର୍ଯ୍ୟକରେ । ବଶ୍ୟତାକୁ ହିଁ ଏହି ସାହିତ୍ୟ ସାଥକତା ବୋଲି ପ୍ରଚ୍ଚର କରେ । ଆତ୍ମା ମରିଯାଏ, ଅତିରଞ୍ଜନ ବଢେ । ଦରବାରକୁ ହିଁ ସତ୍ୟ ବୋଲି ମାନି ନେଇଥିବାରୁ ସତ୍ୟାନୁସନ୍ଧାନ ବାରିତହୋଇ ରହେ । ହଁ, ରଜାକୁ ତୁଷ୍ଟ କରିବାକୁ ସାହିତ୍ୟରେ ଜାକଜମକ ବଢେ, ତେଣୁ ଅନ୍ତରାଳେତ୍ତନର ଅବସରମାନ ଅନ୍ତର୍ହିତ ହୋଇଯାଏ । ସାହିତ୍ୟ ଶୈଳୀ-ପ୍ରଧାନ ହୁଏ, ଆପଣାର ନବଉଦ୍ଭମ ଭାବନାକୁ ଭାଷା ଦେଇ ପାରୁ ନଥିବା ଲଜ୍ଜିତ ସାହିତ୍ୟିକ ଶୈଳୀସଜ୍ଜାର ଆଡ଼ମ୍ବର ଭିତରେ ମୁହଁ ଲୁଚାଇ ରଖିବାର ଫିକର କରୁଥିବା ପରି ମନେ ହୁଏ ।

ଆଗେ ଦରବାର ଲାଗି ସାହିତ୍ୟ ଲେଖା ଯାଉଥିଲା, ଏବେ ଗୋଟି ଏ ଗୋଟାଏ ଦେଶରେ ସରକାର ଲାଗି ସାହିତ୍ୟ ଲେଖାଯାଉଚି । ସେ ଯୁଗ ଓ ଯୁଗ ଭିତରେ ହୁଏତ କିଛିଟା ଫରକ ରହିଥିଲେ ମଧ୍ୟ ଅଭିପ୍ରାୟ ଦୃଷ୍ଟିରୁ ଦେଖିଲେ ଦୁହିଁଙ୍କ ମଧ୍ୟରେ କୌଣସି ଫରକ ନାହିଁ । ଆଗକାଳରେ ସାହିତ୍ୟର ନାମ ବଡ ସିଧା ଥିଲା, ସେତେବେଳେ ସିଧା ସିଧା ରଜାର ପ୍ରଶସ୍ତି ଗାନ କରାଯାଉଥିଲା । ଏବେ ଠିକ ଏ ବଙ୍କାବାଟରେ ଯାଇ ପାର୍ଟିର ପ୍ରଶଂସା କରାଯାଉଚି, ବାଦର ପ୍ରଶଂସା କରାଯାଉଚି । କିନ୍ତୁ ଯେଉଁ ଭଳି ସାଜ ପିନ୍ଧି ହେଉ ପଛକେ, ଏସବୁ ସ୍ଥଳରେ ମଧ୍ୟ ସେଇ ସତ୍ତାଧାରୀ ମାନଙ୍କର ପ୍ରଶଂସା କରାଯାଉଛି । ଦେଶର ଶାସନରେ ଯେଉଁମାନଙ୍କ ହାତରେ ସବୁଠାରୁ ଅଧିକ କ୍ଷମତା ଓ ବାହୁବଳ ରହିଛି, ସେହିମାନଙ୍କ ଫରମାସ ଅନୁସାରେ ସାହିତ୍ୟ ଲାଗି ପଣ୍ଡିତ ସଭା ରହିଚି ଓ ସେହି ପଣ୍ଡିତ ସଭାର ଫରମାସ ଅନୁସାରେ ସାହିତ୍ୟିକ ସର୍କସର ବାଧ ବାଧପର

ପିଞ୍ଜରା ଭିତରୁ ବାହାର ସାହିତ୍ୟର ଖେଳ ଦେଖାଇ ଦେଇ ଆସୁଛି । ପ୍ରାୟ ପାଞ୍ଚଶହ ବର୍ଷପୂର୍ବେ ଇଂଲଣ୍ଡର ଦାର୍ଶନିକ ଯାହା କହିଥିଲେ, ବର୍ତ୍ତମାନ ମଧ୍ୟ ଠିକ୍ ସେହି ନ୍ୟାୟରେ ଏସବୁ ସାହିତ୍ୟ ଚାଲୁଛି । ସାହିତ୍ୟିକ ହେଉଛି ମୂଳତଃ ଜଣେ ପ୍ରଜା, ତାଙ୍କୁ ରକ୍ଷା କରିବା ଲାଗି ଶାସନର ଅନୁଗ୍ରହ ଅନୁରକ୍ତିର ସର୍ବୋଚ୍ଚ ଆସ୍ଥାନ ମାଡ଼ିକରି ରହିଛି । ତେଣେ ତାହାର ବାଜା ଅନୁସାରେ ପାଦ ପକାଇବା ହେଉଛି ସାହିତ୍ୟର କର୍ତ୍ତବ୍ୟ । ପ୍ରଜାଯେଉଁ ସାହିତ୍ୟ ଲେଖିବ ରାଜାର ମରଜି ତାହାକୁ ଗ୍ରହଣ କରିପାରିବା ବୃଦ୍ଧି । ରାଜା ପ୍ରସନ୍ନ ହେଲେ ସାହିତ୍ୟିକ ଲାଗି ଦଣ୍ଡଭୋଗ ରହିଛି, ସାଇବେରିଆ ମଧ୍ୟ ରହିଛି । ଏଣୁ ଆପଣାର କଲମ ଦେଇ ରାଜାଙ୍କୁ ହିଁ ରକ୍ଷା କରିବାକୁ ହେବ । ଶାସକଙ୍କୁ ହିଁ ରକ୍ଷାକରିବାକୁ ହେବ। ସାହିତ୍ୟିକ ଲାଗି ଏଠାରେ ଅନ୍ୟ ଚିନ୍ତା ହିଁ ନାହିଁ ।

କେବଳ ପ୍ରଶଂସା ମୂଳକ ସଭା ସାହିତ୍ୟରେ ନୁହେଁ ଧର୍ମ ଓ ସାମାଜିକ ସାହିତ୍ୟରେ ମଧ୍ୟ ଆମେ ଅନେକାଂଶରେ ଦେଖିବାକୁ ପାଇବା । ପ୍ରାଚୀନ ଭାରତରେ ମନୁ, ପରାଶର ଓ ଯାଜ୍ଞବଲ୍କ୍ୟ ପ୍ରଭୃତି ବିଧାନ ପ୍ରେମୀମାନେ ଯେଉଁ ସାମାଜିକ ସାହିତ୍ୟ ଲେଖିଯାଇ ଅଛନ୍ତି, ସେଥିରେ ସେମାନେ ସମାଜର ପ୍ରଚଳିତ ନିୟମ ଗୁଡ଼ାକୁ ହିଁ ଆଦର୍ଶ ବୋଲି ମାନି ନେଇଛନ୍ତି ଓ ସେହିଗୁଡ଼ାକୁ ମାନିକରି ଚାଲିବାକୁ ହିଁ ଜୀବନର ସର୍ବଶ୍ରେଷ୍ଠ ସାର୍ଥକତା ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି । ସଂସାରରେ କିଛୁହେବାକୁ ନାହିଁ, କିଛୁ ହାସଲ କରିବାକୁ ନାହିଁ । କାମ କରିଲେ କାମସୂତ୍ରକୁ ମାନି ଚାଲିବାକୁ ପଡ଼ିବ । ସମାଜରେ କିଏ ଶିକ୍ଷାଦେବ ବା କିଏ ଶାସନ କରିବ, ସେକଥା ପ୍ରଶ୍ନ କରିବାର ଅଧିକାର ସବୁ ମଣିଷଙ୍କର ନାହିଁ । ଶିକ୍ଷାଦେବା ଲୋକେ ବା ଶାସନ କରିବା ଲୋକେ ଯେଉଁସବୁ ନିୟମ ବସାଇଛନ୍ତି, ତାକୁହିଁ ମାନିବା ହେଉଛି ଧର୍ମ । ପ୍ରାଚୀନ ସମାଜର ଶାସ୍ତ୍ରକାରମାନେ ପ୍ରଧାନତଃ ତାହାହିଁ କହିଛନ୍ତି । କୌଣସି ପ୍ରକାର ଜୀବନ ଜିଜ୍ଞାସା ଆଡ଼େ ମଥା ନ ଖେଳାଇ ସେମାନେ ସମାଜରେ ପ୍ରଚଳିତ ରହିଥିବା ନୀତି ଗୁଡ଼ାକୁ ହିଁ ସମସ୍ତଙ୍କର ଓ ସବୁ ଯୁଗରେ ଅନୁସରଣୀୟ ଧର୍ମବୋଲି ମାନି ନେଇଛନ୍ତି ଏବଂ

ତା ପରେ ସେଗୁଡ଼ିକର ସମର୍ଥନ ଲାଗି ଅନୁରୂପ ଶାସ୍ତ୍ରୋକ୍ତିମାନ ଖୋଜିବାକୁ ଯାଇଚନ୍ତି । ଯୁଗ ଯୁଗର ଅନୁରକ୍ତିଗତ ତାରତମ୍ୟ ଅନୁସାରେ ମଣିଷର ଧର୍ମକଳ୍ପନା ମଧ୍ୟ କପରି ବଦଳିଯାଏ ଓ ଏହି ଅବସରବାଦର ସମର୍ଥନ କରାଇ କପରି ଅନୁରୂପ ସାହିତ୍ୟ ମଧ୍ୟ ଲେଖାଯାଏ, ଇତିହାସରେ ବିଭିନ୍ନ ଧର୍ମରୁ ଆମକୁ ତାହାର ଏକାଧିକ ଦୃଷ୍ଟାନ୍ତ ମିଳିଯିବ । ଇଉରୋପରେ ଖ୍ରୀଷ୍ଟଧର୍ମର ଆରମ୍ଭ ଯୁଗରେ ସରଳ ଓ ବିଳାସବର୍ଜିତ ଜୀବନକୁ ଧର୍ମର ଆଦର୍ଶ ବୋଲି ସ୍ୱୀକାର କରାଯାଉଥିଲା । ମହାତ୍ମା ଯୀଶୁଖ୍ରୀଷ୍ଟଙ୍କୁ ଏହି ସରଳ ଜୀବନର ପ୍ରତୀକ ବୋଲି ଗ୍ରହଣ କରାଯାଉଥିଲା । ଏହି ଆଦର୍ଶ ଓ ପ୍ରତୀକଦ୍ୱାରା ଅନୁପ୍ରାଣିତ ହୋଇ ତତ୍କାଳୀନ ଧର୍ମାଧ୍ୟକ୍ଷମାନେ ପ୍ରଗତିବାଦୀଙ୍କ ପରି ଅତୁଳ ଧନସମ୍ପତ୍ତି ଠୁଳକରି ରଖିଥିବା ରାଜା ଓ ଭୂସ୍ୱାମୀମାନଙ୍କର ନିନ୍ଦା କରିବାରେ ଲାଗିଥିଲେ । ତାପରେ ଧର୍ମର ଆସ୍ଥାନ ଗୀର୍ଜାରେ ମଧ୍ୟ କ୍ରମେ ସମ୍ପତ୍ତି ବଢ଼ିବାକୁ ଲାଗିଲା । ଧର୍ମାଧୀଶ-ମାନଙ୍କର ଜୀବନରୁ ସକଳ ସରଳତା ଅପସରି ଗଲା । ଆଧ୍ୟାତ୍ମର ପ୍ରସାର କରିବା ଗୀର୍ଜାର ଏକ ଅପ୍ରଧାନ କାର୍ଯ୍ୟବୋଲି ସାବ୍ୟସ୍ତ ହେଲା, ସମ୍ପତ୍ତି ଓ କ୍ଷମତା ବଢ଼ାଇବା ପ୍ରଧାନ କାର୍ଯ୍ୟହେଲା । ଗିର୍ଜାଗୁଡ଼ିକୁ କେନ୍ଦ୍ର କରି ଗୋଟିଏ ଗୋଟିଏ ଜମିଦାରୀ ମଧ୍ୟ ଗଢ଼ିଉଠିଲା ଏବଂ ଏହି ଜମି-ଦାରୀ ଗୁଡ଼ିକର ସମର୍ଥକ ସ୍ତମ୍ଭ ହୋଇ ରହିଥିବା ଧର୍ମାଧ୍ୟକ୍ଷମାନଙ୍କର ପ୍ରଗତି-ବାଦ ମଧ୍ୟ କ୍ରମେ ପାଣି ଫାଟିଗଲା । ଇଟାଲିର ଧର୍ମଗୁରୁ ସନ୍ଥ ଫ୍ରାନ୍‌ସିସ୍ (Saint Franscis de Asisi) ଇଶ୍ୱରପୁତ୍ର ଯୀଶୁ-ଖ୍ରୀଷ୍ଟଙ୍କର ସରଳଦରିଦ୍ର ଜୀବନର ପ୍ରଶଂସାଗାନ କରି ଯେଉଁସବୁ ଗ୍ରନ୍ଥ ଲେଖି ଯାଇଥିଲେ ଚତୁର୍ଦ୍ଦଶ ଶତାବ୍ଦୀର ଆରମ୍ଭରେ ( ୧୩୨୨ ) ଧର୍ମାଶନର ମହାମାନ୍ୟବର ପୋପ୍‌ଙ୍କର ହୁକୁମନାମା ଜାରିହୋଇ ଯୁଗର ନୂତନ ଆଦର୍ଶକୁ ସୁହାଇବା ଭଳି ସେଗୁଡ଼ିକୁ ନୂଆକରି ପୁଣି ଥରେ ଲେଖାହେଲା । ଯୀଶୁଖ୍ରୀଷ୍ଟ ଆପଣା ଜୀବନରେ ଦାରିଦ୍ର୍ୟକୁ ବରଣ କରିଥିଲେ ବୋଲି ଆଗରୁ ଯେଉଁ ଧର୍ମବିଶ୍ୱାସ ରହିଥିଲା, ଆଉ ଏକ ହୁକୁମ ଜାରି କରାଯାଇ ତାହାକୁ ଧର୍ମଦ୍ରୋହ ବୋଲି ଘୋଷଣା କରାଗଲା । ପୋପ୍‌ଙ୍କର ବଡ଼ଲୋକୀ ଓ ଧନସଉକୀ ମନ ହୁଏତ ଆପଣା ଧର୍ମର ଆଦିଗୁରୁ ଦରିଦ୍ର ଥିଲେ ବୋଲି କହିବାକୁ ଲଜ୍ଜାବୋଧ କରିବାରୁ

ଏପରି ହେଲା । ବର୍ତ୍ତମାନ ଭାରତରେ ଅମାର ମଣ୍ଡାହୋଇ ରହିଥିବା ଶଙ୍କର ପୀଠମାନଙ୍କରେ ଠିଆହୋଇ ଆଜ ଶଙ୍କରାଚାର୍ଯ୍ୟ ଦରିଦ୍ର ସନ୍ନ୍ୟାସୀର ଜୀବନ ବରଣ କରିଥିଲେ ବୋଲି କହିଲେ କିଏ ଲଜ୍ଜିତ ଅନୁଭବ ନ କରିବ ? ଶ୍ରେଷ୍ଠୀ ପରିପାଳିତ ମନ୍ଦିରମାନଙ୍କରେ ବହୁମୂଲ୍ୟ ପ୍ରସ୍ତରଭୂତ ବୌଦ୍ଧ ବା ଜୈନମୂର୍ତ୍ତି ପାଖରେ ଠିଆହୋଇ ବୁଦ୍ଧଦେବ ଓ ମହାବୀର ତୃଷ୍ଣାବର୍ଜିତ ସରଳ ଜୀବନକୁ କାମ୍ୟ ବୋଲି ଘୋଷଣା କରିଥିଲେ କହିଲେ କାହାକୁ ଆଶ୍ଚର୍ଯ୍ୟ ନ ଲାଗିବ ? ଯେ କୌଣସି ଅବକାଶରେ ହେଉ ପଛକେ, ସଭା ବା ଶାସନର ପାହାଚ ଉପରକୁ ଆଉଜି ପଡ଼ିଲେ ସାହିତ୍ୟର ଦଶା ସଚରାଚର ଏହିପରି ହୋଇଥାଏ ।

ଜାତି ଓ ଜାତିପୂଜା ମଧ୍ୟ ସାହିତ୍ୟ ଓ ସାହିତ୍ୟିକର ଅଫିମ ହୋଇପାରେ ଓ ପୂର୍ଣ୍ଣ ଅନୁରକ୍ତି ଦାବି କରିପାରେ । ସାହିତ୍ୟର ବଳରେ ଜାତିପୂଜାକୁ ସୁବର୍ଣ୍ଣ ପ୍ରତିମାରୂପେ ଥାପନା କରି ତାହାର ଉଦ୍ଦେଶ୍ୟରେ ଯାବତୀୟ ହବି ଦ୍ୱାରା ସଭାଗ କରାଯାଇ ପାରେ । ଇଉରୋପୀୟ ସାହିତ୍ୟର ଗୋଟାଏ ଯୁଗରେ ଏହି ସ୍ୱଜାତି ହିଁ ସର୍ବବନ୍ଦ୍ୟ ଫେଶନ ହୋଇ ରହିଥିଲା । ଜାତିପୂଜାର ଉତ୍ସାହଗଙ୍ଗା ବୁହାଇ ସାହିତ୍ୟ-କଣ୍ଡିଆରୁ ଅତଡ଼ା ଖସାଇବାର ଇତିହାସରେ ଜର୍ମାନୀର ଲେଖକମାନଙ୍କୁ ଆମେ ବେଶ୍ ପୁରୋଧା ବୋଲି ସ୍ୱୀକାର କରିନେଇ ପାରିବା । ଜାତିପୂଜାବାଦୀ ସାହିତ୍ୟ ବା ଜାତିପୂଜାବାଦୀ ଲେଖକ—ଏଗୁଡ଼ିକ ହେଉଛି ମୁଖ୍ୟତଃ ଏକ ଜର୍ମାନ୍ କଳ୍ପନା । ଜର୍ମାନୀର ଲୁଥର୍, ଜର୍ମାନୀର ଫିକ୍‌ଟେ ଓ ହେଗେଲ ଜର୍ମନ୍ ଜଗତର ବିଜୟକୁହିଁ ସମଗ୍ର ମନୁଷ୍ୟ ଆତ୍ମାର ବିକାଶଲଗ୍ନ ସର୍ବପ୍ରଧାନ ଓ ଅତ୍ୟାବଶ୍ୟକ ଉଦ୍ଦେଶ୍ୟ ବୋଲି ମାନି ନେଇଥିଲେ । ଜଣେ ଜର୍ମାନ୍ ଲେଖକଙ୍କର ଭାଷାରେ, ଆଦିପୁରୁଷ ଆଦାମ୍‌ଠାରୁ ଆରମ୍ଭକରି ଇତିହାସର ସକଳ ବଡ଼ବଡ଼ ପ୍ରତିଭାଙ୍କ ଭିତରେ ଜର୍ମାନ୍ ରକ୍ତ ରହି-ଆସିଛି । ଗ୍ରୀସ୍‌ର ମହାନ୍‌ବୀର ଆଲେକ୍‌ଜାଣ୍ଡାର ଜନ୍ମତଃ ଜର୍ମାନ୍ ଥିଲେ । ଜର୍ମାନ ଭାଷା ହେଉଛି ଆମ ମଣିଷଜାତିର ଆଦିଭାଷା । ଏସିଆ ଓ ଆଫ୍ରିକା ମହାଦେଶରେ ମଧ୍ୟ ଆଗେ ଜର୍ମାନ୍ ଭାଷାରେ କଥା କହୁଥିବା

ଜନସମୂହମାନ ରହିଥିଲେ । ଏବଂ ଆଗାମୀ କାଳରେ ମଧ୍ୟ ଏହି ଜର୍ମାଣ ଜାତିହିଁ ସମଗ୍ର ବସୁନ୍ଧରାର ମାଲିକ ହେବ ।" ହିଟଲରର ଶାସନ ଅମଳରେ ଜଣେ ଜର୍ମାନ୍ ଲେଖକ ଜର୍ମାନ ଜାତିକୁ ନେଇ ଯେଉଁ ଉତ୍ଫୁଲ୍ଲ ସ୍ୱପ୍ନ ଦେଖିଥିଲେ, ସେଥିରେ କୁହାଯାଇଛି, ପୃଥିବୀରେ ସର୍ବଶ୍ରେଷ୍ଠ ଜାତି ଜର୍ମାନ ମନୁଷ୍ୟଜାତିର ପରିତ୍ରାଣ ସକାଶେ ହିଁ ବିଧି ନିର୍ଦ୍ଦିଷ୍ଟ ହୋଇ ସଂସାରକୁ ଆସିଛି । ତେଣୁ ସେହି ମହାନ୍ ଉଦ୍ଦେଶ୍ୟଟିର ପରିପୂର୍ତ୍ତି ଲାଗି ସମଗ୍ର ପୃଥିବୀକୁ ଜର୍ମାନ୍ ରଙ୍ଗରେ ରଙ୍ଗାଇ ଦେବା ହେଉଛି ଜର୍ମାନ୍ ଜାତିର ପରମ କର୍ତ୍ତବ୍ୟ । ଜର୍ମାନ୍ ଶାସକଙ୍କର ଅଧୀନରେ ଗୋଟିଏ ସାମ୍ରାଜ୍ୟର ଶାସନଦଣ୍ଡ ତଳେ ଏକାଠି ହେଲେ ଯାଇ ପୃଥିବୀର ପରିତ୍ରାଣ ସମ୍ଭବ ହେବ । ଲେଖକଙ୍କ ମତରେ ମାର୍ଟିନ୍ ଲୁଥର୍ ହିଁ ଏକ ବିଶାଳ ସାମ୍ରାଜ୍ୟର ଭବିଷ୍ୟ ବିଷୟରେ ଜର୍ମାନ୍ ଦେଶର ଜନମନରେ ଏହି ଆଶାକୁ ଜାଗ୍ରତ କରିଦେଇ ଯାଇଛନ୍ତି । ଜାର୍ମାଣର ଦାର୍ଶନିକ ଲେଖକ ଲାଇବନିତ୍ସ୍ ମଧ୍ୟ ଜର୍ମାନ୍ ଭାଷାକୁ ସର୍ବଶ୍ରେଷ୍ଠ ଭାଷା ଓ ବୀରଭାଷା ବୋଲି କହି ବାହାଦୂରୀ ଦେଖାଇ ଯାଇଛନ୍ତି । ୧୯୧୯ ଖ୍ରୀଷ୍ଟାବ୍ଦରେ ଫ୍ରାନ୍ସର ତିରିଶ ଜଣ ଲେଖକ ପ୍ରକାଶ କରିଥିବା ଗୋଟିଏ ଇସ୍ତାହାରରେ ସକଳ ସମର ବିଗ୍ରହର ଅବସାନ ପରେ ଫ୍ରାନ୍ସହିଁ ବିଜେତା ହୋଇ ବାହାରିବ ବୋଲି କୁହାଯାଇଛି । ଖାଲି ଇଉରୋପର ମନନ୍ତହିଁ, ସମଗ୍ର ମନୁଷ୍ୟ ଜାତିର ମନ ସେହିନ ବିଜୟୀ ଫ୍ରାନ୍ସର ଆଶ୍ରୟ—ଛାୟା ତଳେ ସମବେତ ହେବ ଏବଂ ଫ୍ରାନ୍ସ ହିଁ ମନୁଷ୍ୟ ସଭ୍ୟତାର ଅଭିଭାବକ ବା ପରିଚାଳକ ହୋଇ ରହିବ-ବୋଲି ଏହି ଇସ୍ତାହାରରେ ଭବିଷ୍ୟବାଣୀ କରାଯାଇଛି । ରାଜନୀତିକ ସ୍ୱାଧୀନତା ହାସଲ କରିବାକୁ ସଂଗ୍ରାମ କରୁଥିବା ଯୁଗରେ ଆମ ଭାରତ-ବର୍ଷକୁ ମଧ୍ୟ ଜାତୀୟତାକୁ ସାହିତ୍ୟକ୍ଷେତ୍ରରେ ପରିଭୂ କରି ବସାଇବାର ଖୋଇଟି ବେଶ୍ ସଂକ୍ରମିତ ହୋଇଆସିଛି । ଜାତିପ୍ରୀତିର ହାଉଆ ଭର୍ତ୍ତି କରିଦେଇ ସାହିତ୍ୟର ପେଣ୍ଡୁକୁ ଅତୀତର କେତେଦୂର ଗର୍ଭ ଭିତରକୁ ଗଡ଼ାଇ ଦିଆଯାଇଛି । ଆମର ସକଳ ଅତୀତ କେବଳ ଆମ ଜାତୀୟତାର ପ୍ରତୀକ ହୋଇ ରହିଥିଲା ବୋଲି ଭାବାରୋପ କରାଯାଇଛି । ଆମ ନିଜ ସାହୀ ଓଡ଼ିଶାରେ ଜଗନ୍ନାଥ ଓ ବଳଭଦ୍ରଙ୍କୁ ଓଡ଼ିଆ ଜାତୀୟତାର

ତାଳବେତାଳ କରି ସଜାଇ ଦିଆଯାଇଛି । ଓଡ଼ିଆ ପୁଅକୁ ବୀର-ବେଶରେ ସଜକରି ଚଉଦଭୁବନ ଜୟ କରିବାକୁ ପଠା ହୋଇଛି । ସେ କାଳର ବ୍ୟାସଦେବଙ୍କଠାରୁ ଆରମ୍ଭକରି ଏ କାଳର ଜୟଦେବ ପର୍ଯ୍ୟନ୍ତ ସମସ୍ତଙ୍କୁ ଆସି ଓଡ଼ିଶାର ଗାଁ ଦାଣ୍ଡରେ ଭୁଣ୍ଡିବାନ୍ଧ ପକାଇ ଦେବାର ଚେଷ୍ଟା କରାଯାଇଛି । ଜାତୀୟତାକୁ ସାହିତ୍ୟର ଧର୍ମବୋଲି ଗ୍ରହଣ କରିଥିବା ସାହିତ୍ୟିକ ଆପଣାର ଜାତିକୁ ଭବିଷ୍ୟତ ଦରବାରର ସର୍ବୋଚ୍ଚ ସିଂହାସନ ଉପରେ ଆସୀନ ରୂପେ ଦେଖିବାକୁ ଚାହେଁ । ଆଶୁ ଇଚ୍ଛା—ପୂରଣର ସର୍ବେଗସୂତ୍ର ଅନୁସାରେ ସେ ସେଥିଲାଗି ଅତୀତକୁ ବଡ଼କରି ଦେଖିବାର ନାଟରେ ମାତିଯାଏ । ଭବିଷ୍ୟତ ସମ୍ବନ୍ଧରେ ଆପଣାର ଆଗ୍ରହକୁ ସେ ଓଲଟାବାଟେ ଅତୀତ ଆଡ଼କୁ ପ୍ରଲମ୍ବିତ କରିନଏ ଏବଂ ଆପଣାର ପୂର୍ବପୁରୁଷ ମାନଙ୍କୁ ଆପଣା ମୋହଗଡ଼ିଆ ଭିତରକୁ ଟାଣିଆଣି ହୁଏତ ସେ ଇପ୍‌ସିତ ଫଳ ପାଇଗଲି ବୋଲି ଅନୁଭବ କରେ ।

ସ୍ୱାଧୀନତା-ପୂର୍ବ ଯୁଗରେ ଜାତୀୟତାକୁ ସାହିତ୍ୟରେ ଅଧିଷ୍ଠିତ ଦେବତା କରି ବସା ଯାଇଥିଲା । ମାତ୍ର ରାଜନୀତିକ ସ୍ୱାଧୀନତା ଆସିଗଲା ପରେ ଦେଶର ସାହିତ୍ୟିକମାନେ ଏବେ କାହାକୁ ଆପଣାର ଦେବତା ବୋଲି ମାନିବେ ? କାହାକୁ ଆପଣାର ସର୍ବୋଚ୍ଚଶ୍ରେଷ୍ଠ ଅନୁରକ୍ତି ଦେବେ ? ସ୍ୱାଧୀନତା ପରେ ଶାସନର ଡୋର ଆମ ନିଜ ହାତକୁ ଆସିଲା । ଆମେ ନିଜେ ହିଁ ଆମ ଭଣ୍ଡାରର ମାଲିକ ହେଲୁ । ଅଳପ କଥାରେ କହିଲେ ନାନା କ୍ଷେତ୍ରରେ ଆମ ହାତକୁ ପ୍ରଭୁତ କ୍ଷମତା ଆସିଲା । କ୍ଷମତା ପଛରେ ଯେ ଦେଶକୁ ନିର୍ମାଣ କରିବାର ଦାୟିତ୍ୱ ସୁନିର୍ଦ୍ଦିଷ୍ଟ ହୋଇ ରହିଛି, କ୍ଷମତାକୁ ପ୍ରଧାନତଃ ଭୋଗସାମଗ୍ରୀ ବୋଲି ବିଚାର କରୁଥିବା ଥୋକେ ମଣିଷ ତାହା ହୃଦୟଙ୍ଗମ କରି ପାରିଲେ ନାହିଁ । ସେମାନେ ସିଧା ରାଜନୀତିକୁ ଡେଇଁଲେ । ଏହି ରାଜନୀତି ସହିତ ଲୋକ ନିର୍ମାଣ ନୀତିର କୌଣସି ସଂପର୍କ ନଥିଲା । ଦେଶକୁ ଗଢ଼ିବାର ବୃହତ୍ ସ୍ୱପ୍ନମାନ ଦେଖି ଦେଖି କ୍ଳାନ୍ତ ହୋଇ ପଡ଼ିଥିଲେ କି କଣ, କ୍ଷମତା ପାଇବା ପରେ ପରେ ସେମାନେ ଆପଣାର ଜୀବନକାଳ ବଢ଼ାଇବା

ବ୍ୟକ୍ତିତ ଆଉ କେଉଁଠି କୌଣସି କର୍ତ୍ତବ୍ୟ ଅଛି ବୋଲି ହୃଦୟଙ୍ଗମ କରି ପାରିଲେ ନାହିଁ । ଥୋକେ ସାହିତ୍ୟିକ ମଧ୍ୟ ସେମାନଙ୍କ ପରି ଚଳୁଥିଲେ କି କ'ଣ ସେମାନେ ବି ଆତ୍ମସଫଳତାସେବୀ ଏହି ରାଜନୈତିକ ନୂଆ ବ୍ରାହ୍ମଣମାନଙ୍କ ପଛରେ ଫକ୍‌କର ସୌଭାଗ୍ୟ ବାସନାର ନଈ ଭିତରକୁ ଡେଇଁ ପଡ଼ିଲେ । କବି ଆଗେ ଦରବାରରେ ରାଜାର ସମ୍ମାନ କରୁଥିଲା, ରାଜା ମଧ୍ୟ ଅବସର ବିନୋଦନର ବିକଳ୍ପରେ କବିକୁ ସମ୍ମାନ ଓ ଶିରପା ଦେବାଲାଗି ଆଗଭର ହୋଇ ଆସୁଥିଲା । ସ୍ୱାଧୀନତା-ପରବର୍ତ୍ତୀ ଆମ ଏ ଯୁଗରେ ମଧ୍ୟ ଅନେକାଂଶରେ ତାହା ହିଁ ହେଲା । ଏକାଡେମୀ ଗଢ଼ା ହୋଇ ସଭା ଓ ସାହିତ୍ୟର କୃତ୍ରିମ ଅଥଚ ଉତ୍ସାହ ପ୍ରଣୋଦିତ ସଙ୍ଗମ କରାଗଲା । କେଉଁମାନେ ଭାଷାର ବଡ଼ ବଡ଼ ସାହିତ୍ୟିକମାନେ ରାଜ୍ୟସଭାକୁ ନାମାଙ୍କିତ ହୋଇ ଆସିଲେ । ରାଜ୍ୟସଭାର ସଦସ୍ୟ ହୋଇ ସାହିତ୍ୟ ଓ ସଂସ୍କୃତିର ମଣ୍ଡପମାନଙ୍କରେ ଖଟୁଲିରେ ବସିବା ଫଳରେ ସେମାନଙ୍କର ସାହିତ୍ୟ ଓ ଦୃଷ୍ଟିକୁ କେତେଦୂର ଉତ୍ପ୍ରେରଣ ମିଳିଛି, ତାହାର ଅନୁସନ୍ଧାନ କରିବା ନିଶ୍ଚୟ ଆଗ୍ରହୋଦ୍ଦୀପକ ହେବ ମାତ୍ର ମୋର ସନ୍ଦେହ ହେଉଛି ଯେ ଏହିମାନେ ହିଁ ସ୍ୱାଧୀନତା ପରେ ଆମ ଦେଶରେ ସାହିତ୍ୟିକ ଜୀବନମଧ୍ୟ ଗତିକୁ ଶୀତଳ ଓ ବଡ଼ ସଙ୍କୁଚିତ କରି ଦେବାରେ ସବୁଠାରୁ ଅଧିକ ସହଯୋଗ କରିଛନ୍ତି । ଭାରତୀୟ ସାହିତ୍ୟର ଏକ ରୋମାଣ୍ଟିକ ଯୁଗରେ କବିଗୁରୁ ରବୀନ୍ଦ୍ରନାଥ ସବୁଜ ଓ କଞ୍ଚା ଅବୁଝା-ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ଓ ଆଘାତ ଦେଇ ସେମାନେ ଅଧାମରାମାନଙ୍କୁ ବଞ୍ଚାନ୍ତୁ ବୋଲି ଆହ୍ୱାନ ଜଣାଇଥିଲେ । ରୋମାଣ୍ଟିକ ଯୁଗରେ ମଞ୍ଜି ପଡ଼ିଥିବା ସାହିତ୍ୟ ଗଛର ଏହି ଫଳନ୍ତ ଯୁଗରେ କ୍ଷମତାଗ୍ରସ୍ତ ଅଧାମରାମାନେ ହିଁ ଏଡ଼ିକି ସବୁଜ ଓ କଞ୍ଚାମାନଙ୍କୁ ଦମନ୍ତି ଓ ତେଣୁ ଦମ୍ଭିକିୟା କରି ରଖିବାରେ ହିଁ ବଡ଼ ସାହାଯ୍ୟ କରୁଛନ୍ତି । ସ୍ୱାଧୀନତା-ପରବର୍ତ୍ତୀ ବିଗତ ଦୁଇଟି ଯାକ ଦଶନ୍ଧିରେ ଓଡ଼ିଶାର ସାହିତ୍ୟ ପ୍ରଧାନତଃ ରାଜନୀତି ବା କ୍ଷମତାନୀତିର ଆଶ୍ରୟରେ ହିଁ ରହିଆସିଛି । ଏହି ଲଜ୍ଜାକର ଯୁଗରେ ଆପଣାର ସମ୍ମାନ, ସ୍ୱୀକୃତି ଓ ସମ୍ଭ୍ରମ ରକ୍ଷା ଲାଗି ସାହିତ୍ୟିକ ଅଧିକାଂଶତଃ ମନ୍ତ୍ରୀମାନଙ୍କର ଦକ୍ଷିଣହସ୍ତକୁ ହିଁ ଅପେକ୍ଷା ରଖିଆସିଛି । ସବୁ ସଭା, ସବୁ ଶୋଭା, ସବୁ ଜୟନ୍ତୀ ଓ ସବୁ ବୈଜୟନ୍ତ

ବେଳକୁ ସାହିତ୍ୟର ବେଙ୍ଗ ମୁହଁକୁ କଳାକରି ଦେଇ ସତେ ଅବା ରାଜନୀତିକ ନେତାର ଜରିମୁକୁଟଟା ଅଧିକ ଜକ ଜକ ଦିଶିବାର ଦମ୍ଭ କରି ଆସିଛି । ଶାସନାରୂଢ଼ ନେତାମାନଙ୍କର ଟେରୁଅନ୍ନ ନ ଖାଇଲେ ବାଣୀ ସଂସ୍ଥାନର ସକଳ ସୃଷ୍ଟି ଓ ସକଳ ଗବେଷଣା ହୁଏତ ବନ୍ଧ୍ୟା ହୋଇଯିବ ବୋଲି ଅନେକେ ଆଶଙ୍କା ପ୍ରକାଶ କରନ୍ତି । ମନ୍ତ୍ରୀଙ୍କ ପାଖରେ ବସି ଆପଣାର ଫଟୋଟିଏ ଉଠିଗଲେ ସାହିତ୍ୟିକ କୃତ୍ୟ କୃତ୍ୟ ହୋଇଛି, ଏକ ସଭରେ ବସି ମନ୍ତ୍ରୀଙ୍କ ସହିତ କଥା କହିଲେ ଅଧ୍ୟାପକ ଆପଣାର ସକଳ ତୀର୍ଥକୁ ଗୋଟିଏ ଚରଣପାଦୁକାରେ ପାଇଗଲା ପରି ଅନୁଭବ କରିଛି । ଏସବୁ ଘଟିବା ଦ୍ୱାରା ସଭା ବା ଶାସନକୁ ତ ଲଜ୍ଜା କରିବାର କଥା ନୁହେଁ ଅଭ୍ୟାସରେ ପଡ଼ି ସାହିତ୍ୟିକ ମଧ୍ୟ ଏଥିରେ ଲଜ୍ଜା ଅନୁଭବ କରିବାର କର୍ତ୍ତବ୍ୟକୁ ପାଶୋରି ଦେଇଛି । ଓଡ଼ିଶାର ଏହି ଯୁଗରେ ଏହିପରି ଏକାଧିକ ସାହିତ୍ୟିକଙ୍କର ଉଦୟ ଓ ଗମନା ଗମନ ହୋଇଛି, ଯେଉଁମାନଙ୍କର ଅନୁରକ୍ତି ଓ ଅନୁଧ୍ୟାନର ନହକା ଚେରଟା ରାଜନୀତିରେ ରହିଛି, ସାହିତ୍ୟ କେବଳ ପାର୍ଶ୍ୱବର୍ତ୍ତୀ ଏକ ଅପ୍ରଧାନ ଆଗ୍ରହ ହୋଇ ରହିଛି । ସେମାନେ ରାଜନୀତିରେ ପଶି ହୁଏତ ସର୍ବପ୍ରକାର ଶୀଳଭଙ୍ଗ କରିଛନ୍ତି, ସବୁ ଅନୀତିରେ ହାତ ଧୋଇଛନ୍ତି, ମାତ୍ର ଏଣେ ମଝିରେ ମଝିରେ ସାହିତ୍ୟ ମେଳାରେ ନିଜର ଭଲ ମୁହଁଟା ଦେଖାଇ ବୁଲିବାକୁ ମଧ୍ୟ ଆପଣା ରୁଟିନ୍ ଭିତରେ ଅନ୍ତର୍ଗତ କରି ରଖିଛନ୍ତି । ପୁଣି ଏପରି ଖଣ୍ଡେ ଅଧେ ଉଦାହରଣ ବି ଦେଖିବାକୁ ମିଳିବ, ଯେଉଁଠିକି ସିଏ ସ୍ୱଭାବତଃ ହୃଦୟରେ ସାହିତ୍ୟକୁ ସ୍ୱଧର୍ମ ଓ ରାଜନୀତିକୁ ଏକପାର୍ଶ୍ୱଧର୍ମ ବୋଲି ମାନୁଥିଲା, ଅବସ୍ଥାଚକ୍ରର ଆବର୍ତ୍ତରେ ପଡ଼ି ସିଏ ମଧ୍ୟ କ୍ରମେ ରାଜନୀତି ଭିତରକୁ ହିଁ ଅଧିକରୁ ଅଧିକ ଗୋଡ଼ ଖସାଇ ଯାଇଛି ଓ କ୍ଷମତାକୁ ହିଁ ସାହିତ୍ୟର ସ୍ଥାନାପନ୍ନ ହିସାବରେ ଗ୍ରହଣ କରିନେଇଛି ।

ଆମକୁ ଭଲ ଲାଗୁ ବା ନଲାଗୁ ପଛକେ, ଏହାଦ୍ୱାରା ସାହିତ୍ୟର ହିଁ ହାନି ହୋଇଛି, ଏବଂ ସାହିତ୍ୟିକ ହିସାବରେ ଆମର ମର୍ଯ୍ୟାଦାରେ ହିଁ ହାନିହୋଇଛି । ଆମର ଅସଲ ଶ୍ରଦ୍ଧା ସାହିତ୍ୟ ପ୍ରତି ରହିଥିଲେ ହୁଏତ ଆମେ ସେଥିଲାଗି ଆବଶ୍ୟକ ସାଧନା କରିବା ସକାଶେ ମଧ୍ୟ

ପ୍ରସ୍ତୁତ ହୋଇ ପାରୁଥାନ୍ତି । ମାତ୍ର ବଡ ଲାଙ୍ଗୁଳଧରି ବଡହେବାର ମନ୍ଦସ୍ପର୍ଦ୍ଧା କରି ଆମେ ଆପଣା ସାହିତ୍ୟିକ ଭେକ ଓ ବିଭୂତିଗୁଡ଼ିକୁ ହିଁ ହରାଇ ବସିଛୁ । ଆଜି ଓଡ଼ିଶାରେ ଶତଗୁଣ ଅଧିକ କୃତ୍ରିମ ଓ ଢୋଲ ବଜାହୋଇ ସାହିତ୍ୟାନୁଷ୍ଠାନମାନ ବସୁଚି । କିନ୍ତୁ ଏପରି କରି ଆମେ ମୂଳତଃ ଆପଣା କୃତ୍ରିମ ଓ ଢୋଲଗୁଡାକୁ ହିଁ ପିଟିବାରେ ସରାଗ ଦେଖାଉଛୁ । ରାଜନୀତି କ୍ଷେତ୍ରରେ ଯେଉଁମାନେ ମୂଳତଃ କ୍ଷମତା ଚାହାନ୍ତି; ସେମାନେ ସେହି କ୍ଷମତାର ଭୋଗପାଇ ହିଁ ରହିଯାଆନ୍ତି, ସେମାନେ କୌଣସି ଲୋକ ନିର୍ମାଣରେ ଯଥାର୍ଥ ଭାଗନେଇ ପାରିନାହାନ୍ତି ବା କୌଣସି ଜନସମୂହର ଭାଗ୍ୟକୁ ବଦଳାଇ ପାରି ନାହାନ୍ତି । ଡାକ୍ତର ହୋଇ ଯେଉଁମାନେ ମୂଳତଃ ପଇସା ଚାହାନ୍ତି, ସେମାନେ ପଇସାରେ ହିଁ ବାନ୍ଧିହୋଇ ଯାଆନ୍ତି । ସେମାନଙ୍କ ଦ୍ୱାରା ଡାକ୍ତରୀ ବିଦ୍ୟାର କୌଣସି ଅଗ୍ରଗତି ହୁଏ ନାହିଁ ବା ଡାକ୍ତର ହିସାବରେ ସେମାନଙ୍କର ମଧ୍ୟ କୌଣସି ଉନ୍ନତି ହୁଏ ନାହିଁ । ସାହିତ୍ୟିକ ହୋଇ ଯେଉଁମାନେ ମୂଳତଃ ବାହା ବାହା ଚାହାନ୍ତି, ସେମାନେ ବାହାରେ ହିଁ ରହିଯାଆନ୍ତି । ଯିଏ ଯେଉଁ ପ୍ରକାରେ ଭଗବାନଙ୍କୁ ଭଜେ, ଭଗବାନ କୁଆଡ଼େ ସେହି ପ୍ରକାରେ ଓ ସେହି ରୂପରେ ହିଁ ତା ଜୀବନରେ ପ୍ରକଟ ହୁଅନ୍ତି ବୋଲି ଗୀତାରେ ଲେଖାଯାଇଛି । ଆମ ଭକ୍ତିହିଁ ଭଗବାନଙ୍କୁ ଆକାର ଦିଏ; ଆମର ଅନୁରକ୍ତି ହିଁ ଆମ ଜୀବନ ବିଚରଣର ମାନ ନିର୍ଣ୍ଣୟ କରିଥାଏ । ସାହିତ୍ୟିକ କ୍ଷମତା ଚାହୁଁଥିଲେ ରାଜନୀତି—ରଥରେ ଖୁଣ୍ଟିଆ ହେବାକୁ ଯାଏ, ପଇସା ଚାହୁଁଥିଲେ ଅନ୍ୟାନ୍ୟ କାର୍ଯ୍ୟ ସହିତ ପାଠ୍ୟ ପୁସ୍ତକ ଲେଖିବାର ପ୍ରେମରେ ହିଁ ପଡ଼ିଯାଏ । ଏହାଦ୍ୱାରା ପଦ ମିଳେ, ସ୍ୱୀକୃତି ମିଳେ, ପଇସା କରିହୁଏ ଓ କୋଠା ତୋଳାହୁଏ ସତ, ମାତ୍ର ସାହିତ୍ୟିକର ଅତି ଅଜାଣତରେ ତା'ର କାନ ଆଉ କାହା ହାତକୁ ଚାଲିଯାଏ । ପୁଣି ଯାହାର କାନ ଅନ୍ୟ ହାତରେ, ସେ ପୁଣି ସାହିତ୍ୟ ସୃଷ୍ଟି କରିବ କୁଆଡ଼ୁ ? ସୃଷ୍ଟି କରିବାକୁ ହେଲେ ଚତୁର୍ଦ୍ଦିଗର ଜୀବନ ତଥା ଆପଣାର ଅନ୍ତରତମ ଅନୁରକ୍ତି ପାଖରେ କାନ ଡେରିବା ଆବଶ୍ୟକ ହୁଏ ଏବଂ ଏହି ସାମର୍ଥ୍ୟ ଅର୍ଜନ କରିପାରିବା ଲାଗି ଆପଣାର କାନ ଆପଣା ଅକ୍ତିଆରରେ ହିଁ ମଧ୍ୟ ଆବଶ୍ୟକ ହୁଏ । ଶ୍ରୀଯୁକ୍ତ ବିନୋବା ଭାବେଙ୍କର ଭାଷାରେ କହିବାକୁ

ଗଲେ, "ଆଜ ସାହିତ୍ୟ ପ୍ରେମୀମାନେ ସରସ୍ୱତୀଙ୍କୁ ଛାଡ଼ି ଲକ୍ଷ୍ମୀଙ୍କର ଉପାସନା କରୁଚନ୍ତି । ଯଦି ସେମାନେ ସରସ୍ୱତୀଙ୍କୁ ଅନନ୍ୟ ଭକ୍ତି କରି ପାରନ୍ତେ ଓ ଲକ୍ଷ୍ମୀଙ୍କ ଆଡ଼କୁ ଅନାଇ ନଥାନ୍ତେ, ତେବେ ଲୋକ ସମାଜରେ ସେମାନଙ୍କର ମାହାତ୍ମ୍ୟକ ପ୍ରଭାବ ପଡ଼ନ୍ତା । ମାତ୍ର ଲକ୍ଷ୍ମୀଙ୍କ ଆଡକୁ ଅନାଇ ରହିଥିବାରୁ ଲକ୍ଷ୍ମୀମନ୍ତ ଧନୀମାନେ ସେମାନଙ୍କୁ କିଣିନେବା ସମ୍ଭବ ହୋଇଯାଉଚି, ଏପରିକି ସ୍ୱାଭାବିକ ମଧ୍ୟ ହୋଇ ଯାଉଚି ।" ଲକ୍ଷ୍ମୀ କହିଲେ ଏଠାରେ ପଇସା, ପ୍ରସିଦ୍ଧି ସବୁ ବୁଝାଇବା ଉଚିତ ।

ଯେଉଁ କାର୍ଯ୍ୟକୁ ମଣିଷ ପ୍ରକୃତିରେ ଭଲ ପାଏ, ତାହାର ସେହି କାର୍ଯ୍ୟ ହିଁ କରିବା ଉଚିତ୍ । ଆଧୁନିକ ମନୋବିଜ୍ଞାନ ସୁସ୍ଥ ବ୍ୟକ୍ତିତ୍ୱ ବିଷୟରେ ଏହିପରି ଏକ ସୂଚନା ଦେଇଥାଏ । ଅର୍ଥାତ୍ ମୋର ଅନୁରକ୍ତି କ୍ଷେତ୍ର ଓ ମୋର କାର୍ଯ୍ୟକ୍ଷେତ୍ର ଯଦି ଭିନ୍ନ ହୋଇଥାଏ, ତେବେ ତଦ୍ୱାରା ମୁଁ ମଧ୍ୟ ମୁଖ୍ୟତଃ ଖଣ୍ଡିତ ହୋଇ ରହେ ଏବଂ ମୋର ବିଚରଣ ସମ୍ପୃକ୍ତ ସକଳ କ୍ଷେତ୍ରକୁ ମୁଁ ପ୍ରଧାନତଃ ଖଣ୍ଡିତ କରି ଦେବାରେ ହିଁ ଅଧିକତର ସହଯୋଗ କରିଥାଏ । କ୍ଷମତା ଓ ରାଜନୀତି ଭିତରକୁ ଆପଣାର ଅସଲ ଅନୁରକ୍ତିକୁ ଲମ୍ବାଇ ରଖିଥିବା ସାହିତ୍ୟିକମାନେ ଆପେ ଖଣ୍ଡିତ ଓ ସନ୍ତପ୍ତ ହୋଇ ରହିବା ସଙ୍ଗେ ସଙ୍ଗେ ସାହିତ୍ୟ ଘରେ ମଧ୍ୟ ସନ୍ତାପ ବଢାନ୍ତି । ପଇସାକୁ ଆପଣାର ପ୍ରିୟତମ ଠେଲଘଞ୍ଚା କରି ରଖିଥିବା ସାହିତ୍ୟିକମାନେ ସବୁପ୍ରକାର ଅନୁଷ୍ଠାନିକ ଛଇ ସହିତ ସାହିତ୍ୟ ସାଧନା ଓ ସାହିତ୍ୟ ସୃଷ୍ଟିର କ୍ଷେତ୍ରରେ ପ୍ରଧାନତଃ ପଡ଼ିଆ ହୋଇ ରହନ୍ତି । କଥିତ ଅଛି ଯେ, ମହାକବି ବାଲ୍ମୀକି ସାହିତ୍ୟ ଚକ୍ଷୁର ଅନ୍ୱେଷଣରେ ବିକଳ ହୋଇ ବୁଲିବା ସମୟରେ କୁଆଡେ ଲକ୍ଷ୍ମୀଦେବୀ ଆସି ତାଙ୍କ ଆଗରେ ଉଭା ହୋଇଗଲେ ଓ ତାଙ୍କୁ ଅତୁଳ ଐଶ୍ୱର୍ଯ୍ୟର ଅଧିକାରୀ କରିଦେବାକୁ କହିଥିଲେ । ବାଲ୍ମୀକୀ ସରସ୍ୱତୀଙ୍କୁ ଖୋଜି ବାହାରିଥିଲେ, ତେଣୁ ସେ ଅତି ନମ୍ର ଭାବରେ ଲକ୍ଷ୍ମୀଙ୍କୁ ଅମରାବତୀକୁ ହିଁ ଫେରିଯିବାକୁ ଅନୁରୋଧ କରିଥିଲେ । କାହାଣୀଟି ସତ୍ୟ ନ ହୋଇଥିଲେ ମଧ୍ୟ ଏଥିରେ ପ୍ରସ୍ତାବିତ ହୋଇଥିବା ବ୍ୟଞ୍ଜନାଟି ସେ

କାଳରେ ଯେମିତି ସାହିତ୍ୟିକକୁ ତାର ସର୍ବୋତ୍ତମ ନିଧି ବିଷୟରେ ସଚେତ କରି ଦେଉଥିଲା, ଏ କାଳରେ ମଧ୍ୟ ଠିକ୍ ସେହିପରି ସଚେତ କରି ଦେଉଛି । ଅନୁରକ୍ତିର ଅବରୋହଣ ଶୃଙ୍ଖଳାକୁ ଭାରତୀୟ ଯୋଗଶାସ୍ତ୍ରରେ ବଡ଼ ସୁନ୍ଦର ଭାବରେ ଗୋଟିଏ ଦୃଷ୍ଟାନ୍ତ ଜରିଆରେ ସୂଚାଇ ଦିଆଯାଇଛି । ପର୍ବତର ଚୂଡ଼ାଯାଏ ଉଠିବା ଲାଗି ଯିଏ ଲକ୍ଷ୍ୟ କରି ବାହାରିଛି, କ୍ଲାନ୍ତ ଗିରିପଥ ଅତିକ୍ରମ କଲାବେଳେ ହୁଏତ ସେ ବାଟରେ କୌଣସି ସ୍ଥାନରେ ଶୀତଳ ଆରାମ ପାଇବ ସତ, କିନ୍ତୁ ପର୍ବତର ଶିଖରରେ ପହଞ୍ଚିଥିଲେ ସେ ବିଶ୍ୱକୁ ଯେପରି ଭାବରେ ଦେଖିବାକୁ ପାଇଥାନ୍ତା, ସେପରି ଦେଖିବାର ଭାଗ୍ୟରୁ ସେ ନିଶ୍ଚୟ ବଞ୍ଚିତ ହୋଇ ରହିବ । ସାହିତ୍ୟାନୁରକ୍ତି, ଅର୍ଥାତ୍ ଜୀବନ ପ୍ରତି ଅନୁରକ୍ତି ଓ ଜୀବନ ପ୍ରତି ଦାୟିତ୍ୱ ହେଉଛି ସାହିତ୍ୟିକର ଗିରିଶିଖର । ରାଜନୀତି, କ୍ଷମତା, ପଇସା ଓ ଆଉସବୁ ବାହା ବାହା ହେଉଛି ଅଧାବାଟରେ ଅଟକାଇ ରଖିବାକୁ ଚକ୍ରାନ୍ତ କରୁଥିବା ଶୀତଳ ତରୁଚ୍ଛାୟା ଓ ସରୋବର ।

ପ୍ରକୃତିର ନିୟମକୁ ଜାଣି, ବୁଝି ବିଜ୍ଞାନ ଆଗକୁ ଗଲେ । ବିଜ୍ଞାନ ବଳରେ ନୂଆ ଯନ୍ତ୍ରର ଉଦ୍ଭାବନ ହୁଏ, କିନ୍ତୁ ତଥାପି ବୈଜ୍ଞାନିକକୁ ଆମେ କେବଳ ନିୟମର ଏକ ଦାସ ବା ଯନ୍ତ୍ର ବୋଲି କହି ପାରିବା ନାହିଁ । ପୁରୁଣାକୁ ମାନିନେବା ବୈଜ୍ଞାନିକର କର୍ତ୍ତବ୍ୟ ହୋଇ ପଡ଼ିଲେ ବୈଜ୍ଞାନିକ ମୋଟା ଦରମା ପାଇ ମୋଟା ବାବୁ ହୋଇପାରେ ସତ, ମାତ୍ର ବିଜ୍ଞାନ ଅଟକି ଯାଏ । ନୂଆ ସକାଶେ ନୂତନ ଅଭିଳାଷ ସୃଷ୍ଟି କରାଇବା, ପ୍ରଚଳିତ ଓ ପ୍ରତିଷ୍ଠିତ ବ୍ୟବସ୍ଥାକୁ ଚରମ ବୋଲି ମାନି ନ ନେଇ ବୈଜ୍ଞାନିକକୁ ଉତ୍ତରୋତ୍ତର ନୂତନ ଦ୍ୱାରୋଦ୍‌ଘାଟନ କରିବା ଲାଗି ଆପଣାକୁ ପ୍ରସ୍ତୁତ ରଖିବାକୁ ପଡ଼େ । ପ୍ରତିଷ୍ଠିତ ନିୟମ, ପ୍ରତିଷ୍ଠିତ ଆଚାର ପ୍ରତିଷ୍ଠିତ ଓ ସମାଜ ସମ୍ମୁଖରେ ନୂତନ ଅନ୍ୱେଷଣର ବିଦ୍ରୋହ ବାନା ଉତ୍ତୋଳିତ କରି ରଖିବା ହେଉଛି ବୈଜ୍ଞାନିକର କର୍ତ୍ତବ୍ୟ ଏବଂ ଲୋକସାଧା- ଓ ସରକାରମାନଙ୍କୁ ବୈଜ୍ଞାନିକଠାରୁ ପ୍ରଥମେ ଏହି ମହତ୍ତ୍ୱପୂର୍ଣ୍ଣ ଶିକ୍ଷା ମିଳୁଥିବା ଆବଶ୍ୟକ ବୋଲି ଆମେରିକାର ବିଜ୍ଞାନ—ସମୀକ୍ଷକ ଶ୍ରୀଯୁକ୍ତ ବ୍ରୋନୋସ୍କି (jacob Brownowski) କହିଛନ୍ତି । ସାହିତ୍ୟିକ

ମଧ୍ଯ ସେଇଆ । ସଂସାର ଗୋଟାକୁ ମୋହ ଘାରିଥିବା ସମୟରେ ସାହିତ୍ୟିକଙ୍କୁ ସାହସ କରି ମୂର୍ତ୍ତି ଭାଙ୍ଗିବାକୁ ବାହାରିବ । ଦେଶଟା ଯାକ ସକଳ ଜୀବଜନ୍ତୁମାନେ ସଜ ହୋଇ ବାହାରିଥିଲେ ମଧ୍ଯ ସାହିତ୍ୟିକ ଲୁଚ୍ଚାକୁ ଲୁଚ୍ଚା ବୋଲି କହିବ ଓ ଫମ୍ପାକୁ ଫମ୍ପା ବୋଲି କହିବା ଯୁଗାନୁକୂଳ ହେବା ପୂର୍ବରୁ ତାକୁ ଆଗ ସାହିତ୍ୟାନୁକୂଳ ହୋଇ ଶିଖିବାକୁ ହେବ । ଯୁଗ ଶାସନର ପ୍ରଲୋଭନ ଓ ଧମକ ସତ୍ତ୍ୱେ ସେ ସକ୍ରେଟିସ୍‌ଙ୍କ ପରି କହିପାରିବ, "ମୁଁ ଭଗବାନଙ୍କର ବୋଲ ମାନିବ, ତୁମମାନଙ୍କର ବୋଲ ମାନିବ ନାହିଁ," ଭଗବାନଙ୍କର ବୋଲ ଅର୍ଥାତ୍ ସ୍ୱଧର୍ମର ବୋଲ, ଆପଣାର ଯଥାର୍ଥତମ ଅନୁରକ୍ତିର ବୋଲ, ଯେଉଁ ଅନୁରକ୍ତି ପାଖରେ କି ସେ ଆପଣାର ସମସ୍ତ ଗୁଣ ଓ ନୈପୁଣ୍ୟକୁ ହବିରୂପେ ନିବେଦନ କରିଦେଇପାରିବ । ଆଲ୍‌ବର୍ଟ ସ୍ୱାଇଜରଙ୍କ ଭାଷାରେ, "ଯଦି ଦର୍ଶନକୁହିଁ ତୁମେ ଆପଣା ଜୀବନର ରାସ୍ତାରୂପେ ବାଛିନେବ ତେବେ ମନେରଖ, ତୁମକୁ କେବଳ ପ୍ରସ୍ତରମୟ ବନ୍ଧୁର ରାସ୍ତାରେ ହିଁ ଯିବାକୁ ପଡ଼ିବ । ପଥୁରିଆ ରାସ୍ତାରେ ଯିବାକୁ ହେଲେ ତୁମର ମେରୁଦଣ୍ଡକୁ ଆଗ ମଜବୁତ କରିବାକୁ ପଡ଼ିବ । ମେରୁଦଣ୍ଡ ମଜବୁତ କରିହିଁ ତୁମେ ଦର୍ଶନର ରାସ୍ତାରେ ପ୍ରଥମ ପାଦ ପକାଇ ପାରିବ ।" ସାହିତ୍ୟ ମଧ୍ଯ ଜୀବନକୁ ଦେଖିବାର ଅର୍ଥାତ୍ ଦର୍ଶନର ଅନ୍ୟତମ ବାଟ । ତେଣୁ ସାହିତ୍ୟିକକୁ ଆପଣାର ମେରୁଦଣ୍ଡ ମଜବୁତ କରିବାକୁ ହେବ । ତେବେ ଯାଇ ସେ ଆପଣାର କର୍ତ୍ତବ୍ୟ କରିପାରିବ ।

ଆମେରିକାର ବିଗତ ରାଷ୍ଟ୍ରପତି କେନେଡ଼ି କୌଣସି ଉପଲକ୍ଷ୍ୟରେ କହିଥିଲେ, "ଯେତେବେଳେ କ୍ଷମତା ମଣିଷକୁ ଉଦ୍ଧତ କରିପକାଏ, କବିତା ସେତିକିବେଳେହିଁ ତାକୁ ତା'ର ସୀମାଗୁଡ଼ିକ ବିଷୟରେ ସଚେତ କରାଇଦେବାକୁ ଆସେ । ଯେତେବେଳେ କ୍ଷମତା ମଣିଷ ଜୀବନର ଆଗ୍ରହ-ଭୂମିକୁ ସଂକୀର୍ଣ୍ଣ କରି ପକାଇବାକୁ ବସେ, ସେତିକିବେଳେ କବିତା ହିଁ ତାକୁ ପରିଶୁଦ୍ଧ କରିବାଲାଗି ଆସେ ।" ଶ୍ରୀଯୁକ୍ତ କେନେଡ଼ି କବିତା ବିଷୟରେ ଯାହା କହିଚନ୍ତି, ସମଗ୍ରତଃ ସାହିତ୍ୟ ବିଷୟରେ ମଧ୍ଯ ଆମେ ସେଇ କଥା କହିପାରିବା ।

—o—

# ଭୟଭକ୍ତି ଓ ପ୍ରେମଭକ୍ତି

ଶ୍ରୀ ମହାପାତ୍ର ନୀଳମଣି ସାହୁ

ମୋର ସବୁକଥାକୁ ଭୟ । ପିଲାଦିନୁ ମୋର ସାପକୁ ଭୟ, ବେଙ୍ଗକୁ ବି ଭୟ । ଭୟ ମୋର ପିତାମାତାଙ୍କୁ, ଗୁରୁଜନଙ୍କୁ, ସାଧୁ ସନ୍ୟାସୀଙ୍କୁ—ଆଲୁଅକୁ, ଅନ୍ଧାରକୁ, ଦୁଷ୍ଟଜନଙ୍କୁ । ମୋର ପାପକୁ ଭୟ—ପୁଣ୍ୟକୁ ବି ଭୟ । ଭୂତକୁ ଭୟ, ଈଶ୍ୱରଙ୍କୁ ବି ଭୟ ।

ମୋର ଏଇଭୟ ଭାବକୁ ଦେଖି ବିଜ୍ଞଜନ ମାନେ କହିଲେ—ଆରେ ମୂଢ ! ତୁ ଯେଉଁ 'ଈଶ୍ୱର' 'ଈଶ୍ୱର' ହେଉଛୁ, ଏ ବି ତୋର ଭୟର ଡାକ । ଭଗବାନଙ୍କ ସଙ୍ଗେ ତୋର ଯେତିକ ପରିଚୟ ହୋଇଛି, ତାହା ତୋର ଭୟ—ଜନିତ ।

ବିଜ୍ଞଜନ ମାନେ ପ୍ରମାଣକରି ଦେଖାଇ ଦେଲେ ଯେ, ମୋର ସ୍ନେହ, ପ୍ରେମ, ଭକ୍ତି, କର୍ତ୍ତବ୍ୟ ଓ ଜ୍ଞାନ, ବୁଦ୍ଧି ଆଦି ଗୁଣ, ଯାହା ମେ ର ବିକାଶ ପାଉଛି—ସେ ଗୁଡ଼ିକର ଉତ୍ପତ୍ତି ଏଇ ପ୍ରାଥମିକ ଭୟରୁହିଁ ହୋଇଛି । ଏକଥା ନ କଲେ ଏ ଦଣ୍ଡଅଛି—ଅତଏବ ଏକଥା କର୍ତ୍ତବ୍ୟ,—କରିବ । ତାଙ୍କୁ ନମାନିଲେ ମୋର ଖରାପ ହେବ । ଏକଥା ନ ଜାଣିଲେ ମୋତେ ପ୍ରମାଦ ପଡ଼ିବ—ମୋର ଇଜ୍ଜତ ଗୁଲିଯିବ । ତଙ୍କୁ ଭଲ ନପାଇଲେ ସେ ମୋର କ୍ଷତିକରିବେ । ଏଇ ସବୁ ଭୟ । ଏମିତି ବୁଝିଲେ, ମନୁଷ୍ୟର ଜ୍ଞାନ, ବିଜ୍ଞାନ, କର୍ମଠତା ଓ ଆଧ୍ୟାତ୍ମିକତା ଆଦି ସବୁ ଏଇ ଭୟରୁ ବିକାଶ ପାଇଛି । ଅଗ୍ନିକୁ ଦେଖି ଆମେ ଡରିଲୁ । ତେଣୁ ତାକୁ ଦେବତା ଭାବି ଭକ୍ତି ଗଦ୍‌ଗଦ୍ ଚିତ୍ତରେ ତା'ର ସ୍ତୁତିକଲୁ । ପୁଣି ବିଜ୍ଞାନ ବୁଦ୍ଧିରେ ତାକୁ ଆୟତ୍ତ

କଲୁ—ବ୍ୟବହାରରେ ଲଗାଇଲୁ । ଏହି ପ୍ରକାରର ବିଶ୍ଳେଷଣରେ— ଭୟ ଅଛି ବୋଲି ଆମେ ଅଛୁ, ବିକାଶ ପାଉଛୁ ।

ମାତ୍ର ପ୍ରକୃତରେ କ'ଣ କଥାଟା ଏଇଆ ?

ଆଉ ଗୋଟିଏ ଦିଗରୁ ମଧ୍ୟ କଥାଟା ବିଚାର କରାଯାଇ ପାରେ । ଭୟ ଏକ ପାଶବିକ ପ୍ରବୃତ୍ତି । ଆହାର, ନିଦ୍ରା, ମୈଥୁନ ଭଳି ମଣିଷ ଭିତରେ ଏହା ଏକ ପାଶବିକ ସଂସ୍କାର ହୋଇପାରେ—ଆମର ପ୍ରାଣୀକ ଜୀବନର ସୁରକ୍ଷା ଓ ସମୃଦ୍ଧି ଲାଗି ଏଇ କେତୋଟି ପାଶବିକ ପ୍ରବୃତ୍ତି ଆମକୁ ସାହାଯ୍ୟ କରୁଛି, ମାତ୍ର ଆମର ମାନବିକ ପ୍ରବୃତ୍ତି ଓ ପ୍ରକୃତି ବିକାଶରେ ଏହାର ଅଣୁମାତ୍ର ସ୍ଥାନ ନାହିଁ । ଆମେ ଜନ୍ମ ସୂତ୍ରରେ କେବଳ ପଶୁସଂସ୍କାର ଗୁଡ଼ାଏ ନେଇ ଜନ୍ମ ହୋଇନାହୁଁ । ପଶୁରୁ ଉଠିଉଠି ବହୁଲକ୍ଷ ବର୍ଷ ପରେ ମଣିଷ ଆସିଲା ଏବଂ ସେ ମଣିଷର ବି ବହୁ ବିକାଶ ହେଲା । ତା'ଭିତରେ ଦୟା, କ୍ଷମା, ପ୍ରେମ, ତ୍ୟାଗ, ସୌନ୍ଦର୍ଯ୍ୟବୋଧ, ଶକ୍ତି, ଅଜଣାପ୍ରତି ଆକର୍ଷଣ ଲାଗି ଯେଉଁ ଦିବ୍ୟ-ବାସନା ବା ଅଭୀପ୍ସା ସାମାନ ଥିଲା, ସେଗୁଡ଼ିକୁ ମଧ୍ୟ ସଂସ୍କାର ରୂପେ ନେଇ ଆମେ ଜାତ ହୋଇଛୁ । ତେଣୁ କେବଳ ପଶୁସଂସ୍କାର ଗୁଡ଼ିକୁ ଆମର ସମସ୍ତ ପ୍ରକାର କ୍ରିୟା ଓ ଭାବମାନଙ୍କର ମୂଳଭିତ୍ତି ବୋଲି ମନେକରିବା ହାସ୍ୟାସ୍ପଦ ବ୍ୟାପାର । ବର୍ତ୍ତମାନ ଭୟ କଥାଟିକୁ ବିଶ୍ଳେଷଣ କରି ଦେଖାଯାଉ ।

ଖୁବ୍ ସଚେତନ ସାବଧାନତା ସହ ଦେଖିଲେ, ଭୟରୁ ଘୃଣା ବୋଲି ଏକ ଜଟିଳ ପ୍ରତିକ୍ରିୟା ଅତି ସୂକ୍ଷ୍ମ ରୂପରେ ଗୋପନରେ ଆମଭିତରେ ଜନ୍ମ ପାଇ ବଢୁଥାଏ । ସୁଯୋଗ ପାଇଲେ, ମୁଣ୍ଡଟେକ ଉଠେ । ଆମେ ଯାହାକୁ ଭୟରୁ ଭକ୍ତି କରୁଛେ, ସେ ବ୍ୟକ୍ତିର ରୂପ ପ୍ରତି ବା କୌଣସି ସଦ୍‌ଗୁଣ ପ୍ରତି ବା ତା'ର କ୍ଷମତା ପ୍ରଭାବ ପ୍ରତି ଆମର ଅବଚେତନ ମନ ଭିତରେ ଏକ ଘୃଣା ବା ବିଦ୍ୱେଷଭାବ ଗୋପନରେ ସଞ୍ଚିତ ହୋଇଥାଏ । ସୁଯୋଗ ପାଇଲେ ଅର୍ଥାତ୍ ସେହି ପ୍ରିୟଜନ ଠାରୁ ପ୍ରତ୍ୟାଶିତ ପ୍ରତିକ୍ରିୟା ବା ପ୍ରତିଦାନ ନ ପାଇଲେ

ହଠାତ୍ ସେହି ଗୋପନ ଘୃଣା ବା ବିଦ୍ୱେଷ ସାପପରି ଫଣାଟେକି ଉଠେ । ଭକ୍ତି ଚାଲିଯାଏ । ମୋଟକଥା ଭୟପ୍ରସୂତ ଭକ୍ତି ସର୍ବଦା ନିର୍ଭର କରିଥାଏ ଏକ ଅହଂକେନ୍ଦ୍ରିକ ପ୍ରତ୍ୟାଶା ଉପରେ । ସେ ସ୍ଥଳରେ ଭକ୍ତିଭଜନ ପ୍ରତି କୌଣସି ରହସ୍ୟାତ୍ମକ ଗଭୀରମାୟା ଆମର ନଥାଏ । ଆମେ ତାଙ୍କୁ ବୁଝିବାକୁ ଚାହୁଁନା । ତା' ସଙ୍ଗେ ମିଶି ଏକ ହେବାକୁ ଚାହୁଁନା । ବ୍ୟବଧାନ ରଖି, ଏକ ସ୍ୱାର୍ଥ ବୁଦ୍ଧିରେ ପରିଚାଳିତ ହୋଇ ଆମର ଅହଙ୍କାର ଉତ୍ତେଜନା ବା ଆବେଗ ତତ୍ସଙ୍ଗେ ମିଶାଇ ଆମର ଆବଶ୍ୟକତା ଅନୁଯାୟୀ ଆମେ ତାଙ୍କୁ ବୁଝୁ ବା ସ୍ତୁତିକରୁ ବା ତା'ର ଗୁଣକୀର୍ତ୍ତନ କରୁ । ତେଣୁ ଭୟଜନିତ ଭକ୍ତି ଏକ ସତର୍କତା ମୂଳକ ମନୋଭାବରୁ ଜାତ ହୋଇଥାଏ ଏବଂ ଏହାଏକ ବ୍ୟବହାରିକ ପ୍ରବୃତ୍ତିଗତ ବ୍ୟାପାର । ନିଜର କଳ୍ପିତ ସୁଖ ଓ ନିରାପତ୍ତି ବୁଦ୍ଧିମାନ ମନୁଷ୍ୟ ସଜ୍ଞାନରେ ବା ଅଜ୍ଞାନରେ ଏହି ପାଶବିକ ଭୟ—ପ୍ରବୃତ୍ତିର ସଦ୍ ବ୍ୟବହାର କରିଥାଏ ମାତ୍ର ।

ମାତ୍ର ଉନ୍ନତ ମଣିଷମାନେ, ଅର୍ଥାତ ଆତ୍ମ—ସନ୍ଧାନୀ, ଆତ୍ମଦର୍ଶୀ ଓ ଆତ୍ମାରାମ ବ୍ୟକ୍ତିମାନେ ଏହି ପଶୁ ପ୍ରବୃତ୍ତିରୁ ନିଜେ ମୁକ୍ତି ପାଇଥାନ୍ତି ଓ ଅନ୍ୟଙ୍କୁ ଏ ସମ୍ବନ୍ଧେ ସଚେତନ ହେବାକୁ ପ୍ରବର୍ତ୍ତାଇ ଥାନ୍ତି । ସେମାନେ ଲୋଭଲାଗି ଆହାରକରନ୍ତି ନାହିଁ—ଆଳସ୍ୟଲାଗି ଶୁଅନ୍ତି ନାହିଁ—ମୈଥୁନଲାଗି ପ୍ରେମ କରନ୍ତି ନାହିଁ ଏବଂ ଭୟଯୋଗୁଁ ଭକ୍ତିକରନ୍ତି ନାହିଁ ।

ଅଜ୍ଞାନକୁ ଭୟକରି, ମାନେ ଅଜ୍ଞାନଆମକୁ ବିପଦରେ ପକାଇ ଦେବ—ଆମର ସମ୍ମାନ ନଷ୍ଟ କରିଦେବ, ଏହାଭାବି ଯେଉଁମାନେ ଜ୍ଞାନରେ ପ୍ରବୃତ୍ତ ହୁଅନ୍ତି—ସେମାନେ ଜ୍ଞାନ-ପଥରେ ବେଶୀଦୂର ଯାଇ ପାରନ୍ତିନାହିଁ । ସେମାନେ ଖୁବ୍ ବେଶୀହେଲେ ବ୍ୟାବହାରିକ ଜ୍ଞାନଟିକି ପାଇ ସନ୍ତୁଷ୍ଟ ହୋଇଯାନ୍ତି । ପୁଣି କୌଣସି ସୂତ୍ରରେ ଯଦି ସେମାନେ ବୁଝିପାରନ୍ତି ଯେ ଜ୍ଞାନହୀନ ବ୍ୟକ୍ତି ସମାଜରେ ଶ୍ରେଷ୍ଠ ଆସନ ପାଇ ଯାଉଛି ବା ଅଧିକ ନିରାପଦ ହୋଇଯାଉଛି, ତେବେ ଜ୍ଞାନସ୍ପୃହା ବି ତାଙ୍କର ଚାଲିଯାଏ ।

ଭଗବାନଙ୍କୁ ଯେ ଯେମିତି ଭାବେ ଦେଖିବ ତାଙ୍କୁ ସେ ସେହି ଭାବରେ ଦେଖାଦେବେ । ଦ୍ୱେଷଭାବରେ, ଭୟ ଭାବରେ, ପ୍ରେମ ଭାବରେ ଭଗବାନଙ୍କୁ ପାଇହେବ । ତା'ମାନେ ସତ୍ୟକୁ ଆମେ ଯେଉଁଭାବରେ ଦେଖିବା, ସତ୍ୟ ଆମକୁ ଦିଶିବ ତଦ୍ରୂପ । ମାତ୍ର 'ସତ୍ୟ' ବା 'ଭଗବାନଙ୍କ' ପ୍ରତି ପ୍ରେମଭାବହିଁ ତାଙ୍କୁ ପୂର୍ଣ୍ଣଭାବେ ପାଇବାର ବାଟ । ଭୟ ବା ଦ୍ୱେଷଜନିତ ଭକ୍ତି ଚିରସ୍ଥାୟୀ ନୁହେଁ—କି ସେଥିରେ ସ୍ୱାଦ-ନାହିଁ । ତେବେ ଏହାମଧ୍ୟ ସମାନସତ୍ୟ ଯେ, ସ୍ୱାଦ ବହୁବିଧ—କିଏ ତିକ୍ତର ସ୍ୱାଦଭଲ ପାଏତ—କିଏ କଟୁ କିଏବା ଅମ୍ଳ । କଂସକୁ ଦ୍ୱେଷଭାବ ସୁଆଦ ଲାଗୁଥିଲା । ଗୋପୀଙ୍କୁ ପ୍ରେମଭାବ ସୁଆଦ । ତେବେ ଯୋଉ ସୁଆଦର ଯୋଉ ପ୍ରତିକ୍ରିୟା । ଶ୍ରୀ ରାମକୃଷ୍ଣ କହୁଥିଲେ—"ଯତମତ, ତତପଥ ।" ଶ୍ରୀ ଜଗନ୍ନାଥ ଦାସ କହିଲେ—"କି ଏବା ଅଛି କୋଉମତେ, ତାହା ମୁଁ ଜାଣିବ କେମନ୍ତେ ।"···"ଦେଖ ଏ ଯେତେ ନଦନଦୀ, ସମସ୍ତେ ମିଳନ୍ତି ଜଳଧି ।" ଗୀତା କହିଲେ—"ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ତଥୈବ ଭଜାମ୍ୟହଂ ।"

କିନ୍ତୁ ଗୋଟାଏ କଥା—ଭୟଜନିତ ଭକ୍ତି ଉନ୍ନତ ଚେତନାର ପରିଚାୟିକା ନୁହେଁ । ମଣିଷର ଚେତନା ଯେତିକି ବିକଶିତ ହେଉଛି—ଯେତିକି ବିସ୍ତାରିତ ହେଉଛି—ଯେତିକି ଗଭୀର ହେଉଛି—ତା'ର ଭଗବାନଙ୍କ ସମ୍ପର୍କରେ ତାଙ୍କୁ ପାଇବାର ପଥ ସମ୍ପର୍କରେ ଧାରଣା ଓ ଅନୁଭବମାନ ସେତିକି ବଦଳି ଯାଉଛି । ଭୟଜନିତ ଭକ୍ତି ଆଦିମ-ଚେତନାର ବ୍ୟାପାର—ଏହା ପ୍ରାଣିକ । ପୁଣି ଏହା ଜଟିଳ ଚେତନାର ବି ବ୍ୟାପାର ଏହା ନିମ୍ନସ୍ତରରେ ମାନସିକ । ଯେଉଁ ମାନସ ହିସାବୀ ବୁଦ୍ଧିରେ କାରବାର କରେ ।

ଆମର ଅବିଦ୍ୟାଗ୍ରସ୍ତ ଅବୈଜ୍ଞାନିକ ମାନସିକ ସଂସ୍କାର—ପୁଣି ଲେକାୟତ ଧର୍ମଶାସ୍ତ୍ର ମାନ ଓ ଅତି ସୀମିତ ମାର୍ଗଗ୍ରନ୍ଥମାନ ଏବଂ ସାମାଜିକ କୁସଂସ୍କାରାଚ୍ଛନ୍ନ ପରିବେଶ ସବୁ ଏଇ ଭୟଭାବ ଆମ ରକ୍ତରେ ସୃଷ୍ଟି କରିଛନ୍ତି । ସେଥିପାଇଁ ଆମେ ଭୂତପ୍ରେତକୁ ଭୟକରୁ ଓ ଭଗବାନଙ୍କୁ ବି ଭୟକରୁ ।

ଆମ ଅଧିକାଂଶଙ୍କର ଧାରଣା—ଭଗବାନ ବୋଲି ଜଣେ ଅତି ବଳଶାଳୀ କ୍ଷମତାପନ୍ନ ବଡ଼ଲୋକ ଆମ ମୁଣ୍ଡଉପର ଆକାଶର କୌଣସି ସ୍ଥାନରେ ଚୌକି ପକାଇ ବସିଛନ୍ତି—ହାତରେ ତାଙ୍କର ବେତ । ଯେ ତାଙ୍କୁ ନ ମାନିଲା ବା କିଛି ଭୁଲକଲା—ଖାଇଲା ତାଙ୍କଠୁଁ ନିସ୍ତୁକ ମାଡ଼ ।

ଏ ଅତି ହାସ୍ୟକାଣ୍ଡ ଧାରଣା । ଭଗବାନ ଆମ ଭଳି ନୃଶଂସ ପ୍ରତିହିଂସା ପରାୟଣ, ବଦ୍‌ରାଗୀ, କ୍ଷମାହୀନ ଶିକ୍ଷକ, ଶାସକ ବା ପିତା ନୁହନ୍ତି ଯେ ଆମର ଟିକିଏ ଦୋଷପାଇଁ ସେ ହଠାତ୍ ରାଗିଯାଇ ଆମକୁ ଅନ୍ଧାଧୁନ୍ଦା ଛେଚି ଦେଇଯିବେ । ତାଙ୍କର ଅନନ୍ତ ସୃଷ୍ଟିରେ ଆମେ କେତେ ନଗଣ୍ୟ ଧୂଳିକଣା ପରି, କଇବା ଦୋଷ କରିବୁ ଆମେ ? ଆଉ କେତେ ବଡ଼ବା ସେ ଦୋଷ ଆମର ? ଆମର ସାମାନ୍ୟ ଦୋଷରେ ତାଙ୍କ ଅନନ୍ତ ବ୍ରହ୍ମାଣ୍ଡର କଅଣ ବା କୋଉଠି ବିଗିଡ଼ି ଯିବ ? ପୁଣି କି କ୍ଷତି ଆମେ କରିଦେବୁ ଯେ—ଯାହା ତାଙ୍କ ପକ୍ଷେ ଅପୂରଣୀୟ ।

ଅବଶ୍ୟ ଏହା ବୋଲି ଆମେ ଯେ ଭଗବାନଙ୍କ ଆଖିରେ ଅତି ହେୟ, ନଗଣ୍ୟ ଓ ଅବହେଳାର ଜୀବ ତା' ମଧ୍ୟ ନୁହେଁ । କଥାଟା ବୋଧେ ଏଇପରି ମୋର ସାନପୁଅଟି ଦଶପଇସା ନେଇ ବଜାରକୁ ଗଲା, ଚକୋଲେଟ୍ କିଣିବ ବୋଲି । ପଇସାଟି ହଜାଇ ଦେଲା । ତା' ଦୋଷରୁ ପଇସାଟି ହଜାଇ ଚକୋଲେଟ୍ ସୁଆଦରୁ ବଞ୍ଚିତ ହେଲା । କିଛି ଦୁଃଖ ବି ପାଇଲା, ମାତ୍ର ମୁଁ କି ସେ ଲାଗି ତାକୁ ମାଡ଼ ମାରି ମାରି ପିଠିରୁ ଛାଲ ଉତାରି ଦେବି ? ନା—ତାକୁ କୃତ୍ରିମ ରାଗରେ ସାବଧାନ କରି ଦେଇ ଆଉଗୋଟେ ପଇସା ଦେବି ?

ଏ ଉଦାହରଣଟା ବି ଭଗବାନଙ୍କୁ ବୁଝିବା ଲାଗି ଅକୁଳାଣ ହେବ । ଭଗବାନ କି କୃପାଳୁ, କି ପ୍ରେମିକ—ତାହା କେମିତି ଆମେ ମାପିବା ? ଆମ ବୁଦ୍ଧିର ଏତେ ବହପ କାହିଁ । ସିନ୍ଧୁ ପରି ତାଙ୍କ କୃପାବିନ୍ଦୁ !

ଆରେ ଭାଇ ଅସଲ କଥାଟା ହେଉଛି ଏଇଆ । ଆମେ ଯେଉଁ କର୍ମ କରିବା, ସେ କର୍ମର ଫଳ ଅତି ସ୍ୱାଭାବିକ ଭୋଗିବା । ନାକଯାଏ ଗିଳିଗଲେ ଅଜୀର୍ଣ୍ଣ ହେବ; ଆଖି ବୁଜି ଚାଲିଲେ ଖଣାରେ ପଡ଼ିବା ! ଅବଶ୍ୟ ମଝିରେ ଯଦି ଚେତା ଫେରି ଆସି ଈଶ୍ୱର ମୁଖୀ ହୁଏ, ତେବେ ରକ୍ଷା ମିଳିଯିବ । ଅଜୀର୍ଣ୍ଣ ପାଇଁ ଔଷଧ ମିଳିଯିବ । ଖଣାରୁ ଉଠିବାକୁ ସିଡ଼ି ପାଇଯିବା । ଆମେ ଆଉ ପ୍ରବୃତ୍ତିର ବନ୍ଧନ ଭିତରେ ପଡ଼ିବା ନାହିଁ । ଆମର ଚେଷ୍ଟା ଚାଲିବ—ଅନ୍ତରିପୁ ବା ପ୍ରବୃତ୍ତିମାନଙ୍କ ଫାଶକୁ ଡେଇଁଯିବା ଲାଗି ।

କିଏ ଯଦି କହେ, ଯାହାର ରିପୁମାନଙ୍କ ଫାଶକୁ ଡେଇଁ ଚାଲିଯିବାର ପ୍ରବୃତ୍ତି ସ୍ୱାଭାବିକ ଭାବେ ଆସୁନାହିଁ, ସେ କ'ଣ କରିବ ? ସେ କ'ଣ ଏପରି ନିରାଶ୍ରୟ ଭାବେ କେବଳ ପ୍ରବୃତ୍ତି ଦ୍ୱାରା ମାଡ଼ଖାଇ ଚାଲିଥିବ ? ଏହାର ଉତ୍ତର ହେଉଛି, 'ହଁ' । 'ମାଡ଼' ତା'ର ଦରକାର । ଆମର ଆତ୍ମା ହେଉଛି 'ସୁନା' ଭଳି ଉଜ୍ଜ୍ୱଳ, ମାତ୍ର ଯେଉଁ ସୁନାରେ ଖାଦ ମିଶିଛି—ବଣିଆ ତାକୁ ନିଆଁରେ ଆଉଟି ଆଉଟି ପିଟି ପିଟି ଉଜ୍ଜ୍ୱଳ କରିବ । 'ମାଡ଼' ଏଠି ପ୍ରଭୁଙ୍କର କୃପା । ପ୍ରେମର ନିଦର୍ଶନ । ଆମେତ ଫେରି ଆମ ପିଲାଙ୍କୁ ମାରୁ ? ତା'ର ଦୋଷଲାଗି ପ୍ରତିହିଂସା-ପରାୟଣ ହୋଇ ଦଣ୍ଡ ଦେଉ ନାହୁଁ । କ୍ରୋଧହୀନ ହୋଇ ପ୍ରେମରେ ଆମେ ତାଠୁଁ ଦୋଷ ଛଡ଼ାଇବାକୁ କେବେ କେବେ ପିଟୁ ଏବଂ ପିଲା କାନ୍ଦିଲେ ଆମ ଛାତି ଆଉଟି ହୋଇଯାଏ କରୁଣାରେ । ଭଗବାନ ପରା ପରମ୍ କାରୁଣିକ ! ଆମକୁ ବି ଯେତେବେଳେ ସେ ପିଟନ୍ତି, କାନ୍ଦି କାନ୍ଦି ପିଟନ୍ତି । ଆହା ! ପ୍ରଭୁଙ୍କ ଆଖିରୁତ ସବୁବେଳେ ଲୁହ ବୋହୁଛି । ତାଙ୍କ ଆଖିରୁ ଲୁହ ପୋଛିବାକୁ ଭଲା କିଏ ଅଛି ? ନା, ନା, ସେ ଲୁହତ ଦୁଃଖାଶ୍ରୁ ନୁହେଁ, ଆମଭଳି ! ସେ ଯେ କରୁଣାଶ୍ରୁ । ସେଥିରେ ଯନ୍ତ୍ରଣା ନାହିଁ । ସେଇ କରୁଣାଶ୍ରୁ ହେଉଛି ଅମୃତର ଧାରା । ଆମ ଉପରେ ସେଇ ଅଶ୍ରୁ ବର୍ଷିତ ହେଉଛି ନିତ୍ୟ । ସେଇ ଅଶ୍ରୁତ ଏଇ ସମୁଦ୍ର, ଏଇ ବର୍ଷାଧାରା, ଏଇ ନଦୀ ଓ ଝରଣା, ଏଇ ଶିଶିର ବିନ୍ଦୁମାନ, ଏଇ ମାତୃ ସ୍ତନ୍ୟ । ଆମର ଏଇ ପୃଥିବୀ ଆଉ ଏଇ ବିଶ୍ୱ ବ୍ରହ୍ମାଣ୍ଡ ବି

ସେଇ ପରମ କାରୁଣିକଙ୍କ କରୁଣାଶ୍ରୁ—ସାଗରରେ ଭାସୁଛୁ । ଆରେ ଭାଇ ! ମାଲିକ ଆମର ଦଣ୍ଡଦାତା ନୁହନ୍ତି—ପ୍ରାଣକର୍ତ୍ତା । ଆମର ବିଷକୁ ବହନ କରି ସେ ବୁଲୁଛନ୍ତି । ସେ ଆମର ଗରଳକୁ ପାନ କରୁଛନ୍ତି ।

ତାଙ୍କୁ ତେବେ ଭୟ କାହିଁକି ? ମଣିଷ ଯେତେବେଳେ ପଶୁ ପ୍ରବୃତ୍ତିର ଦାସ ହୁଏ; ପୁଣି ସେହି ପ୍ରବୃତ୍ତିର ସନ୍ତୋଷ ବିଧାନ ଲାଗି ଆପଣର ବୁଦ୍ଧି-ବୃତ୍ତିର ସାହାଯ୍ୟ ନିଏ, ସେତେବେଳେ ଏହି ଭୟଭାବ ତା' ପକ୍ଷରେ ଏକ ସୁଯୋଗରୂପେ କାର୍ଯ୍ୟକରେ । ତେଣୁ ଭୟ ହେଉଛି ଆମର ପ୍ରାଣ ଓ ମନର ସୃଷ୍ଟି ! ତଫାତ୍ ହେଉଛି, ପ୍ରାଣ ଅଜାଣତରେ ଭୟକରେ ଏବଂ ମନ ଏକ ପ୍ରକାର ଜାଣି ଜାଣି ଭୟକରେ । ପଶୁର ଭୟ ଦେହଗତ, ଅସୁରର ଭୟ ପ୍ରାଣଗତ ଏବଂ ମନୁଷ୍ୟର ଭୟ ବୁଦ୍ଧିଗତ ଦେବତାମାନେ ପଶୁକୁ ଭୟ କରନ୍ତି ନାହିଁ । କାରଣ ସେମାନଙ୍କର ଦୈହିକ ସମସ୍ୟା ନଥାଏ । ଦେବତାଙ୍କର ଯେତେଭୟ—ଉଚ୍ଛୋଭରତ ଅସୁରଙ୍କୁ ଓ ତପସ୍ୟାରତ ମନୁଷ୍ୟଙ୍କୁ । ଅ ଜ ଏହି ପ୍ରାଣଗତ ଉଚ୍ଛୋଭ ଓ ଓ ମାନସିକ ତପସ୍ୟା ଉଭୟ 'ଅହଂକାର'’ରୁ ଜାତ ହୁଅନ୍ତି ।

ଅସୁର ସର୍ବଦା ଅଶାନ୍ତ—ତା'ର ପ୍ରାଣ ସର୍ବଦା ଅସ୍ଥିର। ସେ ପ୍ରାଣହାନିର ଆଶଂକାରେ ଜର୍ଜରିତ ହୋଇ 'ଅମୃତ' ଲାଗି ଉନ୍ମତ ହୋଇଉଠେ । ସେ 'ଅମୃତ'କୁ ପାଇବାକୁ ଚାହେଁ—ଗ୍ରାସ କରିବାକୁ ବ୍ୟସ୍ତ ହୋଇପଡେ ।

ଆଉ ମଣିଷ ଚାହେଁ, 'ଅମୃତ'କୁ ବୁଝିବାକୁ । ତା'ର ମନ ସର୍ବଦା ଅସ୍ଥିର । ତା'ର ବୁଦ୍ଧି ସର୍ବଦା ବିବ୍ରତ । ସେ ଅମୃତର ରହସ୍ୟକୁ ତା'ର ବୁଦ୍ଧିଗତ ବିଶ୍ଳେଷଣ ପ୍ରକ୍ରିୟାରେ ବୁଝିବ—ଏଥିଲାଗି ତା'ର ତପସ୍ୟା । ସେ ଅମୃତକୁ ଗିଳିବାକୁ ଚାହେ ମନରେ ।

ଶେଷକଥା ଉଭୟ କ୍ଷେତ୍ରରେ ଦାବୀଟି ଅହଂଗ୍ରସ୍ତ, ତେଣୁ ଉଭୟେ 'ଅମୃତ'ର ଅଧିକାରୀଙ୍କ ପ୍ରତି ଆପଣାର ଅବଚେତନରେ ଭୟଭାବ ପୋଷଣ କରିଥାନ୍ତି । ଏବଂ ଟିକିଏ ତଳେଇ କରି ଦେଖିଲେ ।

ଏହି ଉପଲବ୍ଧ ସଙ୍ଗେ ସଙ୍ଗେ ଘୃଣା ଓ ବିଦ୍ୱେଷଭଳି ଜଟିଳ ଓ ପ୍ରକ୍ରିୟାମାନ ମଧ୍ୟ ଅମୃତର ଅଧିକାରୀ (ଭଗବାନ) ଙ୍କ ବିରୁଦ୍ଧରେ ଖୁବ୍ ବେଗବାନରେ ବଢି ଚାଲିଥାଏ ।

ଶେଷଫଳ ହୁଏ, ଅସୁରଙ୍କ ପେଟରେ ଚିରଦିନ 'କ୍ଷୁଧାର ଜ୍ୱାଳା' ଓ ମଣିଷର ମନରେ ଚିରଦିନ 'ଅବୁଝାର ଅଶାନ୍ତି ।

ଅସୁରଓ ମନୁଷ୍ୟ ସ୍ୱତନ୍ତ୍ର ଜାତି ନୁହନ୍ତି, ପ୍ରାଣ ପ୍ରଧାନ ମଣିଷ, ଅସୁର, ମନ ପ୍ରଧାନ ମଣିଷ---ମଣିଷ ଶୁଦ୍ଧ ମଣିଷ ।

କିନ୍ତୁ ଦେହ, ପ୍ରାଣ ଓ ମନର ଊର୍ଦ୍ଧ୍ୱରେ ମାନେ ଆମର ଅନ୍ତଃସ୍ଥଳରେ ରହିଛନ୍ତି ଚୈତ୍ୟ ପୁରୁଷ । ସେ ହେଉଛନ୍ତି ଆମର ଆତ୍ମସଂସର୍ଗୀ ପୁରୁଷ । ତାଙ୍କଠାରେ ଦେହ, ପ୍ରାଣ, ମନର ଏ ବୃଥା ଅହଂବାଦ ଉଦ୍ବୋଧ ଓ ଅଶାନ୍ତି ନାହିଁ । ଆମର ଅନ୍ତରର ନିଗୂଢ ଦେଶ ହେଉଛି ଚୈତ୍ୟ ପୁରୁଷଙ୍କ ରାଜ୍ୟ । ସେଠି ଚାଲିଛି ପ୍ରେମର ଲୀଳା ସତ୍ୟ ସଙ୍ଗେ, ତତ୍ତ୍ୱ ସଙ୍ଗେ, ପରମାତ୍ମାଙ୍କ ସଙ୍ଗେ, ଅମୃତାଧୀଶଙ୍କ ସଙ୍ଗେ । ସେଠି ଚାଲିଛି ପ୍ରେମର ଧରାପରା, ପ୍ରେମର ନିତ୍ୟରାସ । ଜ୍ଞାନ ସେଠି ପ୍ରେମମୟ, କର୍ମମଧ୍ୟ ପ୍ରେମମୟ ଓ ଶେଷରେ ଭକ୍ତି ସେଠି ପ୍ରେମ ଭକ୍ତି ।

ଆରେ ଭାଇ ! 'ପ୍ରେମ' ହିଁ ଅସଲ । ପ୍ରେମହିଁ ଅସଲ । ବିନା କାରଣରେ ପ୍ରେମ । ବିନା କାରଣରେ ମାନେ ସବୁ କାରଣ ପାଇଁ । ଗୋଟିଏ ଦିଓଟି କାରଣ ଯୋଗୁନୁହେଁ । ଅରୂପମାନେ ରୂପହୀନ ନୁହେଁ । ଅନନ୍ତରୂପ ପ୍ରକାଶ୍ୟରେ ଓ ସମ୍ଭାବନାରେ, ନିର୍ଗୁଣମାନେ ଗୁଣହୀନ ନୁହେଁ । ଅନନ୍ତ ଗୁଣ ପ୍ରକାଶ୍ୟରେ ଓ ସମ୍ଭାବନାରେ । ସେମିତି ଅକାରଣ ମାନେ ଅନନ୍ତ କାରଣ—ପ୍ରକାଶ୍ୟରେ ଓ ସମ୍ଭାବନାରେ । କାହିଁକି ମୁଁ ମୁଁ ତାଙ୍କୁ ଭଲପାଏ ? ଗୋଟେ କିଛି ନିର୍ଦ୍ଦିଷ୍ଟ କାରଣ ନାହିଁ ତା' ଲାଗି । ଯଦିଓ ସବୁ କାରଣ ରହିଛି, ତା'ର ଭିତରେ । ତାଙ୍କୁ ପାଇବା ଲାଗି ବା ଜାଣିବା ଲାଗି ଏକ ଅହଂଗତ ପ୍ରେରଣାର ବଶବର୍ତ୍ତୀ ହୋଇ ମୁଁ ତ ତାଙ୍କୁ ଭଲ ପାଉ ନାହିଁ । ମୁଁ ଜାଣେନା ତା'ର କାରଣ, ତାଙ୍କୁ ଭୟ କରି ନୁହେଁ । ଦେଖି ଦେଖି ତାଙ୍କ ପ୍ରେମରେ ପଡିଲି । ତାଙ୍କ

ନାମ ଶୁଣୁ ଶୁଣୁ ଆତ୍ମା ଝାଣି ହୋଇଗଲା, ଆପଣାଛୁଏଁ ତାଙ୍କର ଆଉକୁ ସେତିକି ମୋ ଭିତରେ ଥାଇ ସେ ମୋ ନାଁ ଧରି ହନେ ଡାକଲେ । ମୁଁ ବ୍ୟାକୁଳ ହୋଇ ଦଉଡ଼ୁଛି ତାଙ୍କ ପଛରେ ସେଇହନୁ । ଅସଲ କଥା ମୁଁ କଣ ବୁଝି ବିଚାରି ତାଙ୍କୁ ଖୋଜୁଥିଲି ? ତାଙ୍କ ପିଛୁ ଧରିଥିଲି ? ସେଇ ପରମ ପ୍ରେମିକ ମୋତେ ତାଙ୍କ ପ୍ରେମିକା ରୂପେ ବରଣ କରିଛନ୍ତି ।

ତୁମେ କ'ଣ ଭାବୁଛ ମୁଁ ତାଙ୍କୁ ଦେଖିକରି ତାଙ୍କ ପ୍ରେମରେ ପଡ଼ିଛି । ଏ ଆଖିର ଏତେଭାଗ୍ୟ କାହିଁ ? ଏତେ ତପସ୍ୟା କାହିଁ ? ତାଙ୍କଡାକ ବି କ'ଣ ଶୁଣିଛି ? ଏ କାନର ବି ଏତେଭାଗ୍ୟ, ଏତେ ତପସ୍ୟା କାହୁଁ ଅଇଲା ! ତେବେ ? କେମିତି ମୁଁ ତାଙ୍କୁ ଭଲପାଇଲି ପଚାରୁଛ । ଶୁଣ ତେବେ । ଜଗନ୍ନାଥ ସଡ଼କ କଡ଼ରେ ମୋର ଘର । ପୁରୁଷୋତ୍ତମରୁ ବହୁତ ବାଟ । ରାସ୍ତାକଡ଼ରେ ଠିଆ ହୋଇଥାଏ । ଶହଶହ ସାଧୁ, ସନ୍ଥ ଫେରୁଥାନ୍ତି ହୃଷ୍ଟମନରେ ପୁରୁଷୋତ୍ତମରୁ । ମୁଁ କନ୍ତୁ ପୁରୁଷୋତ୍ତମ ଯାଇନାହିଁ । ପୁରୁଷୋତ୍ତମଙ୍କୁ ଦେଖିନାହିଁ । ରାସ୍ତାକଡ଼ରେ ଠିଆହୋଇ ଦେଖୁଥାଏ ଜଣଜଣ କରି ଯାତ୍ରୀଙ୍କୁ । ସେମାନଙ୍କୁ ଦେଖି ମୋପ୍ରାଣ କେମିତି ଉଲ୍ଲାସ ହୋଇଯାଏ । ସେମାନେ ସତେକି ଆଉଏକ ଜଗତର ମଣିଷ । ସେମାନେ ସତେକି ଆନନ୍ଦ ଲୋକର ଅଧିବାସୀ । ଅମୃତ ବିଳାସୀ । ସେମାନେ ସତେକି ପ୍ରେମକ'ଣ ଜାଣିଛନ୍ତି । ସେମାନଙ୍କୁ ସତେକି କିଏ ପ୍ରେମ କରିଛନ୍ତି । ତାଙ୍କୁସବୁ ଦେଖିବାମାତ୍ରେ କାହିଁକି କେଜାଣି ସେମାନଙ୍କ ପ୍ରତି ମୁଁ ଝାଣି ହୋଇଯାଏ । ହାତଯୋଡ଼ି ଡାକେ—

'ମହାଜନ ମାନେ ଟିକିଏ ଶୁଣିବେ କି !'

ସେମାନେ ମୋ ଡାକଶୁଣି ମୋତେ ଚାହାନ୍ତି । ଆହା ! ସେମାନଙ୍କ .ଆଖିରେ ସେ କି ସୁଆଦ ଚାହାଣି । ସେ ଆଖି ସତେକି ସୁନ୍ଦରତମକୁ ଦେଖିଛି । କେଉଁ ଦିବ୍ୟଭୂମିର ଜ୍ୟୋତି ତାଙ୍କ ଆଖି ଭିତରେ ।

ସେମାନଙ୍କୁ ପାଣିମୁନ୍ଦଏ ଦିଏ, ପଣାଟିକିଏ ଦିଏ । ପଥଶ୍ରମରେ ପାଦକୁ ବାଧିଥିବ ବୋଲି ସେମାନଙ୍କର ପାଦସେବା କରେ । ପଚ୍ଛରେ, ମହାଜନମାନେ କେଉଁଠିକି ଯାଇଥିଲ । କାହାକୁ ଦେଖିବାକୁ ? କଣ ଦେଖିଲ ? ସେମାନେ କହନ୍ତି—ସେ ଧାମର ମହିମା ଯେଉଁ ପୁରୁଷୋତ୍ତମଙ୍କୁ ସେମାନେ ଦେଖିଛନ୍ତି । ତାଙ୍କର ମହିମା, ସୌନ୍ଦର୍ଯ୍ୟ, କୃପାଆଦି ବର୍ଣ୍ଣନା କରୁକରୁ ସେମାନଙ୍କର କଣ୍ଠରୁ ମଧୁରଭଜନ ଝରିପଡ଼େ । ସେମାନଙ୍କର ଆଖିରୁ ଧାରଧାର ଲୁହ ବୋହିଯାଏ । ସେମାନେ ଗଡ଼ନ୍ତି, ମୋତେ ଆଲିଙ୍ଗନ କରନ୍ତି । ସେମାନଙ୍କର ସେଇ ଆନନ୍ଦ କାରୁଣ୍ୟାଶ୍ରୁ ମୋର ସାରାଦେହକୁ ଓଦା କରିଦିଏ । ଆଉ ଦେଖୁଦେଖୁ—ମୁଁ ବି କାନ୍ଦେ । କାନ୍ଦୁଥାଏ, ଅଳି କରୁଥାଏ । ମହାଜନ ମାନେ ଆଉଟିକିଏ କୁହନା ସେ ଧାମର ଗୁଣ । ଆଉଥରେ କୁହନା ତୁମର ସେଇ ପ୍ରେମିକ ପୁରୁଷୋତ୍ତମଙ୍କ ସୌନ୍ଦର୍ଯ୍ୟ ଆଉ ମହିମା !

ସେଇମାନଙ୍କ ଠାରୁ ଶୁଣିଶୁଣି ମୁଁ ସେଇଠି ଠିଆ ହୋଇଥାଏ । ମୋତେ ଲାଗେ—ମୁଁ ତ—କ'ଣ ତାଙ୍କୁ ଭଲପାଇ ଗଲିଣି !! ସେ କିଏ ଜାଣିନି—ତାଙ୍କୁ ପାଇବି କି ନାହିଁ ବି ଜାଣିନି ! କିନ୍ତୁ ତାଙ୍କୁ ଭଲ ପାଇ ଗଲିଣି, ତାଙ୍କ ପ୍ରେମରେ ପଡ଼ି ସାରିଲିଣି ! ଯାହା ହେବାର ହେଉ ଏଣିକି ।

ଏପ୍ରେମ ଏମିତି । ଏଇ ପ୍ରେମରୁ ଯେଉଁ ଭକ୍ତି ଜାତ ହୁଏ—ସେ ହେଉଛି ପ୍ରେମ ଭକ୍ତି । ସବୁ ଭକ୍ତି ମଧ୍ୟରେ ପ୍ରେମ ଭକ୍ତି ଇତସାର ।

ବଶିଷ୍ଠ, ବିଶ୍ୱାମିତ୍ର, ବ୍ୟାସ, ବାଲ୍ମୀକି, ଚରକ, ସୁଶ୍ରୁତାଦିଙ୍କଠାରୁ ଆରମ୍ଭ କରି, ନିଉଟନ୍, ସକ୍ରେଟିସ୍, ପ୍ଲେଟୋ କାର୍ଲମାର୍କସ୍ ବା ଆଇନ୍‌ଷ୍ଟାଇନ୍‌ଙ୍କ ପର୍ଯ୍ୟନ୍ତ ଜ୍ଞାନୀ ଭକ୍ତମାନେ 'ସତ୍ୟ' କୁ ଭଯ୍ୱ କରିତା'ର ଅନୁଶୀଳନ କରି ନଥିଲେ । ସେମାନେ ମଧ୍ୟ ଭଲ ପାଇ ଜ୍ଞାନ ମାର୍ଗରେ ଯାଇଥିଲେ । ସେମାନେ ଜଗତକୁ ଭଲ ପାଇଥିଲେ । ଜଗତର ମଙ୍ଗଳଲାଗି ସେମାନଙ୍କର ପ୍ରାଣ କାନ୍ଦୁଥିଲା । ଏଇ କାରୁଣିକତାପୂର୍ଣ୍ଣ ଚିତ୍ତରେ ଆସି

ବାଳଗଲ୍ପ ଅଜଣାକୁ ଜାଣିବା ଲାଗି ଏକ ଡାକ—ଆହ୍ୱାନ । ଜ୍ଞାନ ଭିତରେ ଏମାନେ ଭଗବାନଙ୍କ ସଙ୍ଗେ ସମ୍ପୃକ୍ତ ହୋଇଥିଲେ ।

ଗାନ୍ଧି, ଲେଲିନ୍, ଓ୍ୱାଶିଂଟନ୍ ଆଦିଙ୍କଠାରୁ ଆରମ୍ଭ କରି—ଗୋପବନ୍ଧୁ, ବିନୋବା, ନେହେରୁ, ଶାସ୍ତ୍ରୀଙ୍କ ପର୍ଯ୍ୟନ୍ତ କର୍ମୀମାନେ ଭୟ ଯୋଗୁଁ କର୍ମରତ ନ ଥିଲେ । ଜଗତକୁ ଭଲପାଇ, ତା'ର ସେବା କାର୍ଯ୍ୟ କରୁ କରୁ ସେମାନେ ଈଶ୍ୱରଙ୍କ ସଙ୍ଗେ ସଂପୃକ୍ତ ହୋଇ ଯାଇଥିଲେ ।

ପ୍ରେମୀ ଜ୍ଞାନୀ ଓ ପ୍ରେମୀ କର୍ମୀମାନେ ସମସ୍ତେ ପ୍ରେମଭକ୍ତ । ଶରଣାପତ୍ତି ହେଲା ପ୍ରେମଭକ୍ତିର ମୂଳ କଥା; ମାତ୍ର ଭୟରେ ଶରଣ ପଶିଯିବା ନୁହେଁ । ଏ ଶରଣ ହେଉଛି, ଭଗବାନଙ୍କ ପାଖେ ସର୍ବସ୍ୱ ସମର୍ପଣ ।

ପ୍ରେମୀ ଜ୍ଞାନୀ 'ସତ୍ୟ' ପାଖରେ ନିଜକୁ ସମର୍ପଣ କରେ । ପ୍ରେମୀ କର୍ମୀ 'ଶିବ' ମଙ୍ଗଳ) ପାଖେ ନିଜକୁ ସମର୍ପଣ କରେ । ଆଉ ପ୍ରେମୀ ଭକ୍ତ 'ସୁନ୍ଦର' ପାଖେ ନିଜକୁ ସମର୍ପିଦିଏ । ଏ କେବଳ ବିଶ୍ଳେଷଣରେ ବୁଝାଇବା ପାଇଁ । ମାତ୍ର ଜ୍ଞାନୀ, କର୍ମୀ, ଓ ଭକ୍ତ ଯଦି 'ପ୍ରେମରୁ' ଆରମ୍ଭ କରିଥାନ୍ତି—ତେବେ ସେମାନେ ସମସ୍ତେ 'ସତ୍ୟ ଶିବ ସୁନ୍ଦର'କୁ ପ୍ରାପ୍ତ ହୁଅନ୍ତି ଏବଂ ଭୟରୁ ଜାତ ଜ୍ଞାନ, କର୍ମ, ଓ ଭକ୍ତିରୁ ବରଭୟ ମିଳେ, ମାତ୍ର ସଚ୍ଚିଦାନନ୍ଦଙ୍କ ସଙ୍ଗେ ମିଳନ ହୁଏ ନାହିଁ । ପ୍ରେମ ହିଁ ଘଟାଏ ଏଇ ମିଳନ ।

ପ୍ରେମିକ ପାଖରେ ଜୀବନ ମୂର୍ଚ୍ଛା ସମର୍ପଣ ନ ଆସିଲେ, ପ୍ରେମ ହୁଏନା । ପ୍ରେମ ନ ହେଲେ କିଏ ଜୀବନ ସମର୍ପି ଦେଇ ପାରିବ ? ଭୟଭକ୍ତ ତ ଜୀବନକୁ ସ୍ୱେଚ୍ଛାରେ ଦାନ କରି ପାରେନା । ତା'ର ତ ଜୀବନ ଯିବାର ଭୟରୁ ଭକ୍ତି ଜନ୍ମିଛି । ଯିଏ ଦେଶ ପାଇଁ ଜୀବନ ଦେଇଛି— । ବିଶ୍ୱପାଇଁ ଜୀବନ ଦେଇଛି—ଜୀବନ ଦେଇଛି ସତ୍ୟପାଇଁ—ଭଗବାନଙ୍କ ପାଇଁ—ସେମାନେ ସମସ୍ତେ ପ୍ରେମୀଭକ୍ତ ।

ଗୋପୀମାନଙ୍କ ରୂପକ ଦେଇ ମହାଜନ ମାନେ ଏ ପ୍ରେମର ସ୍ୱରୂପ ଓ ଲକ୍ଷଣ ବୁଝାଇଛନ୍ତି । ଗୋପୀମାନେ ଏଇ ପ୍ରେମଭକ୍ତିର ସାଧିକା ଓ ଅଧିକାରଣୀ । ଆମ ଭିତରେ ଏଇ ଗୋପୀଭାବ ଆସିଲେ ଯାଇ ଆମେ ପ୍ରେମ ଭକ୍ତିର ସୁଆଦ ପାଇବା । ଗୋପୀମାନେ ଯୋଉ ରୂପରେ ଭଗବାନଙ୍କୁ ଦେଖିଥିଲେ—ସେ ହେଉଛନ୍ତି ସବୁ ରୂପ ଓ ସବୁ ରସର ଆକାର

ଆମର ଜାଗତିକ ତୃଷ୍ଣାସବୁ ରୂପ, ରସ, ଗନ୍ଧ, ଶବ୍ଦ ଓ ସ୍ପର୍ଶ ଆଦି ତନ୍ମାତ୍ରା ଗୁଡ଼ିକୁ କେନ୍ଦ୍ର କରି ନହୁବା ତତ୍ତ୍ୱକୁ କେନ୍ଦ୍ରକରି ଜାତ ହୋଇଥାଏ; କିନ୍ତୁ ଏ ତୃଷ୍ଣାକୁ ଜଗତର କୌଣସି ବସ୍ତୁ ବା ଜ୍ଞାନ ସନ୍ତୁଷ୍ଟ କରି ପାରେନା । ସେଥିପାଇଁ ଏ ତୃଷ୍ଣାକୁ ଭଗବତ୍ ମୁଖୀ କରିବାକୁ ହେବ ଭଗବାନଙ୍କ ପାଖେ ନିବେଦନ କରିବାକୁ ହେବ ଆମର ସମସ୍ତ ତୃଷ୍ଣା । କାରଣ ସେ ହିଁ ସମସ୍ତ ରୂପ, ରସ ଓ ତତ୍ତ୍ୱାଦିର ଆଧାର—ଆକାର । ପୁଣି ସମସ୍ତ ବସ୍ତୁ ଓ ଜ୍ଞାନର ବିଷୟ ମଧ୍ୟ ସେହି । ତୃଷ୍ଣା ଭଗବତ୍‌ମୁଖୀ ହେଲେ 'ଗତ୍‌ତୃଷ୍ଣା'ରେ ପରିଣତ ହୁଏ । ଭଗବାନଙ୍କୁ ସବୁରି ଭିତରେ ପାଇବାକୁ—ସବୁରି ଭିତରେ ତାଙ୍କର ସ୍ପର୍ଶ ପାଇବାକୁ—ସମସ୍ତଙ୍କର ସେବା ଭିତର ଦେଇ ତାଙ୍କର ସେବା କରିବାକ ମନ ପ୍ରାଣ ବ୍ୟାକୁଳ ହୋଇ ଉଠନ୍ତି । ସେଥିରେ ଆନନ୍ଦ ମିଳେ । ପରମାନନ୍ଦ ମିଳନ୍ତି । ଦେହ, ପ୍ରାଣ, ମନରୁ ସମସ୍ତ ଅହଂଗତ ବିକ୍ଷୋଭ ଦୂର ହୋଇ—ତହିଁରେ ଆସେ ଏକ ଉଲ୍ଲାସ-ମୟ ଅଶ୍ରୁ—ମଧୁର ପରମ ବ୍ୟାକୁଳତା ।

ଚୈତନ ସମୁଦ୍ରରେ ଉଠେ ଆଲୋଡ଼ନ, ମହାକଲ୍ଲୋଳ । ନିଜକୁ ତାଙ୍କ ପାଖରେ ସମର୍ପି ଦିଏ । କହେ ତୁମର ଇଚ୍ଛାଇ ମୋର ଇଚ୍ଛା—ତୁମର ସୁଖଇ ମୋର ସୁଖ । ଯାହା କିଛି ଶ୍ରେୟ-ମୋ ଲାଗି ତାହାହିଁ ବିଧାନ କର । ମୋତେ ଭଲ ଲାଗିବ ବୋଲି ନୁହଁ ତୁମକୁ ଯାହା ଭଲ ଲାଗିଛି, ମୋତେ ସେହିପରି କର । ମୁଁ ତୁମର ଶିଷ୍ୟ ମୁଁ ତୁମର ସନ୍ତାନ, ମୁଁ ତୁମର ଦାସ, ତୁମର ସଖା, ତୁମର ପ୍ରିୟା । ହେ ହୃଦୟ-ବଲ୍ଲଭ ! ହେ ମୋର ଆତ୍ମାର ପରମ ? ତୁମେ ମୋର ପତି ! ତୁମେ ମୋର ନାଥ !

ତୁମେ ନହେଲେ ମୋର ଚଳେନା । ତୁମକୁ ଛାଡ଼ି ମୋର କାହିଁରେ ହେଲେ ତୃପ୍ତି ନାହିଁ । ତୁମକୁ ନ ଦେଖିଲେ, ମୋର ଦଶଦିଗ ଅନ୍ଧାର । ତୁମକୁ ନ ଧରିଲେ ମୋର କୋଳ ଶୂନ୍ୟ । ତୁମନାମ ତୁଣ୍ଡରେ ନ ଆସିଲେ ମୁଁ ମୂକ । ତୁମ ସ୍ୱର କାନରେ ନ ବାଜିଲେ ମୁଁ ବଧିର । ତୁମେ ମୋର ଆଖିର ଆଖି —କାନର କାନ— ମନର ମନ—ପ୍ରାଣର ପ୍ରାଣ—ଆତ୍ମାର ଆତ୍ମା ।

ଏହି ଭାବନା ହେଉଛି—"ପ୍ରେମଭକ୍ତି"

କେହି ଯଦି ପଚାରେ—ଏ ପ୍ରେମତ ମୋର ଆସୁନାହିଁ—ମୁଁ କ'ଣ କରିବି ? ତା'ର ଉତ୍ତର ହେଉଛି, ଅପେକ୍ଷା କର । ସେ ପ୍ରେମିକ ଦିନେ ତୁମ ପାଖକୁ ଆସିବେ । ଆଉ ସେ ଯେତେବେଳେ ଆସିବେ, 'ପ୍ରେମ' ନେଇ ଆସିବେ । ସେତେବେଳେ ତାଙ୍କୁ ପ୍ରେମ ନ କରି ତୁମର ଆଉ ଚାରା କାହିଁଥିବ ? ପ୍ରେମିକ-ଶିରୋମଣି ନିଜେ ତୁମଠାରୁ ତାଙ୍କ ପ୍ରେମ ଆଦାୟ କରି ନେବେ । ମଳୟ ଆସି ଲାଗିଲେ, ନିମ୍ବ ଗଛରୁ ଚନ୍ଦନର ସୌରଭ ବାହାରେ । ଆଉ ସେହି ମଳୟ ହିଁ ସେଇ ସୌରଭକୁ ବହନ କରି ଚାଲେ ।

ତେଣୁ ମା ଭୈଃ !!!

('ଶରଣଦ' ତୃତୀୟବର୍ଷ, ଚତୁର୍ଥସଂଖ୍ୟା)

—o—

# ନବଜୀବନର ସରଣୀ

ଶ୍ରୀ ଚନ୍ଦ୍ରମଣି ମିଶ୍ର

ଆଧୁନିକ ମାନବ—ସମାଜ ଯେଉଁ ପ୍ରଣାଳୀରେ ଗତି କରୁଛି ତାହା ମଙ୍ଗଳକର ନୁହେଁ—ଏକଥା ସମଗ୍ର ପୃଥିବୀର ଚିନ୍ତାଶୀଳଲୋକେ ନିଶ୍ଚୟ କରି ନୂତନ ପ୍ରଣାଳୀର ସନ୍ଧାନରେ ଲାଗିଛନ୍ତି । ଆମେରିକା ରାଷ୍ଟ୍ରପତି ସେଦିନ କହିଥିଲେ, ବିଜ୍ଞାନର ଅଗ୍ରଗତି ଯେଉଁ ଧାରାରେ ହେଉଛି ସେଥିରେ ଶାନ୍ତିନାହିଁ—ଶାନ୍ତିର ସରଣୀ ଧର୍ମର ମାର୍ଗରେ ଖୋଜିବାକୁ ହେବ; ନୂଆବର୍ଷକୁ ଅଭିବାଦନ କରି ଇଂଲଣ୍ଡର ରାଣୀ କହିଥିଲେ, ଅତୀତରେ ମାନବ ଜାତି ଯେଉଁ ନୀତି ଓ ରୀତିକୁ ସ୍ୱୀକାର କରିଯାଇଛି, ତାହାକୁ ଆଜି ଅବଜ୍ଞା କରିବାରୁ ଅଶାନ୍ତି ଉପୁଜୁଚି— ପୁଣି ଆମକୁ ପୁରୁଣା ଚିନ୍ତାଧାରାକୁ ଫେରିଯିବାକୁ ହେବ । ରୁଷ୍‌ର ସର୍ବମୟ କର୍ତ୍ତା କ୍ରୁଶ୍ଚେଭ୍, ନିଜର ହୁଁ—ପାଂଣିଆ ଢଙ୍ଗରେ ଧମକେଇଲା ପରି କଥା କହୁଥିଲେ ହେଁ, 'ଯୁଦ୍ଧ ବନ୍ଦହେଉ ଓ ପୃଥିବୀର ରାଷ୍ଟ୍ରମାନେ ଯୁଦ୍ଧଖୋର ମନୋବୃତ୍ତି ଛାଡନ୍ତୁ' ବୋଲି ଯେ ଆନ୍ତରିକତାର ସହ ଲୋଡୁଛନ୍ତି ଏଥିରେ ସନ୍ଦେହ ନାହିଁ; ତାଙ୍କର ଲକ୍ଷ୍ୟ, ଆଣବିକ-ବୋମାର ଉତ୍ପାଦନ ଉପରେ କଟକଣା ରହୁ ଓ ତାହାର ପରୀକ୍ଷାମୂଳକ ବିସ୍ଫୋରଣ ଆନ୍ତର୍ଜାତିକ ଚୁକ୍ତିରେ ବନ୍ଦ କରାଯାଉ । ବନ୍ଧୁରାଷ୍ଟ୍ରଙ୍କର ଆପତ୍ତି ସତ୍ତ୍ୱେ ଏବେ ଆଣବିକ ବିସ୍ଫୋରଣ କରାଇଥିବା ଫ୍ରାନ୍‌ସ-ରାଷ୍ଟ୍ରପତି ଡ଼ି'ଗଲ୍ ଦାବିକଲେଣି, ଯାହାର ଯେତେ ଆଣବିକ ବୋମାଅଛି ସେ ସବୁ ନଷ୍ଟ କରି ଦିଆଯାଉ । ଏମାନଙ୍କ ମୁହଁରେ, ଏମାନଙ୍କ ନିଜନିଜ ରାଷ୍ଟ୍ରର ସମୂହ—ମତପ୍ରକାଶ ପାଉଚି, ଏମାନଙ୍କ ରାଷ୍ଟ୍ରମାନଙ୍କରେ ରାଜନୀତିକ ପ୍ରତିପକ୍ଷମାନେ ଏମାନଙ୍କ କଥାରେ ଆପତ୍ତି କରିବା ପରିବର୍ତ୍ତେ ପୂର୍ଣ୍ଣ

ସମର୍ଥନ ଜ୍ଞାପନ କରୁଛନ୍ତି । ଆମ୍ଭେମାନେ ଯାହାକୁ ପାଶ୍ଚାତ୍ୟ ସଭ୍ୟତା କହୁଁ, ସେହି ସଭ୍ୟତାର ଦୀର୍ଘ ଅନୁଭୂତି ଅର୍ଜନ କରିଥିବା ଦେଶମାନେ, ସେ ସଭ୍ୟତାର ଆରପାଖ ଦେଖି ସାରିଲେଣି ଓ ସେଥିରେ ଅତିଷ୍ଠ ହୋଇ ନବଜୀବନର ସନ୍ଧାନରେ ଲାଗିଛନ୍ତି ।

ଆମର ନାନାମୁନିଙ୍କ ଦେଶ, ଆମଦେଶର ରାଷ୍ଟ୍ରନାୟକ ପଣ୍ଡିତ ଜବାହାରଲାଲ ନିଜର କୌଣସି କଥାରେ ସମଗ୍ର ଦେଶର ସମର୍ଥନ ପାଉନାହାନ୍ତି, ଏପରିକି, ତାଙ୍କର ନିଜମତ ମଧ୍ୟ ବେଶିଦିନ ଏକହୋଇ ରହିପାରୁନାହିଁ । ଆଜି ଯଦି ସେ ବଡବଡ ନଦୀ ଯୋଜନାରେ; ଭାରତର 'ପରମାର୍ଥ' ଦେଖୁଛନ୍ତି କାଲି କ୍ଷୁଦ୍ର ନଦୀବନ୍ଧ ଓ କୂଅପୋଖରୀର ସମର୍ଥନ କରୁଛନ୍ତି; ଆଜିଯଦି କହୁଛନ୍ତି, ଶିଳ୍ପ—ସଭ୍ୟତାରେ ଭାରତ ଅଗ୍ରଗତି କରିବ, କାଲି କହୁଛନ୍ତି, ଆଗ କୃଷି, ତା'ପରେ ଶିଳ୍ପ କୃଷିର ଉନ୍ନତିରେ ଶିଳ୍ପର ବିକାଶ ନିର୍ଭରକରେ; ଆଜି ଯଦି ଭାରତର ଅତୀତ ସଂସ୍କୃତିକୁ ଛାଡ଼ି ପାଶ୍ଚାତ୍ୟ ସଭ୍ୟତା ଗ୍ରହଣ କରିବାକୁ କହୁଛନ୍ତି କାଲି ଭାରତର ପୁରାଣ ସଂସ୍କୃତି ଭାରତର ବିଶିଷ୍ଟତା ବୋଲି ପ୍ରଚାର କରୁଛନ୍ତି । ସେ ବର୍ତ୍ତମାନ ପରିସ୍ଥିତିରେ ନିଜର ମନକୁ ନିଜେ ଚିହ୍ନି ପାରୁନାହାନ୍ତି—ପାଶ୍ଚାତ୍ୟ ସଂସ୍କୃତିରେ ସେ ଜୀବନ ଗଢ଼ିଛନ୍ତି, ଭାରତରେ ଜନ୍ମହୋଇ ମଧ୍ୟ ସେ ଭାରତୀୟ ସଂସ୍କୃତିକୁ ଏବେ ଚିହ୍ନୁଛନ୍ତି ବୋଲି ସ୍ୱୀକାର କରନ୍ତି—ପାଶ୍ଚାତ୍ୟ ସଂସ୍କୃତିର ଆହରଣ କରୁକରୁ, ତାହାର ସବୁଗୁଡିକ ଦୋଷମାନ ଆହୃତ ହେବାର ଦେଖି ସେ କେତେବେଳେ କ'ଣ କହୁଛନ୍ତି ନିଜେ ବି ଜାଣିପାରୁ ନାହାନ୍ତି । ଫ୍ରାନ୍‌ସ ସାହାରାରେ ଆଣବିକ ବିସ୍ଫୋରଣ କଲେ ତାକୁ ଖରାପଲାଗୁଛି—ସେ ଆଣବିକ ଯୁଦ୍ଧ—ସରଞ୍ଜାମର ଘୋର ବିରୋଧୀ, କିନ୍ତୁ ନିଜଦେଶରେ ଆଣବିକ ପରୀକ୍ଷାଗାର ଗୋଟାକଠାରେ ଦୁଇଟା ବସାଇବାକୁ ଜିଦ୍‌କରି ଦେଶରେ ମୁଦ୍ରାସ୍ଫୀତି ବଢ଼ାଇବାକୁ ତିଆର, ସେ ସହାବସ୍ଥାନ ଚାହାନ୍ତି, ଯୁଦ୍ଧ-କରି ଆନ୍ତର୍ଜାତିକ ବିବାଦ ନିଷ୍ପତ୍ତିର ସେ 'ପକ୍ଷପାତି ନୁହନ୍ତି, କିନ୍ତୁ ତାଙ୍କର ଅମଳରେ ଆମର ସୈନ୍ୟବିଭାଗର ଖର୍ଚ୍ଚ ଦୁଇଗୁଣରୁ ଅଧିକ ବଢ଼ିଲାଣି, ଚୀନଭାରତ ଭୂମିରେ ଅନଧିକାର ପ୍ରବେଶକଲେ ସୁଦ୍ଧା

ସେ ବଳପ୍ରୟୋଗ ନକରି ଚୀନ—ପ୍ରଧାନମନ୍ତ୍ରୀଙ୍କୁ ଭାରତକୁ ଡ଼ାକି ନିଜଆଡ଼୍ ସାଲିସ୍ କରିବାକୁ ତିଆରି, କିନ୍ତୁ ସୀମାନ୍ତ ରକ୍ଷା କରିବାକୁ ସେନାବାହିନୀ ବଢ଼ାଇବାକୁ ସିଦ୍ଧାନ୍ତ କଲେଣି, ନିଜଦଳର ଲୋକେ ତ୍ୟାଗବ୍ରତ ନଧରି ପଇସା ଓ କ୍ଷମତାଲୋଭରେ ମାତିଥିବାରୁ ସେ କ୍ଷୁବ୍ଧ, କିନ୍ତୁ ସେମାନଙ୍କ ବିରୁଦ୍ଧରେ ନିର୍ଦ୍ଦିଷ୍ଟ ଦୁର୍ନୀତି ଅଭିଯୋଗ ହେଲେବି ଅନୁସନ୍ଧାନ କରିବାକୁ ସେ ପଶ୍ଚାତ୍‌ପଦ । ବିଫଳ—ନେତୃତ୍ୱ ସତ୍ତ୍ୱେ ତାଙ୍କର ଆନ୍ତରିକ ଇଚ୍ଛା, ଭାରତ ବର୍ତ୍ତମାନର ଅବସ୍ଥାରୁ ଉପରକୁ ଉଠୁ, ନବଜୀବନ ପାଉ ।

ପଣ୍ଡିତ ଜବାହାରଙ୍କ ଅନୁଚର, ଅଗ୍ରେଚର ଓ ପରିପନ୍ଥୀ—ସମସ୍ତେ ନିଜନିଜ ବିଚାର ଅନୁସାରେ ନବଜୀବନର ସନ୍ଧାନରେ ଅଛନ୍ତି । ଶ୍ରୀଯୁକ୍ତ ବିନୋବା ନବଜୀବନର ସନ୍ଧାନରେ ସମଗ୍ର ଭାରତରେ ପଦଯାତ୍ରା କରିବାପରେ ଏବେ ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେ ତପସ୍ୟାରେ ବସି ନବଜୀବନର ସରଣୀ ଆବିଷ୍କାର କରୁଛନ୍ତି, ତାଙ୍କର ସର୍ବଶେଷ ନିଷ୍ପତ୍ତି, ବିଜ୍ଞାନର ଏ ଯୁଗରେ ଧର୍ମ ରହିବନାହିଁ ରାଜନୀତି ରହିବନାହିଁ ରହିବ, ଆଧ୍ୟାତ୍ମିକଚିନ୍ତା ଓ ବୈଜ୍ଞାନିକ ବିଚାରଧାରା । ଆଧ୍ୟାତ୍ମିକ ଚିନ୍ତା-ସମନ୍ୱିତ ବୈଜ୍ଞାନିକ ବିଚାରଧାରାହିଁ ଭାରତରେ 'ଧର୍ମ; ଓ ରାଜନୀତି ସେଇ 'ଧର୍ମ'ର ମୂଳଦୁଆ ଉପରେ ଗଢ଼ାହେବ— ଏହା ବିନୋବାଜୀ ବୁଝି ନାହାନ୍ତି ବୋଲି କୁହାଯାଇ ନପାରେ । ହୁଏତ 'ଧର୍ମ' ବୋଇଲେ ପାଶ୍ଚାତ୍ୟ ଦେଶରେ ଯାହା ବୁଝନ୍ତି, ସେ ସେହିଅର୍ଥରେ କହିଛନ୍ତି, ଭାରତବାସୀଙ୍କୁ ନିଜର ବାଣୀ ଶୁଣାଇ ସାରିବା ପରେ, ସେ ଏଥର ବିଦେଶୀ ଲୋକଙ୍କୁ ନିଜରବାଣୀ ଶୁଣାଇବା ସକାଶେ ସେଇମାନେ ବୁଝି ପାରିଲାଭଳି କଥା କହିବାକୁ ହୁଏତ ଆରମ୍ଭ କଲେଣି । ଯାହାହେଉ ସେ ନବଜୀବନର ଜଣେ ସନ୍ଧାନୀ । ନିଜର ଗୋଟିକ ପରେ ଗୋଟିଏ ଯୋଜନା ସହକର୍ମୀମାନଙ୍କ ନିଷ୍ଠା ଅଭାବରେ ବ୍ୟର୍ଥ ହେବାପରେ ସେ ସରକାରଙ୍କୁ ନିଜ ପରାମର୍ଶରେ ପ୍ରଭାବିତ କରିବାକୁ ପ୍ରଯତ୍ନ ଚଳାଇଛନ୍ତି— ଇତିମଧ୍ୟରେ ସେ ଭାରତର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ, ଉଭୟଙ୍କ ସଙ୍ଗେ ନିଜ ଯୋଜନାର ଆଲୋଚନା କରିଛନ୍ତି ।

ଶ୍ରୀରାଜଗୋପାଳାଚାରୀ ସରକାର ଉପରେ ନୈତିକ ପ୍ରଭାବ ପକାଇ କାର୍ଯ୍ୟ-ସାଧନ କରିବାରେ ଆଉ ବିଶ୍ୱାସ କରୁ ନାହାଁନ୍ତି । ସେ ନିଜର ବାର୍ଦ୍ଧକ୍ୟକୁ ପଛକୁ ଠେଲିଦେଇ, ଯୁବକର ତେଜରେ ଭାରତ-ପ୍ରଦକ୍ଷିଣ କରି ନୂଆ ରାଜନୀତିକ ଦଳ ଗଢ଼ୁଛନ୍ତି-ସେ ଚାହାନ୍ତି, ଧର୍ମର ରାଜ୍ୟ; ଭାରତୀୟ ସଂସ୍କୃତିର ପୁନରୁତ୍‌ଥାନ ତାଙ୍କର ଲକ୍ଷ୍ୟ—ଏହି ଲକ୍ଷ୍ୟ ସାଧନା ପାଇଁ ସେ ଯେଉଁ ସହକର୍ମୀ ଓ ଅନୁଚର ଖୋଜୁଛନ୍ତି, ସେମାନଙ୍କର ଧର୍ମରେ ଆସ୍ଥା ଅଛି କି ନାହିଁ, ତାଙ୍କର ଆଚରଣରେ ଭାରତୀୟ ସଂସ୍କୃତିର ଛାୟା ପଡ଼ିଛି କି ନାହିଁ—ଏ ବିଷୟରେ ସେ ବିଶେଷ ଭାବିତ ନୁହନ୍ତି, ତାଙ୍କର ବିଶ୍ୱାସ, କଂଗ୍ରେସ-ସରକାରର ଅଧର୍ମ ଓ ଅନୀତି ବିରୁଦ୍ଧରେ ଯେ ଲଢ଼ିବାକୁ ବାହାରିବ ସେ ତା' ମନକୁ ଧର୍ମୀ ଓ ନୀତିବାନ ହୋଇଯିବ । ଏହା ଯୁକ୍ତିଯୁକ୍ତ ହେଉ ବା ନ ହେଉ, ନବଜୀବନ ପାଇଁ ଯେ ରାଜାଜୀ ଅସାଧ୍ୟ ସାଧନ ଆରମ୍ଭ କରିଛନ୍ତି ଏଥିରେ ସନ୍ଦେହ ନାହିଁ ।ମୋଟ ଉପରେ ସମଗ୍ର ପୃଥିବୀରେ, ପ୍ରତ୍ୟେକ ଚିନ୍ତାଶୀଳ ଲୋକ ବର୍ତ୍ତମାନର ପରିସ୍ଥିତିରେ ମୁହ୍ୟମାନ ହୋଇ, ଉଦ୍ଧାରର ଉପାୟ ଖୋଜୁଛନ୍ତି—ସମୃଦ୍ଧ ପାଶ୍ଚାତ୍ୟ ଦେଶମାନଙ୍କଠାରୁ ଆରମ୍ଭକରି ଦାରିଦ୍ର୍ୟ ପୀଡ଼ିତ ଏସିଆ ମହାଦେଶର ଅନୁନ୍ନତ ଲୋକଙ୍କ ପର୍ଯ୍ୟନ୍ତ ।

କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ମୁହ୍ୟମାନ ହୋଇ ଚିନ୍ତାକଲେ କ'ଣ ପ୍ରତିକାରର ଦିଗ୍‌ଦର୍ଶନ ମିଳିବ ? ଯାହା ପ୍ରତିକାର ବୋଲି ଦିଶିବ ତାହା ଦୁର୍ଗତିରୁ ଉଦ୍ଧାର ପାଇବାର ଆକୁଳତାରେ ମୃଗତୃଷ୍ଣାର ରୂପ ଧରିପାରେ । ପଳାୟନ-ପନ୍ଥୀମାନେ ଦୃଢ଼ ପ୍ରତିକାରର ପନ୍ଥା ଦେଖିପାରିବେ ନାହିଁ, ଦେଖିଲେ ବି ତାହାର ଅବଲମ୍ବନ ପାଇଁ ସାହାସୀ ହେବେ ନାହିଁ । ଆଜି ଦେଶ ଓ ବିଦେଶ ଉଭୟର ଏହି ଅବସ୍ଥା । ଏଣେ ପୁଅ ମୁଣ୍ଡିକୁ ଲୋଭ; ତେଣେ ତେଲଘଡ଼ିକୁ ଲୋଭ । ଆଣବିକ ବୋମାର ନିୟନ୍ତ୍ରଣ ହେଉ, ଯାହା ତିଆରି ହେଉଛି ସେତକ ନଷ୍ଟ ହୋଇଯାଉ କିନ୍ତୁ, ଯେଉଁମାନେ ଆଣବିକ ବିଜ୍ଞାନାଗାରରେ କାମ କରୁଛନ୍ତି ସେମାନଙ୍କୁ କି ବୃତ୍ତି ଦିଆଯିବ ? ଏ ପ୍ରଶ୍ନର ସମ୍ମୁଖୀନ ହୋଇ ନ ପାରି, ଲଥାପକା ସମାଧାନ କରିବାକୁ ପଡ଼ୁଛି—ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ବିନିଯୋଗ

କରାଯିବ, କଳକାରଖାନା ଚଳାଇବାକୁ ତାହାର ପ୍ରୟୋଗ ହେବ, ବିସ୍ଫୋରଣରେ ଯେତିକ ବିଷାକ୍ତ ବାଷ୍ପ ବିଚ୍ଛୁରିତ ହୁଅନ୍ତା, ଓ ଶାନ୍ତିପୂର୍ଣ୍ଣ ବିନିଯୋଗରେ ତହିଁରୁ କମ ବିଚ୍ଛୁରିତ ହେବ କି ? ନ ଯଯୌ ନ ତସ୍ଥୌ ଅବସ୍ଥା !

ଇଂଲଣ୍ଡର ରାଣୀ କହୁଛନ୍ତି, ଅତୀତକୁ ଫେରିଯିବା, କିନ୍ତୁ ଅତୀତକୁ ଫେରିଗଲେ ଭଲ ସାମାଜିକ ସଂସ୍ଥା ଗଢ଼ିବାକୁ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ବିଦ୍ଧ ପରିକର ନହେବା ପର୍ଯ୍ୟନ୍ତ,ରାଣୀଙ୍କ ସଦିଚ୍ଛା ତାଙ୍କ ଧର୍ମ-ଯାଜକଙ୍କ ଗିର୍ଜାଭାଷଣଠାରୁ ଅଧିକ ବଳବତ୍ତର ହୋଇ ନ ପାରେ, ସଭାପତି ଆଇଜେନ ହାଉଆର ଗିର୍ଜାରେ ଉପାସନା କଲାବେଳେ, ଧର୍ମର ପ୍ରଭାବ ଦେଖୁଛନ୍ତି ଓ ନିଜ ସରକାରୀ ବାସଭବନର ଦପ୍ତର ଖାନାକୁ ଆସିଲେ, ଭଗବାନ ବା ଯୀଶୁଖ୍ରୀଷ୍ଟଙ୍କ ଠାରୁ କଂଗ୍ରେସର କ୍ଷମତା ଅଧିକ ବୋଲି ସ୍ୱୀକାର କରିବାକୁ ବାଧ୍ୟ । ଆମ ଦେଶରେ ତ ପ୍ରଧାନମନ୍ତ୍ରୀ ଏକା ଧାରାରେ ଧର୍ମଯାଜକ ଓ ରାଷ୍ଟ୍ରନାୟକ । ଉଭୟ କାର୍ଯ୍ୟ ଗୋଳିଆ ଫୋଳିଆ ହୋଇଯିବାରୁ ସେ ଲୋକ-ସଭାରେ ବେଳେବେଳେ ଧର୍ମଯାଜକଙ୍କ ପରି ବକ୍ତୃତା ଦେଉଛନ୍ତି ଓ ଦେବମନ୍ଦିର ର (ବିଗତ ଦାକ୍ଷିଣାତ୍ୟ ଗସ୍ତବେଳେ) ଶାସକର ଅସହାୟତା ଦେଖାଉଛନ୍ତି । ପଣ୍ଡିତ ଜବାହାରଲାଲ ବାରବର୍ଷର ତପସ୍ୟାରେ ପ୍ରମାଣ କରି ଦେଇଛନ୍ତି ଯେ, ସମସ୍ତ ଆନ୍ତରିକତା ଓ ସାଧୁ ସଂକଳ୍ପ ସତ୍ତ୍ୱେ, ରାଜାର ଆସନରେ ରହି ଧର୍ମ-ପ୍ରଚାର କରାଯାଇନପାରେ । ରାଜା-ଆସନରେ ବସିଲେ ଲଥା ପକାଇଲା ପରି ଅବସ୍ଥା ସମ୍ଭାଳିବାକୁ ହେବ; ଦେଶର ସାଂସ୍କୃତିକ ବିପର୍ଯ୍ୟୟ ରୋକିବାକୁ ହେଲେ ଦପ୍ତରଖାନା ଛାଡ଼ି ପର୍ଣ୍ଣକୁଟୀର ଆଶ୍ରୟ କରିବାକୁ ପଡ଼ିବ ।

ଭାରତୀୟ ଚିନ୍ତାଧାରାର ପ୍ରତୀକ ଶ୍ରୀ ରାଜଗୋପାଳଚାରୀ ନିଜର ପାଣ୍ଡିତ୍ୟ ଓ ପଣ୍ଡିତ ଜବାହାରଙ୍କ ପରୀକ୍ଷା ସତ୍ତ୍ୱେ କିପରି ଯେ ଦିଲ୍ଲୀର ପ୍ରଧାନମନ୍ତ୍ରୀ ଦପ୍ତରରୁ ଅବସ୍ଥା ସଂଶୋଧନ କରିବାକୁ ବସୁଛନ୍ତି, ତାହା କଳନା କରିହେଉ ନାହିଁ । ଆମ ଓଡ଼ିଶାରେ, ଗଣତନ୍ତ୍ର ଦଳପତି, କଂଗ୍ରେସ ସଙ୍ଗେ ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ି ଶାସନକଳକୁ ସୁଧାରିବାକୁ

ଯାଇ ଯେପରି ହରଡ଼-ଘଣାରେ ଯୋଚା ହୋଇଛନ୍ତି, ଶ୍ରୀ ରାଜଗୋପାଳ-ଚାରୀଙ୍କ ଅବସ୍ଥା ସେଇଆ ହେବ ଇ ହେବ । ବ୍ୟକ୍ତି ଯେତେ ଶୁଭାନୁଧ୍ୟାୟୀ ହେଉପଛେ, ଶାସକ ଗୋଷ୍ଠୀକୁ ସତ୍ପଥରେ ଚଳାଇବାକୁ ହେଲେ, ସେଇ ଗୋଷ୍ଠୀରେ ସତ୍ପଥ ପାଇଁ ଅନୁରକ୍ତିର ଅଙ୍କୁର ଥିବା ଦରକାର । ରାଜନୀତିକ ନେତୃତ୍ୱ ସେହି ଅଙ୍କୁରକୁ ପାଣି, ଖତମାଟି ଦେଇ ବଢାଇ-ପାରେ କିନ୍ତୁ ଯାଦୁକର ପରି ଆସମାନ୍‌ରୁ ଆମ୍ବଗଛ ଆଣି ଆମ୍ବ ଫଳାଇ ପାରିବ ନାହିଁ ।

ରାଜନୀତିକ ଦଳ ଓ ଶାସକ ଗୋଷ୍ଠୀରେ ସଚ୍ଚରିତ୍ରତା ବଞ୍ଚାଇ ରଖିବାକୁ ଦୁଇଟି ମାର୍ଗ ପାଶ୍ଚାତ୍ୟ ଗଣତନ୍ତ୍ର ସଂସ୍ଥାରେ କଳ୍ପିତ ହୋଇଛି । ପ୍ରଥମତଃ ଭୋଟଦାତା, ନିଜର ବିବେକ ବୁଦ୍ଧି ଖଟାଇ, ଭଲ ଲୋକଙ୍କୁ ବାଛି ଶାସନ ସଭାକୁ ପଠାଇବ । ସେ ଭଲ ଲୋକ ବାଛିଲେ, ଶାସନ ଭଲ ହେବ, ମନ୍ଦଲୋକ ବାଛିଲେ ଶାସନ ଖରାପ ହେବ । ଏବେ ଗୋଟିଏ ଆଇନ୍‌ଜୀବୀଙ୍କ ସଭାରେ ଆମ ରାଷ୍ଟ୍ରପତି ଏହି ତତ୍ତ୍ୱଟି ବୁଝାଇ ଆଜିକାଲି ଶାସନରେ ଚାଲିଥିବା ଦୁର୍ନୀତିକୁ ଘଣ୍ଟ ଘୋଡାଇଛନ୍ତି । ଯତ ଦୋଷ ନନ୍ଦ ଘୋଷ ! ଲୋକେ ଯଦି ଭଲ ଶାସନ ଚାହାନ୍ତି, ତେବେ ଭଲ ଶାସକ ପଠାନ୍ତୁ । ତାହା ନକଲା ପର୍ଯ୍ୟନ୍ତ, ଶାସନ ଖରାପ ହେଲେ ଦୋଷ ଭୋଟ-ଦାତାଙ୍କର ! ପାଶ୍ଚାତ୍ୟ ଦେଶରେ, ଯେଉଁଠାରେ କି ପ୍ରାୟ ସମସ୍ତ ଭୋଟ ଦାତା ଶିକ୍ଷିତ, ସେଠାରେ ମଧ୍ୟ ଏ ନୀତି କାର୍ଯ୍ୟରେ ହୋଇପାରେ ନାହିଁ । ରାଜନୀତିକ ଦଳମାନଙ୍କର ପ୍ରଚୁର କୁଶଳତା ଓ ଆର୍ଥିକ ସ୍ୱଚ୍ଛଳତା ସେଠାରେ ଭୋଟରଙ୍କ ନାକରେ ଦଉଡ଼ି ହୋଇ ସେମାନଙ୍କୁ ଭୋଟ କେନ୍ଦ୍ରକୁ ଟାଣେ । ଆମ ଦେଶରେ ଏପରି ଯୁକ୍ତି କରିବା, କ୍ଷମତାରେ ଥିବା ଦଳର ଅସହାୟ ଲୋକଙ୍କ ପ୍ରତି ବିଦ୍ରୂପ ପରି ଶୁଭୁଛି ।

ଦ୍ୱିତୀୟମାର୍ଗ, ଶାସକ-ଗୋଷ୍ଠୀର ଘନ ଘନ ପରିବର୍ତ୍ତନ ଦ୍ୱାରା ସେମାନଙ୍କ ରାଜୁତି ଢଙ୍ଗର ନିରାକରଣ । ଦୁଇଟି ଦଳ ଦେଶରେ ଉଣିଶ ବିଶ ହୋଇ ରହିଲେ ଏପରି ହୁଏ । ଯେ ଆଜି କ୍ଷମତାରେ ଅଛନ୍ତି, ତାଙ୍କର ଯଦି ସବୁବେଳେ ଭୟ ରହେ ଯେ, ସେ ଠିକ୍ ମାର୍ଗରେ ନ

ଚଳିଲେ ପ୍ରତିପକ୍ଷଙ୍କୁ ଅଧିକ ସମର୍ଥନ ମିଳିବ, ତେବେ ସେମାନେ ନିଜର ସ୍ଥିତି ପାଇଁ ଦୁର୍ନୀତିକୁ ଡରି ଚଳିବେ । ଯଦିବା ଦୁର୍ନୀତି ହେଲା, ପ୍ରତିପକ୍ଷଙ୍କୁ ତିନିବର୍ଷ ବା ପାଞ୍ଚବର୍ଷ ଶାସନ କ୍ଷମତା ଦେଇ; ବିରୋଧୀ ଦଳରେ ଯାଇ ତପଃ-କ୍ଲେଶରେ ନିଜର କଳଙ୍କିତ ନବୀକରଣ କରିବାକୁ ହୁଏ । ବେଶ ଭଲ-ପନ୍ଥା । କିନ୍ତୁ ଏପନ୍ଥା ଦୁଇଟି ପାଇଁ ଦୁଇଟି ସମାନ୍ତରାଳ ଗୁଳା ଦରକାର । କଂଗ୍ରେସ ଦଳର ନୀତି ଓ ସ୍ୱତନ୍ତ୍ରଦଳ ବା ପ୍ରଜା ସାମ୍ୟବାଦୀ ଦଳ ବା କମ୍ୟୁନିଷ୍ଟ ଦଳର ନୀତି ଭିତରେ ସୁସ୍ପଷ୍ଟ ପାର୍ଥକ୍ୟ ଥିବା ଦରକାର । ଲୋକଙ୍କ ଆଗରେ ଦୁଇଟି ସ୍ୱତନ୍ତ୍ର କାର୍ଯ୍ୟପନ୍ଥା ରହିଲେ, ସେମାନେ ୟାଙ୍କୁ ବାଛିବେ ବା ତାଙ୍କୁ ବାଛିବେ । ଇଂଲଣ୍ଡରେ ଊନବିଂଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ଏହିପରି ଦୁଇଟି ଦଳ (ଟୋରି ଓ ହୁଇଗ) ସ୍ୱତନ୍ତ୍ର କାର୍ଯ୍ୟପନ୍ଥା ଧରି, ଏକ ପରେ ଆରକ ଶାସନ କ୍ଷମତାକୁ ଆସି, ସୁସ୍ଥ ଗଣତନ୍ତ୍ର ପରମ୍ପରା ପ୍ରତିଷ୍ଠିତ କରିଥିଲେ ! କିନ୍ତୁ ବିଂଶ ଶତାବ୍ଦୀରେ ବିଶେଷ କରି ମହାଯୁଦ୍ଧ ପରେ ପୃଥିବୀରେ ଯେଉଁ ଅବସ୍ଥା ଉପୁଜିଲା, ସେଥିରେ ବିଭିନ୍ନ ଦଳ ଭିତରେ ନୀତିଗତ ପାର୍ଥକ୍ୟ ଗୌଣ ହୋଇଗଲା । ଶ୍ରମିକ ଦଳ ନିଜର ଶାସନ-ଅଭିଜ୍ଞତା ଫଳରେ ଜାତଦଳର କେତେକ ନୀତି ଗ୍ରହଣ କରିଗଲେ; ଜାତ ଦଳ ମଧ୍ୟ ଅବସ୍ଥା ଚକ୍ରରେ ପଡ଼ି ଶ୍ରମିକ ଦଳର କେତେକ କାର୍ଯ୍ୟପନ୍ଥା ଅବଲମ୍ବନ କଲେ । ବିଲାତରେ ଯାହା, ଆମେରିକା ଓ ଇଉରୋପର ଅନ୍ୟରାଷ୍ଟ୍ରରେ ତାହା । ଆଜି ଆଉ ସ୍ୱଚ୍ଛ ନିର୍ବାଚନ ପ୍ରତି-ଦ୍ୱନ୍ଦ୍ୱିତାରେ ଦଳ ପରେ ଦଳ ଶାସନ-କ୍ଷମତାକୁ ଆସୁନାହାନ୍ତି । ଯେ ଥରେ ଶାସନ ହାତକୁ ନେଇ ଯାଇଛି, ତାଙ୍କୁ ହଟାଇବା ସହଜ ହେଉନାହିଁ । ଭାରତବର୍ଷରେ ସାମାନ୍ୟ ଅଲଗା କାରଣରୁ ଅବସ୍ଥା ସେଇଆ । କଂଗ୍ରେସ ଦଳ ନିଜର ଅତୀତ ଦେଶ ସେବାର ପୁରସ୍କାର ସ୍ୱରୂପ ଶାସନଗାଦିକୁ ଆସି, ଶାସନ-କ୍ଷମତାର ପ୍ରୟୋଗରେ, ନିଜକୁ ଏପରି ସୁଦୃଢ଼ କରିଦେଇଛନ୍ତି ଯେ ଦେଶଟିକୁ ପୂରା 'ସେବା' କରିଦେଲେ ବି ତାଙ୍କୁ ଗାଦିଚ୍ୟୁତ କରିବା ସହଜ ହେବନାହିଁ ।

ପରିସ୍ଥିତିର ଏପରି ବିଶ୍ଳେଷଣ କଲେ ଦେଖାଯିବ, ରାଜନୀତିକ ପ୍ରତିଦ୍ୱନ୍ଦ୍ୱିତାରେ ଶାସକଙ୍କ ସଙ୍ଗେ ବଳ କଷାକଷିକରି କ୍ଷମତାକୁ ଆସିବାର

ଚେଷ୍ଟା କରିବା ଚଢ଼େଶ୍ରମ ମାତ୍ର । ଯଦି ବା ମାର୍ଗରେ କ୍ଷମତା ଆସେ, ତେବେ ପ୍ରତିଦ୍ୱନ୍ଦ୍ୱିତା କରୁ କରୁ ପ୍ରତିପକ୍ଷରେ ଦୋଷ ଦୁର୍ଗୁଣ ନିଜ ଦେହକୁ ଏତେ ପ୍ରସରିଥିବ ଯେ, ବିଜୟୀ ହୋଇ ଗାଦିକୁ ଆସିଲାବେଳକୁ, ନିଜେ ବିଲତର ପ୍ରେତପରି ହୋଇଯାଇଥିବ—ଯେପରି କଂଗ୍ରେସ ଓ ପ୍ରଜା-ମଣ୍ଡଳର ନେତାମାନେ ଗଡଜାତ ରାଜା ଓ ଜମିଦାରଙ୍କ ସଙ୍ଗେ ଲଢି ଲଢ଼ି ଏବେ ରାଜା ଜମିଦାରଙ୍କ ଚକେଟ ସଂସ୍କରଣ ହୋଇଛନ୍ତି ।

ତେଣୁ ଯେଉଁମାନେ ବର୍ତ୍ତମାନ ପରିସ୍ଥିତିରେ ଦୋଷ ଦେଖୁଛନ୍ତି ସେମାନେ ରାଜନୀତିରୁ ସମ୍ପୂର୍ଣ୍ଣ ଅଲଗା ରହି ବାହାରୁ ସଂଶୋଧନ-ଚେଷ୍ଟା କରନ୍ତୁ । ଶଗଡ ବା ମଟର କାଦୁଅରେ ଚଢ଼ିଗଲେ, ସେଇଥିରେ ବସି ଠେଲିଲେ କ'ଣ ତାହା ପଙ୍କରୁ ବାହାରି ପାରିବ ? ଯେଉଁମାନଙ୍କ ମନକୁ ଶାସନକଳର ଦୁର୍ନୀତି ବାଧୁଛି, ସେମାନେ ସେଥିରୁ ଅଲଗା ହୋଇ ଯାଆନ୍ତୁ; ଯେଉଁମାନେ ଅବସ୍ଥା ଚକ୍ରରେ ପଡ଼ି ତତ୍‌ସଙ୍ଗେ, କର୍ମଚାରୀ ବା ଠିକାଦାର ଭାବେ ସଂପୃକ୍ତ, ସେମାନେ ବିଚାର କରନ୍ତୁ, ଦୋଷୀର ସହକାରୀ ଭାବେ ସେମାନଙ୍କଠାରେ ଦୋଷ ପ୍ରବର୍ତ୍ତୁଛି ନା ନାହିଁ । ଯେଉଁମାନେ ଶାସନରୁ ଅଲଗା ହୋଇ ରହୁଛନ୍ତି ସେମାନେ ସ୍ୱାବଲମ୍ବୀ ହୋଇ ଯୁବଶକ୍ତିକୁ ସ୍ୱାଧୀନବୃତ୍ତି ଆଡ଼କୁ ଆକୃଷ୍ଟ ଓ ନିଜର ସ୍ୱାଧୀନଚିନ୍ତା ଦ୍ୱାରା ସେମାନଙ୍କୁ ଉଦ୍‌ବୁଦ୍ଧ କରନ୍ତୁ । ଯେଉଁମାନେ ଶାସନ ଭିତରେ ଥାଇ ମଧ୍ୟ ତାହାର ଦୋଷାଦୋଷ ପ୍ରତି ଅବହିତ, ସେମାନେ ଯଥାସାଧ୍ୟ ବୌଦ୍ଧିକ ଓ ଆର୍ଥିକ ସମର୍ଥନ ପ୍ରଥମ ଶ୍ରେଣୀର କର୍ମୀମାନଙ୍କୁ ଦିଅନ୍ତୁ । ଏ ଉଭୟ ଶ୍ରେଣୀ ଦେଶର ଦରିଦ୍ର ଜନତାର ସୁଖ ଦୁଃଖ ପ୍ରତି ସହାନୁ-ଭୂତିଶୀଳ ହୋଇ, ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଉନ୍ନତି ଓ ଗ୍ରାସାଚ୍ଛାଦନର ଗଠନ ମୂଳକ ବ୍ୟବସ୍ଥା ନିଜର ସାଧ୍ୟାନୁସାରେ କରନ୍ତୁ । ବର୍ତ୍ତମାନର ପରିସ୍ଥିତିରେ ଏହାହିଁ ପ୍ରତିକାର; ଏକମାତ୍ର ନିଶ୍ଚିତ ପନ୍ଥା; ନବଜୀବନର ପ୍ରକୃଷ୍ଟ ସରଣୀ ।

( ୧୯୬୦—ଏପ୍ରିଲ, ମେ ) ନବଜୀବନ—୫ମ ବର୍ଷ—୧ମ ସଂଖ୍ୟା)

—o—

# ଓଡ଼ିଆର ସାହିତ୍ୟ ସାଧନା

ବୃନ୍ଦାବନ ନାଥ ଶର୍ମା

"ମୋ ଜୀବନ ସାରଧନ ଜନନୀ ଉତ୍କଳଭାଷା
ଆସ ଗୋ ମା ! କରେ ପୂଜା ପୂର୍ଣ୍ଣ ହେଉ
ପ୍ରାଣ ଆଶା,
ଭକ୍ତି ଶ୍ରଦ୍ଧା ସ୍ନେହ ମାୟା ହୃଦୟ ସ୍ୱର୍ଗୀୟ ଧନ
ଜନନୀଗୋ, କୃପାକରି କରୁ ତୁହି ବିତରଣ,,

— ଫକୀର ମୋହନ

ଓଡ଼ିଆ ପୂର୍ବକାଳରେ କିପରି ଭାବରେ ନିଜ ଭାଷାର ଚର୍ଚ୍ଚା କରୁଥିଲା, ଶିଳ୍ପରାଜ୍ୟରେ, ଭାବରାଜ୍ୟରେ, କଳ୍ପନା ରାଜ୍ୟରେ ଓଡ଼ିଆର ବୁଦ୍ଧିବୃତ୍ତି ବିକାଶ କେତେଦୂର ହୋଇଥିଲା, ସେ • ସବୁ ଅତୀତ -କାହାଣୀ ବର୍ତ୍ତମାନ ଗାଇବାକୁ ହେବନାହିଁ । ଆଧୁନିକ ଯୁଗରେ ଓଡ଼ିଆ ନିଜର ସାହିତ୍ୟ ଚର୍ଚ୍ଚା କିପରି କରିଅଛି; ସାହିତ୍ୟ ପ୍ରତି ତାହାର .ମମତା, ତଥା ଅନୁରାଗ କେତେ, ସେ ସମ୍ବନ୍ଧରେ କିଞ୍ଚିତ ଆଲୋଚନା କରିବା ଆବଶ୍ୟକ ବୋଲି ମନେହୁଏ । ସାହିତ୍ୟ ହିଁ ଜାତିର .ପ୍ରାଣ । ଯେଉଁ ଜାତିର ସାହିତ୍ୟ ବିକଳାଙ୍ଗ, ସେ ଜାତିର ଅବସ୍ଥା ମଧ୍ୟ ମ୍ରିୟମାଣ; ଯେଉଁ ଜାତିର ସାହିତ୍ୟ ସୌଷ୍ଠବ-ଜାମ୍ଭିତ, ତାହାର ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟ ସୁଶୋଭନ—ଏ କଥାରେ ମତଭେଦ ନାହିଁ । ଜାତିର ଅବସ୍ଥା ସାହିତ୍ୟରୁ ଜଣାପଡ଼େ । ଶିଳ୍ପରାଜ୍ୟରେ, ଭାବରାଜ୍ୟରେ, ବସ୍ତୁରାଜ୍ୟରେ ଯେଉଁ ଜାତି ଯେତିକି ଅଗ୍ରଗାମୀ, ତାହାର ସାହିତ୍ୟ ସେତିକି ମାର୍ଜିତ, ସୁରୁଚିସମ୍ପନ୍ନ ।

ଇଂରେଜ ରାଜତ୍ୱ ଏ ଦେଶରେ ଦୃଢ଼ ଭିତ୍ତିରେ ଯେତେବେଳେ ସ୍ଥାପିତ ହେଲା, ସେତେବେଳେ ନାନା ଦିଗରେ ଉନ୍ନତିର ସୂଚନା ଏ ଦେଶରେ ଦେଖାଗଲା । ମିଶନାରୀମାନେ ସ୍ଥାନେ ସ୍ଥାନେ ମୁଦ୍ରାଯନ୍ତ୍ର ବସାଇ ଦେଶୀୟ ଭାଷାର ଉନ୍ନତି ଆରମ୍ଭ କରିଥିଲେ । ଓଡ଼ିଶାରେ ମଧ୍ୟ ଏହିପନ୍ଥା ଅନୁଷ୍ଠିତ ହୋଇଥିଲା । ମୁଦ୍ରାଯନ୍ତ୍ରର ପ୍ରଚଳନ ସଙ୍ଗେ ସଙ୍ଗେ ସାହିତ୍ୟର ପ୍ରସାର ହେବାକୁ ଲାଗିଲା । ସ୍କୁଲ, କଲେଜ ଖୋଲାଗଲା, ଶିକ୍ଷାର ଉନ୍ନତି ସଙ୍ଗେ ସଙ୍ଗେ ସାହିତ୍ୟର ଉନ୍ନତି ଦେଖାଗଲା । ପ୍ରାଚୀନ କବିମାନଙ୍କ ଲିଖିତ କାବ୍ୟକବିତା ମୁଦ୍ରିତ ହୋଇ ସାଧାରଣରେ ପ୍ରଚାର କରାଗଲା । ପୁଣି ତତ୍ ସଙ୍ଗେ ସଙ୍ଗେ ବିଦ୍ୟାଳୟର ପାଠୋପଯୋଗୀ ଗ୍ରନ୍ଥାଦି ମୁଦ୍ରିତ ହୋଇ ଦେଶରେ ବିଦ୍ୟାଚର୍ଚ୍ଚାର ପ୍ରସାର କ୍ରମେ କ୍ରମେ ବୃଦ୍ଧି ପାଇବାକୁ ବସିଲା । ନବ୍ୟ ଶିକ୍ଷିତମାନେ ସାହିତ୍ୟ ପ୍ରତି ଅନୁରକ୍ତ ହୋଇ ନିଜର ମନୋମତ କାବ୍ୟ କବିତା ରଚନା କରିବାକୁ ଲାଗିଲେ । ଏହିପରି ହୋଇ କ୍ରମେ କ୍ରମେ ଓଡ଼ିଆ ସାହିତ୍ୟର ପ୍ରସାର ଏ ଦେଶରେ ହୋଇଅଛି ।

୧୮୪୮ ଖ୍ରୀଷ୍ଟାବ୍ଦରେ କଟକ ମିସନ ପ୍ରେସରୁ 'ଜ୍ଞାନାରୁଣ' ଓ 'ପ୍ରବୋଧଚନ୍ଦ୍ରିକା' ନାମକ ଦୁଇଖଣ୍ଡ ସାମୟିକ ପତ୍ର ବାହାରିଥିଲା । ତତ୍ପରେ ୧୮୬୬ଖ୍ରୀଷ୍ଟାବ୍ଦରୁ 'ଉତ୍କଳଦୀପିକା' ବାହାରି ଅଦ୍ୟାବଧି ନିଜର କର୍ତ୍ତବ୍ୟ ପାଳନ କରୁଅଛି । ୧୮୬୬ ଖ୍ରୀଷ୍ଟାବ୍ଦରେ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ପଡ଼ିଥିଲା । ସେତେବେଳେ ଲର୍ଡ଼ଲରେନ୍ସ ଭାରତର ବଡ଼ଲାଟ, ଓଡ଼ିଶାର କମିସନର ମି· ଟି· ଇ ରେଭେନ୍ସା । ଉପରୋକ୍ତ ହିସାବରୁ ଜଣାପଡ଼େ, ଓଡ଼ିଶାର ଆଧୁନିକ ଯୁଗର ସାହିତ୍ୟ ଚର୍ଚ୍ଚାର ବିକାଶ ପ୍ରାୟ ୬୦ ବର୍ଷ ଭିତରେ । ଏହି ୬୦ ବର୍ଷ ଭିତରେ ଓଡ଼ିଆ ନିଜର ସାହିତ୍ୟର କିପରି ଉନ୍ନତି କରିଅଛି, ପୁଣି ମାତୃରୂପିଣୀ ମାତୃଭାଷାକୁ କିପରି ଆଦର ଓ ସମ୍ମାନ ପ୍ରଦର୍ଶନ କରି ଆସୁଅଛି, ସେ ସମ୍ବନ୍ଧରେ କିଞ୍ଚିତ ଆଲୋଚନା କରିବା ଏହି ପ୍ରବନ୍ଧର ମୁଖ୍ୟ ଉଦ୍ଦେଶ୍ୟ

ପ୍ରାଚୀନ ଓଡ଼ିଆ ସାହିତ୍ୟର ଆବିର୍ଭାବ କେବେ ? ସେ ସମ୍ବନ୍ଧରେ ନାନା ମୁନିର ନାନାମତ । ବୈଦେଶିକ ଐତିହାସିକମାନେ ଯେଉଁ

ସବୁ ସିଦ୍ଧାନ୍ତରେ ଉପନୀତ ହୋଇଅଛନ୍ତି ସେ ସବୁ ଆଲୋଚନା କଲେ ଜଣାଯାଏ, ଓଡ଼ିଆ ସାହିତ୍ୟର ଆବିର୍ଭାବ ୧୩୦୦ ଖ୍ରୀଷ୍ଟାବ୍ଦରୁ ୧୫୦୦ ଖ୍ରୀ:ଅ ଭିତରେ । ଏବେ ନେପାଳରୁ ଖଣ୍ଡକେତେ ପାଣ୍ଡୁଲିପି ମିଳିଅଛି । ତାହାର ବୟସ କେତେ, ତାହା ନିର୍ଣ୍ଣୀତ ହୋଇନାହିଁ ସେହି ପାଣ୍ଡୁଲିପିର ଭାଷା ଓଡ଼ିଆ ବୋଲି କେତେକ କହନ୍ତି । ମାନ୍ୟ ମାନ୍ୟବର ହରପ୍ରସାଦଶାସ୍ତ୍ରୀ ମହାଶୟ ତାକୁ ବଙ୍ଗଳା ବୋଲି ଦାବୀ କରିଅଛନ୍ତି ଏବଂ ସେହି ପାଣ୍ଡୁଲିପିର ବୟସ ୧୦୦୦ ବର୍ଷ ବୋଲି ପ୍ରକାଶ କରନ୍ତି । କଲିକତା ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷାର ଅଧ୍ୟାପକ ଶ୍ରୀଯୁକ୍ତ ବିଜୟ ଚନ୍ଦ୍ର ମଜୁମଦାର ମହାଶୟ ସେହି ପାଣ୍ଡୁ-ଲିପିକୁ ଓଡ଼ିଆର ସମ୍ପତ୍ତି ବୋଲି ଦୃଢ଼ତା ସହ ସମର୍ଥନ କରି ଓଡ଼ିଆ ସାହିତ୍ୟର ମହତ୍ତ୍ୱ ରକ୍ଷାକରି ଅଛନ୍ତି । ଶାସ୍ତ୍ରୀ ମହାଶୟଙ୍କ କଥିତମତେ ଉକ୍ତ ପାଣ୍ଡୁଲିପିର ବୟସ ୧୦୦୦ ବର୍ଷ ହେଲେ ଓଡ଼ିଆ ସାହିତ୍ୟର ଆବିର୍ଭାବ ସମ୍ବନ୍ଧରେ ପୂର୍ବେ ଯେଉଁ ସବୁ ନିର୍ଦ୍ଧାରଣ ହୋଇଅଛି, ତାହା ସମର୍ଥନ କରିବାକୁ ମନମାନୁ ଅଛି କି ?

**Sri W, W Hunter** କହନ୍ତି କେଶବ କୋଇଲି ୫୦୦ ବର୍ଷ ପୂର୍ବେ ମାର୍କଣ୍ଡେୟଦାସଙ୍କ ଦ୍ୱାରା ଲେଖା ଯାଇଅଛି । ଅନେକେ କହନ୍ତି । ମାର୍କଣ୍ଡେୟ ଦାସ ଓଡ଼ିଶାର ଆଦିକବି, କେଶବ କୋଇଲି ଆଦି ଗ୍ରନ୍ଥ , ସ୍ୱର୍ଗୀୟ ତାରିଣୀ ଚରଣ ରଥଙ୍କ ପ୍ରଣୀତ 'ଉତ୍କଳ ସାହିତ୍ୟର ଇତିହାସ' ରୁ ଜଣାପଡେ ବଳଭଦ୍ରଭଞ୍ଜ ଓଡ଼ିଆ ଭାଷାର ଆଦିକବି । ତାଙ୍କର ସମୟ ୧୦୨୭ ଖ୍ରୀଷ୍ଟାବ୍ଦରୁ ୧୦୫୭ ଖ୍ରୀଷ୍ଟାବ୍ଦ ମଧ୍ୟରେ । ସ୍ୱର୍ଗୀୟ ପ୍ୟାରୀମୋହନ ଆଚାର୍ଯ୍ୟ ଓଡ଼ିଶାର ଇତିହାସ ଗ୍ରନ୍ଥରେ କହିଅଛନ୍ତି—

ଦଶମ ଶତାବ୍ଦୀଠାରୁ ଭାରତବର୍ଷରେ ଭାଷା ପରିବର୍ତ୍ତନ ଆନ୍ଦୋଳନର ସୂତ୍ରପାତ ହୋଇ ଅଧୁନା ପ୍ରଚଳିତ ନାନା ଭାଷା କ୍ରମେ କ୍ରମେ ସୃଷ୍ଟି ହୋଇଅଛି । ଗଙ୍ଗାବଂଶୀୟ ରାଜାଙ୍କ ସମୟରେ ଓଡ଼ିଶାର ଅନ୍ୟାନ୍ୟ ପରିବର୍ତ୍ତନ ସଙ୍ଗେ ଭାଷା ପରିବର୍ତ୍ତନ ମଧ୍ୟ ସଂଘଟିତ ହୋଇଥିଲା । ···ସେହି ସମୟରେ ଭାଷା କ୍ରମେ କ୍ରମେ ପରିବର୍ତ୍ତିତ ହୋଇ ଆଧୁନିକ ଓଡ଼ିଆ ଭାଷାର ରୂପ ଧରିବାକୁ ଆରମ୍ଭକଲା । କ୍ରମେ କ୍ରମେ ଏହି ଭାଷାର

ଉନ୍ନତ ହୋଇ ପ୍ରତାପରୁଦ୍ରଙ୍କ ସମୟକୁ ବହୁ ପରିମାଣରେ ଶୁଦ୍ଧ ଓଡ଼ିଆ ଭାଷା ହୋଇଥିଲା ।" ଇତ୍ୟାଦି ।

ରାଜା ପ୍ରତାପରୁଦ୍ର ଖ୍ରୀ ୧୫୦୪-୧୫୩୨ ପର୍ଯ୍ୟନ୍ତ ଓଡ଼ିଶାରେ ରାଜତ୍ୱ କରିଥିଲେ । ତାଙ୍କ ସମୟରେ ଚୈତନ୍ୟଦେବ ଓଡ଼ିଶା ଆସି ବାସ କରି ବୈଷ୍ଣବ ଧର୍ମର ବିକାଶ କରିଥିଲେ । ପ୍ରକୃତ ପକ୍ଷରେ ରାଜା ପ୍ରତାପ-ରୁଦ୍ରଙ୍କ ସମୟରେ ଓଡ଼ିଆ ଭାଷାର ବିଶେଷ ଉନ୍ନତି ହୋଇଥିଲା ଓଡ଼ିଆ ଭାଗବତ ରଚୟିତା ଜଗନ୍ନାଥ ଦାସଙ୍କ ବିଦ୍ୟାବୁଦ୍ଧି ବିଚକ୍ଷଣତା ଦେଖି ଚୈତନ୍ୟଦେବ ତାଙ୍କୁ ଅତିବଡ଼ୀ ଜଗନ୍ନାଥ ଦାସ ବୋଲି କହିଥିବାର ଇତିହାସ ସାକ୍ଷ୍ୟଦିଏ । ରାଜା ପ୍ରତାପରୁଦ୍ରଙ୍କ ସମୟରେ ଓଡ଼ିଆ ସାହିତ୍ୟର ଯେଉଁ ବିକାଶ ଦେଖାଯାଇଥିଲା, ସେଥିରୁ ଅନୁମାନ ହୁଏ, ଓଡ଼ିଆ ସାହିତ୍ୟର ଚର୍ଚ୍ଚା ବହୁଦିନରୁ ଆରମ୍ଭ ହୋଇଥିଲା । ଓଡ଼ିଆ-ସାହିତ୍ୟର ଆରମ୍ଭ ଯୁଗ ପ୍ରତାପରୁଦ୍ରଙ୍କ ସମୟରେ ନହୋଇ ତାହାର ବହୁପୂର୍ବରୁ ହୋଇଥିବାର ପ୍ରତ୍ୟୟମାନ ହୁଏ । ବୌଦ୍ଧଧର୍ମ ଯେତେବେଳେ ଓଡ଼ିଶାରେ ବ୍ୟାପିଥିଲା ସେତେବେଳେ ଓଡ଼ିଆ ସାହିତ୍ୟର ଜନ୍ମ ହୋଇଥିବାର ଅନୁମାନ କରାଯାଏ । ନେପାଳରୁ ଯେଉଁ ପାଣ୍ଡୁଲିପି ମିଳିଅଛି, ତହିଁର ଲେଖକ କାହ୍ନୁଦାସ ଓଡ଼ିଆରେ ଯେଉଁସବୁ କବିତା, ଦୋହା ଲେଖି ଅଛନ୍ତି, ତାହା ବୌଦ୍ଧଯୁଗର ବୋଲି ଅନେକେ କହୁଅଛନ୍ତି । ପୂର୍ବ ସିଦ୍ଧାନ୍ତ ଅର୍ଥାତ୍ ୫୦୦ ବର୍ଷ ପୂର୍ବେ ଓଡ଼ିଆ ସାହିତ୍ୟର ଆବିର୍ଭାବ ବୋଲି ବିଶ୍ୱାସ ହେଉନାହିଁ । ବୌଦ୍ଧଗାନ ଓ ଦୋହା ପ୍ରଭୃତି ବାହାରିବାରୁ ବଙ୍ଗଳା ଓ ଓଡ଼ିଆ ଭାଷାର ପ୍ରାଚୀନତା ଅନେକ ଦୂରକୁ ଅଗ୍ରସର ହୋଇ ଯାଇଅଛି । ପୁରାତତ୍ତ୍ୱ ଅନୁସନ୍ଧାନ କାର୍ଯ୍ୟ ବର୍ତ୍ତମାନ ନାନା ଦିଗରେ ଲାଗିଅଛି । ଅଳ୍ପଦିନ ହେଲା ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର କର୍ତ୍ତା ସାର୍ ଜନ୍ ମାର୍ସଲଙ୍କ ତତ୍ତ୍ୱାବଧାନରେ ପଶ୍ଚିମ ପଞ୍ଜାବର ହରପା (Harappa) ଏବଂ ସିନ୍ଧୁପ୍ରଦେଶର ମୋହେଞ୍ଜୋଦାରୋ (Mohanja-daro) ନାମକ ସ୍ଥାନରୁ ଅନେକ ଗୁଡ଼ିଏ ପଦାର୍ଥ ଖନନ କରି ଆବିଷ୍କାର କରାଯାଇଅଛି । ଏହିସବୁ ପଦାର୍ଥ ଦେଖି ପ୍ରତ୍ନତତ୍ତ୍ୱବିତ୍‌ମାନେ କହୁଅଛନ୍ତି, ଏହା ୫୦୦୦ ବର୍ଷ ପୂର୍ବେ ପ୍ରସ୍ତୁତ ହୋଇଥିଲା । ଆର୍ଯ୍ୟସଭ୍ୟତା ଅଳ୍ପ-ଦିନର, ବୈଦେଶିକ ସଭ୍ୟତା ଆସି ଆର୍ଯ୍ୟ ସଭ୍ୟତାକୁ ବଢ଼ାଇଅଛି

ବୋଲି ଯେଉଁ ଅପବାଦ ଥିଲା, ତାହା ବର୍ତ୍ତମାନ ତିରୋହିତ ହୋଇଅଛି । ଆଶାହୁଏ, ପ୍ରତ୍ନତତ୍ତ୍ୱ ଅନୁସନ୍ଧାନରେ ଓଡ଼ିଆ ସାହିତ୍ୟର ପ୍ରାଚୀନତା ପ୍ରମାଣିତ ହୋଇପାରିବ, ମାତ୍ର ବର୍ତ୍ତମାନ ଓଡ଼ିଆର ମସ୍ତିଷ୍କ ବଡ଼ ଅସାରଗ ହୋଇଥିବାରୁ ପ୍ରକୃତତଥ୍ୟ କେବେ, କାହାଦ୍ୱାରା ବାହାରିବ, ତାହା କୁହାଯାଇନପାରେ ।

ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶ ଯୁଗରେ ନାନା ପ୍ରତିବନ୍ଧକ ତଥା ନାନା ଅସୁବିଧା ପଡ଼ିଥିଲା । ବଙ୍ଗୀୟ ଭାଇମାନେ ଓଡ଼ିଆ ଭାଷାକୁ ଉଠାଇ ଦେଇ ବଙ୍ଗଳା ଭାଷାର ଓଡ଼ିଶାରେ ଯେପରି ପ୍ରସାର ହୁଏ, ତନ୍ନିମିତ୍ତ ପ୍ରାଣପଣେ ଚେଷ୍ଟା କରିଥିଲେ । ବାଲେଶ୍ୱର ଜିଲ୍ଲା ସ୍କୁଲର ତତ୍କାଳୀନ ପଣ୍ଡିତ କାନ୍ତିଚନ୍ଦ୍ର ଓଡ଼ିଆ ଭାଷା ସ୍ୱତନ୍ତ୍ର ନୁହେଁ ଏହା ବଙ୍ଗଳାର ଅଙ୍ଗ ବୋଲି ପ୍ରମାଣ କରିବାକୁ ଯାଇ ପୁସ୍ତକ ଛାପିଥିଲେ । ଯେପରି ବିପୁଳ ଆୟୋଜନ ହୋଇଥିଲା ତାହା ପାଠକଲେ ନାନା କଥା ମନେପଡ଼େ । ସେତେବେଳେ ବଙ୍ଗର ଅଧୀନରେ ଓଡ଼ିଶା, ଓଡ଼ିଆ ଶିକ୍ଷିତଙ୍କ ସଂଖ୍ୟା ନଗଣ୍ୟ, ବଙ୍ଗ ଦେଶରୁ ଜନସ୍ରୋତ ଓଡ଼ିଶାରେ ଉଜାଡ଼ି ପଡ଼ୁଥାଏ । ଓଡ଼ିଶାର ଜମିଦାରୀ ନାନା ଅଞ୍ଚଳର ଲୋକେ ମୁଠିଦରରେ କିଣିନେଉଥାନ୍ତି । ଓଡ଼ିଶାର ସେ କାଳର ଅବସ୍ଥା ଅବର୍ଣ୍ଣନୀୟ ସେତେବେଳେ ଓଡ଼ିଶାର ସ୍ଥାୟୀ ବଙ୍ଗାଳୀମାନେ ଓଡ଼ିଆଙ୍କ ସହିତ ମିଶି ଓଡ଼ିଆର ପ୍ରାଚୀନତା ପ୍ରମାଣରେ ଯେଉଁ ପ୍ରୟାସ କରିଥିଲେ ତାହା ପ୍ରକୃତ ପକ୍ଷରେ ଅତ୍ୟନ୍ତ ପ୍ରଶଂସାର କଥା । ଉତ୍କଳ ଦୀପିକାର କର୍ଣ୍ଣଧାର ଗୌରୀଶଙ୍କର, ପ୍ୟାରୀମୋହନ ପ୍ରଭୃତି ବୀରପୁରୁଷମାନେ ଓଡ଼ିଆଙ୍କ ପକ୍ଷାବଲମ୍ବନ କରି ଯେଉଁ ସତ୍‌ସାହସ ଓ ନିରପେକ୍ଷତାର ପରିଚୟ ଦେଇ ଅଛନ୍ତି, ତାହା ସର୍ବଦା ସମ୍ମାନ ସହିତ ସ୍ମୃତ ହେବା ଉଚିତ । ମି. ବିମ୍ସ, ଲର୍ଡ କେମ୍ବେଲ୍, ମିଃ ରେଭେନ୍‌ସା ଓଡ଼ିଆମାନଙ୍କର ଯେଉଁ ଉପକାର କରି ଅଛନ୍ତି, ତାହାର ପ୍ରତିଦାନ ଅଦ୍ୟାବଧି ଓଡ଼ିଆମାନେ ଦେଖାଇପାରି ନାହାନ୍ତି । ଆଶା କରାଯାଏ, ଓଡ଼ିଆମାନେ ସେମାନଙ୍କର ମାତୃଭାଷା ରକ୍ଷକ ମାନଙ୍କର ଆତ୍ମାପ୍ରତି ସର୍ବଦା ଭକ୍ତି-ପ୍ରୀତି-ପୁଷ୍ପାଞ୍ଜଳି ପ୍ରଦାନ କରିବାକୁ ଦୃଢ଼ ସଙ୍କଳ୍ପ ହେବେ । ଓଡ଼ିଆ ଭାଷା ଉଠିଯିବ, ତତ୍

ପରିବର୍ତ୍ତିରେ ବଙ୍ଗଳା ଭାଷା ଚଳିବ, ଏହି ନିଦାରୁଣ ସମ୍ବାଦ ଯେତେ-ବେଳେ ଓଡ଼ିଶାରେ ପ୍ରଚରିତ ହେଲା ସେତେବେଳେ ନନ୍ଦକିଶୋର ଦାସ, ବିଚିତ୍ରାନନ୍ଦଦାସ, ବିଭୂତି ପଟ୍ଟନାୟକ, ଫକୀରମୋହନ ସେନାପତି ପ୍ରଭୃତି ଗଣ୍ୟମାନ୍ୟ ଓଡ଼ିଆମାନେ ଯେଉଁ ସତ୍‌ସାହସର ପରିଚୟ ଦେଇ-ଅଛନ୍ତି, ତାହା ଓଡ଼ିଆ ଜାତି ସର୍ବଦା ସ୍ମରଣ ରଖିବା ଆବଶ୍ୟକ । ଓଡ଼ିଆ ଭାଷାକୁ ଉଠାଇ ଦେଇ ବଙ୍ଗଳାଭାଷା ପ୍ରଚଳନ କରିବାକୁ କିପରି ଆୟୋଜନ ହୋଇଥିଲା ତାହା ନିମ୍ନୋକ୍ତ ବାକ୍ୟାବଳୀରୁ ସହଜରେ ଅନୁମେୟ । ସ୍ୱର୍ଗୀୟ ରାଜା ରାଜେନ୍ଦ୍ରଲାଲ ମିତ୍ର କଟକର ଗୋଟିଏ ସଭାରେ କହିଥିଲେ, ଉତ୍କଳର ଯଥାର୍ଥ ହିତକାଂକ୍ଷୀ ଯେ ହେବେ, ସେ ସର୍ବାଗ୍ରେ ଉତ୍କଳ ଭାଷା ଉଠାଇ ଦେଇ ବଙ୍ଗଭାଷା ପ୍ରଚଳନ କରିବାର ଚେଷ୍ଟା କରିବେ, କାରଣ ଯେତେକାଳ ଉତ୍କଳ ଭାଷା ଉଠିଯାଇ ନାହିଁ, ସେତେକାଳଯାଏ ଉତ୍କଳର ଉନ୍ନତି ହେବା ଅସମ୍ଭବ ।" (କର୍ମଯୋଗୀ ଗୌରୀଶଙ୍କର, ୪୦ପୃଷ୍ଠା ଦ୍ରଷ୍ଟବ୍ୟ) ରାଜା ରାଜେନ୍ଦ୍ରଲାଲ ବଙ୍ଗଦେଶର ଜଣେ ବିଖ୍ୟାତ ଲେଖକ । ତାଙ୍କର ଏହି ଉଦ୍ୟମରେ ଅନ୍ୟାନ୍ୟ ବଙ୍ଗୀୟ ଭଦ୍ରଲୋକମାନେ ଉତ୍ସାହିତ ହୋଇ ଓଡ଼ିଆ ଭାଷାକୁ ଉଠାଇ-ବାକୁ ଘୋର ଚେଷ୍ଟା କରିଥିଲେ, ମାତ୍ର ଈଶ୍ୱରଙ୍କର ଅପାର କରୁଣାରୁ ଓଡ଼ିଆ ଭାଷା ଭାରତରେ ଗୋଟିଏ ଭାଷା ହୋଇ ରହିଲା । ଓଡ଼ିଆର ଜୀବନରକ୍ଷା ହେଲା । ଓଡ଼ିଶାସ୍ଥ ସ୍ଥାୟୀ ବଙ୍ଗଳୀମାନେ ଓଡ଼ିଆଙ୍କ ପକ୍ଷ ସମର୍ଥନ କରିଥିବା କଥା ପୂର୍ବେ କୁହାଯାଇଅଛି । ବଙ୍ଗଦେଶସ୍ଥ ବଙ୍ଗାଳୀ ମାନେ ଓଡ଼ିଆଭାଷା ଉଠାଇ ଦେବାକୁ ପ୍ରାଣେ ପଣେ ଚେଷ୍ଟା କରିଥିଲେ (Indian mirror) ପ୍ରଭୃତି ପତ୍ରିକାରେ ବଙ୍ଗଭାଷାର ସପକ୍ଷରେ ଆଲୋଚନା ହୋଇଥିଲା, ମାତ୍ର ବଙ୍ଗର ସୁସନ୍ତାନ. ଓଡ଼ିଆ ଭାଷାର ପରମହିତୈଷୀ ଆଦର୍ଶ ହିନ୍ଦୁସନ୍ତାନ ଭୂଦେବ ମୁଖୋପାଧ୍ୟାୟ ୧୮୭୦ ଖ୍ରୀଷ୍ଟାବ୍ଦରେ ନିଜ ସମ୍ପାଦିତ ଏଡୁକେଶନ ଗେଜେଟରେ ଓଡ଼ିଆଭାଷା ସପକ୍ଷରେ ଯେଉଁ ଯୁକ୍ତି ଦେଖାଇଥିଲେ, ତାହା ଓଡ଼ିଆଙ୍କର ପ୍ରଧାନ ସହାୟରୂପେ ଗୃହୀତ ହୋଇଥିଲା । ମୁଖୋପାଧ୍ୟାୟ ମହାଶୟ ଶିକ୍ଷାବିଭାଗର ଜଣେ ଉଚ୍ଚକର୍ମଚାରୀ, ପୁଣି ଗଣ୍ୟମାନ୍ୟ ବ୍ୟକ୍ତି ହୋଇଥିବାରୁ ତାଙ୍କ ମତର ମୂଲ୍ୟ ସାଧାରଣ ବୁଝିପାରିଥିଲେ । ସୁଲେଖକ ଭୂଦେବ ମୁଖୋପାଧ୍ୟାୟଙ୍କ

ଯୋଗେ ଓଡ଼ିଆ ଭାଷାର ବିକାଶ ହୋଇଅଛି, ଏକଥା ସ୍ୱୀକାର କରିବାକୁ ହେବ । ଓଡ଼ିଆ ଭାଷାର ପ୍ରସିଦ୍ଧ ଲେଖକ ରାୟ ରାଧାନାଥ ବଙ୍ଗଭାଷାରେ କବିତାଦି ଲେଖିବାକୁ ଚେଷ୍ଟା କରୁଥିବାରୁ ମୁଖୋପାଧ୍ୟାୟ ମହାଶୟ ତାଙ୍କୁ ଓଡ଼ିଆ ଭାଷାର କବିତାଦି ରଚନା କରିବାକୁ ଉପଦେଶ ଦେଇଥିଲେ ଏବଂ କହିଥିଲେ, ପ୍ରତ୍ୟେକ ଉତ୍କଳବାସୀ ଓଡ଼ିଆ ଭାଷାର ଉନ୍ନତି ବିଧାନରେ ଅନନ୍ୟବ୍ରତ ହେବା କର୍ତ୍ତବ୍ୟ । "ତାଙ୍କର ଉପଦେଶାନୁସାରେ ରାଧାନାଥ ବଙ୍ଗଳା ରଚନା ପ୍ରୟାସ ସମ୍ପୂର୍ଣ୍ଣ ପରିତ୍ୟାଗ କରି ଓଡ଼ିଆ ରଚନାରେ ପ୍ରବୃତ୍ତ ହୋଇଥିଲେ । ରାୟ କବି ବଙ୍ଗ ସନ୍ତାନ, ତାଙ୍କର ବଙ୍ଗଭାଷା ପ୍ରତି ମମତା ଥିବା ସ୍ୱାଭାବିକ, 'ଲେଖାବଳୀ' ପ୍ରଭୃତି ବଙ୍ଗଳା ରଚନା ତାଙ୍କର ଅଛି ।

ସ୍ୱର୍ଗୀୟ ରମେଶଚନ୍ଦ୍ରଦତ୍ତଙ୍କ ନାମ ଓଡ଼ିଆମାନେ ଅବଶ୍ୟ ଜାଣନ୍ତି । ସେ କିଛି କାଳ ଓଡ଼ିଶାରେ କମିଶନର ଥିଲେ । ତାଙ୍କୁ ବଙ୍ଗ ସାହିତ୍ୟର ଜୀବନଦାତା ବଙ୍କିମଚନ୍ଦ୍ର ବଙ୍ଗଳାର ପ୍ରବନ୍ଧାଦି ଲେଖିବାକୁ କହିଥିଲେ । ଦତ୍ତ ମହାଶୟ ବିଲାତ ଫେରନ୍ତ୍ ସିଭିଲୟାନ୍ । ସେ କହିଲେ; ମୁଁ ବଙ୍ଗଳା ଜାଣେ ନାହିଁ, ଇଂରାଜୀରେ ଲେଖିପାରିବି । ବଙ୍କିମଚନ୍ଦ୍ର କହିଲେ, "ବଙ୍ଗସାହିତ୍ୟର ବର୍ତ୍ତମାନ ଶୈଶବାବସ୍ଥା । ଆପଣମାନେ ଯାହା ଲେଖିବେ, ତାହା ବଙ୍ଗ ସାହିତ୍ୟରେ ଆଦର୍ଶ ହୋଇରହିବ ।" ତାଙ୍କର ଅନୁରୋଧରେ ଦତ୍ତମହାଶୟ ବଙ୍ଗସାହିତ୍ୟରେ ପ୍ରବିଷ୍ଟ ହୋଇ ନାନାବିଧ ରଚନା ରଖିଯାଇଅଛନ୍ତି । ଏକଥା ଶିକ୍ଷିତ ଓଡ଼ିଆଙ୍କୁ କହିବା ଅନାବଶ୍ୟକ । ମନୀଷୀ ଭୂଦେବଙ୍କ ପ୍ରେରଣାରେ ରାଧାନାଥ ଓଡ଼ିଆ ରଚନାରେ କୃତସଂକଳ୍ପ ହୋଇ ଯେଉଁସବୁ କାବ୍ୟ କବିତା ଲେଖିଯାଇଅଛନ୍ତି, ତାହା ଆଧୁନିକ କାଳର ଆଦର୍ଶ ରଚନା ବୋଲି ଏ ଦେଶରେ ଗୃହୀତ ହୋଇଅଛି । ପୂର୍ବେ କୁହାଯାଇ ଅଛି ଯେ, ୬୦ ବର୍ଷପୂର୍ବେ ଆଧୁନିକ ଓଡ଼ିଆ ସାହିତ୍ୟର ଆବିର୍ଭାବ ହୋଇଅଛି ଏବଂ ସେହି ୬୦ ବର୍ଷ ଭିତରେ ଓଡ଼ିଆ ଜାତି ନିଜ ସାହିତ୍ୟର ବିଭିନ୍ନ ବିଭାଗ କିପରି ଉନ୍ନତ କରି ଅଛନ୍ତି ବର୍ତ୍ତମାନ ସେ କଥା ଆଲୋଚନା କରାଗଲେ ପାଠକମାନେ

ସୁଖୀ ହେବେ, ବୋଲି ଆଶାକରାଯାଏ ଏବଂ ତହିଁରୁ ଓଡ଼ିଆର ସାହିତ୍ୟ ସାଧନା କେତେ, ତାହା ମଧ୍ୟ ସାଧାରଣ ବୁଝିବାକୁ ସୁବିଧା ପାଇବେ ବୋଲି ଭାବିବା ଅସଙ୍ଗତ ନୁହେଁ ।

ରାଧାନାଥ ନବୀନଯୁଗର ଓଡ଼ିଆ ସାହିତ୍ୟର ଗୁରୁ, ତାଙ୍କୁ ଆଦର୍ଶ କରି ଓଡ଼ିଶାରେ ଏହି ୬୦ ବର୍ଷ ଭିତରେ ଅନେକ ଲେଖକ ବାହାରି ମାତୃଭାଷାର ଚର୍ଚ୍ଚା କରିଅଛନ୍ତି । କାବ୍ୟ, କବିତା, ନାଟକ, ଉପନ୍ୟାସ —ନାନା ଦିଗରେ ଓଡ଼ିଆ ଲେଖକର ଲେଖନୀ କାର୍ଯ୍ୟ କରି ଆସୁଅଛି, ମାତ୍ର ସେହି କାବ୍ୟ, କବିତା, ନାଟକ, ଉପନ୍ୟାସ ଇତ୍ୟାଦି କେତେଦୂର ଉଚ୍ଚାଙ୍ଗର, ତାହା ପାଠକ ବିଚାର କରିବେ । ରାଧାନାଥ ଓଡ଼ିଶାର ପରମ ଭକ୍ତ, ପ୍ରକୃତିର ବିବିଧ ଚିତ୍ର ତାଙ୍କ ରଚନାରେ ସେ ଛନ୍ଦି ଯାଇ ଅଛନ୍ତି । ଓଡ଼ିଶାର ବନ ପର୍ବତ, ବୃକ୍ଷ, ଲତା, ନଦୀ, ପୁଷ୍କରିଣୀ, ଦେବାଳୟ, ପଶୁ, ପକ୍ଷୀର ବିବିଧ ଦୃଶ୍ୟ ତାଙ୍କ ସମ୍ମୁଖରେ ନୃତ୍ୟକାରୀ ରୂପେ ପ୍ରତିଭାତ ହୋଇଥିବାରୁ ସେ ସବୁର ଯେଉଁ ଚିତ୍ର ସେ ଛନ୍ଦି ଅଛନ୍ତି, ତାହା ନିତାନ୍ତ ମର୍ମସ୍ପର୍ଶୀ ବୋଲି ଅନେକେ କହିବେ । ରାଧାନାଥଙ୍କ ପ୍ରତିଭା ନାନା ଦିଗରେ କାର୍ଯ୍ୟ କରିଅଛି । ନାନା କାରଣରୁ ତାଙ୍କର କେତେକ ରଚନା ଅସମ୍ପୂର୍ଣ୍ଣ ରହିଯାଇଥିବାରୁ ଓଡ଼ିଆ ସାହିତ୍ୟର ବିସ୍ତର କ୍ଷତି ହୋଇଅଛି । ରାଧାନାଥଙ୍କ ସାଧନା ଦୃଢ଼ ଭିତ୍ତି ଉପରେ ସଂସ୍ଥାପିତ ହୋଇଥିଲା । ଆଧୁନିକ ଯୁଗର ଲେଖକ ମାନଙ୍କର ସାଧନା ସେପରି କର୍ମକ୍ଷମ ହୋଇପାରୁ ନାହିଁ ବୋଲି ଅନେକେ କହିବେ । ରାଧାନାଥଙ୍କ କାର୍ଯ୍ୟକାଳ ମଧ୍ୟରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଆଉ କେତେଜଣ ସାହିତ୍ୟିକ ବାହାରି ଭାଷାର ଗୌରବ ରକ୍ଷାର୍ଥେ ଚେଷ୍ଟା କରିଥିଲେ । ରାଧାନାଥଙ୍କ ଶିଷ୍ୟ ମଧୁସୂଦନ ତାଙ୍କର ସହକାରୀ ରୂପେ ସେତେବେଳେ ବାହାରି ଗଦ୍ୟ ସାହିତ୍ୟର ଉନ୍ନତି ସଙ୍ଗେ ସଙ୍ଗେ ଉନ୍ନତ ଧରଣର ଯେଉଁ କବିତାଦି ଦେଶବାସୀଙ୍କୁ ଉପହାର ଦେଇଥିଲେ, ତାହା ଓଡ଼ିଆମାନେ ଭୁଲି ନାହାନ୍ତି । ସୁଲେଖକ ଫକୀରମୋହନ ନାନା ଦିଗରେ ସାହିତ୍ୟର ଅଙ୍ଗ ସୌଷ୍ଠବ କରିବାକୁ ଯାଇଁ ଯଥେଷ୍ଟ ପରିଶ୍ରମ କରିଅଛନ୍ତି । ଏକଥା ନୂତନ ଭାବରେ କହିବା ଆବଶ୍ୟକ

ନାହିଁ । କବି ଗଙ୍ଗାଧର ଏ ସମୟରେ ଯେଉଁ ସୁଲଳିତ କାବ୍ୟ କବିତା ଓଡ଼ିଆଙ୍କୁ ଉପହାର ଦେଇଅଛନ୍ତି, ତାହା ଅତୀବ ହୃଦୟଗ୍ରାହୀ ।

ସାହିତ୍ୟ କେବଳ କାବ୍ୟ କବିତା ସୀମାରେ ଆବଦ୍ଧ ନୁହେଁ । ତାହାର ଅନେକ ଗୁଡ଼ିଏ ଦିଗ ଅଛି, ସବୁ ଦିଗର ଉନ୍ନତି ଦେଖାଗଲେ ଯେଣୁ ସାହିତ୍ୟର ବିକାଶ ହୋଇଅଛି ବୋଲି ଭାବିବା ସଙ୍ଗତ । ଓଡ଼ିଆ ସାହିତ୍ୟର ଗତି ସବୁ ଦିଗରେ ଧାବିତ ହୋଇଅଛି ବୋଲି କେହି କହିପାରିବେ ନାହିଁ । ଏହି ୫୦ ବର୍ଷ ଭିତରେ କେତୋଟି ବିଷୟରେ ଓଡ଼ିଆ ସାହିତ୍ୟର ଯେଉଁ କାର୍ଯ୍ୟାବଳୀ ପ୍ରକାଶ ପାଇଅଛି, ତାହା ଅଙ୍ଗହୀନ, ଅସମ୍ପୂର୍ଣ୍ଣ ବୋଲି କହିବା ଅନୁଚିତ ହେବନାହିଁ । ରାଧାନାଥ—ଯୁଗରେ ଓଡ଼ିଆ ସାହିତ୍ୟ ଭିତରେ ଭିନ୍ନ ଭିନ୍ନ ସାହିତ୍ୟର ଅନୁବାଦ ପ୍ରବର୍ତ୍ତିତ ହୋଇଅଛି । ତଦ୍ଦ୍ୱାରା ଏକଦିଗରେ ଭାଷାର ପୁଷ୍ଟି ସାଧିତ ହୋଇଅଛି, ଅନ୍ୟ ଦିଗରେ ଓଡ଼ିଆ ଭାଷାର ମୌଳିକତ୍ୱ ନଷ୍ଟ ହୋଇଅଛି, ଏହା ମଧ୍ୟ ଅନେକେ କହିଥାନ୍ତି । ପ୍ରାୟ ୧୦୦ ବର୍ଷ ଭିତରେ ପୃଥିବୀରେ ଭାବବିନିମୟର ଯଥେଷ୍ଟ ପ୍ରସାର ସାହିତ୍ୟ ଭିତରେ ହୋଇଅଛି । ପାରସୀ ସାହିତ୍ୟର ଇଂରାଜୀ ସାହିତ୍ୟକୁ, ଜର୍ମାନ ସାହିତ୍ୟରୁ ଇଂରାଜୀ ସାହିତ୍ୟକୁ, ଇଟାଲୀୟାନ ସାହିତ୍ୟରୁ ପାରସୀ ସାହିତ୍ୟକୁ, ବଙ୍ଗଳା ସାହିତ୍ୟରୁ ଓଡ଼ିଆ ସାହିତ୍ୟକୁ ଭାବର ଆମଦାନ ଯଥେଷ୍ଟ ପ୍ରସାର ହୋଇଅଛି, ଏକଥା ସାହିତ୍ୟ ସେବକମାନେ ବୋଧହୁଏ ଜାଣନ୍ତି । ଆଧୁନିକ ଯୁଗରେ ମୁଦ୍ରାଯନ୍ତ୍ରର କଲ୍ୟାଣରୁ ନାନା ଦେଶ ଗ୍ରନ୍ଥ ଆସି ଆଜି ଭାରତୀୟ ସାହିତ୍ୟ ପ୍ରାଣରେ ନବଜୀବନ ସଞ୍ଚାର କରୁଅଛି । ଭାରତୀୟ ସାହିତ୍ୟ, ପାଶ୍ଚାତ୍ୟ ସାହିତ୍ୟ ସହିତ ମିଳାମିଶି କେତେକ ବର୍ଷ ହେଲା କାର୍ଯ୍ୟ କରୁଅଛି । ପାଶ୍ଚାତ୍ୟ ସାହିତ୍ୟର ଭାବଭଙ୍ଗୀ ରୁଚି, ପ୍ରକୃତି, ପ୍ରଭୃତି କେତେକ ଅଂଶ ଆସି ଭାରତୀୟ ସାହିତ୍ୟରେ ଅକ୍ଳେଶରେ ସ୍ଥାନ ପାଇ ରହିଯାଉଅଛି, ଏକଥା ବିସ୍ତାରିତ ଭାବରେ କହିବା ଆବଶ୍ୟକ ନାହିଁ । ପ୍ରାଚୀନ ଭାରତୀୟ ଗ୍ରନ୍ଥାବଳୀରୁ କେତେକ ଅଂଶ ପାଶ୍ଚାତ୍ୟ ସାହିତ୍ୟରେ ସ୍ଥାନ ପାଇଅଛି, ମାତ୍ର ପୂର୍ବ ଭାରତୀୟ ରଚନା ପଦ୍ଧତି ପାଶ୍ଚାତ୍ୟ ଦେଶରେ ଅନୁସୃତ ହୋଇ କିଛି ? ପାଶ୍ଚାତ୍ୟ

ସାହିତ୍ୟର ପ୍ରଭାବ ଭାରଣୀୟ ମାହିତ୍ୟରେ ଯେପରି ଭାବରେ ବଢ଼ୁଅଛି, ତାହା ବର୍ଣ୍ଣନା କରିବା କଷ୍ଟସାଧ୍ୟ । ଓଡ଼ିଆ ସାହିତ୍ୟରେ ପାଶ୍ଚାତ୍ୟସାହିତ୍ୟର ପ୍ରଭାବ ଭାରଣୀୟ ସାହିତ୍ୟରେ ପ୍ରଭାବ ଯେପରି ଭାବରେ ବଢ଼ୁଅଛି ତାହା ବର୍ଣ୍ଣନା କରିବା କଷ୍ଟସାଧ୍ୟ । ଓଡ଼ିଆ ସାହିତ୍ୟରେ ପାଶ୍ଚାତ୍ୟ ସାହିତ୍ୟର ସ୍ରୋତ ପ୍ରବେଶ କରିବାକୁ ପ୍ରବଳ ଚେଷ୍ଟା କରୁଥିବାର ଦେଖାଯାଏ । କାରଣ ଆଧୁନିକ ଶିକ୍ଷିତ ଲୋକମାନେ ଇଂରେଜୀ ସାହିତ୍ୟ ଚର୍ଚ୍ଚାରେ ପ୍ରଥମେ ଶିକ୍ଷିତ ହୋଇ କ୍ରମେ କ୍ରମେ ମାତୃ ସାହିତ୍ୟର ଚର୍ଚ୍ଚା କରିଥାନ୍ତି । ଅନେକ ପାଶ୍ଚାତ୍ୟ ସାହିତ୍ୟର ଭାବଭଙ୍ଗୀ ଓଡ଼ିଆ ସାହିତ୍ୟରେ କ୍ରମ କ୍ରମେ ପ୍ରସାର ଲାଭ କରୁଥିବା କଥା ଅଯଥାର୍ଥ ନୁହେଁ ବୋଲି ଅନେକେ କହିବେ । ଏହି ୭୦ ବର୍ଷ ଭିତରେ ଇଂରେଜୀ, ଜର୍ମାନ, ଫରାସୀ ସାହିତ୍ୟରୁ କୌଣସି ମୂଲ୍ୟବାନ ଗ୍ରନ୍ଥାବଳୀର ଅନୁବାଦ ହୋଇଅଛି ବୋଲି କୁହାଯାଇନପାରେ । ପାଶ୍ଚାତ୍ୟ ସାହିତ୍ୟରୁ କୌଣସି ଉପଯୁକ୍ତ ଗ୍ରନ୍ଥ ଓଡ଼ିଆ ଭାଷାରେ ମୁଦ୍ରିତ ହୋଇ ପ୍ରଚଳିତ ହେବା ଆବଶ୍ୟକ । ମାତ୍ର, ଓଡ଼ିଶାରେ ଆଜି ସେ ଚେଷ୍ଟା ନାହିଁ ବୋଇଲେ ଚଳେ । ଯେଉଁ ଖଣ୍ଡେ ଦୁଇ-ଖଣ୍ଡ ପୁସ୍ତକର ଅନୁବାଦ ହୋଇଅଛି, ତାହାର ପ୍ରଭାବ ତଥା ପ୍ରତିପତ୍ତି ଓଡ଼ିଆ ଭାଷାରେ ସେତେ ହୋଇନାହିଁ । ବରୋଦା ଲାଇ-ବ୍ରେରୀର ଯତ୍ନରେ ବିଭିନ୍ନ ଭାଷାରୁ ନାନାବିଧ ପୁସ୍ତକ-ପୁସ୍ତିକା ମୁଦ୍ରିତ ହୋଇ ପ୍ରକାଶିତ ହୋଇଅଛି । ଅଳ୍ପକାଳ ମଧ୍ୟରେ ଗୁଜରାଟୀ ସାହିତ୍ୟ ଏପରି ଭାବରେ ବଢି ଉଠିଅଛି ଯେ ଆମ୍ଭମାନଙ୍କର ପ୍ରତିବେଶୀ ବଙ୍ଗ-ସାହିତ୍ୟକୁ ପଶ୍ଚାତରେ ପକାଇ ଦେଇଅଛି । ହିନ୍ଦୀ ସାହିତ୍ୟର ଉନ୍ନତି କମ୍ ହୋଇନାହିଁ । ନାଗରୀ ପ୍ରଚାରିଣୀ ସଭାର କାର୍ଯ୍ୟାବଳୀ ଓଡ଼ିଆମାନେ ଜାଣନ୍ତି ? ହିନ୍ଦୀ ସାହିତ୍ୟ ବର୍ତ୍ତମାନ ନାନା ଦିଗରେ ଉନ୍ନତି କରୁଅଛି । ହିନ୍ଦୀ ସାହିତ୍ୟ-ସମ୍ମିଳନର ଆୟୋଜନ ଓଡ଼ିଆ-ମାନେ ଶୁଣିଥାନ୍ତି ? ଉର୍ଦ୍ଦୁ ସାହିତ୍ୟ କଣ କହିବୁଁ ? ନିଜାମ ଗଭର୍ଣ୍ଣମେଣ୍ଟଙ୍କ ଅଧୀନ ପରିଚାଳିତ Osmania university ର ସମ୍ବାଦବୋଧହୁଏ ଓଡ଼ିଆମାନେ ଜାଣୁଥିବେ । ସେହି ବିଶ୍ୱବିଦ୍ୟାଳୟରେ ଉର୍ଦ୍ଦୁ ଭାଷାରେ I.A, B.A, B.sc, M.A, ପ୍ରଭୃତି ପରୀକ୍ଷା ଗୃହୀତ ହୋଉଅଛି । ଉଚ୍ଚ କ୍ଲାସର ପାଠ୍ୟ ନିମନ୍ତେ ବହୁଦର୍ଶୀ ଅଧ୍ୟାପକଙ୍କ ଦ୍ୱାରା ଭିନ୍ନ ଭିନ୍ନ ଭାଷାରୁ ପୁସ୍ତକ ଉର୍ଦ୍ଦୁରେ ଅନୁବାଦିତ ହୋଇ ବିଶ୍ୱ

ବିଦ୍ୟାଳୟରେ ପାଠ୍ୟରୂପେ ଗୃହୀତ ହେଉଅଛି । ଏଥିରୁ ଊର୍ଦ୍ଦୁର ପ୍ରଭାବ ସହଜରେ ଅନୁମେୟ । ଅଳ୍ପଦିନ ହେଲା ସମ୍ବାଦପତ୍ରରେ ପ୍ରକାଶ ପାଇଥିଲା, ବେନାରସ ହିନ୍ଦୁ ବିଶ୍ୱ-ବିଦ୍ୟାଳୟର ଉଚ୍ଚ କ୍ଲାସର ପାଠ୍ୟ ନିମନ୍ତେ ହିନ୍ଦୀ ଭାଷାରେ ପୁସ୍ତକ ରଚନା କରିବା ନିମନ୍ତେ ଧନପତି ବିରଲା କେତେକ ସହସ୍ର ଟଙ୍କା ଦାନ କରି ଅଛନ୍ତି । ହିନ୍ଦୀ- ରାଷ୍ଟ୍ର-ଭାଷା ହେବାକୁ ଦାବି କରୁଅଛି । କାନାଡ଼ୀ ଭାଷାରେ ବିଶ୍ୱକୋଷ ପ୍ରସ୍ତୁତ ହେବା ନିମନ୍ତେ ମହୀଶୂର ସରକାର ଦୁଇଲକ୍ଷ ଟଙ୍କା ମଂଜୁର କରି ଅଛନ୍ତି ।

ନିଜ ନିଜ ସାହିତ୍ୟକୁ ଉନ୍ନତ କରିବାକୁ ଭାରତବାସୀ ଉଦଗ୍ରୀବ, ଏ କଥା କୁହାଯାଇ ପାରେ । ସମ୍ବାଦପତ୍ର ତଥା ମାସିକ ପତ୍ରଦ୍ୱାରା ଭାଷାର ଯଥେଷ୍ଟ ଉନ୍ନତି ହୋଇଥାଏ । ଓଡ଼ିଆ ସାହିତ୍ୟର ବିକାଶ ଯୁଗରେ ସମ୍ବାଦ ପତ୍ରର ମୂଲ୍ୟ କମ୍ ନୁହେଁ । 'ଉତ୍କଳପ୍ରଭା' ଓଡ଼ିଶାରେ ଅନେକ କାର୍ଯ୍ୟ କରିଅଛି । 'ସମ୍ବଲପୁର ହିତୈଷିଣୀ' ଓଡ଼ିଆ ସାହିତ୍ୟର ବିକାଶ ନିମନ୍ତେ ଯାହା ଚେଷ୍ଟା କରିଅଛି, ତାହା ଅତୁଳନୀୟ । କେତେକ ଲେଖକ ସେ ଗଢ଼ିଅଛି, ତାହା ସ୍ମରଣ କଲେ ମନରେ ଅପାର ଆନନ୍ଦ ଜାତ ହୁଏ । ବର୍ତ୍ତମାନ ଓଡ଼ିଶାରେ ନବ୍ୟ ଲେଖକମାନଙ୍କୁ ଉତ୍ସାହ ଦେବାକୁ ସମ୍ବାଦପତ୍ର କାହିଁ ? ନିତାନ୍ତ କଦର୍ଯ୍ୟ ଲେଖାରେ ନିଜର ସାମାନ୍ୟ କଳେବର ପୁଷ୍ଟହେବ, ମାତ୍ର କାବ୍ୟ କବିତା ଇତ୍ୟାଦି ଛପାଯିବ ନାହିଁ, ଏହା ବର୍ତ୍ତମାନ ଓଡ଼ିଶା ସମ୍ବାଦ ପତ୍ରର ନିୟମ । ଏ ପନ୍ଥା କେତେଦୂର ଶୋଭନୀୟ, ତାହା ବିବେଚନା କରିବା ଆବଶ୍ୟକ । ଆମ୍ଭମାନଙ୍କ ପ୍ରତିବେଶୀ ବଙ୍ଗ ସାହିତ୍ୟର ଉନ୍ନତି ଅମ୍ଭେମାନେ ଦେଖି ପାରୁ ଅଛୁଁ । ମାତ୍ର ନିଜ ସାହିତ୍ୟର ଯଥୋଚିତ ଉନ୍ନତି ହେଉ ନାହିଁ କାହିଁକି, ଏକଥା ଚିନ୍ତା କରିବା କର୍ତ୍ତବ୍ୟ । ବଙ୍ଗୀୟ ସାହିତ୍ୟ ପରିଷଦ', ବଙ୍ଗୀୟ ସାହିତ୍ୟ ସମ୍ମିଳନ', 'ବାରେନ୍ଦ୍ର ଅନୁସନ୍ଧାନ ସମିତି,' ପ୍ରବାସୀ ବଙ୍ଗୀୟ ସାହିତ୍ୟ ସମ୍ମିଳନ'ର ବିବରଣ ଶିକ୍ଷିତ ଓଡ଼ିଆମାନେ ବୋଧକରୁଁ ଜାଣିଥିବେ । ବୋମ୍ବାଇର ଖଣ୍ଡେ ମାସିକପତ୍ର ପ୍ରାୟ ୧୫୦୦୦ ଖଣ୍ଡ ଛପାହୁଏ । ସ୍ୱର୍ଗୀୟ ଲୋକମାନ୍ୟ ତିଳକଙ୍କ ପ୍ରତିଷ୍ଠିତ'

କେଶରୀ' ସାପ୍ତାହିକ ପତ୍ରର ପ୍ରସାର କେତେ ତାହା ଶୁଣିଲେ ଓଡ଼ିଆମାନେ ବିଶ୍ୱାସ କରିବେ ନାହିଁ । ଆସିଆର ମୁକୁଟୋଜ୍ଜ୍ୱଳକାରୀ ଜାପାନର ଖଣ୍ଡେ ଦୈନିକପତ୍ର ପ୍ରତିଦିନ ୨୧ ଲକ୍ଷ ଖଣ୍ଡ ବିକ୍ରିତ ହୁଏ । 'ଉତ୍କଳ ସାହିତ୍ୟ' ୩୦ ବର୍ଷ ହେଲା ଓଡ଼ିଶାରେ କର୍ମ କରୁଅଛି । ତାହାର ଅବସ୍ଥା ଅତି ଶୋଚନୀୟ । ସଂପାଦକଙ୍କ ନାଚରେକ୍ତ ଅନେକେ ପଢ଼ନ୍ତି ତ ? ବିସ୍ତୃତ ଓଡ଼ିଶାରେ ତାହାର ଗ୍ରାହକ ସଂଖ୍ୟା ୫୦୦ ରୁ ବେଶି ନୁହେଁ ବୋଲି ଶୁଣିଅଛି । ସାପ୍ତାହିକ ପତ୍ରିକାର ଗ୍ରାହକ ସଂଖ୍ୟା ମଧ୍ୟ ଓଡ଼ିଶାରେ ଅତିକମ୍ । ମାତ୍ର ଏ କ୍ଷେତ୍ରରେ କେବଳ ଗ୍ରାହକ ମାନଙ୍କୁ ଦୋଷ ଦେବାର ମୁଁ ପକ୍ଷପାତୀ ନୁହେଁ । ଓଡ଼ିଶାରେ ସଂବାଦ ପତ୍ର ଚାଳକ ମାନଙ୍କର ଗତିବିଧି ଲକ୍ଷ୍ୟ କଲେ ଜଣାଯାଏ, ଅଧିକାଂଶ ବିନା ଶିକ୍ଷା ସାଧନାରେ ଏବଂ ଆଧୁନିକ ଯୁଗର ସମ୍ବାଦପତ୍ର ପରିଚାଳନରେ ଯେଉଁ ଉପକରଣ ଲୋଡ଼ା, ତାହା ସଂଗ୍ରହ ନ କରି କର୍ମ କ୍ଷେତ୍ରରେ ଅଗ୍ରସର ହୋଇଥାନ୍ତି । ଅତଏବ ସେମାନେ ଶୀଘ୍ର ବିଫଳ କାମ ହୋଇ ମ୍ରିୟମାଣ ଅବସ୍ଥାରେ କାଳାତିପାତ କରିବା ସଂଗେ ସଂଗେ ଦେଶର ଗୋଟିଏ ଦୋଷ ପ୍ରଚାର କରିଥାନ୍ତି । ଏକଥା ଭାବୁକମାନେ ବିଚାର କରିବେ । ସମ୍ବାଦପତ୍ର ପରିଚାଳନ କରିବା ବା ସମ୍ବାଦ ପତ୍ରରେ କୌଣସି ପ୍ରବନ୍ଧ କବିତା ଵି ଲେଖିବା ଓଡ଼ିଶାରେ ଭାରି ସହଜ । ସେଥି ନିମନ୍ତେ କପରି ଶିକ୍ଷା, ସାଧନା, ସଂଯମ, ଚିନ୍ତା ଧ୍ୟାୟନ ଆବଶ୍ୟକ, ତାହା ଓଡ଼ିଆମାନେ ଭାବନ୍ତି ବୋଲି ମନେହୁଏ ନାହିଁ । ଏ ଦେଶରେ ଓଡ଼ିଆ ସାହିତ୍ୟ ପ୍ରସାର ହେଉନାହିଁ, ଏହାର ପ୍ରଧାନ କାରଣ ଆମ୍ଭମାନଙ୍କ ଚେଷ୍ଟା ଅତି ଦୁର୍ବଳ ଭିତ୍ତି ଉପରେ ପ୍ରତିଷ୍ଠିତ । ଶିକ୍ଷା, ସାଧନା, ନିଷ୍ଠା ପରତାର ଅଭାବହିଁ ଏଥିର ପ୍ରଧାନ କାରଣ । ଶିକ୍ଷା ଓ ସାଧନାରେ ଦକ୍ଷ ନ ହୋଇ କ୍ଷୁଦ୍ର ଚିନ୍ତା ହୃଦୟରେ ପୋଷଣ କରି କର୍ମକ୍ଷେତ୍ରରେ ଦଣ୍ଡାୟମାନ ହେବା ନିତାନ୍ତ ହାସ୍ୟାସ୍ପଦ ବ୍ୟାପାର ଛଡ଼ା ଅନ୍ୟ କିଛିନୁହେଁ । 'Modern Review' ମାସିକ ପତ୍ରର ସଂପାଦକଙ୍କ ସହ ବଂଗର ବିଖ୍ୟାତ ଔପନ୍ୟାସିକ ଶ୍ରୀଯୁକ୍ତ ଶରତଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କର ଅଳ୍ପଦିନ ହେଲା ସାକ୍ଷାତକାର ହୋଇଥିଲା । କଥା ପ୍ରସଙ୍ଗରେ ଶରତବାବୁ କହିଥିଲେ— People wanted to be writers without learning

grammar and thought. They were artists' before they knew the meaning of drawing. Discipline and Sadhana alone Could make a nation great, be it in art, literatrue, music, Politics or industry.

ଜଣେ ଲେଖକ କହିଅଛନ୍ତି—"ଭାଷା ମାନବକୁ ଭିନ୍ନ ଭିନ୍ନ ଜାତିରେ ବିଭକ୍ତ କରୁଅଛି । ଭାଷାର ଗୌରବ, ଭାଷାର ସୌନ୍ଦର୍ଯ୍ୟ, ଭାଷାର ଐଶ୍ୱର୍ଯ୍ୟହିଁ ଜାତିକୁ ମାନବସମାଜରେ କୌଳିନ୍ୟର ବରମାଲ୍ୟ ପ୍ରଦାନ କରେ । ସେହିଭାଷାକୁ ସର୍ବସାଧାରଣ ଆଗରେ ଠିଆ କରିବା ନିମନ୍ତେ କିପରି ଧୈର୍ଯ୍ୟ, ସହିଷ୍ଣୁତା, ବିବେଚନତା ଆବଶ୍ୟକ, ତାହା ଚିନ୍ତାଶୀଳ ମାନେ କହି ପାରିବେ । ଓଡ଼ିଶା ସାହିତ୍ୟର ବିକାଶ ଯୁଗରେ ସାହିତ୍ୟ ପ୍ରତି ଯେଉଁ ମମତା, ତଥା ଆକର୍ଷଣ ଅସ୍ମମାନଙ୍କ ଜାତିରେ ଦେଖା ଯାଉଥିଲା, ବର୍ତ୍ତମାନ ସମୟରେ ତତ୍ପ୍ରତି ତତୋଧିକ ଅନାଦରର ନିଦର୍ଶନ ଦେଖାଯାଏ ନାହିଁକି ? ଏହି ଅନାଦର ଯୋଗୁଁ ଓଡ଼ିଆ ଭାଷାର ଅବନତି ଘଟୁଅଛି । ପ୍ରାଣର ସହିତ କୌଣସି କାର୍ଯ୍ୟରେ ନ ଲାଗିଲେ ସେହି କାର୍ଯ୍ୟ ସୁସମ୍ପନ୍ନ ହୁଏ ନାହିଁ, ଏହା ତ ସମସ୍ତେ ଜାଣନ୍ତି । ଓଡ଼ିଆ ସାହିତ୍ୟର ଏକନିଷ୍ଠ ସେବକ ଏ ଦେଶରେ କେତେଜଣ ଅଛନ୍ତି ?

ଓଡ଼ିଆ ସାହିତ୍ୟର ଗତି କେବଳ କାବ୍ୟ, କବିତା, ଗଳ୍ପ, ନାଟକ ଭିତରେ ସୀମାବଦ୍ଧ ଭାବରେ ରହିଅଛି । ଏହି ବିଭାଗମାନଙ୍କରେ ଓଡ଼ିଆ ସାହିତ୍ୟର ଗତି ଦ୍ରୁତ ନୁହେଁ । ଉଚ୍ଚଙ୍ଗର ଉପନ୍ୟାସ, ଉଚ୍ଚସ୍ତରର କବିତା ଓଡ଼ିଆ ସାହିତ୍ୟରେ ଯଥେଷ୍ଟ ଅଛିବୋଲି ସ୍ୱୀକାର କରାଯାଇ ନ ପାରେ । ରାଧାନାଥ ଯୁଗର ପ୍ରାରମ୍ଭରେ କାବ୍ୟ କବିତା ପ୍ରତି ଲୋକମାନଙ୍କର ଯେପରି ଆଦର, ତଥା ସହାନୁଭୂତି ଦେଖାଯାଉଥିଲା, ବର୍ତ୍ତମାନ ସେପରିନାହିଁ ବୋଲି ଅନେକ କ୍ଷୋଭ ପ୍ରକାଶ କରିଥାନ୍ତି । ବର୍ତ୍ତମାନ ପୃଥିବୀରେ ଉପନ୍ୟାସ ଯୁଗ ଚାଲିଅଛି । ଉପନ୍ୟାସର ପ୍ରଚାର ଏତେଦୂର ବଢ଼ିଯାଇ ଅଛି ଯେ, କାବ୍ୟ କବିତା, ଜାତି ତତ୍ତ୍ୱ, ସମାଜ ତତ୍ତ୍ୱ, ଐତିହାସିକ ତତ୍ତ୍ୱ ତାହା ଆଗରେ କିଛି ନୁହେଁ । ଉପନ୍ୟାସର ଅନ୍ୟନାମ କଥା ସାହିତ୍ୟ । ସେଥିରେ ସବୁ ବିଷୟର ଆଲୋଚନା ହେଉଅଛି । ଜନୈକ ଲେଖକ ଲେଖି ଅଛନ୍ତି—

"It yields novels as a cow yields milk, and in peace-time we have been told a healthy reader can lap up, from Six to nine a day fresh from the pen."

ଆମ ଓଡ଼ିଆ ସାହିତ୍ୟରେ ଉପନ୍ୟାସର ପ୍ରସାର ଦିନକୁ ଦିନ ବଢ଼ୁଅଛି । ରାଧାନାଥ ଯୁଗର ଲେଖକ ଫକୀର ମୋହନ ଶେଷଜୀବନରେ ଉପନ୍ୟାସ ରଚନା କରି ନାମ କରିପାଇଛନ୍ତି । ବଙ୍ଗ ସାହିତ୍ୟର ଯୁଗରେ ପ୍ରବନ୍ଧ କବିତା- କାବ୍ୟ, ନାଟକର ଯେପରି ଆଦର ହେଉଥିଲା, ଉପନ୍ୟାସର ମଧ୍ୟ ସେହିପରି ଆଦର ହେଉଥିଲା । ସେକାଳର ବଙ୍କିମଚନ୍ଦ୍ର ରମେଶଚନ୍ଦ୍ର, ପ୍ରଭୃତି ଲେଖକମାନେ ଉପନ୍ୟାସ ରଚନା କରି ବଙ୍ଗ ସାହିତ୍ୟରେ ପରିଚିତ ହୋଇଥିଲେ । ସେହିଉପନ୍ୟାସ ରଚନା ଏପରି ଭାବରେ ବର୍ତ୍ତମାନ ବଢ଼ି ଅଛି ଯେ ବଙ୍ଗ ସାହିତ୍ୟରେ ଉପନ୍ୟାସର ପ୍ରଭାବ ଶତକଡ଼ା ଅଠାନବେ ବୋଇଲେ ଅସଙ୍ଗତ ହେବନାହିଁ । ମାସିକ ପତ୍ର ଗୁଡିକ ଉପନ୍ୟାସରେ ପରିପୂର୍ଣ୍ଣ । ଗୃହିଆଡ଼େ ଉପନ୍ୟାସ ଲେଖାର ପ୍ରତିଯୋଗିତା ଲାଗିଅଛି । ଉପନ୍ୟାସର ପ୍ରଭାବ ଏତେଦୂର ବଢ଼ି ଯାଇଅଛି ଯେ ବଙ୍ଗ ସାହିତ୍ୟର ଭିନ୍ନ ଭିନ୍ନ ବିଭାଗରେ ଆଉ ବିଶେଷ କିଛି ଉନ୍ନତି ଦେଖା ଦେଉନାହିଁ । ଓଡିଆମାନେ ପ୍ରତିବେଶୀ ବଙ୍ଗ ସାହିତ୍ୟର ଗୂଲି ଚଳନ ଦେଖି ନିଜ ସାହିତ୍ୟକୁ ଗଢ଼ିବାକୁ ଇଚ୍ଛୁକ, ତେଣୁ ବର୍ତ୍ତମାନ ଓଡିଆ ସାହିତ୍ୟରେ ଉପନ୍ୟାସର ପ୍ରସାର ଦେଖାଯାଏ । ଓଡିଆ ମାସିକ ପତ୍ରରେ ଉପନ୍ୟାସ ଲେଖାବନ୍ଧୁ ଅଛି । ମାତ୍ର ଓଡିଶା ସାହିତ୍ୟରେ ଯେଉଁସବୁ ଉପନ୍ୟାସ ବାହାରିଅଛି ତାହାର ଯୋଗ୍ୟତା ତଥା ଉପ ଯୁକ୍ତତା କେତେ ତାହା ପାଠକମାନେ ବିବେଚନା କରିବେ । ଫକୀର ମୋହନଙ୍କ 'ଛମାଣ ଆଠଗୁଣ୍ଠ' ମାମୁଁ,' 'ଲଛମା ଏ ଦେଶରେ ଆଦର ପାଇଅଛି । ତତ୍ସଂଗେ ଆଧୁନିକ ଲେଖକ ମାନଙ୍କ ଲେଖା କେହି କେହି ପସନ୍ଦ କରୁଥିଲେ ମଧ୍ୟ ବଙ୍ଗ ସାହିତ୍ୟରେ ଉପନ୍ୟାସର ଯେପରି ଖ୍ୟାତି ଓ ପ୍ରସାର, ଓଡ଼ିଶାରେ ତାହା ହୋଇ ପାରିନାହିଁ । ବୈଦେଶିକ ସାହିତ୍ୟରୁ Count Tolstoyଙ୍କ ଲିଖିତ କେତେକ ଗଳ୍ପର ଉତ୍କଳାନୁବାଦ ବାହାରିଅଛି । ତାହା ଓଡ଼ିଆ ସାହିତ୍ୟରେ ଯଥୋଚିତ

ସମ୍ମାନ ପାଇବାର ଯୋଗ୍ୟ । ବଙ୍ଗ ସାହିତ୍ୟରେ ଗୌରଚନ୍ଦ୍ର, ରବୀନ୍ଦ୍ରନାଥ, ଜଳଧର ସେନ ପ୍ରଭୃତି ଲେଖକ ମାନଙ୍କର ଯେପରି ଆଦର, ସେପରି ଓଡ଼ିଶାରେ ଆଶା କରିବା ବୃଥା । ହିନ୍ଦୀ, ଗୁଜରାଟୀ, ତେଲୁଗୁ, ମରହଟ୍ଟୀ, କାନାଡ଼ୀ, ଆସାମୀ ପ୍ରଭୃତି ଭାରତୀୟ ଅନ୍ୟାନ୍ୟ ଭାଷା ମାନଙ୍କରେ ଉପନ୍ୟାସ ସ୍ରୋତ ବହୁ ଅଛି । ଏହି ସ୍ରୋତର ଗତି କେତେଦୂର ତାହା କୁହାଯାଇ ନ ପାରେ । ଅଧୁନା ଅନୁବାଦ ଏବଂ ଉପନ୍ୟାସ ଏହି ଦୁଇ ଦ୍ୱାର ସାହିତ୍ୟକ୍ଷେତ୍ରରେ ଯଥେଷ୍ଟ ସୁଖ୍ୟାତି ଅର୍ଜ୍ଜନ କରି ଅଛନ୍ତି । ଉପନ୍ୟାସର ସ୍ରୋତ ପ୍ରାଶ୍ଚାତ୍ୟ ଦେଶରୁ ଏ ଦେଶରେ ଏପରି ଭାବରେ ପ୍ରବାହିତ ହେଉଅଛି ଯେ ତାହାର ଗତି ନିର୍ଦ୍ଦେଶ କରିବା ଅତୀବ କଷ୍ଟକର । ତାହା ଅନେକେ କହିବେ । ସାହିତ୍ୟରେ ଯେଉଁସବୁ ବିଷୟ ପ୍ରକାଶିତ ହେବା ଅସଂଗତ ବୋଲି ଏ ଦେଶରେ କିଛି କାଳପୂର୍ବେ କୁହାଯାଉଥିଲା, ବର୍ତ୍ତମାନ ସେ ସବୁ ହେଉଅଛି ସୁ ସଂଗତ । ନାରୀ ଚରିତ୍ରର ଅପୂର୍ବ ବିଶ୍ଳେଷଣ ବର୍ତ୍ତମାନ ଉପନ୍ୟାସରେ ଦେଖାଯାଉଅଛି । ଅଧ୍ୟାପକ ଆର୍. କୁହାଟଙ୍କ ସହଧର୍ମିଣୀ ଶ୍ରୀମତୀ ଆର. କୁହାଟଙ୍କ ପ୍ରଣୀତ Women of Bengal ନାମକ ପୁସ୍ତକରୁ କିଞ୍ଚିତ ଏଠାରେ ଉଦ୍ଧାର କରି ଦିଆଗଲା—

ବଙ୍ଗଳା ଦେଶର କୌଣସି କୌଣସି ବାଳିକା ସ୍କୁଲ ଓ କଲେଜରେ ଗୋଟିଏ ବିଷୟ ବିଶେଷ ଭାବରେ ଆଖିରେ ପଡ଼େ । ସେଠାରେ ବେଶ୍ୟା କନ୍ୟାମାନଙ୍କ ସଂଖ୍ୟା ଅଧିକ ଏହା ବୋଲିବା ବାହୁଲ୍ୟ । ଗଣିକାମାନେ ସେମାନଙ୍କ କନ୍ୟାମାନଙ୍କୁ ବାଳିକା ବିଦ୍ୟାଳୟରେ ପଢ଼ାଇ ସୁଶିକ୍ଷିତା କରନ୍ତି—ବିବାହ ଦେବା ନିମନ୍ତେ ନୁହେଁ, ଭଲରୂପେ ବେଶ୍ୟା ବୃତ୍ତି କରାଇବା ପାଇଁ । ଗଣିକାମାନେ ବୁଝିଅଛନ୍ତି ଯେ ଆଧୁନିକ ଶିକ୍ଷିତ ଯୁବକମାନେ ସ୍କୁଲପଢ଼ା କିଶୋରୀ ଓ ଯୁବତୀ ବେଶ୍ୟାମାନଙ୍କ ପ୍ରତି ଅଧିକରେ ଅନୁରକ୍ତ । ନୃତ୍ୟ, ଗୀତ, ଶିଳ୍ପକଳା ପ୍ରଭୃତିରେ ଅନେକ ସୁଶିକ୍ଷିତା । ଆଧୁନିକ ଶିକ୍ଷିତ ଯୁବକମାନେ ନିଜ ଗୃହର ପତ୍ନୀ ଏବଂ ସମାଜର ସ୍ତ୍ରୀ ମାନଙ୍କ ଠାରୁ ଯାହା ପାଆନ୍ତି ନାହିଁ, ଅଥଚ ପାଶ୍ଚାତ୍ୟ ଶିକ୍ଷା, ସଭ୍ୟତା ଯୁଗଧର୍ମର ପ୍ରଭାବରେ ଯାହା ଏକାନ୍ତ କାମ୍ୟ, ତାହାହିଁ ସେମାନେ ଶିକ୍ଷିତା ଗଣିକା ମଧ୍ୟରେ ସନ୍ଧାନ କରନ୍ତି 'ଏବଂ 'ପ୍ରୟୋଜନ'

ଓ ଆୟୋଜନ’ର ନିୟମାନୁସାରେ ଗଣିକାମାନେ ପକ୍କା ବ୍ୟବସାୟୀ ଭୁଲ୍ଲ ସେବ କଳାପଙ୍କ ଯୋଗାଇବାକୁ ଚେଷ୍ଟା କରନ୍ତି । ଆଧୁନିକ ବଙ୍ଗଳା ସାହିତ୍ୟରେ ଗଣିକା କଥାର ଯେଉଁ ପ୍ରାବଲ୍ୟ ଦେଖାଯାଏ, ତାହାର ମୂଳଉତ୍ସ ବୋଧହୁଏ ଏହିଠାରେ” ଇତ୍ୟାଦି ।

ଉପନ୍ୟାସର ଆଦର କଲେଜ ଯୁବକ ମାନଙ୍କ ଭିତରେ ବେଶି । ସେମାନେ ଉପନ୍ୟାସର ପ୍ରକୃତ ବନ୍ଧୁ ପୁଣି ଉତ୍ସାହ ଦାତା । ଆମ୍ଭମାନଙ୍କ ଦେଶରେ ବର୍ତ୍ତମାନ ସ୍ତ୍ରୀ ଶିକ୍ଷାର ପ୍ରସାର ହେଉଅଛି, ସୁଶିକ୍ଷିତା ମହିଳାମାନେ ଉପନ୍ୟାସ ପଠନରେ ସାତିଶୟ ଆଗ୍ରହ ପ୍ରକାଶ କରିଛନ୍ତି । ବଙ୍ଗଦେଶରେ ଅନେକ ସୁଲେଖିକା ଅଛନ୍ତି । ସେମାନେ ବରାବର ଉପନ୍ୟାସ ଲେଖି ଭାଇଭଉଣୀ ମାନଙ୍କୁ ଉପଦେଶ ଦେଉଅଛନ୍ତି । ବଙ୍ଗ ଦେଶରେ ସ୍ତ୍ରୀ ପୁରୁଷ ଉଭୟେ ଉପନ୍ୟାସ ପାଠରେ ଆଗ୍ରହାନ୍ୱିତ, ଏଣୁ ବଙ୍ଗ ସାହିତ୍ୟରେ ଉପନ୍ୟାସ ପ୍ରସାର ଯଥେଷ୍ଟ । ଓଡ଼ିଶାରେ ସେପରି ନ ହୋଇଥିଲେ ମଧ୍ୟ ସେହି ପ୍ରବୃତ୍ତି ଯେ କାର୍ଯ୍ୟ କରୁଅଛି, ତହିଁର ପ୍ରମାଣ ମିଳୁଅଛି । କେତେକ ବର୍ଷ ପୂର୍ବେ କଟକରୁ ଖଣ୍ଡେମାନ ମାସିକ ପତ୍ର ବାହାରୁଥିଲା । ତହିଁର ଲେଖକ ଅଧିକାଂଶ ଉତ୍କଳ ମହିଳା, ପୁଣି ତାହାର ଅଧିକାଂଶ ଲେଖା ଉପନ୍ୟାସ ।

ବଙ୍ଗଳା ସାହିତ୍ୟରେ ଉନ୍ନତି ନାନା ଦିଗରେ ଦେଖା ଯାଉଥିଲେ ମଧ୍ୟ ସେହି ଉନ୍ନତିକୁ ଯଥୋଚିତ ଉନ୍ନତି ବୋଲି ସେ ଦେଶର ଲୋକେ ଭାବୁ ନାହାନ୍ତି । ଅଳ୍ପଦିନ ହେଲା” କଲିକତା ବିଶ୍ୱବିଦ୍ୟାଳୟରେ ବଙ୍ଗଳା ଭାଷାର ଅଧ୍ୟାପନା” ବିଷୟରେ ଆଲୋଚନା କରିବାକୁ ଯାଇ ବଙ୍ଗଳା ସାହିତ୍ୟର ଏକନିଷ୍ଠ ସେବକ ‘ବଙ୍ଗ ଭାଷା ଓ ସାହିତ୍ୟ’ ରଚୟିତା ଡାକ୍ତର ରାୟ ଦିନେଶଚନ୍ଦ୍ର ସେନ୍ ବାହାଦୁର କହିଅଛନ୍ତି— ବଙ୍ଗଭାଷାର ଅଧ୍ୟାପକ ଗଣ ଅତି କୁଣ୍ଠିତ ଭାବରେ ବିଶ୍ୱ ବିଦ୍ୟାଳୟର ଏକ କୋଣରେ ଟିକିଏ ସ୍ଥାନ ପାଇ କଞ୍ଚିତ ଜୀବନ ରକ୍ଷା କରୁଅଛନ୍ତି । ଆଧୁନିକ ଶିକ୍ଷିତ ଲୋକଙ୍କର ବିଶ୍ୱାସ ବଙ୍ଗ ଭାଷାଟା କିଛି ନୁହେଁ, ଏହାର ଯାହାକିଛି ଗୌରବ, ତାହା ରବିବାବୁଙ୍କୁ ନେଇ । ଏହି ବଂଗଳା ଭାଷାରେ ଏପରି କିଛି ନାହିଁ ଯାହା ପଢାଇବା ନିମନ୍ତେ

ଅଧ୍ୟାପକ ଦରକାର ହୋଇପାରେ । କେବଳ ସ୍ୱଦେଶପ୍ରୀତିର ବଶୀଭୂତ ହୋଇ ଶାନ୍ତ ରକ୍ଷା ପାଇଁ ଏହି ଭାଷାକୁ ବିଶ୍ୱ ପଣ୍ଡିତସଭାରେ ସ୍ଥାନ ଦିଆଯାଇଅଛି ।"

ଏଥିରୁ ଓଡ଼ିଆମାନେ ଅନେକ ବିଷୟ ସ୍ଥିର କରିପାରିବେ, କାରଣ ଉନ୍ନତଶୀଳ ପୁଣି ଆଧୁନିକ ଓଡ଼ିଆର ଆଦର୍ଶ ବଙ୍ଗଳା ଭାଷାର ଯେତେବେଳେ ଏପରି ଅବସ୍ଥା, ସେତେବେଳେ ଅକ୍ଷମ ଓଡ଼ିଆ ଭାଷାର ସ୍ଥାନ କେଉଁଠାରେ ? ଉପନ୍ୟାସ ପ୍ରଚଳନ ସଙ୍ଗେ ସଙ୍ଗେ ନାଟକର ପ୍ରସାର ଏ ଦେଶରେ ବଢ଼ୁଅଛି । ନାଟକ ଲେଖକ ରାମଶଙ୍କର ଓଡ଼ିଆ ଭାଷାରେ ନାଟକ ରଚନା କରି ସାଧାରଣରେ ପରିଚିତ ହୋଇ ଅଛନ୍ତି । ଆଜିକାଲି ଗ୍ରାମେଗ୍ରାମେ ଅଭିନୟ ଲାଗିଅଛି । ଶିକ୍ଷିତ ବ୍ୟକ୍ତି ମାନେ ଅଭିନୟ ଆସକ୍ତ । ସ୍କୁଲ କଲେଜର ଛାତ୍ରମାନେ ଅଭିନୟ ଦେଖାଇବାକୁ ପ୍ରାଣପଣେ ଚେଷ୍ଟିତ । ଅତଏବ ନାଟକର ପ୍ରସାର ଏ ଦେଶରେ ହୋଇଅଛି ବୋଲି କହିବା ଅସଙ୍ଗତ ନୁହେଁ । ବୈଦେଶିକ ସାହିତ୍ୟର ପ୍ରକୃତ ଭାରତୀୟ ସାହିତ୍ୟରେ ପ୍ରବେଶ କରି ନିଜର କ୍ଷମତା ବଢାଉ ଅଛି—ବୈଦେଶିକ ନାଟକର ଛାୟା ଏଦେଶର ନାଟକ ରଚୟିତାମାନେ ବରାବର ଗ୍ରହଣକରି ଆସୁଅଛନ୍ତି । ବଙ୍ଗୀୟ ସୁଲେଖକ ସ୍ୱର୍ଗୀୟ ମାଇକେଲ ମଧୁସୁଦନ ଦତ୍ତ କାବ୍ୟନାଟକରେ ବୈଦେଶିକ ଗୀତିମାତ୍ରର ପ୍ରବେଶ କରାଇଥିଲେ । ସେହି ବୈଦେଶିକ ଭାବ ବଙ୍ଗଳାରେ କ୍ରମେ କ୍ରମେ ବଢି ପଡ଼ୁଅଛି । ବର୍ତ୍ତମାନ ଓଡ଼ିଆ ଭାଷାରେ ଅନେକ ଗୁଡ଼ିଏ ନାଟକ ପ୍ରକାଶିତ ହୋଇଅଛି । ଓଡ଼ିଆ ଭାଷାରେ ଥିବା ନାଟକ ପାଠରେ ଓଡ଼ିଆ ପାଠକେ ତୃପ୍ତ ନ ହେବାରୁ ବଙ୍ଗଳାରୁ ଭାଷା ଗରୁଡ଼ କରି ସ୍ଥାନେ ସ୍ଥାନେ ଭିନ୍ନ ଭିନ୍ନ ନାଟକର ଅଭିନୟ ଓଡ଼ିଶାରେ ସମ୍ପନ୍ନ ହେଉଥିବାର ଶୁଣାଯାଏ । ଅଭିନୟ କରିବାଟା ବଡ଼ ସହଜ; ପୁଣି ସୁଖକର ବୋଲି ଆଜିକାଲି ଅନେକେ ବୋଧ କରୁ ଅଛନ୍ତି । ଅଭିନୟର ମାତ୍ରା ଅତ୍ୟନ୍ତ ବଢ଼ିଯାଉ ଅଛି, ତଦ୍ୱାରା ଜାତିର କେତେଦୂର ମଙ୍ଗଳ ସାଧିତ ହେବ, ତାହା ଚିନ୍ତା କରିବା ଉଚିତ । ଅଭିନୟଟା ବିଶୁଦ୍ଧ ଆମୋଦ ମଧ୍ୟରେ ଗଣ୍ୟ ହେଉଅଛି । ବଙ୍ଗର ବିଖ୍ୟାତ ନାଟକ ଲେଖକ ଡି. ଏଲ୍. ରାୟଙ୍କ

ଲେଖାକୁ ଅନେକେ ଓଡ଼ିଆ ପସନ୍ଦ କରନ୍ତି । ତାଙ୍କ ଭାଷାର ଉନ୍ମାଦନା ଯଥେଷ୍ଟ । ସେହି ପଥରେ ଓଡ଼ିଆ ଲେଖକ ଚାଲିବାକୁ ଚେଷ୍ଟା କରୁଥିଲେ ମଧ୍ୟ ସଫଳକାମ ହୋଇପାରି ନାହାନ୍ତି । ଗୋଦାବରୀଶ ମିଶ୍ର, ଅମ୍ବିକା କୁମାର ଘୋଷ, ଭିକାରୀଚରଣ ପଟ୍ଟନାୟକ, କାମପାଳ ମିଶ୍ର, ସୁଦାମ ପ୍ରଣେତା ରାମଚନ୍ଦ୍ର ମହାପାତ୍ରଙ୍କର ନାଟକ—ରଚନା ପଦ୍ଧତି ଓଡ଼ିଶା ସାହିତ୍ୟରେ ସ୍ଥାନ ପାଇବାର ଯୋଗ୍ୟ ।

ଉତ୍କଳ ସାହିତ୍ୟର ୩୧ଶ ଭାଗର ୧ମ ସଂଖ୍ୟାରେ ସଂପାଦକ ମହାଶୟ ନାଟକ ସମ୍ବନ୍ଧରେ ଯାହାଲେଖି ଅଛନ୍ତି ତାହା ଅନେକେ ପଢ଼ିଥିବେ ।”...କଟକର କୌଣସି କୌଣସି ଭଦ୍ର ସନ୍ତାନ ବଜାରର କେତେ ଗୁଡ଼ିଏ ବାରାଙ୍ଗନାଙ୍କୁ ନେଇ ଗୋଟିଏ ଅଭିନୟ ଦଳ ଗଠନ କରିଅଛନ୍ତି । ଅଳ୍ପଦିନ ହେଲା ଏହି ଦଳର କେତୋଟି ଅଭିନୟ ହୋଇ ଯାଇଅଛି । ( ୩୧ ଭାଗ ୧ମ ସଂଖ୍ୟା 'ଉତ୍କଳ ସାହିତ୍ୟ' ବିବିଧ ପ୍ରସଙ୍ଗ ଦ୍ରଷ୍ଟବ୍ୟ ) ୪୪ଶ ଭାଗ ୩୮ ସଂଖ୍ୟା ୧୩।୧।୧୯୨୭ ମସିହା କଲିକତାର ପ୍ରସିଦ୍ଧ ସାପ୍ତାହିକ 'ସଞ୍ଜୀବନୀ' କଣ ଲେଖି ଅଛନ୍ତି ତାହା ପାଠକମାନଙ୍କୁ ଉପହାର ଦେବା ଉଚିତ ବିବେଚନା କରୁଅଛୁଁ । ଗତ ସୋମବାର ରାତ୍ରିକାଳରେ ମହର୍ଷି ଦେବେନ୍ଦ୍ରନାଥ ଠାକୁରଙ୍କ ଭବନର ପ୍ରାଙ୍ଗଣ କୌତୂହଳ ପୂର୍ଣ୍ଣ ସହସ୍ର ନରନାରୀଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଥିଲା । ବିଷୟ 'ପାଗଲା ଝୋରା' ନାମକ ଗୀତି ନାଟ୍ୟର ଅଭିନୟ । ଅଭିନେତା ଥିଲେ ବହୁ ସଂଖ୍ୟକ ଯୁବକ ଓ ୧୪ରୁ ୨୦ ବର୍ଷ ବୟସ୍କା ନାରୀଗଣ ।... ଯାହାହେଉ ଯୁବକ ଯୁବତୀଙ୍କର ଗୀତ ଓ ଯୁବତୀମାନଙ୍କ ପ୍ରାଚ୍ୟ ଦେଶୀୟ ନୃତ୍ୟର ଉଲ୍ଲାସରେ ଦର୍ଶକ ଗଣଙ୍କ ହୃଦୟ ପୁଲକିତ ହୋଇ ଉଠିଥିଲା । ଯେଉଁ ପ୍ରାଙ୍ଗଣରେ ମହର୍ଷି ଦେବେନ୍ଦ୍ରନାଥ ମାଘୋତ୍ସବ କରୁଥିଲେ, ସେହି ସ୍ଥାନରେ ଯୁବତୀମାନଙ୍କର ନୃତ୍ୟୋତ୍ସବ ହୋଇ ଯାଇଅଛି ।” ପୁଣି ଉକ୍ତ ପତ୍ରିକାର ସଂପାଦକ କହନ୍ତି—“ବଙ୍ଗଳାର ସାହିତ୍ୟ କ୍ଷେତ୍ର କଣ୍ଟକିତରୁ ଓ ବିଷଲତାରେ ପରିପୂର୍ଣ୍ଣ । ଯହିଁରେ ଜନସାଧାରଣଙ୍କ ମଧ୍ୟରେ ବିଳାସ ବିହ୍ୱଳ ମନୋବୃତ୍ତି ଓ ଭୋଗ ଲାଳସାର ଉଦ୍ରେକ ହୁଏ, ସେହିପରି କୁରୁଚି ପୂର୍ଣ୍ଣ ସୁପାଠ୍ୟ ପୁସ୍ତକ ବଙ୍ଗଳାରେ

ସଞ୍ଚିତ ହେଉଅଛି । ଧର୍ମାଲୋଚନା, ଇତିହାସ, ବିଜ୍ଞାନ, ସ୍ୱାସ୍ଥ୍ୟ, ଶିଳ୍ପ ବ୍ୟବସାୟ, ରାଜନୀତି, ଏହି ସକଳ ବିଷୟରେ ପୁସ୍ତକ କ୍ୱଚିତ ଦେଖାଯାଏ ।" ( ୪୫ ଭାଗ, ୮ମ ସଂଖ୍ୟା, ୨। ।୧୯୨୭ ଦ୍ରଷ୍ଟବ୍ୟ ) ।

ଓଡ଼ିଶାରେ ସ୍ଥାୟୀ ରଙ୍ଗମଞ୍ଚର ବିଶେଷ ଅଭାବ ଦେଖାଯାଏ, ମାତ୍ର ଅସ୍ଥାୟୀ ରଙ୍ଗମଞ୍ଚର ପ୍ରାଦୁର୍ଭାବ ଅତ୍ୟନ୍ତ ଅଧିକ, ଏକଥା ଅନେକ ଜାଣନ୍ତି । ନାଟକ ସାହିତ୍ୟର ଗୋଟିଏ ବିଶିଷ୍ଟ ଅଙ୍ଗ । ତାହା ମାର୍ଜିତ ରୁଚିସମ୍ପନ୍ନ ହେଲେ, ପୁଣି ବିଶୁଦ୍ଧ ଅଭିନୟ କରାଗଲେ କ୍ଷତିନାହିଁ; ମାତ୍ର ଅଭିନୟର ଦୌଡ଼ ଯେପରି ଭାବରେ ଚାଲୁଅଛି, ତହିଁରେ ତାହାର ଯୋଗ୍ୟତା ରକ୍ଷା କରି ପାରିବ ବୋଲି ଆଶା ଦିଶୁନାହିଁ । ଓଡ଼ିଆ ଭାଷାରେ ପ୍ରାଚୀନ ନାଟକରୁ କେତେକ ନାଟକର ଅନୁବାଦ ହୋଇଅଛି । ପଣ୍ଡିତ ମୃତ୍ୟୁଞ୍ଜୟ ଓ ହରିହର ରଥଙ୍କ ପରିଶ୍ରମ ଏ କ୍ଷେତ୍ରରେ ମୂଲ୍ୟବାନ । ମୁଦ୍ରାରାକ୍ଷସ, ଶକୁନ୍ତଳା, ଉତ୍ତର—ରାମ ଚରିତ ପ୍ରଭୃତିର ଅଭିନୟ ହେବାର ଶୁଣାଯାଏ ନାହିଁ । ପ୍ରାଚୀନର ଆଦର କେଉଁଠାରେ ଅଛି ? ଆଧୁନିକ ଓଡ଼ିଆ ସାହିତ୍ୟରେ ନାଟକର ପ୍ରସାର ଟିକିଏ ବଢ଼ିଅଛି ବୋଲି ଭାବିବା ଅସଂଗତ ନୁହେଁ । ତହିଁ ଉପରେ ଯାତ୍ରା, ସୁଆଙ୍ଗ ପ୍ରହସନ ମଧ୍ୟ ଜୁଟି ପଡ଼ୁଅଛି । ଏଥିରୁ ଜାତୀୟ ଜୀବନୀ ଶକ୍ତିର ବିକାଶ ଜଣାପଡ଼ୁ ନାହିଁକି ?

ଓଡ଼ିଶାରେ ଇତିହାସର ଅଗଣିତ ଉପାଦାନ ପଡ଼ି ରହିଅଛି, ମାତ୍ର ଓଡ଼ିଆ ତତ୍‌ପ୍ରତି ଦୃଷ୍ଟି ଏହି ଷାଠିଏ ବର୍ଷ ଭିତରେ ନେଇ ନାହିଁ । ଓଡ଼ିଆର ପୁରାତତ୍ତ୍ୱ ଆଲୋଚନା କରି ନାନା ଦେଶର ଲେଖକମାନେ ଯଶସ୍ୱୀ ହୋଇ ଅଛନ୍ତି । ଅଦ୍ୟାବଧି ଓଡ଼ିଶାର ପ୍ରାଚୀନ ତତ୍ତ୍ୱର ଆଲୋଚନା ବିରିବିରି ଲାଗିଅଛି । ଓଡ଼ିଆ ଲେଖକମାନେ ସ୍ୱାଧୀନ ଭାବରେ ଐତିହାସିକ ଚର୍ଚ୍ଚା କରିନାହାନ୍ତି, ଯାହା ହୋଇଅଛି, ତାହା ଐତିହାସିକ ଚର୍ବିତ ଚର୍ବଣ ଛଡ଼ା ଅନ୍ୟ କିଛି ନୁହେଁ । ଜାତିର ତଥା ସାହିତ୍ୟର ପୁରାତତ୍ତ୍ୱ ଅନୁସନ୍ଧାନରେ ଯେଉଁ ବଳବୁଦ୍ଧି, ତଥା ବିଶେଷଣ ଆବଶ୍ୟକ, ତାହା ଓଡ଼ିଆ ଅଦ୍ୟାବଧି ପାଇନାହିଁ । ଇତିହାସର ଉପକରଣ ସଂଗ୍ରହ ନିମନ୍ତେ ସମବେତ ଚେଷ୍ଟା ଅତ୍ୟନ୍ତ ଆବଶ୍ୟକ, ସେଥିପାଇଁ ମନ, ଜନ, ଧନ, ଉତ୍ସାହ ଆବଶ୍ୟକ ।

ଉତ୍କଳ-ସାହିତ୍ୟ ସମାଜ ଓଡ଼ିଶାରେ ଅନେକ ଦିନ ହେଲା ସ୍ଥାପିତ ହୋଇଅଛି । ଗୃହ ନହେଲେ କିଛି ହେବ ନାହିଁ ବୋଲି ପ୍ରଥମେ ଗୃହଦାବି କରୁ କରୁ କେତେକ ବର୍ଷ କଟିଗଲା । ମୟୂରଭଞ୍ଜ, ଆଳି ପ୍ରଭୃତି ନରପତି ମାନଙ୍କ ଅର୍ଥଦାନରେ ଗୃହ ତିଆର ହୋଇ ଗଲାଣି । ବଙ୍ଗୀୟ ସାହିତ୍ୟ ପରିଷଦ, ବାରେନ୍ଦ୍ର ଅନୁସନ୍ଧାନ ସମିତି, Bihar Orissa Research society ର କାର୍ଯ୍ୟ ବିବରଣ ଓଡ଼ିଆମାନେ ଜାଣନ୍ତି କି ? Bihar and Orissa Research society ରୁ ପ୍ରକାଶିତ ହେଉଥିବା ତ୍ରୈମାସିକ ପତ୍ରର ପ୍ରତିଷ୍ଠା ତଥା ପ୍ରସାର କିପରି ହେଉଅଛି ତାହା ଆମ୍ଭମାନଙ୍କର ପକ୍ଷରେ ଅଜ୍ଞାତ ନୁହେଁ କି ? ଏହି ପତ୍ରରେ କୌଣସି ଓଡ଼ିଆ ଲେଖକ ପ୍ରବନ୍ଧ ଲେଖି ପରିଚିତ ହୋଇଛନ୍ତି କି ? ଏହାର ପ୍ରସାର ଓଡ଼ିଶାରେ କେତେ ?

ଲର୍ଡ଼ହାର୍ଡିଂଙ୍କ ଶୁଭାଗମନ ବେଳେ 'ଉତ୍କଳ-ସାହିତ୍ୟ-ସମାଜ' ରେ ଯେଉଁ ପ୍ରସ୍ତାବ ହୋଇଥିଲା ତାହା କେତେଦୂର ଅଗ୍ରସର ହୋଇଅଛି ? ସ୍ଥାୟୀ ଫଣ୍ଡର'ଟଙ୍କା ଓଡ଼ିଆ ସାହିତ୍ୟର ପ୍ରସାର କାମନାରେ ବ୍ୟୟ ହୋଇପାଏ କାହିଁକି ? ଏ ଦିଗରେ ଆମ୍ଭମାନଙ୍କ କାର୍ଯ୍ୟ ଅତୀବ ଅସମ୍ପୂର୍ଣ୍ଣ । ଆମ୍ଭମାନଙ୍କ ପୂର୍ବପୁରୁଷମାନେ ଯାହା କରିଯାଇଥିଲେ ତାହା ଆମ୍ଭମାନଙ୍କର ସର୍ବଦା ସ୍ମରଣ ରହିବା ଦରକାର । ଓଡ଼ିଆ ଜାତିର ଦାବି ଉପରେ ଏହାର ଅଜଥା ଦାବି ଆସି ପଡ଼ୁଯାଉଛି । ସେହି ଦାବିକୁ ବଜାୟ ନରଖିଲେ ଆମ୍ଭ ମାନଙ୍କର ସର୍ବନାଶ ହେବ ନାହିଁକି ? ଆନ୍ଧ୍ର ବିଶ୍ୱବିଦ୍ୟାଳୟ ବସିଅଛି । ଆନ୍ଧ୍ରମାନେ ନିଜ ନିଜର ଦାବି ରକ୍ଷା କରିବା ନିମନ୍ତେ ନାନା ଭାବରେ ଅଗ୍ରସର ହେବାକୁ ଚେଷ୍ଟା କରୁଅଛନ୍ତି । ଗଞ୍ଜାମରେ ଆନ୍ଧ୍ରମାନଙ୍କ କଳେବର ପ୍ରସାର କରିବାର ସ୍ପୃହା ଦେଖାଗଲାଣି । ପାରଳାଖେମଣ୍ଡି ଠାରେ କଳିଙ୍ଗ ଅନୁସନ୍ଧାନ ସମିତି ବସିଅଛି । କେତେକ ବର୍ଷ ପୂର୍ବେ ବାରେନ୍ଦ୍ର ଅନୁସନ୍ଧାନ ସମିତିର କେତେ ଜଣ କର୍ମୀ ଗଞ୍ଜାମ ଅଞ୍ଚଳକୁ ଆସି କଳିଙ୍ଗର ପ୍ରାଚୀନତା ସମ୍ବନ୍ଧରେ କେତେକ ବିବରଣ ସଂଗ୍ରହ କରି ଯାଇଅଛନ୍ତି । ଏବେ ଆନ୍ଧ୍ରମାନଙ୍କର ଦୃଷ୍ଟି ପଡ଼ୁଅଛି । ଗଙ୍ଗାବଂଶର ପ୍ରଶସ୍ତି ସ୍ୱରୂପ 'ଗଙ୍ଗା-

ବଂଶାନୁଚରିତମ୍’ ନାମକ ଓଡ଼ିଆ ଅକ୍ଷରରେ ଲିଖିତ ସଂସ୍କୃତ ଗ୍ରନ୍ଥର ସନ୍ଧାନ ବିହାରର ଅନୁସନ୍ଧାନ-ସମିତି ନେଇ ଅଛନ୍ତି । ମାତ୍ର ଓଡ଼ିଆମାନେ ତାହା ଜାଣନ୍ତି କି ? ‘ସାହିତ୍ୟ ଦର୍ପଣ’ର ଲେଖକ ଓଡ଼ିଆ ବିଶ୍ୱନାଥ କବିରାଜଙ୍କୁ ଓଡ଼ିଆ ବୋଲି ଜୟପୁର ଲାଇବ୍ରେରୀ ଚିହ୍ନାଇ ଦେଇ ଅଛନ୍ତି, ମାତ୍ର ଓଡ଼ିଆମାନେ ତାଙ୍କୁ ନିଜର ଭାଇ ବୋଲି କହିବାକୁ ସାହାସ ଅଛିତ ?

ଭାରତୀୟ ପ୍ରାଚୀନ ସାହିତ୍ୟ—ଯଥା କାବ୍ୟ, ନାଟକ, ଦର୍ଶନ ସ୍ମୃତି, ବେଦାନ୍ତ, ବେଦ, ଉପନିଷଦ, ବ୍ରହ୍ମବାଦ ପ୍ରଭୃତିର ଆଲୋଚନା ଏ ଦେଶରେ ନାହିଁ ବୋଇଲେ ଚଳେ । ସଂସ୍କୃତ ଶିକ୍ଷାର ପ୍ରଚାର ନିମନ୍ତେ ସଂସ୍କୃତ ବିଦ୍ୟାଳୟ ଅନେକ ଅଛି । ସଂସ୍କୃତ ପାଠୀ ପଣ୍ଡିତ ମାନେ ସଂସ୍କୃତରେ ବା ଭାଷାରେ ଉପରୋକ୍ତ ବିଷୟର ଆଲୋଚନା କରିବାର ଦେଖାଯାଏ ନାହିଁ । ଗମ୍ଭୀର ଜଟିଳ ତତ୍ତ୍ୱ ସବୁ ଭାରତୀୟ ଭିନ୍ନ ଭିନ୍ନ ଭାଷାରେ ମୁଦ୍ରିତ ହୋଇ ପ୍ରକାଶିତ ହୋଇଅଛି, ମାତ୍ର ଓଡ଼ିଆ ସେ ଦିଗରେ ଆଦୌ ଦୃଷ୍ଟି ଦେଇନାହିଁ । ଓଡ଼ିଆ ପଣ୍ଡିତମାନେ ଓଡ଼ିଆ ଭାଷାରେ ସଂସ୍କୃତ ସାହିତ୍ୟର ଜଟିଳ ତତ୍ତ୍ୱ ପ୍ରକାଶ କରିବାକୁ ଅପାରଗ କି ? ପଣ୍ଡିତ ଜଗନ୍ନାଥ ମିଶ୍ରଙ୍କ ତିରୋଧାନ ଓଡ଼ିଆ ଜାତି ପକ୍ଷରେ ଅତୀବ କଷ୍ଟଦାୟକ । ତାଙ୍କର ଦୃଷ୍ଟି ଏ ଦିଗକୁ ଥିଲା, ମାତ୍ର ତାହା ବିକଶିତ ନ ହେଉଣୁ ମଉଳି ଯାଇଅଛି ।

ଓଡ଼ିଶାସ୍ଥ ସଂସ୍କୃତ ପଣ୍ଡିତମାନେ ମାତୃଭାଷାର ହିତୈଷୀ ନୁହନ୍ତି, ସଂସ୍କୃତ ସାହିତ୍ୟର ଚର୍ଚ୍ଚା କରି ଏହି ୭୦ ବର୍ଷ ଭିତରେ କେହି କୌଣସି ମୂଲ୍ୟବାନ ଗ୍ରନ୍ଥ ଜାତିକୁ ଉପହାର ଦେଇଥିବାର ଶୁଣାଯାଇ-ନାହିଁ । ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହଙ୍କ ପ୍ରଣୀତ ସିଦ୍ଧାନ୍ତ ଦର୍ପଣର ଖଣ୍ଡିଏ ଟୀକା ପ୍ରସ୍ତୁତ କରିବାକୁ କୌଣସି ଓଡ଼ିଆ ପଣ୍ଡିତ ସମର୍ଥ ହୋଇଛନ୍ତି କି ? ସୁଲେଖକ ମହେଶଚନ୍ଦ୍ର ଘୋଷ, ଦ୍ୱିଜଦାସ ଦତ୍ତ, କୋକିଳେଶ୍ୱର ବିଦ୍ୟାରତ୍ନ, ପ୍ରଭୃତି ଲେଖକ ମାନେ ସଂସ୍କୃତ ସାହିତ୍ୟର ନାନାବିଧ ଜଟିଳ ଅଂଶ ବଙ୍ଗ ଭାଷାରେ ପ୍ରକାଶ କରି ବଙ୍ଗବାସୀର

ପ୍ରୀତିଭାଜନ ହୋଇଅଛନ୍ତି । ବଙ୍ଗଳା ମାସିକପତ୍ରରେ ପ୍ରାଚୀନ ସଂସ୍କୃତ ସାହିତ୍ୟରେ ବିଶ୍ଳେଷଣ ଭାଷାରେ ଲେଖକମାନେ ଲେଖିଅଛନ୍ତି । ତଦ୍ୱାରା ପ୍ରାଚୀନ ସାହିତ୍ୟର ଜଟିଳ ବିଷୟ ସବୁ ସର୍ବସାଧାରଣ ବୁଝିପାରି ଅଭିଜ୍ଞତା ଲାଭକରୁଅଛନ୍ତି । ଏକ ସମୟରେ ଓଡ଼ିଶାରେ ସଂସ୍କୃତ ସାହିତ୍ୟର ଯଥେଷ୍ଟ ଚର୍ଚ୍ଚା ହୋଇଥିଲା । ଓଡ଼ିଶାରୁ ମୁଦ୍ରଣ କରିବା ନିମନ୍ତେ ନାନାବିଧ ସଂସ୍କୃତ ଗ୍ରନ୍ଥ ସଂଗୃହୀତ ହୋଇଥିବାର ସମ୍ବାଦ ଅନେକେ ଜାଣନ୍ତି । କେତେକ ବର୍ଷ ପୂର୍ବେ ଜଣେ ଜର୍ମାନ ପଣ୍ଡିତ ଭୁବନେଶ୍ୱରକୁ ଆସି କେତେକ ସଂସ୍କୃତ ପୋଥି ଖରିଦ କରି ନେଇଥିବା କଥା ମୁଁ ଗତ ପୂଜା ଛୁଟିରେ ଭୁବନେଶ୍ୱରସ୍ଥ ପଣ୍ଡା ମାନଙ୍କଠାରୁ ଶୁଣିଥିଲି । ଓଡ଼ିଆ ନିଜର ପୂର୍ବ ସମ୍ପତ୍ତି ରକ୍ଷଣା ବେକ୍ଷଣ କରିବାକୁ ଅପାରଗ, ଏକଥା କହିବା ବାହୁଲ୍ୟ ମାତ୍ର ।

ସାହିତ୍ୟ ସେବକ ମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଦ୍ୱାରା ସାହିତ୍ୟର ବିକାଶ ହୋଇଥାଏ । ଏକଥା ବହୁ କାଳରୁ ଅମ୍ଭମାନଙ୍କ ଦେଶର ଲୋକେ ଜାଣନ୍ତି । ଆଧୁନିକ ଯୁଗରେ ସାହିତ୍ୟ ସେବକମାନଙ୍କୁ ଓଡ଼ିଆମାନେ ସମ୍ମାନ ପ୍ରଦର୍ଶନ କରିଅଛନ୍ତି କିନା, ତାହା ବିବେଚନା କରିବା ଆବଶ୍ୟକ । କାରଣ ତଦ୍ୱାରା ଜାତିର ସାହିତ୍ୟପ୍ରୀତି ଜଣାପଡ଼େ । ବର୍ତ୍ତିତ ୭୦ ବର୍ଷ ଭିତରେ ଆମ ଦେଶର ଲୋକେ ଜାତୀୟ କବିମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ ଲାଳାୟିତ ବୋଲି ଜଣାପଡେ । ଦଳଗତ ଭାବରେ ସମ୍ମାନ ପ୍ରଦର୍ଶନ ଏଥି ମଧ୍ୟରେ ନ ହୋଇ ଥିଲେ ମଧ୍ୟ ବ୍ୟକ୍ତିଗତ ଭାବରେ ଓଡ଼ିଆ ଧନିକ ତାହା କେତେକାଂଶରେ କରିଅଛନ୍ତି ବୋଲି ଭାବିବା ଅସଙ୍ଗତ ନୁହେଁ । ଏ ଦେଶରେ ଆଧୁନିକ ଯୁଗରେ ଯେଉଁସବୁ ଭଲ ଭଲ ପୁସ୍ତକ ମୁଦ୍ରିତ ହୋଇଅଛି, ତାହା ପ୍ରାୟ ଅଧିକାଂଶ ପରର ସାହାଯ୍ୟରେ ପ୍ରକାଶିତ ହୋଇଅଛି । ଆଧୁନିକ ଯୁଗରେ ଅଧିକାଂଶ ଓଡ଼ିଆ ଲେଖକ ଆତ୍ମ ସମର୍ପଣ କରିବାକୁ ଅନିଚ୍ଛୁକ କି ?

ବର୍ତ୍ତମାନ ଭାରତରେ ଦେଖାଯାଏ, ପୁସ୍ତକ ପ୍ରକାଶକମାନେ ଲେଖକ ମାନଙ୍କୁ ଅର୍ଥ ସାହାଯ୍ୟ ଦେଇ ସେମାନଙ୍କ ଲିଖିତ ବିଷୟାଦି ମୁଦ୍ରିତ କରି ନିଜେ ଲାଭବାନ ହେବା ସଙ୍ଗେ ସଙ୍ଗେ ଲେଖକର ମଧ୍ୟ

ଉପକାର କରିଥାନ୍ତି । ଏପରି ଅବସ୍ଥାରେ ଓଡ଼ିଶାରେ ଅଦ୍ୟାବଧି ହୋଇ-ନାହିଁ । କେବଳ ରାଜା, ଜମିଦାର, ବଡ଼ ଲୋକମାନେ ଓଡ଼ିଆରେ ପୁସ୍ତକ ପ୍ରକାଶକ ବୋଇଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଆ ସାହିତ୍ୟରେ ଗୋଟିଏ ସଂକୀର୍ଣ୍ଣତା ବରାବର ଦେଖା ଯାଏ । ଏହି ଷାଠିଏ ବର୍ଷ ଭିତରେ ଓଡ଼ିଆ ସାହିତ୍ୟର ଗତି ଅନୁଧାବନ କଲେ ସ୍ୱତଃ ଜଣାପଡ଼େ, ଓଡ଼ିଆ ପ୍ରତିଭା ପୂଜକ ନୁହେଁ—କୌଣସି ସାହିତ୍ୟିକ ପ୍ରତି ଯଥୋଚିତ ସଦ୍‌ବ୍ୟବହାର କରିବାକୁ ଏ ଦେଶର ଶିକ୍ଷିତ ବର୍ଗ ଶିଖିନାହାନ୍ତି । ଯେଉଁମାନେ ପ୍ରାଣର ସହିତ ତଥା ଶ୍ରଦ୍ଧା ସହକାରେ ସାହିତ୍ୟ ଚର୍ଚ୍ଚା କରୁଅଛନ୍ତି, ପୁଣି ଯାଙ୍କ ଲେଖାରେ ବିଶେଷତ୍ୱ ଅଛି, ତାଙ୍କ ପ୍ରତି ଆମ୍ଭମାନଙ୍କର ଯଥୋଚିତ ସମ୍ମାନ ପ୍ରଦର୍ଶନ ହେଉ ଅଛି କି ? ଅର୍ଥଦାନ ଦ୍ୱାରା ସମ୍ମାନ ପ୍ରଦର୍ଶନ ହୁଏ ଏକଥା ମୁଁ କହୁନାହିଁ, ମୁଁ କହୁଅଛି, ଜାତିରେ ଚିହ୍ନାଇ ଦେବାର ଉଦ୍ୟମ ଏ ଦେଶରେ ନାହିଁ, କୌଣସି ଲେଖକର ଲେଖାରେ ବିଶ୍ଳେଷଣ ତଥା ସମାଲୋଚନା ଓଡ଼ିଆ ସାହିତ୍ୟରେ ନାହିଁ ବୋଇଲେ ଚଳେ । କେତେକ ବର୍ଷ ହେଲା ବଙ୍ଗ ଦେଶରେ ରବିନ୍ଦ୍ରନାଥଙ୍କ ନାମରେ ହୁରି ପଡ଼ିଅଛି, ବଙ୍ଗୀୟ ସାହିତ୍ୟ ପରିଷଦରେ ଠାକୁରଙ୍କ ଲେଖାର ଉତ୍କର୍ଷ ପ୍ରତିପାଦନର ଅବିରାମ ଚେଷ୍ଟା ଲାଗିଅଛି, ସଙ୍ଗେ ସଙ୍ଗେ ତାଙ୍କର ପ୍ରସିଦ୍ଧି ବଢ଼ାଇବା ଚେଷ୍ଟା ହେଉଅଛି, ମାତ୍ର ଶିକ୍ଷିତ ଓଡ଼ିଆ କାହାକୁ ଗୁରୁ କରିବାକୁ ବା ଉଚ୍ଚାସନ ଦେବାକୁ କୁଣ୍ଠିତ ବୋଲି ଜଣାପଡ଼େ । ଏଥିରୁ ଶିକ୍ଷିତ ଓଡ଼ିଆର ହୃଦୟ ସଂକୀର୍ଣ୍ଣ, ଏକଥା କହିବା, ବୋଧକରେଁ ଅସଙ୍ଗତ ହେବନାହିଁ । ଉନ୍ନତ ସାହିତ୍ୟ ପାଠକଲେ ଜଣାପଡ଼େ, ଲେଖକମାନଙ୍କୁ ଜାତିରେ ପରିଚିତ କରିବାପାଇଁ ଅବିରାମ ଚେଷ୍ଟା ଲାଗିଅଛି । ଜଣେ କବି ଯାହା ଲେଖିଅଛନ୍ତି, ତଦପେକ୍ଷା ତାଙ୍କ ଲେଖାର ବିଶ୍ଳେଷଣ ଅଧିକ ହୋଇଥିବାର ପ୍ରମାଣ ସର୍ବତ୍ର ମିଳେ । ରାଧାନାଥ, ମଧୁସୂଦନ, ଫକୀରମୋହନ, ଗଙ୍ଗାଧର, ନନ୍ଦକିଶୋର, ଚିନ୍ତାମଣି, ରାମଶଙ୍କର ପ୍ରଭୃତି ଉତ୍କଳୀୟ ଲେଖକମାନଙ୍କୁ ଜାତିରେ ଚିହ୍ନାଇବା ନିମନ୍ତେ କୌଣସି ବିଶିଷ୍ଟ ଚେଷ୍ଟା ହୋଇଛି କି ? ଉତ୍କଳୀୟ ଲେଖକଙ୍କୁ ତଥା ଉତ୍କଳ ସାହିତ୍ୟକୁ ଅନ୍ୟତ୍ର ଚିହ୍ନାଇବାକୁ ଆମ୍ଭମାନଙ୍କର ପ୍ରୟାସ ନାହିଁ । କାରଣ ଶିକ୍ଷିତ ଓଡ଼ିଆର ହୃଦୟ ଅତି କ୍ଷୁଦ୍ର ସୀମାରେ ଆବଦ୍ଧ, ପୁଣି ଅନୁ-

ଦାରିତରେ ପରିପୂର୍ଣ୍ଣ । ମନେ କରନ୍ତୁ, ଫକୀରମୋହନଙ୍କ କ୍ଷୁଦ୍ରଗଳ୍ପରେ ଅଥବା ଛ'ମାଣ ଆଠ ଗୁଣ୍ଠରେ ଖଣ୍ଡିଏ ଇଂରାଜୀ ଅନୁବାଦ ହେଲେ ତଦ୍ୱାରା ଓଡ଼ିଆ ସାହିତ୍ୟର ମର୍ଯ୍ୟାଦା ବଢ଼ନ୍ତା, ପୁଣି କବିଙ୍କ ପ୍ରତି ସମାଦର ହୋଇଅଛି ବୋଲି କୁହାଯାଇ ପାରନ୍ତା । ବଙ୍ଗୀୟ ଲେଖକ ବଙ୍କିମଚନ୍ଦ୍ର ଶରତଚନ୍ଦ୍ର ପ୍ରଭୃତିଙ୍କ କେତେକ ଲେଖା ଇଂରାଜୀ ପୁଣି ଭାରତୀୟ ଅନ୍ୟାନ୍ୟଭାଷା ମାନଙ୍କରେ ଅନୁବାଦିତ ହୋଇଅଛି । ତଦ୍ୱାରା ବଙ୍ଗଳା ସାହିତ୍ୟର କେତେ ଦୂର ସମ୍ମାନ ଭାରତ ବର୍ଷରେ ତଥା ବିଦେଶରେ ବଢ଼ୁଅଛି, ତାହା କହିବା ଅନାବଶ୍ୟକ । ଭାରତୀୟ ଅନ୍ୟାନ୍ୟ ପ୍ରଦେଶରେ ଓ ପାଶ୍ଚାତ୍ୟ ଦେଶ ମାନଙ୍କରେ ବଙ୍ଗଳା ଶିକ୍ଷା କରିବାର ସ୍ପୃହା ବଢ଼ୁଅଛି ବୋଲି ଅନୁମାନ ହୁଏ । ମାତ୍ର ଭାରତରେ ଓଡ଼ିଆ ଭାଷା ଅଛି ବୋଲି ଅନେକ ଜାଣନ୍ତି ନାହିଁ । ସେନାପତିଙ୍କ ଲଛମା ହିନ୍ଦୀରେ ଅନୁବାଦିତ ହୋଇଅଛି । ଏହି ଅନୁବାଦ ଦ୍ୱାରା ହିନ୍ଦୀ ସାହିତ୍ୟର ପୁଷ୍ଟି ସଙ୍ଗେ ସଙ୍ଗେ ହିନ୍ଦୀ ଭାଷିଙ୍କର ଉଦାରତା ପ୍ରତିପନ୍ନ ହେଉ ନାହିଁକି ? ଆଜିକାଲି ବିଜ୍ଞାପନ-ଯୁଗ ଚାଲିଅଛି । ନିଜର ମାନ, ମର୍ଯ୍ୟାଦା, ଯୋଗ୍ୟତା, ପ୍ରତିଭା ଜଗତ୍ ଆଗରେ ଦେଖାଇ ନ ପାରିଲେ ନିଜର ମହତ୍ତ୍ୱ ବଢ଼ିନପାରେ । ବର୍ତ୍ତିତ ସମୟ ମଧ୍ୟରେ ଓଡ଼ିଶାର ଜଣେ ସାହିତ୍ୟିକ ଓଡ଼ିଆ ଲେଖକମାନଙ୍କୁ ସାଧାରଣରେ ପରିଚିତ କରିବାକୁ ଚେଷ୍ଟା କରୁଥିଲେ । ତାଙ୍କ ନାମ ୰ ମାଳମଣି ବିଦ୍ୟାରତ୍ନ । ତାଙ୍କର ସେହି ଚେଷ୍ଟା ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଅମୂଲ୍ୟ ବୋଲି କହିବା ବୋଧକରେ ଅସଙ୍ଗତ ହେବ ନାହିଁ ।

କୌଣସି ଜାତିର ମହତ୍ତ୍ୱ ତାହାର ସାହିତ୍ୟରୁ ଜଣାପଡ଼େ । ସତ୍ ସାହିତ୍ୟ ଜାତିର ପ୍ରାଣରେ ନବବଳ, ନବଆଶା, ଓ ନବଚିନ୍ତାର ଉଦ୍ରେକ କରିଥାଏ । ସେ ଭଳି ସାହିତ୍ୟ ଚର୍ଚ୍ଚା ଓଡ଼ିଶାରେ ଏ ସମୟରେ ହୋଇନାହିଁ । ଯଦି ଓଡ଼ିଶାରେ ସତ୍ ସାହିତ୍ୟର ପ୍ରଚାର ହୋଇଥାନ୍ତା, ତେବେ ଓଡ଼ିଆ ଜାତି ଅକ୍ଷମ, ଅନୁନ୍ନତ ବୋଲି ଅଭିହିତ ହେଉନଥାନ୍ତା । ଦୁର୍ବଳର ସ୍ଥାନ କାହିଁ ନାହିଁ । ଉପନିଷଦରେ ବ୍ୟକ୍ତ ଅଛି—ନାୟମାତ୍ମା ବଳହୀନେନ ଲଭ୍ୟଃ", ଆମ୍ଭେମାନେ ଅପାରଗ ଏଣୁ ଆମର କୌଣସି

ଦିଗରେ ଉନ୍ନତି ହୋଇନାହିଁ । ପ୍ରାୟ ୩୦ ବର୍ଷ ପୂର୍ବେ କବି ରାଧାନାଥ କହିଥିଲେ—

"ପାହିଲାଣି ମୋର ତମସୀ ରଜନୀ ।
ଫୁଟିବ ଉତ୍କଳ-ଭାଷା- କମଳିନୀ"

କବିଙ୍କର ଏହିଆଶା-ବାଣୀ ପ୍ରକୃତରେ ସତ୍ୟ ରୂପରେ ଆମ୍ଭ-ମାନଙ୍କର ଆଗରେ ଠିଆ ହୋଇ ଅଛିକି ? ତାମସୀ ରଜନୀ ସତେ କି ପାହିଲାଣି । ଉତ୍କଳଭାଷା-କମଳିନୀ ମୁଦ୍ରିତା ନା ବିକସିତା, ଏହା ଶିକ୍ଷିତ ଓଡ଼ିଆ କୁହନ୍ତୁ । ଜାତିପ୍ରୂ କବିଙ୍କର ଭବିଷ୍ୟତ୍ ବାଣୀ ଯଦି ବିଫଳ ହୋଇଥାଏ, ତେବେ ଏ ଜାତି ଅଭିଶପ୍ତ, ଏକଥା କହିବା ବୋଧକରେ ଅନ୍ୟାୟ ହେବନାହିଁ ।

କେତେକ ବର୍ଷ ହେଲା ପୃଥିବୀରେ ଭାଷା ଗଠନ, ସାହିତ୍ୟ ଗଠନ ନିମନ୍ତେ ଘୋର ଆନ୍ଦୋଳନ ଉଠିଅଛି । ନିଜର ସାହିତ୍ୟକୁ ପରିମାର୍ଜିତ କରିବାର ଇଚ୍ଛା ସମସ୍ତଙ୍କର ହୃଦୟରେ ସ୍ଥାନ ପାଇଅଛି । ପ୍ରଥମେ ନିଜ ସାହିତ୍ୟର ଉନ୍ନତି କରିଯାଉ, ତତ୍‌ପରେ ଅନ୍ୟାନ୍ୟ ବିଷୟରେ ମନ ନିଯୋଗ କରିପିବ, ଏହାହିଁ ମୂଳସୂତ୍ର ନାମରେ ପରିଚିତ ହୋଇଅଛି । ଜାତିର ହୃଦୟର ବଳ, ଜ୍ଞାନବଳ, କର୍ମବଳ ସବୁ ସାହିତ୍ୟ ଉପରେ ନିର୍ଭର କରେ । ଅତଏବ ପ୍ରଥମେ ସାହିତ୍ୟକୁ ଗଠନ କରିବାର ଯେଉଁ ପ୍ରୟାସ ପୃଥିବୀରେ ଲାଗିଅଛି ତାହା ସର୍ବବାଦୀ ସମ୍ମତ, ଏକଥାରେ କାହାର ଆପତ୍ତି ନାହିଁ ।

ଆଧୁନିକ ଯୁଗରେ ଓଡ଼ିଆ ଏକ ପ୍ରାଣରେ ନିଜର ସାହିତ୍ୟୋନ୍ନତି ବିଧାନରେ ଅଗ୍ରସର ହୋଇନାହିଁ । ଯେପରି ଭାବରେ ସାହିତ୍ୟ ଚର୍ଚ୍ଚା କରିଅଛି ତାହା ନିତାନ୍ତ ଅସାର, ପୁଣି ଦୁର୍ବଳ ଭିତ୍ତି ଉପରେ ଅବ-ସ୍ଥାପିତ । ମୌଳିକ ଚିନ୍ତା, ଉଚ୍ଚ ଗବେଷଣା, ଓଡ଼ିଆ ସାହିତ୍ୟରେ ଦେଖାଯାଏ ନାହିଁ । ସାହିତ୍ୟରେ ଆତ୍ମ ପ୍ରତିଷ୍ଠାର ଯଥେଷ୍ଟ ଉପକରଣ ଅଛି । ସାହିତ୍ୟ ଚର୍ଚ୍ଚା ଦୃଢ଼ତା ସହିତ ଓଡ଼ିଆ କରୁନାହିଁ । ଏଣୁ ତାହାର ପ୍ରଥମେ ଆତ୍ମପ୍ରତିଷ୍ଠା ହୋଇନାହିଁ । ଜର୍ମାନ ଜାତି ଫରାସି ସାହିତ୍ୟ ନେଇ

କେତେକ କାଳ କଟାଇଥିଲା ଯେତେବେଳେ ସେ ଫରାସି ସାହିତ୍ୟ ଛାଡ଼ିଲା, ସେତେବେଳେ ତାହାର ଜାତୀୟ ସ୍ୱତନ୍ତ୍ରତା ଫୁଟିଉଠିଲା ।

ଓଡ଼ିଶାର ସାହିତ୍ୟ ସାଧନା କପର । ଏ ସମ୍ବନ୍ଧରେ ଆଉ ଅଧିକ କହିବା ଅନାବଶ୍ୟକ । ପାଠକ ମହୋଦୟଗଣ ଧୀରସ୍ଥିର ଭାବରେ ଏ ସମ୍ବନ୍ଧରେ ଆଲୋଚନା କଲେ ଉପକୃତ ହେବି । ପରି ଶେଷରେ ଡ଼ାକ୍ତର ଭନୋ ଗ୍ରାଡ଼ଫ ଙ୍କ ସରଳ ଉକ୍ତି ଉଦ୍ଧାର କରି ପାଠକମାନଙ୍କ ଠାରୁ ବିଦାୟ ନିଆଯାଉ ।” × × ଆମ୍ଭେମାନେ ଅନୁବାଦ କରୁଅଛୁଁ, ଅନୁକରଣ କରୁଅଛୁଁ, ତାହାର ସୂକ୍ଷ୍ମତିସୂକ୍ଷ୍ମ ଗତିବିଧି ପର୍ଯ୍ୟବେକ୍ଷଣ କରୁଅଛୁଁ, ଅନ୍ୟ ଜାତିରଭାବ ଓ ବ୍ୟବସ୍ଥା ଗୁଡ଼ିକ ଆୟତ୍ତ କରିନେଇଅଛୁଁ । × × ଅନେକ ସମୟରେ ଏହିସବୁ ଭାବ ଆମ୍ଭମାନଙ୍କ ଚରିତ୍ର ଉପରେ ଆଧିପତ୍ୟ ବିସ୍ତାର କରୁଅଛି । କିନ୍ତୁ ଏହା ସହିତ ଆମ୍ଭ ମାନଙ୍କର ଇତିହାସ ପ୍ରସିଦ୍ଧ ଜାତୀୟ ସଭ୍ୟତା ଧାରାର କୌଣସି ସମ୍ବନ୍ଧ ନାହିଁ । ଆମ୍ଭମାନଙ୍କର ସ୍ୱଦେଶୀୟ ସଭ୍ୟତାର ଉତ୍ସରୁ ଆମ୍ଭେମାନେ ବିଚ୍ଛିନ୍ନ ହୋଇ ପଡ଼ିଅଛୁଁ । ଏଣୁ ସମଗ୍ର ମାନବ ଜାତିର ସାଧାରଣ ସଭ୍ୟତାର ପୁଷ୍ଟିସାଧନ କାର୍ଯ୍ୟରେ ସାହାଯ୍ୟ କରିବାର ଅଧିକାରରୁ ଆମ୍ଭେମାନେ ବଞ୍ଚିତ ହୋଇଅଛୁଁ । ଆମ୍ଭେମାନେ ଯାହାଙ୍କୁ ଅଶିକ୍ଷିତ ବୋଲି କହୁଁ । ତାଙ୍କ ପ୍ରାଣରେ ଯୁଗ ଯୁଗାନ୍ତରର ପ୍ରାଚୀନ ଆଧ୍ୟାତ୍ମିକ ଉତ୍କର୍ଷର ବୀଜ ରକ୍ଷିତ ହୋଇଅଛି । ସେମାନଙ୍କ ସହିତ ଆମ୍ଭମାନଙ୍କର ଯେ ପୋଥିଗତ ବିରୋଧ ରହିଅଛି, ତହିଁରେ ତିଳେମାତ୍ର ସନ୍ଦେହ ନାହିଁ ।”

—*—

# ଆଳସ୍ୟ

**ବିନୋଦ କାନୁନ୍‌ଗୋ**

ଆମ ଶାସ୍ତ୍ରକାର ମାନେ ବହୁସ୍ଥଳରେ, ବହୁ ଭାବରେ ଗୋଟିଏ କଥା ଉପରେ ଜୋରଦେଇ ସାଧାରଣ ଲୋକଙ୍କୁ କହିଛନ୍ତି । ସେହି କଥାଟି ହେଲା—'ଆଳସ୍ୟ ମନୁଷ୍ୟ ଶରୀରର ସବୁଠାରୁ ବଡ଼ଶତ୍ରୁ ବା ମହାରିପୁ । ଆଳସ୍ୟ ଯେଉଁ ଦୁଷ୍ଟଚକ୍ର ସୃଷ୍ଟି କରେ ଥରେ ଯଦି ଜଣେ ତା ଭିତରେ ପଡ଼ିଯିବ, ସେଥିରୁ ଉଦ୍ଧରି ବାହାରକୁ ଆସିବା ତାହା ପକ୍ଷରେ ଆଦୌ ସହଜ ହୁଏ ନାହିଁ । ପ୍ରାଚୀନ ଯୁଗର ସମାଜ ଶାସ୍ତ୍ରୀମାନେ ଲକ୍ଷ୍ୟ କରି ଦେଖିଛନ୍ତି ଯେ ଯେଉଁ ଲୋକ ଉପାସ ଶୋଉଛି ବୋଲି କହୁଛି, ସେ ଆଳସ୍ୟର ଦାସ ହୋଇଯାଇଛି । ତେଣୁ କୋଟି କୋଟି ଲୋକ ଯେଉଁ ଭାଷାରେ ବୁଝିବେ ସେହି ଭାଷାରେ ସେମାନଙ୍କୁ କୁହାଯାଏ—"ଯିଏ ପାଟି ଚିରିଛି, ସେ -ଦୁଇହାତ ଦେଇଛି ।" ଏହାର ତାତ୍ପର୍ଯ୍ୟ ହେଲା ପ୍ରକୃତିର ବ୍ୟବସ୍ଥା ଏଭଳି ଯେ ଜଣେ ଯଦି ତାର ଦୁଇହାତକୁ କାମରେ ଲଗାଇବ ସେ ଉପାସ ଶୋଇବ ନାହିଁ ।

ବ୍ୟକ୍ତି ଯଦି ଅଳସୁଆ ହେଲା ରକ୍ଷା ଅଛି । ସେ ନିଜର ବା ନିଜ ପରିବାରର କ୍ଷତି କଲା । କିନ୍ତୁ ଗୋଟାଏ ଜାତି ଯଦି ଅଳସୁଆ ହୋଇ-ଗଲା କଥା ସରିଗଲା । ଥରେ ଆଳସ୍ୟ ଗୋଟାଏ ଜାତିକୁ ଗ୍ରାସିଗଲେ ଏତେ ଦିଗରୁ ତାର ଅଧଃପତନ ହୁଏ ଯେ ଶହ ଶହ ବର୍ଷ ପର୍ଯ୍ୟନ୍ତ ସେ ଆଉ ଉଠିପାରେ ନାହିଁ । ଜଣେ ପରିଶ୍ରମ କରିଲେ ତାହାର ଉପ-କାର ହେବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କର ମଙ୍ଗଳ ହୋଇଯାଏ । ଆଳସ୍ୟ ଏହାର ଠିକ୍ ବିପରୀତ ଭାବରେ କାର୍ଯ୍ୟ କରେ ।

ଲେଖକ ଓ ଶିକ୍ଷାବିତ୍ ବର୍ଟନ୍‌ଙ୍କ ଭାଷାରେ କହିବାକୁ ଗଲେ, ଆଳସ୍ୟ ହେଉଛି ଶରୀର ଓ ମନ ଉଭୟର ଧ୍ୱଂସର କାରଣ । ଅନ୍ୟର ଅନିଷ୍ଟ କରିବା ପାଇଁ ଲୋକ ମନରେ ଯେଉଁ ଭାବନା ଜାଗ୍ରତ ହୁଏ, ତାହା ମୂଳରେ ଅଛି ଆଳସ୍ୟ । ଅଳସୁଆମୀଟି ସତେ ଯେପରିକି ଗୋଟିଏ କଅଁଳ ଗଦି । ସଇତାନ ତାହା ଉପରେ ଆସି ସୁନ୍ଦର ଭାବରେ ଶୋଇଯାଏ । ମନକୁ ଭାରାକ୍ରାନ୍ତ କରିବା ସଙ୍ଗେ ସଙ୍ଗେ ଶରୀରକୁ ଯଦି କେହି ରୋଗଗ୍ରସ୍ତ କରିଦେଉଛି, ତାହା ହେଉଛି ମନୁଷ୍ୟର ଏହି ଦୋଷ । ଏକଥା ଭୁଲିଗଲେ ଚଳିବ ନାହିଁ ଯେ ମନର ଧର୍ମ ହେଲା ସେ କିଛିନା କିଛି କରିବାକୁ ଧାଇଁବ । ଯଦି ସତ୍ କାମରେ ତାକୁ ଲଗାଇ ନପାରିଲ, ଅନିଷ୍ଟ ଚିନ୍ତାରେ ସେ ତତ୍ପର ହୋଇଉଠିବ ।

ଦାର୍ଶନିକ ତଥା ସମାଜ ଶାସ୍ତ୍ରୀମାନେ ଆହୁରି ଲକ୍ଷ୍ୟ କରିଛନ୍ତି ଯେ ଜୀବନ ଚାହେଁ ନୂତନତ୍ୱ । ଠିକ୍ ଏକାଭଳି ସବୁଦିନେ ରହିବାଟାକୁ ଜୀବନ ପସନ୍ଦ କରେ ନାହିଁ । ଆଳସ୍ୟ ପରିପୂର୍ଣ୍ଣ ଲୋକର ଜୀବନରେ ନୂତନତ୍ୱର ସ୍ଥାନ ନାହିଁ କହିଲେ ଚଳେ । ଯେତେ ଧନ ସଂପତ୍ତି ଥିଲେ ମଧ୍ୟ ଯଦି ନୂତନତା ବିଦାୟ ନେଇଗଲା, ପ୍ରକୃତ ସୁଖ କୁଆଡ଼େ ଉଭେଇ ଯାଏ । କାର୍ଲ୍ ହିଲ ଯଥାର୍ଥରେ କହିଛନ୍ତି ଯେ ଆଳସ୍ୟ ଭିତରେହିଁ ସ୍ଥାୟୀ ନୈରାଶ୍ୟ ବସା ବାନ୍ଧି ଯାଇଥାଏ । ତୁର୍କୀ ଦେଶରେ ସାଧାରଣ ଲୋକଙ୍କ ଭିତରେ ଗୋଟିଏ ପ୍ରବାଦ ଅଛି ଯେ ସଇତାନ୍‌ର ଏଭଳି ଶକ୍ତି ଯେ ସେ ଅନ୍ୟମାନଙ୍କୁ ପ୍ରଲୋଭିତ କରି ନିଜ ସାଙ୍ଗକୁ ନେଇଯାଏ, କିନ୍ତୁ ଯେଉଁଲୋକ ଅଳସୁଆ, ସେ ସଇତାନ୍‌କୁ ପ୍ରଲୋଭନ ଦେଖାଇ ନିଜ ଦେହରେ ଆଣି ରଖିଦିଏ ।

ଲୋକ ତାହାର ପ୍ରକୃତ ଅର୍ଥରେ ଅଳସୁଆ ହୋଇଯିବାର ଦେଖାଯାଇଛି । ଆଜ ଆଖିକୁ ଦେଖିଲା ଭଲ କିଛି ଗୋଟିଏ କାମ ନକରି ଆସନ୍ତାକାଲି ବା ସପ୍ତାହକ ପରେ ଅନେକ ଭଲ କାମ କରିବ ବୋଲି ଯେଉଁ ଲୋକ ଚିନ୍ତା କରୁଥାଏ ଓ ସେଥିପାଇଁ ଅପେକ୍ଷା କରୁଥାଏ, ସେ ଅଜାଣତରେ ଆଳସ୍ୟର ଶିକାର ହୋଇଯାଉଛି । ସେହି ଶ୍ରେଣୀର ଲୋକଙ୍କୁ ଦେଖିବ ଯେ ବହୁସ୍ଥାନକୁ ଯାଉଛନ୍ତି, ଅଥଚ କୌଣସି ଗୋଟାଏ

ସ୍ଥାନକୁ କିଛି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଯାଉନାହାନ୍ତି । ବହୁତ ପଡିଲି ଭଳି ହେଉଛନ୍ତି, କିନ୍ତୁ କିଛି ପଢ଼ୁନାହାନ୍ତି, ସେହିମାନଙ୍କୁ ଲକ୍ଷ୍ୟକରି ଚେଷ୍ଟର୍‌ଫିଲଡ୍ କହିଥିଲେ—ଦୁର୍ବଳମନା ଲୋକଙ୍କର ଆଳସ୍ୟ ହେଉଛି ଏକମାତ୍ର ଆଶ୍ରା । ନିର୍ବୋଧ ଲୋକମାନେ ଆଳସ୍ୟ ଭିତରେ ହିଁ କାମରୁ ଛୁଟି ପାଇଛନ୍ତି ବୋଲି ଅନୁଭବ କରୁଥାନ୍ତି ।

ସକ୍ରେଟିସ୍‌ଙ୍କ ଭାଷାରେ କୁହ ବା ମାର୍କସଙ୍କ ଭାଷାରେ କୁହ—ଗୋଟିଏ କଥା ଅତି ସ୍ପଷ୍ଟ । ଜଣେ ଯଦି କିଛି ନ କରୁଛି ଆମେ କହୁ ସେ ଅଳସୁଆ । କିନ୍ତୁ ଆମେ ଭୁଲିଯାଉ ଯେ ଜଣେ ଯେତିକି କାମ କରିବାର କଥା ତାହା ସେ ଯଦି ନକଲା, ବା କରିବାର ସୁଯୋଗ ନ ପାଇଲା, ସେ ଆଳସ୍ୟରେ ସମୟ କଟାଉଛି ବୋଲି କୁହାଯିବ । ସକ୍ରେଟିସ୍ ଏତେ ଦୂରକୁ କହିଛନ୍ତି ଯେ ଜଣେ ଯେଉଁ କାମ କରିଥିଲେ ସମାଜର ମଙ୍ଗଳ ହୁଅନ୍ତା, ସେ କାମ କରିବାର ସୁଯୋଗରୁ ବଞ୍ଚିତ ହୋଇ ସେ ଯଦି ଗୋଟାଏ ମାମୁଲି କାମ କରୁଚି ତେବେ ସେ ଜାଣି ବେକାର ବା ଅଳସୁଆ ହୋଇ ବସିଛି ।

ଓହ୍ଵଲିଙ୍କ ଭାଷାରେ କହିବାକୁ ଗଲେ ଆଳସ୍ୟ ଯେତେବେଳେ ପ୍ରଥମେ ଆସେ ସେ ବୁଢ଼ିଆଣୀ ସୂତାଭଳି ତୁମ ଦେହରେ ଗୁଡ଼ାଇ ହୋଇଯାଏ । ଶେଷକୁ ଦେଖିଲି ବେଳକୁ ତାହା ଲୁହା ଜଞ୍ଜିର ଭଳି ମୋଟ ଓ ଶକ୍ତ ହୋଇଗଲାଣି । ସେତେବେଳେ ତାହା ବନ୍ଧନରୁ ଖସିବା କଷ୍ଟହୁଏ । ମନୁଷ୍ୟ ଗୃହେଁ ଅନ୍ୟମାନେ ନଜାଣନ୍ତୁ ଯେ ସେ ଅଭାବ ଭିତରେ ରହିଛି ।ତେଣୁ ସେ ଦାରିଦ୍ର୍ୟକୁ ଅନ୍ୟମାନଙ୍କଠାରୁ ଲୁଚ୍ଚାଏ । କିନ୍ତୁ ସଂସାରର ବୈଚିତ୍ର ହୋଇଛି ଯେ ସେ ନିଜଠାରୁ ଆଳସ୍ୟକୁ ଲୁଚ୍ଚାଏ, ଅର୍ଥାତ୍ ଆଳସ୍ୟ ବଶତଃ ସେ ଗୋଟାଏ କାମ ନକଲେ ନିଜକୁ ନାନା ଯୁକ୍ତିଦେଇ ବୁଝାଇ ଦିଏ ଯେ ସେ କାମଟା କରିବା ଦରକାର ନଥିଲା ।

ଲୋକମାନଙ୍କୁ ଜଣେ ଦାର୍ଶନିକ ପଚାରିଥିଲେ—ତୁମେ ଜୀବନକୁ କଅଣ ପ୍ରକୃତରେ ଭଲପାଅ ? ଯଦି ଭଲ ପାଉଛ ସମୟ ନଷ୍ଟ କର ନାହିଁ

କାରଣ ସମୟ ବା କାଳର ସମଷ୍ଟି ହିଁ ଜୀବନ । ଯେତିକି ଦରକାର ତା'ହା ଅପେକ୍ଷା ଅଧିକ ଶୋଇଲେ ଆୟୁଷ ହାନି ହେଲା ବୋଲି ବୁଝିବାକୁ ହେବ । କାରଣ ପୂର୍ବେ ଥରେ ଦେଖାଇ ଦେଇଛି ଯେ ଆୟୁଷଟା ହେଉଛି କାଳର ସମଷ୍ଟି ।

ଆଳସ୍ୟ ଭିତରେ ବୁଡ଼ି ରହିବା ଓ ନିଜକୁ ତିଳ ତିଳ କରି ମାରିବା ଏକା କଥା । ଜଣେ ଧର୍ମ ପରାୟଣ ଲୋକ ଥରେ କହିଥିଲେ— ଭଗବାନ୍ ଓ ସଇତାନ୍ ପୃଥିବୀକୁ ଆସିଲେ ଶିଷ୍ୟ ବାଛିବା ପାଇଁ ଯେଉଁମାନେ କାଠ କାଟୁଥିଲେ, ଜାଲ ବୁଣୁଥିଲେ, ହଳ କରୁଥିଲେ, ସେହିମାନଙ୍କ ଭିତରୁ ଭଗବାନ ତାଙ୍କର ଶିଷ୍ୟ ବାଛିନେଲେ । କିନ୍ତୁ ଯେଉଁମାନେ କିଛି ନକରି ଅଳସୁଆ ହୋଇ ବସିଥିଲେ, ସଇତାନ୍ ସେହିମାନଙ୍କ ଭିତରୁହିଁ ତାହାର ଶିଷ୍ୟ ବାଛିଲା ।

ଯେଉଁମାନେ ମନୁଷ୍ୟ-ସ୍ୱଭାବକୁ ଭଲଭାବରେ ଲକ୍ଷ୍ୟ କରନ୍ତି, ସେମାନେ ଏହି ନିଶ୍ଚିତ ସିଦ୍ଧାନ୍ତରେ ଭଲଭାବରେ ପହଞ୍ଚିଛନ୍ତି ଯେ କମ କାମ ଦେଲେ ଯେ ଲୋକ କାମ ସମୟରେ ଭଲ ଭାବରେ କରି- ଦେବ ଏହାର କିଛି ଅର୍ଥନାହିଁ । କାରଣ ଅଳ୍ପ କାମ କରିବା ଅଭ୍ୟାସରୁ ତାହା ଭିତରେ ଆଳସ୍ୟ ପ୍ରବେଶ କରିବ । ସେ କ୍ରମେ ଅଭିଯୋଗ କରିବ ଯେ ତାକୁ ଦିଆଯାଇଥିବା କାମଟିକ କରିବାକୁ ସେ ସମୟ ପାଉନାହିଁ । ଯେଉଁମାନଙ୍କ ହାତରେ ବହୁତ କାମ ଅଛି, ସେହି ମାନେହିଁ ସେ ସବୁ କରିବା ପାଇଁ ସମୟ ଶୀଘ୍ର ଓ ଦକ୍ଷତାର ସହିତ କାମଗୁଡ଼ିକ କରିଦିଅନ୍ତି । ସେମାନେ ଏଭଳି କାର୍ଯ୍ୟବ୍ୟସ୍ତ ଥାଆନ୍ତି ଯେ ଆଳସ୍ୟ ତାଙ୍କ ପାଖ ପଶିବାକୁ ସାହାସ କରେ ନାହିଁ । ଆମ୍ଭମାନଙ୍କୁ ସତର୍କ କରିଦେଇ ମଣ୍ଡିତମାନେ କହନ୍ତନ୍ତି—ସାବଧାନ ରହିବ, ନଚେତ୍ ଆଳସ୍ୟ ତୁମକୁ ଠକି ଦେବ । ସେ ଯଦି ତୁମକୁ 'ଆଜି'ଟିକୁ ମାଗିବ ଓ ତୁମେ ତାହାକୁ ଦେବାକୁ ରାଜି ହୋଇଗଲ, ସେ ହସି ହସି କହିବ "ଆସନ୍ତା କାଲିଟିକୁ ମତେ ଏହାହିଁତ ଲାଭ ସ୍ୱରୂପ ଦିଅ । ସେଇଥିପାଇଁ ଯୁବକମାନଙ୍କୁ କୁହାଯାଏ, ଟିକିଏ ସୁଦ୍ଧା ସମୟ ନଷ୍ଟ ନକରି ଯୌବନର ମଞ୍ଜି ପୋତ, ପ୍ରୌଢ଼ ଅବସ୍ଥାରେ ସେଥିରେ ଫୁଲ ଧରିବ ଓ ବାର୍ଦ୍ଧକ୍ୟ ବେଳକୁ ଫଳଭୋଗ କରିବ ।

# ଚମ୍ପା

:ବସନ୍ତ କୁମାର ଶତପଥୀ

"ଚମ୍ପା ! ସେଇ ଗୃହକରଣୀଟା !" ବିସ୍ମୟ ଓ ତୁଚ୍ଛ ତାଚ୍ଛଲ୍ୟଭରା କଣ୍ଠରେ ଜଣେକ ପ୍ରଖ୍ୟାତ ନିର୍ଦ୍ଦେଶକ ଓ କୁଶଳୀ ଅଭିନେତା ମନ୍ତବ୍ୟ କଲେ । ଯେତେବେଳେ ମୁଁ ତାଙ୍କୁ ଅନୁନୟ କରି କହିଲି, "ଛମାଣ ଆଠଗୁଣ୍ଠ ଅବଲମ୍ବନରେ ଚମ୍ପା ବୋଲି ନାଟକଟିଏ ଲେଖିଛି, ତାର ମଞ୍ଚ ଉପଯୋଗିତା ପରୀକ୍ଷା ନିରୀକ୍ଷା କରି ଦେଖିବେ ?" ମାମୁଁ ଉପନ୍ୟାସର ନାଟ୍ୟରୂପ—ଯାହା ଯୁଗେ ହେଲା ବିଶ୍ୱବିଦ୍ୟାଳୟର ପାଠ୍ୟରୂପେ ପ୍ରଚଳିତ—ରେ ମଞ୍ଚଉପଯୋଗିତା ଏପରିକି ନାଟ୍ୟକଳାର ଏକାନ୍ତ ଅଭାବ ବୋଲି ଅଭିଯୋଗ ଥିବାରୁ ସେ ପ୍ରମାଦର ପୁନରାବୃତ୍ତି ଯେପରି ଏ ନାଟକଟିରେ ନ ହୁଏ ସେଥିପ୍ରତି ମୁଁ ସତର୍କ ହେବାକୁ ଚାହୁଁଥିଲି ।

କିନ୍ତୁ ପ୍ରଥମରୁ ନିର୍ଦ୍ଦେଶକ ମହୋଦୟ ଯେଉଁ ପ୍ରତିକ୍ରିୟା ଦେଖାଇଲେ ସେଥିରେ ମୁଁ ଅପ୍ରତିଭ ହେଲି । ଚମ୍ପା ! ସେଇ ଗୃହକରଣୀଟା ! ଅଥଚ ବନ୍ଧୁ ସୁରେନ୍ଦ୍ରମହାନ୍ତି କହନ୍ତି- ଓଡ଼ିଆ ସାହିତ୍ୟରେ ଚମ୍ପା ଏକ ବିସ୍ମୟ । ମୋର ଧାରଣା ବଦ୍ଧମୂଳ ହେଲା ଆମର ଧର୍ମ, ରାଜନୀତି, ସାମାଜିକ ଜୀବନ ତଥା ସାହିତ୍ୟରୁ ରୁଗ୍ଣ ରୋମାଣ୍ଟିସିଜମ୍ ବା ଏଡ଼ୋଲେସେନ୍ସ (ନାବାଳକ) ଅଦ୍ୟାପି ଯାଇନାହିଁ । ପରିପକ୍ୱ ସୁସ୍ଥ, କ୍ଲାସିକ୍ ଦୃଷ୍ଟିକୋଣ ବା ବାସ୍ତବ ଭଙ୍ଗୀ ଆମେ ବହୁଦିନ ରୋମାଣ୍ଟିକ୍ ରସରେ ଭିଜବୁଡ଼ ରହି କ୍ରମେ ହରାଇ ବସୁଛୁଁ ।

ଚମ୍ପା ରାଣୀ ନୁହେଁ, ଗୃହସ୍ଥ-ଘରର କାମଭୁଣୀ, ଯୋଇଲି । ସେ ପୁଣି ହେବ ପୂର୍ଣ୍ଣାଙ୍ଗ ନାଟକର ନାୟିକା ? ଯେମିତି କାମଭୁଣୀ

ଗୁଡ଼ାକ ବାସ୍ତବ ଜୀବନରେ ବଡ଼ ବଡ଼ ଘରେ ନାୟିକା ସ୍ତରକୁ ଆସନ୍ତି ନାହିଁ । ଫକୀର ମୋହନଙ୍କୁ ଶୁଣନ୍ତୁ । "ଜାତିରୁ ଗୁଣିରୁ ଲୋକେ ତାକୁ (ଚନ୍ଦ୍ରକଳାକୁ) ଗୁଜରାଣୀ ବୋଲି ଜାଣନ୍ତି । ହେଲେ ନୂଆ ଲୋକ କେହି ଆସିଲେ ସାନ୍ତାଣୀ ବୋଲି ଡାକି ପକାଏ,—ଯେଉଁ ସମୟର କଥା ହେଉଛି—ବୋଇଲେ ଚନ୍ଦ୍ରକଳା ଅମଳଦସ୍ତ ସମୟରେ—ଏ କଥାରେ ଗୋଟାଏ ଧରପଗଡ଼ ନଥିଲା । ଡାକ ପୂକାରରେ କରଣ ଖଣ୍ଡାଇତ ମହାନାୟକ ଘରେ ଅନେକ ଗୁଜରାଣୀ ଦାନାପାଣି ପାଉଥିଲେ । ଏବେ ପାଠୁଆମାନଙ୍କ ଭିତରେ ଚରିତ୍ର ବୋଲି ଗୋଟାଏ ବଧି ବାନ୍ଧି ଦେବା ଦିନରୁ ଢେର ଢେର ଗୁଜରାଣୀଙ୍କର ଭଲ ଭଲ ଲୋକଙ୍କ ଘରୁ ଅନ୍ନରେ ଧୂଳି ପଡ଼ିଲାଣି ।" ଚମ୍ପା ଏଇ କିସମର କାମୁଣୀ । ଚମ୍ପା ନଟବରଙ୍କ ଘରେ ଦାସୀ କି ସାଆନ୍ତାଣୀ ବ୍ୟବହାର ଦ୍ୱାରା ବୁଝିବାର କାହାରି ଶକ୍ତି ନାହିଁ । —ନଟବରଙ୍କ ଉଆସ ମଧ୍ୟରେ ଚମ୍ପାର କ୍ଷମତା ସୀମାହୀନ । ଅଧିକ କଣ ସାଆନ୍ତାଣୀଙ୍କ, କ୍ଷମତାଠାରୁ ଢେର ବେଶୀ ।"

ଚମ୍ପାର ଅଙ୍କନରେ ତା ମୂଳ ସ୍ୱରୂପ (ସମରସେଟ୍ ମମଙ୍କ ପରି ଫକୀରମୋହନ ମଧ୍ୟ ଅନେକ ବାସ୍ତବ ଜୀବନର ଚରିତ୍ରଙ୍କୁ ଗଳ୍ପ, ଉପନ୍ୟାସ ଭିତରକୁ ଟାଣି ନେଇଛନ୍ତି ) ତାଙ୍କ ନାତି ଅଧିରାଜମୋହନଙ୍କଠାରୁ ନଅନ୍ତୁ । ଠାକୁର ବାପାଙ୍କର ଆଶ୍ରିତ ବାହ୍ମଣୀର ଉଦାହରଣ ଦେଇ ସେ ଲେଖିଛନ୍ତି, "କେବଳ କେତକୀ ପୋଇଲିଟା ଗୁଡ଼ାଏ ଚାଟିଭୁଣ୍ଡ କରେ । ସମସ୍ତଙ୍କ ଉପରେ ହୁକୁମ ଜାରି କରିବାକୁ ଚାହେଁ । ସତେକି ଯେପରି ଘରର ମାଲିକାଣୀ । ତାକୁ କେହି ପଦେ କହିବତ ସେ ଦପଦ ଶୁଣାଇ ଦେବ । ବୁଢ଼ାଙ୍କ ସାମନାରେ ହାତ ହଲାଇ ମୁହଁ ହଲାଇ କଥା କହିବ । ତା'ର ଢଙ୍ଗ ଢାଙ୍ଗ, ଚାଲି ଚଳନ, ବେଶଭୂଷା ଦେଖିଲେ ମନେହୁଏ ଏହି କେତକୀ" ଛମାଣ ଆଠଗୁଣ୍ଠର ଚମ୍ପାର ଚରିତ୍ର ଚିତ୍ରଣରେ ଫକୀରମୋହନଙ୍କୁ ଉପାଦାନ ଯୋଗାଇ ଅଛି ।" କେତକୀର ରାଜ ସଂସ୍କରଣ ଯଦି ହୁଏ ଚମ୍ପା ତେବେ ତାର ଜନପ୍ରିୟ ଜନତା ସଂସ୍କରଣ ମାମୁଁର ଚନ୍ଦ୍ରକଳା । ପ୍ରକାର ଓ ପରିମାଣରେ ମୂଳଚରିତ୍ରର କି ମୌଳିକ ପରିବର୍ତ୍ତନ ଆଣି ଦେଇପାରେ

ପ୍ରକୃତିବନ୍ତ ଲେଖକର ସୃଷ୍ଟି କଳା । ଚନ୍ଦ୍ରକଳାକୁ ସିନା କୁହାଯିବ 'ସ୍ଥିର ଯୌବନା' ଚମ୍ପାକୁ ସେ ପଦବୀ ଦେବାର କାହାର କଅଁରେ ଧାତ୍ର ଅଛି ? ଚନ୍ଦ୍ରକଳା ଚମ୍ପାର ଅପସୃଷ୍ଟି, ଅପଚ୍ଛାୟା ।

ଲେଖକମାନେ "ଗୋଟିଏ ନାୟିକାକୁ ପାଇଲେ ଛେନାଗୁଡ଼ ପାଇଲାପରି ସବୁକଥା ପାସୋରି ଯାଇ ତାହାର ରୂପ ବର୍ଣ୍ଣନା କରିବାକୁ ତରବର ହୋଇ ବସିଯାନ୍ତି ।" କେତେଙ୍କୁ ପାଇ ଫକୀରମୋହନ ତାକୁ ଯେ କେବଳ ତିମାଣ ଆଠଗୁଣ୍ଠରେ 'ହରକଳା' କରି ରଚିଛନ୍ତି ତା ନୁହେଁ ତାକୁ ମାମୁଁଙ୍କରେ ପୁଣି ଚନ୍ଦ୍ରକଳା କରି ବଞ୍ଚାଇଛନ୍ତି । ଛେନା-ଗୁଡ଼ । ଗୋଟାଏ ଦିଗରୁ ବିଚାର କଲେ ଚମ୍ପାର ରୂପବର୍ଣ୍ଣନା ଭଙ୍ଗୀୟ ନାୟିକା ବର୍ଣ୍ଣନାର ଲକ୍ଷଣ । ଚମ୍ପାକୁ ଉପନ୍ୟାସର ଅଣ-ନାୟିକା ଅପ-ନାୟିକା ବା ଏଣ୍ଟି ନାୟିକା ବୋଲିପାଇ ପାରେ । ଚମ୍ପା ଫକୀର-ମୋହନଙ୍କୁ ଏପରି ବଶୀଭୂତ କରିଥିଲା ଯେ ଉପନ୍ୟାସର ପ୍ରଥମ ଓ ଦ୍ୱିତୀୟ ପରିଚ୍ଛେଦରୁ ତା'ର ଉଲ୍ଲେଖ ଅଛି ।

ଚମ୍ପା ଏକ ଅସାମାନ୍ୟା ନାରୀ । ପୁରାଣର ସତୀ ସୀତା, ସାବିତ୍ରୀ ପରି ସେ ପୁଣ୍ୟ ଶ୍ଳୋକା, ପ୍ରାତଃ ସ୍ମରଣୀୟା ନୁହେଁ । କାବ୍ୟକବିତାର ସେ ଲାବଣ୍ୟବତୀ ନୁହେଁ । ପାଶ୍ଚାତ୍ୟ ଜଗତର ହେଲେନ୍ କ୍ଲିଓପାଟ୍ରା ପରି ରୂପ ଲାବଣ୍ୟ, ଆଭିଜାତ୍ୟ ବଳରେ ହଜାର ହଜାର ଅଭିଯାତ୍ରୀଙ୍କୁ ସେ ଆକୃଷ୍ଟ କରିନାହିଁ । ସେ ଛଟକୀ, କୁହୁକିନୀ, ଛଳନାମୟୀ ଏଲିଜାବେଥ୍ ବା ମେରି କ୍ୱିନ୍ ଅଫ୍ ସ୍କଟ୍‌ସ ନୁହେ ଯେଉଁମାନଙ୍କ ଇତିହାସରେ ନାଆଁ ଅର୍ଜିଛନ୍ତି । ସେ ଝାନ୍‌ସିର ରାଣୀ ବା ଆହଲ୍ୟାବାଈ ପରି ବୀରାଙ୍ଗନା ବା କଲ୍ୟାଣମୟୀ ରମଣୀ ନୁହେଁ ଯାହାକୁ ଦେଶବାସୀ ପୂଜାକରିବେ ।

ସେ କୁରୂପା, କୁଟିଳ ଗତିକା । ଚମ୍ପାର ହୃଦୟ ହୃଦୟ ନାହିଁ, ସେ ନିର୍ମମ । ତା'ର ବାହାର ଭିତର ସମାନ । କାର୍ଯ୍ୟ ଜଘନ୍ୟ । ତା ସମାନ ଚରିତ୍ର ବିପରୀତ ଶିବିରରେ ଖୋଜିବାକୁ ପଡ଼ିବ । ପୂତନା, ହିଡ଼ିମ୍ବା, ତାଡ଼କା, ମନ୍ଥରା, କୈକେୟୀ ଆଦି ତା ଦଳର । ଆଚାର୍ଯ୍ୟମାନଙ୍କ ଶାସ୍ତ୍ରୋକ୍ତ ଛଅଟି ସ୍ଥାନରୁ କେବଳ ପ୍ରଥମ ସ୍ଥାନ ନୁହେଁ ଅନ୍ତତଃ ଗୋଟିଏ

ଆସନରେ ସେ ଅଧିକାରିଣୀ । ସେ ଅଗ୍ନିଦ—ବାଘସିଂହ ବଂଶର ଘର ପୋଡ଼ିଛି, ସେ ଧନାପହ୍ନ—ମଙ୍ଗରାଜଙ୍କ ଧନ ଅପହରଣ କରିଛି; ସେ ବୃତ୍ତ୍ୟପହାରୀ—ଭଗିଆଶାରିଆର ଜୀବିକା ନେଇଛି; ସେ ଦାରାପହାରୀ ନ ହେଲେ ହୋଇଛି ସ୍ୱାମୀ ଅପହାରିଣୀ—ସାନ୍ତାଣୀଙ୍କ ସ୍ୱାମୀଙ୍କି ଗ୍ରେଫ୍ତାରଇଛି । ଏମିତି ଏକ ଦାରୁଣାୟୀ ଜୀବକୁ ଫକୀରମୋହନ କେତେସ୍ୱାଦ୍ୟ ନାୟିକା କରି ପାରିଛନ୍ତି ତାଙ୍କ ଉପନ୍ୟାସରେ, କେବଳ ବୌଦ୍ଧ ଧର୍ମର ସେଇ ମୂଳମନ୍ତ୍ର ପାପକୁ ଘୃଣାକର ପାପୀକୁ ଘୃଣା କରନାହିଁ” ଅନୁସରଣ କରି ଏବଂ ଅକୁଣ୍ଠ ସମ୍ବେଦନଶୀଳତା ବଳରେ ।

ଚମ୍ପା ରାକ୍ଷସୀ ବା ପିଶାଚୁଣୀ ପରି କଳ୍ପନାରାଜ୍ୟର ଚରିତ୍ର ନୁହେଁ । ସେ ଇଂଲଣ୍ଡର ମଧ୍ୟଯୁଗୀୟ ମରାଲିଟି ନାଟକର ଅଧର୍ମ, ଅନ୍ୟାୟ ବା ପାପର ପ୍ରତୀକ ଚରିତ୍ର ନୁହେଁ । ସେ ମଣିଷ, ରକ୍ତମାଂସର ମଣିଷ । ତା’ର ଚମଡ଼ି ଅଛି, ଯାହାକୁ ଛୁର ଦେଇ କୁକୁଡ଼ା ପରି ଜବେଇ କରିହୁଏ ଏବଂ ଯାହା ଦେହରୁ ଉଷ୍ମ ନାଲିରକ୍ତ ପିର୍ ପିର୍ ହୋଇ ବାହାରେ । ଗୋପୀସାହୁର ଦୋକାନ ଘରେ ଚମ୍ପାର ମୁର୍ଦ୍ଦାର ଯିଏ ଦେଖିଥିବ ସେ କହିଥିବ “କିଏ ଜାଣିଥିଲା ଯାହାର ଦେହରେ ଏତେ ରକ୍ତ ଥିଲା ।”

ଚମ୍ପା କୁଚକ୍ରିଣୀ । ଲେଡି ମାକବେଥ ପରି ସେ ରାଜରାଣୀ ନୁହେଁ ବା ଟ୍ରେଜିକ୍ ହିରୋଇନ୍ ନୁହେଁ । କୁଚକ୍ରୀ ଇୟାଗୋ ପରି ସେ ପୁରୁଷ ମଧ୍ୟ ନୁହେଁ । ମାତ୍ର ସେମାନଙ୍କ ପରି ତା’ର ଦୁରାକାଂକ୍ଷା ଅଛି, କୁଟିଳତା ଜଟିଳତା ଅଛି । ଶଠତା, କପଟତା ବା ନୃଶଂସତାରେ ସେ ସେମାନଙ୍କଠାରୁ ଊଣା ନୁହେଁ । ଲେଡି ମାକବେଥ୍‌ଙ୍କ ପରି ତାର ବିବେକ ନଥିଲା ଅବଶ୍ୟ । କିନ୍ତୁ ଏଇ ସାମାନ୍ୟ କୁଚକ୍ରିଣୀଟା ଯୁବରାଜ ହ୍ୟାମଲେଟ୍‌ପରି ଦମ୍ଭର ସହିତ କହିପାରନ୍ତା, “Now could I drink hot blood and do such bitter business as the day would quake to look on” ଏପରି ଜଘନ୍ୟ କୁକର୍ମ ସେ କରିପାରେ, ଯାହା ଦେଖିଲେ ଦିବାଲୋକ ମଧ୍ୟ କମ୍ପି ଉଠିବ । ଭଗିଆ ଶାରିଆକୁ ପ୍ରଲୋଭିତ କରିବା ଦୃଶ୍ୟଟିକୁ ସରଳପ୍ରାଣ ଅଥେଲୋକୁ ଇୟାଗୋ ଭୁଲାଇବା ଦୃଶ୍ୟ ସହିତ ଏବଂ ଡ଼ାନ୍‌କାନ୍‌କୁ ମାରିବା ପାଇଁ ଲେଡ଼ି ମାକ୍‌ବେଥ ତାଙ୍କ

ସ୍ୱାମୀଙ୍କୁ ପ୍ରବର୍ତ୍ତାଇବା ଦୃଶ୍ୟ ସହିତ ତୁଳନା କରନ୍ତୁ । ଘରକରଣା ବୁଦ୍ଧିର ଅଭାବ ଯେମିତି ଥିଲା ଅଥେଲୋଙ୍କ ଦୁର୍ବଳତା, ଭଟିଆ ଶାରିଆର ସନ୍ତାନ ଲିପ୍ସା ଥିଲା ସେହିପରି ଏକ ଦୁର୍ବଳତା, ତା ସାଙ୍ଗକୁ ଥିଲା ସେମାନଙ୍କ ଅନ୍ଧବିଶ୍ୱାସ । (ସମାଜ ସଂସ୍କାର ପ୍ରୟାସର ଏକ ଅପୂର୍ବ କଳାମୟ ଉଦାହରଣ ଭଟିଆଶାରିଆ ଉପାଖ୍ୟାନ) ଚମ୍ପା ଏହି ଦୁର୍ବଳତାର ଉପଯୋଗ କଲା । ମାନବ ହୃଦୟର ଗତି ପ୍ରକୃତି ସେ ଅଧ୍ୟୟନ କରିଥିଲା ଭଲଭାବରେ ।

ଚମ୍ପା ଯଥାର୍ଥରେ ହରକଳା । ଫତେପୁର ଷରଷଣ୍ଡ ଜମିଦାରୀର ସେ ସର୍ବମୟୀକର୍ତ୍ତ୍ରୀ, ପରୋକ୍ଷଶାସିକା । ମଙ୍ଗରାଜ ସାମ୍ରାଜ୍ୟର ଆଭ୍ୟନ୍ତରୀଣ ଓ ବୈଦେଶିକ ବିଭାଗର ସେ ତତ୍ତ୍ୱାବଧାୟିକା । ବିଶିଷ୍ଟ ମନ୍ତ୍ରୀପରି ସେ ଯାଚିତ ଅଯାଚିତ ଉପଦେଶ ଦେଇପାରେ । ସକ୍‌ନିପରି କୁମନ୍ତ୍ରଣା କରିପାରେ । ସେ ବୀରାଙ୍ଗନା, ଗୋଟାଏ ଦୁଇଟା ଭେଣ୍ଡିଆ ସହିତ ଦ୍ୱନ୍ଦ୍ୱ ଯୁଦ୍ଧ କରିବାଠାରୁ ଆରମ୍ଭ କରି ଦୁର୍ଭେଦ୍ୟ ଦୁର୍ଗପରି ବାଘସିଂହ ବଂଶର ଉଆସକୁ ମଧ୍ୟ ଭସ୍ମୀଭୂତ କରି ଦେଇପାରେ । କେଉଁ ସାଆନ୍ତଙ୍କ ସ୍ତ୍ରୀ ନହେଇ ସାରା ଦୁନିଆର ସାନ୍ତାଣୀ ହୋଇପାରେ । ଆଶ୍ଚର୍ଯ୍ୟର କଥା ଏଭଳି ନାରୀର କଳାପ୍ରତି ମଧ୍ୟ ଆଦର ଥାଇପାରେ । ଖୋଟିରେ ଉଆସ କାନ୍ଥକୁ ଚିତ୍ରଆଖାନା କରି ଦେଇଥିଲା । ମା ମଙ୍ଗଳାଙ୍କ ସିନ୍ଦୂର ପରି ସିନ୍ଦୂର ମୁଣ୍ଡା (ବାହାନ ହୋଇଥିଲେ ମଧ୍ୟ) ଲଗାଇ ସେ ଯୁଆଡ଼େ ଯାଉଥିଲା ମଙ୍ଗୁଳେଇ ଦେଉଥିଲା । ପ୍ରତ୍ୟୁତ୍ପନ୍ନ ମତିତା ଓ ଆତ୍ମପ୍ରତ୍ୟୟର ଅଧିକାରିଣୀ ଏହି ନାରୀମୂର୍ତ୍ତିଟି ବାସ୍ତବରେ ବିସ୍ମୟ ଓ ଆତଙ୍କ ଯୁଗପତ୍ ଆଣିଦିଏ ।

ନୃଶଂସତାରେ ମଧ୍ୟ ସେ ଯଥାର୍ଥ କଳାକାରିଣୀ । ଗୋଟିକୁ ଗୋଟି ତା'ର ଚକ୍ରାନ୍ତ ସଫଳ ହେଲେ ତା ମନରେ ପୈଶାଚିକ ଆନନ୍ଦଜାତ ହୁଏ । ଭଟିଆଶାରିଆର ଦୁର୍ଗତି, ସାନ୍ତାଣୀଙ୍କ ବିପର୍ଯ୍ୟୟ, ବାଘସିଂହ ବଂଶର ଗୃହଦାହ ପ୍ରତ୍ୟେକଟି ଘଟଣା ଚମ୍ପାର ହୃଦୟକୁ ଉତ୍‌ଫୁଲ୍ଲିତ କରେ । ବସ୍ତୁତଃ ଛମାଣ ଆଠଗୁଣ୍ଠ ବହିଟି ତା'ରି ପାଇଁ । ମଙ୍ଗରାଜ ନାମକୁ ନାୟକ, ସାନ୍ତାଣୀ ନାମକୁ ନାୟିକା । ସାଆନ୍ତେ ତା'ର କ୍ରୀଡ଼ାନକ,

ପୁତ୍ତଳିକା । "କରି କରାଉଥାଏ ମୁହିଁ" ନାମ ଗୋଟେଇତର ଚଳ ଅପହରଣ ଛଡ଼ା ସାଆନ୍ତଙ୍କ ଅନ୍ୟ କୃତିତ୍ୱ ବା କାରସାଦି ଛମାଣ ଆଠ ଗୁଣ୍ଠରେ ନାହିଁ । ସମଗ୍ର ଉପନ୍ୟାସର ଏକ ତୃତୀୟାଂଶ ଚମ୍ପାର । ସାଆନ୍ତାଣୀଙ୍କ ପାଇଁ ମାତ୍ର ଗୋଟିଏ ପରିଚ୍ଛେଦ ଭଗିଆ ଶାରିଆର ଦୁର୍ବଳତା ଓ ବାଘସିଂହ ବଂଶର ଅସାବଧାନତାର ସୁଯୋଗ ନେଇ ଚମ୍ପା ମଙ୍ଗରାଜଙ୍କ ଉପସ୍ଥିତ ପୂରଣ କରିଛି ।

ସର୍ବାଳଙ୍କୃତା ସତୀ ସାଧ୍ୱୀ ସାନ୍ତାଣୀଙ୍କି ସହଜରେ ସେ ଟପି ଯାଇଛି । ସାନ୍ତାଣୀ ମାନବୀ ନୁହନ୍ତି ଦେବୀ । ଧର୍ମ ଓ ସଦ୍‌ଗୁଣର ସେ ପରିଗ୍ରହ, ପ୍ରତୀକମାତ୍ର । ସେ ଜାଡ଼ୀ, ଶାଳଗ୍ରାମ ପରି, ଅନ୍ତଃସଲିଳା ପୂତପାବନୀ ଫଲ୍‌ଗୁ ପରି ସାକ୍ଷାତ୍ ବୃନ୍ଦାବନୀ । ବିଶୁଦ୍ଧ ଜଳ ପରି । ବର୍ଣ୍ଣ ଗନ୍ଧ-ସ୍ୱାଦ-ବିହୀନା । ମହାଭାରତର ଯୁଧିଷ୍ଠିରଙ୍କ ପରି ରଙ୍ଗହୀନ, ଅନାକର୍ଷଣୀୟ ଚରିତ୍ର । ଉପନ୍ୟାସରେ କୁହାପି ତାଙ୍କ ନାଆଁ ନାହିଁ । ସେ ଗୁଣମାତ୍ର । ସାତ୍ତ୍ୱିକ ତୃଷା ମେଣ୍ଟାଇବା ପାଇଁ ଗିନାଏ ଜଳ । ମଙ୍ଗରାଜଙ୍କ ବିବେକ ବା ଗୁଡ୍ ଏଞ୍ଜେଲ୍ । ଚମ୍ପାର ଠିକ୍ ବିପରୀତ, ବୈଷମ୍ୟ ପରିସ୍ଫୁଟ କରିବା ପାଇଁ ଅଭିପ୍ରେତ ଚରିତ୍ର । ମଙ୍ଗରାଜଙ୍କ ଯଥାର୍ଥ ସହଧର୍ମିଣୀ ଚମ୍ପା, କାରଣ, ମଙ୍ଗରାଜଙ୍କ ଧର୍ମ ଓ ଚମ୍ପାର ଧର୍ମ ସମାନ । ମଙ୍ଗରାଜଙ୍କ ସମସ୍ତ କୁକର୍ମର ସେ ସମର୍ଥକ ଓ କାର୍ଯ୍ୟକାରିଣୀ, ସେ ଚର୍ମଣ୍ୱତୀ, କୂଳପ୍ଲାବିନୀ, ସର୍ପକୁମ୍ଭୀର ସଙ୍କୁଳା । ମଙ୍ଗରାଜଙ୍କ ପାପ ପ୍ରକୃତି । ଯେଉଁ ଅପକର୍ମ ମଙ୍ଗରାଜ କରିପାରିନାହାନ୍ତି ଚମ୍ପା କରିଛି, ଅପକର୍ମ କରି ଅପକୀର୍ତ୍ତି ଅର୍ଜିବାକୁ ସାଆନ୍ତଙ୍କୁ ସେ ପ୍ରବର୍ତ୍ତାଇଛି । ମଦ୍ୟପ ମଙ୍ଗରାଜ ରଙ୍ଗୀନ, ବୁଦ୍‌ବୁଦମୟ ସୁରାପାନ ପିଇସାରି ତୃଷାର୍ତ୍ତ ହୋଇ ମରଣ ମୁଖରେ ଗିନାଏ ଜଳ ଖୋଜିଛନ୍ତି । ଜୀବଦ୍ଦଶାରେ ପାଇନାହାନ୍ତି କିନ୍ତୁ ।

ମତୁଆ ବି ଚମ୍ପା ଶ୍ରେଣୀର । କରୁଣ ଇତିହାସ ନେଇ ସମାଜର ଭ୍ରଷ୍ଟା ନାରୀଟି ତେଲେଙ୍ଗା ବଜାରରୁ ଆସି ମଙ୍ଗରାଜଙ୍କ ଉଆସରେ ଆଶ୍ରା ନେଇଥିଲା । ନିଷ୍କର୍ମା, ନିଶ୍ଚେଷ୍ଟ ଏଇ ଝିଅଟି ପ୍ରଭୁତ୍ୱ ଅର୍ଜନ କରିବାକୁ କେବେ ବ୍ୟଗ୍ର ନଥିଲା । ଚମ୍ପା ତାକୁ ଆଜ୍ଞାକାରିଣୀ ଦାସୀ

କର ରଖିଥିଲା । ଅବଶେଷରେ ମଙ୍ଗରାଜ—ମହାବୃକ୍ଷରେ ସ୍ଥାନ ନପାଇଁ ବାବାଜୀ ଲଳତା ଦାସଙ୍କ ସହବାସରେ ବୃନ୍ଦାବନ ଧାମକୁ ଭଜିଲା । ନଷ୍ଟ ଚରିତ୍ର ଜମିଦାରଙ୍କ ଚରିତ୍ର ଫୁଟାଇବା ଉଦ୍ଦେଶ୍ୟ ଅପେକ୍ଷା ଚମ୍ପାର ଚରିତ୍ରର ଉତ୍କର୍ଷ ପ୍ରତିପାଦନ କରିବାପାଇଁ ଫକୀରମୋହନ ସିମିନ୍ତ ଏ ଚରିତ୍ରର ଅବତାରଣା କରିଛନ୍ତି । ମାଂସର ଦୁର୍ବାର ଲାଳସାନେଇ ଏଇ ଭ୍ରଷ୍ଟା ନାରୀଟି ଇତସ୍ତତଃ ହେଉଥିଲା ।

ଚନ୍ଦ୍ରକଳା ଚମ୍ପାର ପାଖାପାଖି ଚରିତ୍ର । 'ଚମ୍ପା' ପ୍ରତି ଔପନ୍ୟାସିକଙ୍କ ଏତେ ମମତା ଆସି ଯାଇଥିଲା ଯେ 'ମାମୁଁ'ରେ ପୁଣି ତାକୁ ଜୀଆଇଁ ଥିଲେ, କିନ୍ତୁ ଚନ୍ଦ୍ରକଳା ଚମ୍ପାର ନିଷ୍ପ୍ରଭ, ମ୍ଳାନ ଅନୁକରଣ । ସେଇ ପ୍ରକୃତ କାମୁଭୁଣୀ, ରଙ୍ଗଣୀ । ନକଫୋଡ଼ ଥମା ସାଙ୍ଗରେ କଳି ଲଗାଏ । ନାଜରଙ୍କ ସହିତ ତା'ର ସଂପର୍କ ଓ ପରେ 'ଦୋସ୍ତ' ସହିତ ସଂପର୍କ ଚମ୍ପା-ମଙ୍ଗରାଜ ଓ ଚମ୍ପା ଗୋବିନ୍ଦାର ସଂପର୍କ ମନେ ପକାଇ ଦେଲେ ମଧ୍ୟ ଚନ୍ଦ୍ରକଳା କଦାପି ଚମ୍ପାସ୍ତରକୁ ଉଠିପାରିନାହିଁ । ପ୍ରସଙ୍ଗ କ୍ରମେ କୁହାଯାଇପାରେ ଯେ 'ଦେବକୀ', 'ସିଂଘାଣୀ' 'ମହାକୁଡ଼ାଣୀ' ଚମ୍ପାର ଏକ ବିଶୁଦ୍ଧ ପଲ୍ଲବୀକୃତ ସଂସ୍କରଣ । ଅନନ୍ତ ମାଆର ଦୈହିକ ଶକ୍ତି ତଥା ପ୍ରାଣ ଶକ୍ତିର ଚମ୍ପାର ସେ ସବୁ ଗୁଣ ସହିତ ସମଞ୍ଜସ୍ୟ ଅଛି ।

ଚମ୍ପା ଅଜ୍ଞାତ କୁଳଶୀଳା : "ମୋ ନାମ ଚମ୍ପା । ବାପର ନାମ ଜଣାନାହିଁ, ଜାତି ଏଇ ଘର ମନୁଷ୍ୟ ।" ସେକ ଠୋକ୍ ଜବାବ । ଶାସ୍ତ୍ର ମନା କରିଛି ଏ ଶ୍ରେଣୀର ଲୋକଙ୍କୁ କଦାପି ବାସ ଦେବା ପାଇଁ । କେଉଁଠି ବାଟ ଘାଟରେ ପଡ଼ିଥିଲା ସେ । ବୁଲା ଗୋରୁଗୁଡ଼ାକ "ଗୋ ବ୍ରାହ୍ମଣହିତାୟଚ" ନୀତିରେ ନିଜ ଗୋଠରେ ଆଣି ପୂରାଇଲା ପରି ଏଇ ବୁଲା (କୁଣ୍ଡା) ଜୀବଟିକୁ ଦୟାପରବଶ ହୋଇ ଆଣି ନିଜ ଉଆସ ରୂପକ ସ୍ଥାନ ଦେଇଥିଲେ । ଦୁଧ ମହୁଦେଇ ପୋଷିଥିଲେ । ସର୍ପିଣୀ ଦଂଶିଲା । ଶାସ୍ତ୍ରରେ ନଜିର ଅଛି । ଦାରୁ ଭଜି ପଡ଼ିଲା । ଲତା ବି ତୋଫାନର ଦାଉ ସମ୍ଭାଳି ପାରିଲା ନାହିଁ । ଗୁରୁ ଭଣ୍ଡାର ଠୋକା ଗୋବିନ୍ଦାର ଦରମଲା ଦୁର୍ବଳ ଗଛ ସେ କାହୁଁ ଚମ୍ପାର ଭରା ସମ୍ଭାଳିବ ?

ସବୁ ଫରିଙ୍ଗ ପୁଷ୍ପର ସେଇ ଏକଦଶା; କିନ୍ତୁ ଉପଯୁକ୍ତ ସ୍ତ୍ରୀ ବୁଦ୍ଧି ପରିଚାଳନା କରି ସହଜରେ ଚମ୍ପା ଅସାମାନ୍ୟ ପ୍ରତିପତ୍ତି ବିଶ୍ୱାସ ଓ ଆସ୍ଥାର ଅଧିକାରିଣୀ ହୋଇପାରିଥିଲା ! ତାର ଅବସ୍ଥାର ନାରୀଟିଏ ବାଟ ଘାଟରେ ପଡ଼ି ସଡ଼ି ମରିଥାଆନ୍ତା (ଯଦିଓ ସେଇ କଥା ପରେ ହେଲା) । ମରୁଆର କ'ଣ ନହେଲା ହରେକେଷ୍ଟ 'ହରେକେଷ୍ଟ' ମନ୍ତ୍ର ଜପୁଥିବା 'ତରବୁଜ ବେଣ୍ଟିଆ' ବାବାଜୀ ଲଳିତାଦାସଠାରୁ ଭେକନେଇ । ଗୋବିନ୍ଦା ଉଡ୍ରାଣୀର ଖୁରରେ ମରିବା ବରଂ ଭଲ । ଚଂପା ଭେକ ନେଇଥିଲା । ଏକାଦଶୀ ପାରଣା କରୁଥିବା ଗୋବିନ୍ଦପୁରର ବାବାଜୀ ରାମଚନ୍ଦ୍ର ମଙ୍ଗରାଜଠାରୁ, ଆଖିରେ ସେ ଦେଖିଛି ଜାଣିଛି ଓ ଶୁଣିଛି କିପରି ଛେଉଣ୍ଡ ଟୋକାଟାଏ ଛଳେବଳେ କୌଶଳେ ବିରାଟ ଭୂଖଣ୍ଡ ଓ ପ୍ରଚୁର ସଂପତ୍ତିର ମାଲିକ ହୋଇପାରିଲା 'ନିଉଡ଼୍‌ଲେଟର ଅଫିସ ବାହୁଡ଼ା' ଚିଠିପରି ନାମାବଳି ପକାଇ ଦ୍ୱାରେ ଦ୍ୱାରେ ଭିକ ମାଗିବା ମନ୍ତ୍ରଠୁ ଏ ମନ୍ତ୍ରଟି ଓଷ୍ଟପୂ ଭଲ; କିନ୍ତୁ ପାପଥରେ ଏ ନାରୀର ହୃଦୟରେ ପ୍ରବେଶ କରି ଉପଯୁକ୍ତ କ୍ଷେତ୍ର ପାଇ ଅଚିରେ ସମଗ୍ର ହୃଦୟକୁ ଗ୍ରାସ କରିଗଲା । ଚଂପା ଓ ମଙ୍ଗରାଜଙ୍କ ବିଜୟ ଦୃପ୍ତ ଅଭିଯାନର ପରି ସମାପ୍ତି "ଖବରଦାର, ଗୋବରଜେନା ଚୌକିଦାର" ହାତରେ । ରସିପତି ଦେଇ ଗାଁ ଚଉକିଦାରକୁ ସିନା ନିଜର କରିହେବ । ଉପରବାଲା—ଯେ ସବୁ ଦେଖେ, ଜାଣେ, ଶୁଣେ, ଦିନରାତି ପହରାଦିଏ ବେଳକାଳ ଉଣ୍ଡୁଥାଏ କେତେବେଳେ କାହାକୁ ଶେଷ କରିବ । ଚଂପାର ଦୁରଭିସନ୍ଧି ଓ ଦୁରାକାଂକ୍ଷାର ଉପଯୁକ୍ତ ପରି ସମାପ୍ତି କାବ୍ୟିକ ନ୍ୟାୟ ବିଗ୍ରହରେ; କିନ୍ତୁ ଚଂପାର ଶେଷ ସହିତ ଉପନ୍ୟାସର ମଧ୍ୟ ଶେଷ ।

ଚଂପା ପରିଚାଳିତ ପାପଶକ୍ତିର ଯେତେବେଳେ ଆପାତତଃ ଚରମ ବିଜୟ ସେତିକିବେଳେ ସାନ୍ତାଣୀଙ୍କ ପୁଣ୍ୟ ଶକ୍ତି ପୁଞ୍ଜଙ୍କ ପ୍ରତିଶୋଧର ଆରମ୍ଭ । ଛମାଣ ଆଠଗୁଣ୍ଠକୁ ହଳିଯାଇଛି; ବାଘସିଂହ ବଂଶର ପ୍ରତିରକ୍ଷା ସମ୍ବଳ ଠେଙ୍ଗା ଭସ୍ମୀଭୂତ ହୋଇଛି ଗୃହଦାହରେ, ଦରିଦ୍ରର ସମ୍ବଳ, ନିଃସନ୍ତାନର ସନ୍ତାନ 'ନେତ' କଟେଣି ପିଣ୍ଡାରେ ବନ୍ଧାଯାଇଛି । ଚଂପା ତା'ର ଶତ୍ରୁ ସାଆନ୍ତାଣୀଙ୍କୁ ମଧ୍ୟ ପରୋକ୍ଷରେ ନିପାତ କରିଛି । ସ୍ନାନ ପୂର୍ଣ୍ଣିମା ଦିନ ଚଂପା କୁଆଡ଼େ ସୁଆରି ଚଢ଼ି

ଯାଇଥିଲା, ହସି ହସି ଆସି କ'ଣ କହିଲା । ସେହିଦିନୁ ସାଆନ୍ତାଣୀଙ୍କ ବେମାର ବଢ଼ିଅଛି ।—ଚମ୍ପା ଖପା ହେବାରୁ ସାଆନ୍ତାଣୀ ଅଉ କିଛି କହିଲେ ନାହିଁ, ଅନ୍ନ ଛାଡ଼ିଦେଲେ," "ଦୁଇ ହଜାର ସାତ ଭରଣ ପନ୍ଦର ନଉତି ଛ'ବିଶ୍ୱା ଦୁଇକାଣି ଧାନ" ଯେଉଁ ଲୋକର ଅମାରରେ ଅଛି ତା'ର ସ୍ତ୍ରୀ ଅନାହାରରେ ମଲେ । କାହିଁକି ? ମରୁଆ ତା'ର ସୁଆଳରେ କହିଛି (ସାବାସ ମରୁଆ ! ଯାହା ହେଉନା କାହିଁକି ତୋର ହୃଦୟ ଥିଲା) "ମୋ ଛମାଣ ଆଠଗୁଣ୍ଠ, ମୋ ଛମାଣ ଆଠଗୁଣ୍ଠ ମୋ ନେତ ମୋ ନେତ"—ଏତିକ କହି ଡ଼ାକ ପାରୁଥାଏ । ସାନ୍ତଆଣୀଙ୍କୁ ଦେଖିଲେ ଗୋଡ ତଳେ ଗଡ ଗଡେ, କାନ୍ଦେ । ସାଆନ୍ତାଣୀ ମଧ୍ୟ କାନ୍ଦନ୍ତି । ଚମ୍ପା ତାକୁ ତିନିଥର ଗୁଞ୍ଜୁମାରି ତଡିଦେଲା । ସେ ଟଳିଲାନାହିଁ । ସେ ଆଠଦିନ ହେଲା କିଛି ଖାଇନାହିଁ । ସାଆନ୍ତାଣୀ ଆପଣା ଖାଇବା ଭାତ ଗଣ୍ଡେ କଦଳୀ ପତ୍ରରେ ତା' ପାଖରେ ଥୋଇଦିଅନ୍ତି, ସେ ଖାଏ ନାହିଁ । ସପ୍ତମୀଦିନ ଏକବାର ଗନ୍ଧି ବୁଡି ମଙ୍ଗଳଠାକୁ ଯାଉଥିଲେ, ତେତିକବେଳୁ ଶାଗଆ ପାଟି କରିବାରୁ ହବିଷଭାତ ତା'ପାଖରେ ବସାଇ ଦେଲେ । ତେତିକବେଳୁ ସାଆନ୍ତାଣୀ ଘରକୁ ଯେ ଆସି ପଡଛନ୍ତି, ସେ ପଡ଼ିଛନ୍ତି । ଗଲା ଅଷ୍ଟମୀଦିନ ତାଙ୍କର କାଳହେଲା ।" ଯୋଡ଼ାଏ ଅନାହାର ମୃତ୍ୟୁ ପ୍ରାଚୁର୍ଯ୍ୟର ଦ୍ୱାର ଦେଶରେ । ହିଂସା, ବଳ, ମିଥ୍ୟା, ଲୋଭ, କପଟତା ହାତରେ ଦରଳିତା ସତ୍ୟ, ଧର୍ମ, ନ୍ୟାୟର ଆପାତତଃ ମୃତ୍ୟୁ । ମିଛର ଦୁନିଆଁରେ ବିକ୍ଷୋଭ, ବିପର୍ଯ୍ୟୟ; କିନ୍ତୁ ଏତିକବେଳେ ଗ୍ରାମର ପୂର୍ବମୁଣ୍ଡରେ ଗୋଟାଏ ଠେଙ୍ଗଣ ଘୋଡ଼ା ଉପରେ ଏକ ବିଶାଳ ମୂର୍ତ୍ତି ସୁଆର । ମାୟା, ମମତା, ସହାନୁଭୂତି ବୋଲି ଗୁଡାଏ ସ୍ୱର୍ଗୀୟ ଗୁଣ ଅଛି ତାହା ମଙ୍ଗରାଜ ବା ଚମ୍ପା ବୁଝିନଥିଲେ । ମଙ୍ଗରାଜ ଜେଲରେ ବୁଝିଲେ "ନିର୍ଜଗାମ ଯଦା ଲକ୍ଷ୍ମୀଃ" ଚମ୍ପା ଜୀବଦ୍ଦଶାରେ ବୁଝିଲାନାହିଁ । ଚମ୍ପାର ଆଉ ଗୋଟାଏ ମାରାତ୍ମକ ଭୁଲ୍ ହେଲା ଯେ ସେ ଭାବିଲା ନାହିଁ ଯଦି ସେ ନିଜେ ଆଶ୍ରିତ ବତ୍ସଳକୁ ଦଗାଦେଇପାରେ ଅନ୍ୟ ଜଣେ ବିଶ୍ୱାସ ଘାତକତା କରି ତା'ର ମଧ୍ୟ ତଣ୍ଟି କାଟିପାରେ ।

ସାଆନ୍ତାଣୀଙ୍କ ସହିତ ଲକ୍ଷ୍ମୀ ଚାଲିଗଲେ । ଦୁବ ମାଡିଗଲା ବସ୍ତା ଉପରକୁ । ମଙ୍ଗରାଜ ସର୍ବସ୍ୱାନ୍ତ ହେଲେ । ତୁଏତ ମେଦିନୀ ଚମ୍ପାର ଏସବୁ

ଦୁଷ୍କୃତିର ହିସ ସହିଥାନ୍ତା; କିନ୍ତୁ ଚମ୍ପା ଯେତେବେଳେ ବିଶ୍ୱାସଘାତକତା କରି ମଙ୍ଗରାଜଙ୍କୁ ଛାଡ଼ି ଗୋବିନ୍ଦା ସହିତ ନିଜ ଭାଗ୍ୟ ଯୋଡ଼ିବାକୁ ବାହାରିଲା ଏବଂ ଗନ୍ତାଘରର ସମ୍ପତ୍ତି ଅପହରଣ କରି ପରୋକ୍ଷରେ ମଙ୍ଗରାଜଙ୍କୁ ବାଧ୍ୟକଲା ଛମାଣ ଆଠଗୁଣ୍ଠ ସମେତ ସମସ୍ତ ଜମିଦାରୀ ଫଟ ଶିରୋମଣି ରାମ ରାମ ଲାଲ ହାତରେ ସମର୍ପଣ କରିଦେବାପାଇଁ, ସେତେ-ବେଳେ ସେ ନିଜ ଉପରକୁ ଅଭିଶାପ ଟାଣି ଆଣିଲା । ଗୋବିନ୍ଦା ରୂପରେ ସାକ୍ଷାତ୍ କାଳ, ତାକୁ ଅନୁସରଣ କଲା । ଖୁର ହସ୍ତରେ କେତେଦୂର ଯିବ ସେ ? ବରୁପାନଙ୍କ ପର୍ଯ୍ୟନ୍ତ ତା ଭୂସ୍ୱର୍ଗ ତେଲଙ୍ଗା ବଜାର ବହୁ ଦୂରରେ ।

ପ୍ରଶ୍ନ ଉଠିବା ସ୍ୱାଭାବିକ, ଚମ୍ପା କି ସ୍ୱାର୍ଥ ସାଧନ ଉଦ୍ଦେଶ୍ୟରେ ଏସବୁ ପାଶବିକ, ଜଘନ୍ୟ କ୍ରିୟାକାଣ୍ଡର ଅନୁଷ୍ଠାନ କରୁଥିଲା । ସେ ତ ମଙ୍ଗରାଜକୁ ନିଜର କରି ପାରିଥିଲା, ଗନ୍ତାଘରର କଞ୍ଚିକାଠି ତ ତା ହାତରେ । ତେବେ ନାରୀ ସୁଲଭ ଗୁଣକୁ ଜଳାଞ୍ଜଳି ଦେଇ ସଇତାନକୁ ପ୍ରଶ୍ରୟ ଦେଲା କାହିଁକି ? ସେ କାହାପାଇଁ ଏ ସଂଗ୍ରାମ ଚଳାଇଥିଲା ? ଅନୁମାନ ହୁଏ, ପ୍ରଥମତଃ ସୃଷ୍ଟିକର୍ତ୍ତା ବିରୁଦ୍ଧରେ । କାହିଁକି ସେ ତାକୁ 'ତନ୍ୱୀ ଶ୍ୟାମା ଶିଖରିଦଶନା' କଲେ ? ସେ ନାସ୍ତିକା, ତେଣୁ ଦ୍ୱିତୀୟ ଶତ୍ରୁ ହେଲା ଧର୍ମ । "ଏକ ଧର୍ମ କେ ମାଆ" । ତୃତୀୟ ଶତ୍ରୁ ସମାଜ, ଯେଉଁ ସମାଜ କି ତାକୁ "ପୋଇଲି କି ସାଆନ୍ତାଣୀ" ପ୍ରଶ୍ନର ନିଷ୍ପତ୍ତି ମୂଳକ ଉତ୍ତର ଦେବାକୁ ପ୍ରସ୍ତୁତ ନୁହେଁ । ଯଦିଓ ସେ ତା'ର ଧର୍ମ ଧାରଣାରେ ସାଆନ୍ତାଣୀ ହେବାପାଇଁ ଯୋଗ୍ୟତରା ନାରୀ । ପୁନଶ୍ଚ ସେଇ ସମାଜ ତାକୁ ଟାହୁଲି ମାହୁଲି କରି ଗୋଠଘାଟରେ ବୁଲିବାକୁ ଦିଏ ନାହିଁ । ସେ ଯାହା ହେଉ, ଚମ୍ପାର ବୋଧହୁଏ ଅବାଞ୍ଛନୀୟ ହୀନମ୍ମନ୍ୟତା ଥିଲା ଯାହା ତାକୁ ଅନ୍ୟ ଉପରେ ଆଧିପତ୍ୟ ବିସ୍ତାର କରିବାକୁ ପ୍ରରୋଚିତ କରୁଥିଲା, କିନ୍ତୁ ଆଉ ଟିକିଏ ଭାବିଲେ ଜଣାଯିବ ଯେ ଚମ୍ପା ନାରକୀୟ ଚରିତ୍ର ହୋଇଥିବାରୁ ପରକୁ ବିପଦରେ ପକାଇ ସେଥିରୁ ଆତ୍ମ ଗୌରବ ଓ ଆନନ୍ଦ ପାଇବାକୁ ଭଲ ପାଉଥିଲା । ନାନା ଫାନ୍ଦ ଫାଶ ମାଛି ମଶାଙ୍କୁ ଆକୃଷ୍ଟ କରି ବୁଢ଼ିଆଣୀ ଯିମିତି ଆନନ୍ଦ ପାଏ, କଳାକାର ଯେମିତି ନିଜର କଳ୍ପନାକୁ ରୂପାୟିତ କରି ପାରିଲେ

ଆନନ୍ଦିତ ହୁଏ, ଚଂପା ସିମିତ ଆନନ୍ଦ ପାଇଥିଲା ନିଜର ଦୁରଭିସନ୍ଧିକୁ କର୍ମରେ ପରିଣତ କରି । ତା'ର ଦୁର୍ଭାଗ୍ୟ ଗନ୍ଧାଧର ଖୋଳି ଧନ ବୋଲିତ ନେଇ ଗୋବନ୍ଦା ସହିତ କଟକରେ ନୂଆ ଘର ସଂସାର କରିବାର ଅଭିପ୍ରାୟ ସାଧିତ ହେଲାନାହିଁ । ବରଂ ଗୋବନ୍ଦା ଖୁରରେ ତାର ପ୍ରାଣ ଗଲା । ଯେତେବେଳେ ସୁବିଧା ସୁଯୋଗ ପରିସ୍ଥିତି ଅନୁକୂଳଥିଲା —ସାଆନ୍ତାଣୀଙ୍କ ଭଲପଣିଆଁ ସେ ଭିତରୁ ଗୋଟିଏ—ସେତେବେଳେ ସେ ଉପରକୁ (ତଳକୁ) ଯାଉଥିଲା । ପରର ଶିଶୁ ତା'ର ଚକ୍ଷୁଶୂଳ, ସମସ୍ତଙ୍କୁ ବାସସ୍ଥାନ ବିଚ୍ୟୁତ କରିବାରେ ତା'ର ଅହେତୁକୀ ଆନନ୍ଦ ନିଆଁ ଓ ଖୁରି ସାହାଯ୍ୟରେ 'ନକ୍ସଲପନ୍ଥୀ ?) ଦୁନିଆଁ ଶେଷ କରିଦେବ ଭାବିଥିଲା । ହିଂସା ଆପେ ଆପଣାକୁ ଖାଇଲା । ଅନ୍ୟ ଉପରେ ନିଜର ପ୍ରତିପତ୍ତି ପ୍ରତିଷ୍ଠା କରି ଆନନ୍ଦ ପାଇବାର ଶେଷ ହେଲା ।

ଚମ୍ପାର ହୃଦୟରେ ପ୍ରେମ ଭକ୍ତି ଆନୁଗତ୍ୟ ଆଦି କ'ଣ ଆଦୌ ନଥିଲା ? ମଙ୍ଗରାଜ ପ୍ରତି, ଗୋବନ୍ଦା ପ୍ରତି ତା'ର ମନୋଭାବ କ'ଣ ? ପ୍ରେମ ? ଚମ୍ପାର ପୁଣି ପ୍ରେମ ? ଔପନ୍ୟାସିକ ସୂଚନା ଇଙ୍ଗିତ ମାତ୍ର ଦେଇଛନ୍ତି । ଦୈହିକ ସମ୍ପର୍କର ସୂଚନା ଥିଲେ ମଧ୍ୟ ପ୍ରେମ କାହିଁ ? ସ୍ୱାର୍ଥରୁ . ପ୍ରେମକୁ ଅଲଗା କରି ପାଇବା ବଡ଼ କଷ୍ଟ । ତଥାପି ମନେହୁଏ ଯେପରି ଚମ୍ପାର ମଙ୍ଗରାଜ ପ୍ରତି ସାମାନ୍ୟ ଦରଦ, ଅନୁରକ୍ତି ଥିଲା । ତାଙ୍କର ଉନ୍ନତିକୁ ସେ ନିଜର ଉନ୍ନତି ବୋଲି ଭାବୁଥିଲା । ଗୋବନ୍ଦା ପ୍ରତି ତା ମନୋଭାବ ଜଣାଇ ଫକୀରମୋହନ ଲେଖିଛନ୍ତି, "ଚମ୍ପାର ଆଚରଣରୁ ଜଣାଯାଏ, ତାହାର ଇଚ୍ଛା, ଭଲପାଏ ତ ପାଏଁ, ହେଲେ ଭୁ ଯେଉଁ ଭଣ୍ଡାସ ସେଇ ଭଣ୍ଡାସ ।"

ଚମ୍ପା ମଲା । ମରଣ ବୋଲି ମରଣ ହାଡ଼ ଯୋଷରା ମରଣ । ଜଘନ୍ୟ, ହିଂସ୍ର ଭୟାବହ ତା'ର ମୃତ୍ୟୁ । ସାଆନ୍ତାଣୀଙ୍କ ମୃତ୍ୟୁର ଠିକ୍ ବିପରୀତ । ସାଆନ୍ତାଣୀଙ୍କ ମୃତ୍ୟୁ ଅଶୀବ ଶୁଭ ରାଧାଷ୍ଟମୀରେ, ତୁଳସୀ ମୂଳରେ, ଯାହା ପ୍ରତ୍ୟେକ ହିନ୍ଦୁ ରମଣୀର କାମ୍ୟ । "ମୁଞ୍ଚନ୍ତୁ ମେଘାଃ କୁସୁମସ୍ୟ ବୃଷ୍ଟି" ଭିତରେ ସିନ୍ଦୂର, ଅହିଅନାଗରା, ଦେବଦୁନ୍ଦୁଭି, ଶୁଭ କଉଡ଼ି, ମଙ୍ଗଳ ଗେଣ୍ଡ ଓ ହରି ହରି ବୋଲ ମନନନାଦ ଭିତରେ ।

ମଙ୍ଗରାଜ ପରି ପାଷାଣ୍ଡ ନିଦ୍ରିତା ଚରିବୃତ୍ତିକୁ ଜାଗ୍ରତ କରି; କିନ୍ତୁ ଚମ୍ପା ଯେଉଁ ରାତିରେ ଜିଭେ ହେଲା ସେ ରାତିଟା "ଘୋର ଅନ୍ଧକାର ରାତି । ମଣିଷ ନିଜ ଦେହ ଦେଖି ପାରିବ ନାହିଁ । ସାଁ ସାଁ କରି ଦକ୍ଷିଣା ପବନ ବାଡେଇ ଉଠୁଛି, ଭୁହାକୁ ଭୁହା ବରଷା ବରଗଛଟା ଗୋଟାଏ ଅନ୍ଧାର ଗଦାପରି ଦୋହଲି ଦୋହଲି ଗୋଟାଏ କେମନ୍ତ ଆତଙ୍କ ଜନକ ଶବ୍ଦ କରୁଅଛି । ଗୁଡ଼ାଏ ବାଦୁଡ଼ି ସାନ ସାନ ଅନ୍ଧାର ଖଣ୍ଡ ପରି ଚାରିଆଡ଼ୁ ଉଡ଼ି ସେଇ ଅନ୍ଧକାର ଗଦାରେ ଝୁଲି ପଡ଼ୁଛନ୍ତି, ପୁଣି କେତେ ଖଣ୍ଡ ଅନ୍ଧକାର ପରି ବାହାରି ଆକାଶରେ ଉଡ଼ି ଯାଉଛନ୍ତି, କଚ୍ କଚ୍ ଶବ୍ଦ କରି ବରଫଳ ଖାଉଛନ୍ତି, ଟପ୍ ଟପ୍ ହୋଇ ବରଫଳ ତଳେ ପଡ଼ୁଛି । ଚତୁର୍ଦ୍ଦିଗରେ ପୈଶାଚିକ ଶବ୍ଦ । ଘର ମଧ୍ୟରେ ଚମ୍ପାର ଆନୁନାସିକ ଶବ୍ଦ ଆହୁରି ଭୟଙ୍କର ଶୁଭୁଅଛି । ସେହି ଅନ୍ଧକାର ଗଦାତଳେ ଦୁଇଟା ଧଶୁର ଖେଁ ଖେଁ କାମୁଡ଼ା କାମୁଡ଼ି ଶବ୍ଦ । (ଚମ୍ପା ଓ ଗୋବିନ୍ଦା) କଳିର ପ୍ରତିଧ୍ୱନି ? ...ପୂର୍ବପରି ଚତୁର୍ଦ୍ଦିଗରେ ଘୋର ପୈଶାଚିକ ଶବ୍ଦ । ଠିକ୍ ସେଇ ସମୟରେ ଧାପଟା ଗର୍ଭକୁ ପୋଡ଼ିଯାଇ ଦପ୍ କରି ଜଳି ଉଠି ନିଭିଯିବାରୁ କିଛି ଦିଶିଲା ନାହିଁ । ଘର ଭିତରେ ଉତ୍କଟ ଗାଁ ଗାଁ ଶବ୍ଦ । କର୍କଶ ଡେଣା ଶବ୍ଦ । ଏହି ସମୟରେ ପ୍ରବଳ ଝଞ୍ଜା ପବନ ଆସି ଗଛର ଡାଳମାନଙ୍କୁ ଦୋକାନ ଘରକୁ କଡ଼୍ କରି ଦୋହଲାଇ ଦେଲା । ମୁହୂର୍ତ୍ତକ ସକାଶେ ସେଠାରେ ଅଦୃଶ୍ୟ ଅନ୍ଧକାର ମଧ୍ୟରେ ପ୍ରଳୟ ଉପସ୍ଥିତ ହେଲାପରି ଜଣାଗଲା ।" ନୈତିକ ଦୁନିଆର ଅଶାନ୍ତି, ବିଦ୍ରୋହ, ଆନ୍ଦୋଳନ ସହିତ ତାଳରଖି ବହିଃ ପ୍ରକୃତିର ବିକ୍ଷୋଭ । ବିକ୍ଷୁବ୍ଧା ପ୍ରକୃତି ମଧ୍ୟ ଯିମିତି ଉତ୍କ୍ଷିପ୍ତା ହୋଇ ଚମ୍ପାର ମାନବ ଜାତିର ସମତାର ମୂଲ୍ୟବୋଧର ଅବମାନନାକୁ ଅଟ୍ଟହାସ କରି ଗୋବିନ୍ଦାକୁ କଢ଼େଇ ନେଉଛି "ନିଦ୍ରିତା ଶୂକରୀ" ଆଡ଼କୁ ଇଙ୍ଗିତ ଦେଉଛି ତାକୁ ଶେଷ କରିଦେବାକୁ । ସାରା ଦୁନିଆର ଅଭିପ୍ସା ଚମ୍ପାର ସ୍ରଷ୍ଟା ଫକୀରମୋହନଙ୍କ ଅଜ୍ଞାମାନି ଗୋବିନ୍ଦା ତା'ର କାମ କରିଛି; କିନ୍ତୁ ସେ ମଧ୍ୟ ଜଣେ ଅପକର୍ମୀ, ଶସ୍ତ୍ରପାଣି, ଧନାପହ, ଆତତାୟୀ ସେ ନିଯୁଖକୁ ଇଚ୍ଛାମତେ ନେବ ଭାବିଥିଲା ପାଞ୍ଚଟଙ୍କା ରିସପତ୍ର ଯାଚି ବୁଢ଼ିଆ ବେହେରାକୁ; କିନ୍ତୁ ତା' ପାଇଁ ବି ଲୋକକ୍ଷୟ କୃତ କାଳସ୍ୱରୂପ ଗୋମୁହାଁ କୁମ୍ଭୀର ଠାକଥିଲା । ଚମ୍ପାର ଲାସଟାବି ଠିକ୍ ସେଇଠି କୁମ୍ଭୀର ମୁହଁରେ ଗଲା । ଅପୂର୍ବ ମିଳନ ।

ଫକୀର ମୋହନ ଏଥର ନିଜେ ବାହାର ପଡଛନ୍ତି ହାତରେ ତୁଙ୍ଗଧଣ୍ଡ, ଯେପରିକି ସେ ନିଜେ ଦେଖିବା ପାଇଁ ଗୃହାନ୍ତ ମାଇକିନିଆ-ଟାର କେଉଁଠି ଏତେ ସମ୍ପତ୍ତି ଲୁଚି ରହିଥିଲା । ଚମ୍ପାର ଲାସ୍ ମାଇନା ବା ଶବ ବ୍ୟବଚ୍ଛେଦ ଓଡ଼ିଆ ସାହିତ୍ୟରେ ଏକ ଅଭିନବ ଅଧ୍ୟାୟ । ଚମ୍ପାର ମୃତ୍ୟୁପରେ ଲାସ୍ କଟାକଟିର କ'ଣ ଆବଶ୍ୟକତା ଥିଲା ? ବୀଭତ୍ସ ରସର ସୃଷ୍ଟି ପାଇଁ ? ପୋଲିସ ଚଢ଼ାଇରଖି ଏକ ଫାର୍ସ ଏବଂ ରସିକତ ଖିଆ ପୋଲିସ ବୋଲି ପ୍ରମାଣ କରିବାପାଇଁ ? ନା ନିଜେ ଫକୀର ମୋହନ ମଧ୍ୟ ଚମ୍ପାର ଦୁଷ୍କୃତରେ ଏତେ ବିସ୍ମୃତ, ଆହତ ଯେ ସେ ଆଶ୍ରିତ ବାତ୍ସଲ୍ୟ ଓ ମାନସମ୍ମାନ ବତ୍ସଳତା ଭୁଲି ଯାଇଛନ୍ତି । ଯା'ହାକୁ ଭଞ୍ଜୀୟ କାବ୍ୟଗ୍ରନ୍ଥରେ ବା କୁଶଳୀ ସ୍ଥପତିର କାରୁକଳା ପାଠବରେ ଗଢିଥିଲେ ତାକୁ ପୁଣି ଚନ୍ନଚନ୍ନ କରି ନିରୀକ୍ଷଣ କରି । କଟାକଟି କରି ଟୁକୁରି ଟୁକୁରି କରିବାରେ ତାଙ୍କର କି ଆନନ୍ଦ ନିହିତ । ଅଙ୍ଗ ପ୍ରତ୍ୟଙ୍ଗର ଜୀବିତାବସ୍ଥା ସହିତ ମୃତାବସ୍ଥାର ବ୍ୟବଧାନ ଅନୁଧ୍ୟାନ କରନ୍ତୁ । ମଙ୍ଗରାଜଙ୍କ ଉଆସକୁ ଝୋଟିରେ ଚମ୍ପା ଚଉଆ-ଖାନା କରି ଦେଇଥିଲା । ସେଇ ଚମ୍ପାର "ରକ୍ତ ପିଚ୍‌କାରୀ ମାରି କାନ୍ଥବାଡରେ ଝୋଟି ଦେଲାପରି ହୋଇ ଯାଇଛି ।" "ଯେଉଁ ବେକରେ 'ଗୁରିକେରି ବଦମାଲି' ଶୋଭା ପାଉଥିଲା ସେଠି କାହାଣ କାହାଣ ମା'ଛିର ମାଳ । 'କଜ୍ଜଳ ପୂରିତ ଲୋଚନ' 'ଗୃଳକୁ ଚାହିଁ ରହିଁଅଛି ।' 'ଥୋପ ଭଡ଼ା ଜୁଡ଼ା'ର 'ବାଳ ମୁକୁଳା' । 'ଗୁଣ୍ଡି ମିଶା' ଖିଲିଗୁଞ୍ଜିତ ଗାଲ' 'ଓଆଉ ପଡ଼ାପରି' । 'ତୈଳ ହରିଦ୍ରା ରଞ୍ଜିତ ଦେହ' ରକ୍ତର ଲଟପଟ । 'ଷୋଳହାତ ଶାଢ଼ୀ' ଓ 'ପାଟଶାଢ଼ୀ' ହାଡ଼ ଘୋଷାରିବାରୁ ଖସିଗଲା ଓ ଲଙ୍ଗଳା ଲାସ୍‌ଟା ଭୟଙ୍କର ଦିଶିଲା । ଯେଉଁ ଜଉରି କରମତିରେ ଚମ୍ପା ମଙ୍ଗରାଜ, ଭଗିଆ, ଶାରିଆକୁ ଭୁଲାଇଥିଲା, ଠକାଇଥିଲା, ସେହି ଜଉଁଟା ଫୁଲି 'ଗୋଟାଏ ସାନ କଦଳୀ ଭଣ୍ଡାପରି ଦିଶିଲା ।" ଯେଉଁ ଗୋଡର 'ଗୁମୁ ଗୁମୁ ଗୁମୁ ଗୁମୁ ଚଳନ' ଏବଂ ଯେଉଁ ପାଦରେ ରୁମୁ ଝୁମୁ ରୁମୁ ଝୁମୁ ଝୁଣ୍ଟିଆ ବାଜୁଥିଲା ସେ ଗୋଡ଼ର ଗୋଛି କୁଞ୍ଚଡ଼ିରେ ହଣାଗଲା ଏବଂ ଗୋଡର ପାପୁଲି ସକାଶେ ଗୃହ ଛଅଟା କୁକୁର କାମୁଡ଼ା କାମୁଡ଼ି ଲଗାଇଲେ । "ଏହାର

ଗୋଡ଼ ପାପୁଲି ନାହିଁ, ଗୁଳୁଥିଲି କପଟି ?" "ଏଇଟା କି ରାକ୍ଷସୀ ?" କାଳେ ଏ ରାକ୍ଷସୀର ପ୍ରତି ରକ୍ତବିନ୍ଦୁ, ମାଂସକଣାରୁ ଆହୁରି ଗୁଡ଼ାଏ ରାକ୍ଷସୀ ବାହାରିବେ, ତେଣୁ ଫକୀର ମୋହନ ଲସ୍‌କୁ ପୋଡ଼ାଡ଼ି ନଦେଇ ନଦୀରେ ଭସାଇ ଦେଲେ ଏବଂ ତାକୁ ଗୋଟାଏ କୁମ୍ଭୀର ପେଟରେ ଭରିଦେଲେ. 'କିନ୍ତୁ ଚମ୍ପା ଅମୋକ୍ଷ ଜୀବ । ତା'ର ପ୍ରେତାତ୍ମାର ମୁକ୍ତି ନାହିଁ ।"ବରଗଛରେ ଗୋଟାଏ ବଡ଼ ପେତୁଣୀ ବସି ଡାଳ ଦୋହଲାଏ । ମଧ୍ୟ ସେଇ ପେତୁଣୀଟା ଖରାବେଳେ ନଙ୍ଗା ବାଳ ଉଡ଼ାଇ ଖେଳୁଥିବାର ଅନେକ ଲୋକ ଦେଖିଲେଣି ।" ଯେଉଁଠି ବରଗଛର ଡାଳ ଦୋହଲୁଛି, ଯେଉଁଠି ନଙ୍ଗବାଳ ଉଡ଼ୁଛି, ସେଇଠି ଚମ୍ପାର ପ୍ରେତାତ୍ମା ଖେଳୁଛି । ପେତୁଣୀ ପୃଷ୍ଟି ଏ ବର୍ଣ୍ଣଟା ନିମିତ୍ତ । "ଗୋପାଳପୁର ତୁଠର ଆଉ ନାମନାହିଁ, ଲୋକେ କହନ୍ତି ପେତୁଣୀପଦା ।"

ଚନ୍ଦ୍ରକଳା ତରଫ ନେଇ 'ଜଣେ ଅଳ୍ପଦାମିଆ ଜୁନସୁର ଟୋକାଳିଆ ଝିକଲ' 'ହାତମୁଣ୍ଡ ହଲାଇ ତେର ଗୁଡ଼ାଏ ବକାବକି କଲାପରି" ଏ ପ୍ରବନ୍ଧରେ ପ୍ରମାଣ କରାଯାଉ ନାହିଁ ଯେ ଚମ୍ପା "ନିତାନ୍ତ ସରଳ ଅବଳା, ଅତି ପବିତ୍ର ସାଧୁଭାବରେ ଜୀବନଯାପନ କରେ ।" "ଚମ୍ପା ନିଶ୍ଚିତ ଭାବରେ ଏକ ଅସତ୍ ଚରିତ୍ର । ତା'ର ଦୁର୍ଗୁଣା-ବଳୀକୁ ପ୍ରଶଂସା-ଚକ୍ଷୁରେ ଦେଖିବା ବା ଗୌରବାବହ ବୋଲି ପ୍ରତିପାଦନ କରିବା ଉଦ୍ଦେଶ୍ୟ ନୁହେଁ । ଚମ୍ପା ଯେ ଫକୀର ମୋହନଙ୍କ କଳାସୃଷ୍ଟିର ସର୍ବଶ୍ରେଷ୍ଠ ଚରିତ୍ରଭାସ୍ୱର ଅମୂଲ୍ୟରତ୍ନ—ଏକ ବିସ୍ମୟ—ଏହାହିଁ ଅନୁଧ୍ୟାନ କରିବା ।

—*—

( ଝଙ୍କାର ୨୨ । ୫ ପୃ—୪୩୩ )

# ଶିଳ୍ପ, ଶିଳ୍ପୀ ଓ ଜୀବନ,

ଶ୍ରୀ ଚନ୍ଦ୍ରାମଣି ବେହେରା ।

ଶିଳ୍ପୀ ଅବନୀନ୍ଦ୍ରନାଥଙ୍କ ମତରେ ଆର୍ଟର ମହଲଟି ହେଉଛି ତିନିତାଲା । ସର୍ବନିମ୍ନ ତାଲରେ ଶିଳ୍ପୀର ମନଯା' ନେଇ ବ୍ୟସ୍ତ ରହେ, ତା' ହେଉଛି ପ୍ରାୟ କାରିଗରର କର୍ମ । ଦୋତାଲା ଘରେ ଶିଳ୍ପୀର ସୃଷ୍ଟି ଏକ ନୂତନ ପ୍ରାସାଦରେ ପ୍ରସନ୍ନ । ଏ ଘରଟି ହେଉଛି ବୈଠକଖାନା, ଶିଳ୍ପୀ ତାର ରଚନାର ଆବେଦନ ଅନ୍ୟର ମନ ନିକଟରେ ପହଞ୍ଚାଇ ଦେବାରେ ଏଠାରେ ବ୍ୟସ୍ତ । ତିନିତାଲା ଘରଟି ହେଉଛି ଶିଳ୍ପୀମନର ଏକ ପରମ ରମଣୀୟ ସାଧନକକ୍ଷ, ତାର ଅନ୍ତଃପୁର । ଏଠାରେ କେବଳ ଶିଳ୍ପୀ ଓ ଶିଳ୍ପ, ଶିଳ୍ପୀର ମନ ଓ ତାର ସୃଷ୍ଟି ମଧ୍ୟରେ ଏକାତ୍ମିକ ଓ ଅନ୍ତରଙ୍ଗ ମିଳନ । କବି ଏଲିୟଟଙ୍କ 'ଥ୍ରି ଭଏସେସ ଅବ ପୋଏଟ୍ରି' କାବ୍ୟର ତିନିକଣ୍ଠ ସ୍ୱରର ବକ୍ତବ୍ୟ ତାତ୍ପର୍ଯ୍ୟ ଦୃଷ୍ଟିରୁ ଅବନୀନ୍ଦ୍ରନାଥଙ୍କ ମତବାଦସହ ପ୍ରାୟ ସମାର୍ଥକ । ପ୍ରଥମ ସ୍ତରରେ କବିମନର ପ୍ରେରଣାଟି ନିତାନ୍ତ ବ୍ୟକ୍ତିକ ।

ଯେପରିକି ନିଜକୁ ପ୍ରକାଶ କରିବା ନିମନ୍ତେ ପ୍ରକାଶ କରିବା ନିମନ୍ତେ ଅଦମ୍ୟ ଏକ ଆବେଗର ତାହା କାରଣ । ପ୍ରେରଣାର ଦ୍ୱିତୀୟ ସ୍ତରରେ କବିର ଆତ୍ମପ୍ରକାଶର ଗତିଟି ହେଉଛି 'ପ୍ଲାବକ' ଏବଂ ତୃତୀୟ ତଥା ଶେଷ ଗତିଟି ହେଉଛି 'ଡ୍ରାମାଟିକ୍' କବିର ଅନୁଭବ ଯେଉଁଠି ଆସି କର୍ତ୍ତା—କର୍ମର ( Subject—object ) ଭେଦ ଭୁଲିଯାଏ ଓ ତାର ରଚନା ମଧ୍ୟଦେଇ ସେ ଦ୍ରବ୍ୟ .ପ୍ରେରଣାର ଉପଯୋଗୀ ଫର୍ମ ଗ୍ରହଣ କରେ ।

ରୂପକାରର ସାଧନା ହେଉଛି ଫର୍ମ ତଥା ରୀତି ସନ୍ଧାନର ସାଧନା । ଭାବନାର ଐଶ୍ୱର୍ଯ୍ୟରେ କବି ଓ ଶିଳ୍ପୀଗଣ ଅନ୍ୟ ସାଧାରଣଙ୍କ ଅପେକ୍ଷା ଅଧିକ ଧନୀ ହୋଇ ପାରନ୍ତି କିମ୍ବା ଦରିଦ୍ର ମଧ୍ୟ ହୋଇ ପାରନ୍ତି । ଭାବୁକତା ଓ ଅନୁଭୂତିର ବିଶାଳତାରେ କବି ଓ ଶିଳ୍ପୀଗଣଙ୍କ ଅପେକ୍ଷା ଅନେକ ବେଶୀସମ୍ପନ୍ନ ମନର ମନୁଷ୍ୟ ସମାଜରେ ସୁଲଭ । କବି ଓ ଶିଳ୍ପୀଗଣ ଏ କ୍ଷେତ୍ରରେ ସବୁଠାରୁ ବଡ଼ ମହାଜନ-ଶ୍ରେଣୀ ନୁହନ୍ତି । ଭାବର ରୂପ—ପ୍ରକରଣ ନିମିତ୍ତ ରୀତିତଥା ଫର୍ମର ସନ୍ଧାନ, ଉଦ୍‌ଭାବନ, ଆବିଷ୍କାର ଓ ବ୍ୟବହାର କରିପାରନ୍ତି ଯେ ଭାବୁକ, ସେଇ ହେଉଛନ୍ତି ଆମର କବି ଓ ଶିଳ୍ପୀ । କବି ଶିଳ୍ପୀଗଣ ଭାବୁକ ଭାବରେ ବିଶିଷ୍ଟ ନୁହନ୍ତି, ରୂପକାର ହିସାବରେ ବିଶିଷ୍ଟ । ପୁଣି ଯେଉଁ କବି ବା ଶିଳ୍ପୀ ଭାବ ଓ ଅନୁଭାବରେ ସମୃଦ୍ଧ, ସେଇ କେବଳ ମହତ୍ତର ରୀତି ବା ଫର୍ମ ଆବିଷ୍କାର ଓ ବ୍ୟବହାର କରିବାକୁ ସମର୍ଥ । ଔପନ୍ୟାସିକ ଡିକେନ୍‌ସ ତାଙ୍କ କାହାଣୀର ନାୟକ 'ଲିଟଲନେଲ'-ର ମୃତ୍ୟୁଘଟାଇ କାନ୍ଦିକାନ୍ଦି ଅଥୟ ଓ ଅଶାନ୍ତ ହୋଇ ପଡ଼ିଥିଲେ । ଇବ୍‌ସେନ୍ ଥରେ ପ୍ରକୃତରେ ବ୍ୟସ୍ତହୋଇ ମଞ୍ଚ ଦରଜାର ପରଦା ଆଡ଼େଇ ବାହାର ଆଡ଼କୁ ବ୍ୟାକୁଳ ଆଖିରେ ଚାହିଁ ରହିଥିଲେ । ମନେ ହୋଇଥିଲା, ତାଙ୍କ 'ଡଲସ୍ ହାଉସ'ର ନାୟିକା 'ନୋରା' ଏବେ ପର୍ଯ୍ୟନ୍ତ ତାଙ୍କ କାନ୍ଧରେ ହାତ ଭରା ଦେଇ ଛିଡ଼ା ହୋଇଥିଲେ, ଏବଂ ଏଇ ମାତ୍ର ସେ ଚାଲିଗଲା । ରୋଗଶଯ୍ୟାରେ ଶାୟିତ ବାଲଜାକ୍ ତାଙ୍କ ମୃତ୍ୟୁର କିଛିକ୍ଷଣ ପୂର୍ବରୁ ତାଙ୍କ ସ୍ତ୍ରୀଙ୍କୁ ଅନୁରୋଧ କରିଥିଲେ, ଥରେକପାଇଁ ହେଲେ 'ଡ଼ାକ୍ତର ବିୟାଁଶ'ଙ୍କୁ ଯାଇ ଡାକି ଆଣିବାକୁ । କିନ୍ତୁ 'ଡ଼ାକ୍ତର ବିୟାଁଶ' ବାଲଜାକ୍‌ଙ୍କର କାଳ୍ପନିକ ସୃଷ୍ଟି, ତାଙ୍କ ଉପନ୍ୟାସର ନାୟକ । ପ୍ରକୃତ ଭାବୁକର ମନ ନିକଟରେ କାଳ୍ପନିକ ସତ୍ୟ ଓ ବାସ୍ତବ ସତ୍ୟର ପ୍ରଭେଦ ରହେନା । କବି ଓ ଶିଳ୍ପୀର ଅନୁଭବ ଯେତେବେଳେ ଭିତର ଓ ବାହାର ସଙ୍ଗରେ ଏଇଭଳି ଅନ୍ତରଙ୍ଗ ଓ ଅବିଚ୍ଛିନ୍ନ ସାଯୁଜ୍ୟ ଲାଭକରେ, ସେତେବେଳେ ତାର ସମସ୍ତ ଭାବନା ଏକ ଯାଦୁକାଠି ପରଶ ପଥରର (ପ୍ରତିଭା ?) ପରଶରେ ସୁନାରେ ରୂପାନ୍ତରିତ ହୋଇଯାଏ ଏବଂ ସେଇ ସୁନା ଦେଇ ରୂପ ପ୍ରତିମା

ଗଢ଼ିବାର ସୁନ୍ଦର ଶକ୍ତିଟି ମଧ୍ୟ ସହଜ ସାଧ୍ୟ ହୋଇଥାଏ । ଯେଉଁଠି କବି ଓ ଶିଳ୍ପୀର ଅନୁଭବ 'ସବ୍‌ଜେକ୍ଟ—ଅବଜେକ୍ଟର ପ୍ରଭେଦ ଭୁଲିଯାଏ, ଶ୍ରେଷ୍ଠ ରୂପସୃଷ୍ଟିର ଉପଯୋଗୀ ଶକ୍ତି—ଦକ୍ଷତାର ଅଧିକାରୀ ସେଇଠି ଲାଭ କରନ୍ତି କବି ଓ ଶିଳ୍ପୀ । ତେଣୁ ଅତ୍ୟୁକ୍ତି କରିନାହାନ୍ତି ଫରାସୀ ବୁ୍ୟମଁ ସ୍ୱୟଂ ମନୁଷ୍ୟଟି ହେଉଛି ଷ୍ଟାଇଲ ।'

ଏଥିରୁ ସ୍ପଷ୍ଟ ଅନୁଭୂତ ହୁଏ ଯେ, ଶିଳ୍ପୀର ସ୍ୱକୀୟ ଜୀବନ-ପ୍ରସଙ୍ଗ ବାଦ୍ ଦେଇ ତାର ରଚିତ ସାହିତ୍ୟର ଜୀବନ ଘନିଷ୍ଠତାର ପ୍ରଶ୍ନ ଉତ୍ଥାପନ କରିବା ଅସମ୍ଭବ । ଶିଳ୍ପୀ ନିଜ ଜୀବନରେ ଯାହା ଦେଖନ୍ତି, ଅନୁଭବ କରନ୍ତି, ଚିନ୍ତାକରନ୍ତି, ତାହାରି ନିର୍ଯ୍ୟାସହିଁ ତାଙ୍କର ସାହିତ୍ୟ ସୃଷ୍ଟି । ସୁନିର୍ବାଚିତ ଓ ସୁସଙ୍ଗଠିତ ଶବ୍ଦର ଆଶ୍ରୟରେ ଶିଳ୍ପୀର ପର୍ଯ୍ୟବେକ୍ଷଣଜାତ ଅଭିଜ୍ଞତା, ମନନଜାତ ଭାବନା—କଳ୍ପନା, ଧ୍ୟାନଜାତ ବୋଧି ଓ ଉପଲବ୍ଧି ସାହିତ୍ୟରୂପ ଲାଭକରେ । ଶିଳ୍ପୀର ସ୍ୱକୀୟ ଜୀବନ ତାର ଶିଳ୍ପ ସୃଷ୍ଟିରେ ଏକ ବିଶାଳ ଆସନର ଅଧିକାରୀ । ତାର ଶୁଭାଶୁଭ ମିଶ୍ରିତ ଦ୍ୱୈତ ବ୍ୟକ୍ତିତ୍ୱର ପ୍ରତିଫଳନ ଶିଳ୍ପ ସୃଷ୍ଟି ମଧ୍ୟରେ ସର୍ବଦା ଲକ୍ଷଣୀୟ । ଶିଳ୍ପୀର ଜୀବନ ରଙ୍ଗରେ ତାର ସାହିତ୍ୟ ସୃଷ୍ଟି ଅନୁରଞ୍ଜିତ । ତାର ସାହିତ୍ୟ ପକ୍ଷାନ୍ତରରେ ସ୍ୱୟଂ ଶିଳ୍ପୀରହିଁ ଜୀବନଭାଷ୍ୟ । ଶିଳ୍ପୀ ଯେଉଁ ପରିମାଣରେ ଜୀବନ ଘନିଷ୍ଠ, ତାଆରି ମାଧ୍ୟମରେ ତାର ସାହିତ୍ୟର ଜୀବନ—ଘନିଷ୍ଠତାର ପରିଚୟ ମିଳିଥାଏ । ବ୍ୟକ୍ତି ଜୀବନରେ ଯେଉଁ ଶିଳ୍ପୀ ଅବ୍ୟାହତିବାଦ (escapism)ର ପରିପୋଷକ, ପ୍ରତିକ୍ରିୟାଶୀଳତାର ତନ୍ତ୍ରଧାରକ, ତାର ସାହିତ୍ୟ ଜୀବନବାଦୀ ଓ ପ୍ରଗତିଶୀଳ ହେବା ଅସମ୍ଭବ । ଅନ୍ୟପକ୍ଷରେ ଯେ ଜୀବନକୁ ଅତି ନିକଟରେ ନିରୀକ୍ଷଣ କରିଛନ୍ତି, ଜୀବନର ବିଚିତ୍ର ଅଭିବ୍ୟକ୍ତି, ଭଙ୍ଗିମା ଓ ସ୍ୱର ମଧ୍ୟଦେଇ ଯାହାର ଦିନ ଗୁଡ଼ିକ ଅତିବାହିତ; ନିଜ ଜୀବନର ଅଭିଜ୍ଞତାର ସାହାଯ୍ୟରେ ଯେ ଜୀବନର ସତ୍ୟ—ମିଥ୍ୟା ନିରୂପଣର ଚେଷ୍ଟା କରିଛନ୍ତି, ଏକ କଥାରେ ଜୀବନର ଗଭୀର ସମୁଦ୍ରରେ ଅବଗାହନ କରି ଯେ ତାର ଗଭୀରତା ଓ ବୈଚିତ୍ର୍ୟରେ ରହସ୍ୟ ଭେଦ କରିଛନ୍ତି, ତାର ସାହିତ୍ୟ ଜୀବନ୍ତ ନହୋଇ ରହିପାରେନା । ନିଜ ଜୀବନର ଗଭୀର ଉପଲବ୍ଧି-ପ୍ରସୂତ ଧାରଣା-ବିଶ୍ୱାସ ସଂସ୍କାର-ପ୍ରଚଳିତ ଅନ୍ୟ ଦଶଟି ମତ ସହ

ଶିଳ୍ପୀର ଅନୁକୂଳ ହେଉବା ପ୍ରତିକୂଳ ହେଉ, ସେ କେବଳ ତାର ଶିଳ୍ପ ଭିତରେ ନିଜର ସତ୍ୟ ସ୍ୱରୂପକୁ ହିଁ ଅନୁସରଣ କରେ । ବସ୍ତୁତଃ ପ୍ରତି ମହତ୍ ସାହିତ୍ୟ ହିଁ ବ୍ୟକ୍ତିସ୍ୱାତନ୍ତ୍ର୍ୟଧର୍ମୀ ଓ ଜୀବନ ଘନିଷ୍ଠ । 'ଜୀବନଘନିଷ୍ଠତା'ର ଅର୍ଥ, ଯା' କିଛି ଶିଳ୍ପୀ ଦେଖିଛି, କରିଛି, ଭାବିଛି ତା' ମଧ୍ୟରେ ତାର ବ୍ୟକ୍ତିତ୍ୱର ମୁଦ୍ରା ଅଙ୍କିତ । ତାର ଏଇ ଦର୍ଶନ, ଚିନ୍ତନ ଓ କର୍ମ ମଧ୍ୟରେ ଶିଳ୍ପୀ ନିଜେ ପ୍ରବଳ ଭାବରେ ବଞ୍ଚିଛି ବୋଲି ତାର ସାହିତ୍ୟ ଜୀବନ୍ତ ଓ ରସାନୁଭୂତ ହୋଇ ଉଠିଛି । ସାହିତ୍ୟ-ସେବାର ଗୁଣାଗୁଣ ନିର୍ଣ୍ଣୟର ତେଣୁ ଏକ ପ୍ରଧାନ ଉପାୟ ହେଉଛି; ବ୍ୟକ୍ତିତ୍ୱର ବିଚାର । ଯାହାର ସାହିତ୍ୟ ନିଷ୍ଠା ଯେତେ ଗଭୀର ତାର ବ୍ୟକ୍ତିତ୍ୱ ସେତେ ପ୍ରଖର ଓ ଅପ୍ରତିରୋଧ୍ୟ । ଔପନ୍ୟାସିକ ମ'ମ୍ ସେଥିପାଇଁ କହିଛନ୍ତି, "ଶିଳ୍ପୀର ସବୁକିଛି ଶିଳ୍ପତ୍ରୁଟି ମାର୍ଜନୀୟ, କିନ୍ତୁ ତା'ର ଶିଳ୍ପକର୍ମ ମଧ୍ୟରେ ଯଦି ବ୍ୟକ୍ତିତ୍ୱର ଅଭାବ ପରିଲକ୍ଷିତ, ତେବେ ତାହା ଏକ ଅକ୍ଷମଣୀୟ ଅପରାଧ ।

'ଜୀବନ-ଘନିଷ୍ଠତା' ପ୍ରସଙ୍ଗରେ ଆମର ବିଶେଷ ଭାବେ ପୁଣି ମନେ ରଖିବା ଦରକାର ଯେ, ସମସାମୟିକ ଜୀବନଧାରା ସଙ୍ଗେ ଯେଉଁ ବ୍ୟକ୍ତିର ପ୍ରତ୍ୟକ୍ଷ ଓ ନିବିଡ଼ ସଂଯୋଗ ନାହିଁ, ଯେଉଁ ବ୍ୟକ୍ତି ଜୀବନସହ ଜୀବନ୍ତ ଯୋଗ ସୂତ୍ରରେ ଯୁକ୍ତ ନୁହେଁ, ନିଜର ମନୋଜୀବନରେ ଯାହାକୁ ବହୁ ପରୀକ୍ଷା—ନିରୀକ୍ଷା—ଦ୍ୱିଧା—ଦ୍ୱନ୍ଦ୍ୱ ଅନ୍ତର୍ସଂଘାତର ସମ୍ମୁଖୀନ ହେବାକୁ ପଡ଼ିନାହିଁ ବା ଯାହାର ସେଇ ପ୍ରବଣତା ଆଦୌ ନାହିଁ, ଯେତେ ବଡ଼ ଜ୍ଞାନୀ, ପଦମର୍ଯ୍ୟାଦା ସମ୍ପନ୍ନ ବା ଉପାଧିଧାରୀ ବ୍ୟକ୍ତି ହୁଅନ୍ତୁ ନା କାହିଁକି, ସାହିତ୍ୟ ରାଜ୍ୟରେ ତାଙ୍କର ପ୍ରବେଶାଧିକାର ଅସମ୍ଭବ । ଆମର ମନେ ରଖିବା ଉଚିତ ଯେ, ବୈଦଗ୍ଧ୍ୟ ବା ଉଚ୍ଚଶିକ୍ଷା ସୃଜନ କ୍ଷମତାର ସମଧର୍ମୀ ନୁହେଁ । ଯଦିଚ ଏଇ ଦୁଇ ମଧ୍ୟରେ ଆକସ୍ମିକ ଯୋଗାଯୋଗର ଦୃଷ୍ଟାନ୍ତ ବିଦ୍ୟମାନ । ବୈଦଗ୍ଧ୍ୟ ବା ଉଚ୍ଚଶିକ୍ଷା ବଳରେ ଖୁବ୍ ବେଶୀ ସାହିତ୍ୟର ପ୍ରକାଶରୀତି, ଅଙ୍ଗିକ ଓ ରଚନା ଶୈଳୀ, ଭାଷାଜ୍ଞାନ ଇତ୍ୟାଦି ବହିରଙ୍ଗର କୌଶଳ ଅଧିଗତ ହୋଇଥାଏ, କିନ୍ତୁ ସୃଷ୍ଟିର ଆବେଗ ଏଇ ସୂତ୍ର ମାଧ୍ୟମରେ ଆଦୌ ଆସେନା । ସେଥିପାଇଁ ବାରମ୍ବାର ଜୀବନର ଗଭୀରରେ ଅବଗାହନର ପ୍ରୟୋଜନ ।

ଶିଳ୍ପୀର ନିଜ ଜୀବନ ତାର ଶିଳ୍ପକର୍ମ ପକ୍ଷରେ ଏକ ମସ୍ତବଡ଼ ଉପାଦାନ । ନିଜର ଜୀବନହିଁ ତା' ନିକଟରେ ଶ୍ରେଷ୍ଠ ବିସ୍ମୟର ଆଧାର । ଟେମ୍ବର ଲେନଙ୍କ ଭାଷାରେ କହିବାକୁ ଗଲେ, ପ୍ରତିଶିଳ୍ପର ଅନୁଭୂତି ହେଉଛି, ବିସ୍ମୟ, "ବିସ୍ମୟ ପ୍ରତି ପଦକ୍ଷେପରେ ବର୍ତ୍ତମାନ, କିନ୍ତୁ ଆମେ ନିଜେ ହିଁ ନିଜ ନିକଟରେ ହେଉଛୁ ସର୍ବଶ୍ରେଷ୍ଠ ବିସ୍ମୟ ।" [At every step we meet wonders, the greatest wonder, however, is we ourselves, ] କିଏ କେଉଁଭାବରେ ଜୀବନକୁ ପରିକଳ୍ପନା ଓ ବିନ୍ୟାସକରେ ତା' ପକ୍ଷରେ ତାର ଶିଳ୍ପକର୍ମର ଗୁଣାଗୁଣ ବହୁ ପରିମାଣରେ ନିର୍ଭରଶୀଳ । ସ୍ବଳ୍ପରେ ଯେପରି ତୁଷ୍ଟ, ଶାନ୍ତିପ୍ରିୟ ଜୀବନ ଯାପନରେ ଯେ ପକ୍ଷପାତି, ତା' ପକ୍ଷରେ ଜୀବନ ଘନିଷ୍ଠ ସାହିତ୍ୟ ସୃଷ୍ଟି କରିବାର ପ୍ରୟାସ ବିଡ଼ମ୍ବନା ମାତ୍ର । ଏ ବିଷୟରେ ବିଖ୍ୟାତ ସାହିତ୍ୟିକ ଟମାସ୍‌ମାନ ଗୋଟିଏ ଗଳ୍ପର ଚରିତ୍ର ବିଶ୍ଳେଷଣ ପ୍ରସଙ୍ଗରେ ଯାହା କହିଛନ୍ତି, ତାହା ପ୍ରଣିଧାନ ଯୋଗ୍ୟ । ଶିଳ୍ପୀର ଜୀବନ ଓ ତାର ଶିଳ୍ପ କର୍ମ ମଧ୍ୟରେ ନିହିତ ସମ୍ପର୍କର ପ୍ରସଙ୍ଗ ନେଇ ଟମାସ୍‌ମାନ ବହୁ ଚିନ୍ତା କରିଛନ୍ତି । ବସ୍ତୁତ, ତାଙ୍କ ଗଳ୍ପୋପନ୍ୟାସର ପ୍ରଧାନ ଉପଜୀବ୍ୟ ବିଷୟ ଏହିଟି । ସେ କହିଛନ୍ତି, Good work only Comes out under pressure of a bad life, that who lives does not Work, that one must die to life in order to be utterly a creator'' (Tonio kroger) ଅର୍ଥାତ୍, ଅଗତାନୁଗତିକ ଜୀବନରୁ ହିଁ କେବଳ ମହତ କାର୍ଯ୍ୟର ଜନ୍ମ ସମ୍ଭବ । ଯେଉଁ ବ୍ୟକ୍ତି ପ୍ରବଳ ଭାବରେ ବଞ୍ଚେ, ସେ କାର୍ଯ୍ୟ କରେନା । ସମ୍ପୂର୍ଣ୍ଣରୂପେ ଜଣେ ସ୍ରଷ୍ଟା ହେବାକୁ ହେଲେ ସୃଷ୍ଟିର ବେଦୀ ମୂଳରେ ଜୀବନକୁ ବଳିଦାନ କରିବା ଆବଶ୍ୟକ । ଯୁଗଂ ଖାଣ୍ଟି ସତ୍ୟ ଆଉ ଅଧିକ କିଛି ନାହିଁ । ସ୍ଥୂଳ ସୁଖ ଭୋଗର କାମନା ଯା' ପ୍ରାଣରେ ବଳବତ୍ତର, ସେ ଅନ୍ୟ କିଛି ହୁଏତ ହୋଇପାରେ, କିନ୍ତୁ ସ୍ରଷ୍ଟା ହେବାର ଗୌରବ ଅଧିକାର ତାର ନାହିଁ । ଶିଳ୍ପୀ ଯେପରି ଏକ ତାନ୍ତ୍ରିକ ସାଧକ, ଅଞ୍ଜଳି ଭରି ମୃତ୍ୟୁ ଗରଳ ପାନ କରୁଁ କରୁଁ ଜୀବନାମୃତର ମନ୍ତ୍ର ସେ ଉଚ୍ଚାରଣ କରେ । ନିଜର ଜୀବନକୁ ଲୌକିକ ସୁଖଭୋଗର ଶତବିଧ ଉପକରଣରୁ ବଞ୍ଚିତ କରି ପ୍ରକୃତ ଶିଳ୍ପୀ ମୃତର ସ୍ୱାଦୁ ସେ ଆସ୍ୱାଦନ

କରେ । ମୃତ୍ୟୁ ହାତରେ ନିଜକୁ ସମର୍ପଣ କରି ଆତ୍ମହତ୍ୟାର ସେ ହୁଏ ଅଧିକାରୀ । କବି ଏଲିୟଟ୍‌ଙ୍କର ନିର୍ଦ୍ଦେଶ **"We must learn to suffer more"** 'ଆମେ ଅଧିକ ଯନ୍ତ୍ରଣା ବରଣ କରି ଶିଖିବା ଉଚିତ । ଅନ୍ୟ କାହା ପକ୍ଷରେ ପ୍ରଯୁଜ୍ୟ ହେଉ ବା ନହେଉ, ପ୍ରତି ଶିଳ୍ପୀ ନିକଟରେ ପ୍ରଥମତ ଏହା ଧ୍ୟାନ ମନ୍ତ୍ରରୂପେ ବରଣୀୟ ହେବା ଉଚିତ । ଗତାନୁଗତିକ ଜୀବନର ପକ୍ଷପାତୀ ନ ହେବା ଫଳରେ ଶିଳ୍ପୀ କୌଣସି ସମୟରେ ଅବିକଳ ସାମାଜିକ ବା ସ୍ୱଭାବୀ ମନୁଷ୍ୟ ହୋଇପାରେନା । କୌଣସି ନା କୌଣସି ଦିଗରୁ ସେ ଅଭାବ ଦୁଷ୍ଟ ଓ କ୍ଷତପ୍ରାଣ; ଯେ ଅଭାବ ଓ କ୍ଷତର କ୍ଷତିପୂରଣ କରେ 'ଦୈବ' ବା ଅବଚେତନର କ୍ଷମତା । ଏହି କଥାଟି ଆଧୁନିକ ମନୁଷ୍ୟର ଓ ଏହା ଚିରକାଳୀନ ମଧ୍ୟ ।

ଶିଳ୍ପୀକୁ ଯେଉଁଠି 'ଜୀବନ' ବା 'ସ୍ୱାଭାବିକତା' ଠାରୁ ଦୂରକୁ ଅପସାରଣ କରିଦିଆଯାଏ । ସେଠାରେ ପ୍ରତ୍ୟେକ୍ଷତା ଓ ସ୍ୱତଃସ୍ଫୂର୍ତ୍ତିତା ବର୍ଜନ କରାଯାଏ; ହୃଦ୍ୟ ଆବେଦନ ବଦଳରେ ସେଠାରେ ପ୍ରାଧାନ୍ୟ ପାଏ କୌଶଳ, ନୈପୁଣ୍ୟ ଓ ବୁଦ୍ଧିଗତ ପରିସ୍ଥି । ଆର୍ଟର ଅର୍ଥ ହେଉଛି ମୁକ୍ତି, ଶୁଦ୍ଧତା ଓ ଏକ ଅଳଙ୍କାରହୀନ ଦୀପ୍ତ ନଗ୍ନତା । ଶିଳ୍ପୀ ହେବ ଆବିଷ୍କାରକ, ଅନୁସନ୍ଧାନୀ ଓ ସେତୁ ନିର୍ମାତା, ଆମ୍ଭମାନଙ୍କ ମାନସ— ରାଜ୍ୟରେ ଅନୁଭୂତିର ନୂତନ ନୂତନ ରାଜ୍ୟର ସଂଯୋଜକ, ଦୂର ଓ ନିକଟ, ଦୃଶ୍ୟ ଓ ଅଦୃଶ୍ୟ, ଅତୀତ ଓ ବର୍ତ୍ତମାନ—ଏଇ ସମସ୍ତ ପ୍ରଥା ସିଦ୍ଧ ଭେଦର ସଂସ୍କାର ଓ ବିମୋଚକ ।

ଶିଳ୍ପ ସହିତ ଜୀବନର ସମ୍ପର୍କ ଯେପରି ନିବିଡ଼ ଓ ଅନ୍ତରଙ୍ଗ, ସମାଜ ଚେତନାର ଶିଳ୍ପସହିତ ସମ୍ବନ୍ଧ ସେହିପରି ଘନିଷ୍ଠ । ଶିଳ୍ପୀର ଜୀବନ-ଅନୁଭୂତି ସହ ସମାଜ ଚେତନା ଅତି ନିଗୂଢ଼ ଭାବେ ସଂଶ୍ଳିଷ୍ଟ । ଶିଳ୍ପ-ସମାଜ ମାନସର ଦର୍ପଣ, ତେଣୁ ଶିଳ୍ପ ଉପରେ ସମାଜ-ଚେତନାର ପ୍ରତିଫଳନ ଅବଶ୍ୟମ୍ଭାବୀ ଓ ବାଞ୍ଛନୀୟ । ପୃଥିବୀର ଶ୍ରେଷ୍ଠ ସାହିତ୍ୟ କୌଣସି ଯୁଗରେ ସମାଜ ନିରପେକ୍ଷ ନଥିଲା ଆଜି ମଧ୍ୟ ନାହିଁ, ଭବିଷ୍ୟତରେ ମଧ୍ୟ ଏ ନିୟମର ବ୍ୟତିକ୍ରମ ଘଟିବାର ଆଶଙ୍କା ନାହିଁ। ମହାକବି ବାଲ୍ମୀକି ବା କବି କାଳିଦାସଙ୍କର କାବ୍ୟ ନାଟକାଦି ଆପାତଃ

ବହିସ୍ତରରେ ନିଚ୍ଛକ ସୌନ୍ଦର୍ଯ୍ୟାୟନ ବୋଲି ମନେ ହୋଇପାରେ, କିନ୍ତୁ ସେଗୁଡ଼ିକର ଗଭୀର ସ୍ତରରେ ଅନ୍ତଃସଳିଳା ଫଲ୍‌ଗୁ ଭଳି ସମାଜ-ଭାବନାର ସ୍ରୋତ ପ୍ରଚ୍ଛନ୍ନ ଧାରରେ ପ୍ରବାହିତ । ମଧ୍ୟ ଓ ଆଧୁନିକ ଯୁଗର ସାହିତ୍ୟରୁ ସମାଜ-ଚେତନା ସମ୍ପୃକ୍ତ ସାହିତ୍ୟର ଅଜସ୍ର ଦୃଷ୍ଟାନ୍ତ ମିଳିଥାଏ । ଦାନ୍ତେଙ୍କର 'ଡିଭିନା କମେଡିଆ' ମୂଳତଃ ପ୍ରେମକାବ୍ୟ, କିନ୍ତୁ ତାର ଅନ୍ତରାଳରେ ନିହିତ ସୁସ୍ପଷ୍ଟ ସମାଜ-ଚେତନାର ଦ୍ୟୋତନା । ସେକ୍ସପିୟରଙ୍କ ସାହିତ୍ୟ ସୃଷ୍ଟି ଉପରେ ଏଲିଜାବେଥୀୟ ଇଂଲଣ୍ଡର ସମାଜ ଚେତନାର ପ୍ରଭାବ ଅତି ସ୍ପଷ୍ଟ । ଇଂରେଜ ଜାତିର ବାଣିଜ୍ୟିକ ଓ ସାମ୍ରାଜ୍ୟବାଦୀ ପ୍ରସାରର ଯୁଗରେ ସେକସ୍‌ପିଅରଙ୍କର ଉଦ୍ଭବ । ତତ୍‌କାଳୀନ ଇଂଲଣ୍ଡୀୟ ଜୀବନର ବାତାବରଣ ଅମିତ ଆଶାବାଦରେ ପୂର୍ଣ୍ଣ, ଏହି ଆଶାବାଦ ଓ ଉତ୍ସାହ ସେକ୍‌ସପିଆରଙ୍କ ସାହିତ୍ୟ ସୃଷ୍ଟି ମଧ୍ୟରେ ଲକ୍ଷ୍ୟଣୀୟ । ଅନ୍ୟ ପକ୍ଷରେ, କବିଗୁରୁ ଗ୍ୟେଟେ ଆର୍ଟକୁ ଜୀବନର ଚରମ ଆଶ୍ରୟ ଓ ସାନ୍ତ୍ୱନା ବୋଲି ଜ୍ଞାନ କରିଥିଲେ । ରୋମାଣ୍ଟିକ ଶିଳ୍ପୀ ହିସାବରେ ତାଙ୍କର ପ୍ରଥମ ଆବିର୍ଭାବ ଏବଂ ରୋମାଣ୍ଟିକ ଆନ୍ଦୋଳନର ସେ ଥିଲେ ଶ୍ରେଷ୍ଠ ଅଧିନାୟକ କିନ୍ତୁ ଫରାସୀ ବିପ୍ଳବ ସଙ୍ଘଟିତ ହେବା ପୂର୍ବରୁ ସମଗ୍ର ୟୁରୋପରେ ଯେଉଁ ଅଶାନ୍ତ ଝଡ଼ର ଆହ୍ୱାନୀ ଗତି ପ୍ରଥମ ଜୀବନର ସୃଷ୍ଟିରେ ରଚନା କରିଥିଲେ ଗ୍ୟେଟେ । ପରେ ଗଭୀର ଅନ୍ତର୍ଦ୍ୱନ୍ଦ୍ୱ ଫଳରେ ଏହି ସାମାଜିକ ଓ ରାଷ୍ଟ୍ରିକ ଆଲୋଡ଼ନର ସାର୍ଥକତାରେ ସନ୍ଦିହାନ ହୋଇ ରୋମାଣ୍ଟିସିଜମର ଉଦ୍ଦାମ ଆବେଗ ଓ ଉଚ୍ଛୃଙ୍ଖଳତାରୁ ସେ ନିଜକୁ ପ୍ରତ୍ୟାହୃତ କରି ନେଇଥିଲେ ଏବଂ କ୍ଲାସିକେଲ ଆଦର୍ଶର ସଂଯମ, ସ୍ଥିତି ଓ ସ୍ଥୈର୍ଯ୍ୟର ସଂସ୍କାରକୁ ଗଭୀର ନିଷ୍ଠାର ସହ ବରଣ କରିବାକୁ ଉନ୍ମୁଖ ହୋଇ ପଡ଼ିଥିଲେ । ବହୁ ପରୀକ୍ଷା ନିରୀକ୍ଷା, ଆତ୍ମ ଜିଜ୍ଞାସା, ସମାଜ ବୀକ୍ଷଣର ମଧ୍ୟ ଦେଇ ତାଙ୍କ ମନର ଏହି ଘଟାନ୍ତର ସମ୍ଭବପର ହୋଇପାରିଥିଲା ଓ ଏଥିପାଇଁ ଗ୍ୟେଟେଙ୍କୁ ନିଜ ଜୀବନରେ ଗଭୀର ବିକ୍ଷୋଭ ସଂଘର୍ଷ ଓ ଅଶାନ୍ତିର ଆଲୋଡ଼ନ ସହ୍ୟ କରିବାକୁ ପଡ଼ିଥିଲା । ଏହା କେବଳ ସମ୍ଭବ ହୋଇଥିଲା ଗ୍ୟେଟେଙ୍କର ତୀବ୍ର ଜୀବନ ବୋଧ ଓ ସମାଜ-ଚେତନା ସକାଶେ ।

ତେଣୁ ଶିଳ୍ପୀର ଶିଳ୍ପ ସୃଷ୍ଟିରେ ସମସାମୟିକତାର ପ୍ରଭାବ ଅତି ସ୍ପଷ୍ଟ । ଯୁଗରେ ବାସକରି ଯୁଗର ଦାବୀ ଅସ୍ୱୀକାର କରିବାର ଶିଳ୍ପ ଭାବନା, ଶିଳ୍ପ ଓ ଶିଳ୍ପୀ ଉଭୟ ନିକଟରେ କ୍ଷତିକାରକ । ନିଜ କାଳରୁ କଳାର ଉପାଦାନକୁ ସଂଗ୍ରହ କଲେ ହିଁ ତା' କାଳୋତୀର୍ଣ୍ଣ ରୂପ ପ୍ରଦାନ କରିବାରେ ଶିଳ୍ପୀ ପ୍ରତିଭାର ବୈଶିଷ୍ଟ୍ୟ । ଗଭୀର, ଆତ୍ମୋପଲବ୍ଧି ସହ ଯୁଗ-ଚେତନାର ( The sense of his own age—T. S. Eliot ) ମଧ୍ୟରେ ସନ୍ନିପାତ ଶିଳ୍ପୀକୁ ଦିଏ ମହତ୍ ସୃଷ୍ଟିର ମହିମାନ୍ୱିତ ପ୍ରେରଣା 'ବିସ୍ତୃତତର ଓ ଗଭୀରତର ମାନବତାର ସାଧନା ଓ ରୂପାୟନ', ଯାହାକି ପ୍ରତି ଶିଳ୍ପ କର୍ମର ମହତ୍ ଲକ୍ଷ୍ୟ, ତା କେବଳ ଏହାରି ଦ୍ୱାରାହିଁ ସାଧିତ ହୋଇଥାଏ । ତେଣୁ ବର୍ତ୍ତମାନ ଯୁଗରେ ପ୍ରତି ଶିଳ୍ପୀ, ସାହିତ୍ୟିକ ଓ ଭାବୁକ ପକ୍ଷରେ ଗଭୀର ଭାବେ ସମାଜ-ଚେତନ ହେବା ଆବଶ୍ୟକ । ବର୍ତ୍ତମାନ ଯୁଗ ଦ୍ୱିଧା, ସଂଶୟ, ଜିଜ୍ଞାସା ଓ ଅନ୍ତର୍ଦ୍ୱନ୍ଦ୍ୱର ଯୁଗ । ବହୁ ବିଚିତ୍ର ଓ ପରସ୍ପର ବିରୋଧୀ ଭାବାଦର୍ଶର ସଂଘାତରେ ଆଧୁନିକ ମନୁଷ୍ୟର ମନ ଆଲୋଡ଼ିତ । ଏଇ ଆଲୋଡ଼ନ ଦ୍ୱାରା ଯେଉଁ ମନ ପ୍ରଭାବିତ ନ ହୁଏ, ସେ ମନ ଶିଳ୍ପ ଚର୍ଚ୍ଚା କ୍ଷେତ୍ରରେ ଅନ୍ତତଃ ପ୍ରବେଶାଧିକାର ଲାଭର ଅନୁପଯୋଗୀ ।

ଏଇ ସମସ୍ତ ଦୃଷ୍ଟି ଭଙ୍ଗୀରୁ ଆଧୁନିକ ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗକୁ ଲକ୍ଷ୍ୟ କଲେ ମହତ୍ ଶିଳ୍ପ ସୃଷ୍ଟିର ଅଭାବ ଲକ୍ଷ୍ୟ କରିବା ସଙ୍ଗେ ତାର ସମ୍ଭାବନା ମଧ୍ୟ କିପରି କ୍ରମଶଃ ପ୍ରତିହତ ହେବାକୁ ବସୁଛି, ସହଜରେହିଁ ଆଖିରେ ତାହା ପଡ଼ୁଥାଏ । ଆମର ଶିଳ୍ପୀଗଣ ମଧ୍ୟରେ ସବୁଠୁ ବଡ଼ ଅଭାବ ହେଉଛି ସାଧନାର ଅଭାବ । ମନ୍ଦିର ପ୍ରାଙ୍ଗଣ-ଗୃହିଣୀ ଦେବଦାସୀକୁ ଦେବୀ ମୂର୍ତ୍ତି ବୋଲି ଭ୍ରମରେ ଜ୍ଞାନ କଲାଭଳି ତରଳ ମାନସିକତାକୁହିଁ ଆମେ ଜୀବନ ବୋଧ, ପ୍ରାଣ ପ୍ରାଚୁର୍ଯ୍ୟ, ଉଦାର ଭାବନା ବୋଲି କଳ୍ପନା କରୁଛୁଁ । ଫଳରେ ସାହିତ୍ୟ 'ଦୈବବାଣୀ'ର ଗୌରବ ଲାଭ କରିବା ପରିବର୍ତ୍ତେ ତା' ହେଉଛି ଦେବଦାସୀର କଣ୍ଠବାଣୀ । ଦ୍ୱିତୀୟତଃ, ମହତ୍ ଚିନ୍ତା ଓ ଅନୁଭବର ଅଭାବରେ ଉନ୍ନତ ରୀତି ବା ଫର୍ମର ଆବିଷ୍କାର ଓ ପ୍ରଚଳନ ସାହିତ୍ୟରେ କ୍ରମଶଃ

ଦୁର୍ଲ୍ଲଭ ହେବାକୁ ବସୁଛି । ଉନ୍ନତ ସ୍ତରର ଆବିଷ୍କାର ବା ସନ୍ଧାନର ପ୍ରୟାସ ଓଡ଼ିଆ ସାହିତ୍ୟରେ ଯେ ଆଦୌ ନାହିଁ ତା ନୁହେଁ, କିନ୍ତୁ ଆଧୁନିକ ଯୁଗର ଶିଗିଜ ଭରା ଶସ୍ତା ଉପନ୍ୟାସ ଓ ଗଳ୍ପ ବହିଙ୍କର ତୁଳନାରେ ତାର ଅନୁପାତ ଅତି ନଗଣ୍ୟ । ଏହା ଦ୍ୱାରା ଜାତିୟ ରୁଚି ଭ୍ରଷ୍ଟ ହେବା ସଙ୍ଗେ କୁରୁଚିର ଜୀବାଣୁ ସହସ୍ର ବର୍ଦ୍ଧିଷ୍ଣୁ ମନକୁ କ୍ରମଶଃ ବିଷାକ୍ତ କରି ତୋଳୁଛି । ଏ ଶିଳ୍ପ ଦୁର୍ଦ୍ଦଶାର ମୁଖ୍ୟ କାରଣ, ଆମ ଶିଳ୍ପୀମାନଙ୍କର 'ଅଳ୍ପରେ ତୁଷ୍ଟି'ର ମନୋଭାବ ଏବଂ ଚିନ୍ତାହୀନ ସାଧନା ପ୍ରୟାସର ଅଭାବ ଓ ଶକ୍ତି ଶୂନ୍ୟତା । ଶିଳ୍ପ ପାଇଁ ନିଜକୁ ଉତ୍ସର୍ଗ କରିବାର ପବିତ୍ର ମନୋଭାବ ବଦଳରେ ଆମ ପ୍ରାଣରେ ଆଧିପତ୍ୟ ବିସ୍ତାର କରିଛି । ଶିଳ୍ପକୁ ନିଜର ସେବା ଦାସୀ କରିବାର ମାନେ ବୃତ୍ତି । ତୃତୀୟତଃ, ଆମର ଏକ ବିଶିଷ୍ଟ ଅଭାବ ହେଉଛି, ଶିଳ୍ପୀ ନିକଟରେ ମହାନ୍ ବ୍ୟକ୍ତିତ୍ୱର ଅଭାବ । ତେଣୁ ଶିଳ୍ପର ବ୍ୟକ୍ତିତ୍ୱ ପ୍ରତିଫଳନର ଅଭାବ ହେତୁ ଶିଳ୍ପ କର୍ମ ଦୁଃସ୍ଥ ଓ ଦୁର୍ବଳ ହୋଇପଡ଼ିବା ସ୍ୱାଭାବିକ । ଜୀବନ-ସାଗରର ଅତଳ ଗଭୀରତାକୁ ସ୍ପର୍ଶ ନ କରି, ତାର ପ୍ରଶାନ୍ତି, ସ୍ଥୈର୍ଯ୍ୟ, ସୁମିତି ଓ ଶୃଙ୍ଖଳାକୁ ଅନୁଭବ ନ କରି ବେଳା ଭୂମିରେ ମାତ୍ର ଛିଡ଼ା ହୋଇ ବିକ୍ଷୋଭିତ ତରଙ୍ଗ ରାଶି ଦର୍ଶନ କରି ଆମେ ସମୁଦ୍ର —ଅବଗାହୀ ଓ ଜୀବନ ସାଧକର ଗୌରବ ନେବାରେ ଯେତିକି ଲାଳାୟିତ, ଆମର ବ୍ୟକ୍ତିତ୍ୱ ସେତିକି ଭ୍ରଷ୍ଟ ଖଣ୍ଡିତ ଓ କ୍ଷୟିଷ୍ଣୁ ହେବାକୁ ଯାଉଛି । ଶିଳ୍ପକର୍ମ ମଧ୍ୟରେ ଆତ୍ମପୁରୁଷର ଆବିର୍ଭାବ ଓ ପ୍ରତିଷ୍ଠା ପାଇଁ 'ସହଜିଆ ସାଧନା' ହେବା ପରିବର୍ତ୍ତେ ଶିଳ୍ପୀକୁ ଜୀବନର ଯୋଗ ମାର୍ଗର କ୍ଷୁରଧାର ପଥର ଯାତ୍ରୀ ଓ ସାଧକ ହେବାକୁ ପଡ଼ିବ । ଏହି ସାଧନା ଫଳରେ ହିଁ ଶିଳ୍ପ ଓ ଶିଳ୍ପୀର ଏକାତ୍ମ ଓ ଅନ୍ତରଙ୍ଗ ଯୋଗ ସମ୍ଭବପର ଓ ପରିଣାମରେ ମହତ୍ ଶିଳ୍ପ ସୃଷ୍ଟିର ସମ୍ଭାବନା । ଚତୁର୍ଥତଃ ଶିଳ୍ପୀମାନଙ୍କ ମଧ୍ୟରେ ଜୀବନ ବୋଧ ବା ଜୀବନ ଘନିଷ୍ଠତାର ଅଭାବ ଯାହାର ଅଭାବ କି ସମଗ୍ର ସୃଷ୍ଟି କର୍ମକୁ ଏକ ପଣ୍ୟତନ୍ତ୍ରର ବହିରଙ୍ଗର ଯାନ୍ତ୍ରିକ କାରିଗରୀ ମଧ୍ୟରେ ଖୁବ୍ ବେଶୀ ହେଲେ ସୀମିତ କରି ରଖୁଛି, ସେଥିରେ ନାହିଁ ଜୀବନର ଶିଳ୍ପ, ଜୀବନର ଐଶ୍ୱର୍ଯ୍ୟ । ଏ ଅଭାବ ଦୂରୀ-କରଣର ଏକମାତ୍ର ଉପାୟ, ଜୀବନ ସମୁଦ୍ରର ନୀରବ ପର୍ଯ୍ୟବେକ୍ଷଣ

ମାତ୍ର ନୁହେଁ, ସମସ୍ତ ବିପଦ ଓ ଦୁର୍ଯୋଗ ବରଣ କରି ସେଥିରେ ଲମ୍ଫ ପ୍ରଦାନ ଓ ଅବଗାହନ । ପଞ୍ଚମ ଓ ଶେଷ ଅଭାବ ହେଉଛି, ଅଧୁନିକ ଶିଳ୍ପୀର ବହୁ କ୍ଷେତ୍ରରେ ସମୟ-ଚେତନା ଓ ସମାଜ-ଚେତନାର ଅଭାବ ଯାହା ଫଳରେ କି ଆଧୁନିକ କଳାସୃଷ୍ଟି ମଧ୍ୟରେ କାଳାତୀତର ରୂପାୟନ ଦୂରେ ଥାଉ, ବର୍ତ୍ତମାନ କାଳର ମଧ୍ୟ ସରସ ଶିଳ୍ପ ପ୍ରତିମା ମିଳିବା ଦୁର୍ଲ୍ଲଭ ହୋଇ ପଡ଼ୁଛି । ଆଧୁନିକ ଶିଳ୍ପୀଗଣ ଶିଳ୍ପ ସହିତ ନିଜର ମହତ୍ ସମ୍ପର୍କ ଅନୁଧ୍ୟାନ କରି ଶିଳ୍ପ କ୍ଷେତ୍ରରେ ଜୀବନସେବୀ ଓ ଜୀବନ ସାଧକ ହୋଇପାରିଲେ ଏ ସମସ୍ତ ଅଭାବ କ୍ରମଶଃ ଦୂରୀଭୂତ ହେବା ସଙ୍ଗେ ଏକ ଉନ୍ନତ ଜୀବନ ଧର୍ମୀ ଓ ମାନବବାଦୀ ସାହିତ୍ୟ ସୃଷ୍ଟି ଅନାୟାସରେ ସମ୍ଭବପର ହୋଇପାରିବ । 'କିନ୍ତୁ ଦୁର୍ଗମ ପଥସ୍ତତ୍ କବୟୋ ବଦନ୍ତି ।'

—×—

# ସାହାରା

**ଶ୍ରୀ ଚନ୍ଦ୍ରଶେଖର ରଥ**

ସମୁଦ୍ର କୂଳରେ ଖେଳିବାକୁ ଯାଇ କେହି କେହି ଅଞ୍ଜଳାରେ ଫେଣ ଗୋଟେଇ ବୁଣି ଦିଅନ୍ତି । ବର୍ମା ଦେଶରୁ ଲମ୍ବି ଆସୁଥିବା ଲହରୀ ଭିତରୁ ସମୁଦ୍ରର ଜଳ ଗୋଟେଇ ଫିଙ୍ଗି ଦିଅନ୍ତି । ଫେରି ଯାଉଥିବା ରେଶମୀ ଲହରୀର ଝିଲ ମିଲ ଝରଣା ଉପରେ ଠିଆହୋଇ ନରମ ବାଲିର ଗର୍ଦ୍ଦ ଭିତରକୁ ବୁଡି ଯିବାର ସୁଖ ଅନୁଭବ କରନ୍ତି । ତାଙ୍କ ଭିତରେ ବାହାରେ ଅସଂଖ୍ୟ ଲହରୀ ଯିବା ଆସିବା କରୁଥାଏ । ଶିପ ଶାମୁକାର ରଙ୍ଗରେ, ଲୀଳାୟିତ ଲହରୀର ସ୍ୱପ୍ନରେ ସେମାନେ ମଜ୍ଜି ଯାଇଥାନ୍ତି । ମଝିରେ ମଝିରେ ହୁଏତ ଭାବୁଥାନ୍ତି ଏତେ ବଡ଼ ସମୁଦ୍ର ଥାଇ କ'ଣ ହେବ; ଏବଂ କ'ଣ ହେବ ଏତେ ନିଷ୍ପ୍ରୟୋଜନ ବାଲି ଥାଇ ?··· ଆଉ କେହି କେହି କିନ୍ତୁ ଅନ୍ୟ ଡାଳର ପକ୍ଷୀ । ସେମାନେ ଦୂରେଇ ବସି ଖେଳ ଦେଖୁଥାନ୍ତି; ମଣିଷର, ଲହରୀର, ଶିପ ଓ ଶାମୁକାର !! ଶୁଖିଲା ବାଲି ଉପରୁ ସେମାନେ ସମୁଦ୍ରକୁ ଦେଖୁଥାନ୍ତି, ତା'ର ଢେଉ ଗଣୁଥାନ୍ତି । ସମୁଦ୍ର ଉପରେ ଘୋଡ଼େଇ ହୋଇ ରହିଥିବା ଆକାଶକୁ ଦେଖୁଥାନ୍ତି ଏବଂ ମୁଠା ମୁଠା ବାଲିନେଇ ହୁଏତ' ଭାବୁଥା'ନ୍ତି—" ଏତେ ଆଦର୍ଶତାର ପ୍ରୟୋଜନ କ'ଣ ? ଏତେ ଲହରୀ-ଲୀଳାର ପ୍ରୟୋଜନ କ'ଣ ? ଆକାଶରେ ତ' ତରଙ୍ଗ ନାହିଁ । ଏ ବାଲି ଗୁଡାକତ ଚଞ୍ଚଳ ନୁହନ୍ତି ! ଜୀବନରେ ଏତେ ଚପଳତା ପାଇଁତ' ଅବକାଶ ନାହିଁ ! ତା'ର ବିସ୍ତୀର୍ଣ୍ଣତା ଉପରେ ବିଛେଇ ହୋଇ ରହିଛି ଅଜସ୍ର ଶୁଖିଲା ବାଲି, ଭିଷୁଡ଼ି ପଡ଼ିଥିବା ଅନେକ କୋଣାର୍କର କୁଡ଼ କୁଡ଼ ବ୍ୟର୍ଥତା !"··· ସେମାନଙ୍କ ଆଖି ଉପରୁ ସମୁଦ୍ର ଲିଭିଯାଏ, ତରଙ୍ଗ ଅପସରି ଯାଏ ।

ବେଳା ବିସ୍ତୀର୍ଣ୍ଣ ହୋଇଯାଏ ଆକାଶ ପରି । ଆକାଶ ଭରିଯାଏ ତାର-କାରେ । ପୃଥିବୀ ଭରିଯାଏ ସାହାରାରେ । ମଝିରେ କେବଳ ବିମୂର୍ତ୍ତ ମଣିଷର ରେଣୁଟିଏ ସ୍ପନ୍ଦିତ ହେଉଥାଏ ।

ବାଲିର ନିସ୍ତରଙ୍ଗ ସମୁଦ୍ର "ସାହାରା" ଏକ ନିରୁଦ୍‌ବେଗ ମରୁକାନ୍ତାର । ସେ ଭୂମିରେ ଝଡ଼ ଉଠେ, ମେଘ ଉଠେନା । କ୍ଳାନ୍ତ ଝଡ଼ର ଡେଣାରୁ କେବଳ ଶୁଖିଲା ବାଲି ହିଁ ବର୍ଷା ହୁଏ । ନିରୁଦ୍ଭିଦା ପୃଥିବୀ ସେଇଠି ନୀରବ ଓଟ ମାନଙ୍କର ପିଠି ପରି ଧୂସର । ତରଳ ତାମ୍ର ସୂର୍ଯ୍ୟପରି ଆକାଶ ସେଠି ଲୋହିତ ଏବଂ ପିଙ୍ଗଳ । ମହା ଶ୍ମଶାନ ପରି ବିସ୍ତୃତ ଏ କ୍ଷାର କ୍ଷେତ୍ରରେ ଦିଗ୍‌ବିଦିଗ୍ ନିଷ୍ଫଳ ଅଙ୍ଗାର ପରି ଜଳୁଥାନ୍ତି । ଦହ୍ୟମାନ ସୂର୍ଯ୍ୟ କେବଳ ସ୍ଫୁଲିଙ୍ଗ ବର୍ଷା କରୁଥାଏ । ଅହରହ ଭଜା ହେଉଥାଏ, ଉତ୍ପୀଡିତ ହେଉଥାଏ ଉତ୍ତପ୍ତ ବାଲୁକା । ଦ୍ୟାବା, ପୃଥିବୀ ଏବଂ ଅନ୍ତରୀକ୍ଷର ଏ ଅଖଣ୍ଡ ଅଗ୍ନ୍ୟୁତ୍ସବରେ ସାହାରା ମୃଗର ତୃଷ୍ଣା ଦିଗ ଚକ୍ରକୁ ମାୟା ବଳୟିତ କରେ । ତୃଷାର୍ତ୍ତ ହୁତାଶନ ଜଳିଉଠେ ତାର ଜଠରରେ, ଶିରା ପ୍ରଶିରାରେ, କାମନା-କେନ୍ଦ୍ରରେ । ପରାସ୍ତ ମୃଗଟିର ଆଖିରେ ନିଆଁ, ଓଠରେ ନିଆଁ, ରୋମେ ରୋମେ ଅଗ୍ନିର ଶିଖା । ସେ ତୃଷା କାତର ହୋଇ ଉପରକୁ ଅନାଏ । ଅନାଏ ତା'ର ସମଗ୍ର ଉତ୍ପୀଡ଼ନର କେନ୍ଦ୍ରକୁ । ଅଭିଯୋଗର ଏହିପରି ଶ୍ୱାସଟିଏ କଣ୍ଠବାଟେ ଉପରକୁ ପହଁରିଯାଏ, "ଅନେକ ଦିନ ତଳେ ଶୁଣିଥିଲି ତୁମେ କୁଆଡ଼େ ପୂଷନ୍ ! ତୁମେ ହିଁ ସବିତା ! ତୁମେ ହିଁ ମେଘ ଗର୍ଭରେ ମଧୁ ସଂଚୟ କରି ଆଶୀର୍ବାଦ ବର୍ଷାକର ! ମିଥ୍ୟା ! ତୁମର କଲ୍ୟାଣତମ ରୂପ ଏକ ପ୍ରତାରଣା ! ଘୋର ଅଗ୍ନି-ତପସ୍ୟା ପରେ ମୁଁ ତୁମର ଦୟନୀୟତା ପାଇଁ ଦୁଃଖ କରୁଛି । ତୁମେ ଯେପରି ଅସହାୟ ଭାବରେ ଜଳିଯାଅ ତା' ମୁଁ ଅନୁଭବ କରୁଛି । ତୁମେ ଉତ୍ପୀଡ଼କ ନୁହଁ; ତୁମେ ମୋର ସହବନ୍ଦୀ ମୋଠାରୁ ତୁମର ଯାତନା ଆହୁରି ଦୁଃସହ, ଆହୁରି ଦୁରନ୍ତ ! ...ଯାହାର ପ୍ରଶାସନରେ ତୁମେ ଏପରି ଜଳିଯାଅ, ସେଇ ସୂର୍ଯ୍ୟର ସୂର୍ଯ୍ୟକୁ ତୁମେ କ'ଣ ଜାଣ ?" ନୀରବ ମୃଗ ତୃଷ୍ଣା ଆହୁରି ତରଙ୍ଗାୟିତ ହୁଏ । ନୀରବ ମାର୍ତ୍ତଣ୍ଡ ଅବାରିତ ଅଗ୍ନି ବର୍ଷା କରିଯାଏ, ପୂର୍ବପରି ।

-ପଥଶେଷରେ ନୀଳନଦୀ, ମଣ୍ଡଳାକାର ରେଖାଏ ତରଙ୍ଗରେ ଲଭି-ଯାଇଛି ! ସାହାରାର କେନ୍ଦ୍ର ଅନନ୍ତ ତୃଷାରେ ଆକାଶରୁ ଅଗ୍ନି ପିଇ ଚାଲିଛି !

ସାହାରା ଆକାଶରେ କମ୍ପନ ଅନୁଭବ କରେ । ନିଜେ କମ୍ପିତ ହୁଏ ! ଶଙ୍କିତ ସଙ୍କୁଚିତ ହୋଇଯାଏ । ଫେରନ୍ତି ଟିକିଏ ଚୁଇଁଦିଏ ରହସ୍ୟମୟୀ ସ୍ଫିନ୍କ୍ସ୍‌କୁ । 'କହେ ! ତୁ କୁଆଡେ ସବୁ ଜାଣୁ ! ଧୂସର ସିଂହରୂପିଣୀ; ପ୍ରାଚୀନତମା ନାରୀ, ତୁ କୁଆଡେ ସୂର୍ଯ୍ୟର ଜନ୍ମ ଦେଖି ଆସିଛୁ ! କହନା ଏ ତୃଷା ମେଣ୍ଟିବାର ନା ନୁହେଁ ?" ସ୍ଫିନ୍କ୍ସ୍ କହେ "'ରା' 'ରା' 'ରା' !!"—ଓଃ, ତା'ର ଏ ପ୍ରଚଣ୍ଡ ମନ୍ତ୍ରରେ ସୂର୍ଯ୍ୟ ଉଇଁ ଆସିବ ପ୍ରଖର, ଶାଣିତ, ପ୍ରୋଜ୍ଜ୍ୱଳ ହୋଇଯିବ ତା'ର ଅଗ୍ନି ।...ସାହାରା ପୁଣି ଶିହରିତ ହୁଏ ।...ରହସ୍ୟମୟୀ ନାରୀ ତାର ଅନନ୍ତ ଗର୍ଭ ଭିତରୁ ଆଉ ଗୋଟିଏ ସ୍ୱର ତୋଳି କହେ, "ସାହାରା, ତୁ ସମୁଦ୍ରର ଶିଶୁ ! ଅତୀତରେ ତୋର ସମଗ୍ର ବିସ୍ତାର ସମୁଦ୍ରର ହିଁ ଉପନିବେଶ ଥିଲା । ସମ୍ରାଟର ଇଚ୍ଛାରେ ତାହା ଘୁଞ୍ଚିଯାଇଛି—ଆକୁଳ ହୋଇଛି ସମୁଦ୍ର । ତୋର ତୃଷା ସମୁଦ୍ରକୁ ଶୋଷିନେବାକୁ ଏବେ ଯଥେଷ୍ଟ ନୁହେଁ । ଆହୁରି ଉତ୍ତପ୍ତ ହୁଅ । ଆହୁରି ଜଳିଯାଅ । ତୋର ତପସ୍ୟା ଉଗ୍ରତର ହେଉ । ସୂର୍ଯ୍ୟଙ୍କୁ ଆବାହନ କର୍ । ସମୁଦ୍ର ଆସିବ—ସମୁଦ୍ର ଆସିବ 'ରା' 'ରା' 'ରା' ।

ସାହାରା ପ୍ରକମ୍ପିତ ହୁଏ । ଦୁରନ୍ତ ଅତୀତର ସମୁଦ୍ର ସ୍ମୃତି ତାକୁ କଣ୍ଟକିତ କରେ । ଭବିଷ୍ୟତର ନୀଳ ଶୀତଳ ସ୍ୱପ୍ନରେ ସେ ଦ୍ରବୀଭୂତ ହୁଏ । ସ୍ୱପ୍ନରେ ଉଚ୍ଚାଟ ସୃଷ୍ଟି ହୁଏ । ସଂକଳ୍ପ ଘୋଷଣା କରେ, ଅବଶ୍ୟ ତପସ୍ୟା ତୀବ୍ରତର ହେବ ! ତୃଷା ତୀକ୍ଷ୍ଣତର ହେବ ! ସୂର୍ଯ୍ୟର ଅଗ୍ନି ଆହୁରି ବର୍ଦ୍ଧମାନ ହେଉ । ଅନ୍ତରୀକ୍ଷରେ ଏକ ମାତ୍ର ଇନ୍ଧନ ରୂପେ ସେ ଜଳିଯାଉ । ଧଗଧଗ ସ୍ଫୁଲିଙ୍ଗ ହୋଇ ଝରି ଯାଆନ୍ତୁ—ତେବେ ହୁଏତ ସମୁଦ୍ର ଆସିବ । ସ୍ଫିନ୍କ୍ସ୍ କହୁଛି ସେ ଅବଶ୍ୟ ଆସିବ । ଯୁଗାବଧି ବ୍ୟାପି ଶୋଷକୁ ଉପେକ୍ଷା କରି, ଅନ୍ତହୀନ ନିରାଶାର ଧୂସର ବାଲିକୁ ଉତ୍କ୍ରମତା କରି, ସାହାରା ସମୁଦ୍ରର ସ୍ୱପ୍ନରେ ବିଭୋର ହୁଏ ।

ରବି ସରି ଆସେ ସାହାରା ସଂକୁଚିତ ହୋଇ ଆସେ ନିଜର କେନ୍ଦ୍ରକୁ । ଶୀତଳ ପ୍ରଭାତରେ ତା'ର ଆତ୍ମା ସ୍ୱପ୍ନରେ ବୋଝେଇ ହୋଇ ଫେରୁଥାଏ । ସେ ସ୍ତମ୍ଭିତ ହୋଇ ଦେଖେ ଯେ ନବୀନା ସନ୍ୟାସିନୀର ଚଳ ଚଳ ଆଖିପତ୍ର ଓଏସିସ୍‌ଟିଏ ! ଧାରେ ଲେଖା ସବୁଜ ଅଞ୍ଜନରେ ରଞ୍ଜିତ ଖୁବ୍ ଗମ୍ଭୀର, ଖୁବ୍ ନେଳ ସେଆଖି, ମୃଗ ତୃଷ୍ଣାଠାରୁ ଆହୁରି ସୁନ୍ଦର; ଆହୁରି ସ୍ନିଗ୍‌ଧ ! ସାହାରା ଚମକି ପଡ଼େ—ଭାବେ, ନୀଳନଦୀ ବୋଧହୁଏ ଏମିତି ଲୁଚିଲୁଚି ଅଭିସାର କରି ଆସିଛି । ବୋଧହୁଏ 'ନାଇଜର' ବି ଲୁଚିଲୁଚି ଆସିବାକୁ ଚାହେଁ । ହୋଇପାରେ ଏହାହିଁ ଅନାଗତ ସମୁଦ୍ରର ପ୍ରଥମ ବିନ୍ଦୁ । ସାହାରା ସେ ସବୁଜ ଅଞ୍ଜନକୁ, ସେ ଗମ୍ଭୀର ନୀଳ ସ୍ନିଗ୍‌ଧତାକୁ ପିଇଯାଏ କି ସ୍ୱପ୍ନରେ ଶୋଇଯାଏ ସେ ଜାଣି ପାରେନା । ମୁହୂର୍ତ୍ତକରେ ଜାଗିଉଠେ ସୂର୍ଯ୍ୟ··· । ଆକାଶ ହୋଇଯାଏ ଲୋହିତ ପିଙ୍ଗଳ ।···ସମଗ୍ର ସାହାରା କେବଳ ନିରାଶାର ଧୂ ଧୂ ବାଲି··· ।

ସାହାରାକୁ ଆପଣ ଅସ୍ୱୀକାର କରିପାରିବେ ନାହିଁ··· । ତା'ର ଏ ତୃଷାର୍ତ୍ତ ବିସ୍ତାର ଦେଖି ହୁଏତ ତାକୁ ଆପଣେଇବାକୁ ଶଙ୍କିତ ହେବେ । ଏତେ ନିରାଶା, ଏତେ ବାଲି, ଏତେ ଶୋଷନେଇ ଆପଣ ବଞ୍ଚିପାରିବେ ନାହିଁ ବୋଲି, ପ୍ରତିଦିନର ସ୍ୱପ୍ନପରେ ଏତେ ପ୍ରବଳ ଭାବରେ ବିଭ୍ରମିତ ହୋଇ ପାରିବେନାହିଁ ବୋଲି ଅସ୍ଥିର ହୋଇ ପଡ଼ିବେ । କାରଣ ଆପଣ ଏବେମଧ୍ୟ ସମୁଦ୍ରର ତରଙ୍ଗ—ମାୟାରେ, ତା'ର ଝିଲମିଲ ଝରଣାରେ ଠିଆ ରହିଛନ୍ତି—ଅସ୍ୱୀକାର କରୁଛନ୍ତି ସମୁଦ୍ରକୁ । ଅସ୍ୱୀକାର କରୁଛନ୍ତି ଏ ବିସ୍ତୀର୍ଣ୍ଣ ବାଲିର ସତ୍ୟକୁ । ସାହାରା ଆପଣଙ୍କ ସମଗ୍ର ଜୀବନର ବିସ୍ତାର । ଆପଣ ଯେଉଁ ଓଏସିସ୍‌ରେ ହଠାତ୍ ପହଞ୍ଚିଛନ୍ତି, ଯେଉଁ ବନ୍ଧୁ ପରିବାରଙ୍କ ସ୍ନିଗ୍‌ଧତାରେ ବିଭୋର ଅଛନ୍ତି—ତା'ର ଉଦ୍ଭିଦ—ବଳୟର ସବୁଜ ଫାଙ୍କବାଟେ ଟିକିଏ ଆଗକୁ ଅନାନ୍ତୁ; ଟିକିଏ ପଶ୍ଚାତକୁ ଅନାନ୍ତୁ ! ଅଜସ୍ର ବାଲିହିଁ ସତ୍ୟ । ସାହାରାରୁ ସାହାରାକୁ ହିଁ ଆପଣଙ୍କ ଯାତ୍ରା । ଆପଣଙ୍କର ସହଚର ଅନନ୍ତ ତୃଷା, ଏବଂ ସବୁବେଳେ ଅପସରି ଯାଉଥିବା ମରୀଚିକାର ମାୟା ।

ସାହାରା ପଞ୍ଚାଗ୍ନି ତପସ୍ୟାରଭୂମି—ସେଠି ଜଳିଯାଏ ଜୀବନର ସବୁପ୍ରକାର ସବୁଜ ମୂଲ୍ୟ; ମଉଳିଯାଏ ସମସ୍ତ ନୀଳପଦ୍ମ । ଧୂସର ଉତ୍ତପ୍ତ ତୃଷିତ ବାଲୁକାହିଁ ସତ୍ୟ ! ତରଳ ତାମ୍ରପରି ଲୋହିତ ପିଙ୍ଗଳ ଆକାଶ ସତ୍ୟ ! ଯାତନା ସତ୍ୟ !···ସୂର୍ଯ୍ୟପରି ତୀବ୍ର, ଶାଣିତ, ନିର୍ମମ, ଏବଂ ଦୁଃସହ ସତ୍ୟ !···ଆପଣଙ୍କର ରକ୍ତକଣିକା ଗୁଡ଼ିକ ବିବିଧଛନ୍ଦରେ ଯେଉଁ ଲୋହିତ ସ୍ୱପ୍ନସୃଷ୍ଟି କରନ୍ତି, ଯେଉଁ ସବୁଜରଙ୍ଗର ତୋରଣ ଭିତରୁ ନୀଳନୀଳ ଓଏସିସ୍ ଆପଣଙ୍କୁ ଆବାହନ କରନ୍ତି, ସେ କେବଳ ମୁହୂର୍ତ୍ତକର ମାୟାଞ୍ଜନ । ଆପଣଙ୍କର ଅନନ୍ତ ବିସ୍ମୃତି କେବଳ ବାଲି ଏବଂ ସୂର୍ଯ୍ୟର ସାହାରା ।

ଏ ବିଚିତ୍ର—ବର୍ଣ୍ଣା ପୃଥିବୀଟି ଗୋଟିଏ ବର୍ତ୍ତୁଳ ଓଏସିସ୍ ! ତାର ଏପାଖେ ବର୍ଣ୍ଣହୀନ, ଅନ୍ତହୀନ ବିପୁଳ ଆକାଶ; ସେପାଖେ ମଧ୍ୟ ଆକାଶ ! ଲକ୍ଷଲକ୍ଷ ସୂର୍ଯ୍ୟ—ପିଣ୍ଡ ଏଠି ଜଳିଯାନ୍ତି ! ଶୁଷ୍କ ନୀହାରିକାର ତାରକା—ରେଣୁ ଗୁଡ଼ିକ ଉତ୍ତପ୍ତ ଝଡ଼ର ବିସ୍ଫୋରଣରେ ଆହତ ହୁଅନ୍ତି; ପୁଣି ଝଡ଼ିପଡ଼ନ୍ତି ରେଣୁରେଣୁ ହୋଇ । ମଣ୍ଡଳକାର ·ବଳୟ ଅନ୍ତରାଳରୁ ଲୁହିଲେ ମଧ୍ୟ ଏ ବ୍ୟାପ୍ତ ଶୁଷ୍କ ସାହାରାର ହିଁ ବ୍ୟାପ୍ତି । ଏ ପୂଷନ୍, ଏ ସବିତା, ଏ ହିରଣ୍ମୟ ଆଦିତ, ଏସମସ୍ତେ କେବଳ ଦହ୍ୟମାନ ଉଲ୍କାପିଣ୍ଡ । ଏଇଠି ଦହନସତ୍ୟ, ପୀଡ଼ନ ସତ୍ୟ, ବିସ୍ଫୋରଣର ଯନ୍ତ୍ରଣା, ତା'ର ଲେଲିହାନ ଅଗ୍ନିସତ୍ୟ । ଏ ସାହାରା; ଦଗ୍ଧୀଭୂତ ହୁଏ ସୂର୍ଯ୍ୟର ଅଶ୍ଳେଷରେ, ବିଡ଼ମ୍ବିତ ହୁଏ ମୃଗତୃଷ୍ଣାର ସ୍ୱପ୍ନରେ । ଏ ମରୁକାନ୍ତାର ଅଗ୍ନିସେବନ କରେ । ଏହାର ତୃଷା ବହ୍ନିମାନ । ନିଷ୍ପନ୍ଦ, ନିର୍ବାକ୍, ଧୂସରବର୍ଣ୍ଣ ଏ ସାହାରା; ଅନନ୍ତ ଯୁଗ-ଚକ୍ରର ବର୍ମ ! ଏଠି ଶ୍ୟାମଳ ଯୁଗାବତାର ଗୁଡ଼ିକ ଓଏସିସ୍‌ର ବିନ୍ଦୁପରି ଲିଭିଯାଆନ୍ତି—ଅବଶିଷ୍ଟ ବିପୁଳ, ଜ୍ୱଳନ୍ତସତ୍ୟ କେବଳ ପରିଦହ୍ୟମାନ ବାଲି ଏବଂ ବହ୍ନିମାନ ସୂର୍ଯ୍ୟ ।

# ଚିନ୍ତାରାଜ୍ୟରେ ସଂଶୟ

**ଶ୍ରୀ ଦେବକାନ୍ତ ମିଶ୍ର**

ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ଘଟିବା ପରଠାରୁ ବିଜ୍ଞାନ ଓ ବୈଷୟିକ ଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରତି ପୃଥିବୀର ଜନ ସାଧାରଣ ଯେପରି ସଚେତନ ହୋଇଥିଲେ ଏବଂ ବିଜ୍ଞାନର ବ୍ୟାବହାରିକ ଉପଯୋଗ ହେତୁ ବୈଷୟିକ କ୍ଷେତ୍ରରେ ଯେପରି ଆଶାତୀତ ସମୃଦ୍ଧି ସାଧିତ ହେଲା, ତାହା ଜନମାନସରେ ବିଜ୍ଞାନ ପ୍ରତି ଏକ ଅଭୂତପୂର୍ବ ସଶ୍ରଦ୍ଧ ମନୋଭାବର ଉଦ୍ରେକ ଘଟାଇଥିଲା । ରାଡ଼ାର-ଯନ୍ତ୍ରର କର୍ମ ପ୍ରବଣତା ହେତୁ ଶତ୍ରୁପକ୍ଷର ଅତର୍କିତ ବିମାନ ଆକ୍ରମଣ କବଳରୁ ସ୍ୱଦେଶକୁ ରକ୍ଷାକରିବାର ଅଭିନବ ଉପାୟ, ସଙ୍କେତ ଆଦାନ ପ୍ରଦାନ କରିବାର ବିଚକ୍ଷଣ ପଦ୍ଧତି ଏବଂ ସର୍ବୋପରି ପରମାଣୁ ବୋମାର ବିସ୍ଫୋରଣ ଯୋଗୁଁ ମିତ୍ରଶକ୍ତି ନାଟକୀୟ ଭାବରେ ଦ୍ୱିତୀୟ ମହାଯୁଦ୍ଧର ଅବସାନ ଘଟାଇ ପାରିଥିଲେ । ବୈଜ୍ଞାନିକ ଗବେଷଣା ପ୍ରତି ଗୁରୁତ୍ୱ ଆରୋପକରି ଓ ଏବଂବିଧ ଗବେଷଣାପ୍ରସୂତ ତଥ୍ୟରାଜିକୁ ପ୍ରତିରକ୍ଷା ପାଇଁ ନିୟୋଜିତ କରି ମିତ୍ରଶକ୍ତି ଏକ ପ୍ରବଳ ପରାକ୍ରମୀ ଶତ୍ରୁକୁ ଦମନ କରିଦେବା ପରେ ପ୍ରତ୍ୟେକ ଦେଶର ନେତୃବର୍ଗଙ୍କ ଚକ୍ଷୁ ଉନ୍ମୀଳିତ ହେଲା । ସେମାନେ ଚାହିଁଲେ ବିଜ୍ଞାନବଳରେ ସ୍ୱଦେଶକୁ ବଳୀୟାନ କରିବାକୁ । ପୃଥିବୀର ବିଭିନ୍ନ ଦେଶର ଜନନାୟକ ମାନେ ବୈଜ୍ଞାନିକ ଗବେଷଣାକୁ ଅଗ୍ରାଧିକାର ଦେବାପୂର୍ବକ ଶିଳ୍ପ, କୃଷି, ଚିକିତ୍ସା ପ୍ରଭୃତି କ୍ଷେତ୍ରରେ ନିଜନିଜ ଦେଶରେ ବିବିଧ ଜନକଲ୍ୟାଣ ମୁଖୀ ଯୋଜନା ଗୁଡ଼ିକୁ କାର୍ଯ୍ୟକାରୀ କରାଇବା ପାଇଁ ଆଗ୍ରହୀ ହେଲେ । ପ୍ରତ୍ୟେକ ଦେଶ ନିଜ ଦେଶକୁ ଅନ୍ୟଦେଶଠାରୁ ଅଧିକ

ଶିଳ୍ପୋନ୍ନତ କରିବା ପାଇଁ ଯତ୍ନଶୀଳ ହେବାରୁ ବୌଦ୍ଧିକ କ୍ଷେତ୍ରରେ ଏକ ତୁମୁଳ ପ୍ରତିଯୋଗିତା ସଙ୍ଘଟିତ ହେଲା । ମେଧାବୀ, ପ୍ରତିଭାସମ୍ପନ୍ନ ବୈଜ୍ଞାନିକ ମାନଙ୍କୁ ବୈଜ୍ଞାନିକ ଗବେଷଣା ପରିଚାଳନା କରିବା ପାଇଁ ଅନୁକୂଳ ପରିବେଶ ଯୋଗାଇ ଦିଆଗଲା । ଏବଂ ପ୍ରତ୍ୟେକ ଦେଶର ବୈଜ୍ଞାନିକ ଗଣ ଯୁଗାନ୍ତକାରୀ ମହନୀୟ ଉଦ୍ଭାବନ ଗୁଡିକୁ ସଙ୍ଘଟିତ କରିବା ପାଇଁ ଏକନିଷ୍ଠ ଉଦ୍ୟମ ଚଳାଇଲେ । କାରଣ ଯେଉଁ ବୈଜ୍ଞାନିକ ଗଣ ଯେତେଶୀଘ୍ର ଉଚ୍ଚକୋଟୀର ଉଦ୍ଭାବନଗୁଡ଼ିକୁ ସଙ୍ଘଟିତ କରିପାରିଲେ, ସେଦେଶ ବୌଦ୍ଧିକ କ୍ଷେତ୍ରରେ ଅଧିକ ପରିମାଣରେ ଆନ୍ତର୍ଜାତୀୟ ସୁଖ୍ୟାତି ଅର୍ଜନ କରିପାରିଲା । ବ୍ୟୟ ସାପେକ୍ଷ ବୈଜ୍ଞାନିକ ଗବେଷଣା ଚଳାଇବା ପାଇଁ ଶିଳ୍ପୋନ୍ନତ ପାଶ୍ଚାତ୍ୟ ଦେଶମାନଙ୍କରେ ପୁଞ୍ଜିର ଅଭାବ ନଥିବାରୁ, ସେହିଦେଶ ମାନଙ୍କରେ ଅତ୍ୟଳ୍ପ ସମୟ ମଧ୍ୟରେ ବହୁ ଚମକ୍‌ପ୍ରଦ ଉଦ୍ଭାବନ ସଙ୍ଘଟିତ ହେଲା ଏବଂ ପ୍ରାୟୋଗିକ କ୍ଷେତ୍ରରେ ଏଗୁଡିକୁ ଭିତ୍ତିକରି ସେହି ଦେଶର କର୍ମ କୁଶଳୀ ବ୍ୟକ୍ତିମାନେ ପ୍ରତିରକ୍ଷା, ଶିଳ୍ପ, କୃଷି, ଚିକିତ୍ସା ପ୍ରଭୃତି କ୍ଷେତ୍ରରେ ଅଶେଷ ସମୃଦ୍ଧି ସାଧନ କଲେ । ଶବ୍ଦଠାରୁ ଦ୍ରୁତବେଗରେ ଧାବିତ ଜେଟ୍ ବିମାନ, କ୍ଷେପଣାସ୍ତ୍ର, ପ୍ରଳୟଙ୍କରୀ ପରମାଣୁ ବୋମା ଓ ଉଦ୍‌ଜାନ ବୋମା, ବିଭିନ୍ନ ପ୍ରକାର ଆଣ୍ଟି—ବାୟୋଟିକ୍ ଜାତୀୟ ଦୁରାରୋଗ୍ୟ ବ୍ୟାଧି ଉପଶମକାରୀ ଔଷଧ, ଅଭିନବ ଶଲ୍ୟ ଚିକିତ୍ସା ପଦ୍ଧତି, ଶକ୍ତି ଯୋଗାଣ ପାଇଁ ଅଭିନବ ଉତ୍ସର ସନ୍ଧାନ ପ୍ରଭୃତି ଐତିହାସିକ ଆବିଷ୍କାରଗୁଡ଼ିକ ଯୋଗୁଁ ବିଜ୍ଞାନହିଁ ହେଲା ସର୍ବଥା ବନ୍ଦନୀୟ । ଏହାର ମହିମା କୀର୍ତ୍ତନ କରିବା ପୂର୍ବକ ମନୁଷ୍ୟ ଏହାବଳରେ ପ୍ରକୃତିକୁ ଜୟକରି ଯେ କୌଣସି ଅଭିଳାଷ ପୂରଣ କରିବା ପାଇଁ କାର୍ଯ୍ୟରତ ହେଲା । ଅଚିରେ ସେ ନିଜ ସୃଜନୀ ଶକ୍ତିର ସଦୁପଯୋଗ କରି ଦାୟାଦିକ ସୂତ୍ରରେ ( Heredity ) ଆହରଣ ସମ୍ବନ୍ଧୀୟ ଜୈବିକ ପ୍ରକ୍ରିୟା ସମ୍ପର୍କରେ ସଠିକ ଜ୍ଞାନ ଅର୍ଜନ କଲା, ମହାକାଶ ଯାନରେ ଆସୀନ ହୋଇ ଚନ୍ଦ୍ରପୃଷ୍ଠରେ ଅବତରଣ କରିବା ପୂର୍ବକ ସେ ନିଜର ଚିରପୋଷିତ ଅଦମ୍ୟ କୌତୁହଳକୁ ଚରିତାର୍ଥ କରିପାରିଲା ଏବଂ ନିଜର ମସ୍ତିଷ୍କଠାରୁ ଦ୍ରୁତହାରରେ ଗାଣିତିକ ହିସାବ ଓ ତାତ୍ତ୍ୱିକ ଗବେଷଣାର

ଏକ ନିର୍ଣ୍ଣୟ କରିପାରୁଥିବା କ୍ଲାନ୍ତିହୀନ ଯନ୍ତ୍ରଦାନବ ବା କଂପ୍ୟୁଟର ଯନ୍ତ୍ର ନିର୍ମାଣ କରି ସେ ନିଜ ଚିନ୍ତାଶକ୍ତିର ପରାକାଷ୍ଠା ପ୍ରଦର୍ଶନ କଲା । ବର୍ତ୍ତମାନ ଜୈବିକ ପଦାର୍ଥ ବିଜ୍ଞାନ ଓ ଜୈବ ରସାୟନ ଶାସ୍ତ୍ର ସଂବନ୍ଧୀୟ ତାତ୍ତ୍ୱିକ ଗବେଷଣା ନେଇ ସେ ଯେକୌଣସି ଅସାଧ୍ୟ ରୋଗର ଉପଶମ ଘଟାଇବା ପାଇଁ, ମନୁଷ୍ୟକୁ ମୃତ୍ୟୁଞ୍ଜୟୀ କରିବା ପାଇଁ, ଏବଂ ଇଚ୍ଛା ମୁତାବକ କର୍ମପ୍ରବର ମନୁଷ୍ୟ ସୃଷ୍ଟି କରିବା ପାଇଁ ଗବେଷଣା ଚଳାଇଛି । କମ୍ପ୍ୟୁଟର ଯନ୍ତ୍ରର କର୍ମ ଦକ୍ଷତାକୁ ଆହୁରି ବହୁ ଗୁଣରେ ବର୍ଦ୍ଧିତ କରାଇବା ପୂର୍ବକ ପ୍ରକୃତିର ଯେ କୌଣସି ରହସ୍ୟ ଉନ୍ମୋଚନ କରିବା ଉଦ୍ଦେଶ୍ୟରେ ତାତ୍ତ୍ୱିକ ଗବେଷଣା ଚଳାଇବା ଉପଲକ୍ଷେ ସେ ସଂକଳ୍ପ ବଦ୍ଧ । ବିଶ୍ୱର ଯେ କୌଣସି ଏକ ଜ୍ୟୋତିଷ୍କର ପୃଷ୍ଠଦେଶରେ ପଦପାତ କରିବା ପାଇଁ ସେ ଆଗ୍ରହୀ । ଆଲୋକଠାରୁ ଅଧିକ ବେଗଗାମୀ ଯାନ ନିର୍ମାଣ କରିବା ପାଇଁ ସେ କର୍ମ ତତ୍ପର । ପରମାଣୁର ଅଭ୍ୟନ୍ତରୀଣ ଗଠନ ଓ ବିଶ୍ୱସୃଷ୍ଟିର ରହସ୍ୟ ଉଦ୍‌ଘାଟନ ଉପଲକ୍ଷେ ବିଚକ୍ଷଣ କର୍ମନିପୁଣ ଯନ୍ତ୍ରଗୁଡ଼ିକର ସହାୟତାରେ ସେ ଗବେଷଣାରତ । ସମୁଦ୍ରର ଅତଳ ଗର୍ଭରୁ ଖଣିଜ ସମ୍ପଦ ବା ପ୍ରାକୃତିକ ଇନ୍ଧନ ସଂଗ୍ରହ କରିବା, ସମୁଦ୍ରର ଜଳରୁ ସଂଯୋଜନ ପ୍ରକ୍ରିୟା ଅନୁସୃତ ଅମାପ ପରମାଣୁ ଶକ୍ତି ଆଦାୟ କରିବା ପ୍ରଭୃତି ବହୁବିଧ ସମସ୍ୟା ଗୁଡ଼ିକର ସମାଧାନ କଲେ ସେ ସାଧନରତ । ଏପରିକି ଯେ କୌଣସି ଏକ ଦେଶର ଅର୍ଥନୈତିକ, ସାମାଜିକ ସମସ୍ୟାର ସମାଧାନ ପାଇଁ ବିଜ୍ଞାନ ହିଁ ପଥ ପ୍ରଦର୍ଶକ ହୋଇପାରିବ ବୋଲି ସେ ଆଶାବାଦୀ । ଶିଳ୍ପୋନ୍ନତ ଯୁକ୍ତରାଷ୍ଟ୍ର ଆମେରିକାର ଗୋଟିଏ ଘଟଣାକୁ ବିଚାରକୁ ନେଲେ ଏଠାରେ ଅପ୍ରାସଙ୍ଗିକ ବୋଧ ହେବନାହିଁ । ୧୯୬୭ ମସିହାରେ ଦୁର୍ଘଟଣା ବଶତଃ ଅଗ୍ନ୍ୟୁତ୍ପାତ ଘଟିବା ହେତୁ ସେ ଦେଶର କେତୋଟି ସହରାଞ୍ଚଳରେ ଧନ ଜୀବନର ଅଶେଷକ୍ଷତି ଘଟିଲା । ସହରାଞ୍ଚଳରେ ଏପରି ଅହେତୁକ ବିପର୍ଯ୍ୟୟ ଯେପରି ଆଉ ନ ଘଟିବ, ତା'ର ପ୍ରତିକାର ମୂଳକ ବ୍ୟବସ୍ଥା କରିବା ପାଇଁ ଜନ ସାଧାରଣ ଉଦ୍‌ବେଗ ପ୍ରକାଶ କରିଥିଲେ । ଶିଳ୍ପ ସମୃଦ୍ଧ ଜନାକୀର୍ଣ୍ଣ ନଗର ମାନଙ୍କରେ ଅଗ୍ନି ଉତ୍ପାତ ଭଳି ଏକ ଶୋଚନୀୟ ଦୁର୍ଘଟଣାକୁ ରୋକିବା ସହଜ ନୁହେଁ ବୋଲି ମତ ପ୍ରକାଶ ପାଇଲା । ଏତିକିବେଳେ ପୃଥିବୀ ପ୍ରସିଦ୍ଧ ମାସାଚୁସେଟ୍‌ସ୍ ଇନ୍‌ଷ୍ଟିଚ୍ୟୁଟ୍

ଅଫ୍‌ଟେକ୍‌ନୋଲଜି ନାମକ ଏକ ଉଚ୍ଚ ଶିକ୍ଷାନୁଷ୍ଠାନରେ ଇଞ୍ଜିନିୟରିଙ୍ଗ ବିଭାଗର ତତ୍‌କାଳୀନ ଡିନ୍ ତଥା ପ୍ରବୀଣ ଶିକ୍ଷାବିତ୍ ଗର୍ଡନ୍ ବ୍ରାଉନ୍ ଘୋଷଣା କରିଥିଲେ ଯେ, ସମାଧାନ କରାଯାଇ ପାରୁ ନଥିବା କୌଣସି ଏକ ସଂକଟାପନ୍ନ ପରିସ୍ଥିତି ଯେ ସହରାଞ୍ଚଳରେ ଉପୁଜିପାରେ, ଏକଥା ସେ ବିଶ୍ୱସୁ ନାହାନ୍ତି; ଦ୍ୱିତୀୟ ବିଶ୍ୱମହାଯୁଦ୍ଧ ଭଳି ଏକ ଗୁରୁତର ସମସ୍ୟାର ଯେପରି ସନ୍ତୋଷ ଜନକ ସମାଧାନ କରାଯିବା ସମ୍ଭବ ହୋଇଛି, ଏମ୍: ଆଇ: ଟି:ର କୁଶଳୀ ବୈଜ୍ଞାନିକଗଣ ଯେ କୌଣସି ସମସ୍ୟାର ସମାଧାନ କରିବା ପାଇଁ ତଦନୁରୂପ ସନ୍ତୋଷ ଜନକ ଉପାୟ ନିର୍ଦ୍ଧାରଣ କରି ପାରିବେ । ସେ ପ୍ରସଙ୍ଗ କ୍ରମେ କହିଥିଲେ, "I doubt if there is such a thing as an urban crisis, but if there were, M. I. T. would lick it in the same way we handled the second world war." । ବିଜ୍ଞାନ ପ୍ରତି ଅସୀମ ଶ୍ରଦ୍ଧା ଜ୍ଞାପନ କରିଥିବା ଏବଂ ତା'ର ସମ୍ମୋହନ ଶକ୍ତି ନିକଟରେ ପରାଭୂତ ହୋଇଥିବା ମନୁଷ୍ୟମାନଙ୍କର ଏପରି ଆଶାବାଦୀ ତଥା ଦାମ୍ଭିକ ଉକ୍ତି ପ୍ରତି ଅବଜ୍ଞା ପ୍ରକାଶ କରିନଥିଲୁ ।

ମାତ୍ର ବିଂଶଶତାବ୍ଦୀର ସପ୍ତଦଶକର ଅସ୍ତମାରମ୍ଭଠାରୁ ଦେଖା-ଯାଉଛି ଯେ ମନୁଷ୍ୟର ଚିନ୍ତାରାଜ୍ୟରେ ବିଜ୍ଞାନ ପ୍ରତି ସଂଶୟର କୁହେଳିକା ଧୀରେ ଧୀରେ ପ୍ରତିପତ୍ତି ବିସ୍ତାର କରୁଛି । ଅବଶ୍ୟ ବିଜ୍ଞାନ ପ୍ରତି ତା'ର ମୋହ ସମ୍ପୂର୍ଣ୍ଣରୂପେ ତୁଟିଲାଣି ବୋଲି ଏଠାରେ କୁହାଯାଉ ନାହିଁ । ମାତ୍ର ପୂର୍ବରୁ କୌଣସି ମହମାମୟ ଆବିଷ୍କାର ତା ମାନସ ପଟରେ ଯେପରି ଗୁଞ୍ଜନ ସୃଷ୍ଟି କରୁଥିଲା ବା ଯେପରି ରୋମାଞ୍ଚ ଅନୁଭବ କରୁଥିଲା, ବର୍ତ୍ତମାନ ତଦନୁରୂପ ପ୍ରତିକ୍ରିୟା ପ୍ରକାଶ କରିବାକୁ ସେ ଆଉ ଆଗ୍ରହୀ ହେବା ପରି ପ୍ରତୀତ ହେଉନାହିଁ । ମଙ୍ଗଳ ଗ୍ରହକୁ ଯାତ୍ରା, ଅତ୍ୟୁଚ୍ଚ ବିଭବ ଦ୍ୱାରା କ୍ରିୟାଶୀଳ ତ୍ୱରକ ଯନ୍ତ୍ର ଗୁଡ଼ିକର ପ୍ରସ୍ତୁତି, ସମୁଦ୍ରର ଅତଳ ଗହ୍ୱରରେ ପହଞ୍ଚିବାପାଇଁ ଏବଂ ସେଠାରୁ ମନୁଷ୍ୟର ଉପଯୋଗୀ ପ୍ରାକୃତିକ ସଂପଦ ସଂଗ୍ରହ କରିବା ପାଇଁ ଆନୁଷଙ୍ଗିକ ଯନ୍ତ୍ରକୌଶଳର ଆବିଷ୍କାର, ଅଭିନବ ଯନ୍ତ୍ରକୌଶଳକଟଣ ତଥା ଅଦ୍ଭୁତ ପୂର୍ବ ଶକ୍ତି-ଶାଳୀ କମ୍ପ୍ୟୁଟର ଯନ୍ତ୍ରଗୁଡ଼ିକର ପ୍ରସ୍ତୁତି ପ୍ରଭୃତି ଘଟଣା ଗୁଡ଼ିକ ସଂପ-

କରେ ସଂବାଦପତ୍ର ମାନଙ୍କରେ ତଥ୍ୟଗୁଡ଼ିକ ପ୍ରକାଶିତ ହେଉଥିଲେ ମଧ୍ୟ ମନୁଷ୍ୟ ଆଜି ଏଗୁଡ଼ିକୁ ପାଠକରି ପୂର୍ବବତ୍ ପୁଲକିତ ହେଉନାହିଁ । କାରଣ ଭବିଷ୍ୟତରେ ଏପରି ବହୁମୂଲ୍ୟ ଯାପେକ୍ଷ ଯନ୍ତ୍ରଗୁଡ଼ିକର ବିନି-ଯୋଗରେ ମନୁଷ୍ୟ ଯେ ଉପକୃତ ହୋଇପାରିବ, ଏଗୁଡ଼ିକ ଯେ ଆମ ସଭ୍ୟତା ଓ ସଂସ୍କୃତିର ବିକାଶ ପାଇଁ ଅଭିପ୍ରେତ : ନିଃସନ୍ଦେହ ଭାବରେ ଏପରି ମନୋଭାବ ପୋଷଣ କରିବାକୁ ସେ ବିମୁଖ ହେଲାଣି ।

ବିଂଶ ଶତାବ୍ଦୀର ଶେଷ ଭାଗରେ ଦୃଢ଼ଅଭିଜ୍ଞତାରୁ ଆମେ ଉପଲବ୍ଧି କରୁଛୁ ଯେ ବିଜ୍ଞାନର ଅଗ୍ରଗତି ସହ ତାଳ ମିଳାଇ ବୈଷୟିକ ଜ୍ଞାନର ଦ୍ରୁତ ପ୍ରଗତି ସାଧିତ ହୋଇଥିବା ଯୋଗୁଁ ମନୁଷ୍ୟ ବର୍ତ୍ତମାନ ଯନ୍ତ୍ର ସାହାଯ୍ୟରେ କଷ୍ଟକର କାର୍ଯ୍ୟଗୁଡ଼ିକୁ ଅନାୟାସରେ ଓ ଅଳ୍ପ ସମୟ ମଧ୍ୟରେ ଅଧିକ ଦକ୍ଷତାର ସହ ସଂପାଦନ କରିପାରୁଛି । ଏଥିପାଇଁ ପ୍ରତ୍ୟେକ ଦେଶର ବିଭିନ୍ନ ସ୍ଥାନମାନଙ୍କରେ ଶହ ଶହ କଳକାରଖାନା ସ୍ଥାପନ କରାଯାଉଛି । କାରଖାନାମାନଙ୍କରୁ ଉତ୍ଥିତ ଧୂମ, ସେଠାରୁ ନିଷ୍କାସିତ ହେଉଥିବା ଆବର୍ଜନା, ତେଜସ୍କ୍ରିୟତାର ପ୍ରଭାବ, ମନୁଷ୍ୟର ଚେତନା ରାଜ୍ୟରେ ବିଭିନ୍ନ କଳ ଓ ବେଗଗାମୀଯାନ ନିଃସୃତ ଅବାଞ୍ଛିତ ଶବ୍ଦର ଅହରହ ଉତ୍ପୀଡ଼ନ ପ୍ରଭୃତି ବିଭିନ୍ନ କାରଣ ଗୁଡ଼ିକ ଯୋଗୁଁ ବର୍ତ୍ତମାନ ପୃଥିବୀର ପରିବେଶ ବିଷାକ୍ତ ହୋଇଯାଉଛି । ଶିଳ୍ପୋନ୍ନତ ପାଶ୍ଚାତ୍ୟ ଦେଶ-ମାନଙ୍କରେ ପରିବେଶର ଦୂଷିତୀକରଣ ବର୍ତ୍ତମାନ ଏପରି ସଙ୍କଟ ଜନକ ପରିସ୍ଥିତିରେ ଉପନୀତ ହୋଇଛି ଯେ ଏଣିକି ଏହାକୁ ରୋକିବା ପାଇଁ କୌଣସି ଆଇନ୍ ସଙ୍ଗତ ପ୍ରତିକାର ମୂଳକ ବ୍ୟବସ୍ଥା କରାନଗଲେ ଅଚିରେ ବସୁମାତା ମନୁଷ୍ୟର ବାସଯୋଗ୍ୟ ହୋଇପାରିବ ନାହିଁ ବୋଲି ଚିନ୍ତାଶୀଳ ବ୍ୟକ୍ତିମାନେ ମତ ପ୍ରକାଶ କଲେଣି । ମନୁଷ୍ୟଠାରେ ଲକ୍ଷ୍ୟ କରାଯାଉଥିବା ମାନସିକ ବିକୃତି, ସ୍ନାୟବିକ ଦୁର୍ବଳତା, ଅକାଳ ବାର୍ଦ୍ଧକ୍ୟ; ଦୃଷ୍ଟି ଶକ୍ତି ଓ ଶ୍ରବଣ ଶକ୍ତିରେ ହ୍ରାସ, ନିଶାଦ୍ରବ୍ୟ ସେବନ କରିବା ପାଇଁ ତୀବ୍ର ଲାଳସା ଏବଂ ବିଭିନ୍ନ ଦୁରାରୋଗ୍ୟ ବ୍ୟାଧି ଗୁଡ଼ିକର ସଂକ୍ରମଣ ପ୍ରଭୃତି ଦୁଃଖାବହ ଘଟଣା ଗୁଡ଼ିକ, ବିଜ୍ଞାନର ଅପରିଣାମଦର୍ଶୀ ବ୍ୟାପକ ପ୍ରସାର ହେତୁ ଉପୁଜୁଛି ବୋଲି ସେମାନେ ଦୃଢ଼ମତ ବ୍ୟକ୍ତ କରୁଛନ୍ତି । ବିଜ୍ଞାନରେ ଅନିୟନ୍ତ୍ରିତ ପ୍ରସାରକୁ ଆଜି ସହ୍ୟ କରି ନହେବା

ସପକ୍ଷରେ ସେମାନେ ଜନମତ ସଂଗ୍ରହ କଲେଣି । ପରିବେଶ-ଦୂଷିତ କରଣ ବିରୋଧରେ ବହୁତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଗେଇ ଆସିଥିବା ବୁଦ୍ଧିଜୀବୀଗଣ ବର୍ତ୍ତମାନ ଘୋଷଣା କଲେଣି ଯେ ସର୍ବଂସହା ବସୁମାତା ଆମକୁ ଲାଳନ ପାଳନ କରିବା ପାଇଁ ଅମାପ ସମ୍ପଦ ଓ ପ୍ରଚୁର ଶକ୍ତିଦାନ କରିଛି । ମାତ୍ର ଅପରିଣାମ ଦର୍ଶୀ ଅକୃତଜ୍ଞ ମାନବ ସମାଜ ତାହାକୁ ତିଳେ ତିଳେ ହତ୍ୟା କରିବା ପାଇଁ କୁଣ୍ଠାବୋଧ କରୁନାହିଁ । ଆପଣା ହସ୍ତେ ଆପଣାର ଜିହ୍ୱାଚ୍ଛେଦନ କରିବାପାଇଁ ମନୁଷ୍ୟ ଯେପରି କର୍ମ ତତ୍ପର ହେଉଛି, ସେପରି ସ୍ୱାର୍ଥାନ୍ଧ ମନୋବୃତ୍ତିର ଫଳ ସ୍ୱରୂପ ସେ ନିଜେ ଧରଣୀ ବକ୍ଷରୁ ନିଶ୍ଚିହ୍ନ ହୋଇଯିବ । ଜେରି କ୍ରେଣ୍ଡି ନାମକ ଜନୈକ ପ୍ରବୀଣ ସମାଜ ବିଜ୍ଞାନୀ ତଥା ସିଦ୍ଧହସ୍ତ ଲେଖକ ଏକ ଚିନ୍ତା ଉଦ୍ଦ୍ରେକକାରୀ ପ୍ରବନ୍ଧରେ ପ୍ରସଙ୍ଗ କ୍ରମେ ଲେଖିଛନ୍ତି, "The earth has yielded to us great quantities of energy and wealth. Yet we have not played the role of wise husbandman. Our earth is wounded. and we are wielding the death weapon. Our collective selfishness may kill us unless we find a new way to live". ବିଜ୍ଞାନ ପ୍ରତି ସଂଶୟଭାବ ଜାତ କରାଇବା ମୂଳରେ ସ୍ଥୂଳ ଦୃଷ୍ଟିକୋଣରୁ ବିଚାର କରିବା ଦ୍ୱାରା ଜଣାପଡ଼ୁଛି ଯେ ପରିବେଶର ଦୂଷଣୀକରଣ ହିଁ ଏକ ମୁଖ୍ୟ କାରଣ । ମାତ୍ର ଦାର୍ଶନିକ ଦୃଷ୍ଟିକୋଣରୁ ବିଚାର କରିବା ଦ୍ୱାରା ମଧ୍ୟ ଜଣାପଡ଼ୁଛି ଯେ ବିଜ୍ଞାନ ପ୍ରତି ବୀତସ୍ପୃହ ମନୋଭାବ ଜାଗ୍ରତ କରାଇବା ଦିଗରେ ବିଜ୍ଞାନର କ୍ରମୋନ୍ନତି ପଥରେ ପରିପନ୍ଥୀ ରୂପେ ଗଣ୍ୟ ହେଉଥିବା ଅଯୌକ୍ତିକ କାରଣ ବହିର୍ଭୂତ (irrational) ତଥା ରହସ୍ୟାବୃତ (mystical) ଘଟଣାଗୁଡ଼ିକ ଦାୟୀ । ଯୁକ୍ତି ସଙ୍ଗତ ତତ୍ତ୍ୱ ବା ପ୍ରାମାଣିକ ତଥ୍ୟଗତ ପର୍ଯ୍ୟବସିତ ସ୍ପଷ୍ଟୀକରଣ ଜରିଆରେ ଏପରି ଘଟଣା ଗୁଡ଼ିକ ସଂପର୍କରେ ସ୍ପଷ୍ଟ ଧାରଣା ଯୋଗାଇ ଦିଆଯିବା ସମ୍ଭବ ନ ହେଉଥିବାରୁ ଏବଂ ଯେଉଁ ପ୍ରକାର ବସ୍ତୁବାଦୀ (objective) ଅଭିମୁଖ୍ୟ ଘେନି ଗବେଷଣା ଚଳାଇବାଦ୍ୱାରା ବିଜ୍ଞାନର ସମୃଦ୍ଧି ସାଧିତ ହୋଇଛି, ତଦନୁରୂପ ପନ୍ଥା ଅନୁସରଣ କରିବା ଦ୍ୱାରା ଏବମ୍ବିଧ ରହସ୍ୟମୟ ଘଟଣା ସମ୍ପର୍କରେ ସଠିକ ଜ୍ଞାନ ଅର୍ଜନ କରିବା ଅବାସ୍ତବ

ପକ୍ଷପାତମାନ ହେଉଥିବାରୁ କେତେକ ଚିନ୍ତାନାୟକ ବୈଜ୍ଞାନିକ ଗବେଷଣା ପରିଚାଳନା କରିବାର ଗତାନୁଗତିକ ପଦ୍ଧତି ପ୍ରତି ସନ୍ଦେହ ପ୍ରକାଶ କଲେଣି ସୁପ୍ରସିଦ୍ଧ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ସୁନାମଧନ୍ୟ ଜୀବବିଜ୍ଞାନୀ ତଥା ପ୍ରବୀଣ ଐତିହାସିକ ଇଭରଟ୍ ଆଇ, ମେଣ୍ଡେଲସନ୍ ପ୍ରସଙ୍ଗକ୍ରମେ ଏକ ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି ଯେ ବିଜ୍ଞାନ ତା'ର ପ୍ରୟୋଜନୀୟତାକୁ ବିକଳଗଲାଣି । ସେ କହନ୍ତି "Science as we know it has outlived its usefulness.

ବୈଜ୍ଞାନିକ ଗବେଷଣା ଏବଂ ବିଜ୍ଞାନର ସୁଦୂର ପ୍ରସାରୀ ଉପଯୋଗ ସମ୍ବନ୍ଧରେ ମନୁଷ୍ୟର ଚେତନା ରାଜ୍ୟରେ ଯେଉଁ ବିତୃଷ୍ଣା ବା ବୈରାଗ୍ୟ ଜାଗ୍ରତ ହୋଇଛି, ତାହାକୁ ଲକ୍ଷ୍ୟକରିବା ଦ୍ୱାରା ଜଣା ପଡ଼ୁଛି ଯେ ବର୍ତ୍ତମାନ ପାଶ୍ଚାତ୍ୟ ସଭ୍ୟତା ଏକ ସନ୍ଧିକ୍ଷଣରେ ଉପନୀତ ହୋଇଛି । ମନୁଷ୍ୟର ଏପରି ଚୈତନ୍ୟୋଦୟ ଘଟିଛି ମହାମତି ନିକୋଲସ୍ କୋପର୍ନିକସଙ୍କ ୫୦୦ ତମ ଜନ୍ମବାର୍ଷିକୀର ଶୁଭ ଅବସରରେ ! ପୋଲାଣ୍ଡର ଏହି ଜ୍ଞାନବୀର ସର୍ବପ୍ରଥମେ ଧର୍ମଭିତ୍ତିକ ବିଶ୍ୱାସ ବିରୋଧରେ ସ୍ୱର ଉତ୍ତୋଳନ କରିବାପାଇଁ ଆଗଭର ହୋଇଥିଲେ । ନିଜର ଉଚ୍ଚ ଚିନ୍ତାଶକ୍ତି, ଗଣିତ ଶାସ୍ତ୍ରରେ ଅଗାଧ ପାଣ୍ଡିତ୍ୟ ଏବଂ ପ୍ରଗାଢ଼ ଅଧ୍ୟବସାୟ ବଳନମୟରେ ସେ ଆବିଷ୍କାର କରିଥିଲେ ଯୁଗାନ୍ତକାରୀ-ଭୂ—ଭ୍ରମଣବାଦ । ତତ୍‌କାଳୀନ ପରିସ୍ଥିତିରେ ତାଙ୍କ ଚିନ୍ତାପ୍ରସୂତ ତଥା ତାଙ୍କ ବଳିଷ୍ଠ ଲେଖନୀ ପ୍ରସୂତ ଭୂ—ଭ୍ରମଣବାଦ ସମ୍ପର୍କିତ ପୁସ୍ତକଟି ମନୁଷ୍ୟର ଭାବ ରାଜ୍ୟରେ ଗଭୀର ଆଲୋଡ଼ନ ସୃଷ୍ଟି କଲା । ଏହା ମନୁଷ୍ୟକୁ ସର୍ବପ୍ରଥମେ ଜଣାଇଦେଲା ଯେ ସେ ଯେଉଁ ପୃଥିବୀ ପୃଷ୍ଠରେ ବାସ କରୁଛି, ତାହା ବିଶ୍ୱର କେନ୍ଦ୍ରସ୍ଥଳ ନୁହେଁ, ଅନ୍ୟାନ୍ୟ ଗ୍ରହମାନଙ୍କ ଭଳି ପୃଥିବୀ ମଧ୍ୟ ସୂର୍ଯ୍ୟ ଚତୁର୍ଦ୍ଦିଗରେ ପରିକ୍ରମା କରୁଛି । ଏପରି ଏକତତ୍ତ୍ୱ ମନୁଷ୍ୟର ଅହଙ୍କାର ବା ଆତ୍ମମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଥିବାରୁ ଏବଂ ପ୍ରଚଳିତ ଧର୍ମଭିତ୍ତିକ ମତବାଦକୁ ଏହା ଖଣ୍ଡନ କରୁଥିବାରୁ ତତ୍‌କାଳୀନ ଧର୍ମଗୁରୁ ଓ ସମାଜର ପ୍ରତିଷ୍ଠିତ ବ୍ୟକ୍ତିମାନେ ଏପରି ଏକ ମତବାଦ ବିରୋଧରେ କୁତ୍ସାରଟନା କଲେ ଏବଂ ମନୁଷ୍ୟର ଆତ୍ମମର୍ଯ୍ୟାଦା ଯେପରି ପୂର୍ବବତ୍

ଅକ୍ଷୁର୍ଣ୍ଣ ରହିବ ଏବଂ ଖ୍ରୀଷ୍ଟଧର୍ମର ବିରୋଧ କଲାଭଳି କୌଣସି ମତବାଦ ଯେପରେ ପ୍ରତିଷ୍ଠା କରିବାପାଇଁ ଅନ୍ୟ କେହି ଆଗଭର ନହେବେ, ସେଥିପାଇଁ ସମୁଚିତ ଦମନମୂଳକ ବ୍ୟବସ୍ଥା ଜାରି କରିବା ଉଦ୍ଦେଶ୍ୟରେ ସେମାନେ ପାଶ୍ଚାତ୍‌ପଦ ହୋଇନଥିଲେ । ମାତ୍ର ଉକ୍ତ ପ୍ରତିଭା ସମ୍ପନ୍ନ, ପ୍ରାତଃ ସ୍ମରଣୀୟ ଚିନ୍ତାନାୟକ କୋପେରନିକସ ବୌଦ୍ଧିକ କ୍ଷେତ୍ରରେ ସୃଜନଶୀଳ ମନୁଷ୍ୟକୁ ଯେଉଁ ଦିଗ୍‌ଦର୍ଶନ ପ୍ରଦାନ କରିଗଲେ, ପ୍ରବଳ ପ୍ରତିରୋଧ ସତ୍ତ୍ୱେ ତାହାର କ୍ରମବିକାଶ ସାଧନ କରିବା ପାଇଁ ଚିନ୍ତାନାୟକମାନଙ୍କର ଅଭାବ ରହିଲାନାହିଁ । ସେ ଜଣାଇ ଦେଲେ ଯେ କୌଣସି ମତବାଦ ବା ସଂସ୍କାରକୁ ନିର୍ବିବାଦରେ ଗ୍ରହଣ କରି-ଯିବାଦ୍ୱାରା ବିବେକୀ ମନୁଷ୍ୟ ତା'ର ବିଭୂଦତ୍ତ ଶ୍ରେଷ୍ଠ ଗୁଣଟିର ଅବମାନନା କରୁଛି । ଯେ କୌଣସି ମତବାଦର ସତ୍ୟତା ପ୍ରତି ସନ୍ଦେହ ଆରୋପ କରିପିବା ବିଧିସଙ୍ଗତ ଏବଂ ଯୁକ୍ତିସଙ୍ଗତ ତର୍କ ଓ ପ୍ରାମାଣିକ ତଥ୍ୟରାଜି ଦ୍ୱାରା କୌଣସି ମତବାଦର ସତ୍ୟାପନ କରିଯିବ ସମ୍ଭବପର ହେଲେ ତାହାକୁ ହିଁ ମାନବ ସମାଜ ଏକ ସତ୍ୟରୂପେ ଗ୍ରହଣ କରିନେବା ଦ୍ୱାରା ସଠିକ ଜ୍ଞାନଅର୍ଜ୍ଜନକରି ପାରିବେ । ସଠିକ ଜ୍ଞାନ ଅର୍ଜ୍ଜନ କରିବାପାଇଁବ । ପ୍ରକୃତିର ରହସ୍ୟ ଉନ୍ମୋଚନ କରିବା ପାଇଁ ସେ ଏପରି ଭାବରେ ଯେଉଁ ନୂତନ ଉପାୟ ବତାଇ ଦେଲେ, ଆମେ ତାହାକୁ ବିଜ୍ଞାନ ନାମରେ ଅଭିହିତ କରୁଛୁ । ମାନବୀୟ ସଂସ୍କୃତିର ଇତିହାସରେ "ବିଜ୍ଞାନଯୁଗ" ର ଆବାହକ ରୂପେ କୋପର୍‌ନିକ୍‌ସ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି ।

କୋପରନିକସ୍‌ଙ୍କ ପରେ ଜ୍ଞାନାର୍ଜ୍ଜନ କରିବା ପାଇଁ ତାଙ୍କ ପଦାଙ୍କ ଅନୁସରଣ କରି କର୍ମରତ ହୋଇଥିବା ଚିନ୍ତାନାୟକ ମାନଙ୍କ ମଧ୍ୟରେ ଗାଲିଲିଓ ଗାଲିଲି, ଜୋହାନ୍‌ସ କେପ୍‌ଲର ଓ ସାର୍ ଆଇଜାକ୍ ନିଉଟନ୍‌ଙ୍କ ନାମ ସର୍ବାଦୌ ଉଲ୍ଲେଖ ଯୋଗ୍ୟ । କୋପେରନିକ୍‌ସଙ୍କର ଏହି ସୁନାମଧନ୍ୟ ଦାୟାଦଗଣ ପ୍ରକୃତିର ରହସ୍ୟ ଉନ୍ମୋଚନ କରିବା ଉଦ୍ଦେଶ୍ୟର ଅଭିଜ୍ଞିୟାତ୍ମକ ଗବେଷଣା ପ୍ରତି ଅଧିକ ଗୁରୁତ୍ୱ ଆରୋପ କଲେ । ମନୁଷ୍ୟର ଚିନ୍ତା ପ୍ରସୂତ ଯେ କୌଣସି ଏକ ତତ୍ତ୍ୱର ସତ୍ୟତା ପ୍ରତିପାଦନ କରିବା ପାଇଁ ଅଭିଜ୍ଞିୟାତ୍ମକ ଗବେଷଣାର ଆଶ୍ରୟ ନେବାହିଁ

ଏକମାତ୍ର ସ୍ୱୀକୃତ ପନ୍ଥା ରୂପେ ନିର୍ଣ୍ଣୀତ ହେଲା । ତେଣୁ ଅଭିଜ୍ଞତାତ୍ମକ ଗବେଷଣା ଦ୍ୱାରା ସତ୍ୟାପିତ ନହେବା ପର୍ଯ୍ୟନ୍ତ ବା କୌଣସି ଏକ ତତ୍ତ୍ୱକୁ ସମର୍ଥନ କଲାଭଳି ପ୍ରାମାଣିକ ତଥ୍ୟ ସଂଗୃହୀତ ନହେବା ପର୍ଯ୍ୟନ୍ତ ସେହି ତତ୍ତ୍ୱଟିକୁ 'ବିଜ୍ଞାନ'ର ପରିସରଭୁକ୍ତ କରାଯିବା ଅସଙ୍ଗତ ହେଲା । ଏପରି ଭାବରେ ବିଜ୍ଞାନ ଓ ଦର୍ଶନ ମଧ୍ୟରେ ଏକ ସୀମାରେଖା ଅଙ୍କିତ ହୋଇଗଲା ଏବଂ ଏହିପରି ବସ୍ତୁବାଦୀ ଆଭିମୁଖ୍ୟ ଘେନି ଗବେଷଣା ଚଳାଇବା ଦ୍ୱାରା ମନୁଷ୍ୟ କାଳକ୍ରମେ ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ ଆବିଷ୍କାର ଗୁଡ଼ିକୁ ସଂଘଟିତ କରିବା ପୂର୍ବକ ପ୍ରକୃତିର ରହସ୍ୟ ଉନ୍ମୋଚନ କରିପାରିଲା । ପିଆଜର ଖୋଳପା ଛଡ଼ାଇବା ପରି ଗୋଟିକ ପରେ ଗୋଟିଏ ରହସ୍ୟ ଉନ୍ମୋଚନ କରିବା ସଙ୍ଗେ ସଙ୍ଗେ ସେ ପ୍ରକୃତିକୁ ଜୟକରି ଅଧିକ ସୁଖଶାନ୍ତିରେ ଜୀବନ ନିର୍ବାହ କରିବା ଉପଲକ୍ଷେ ନୂଆ ନୂଆ ଯନ୍ତ୍ରକୌଶଳ ଆବିଷ୍କାର କଲା । ଏରୂପ କାର୍ଯ୍ୟ ସମାପନ କରିବାର ଲାଳସା ତା' ମାନସପଟରେ ଏପରି ଗମ୍ଭୀର ରେଖାପାତ କଲାଯେ ସେ ଅହର୍ନିଶି କେବଳ ଉଲ୍ଲିଖିତ ବସ୍ତୁବାଦୀ ଦୃଷ୍ଟିକୋଣରୁ ଗବେଷଣାରେ ମନୋନିବେଶ କରିବାକୁ ସର୍ବୋତ୍କୃଷ୍ଟ ପନ୍ଥାରୂପେ ଆଦରି ନେଲା । ଏତଦ୍ୱାରା ବିଜ୍ଞାନ ଓ ବୈଷୟିକ ବିଦ୍ୟା ଉଭୟ କ୍ଷେତ୍ରରେ ପ୍ରଭୂତ ଅଗ୍ରଗତି ସାଧିତ ହେଲା । ଏଣିକି ମନୁଷ୍ୟର ଭାବ ରାଜ୍ୟରେ ଏକ ଦୃଢ଼ ଆତ୍ମପ୍ରତ୍ୟୟ ଭାବ ଜାଗ୍ରତ ହେଲା । ସେ ମନେକଲା ଯେ କେବଳ ବୈଜ୍ଞାନିକ ଗବେଷଣାର ସମୃଦ୍ଧି ସାଧନ କରିବା ଦ୍ୱାରା ସେ ପ୍ରକୃତିକୁ ନିଜର କବଳିତ କରି ପାରିବ ଏବଂ ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାପାଇଁ ସେ ବିହିତ କର୍ମ-ପନ୍ଥାର ଆଶ୍ରୟ ନେଇପାରିବ । ଏପରି ଭାବରେ ବସ୍ତୁବାଦୀ ମନୁଷ୍ୟ ବିଜ୍ଞାନକୁ ଏକ ନୂତନ ଧର୍ମରୂପେ ଆଦରି ନେଲା । ବିଜ୍ଞାନର ବନ୍ଦନା ଗାନ କରିବା ଏବଂ ତା' ବଳରେ ବଳୀୟାନ୍ ହେବାକୁ ହେଲା ତା ଜୀବନର ଅଭିମୁଖ୍ୟ ।

ଗ୍ରହମାନଙ୍କର ଗତିବିଧି ସମ୍ପର୍କୀୟ ଜ୍ୟାମିତିକ ନିୟମ, ଗୁରୁତ୍ୱ ଆକର୍ଷଣର ( Gravitation ) ନିୟମ, ମନୁଷ୍ୟ ଶରୀର ଅଭ୍ୟନ୍ତରରେ ରକ୍ତ ସଞ୍ଚାଳନ ପ୍ରକ୍ରିୟା, ବସ୍ତୁଠାରେ ଚୁମ୍ବକୀୟ ପ୍ରକୃତି ପ୍ରତିଭାତ

ହେବାର ମୌଳିକ କାରଣ ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ଗୁଡ଼ିକ ସଂଘଟିତ ହୋଇଯିବା ପରେ ମନୁଷ୍ୟ ତା'ର ସୃଜନଶୀଳତାର ବିନ-ମୟରେ ବିଜ୍ଞାନର ଗନ୍ତାଘରକୁ ପରିପୁଷ୍ଟ କରିବା ପାଇଁ ଆପ୍ରାଣ ଉଦ୍ୟମ ଏବଂ ଚଳାଇଲା । ବୈଜ୍ଞାନିକମାନେ ଘୋଷଣା କଲେ ଯେ ଅନନ୍ତ ପରିବ୍ୟାପ୍ତ ବିଶ୍ୱ ଏକ ସୁଷମ ସଙ୍ଗତି ରକ୍ଷାକରି ଘଣ୍ଟା ସଦୃଶ କ୍ରିୟାଶୀଳ ହେଉଛି । ଯେ କୌଣସି ଜ୍ୟୋତିଷ୍କଠାରେ ପ୍ରତିଭାତ ହେଉଥିବା ଯେ କୌଣସି ଏକ ଦୃଶ୍ୟ ଗୋଟିଏ ନିର୍ଦ୍ଦିଷ୍ଟ କାରଣ ଯୋଗୁଁ ଉପୃତ୍ତିଲାଭ କରିଛି । ସମୟାନୁବର୍ତ୍ତୀ ଏବଂ ବିଧ ଅଂସଖ୍ୟ ଘଟଣା ପ୍ରବାହଗୁଡ଼ିକର କାରଣ ସମ୍ପର୍କରେ ଜ୍ଞାନର୍ଜ୍ଜନ କରିବା ଉଦ୍ଦେଶ୍ୟରେ ଆମ ପର୍ଯ୍ୟବେକ୍ଷଣର ପରିସରକୁ ସଙ୍କୁଚିତ କରିନେବାକୁ ହେବ ଏବଂ ପ୍ରତ୍ୟେକ କ୍ଷୁଦ୍ର ପରିସର ମଧ୍ୟରେ ଘଟିଯାଉଥିବା ଘଟଣାଗୁଡ଼ିକ ସମ୍ବନ୍ଧରେ ଆମକୁ ପ୍ରମାଣିତ ତଥ୍ୟରାଜି ସଂଗ୍ରହ କରିବାକୁ ହେବ । ଏପରିଭାବରେ ଗବେଷଣା ଚଳାଇବା ଦ୍ୱାରା ଆମେ ଶେଷକୁ ବିଶ୍ୱସୃଷ୍ଟିର ରହସ୍ୟ ତଥା ତତ୍‌ସ୍ଥ ସମସ୍ତ ଜ୍ୟୋତି ମାନଙ୍କର କ୍ରିୟାଶୀଳତା ସମ୍ପର୍କରେ ସ୍ପଷ୍ଟୀକରଣ ପାଇ ପାରିବା । ବିଜ୍ଞାନ ଓ ବୈଷୟିକ ଜ୍ଞାନର ସମୃଦ୍ଧି ସାଧନ କରିବା ପାଇଁ ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱ ରାଜିର ଉଦ୍ଭାବନ ଏବଂ କର୍ମନିପୁଣ ଯନ୍ତ୍ର ଗୁଡ଼ିକର ପ୍ରସ୍ତୁତି ଯେପରି ଦ୍ରୁତଧାରରେ ସମାହିତ ହେଲା ମନୁଷ୍ୟ ତାହାଠାରୁ ପ୍ରାପ୍ତ ସେହିପରି ଅପରିସୀମ ଉତ୍ସାହ ସହକାରେ ଅଧିକ କର୍ମ ନୈପୁଣ୍ୟ ପ୍ରଦର୍ଶନ କରିବା ପାଇଁ କର୍ମତତ୍ପର ହେଲା ।

ମନୁଷ୍ୟର ଏପରି ଏକନିଷ୍ଠ ମନନଶୀଳତାର ଫଳସ୍ୱରୂପ ଆଜି ବିଜ୍ଞାନ ପ୍ରକ୍ରିୟାରେ ଆମ ଦୈନନ୍ଦିନ ଜୀବନ ଯାପନ ପଦ୍ଧତିକୁ ସୁଖକର କରି ପାରିଛି । ଟ୍ରାନ୍‌ଜିଷ୍ଟର୍‌ର ଲୋକ ପ୍ରିୟତା, ବିଭିନ୍ନ କର୍ମକୁଶଳୀ ଇଲେକ୍‌ଟ୍ରୋନିକ୍ ଯନ୍ତ୍ରପାତିର ଅସାଧାରଣ କର୍ମକୁଶଳତା, ଟାଇଫଏଡ୍ ଓ ରାଜଯକ୍ଷ୍ମା ପ୍ରଭୃତି ଦୁରାରୋଗ୍ୟ ବ୍ୟାଧି କବଳରୁ ମନୁଷ୍ୟକୁ ଆରୋଗ୍ୟ କରିପାରୁଥିବା ଆଣ୍ଟିବାୟୋଟିକ୍ ଜାତୀୟ ଔଷଧ, ଅଂଗାରୋପଣ ଭଳି ଜଟିଳ ଶଲ୍ୟଚିକିତ୍ସା, ମନୁଷ୍ୟର ମସ୍ତିଷ୍କଠାରୁ ଦୁଇଗୁଣ ଅଧିକ ଦକ୍ଷତାର ସହ ହିସାବ କରି ପାରୁଥିବା କମ୍ପ୍ୟୁଟର ଯନ୍ତ୍ର ଏବଂ ଶବ୍ଦତରଙ୍ଗଠାରୁ କ୍ଷିପ୍ର-ବେଗରେ ଧାବିତ ଜେଟ୍ ବିମାନ ପ୍ରଭୃତି ଆବିଷ୍କାର ଗୁଡ଼ିକ ଯୋଗୁଁ ସଭ୍ୟ-

ତାର ରୂପରେଖ ବଦଳଯାଇଛି । ମାତ୍ର ଏପରି ଅଗ୍ରଗତି ହାସଲ କରିବାପାଇଁ ଆମକୁ କଣ' କିଛି ତ୍ୟାଗ ସ୍ୱୀକାର କରିବାକୁ ପଡ଼ିନାହିଁ ? ପରମାଣୁ ବୋମାର ବିସ୍ଫୋରଣ ଯୋଗୁଁ ହିରୋସୀମା ଓ ନାଗାସାକି ସହରଦ୍ୱୟରେ ଆକାଶରେ ଯେଉଁ ତାଣ୍ଡବଲୀଳା ରଚିତ ହୋଇଗଲା ଏବଂ ତତ୍କ୍ଷଣାତ ହଜାର ହଜାର ଲୋକ ଯେପରି ମୃତ୍ୟୁ କବଳିତ ହେଲେ ଏବଂ ଆହୁରି ଲକ୍ଷ୍ୟ ଲକ୍ଷ୍ୟ ନିରୀହ ଜନସାଧାରଣ ଯେପରି ବିକଳାଙ୍ଗ ଓ ମୁମୂର୍ଷୁ ଅବସ୍ଥାରେ ପଡ଼ିରହିଲେ, ସେଥିପାଇଁ ଦାୟୀ କିଏ ? ରାସାୟନିକ ଦ୍ରବ୍ୟର ଉତ୍ପୀଡ଼ନ ଯୋଗୁଁ ଇଣ୍ଡୋଚୀନର ସହସ୍ର ସହସ୍ର ଏକର ପରିମିତ ଜଙ୍ଗଲ ଯେପରି ଧ୍ୱଂସ ହୋଇଗଲା, ସେଥିପାଇଁ କଣ ବିଜ୍ଞାନ ଦାୟୀ ନୁହେଁ ? ପ୍ରଳୟଙ୍କରୀ କ୍ଷେପଣାସ୍ତ୍ରର ବିଭୀଷିକା ମନୁଷ୍ୟଙ୍କୁ ବର୍ତ୍ତମାନ ଯେପରି ସତର୍କ ଅବସ୍ଥାରେ ରହିବା ପାଇଁ ବାଧ୍ୟ କରଛି ଏବଂ ଏରୂପ ଭୟାବହ ପରିସ୍ଥିତି ତାକୁ ଯେପରି ସୁଖ ନିଦ୍ରାରୁ ବଞ୍ଚିତ କରିବା ପୂର୍ବକ ତା'ର ମସ୍ତିଷ୍କଟିକୁ ଭାରାକ୍ରାନ୍ତ କରି ରଖିଛି, ସେଥିପାଇଁ ବିଜ୍ଞାନର ଅପରିଣାମଦର୍ଶୀ ପ୍ରୟୋଗ ଦାୟୀ ନୁହେଁ କି ? ପାରମାଣବିକ ପ୍ରତିଦ୍ୱନ୍ଦ୍ୱିତାରେ ପରମାଣୁ ଶକ୍ତି ଉତ୍ପାଦନ, ପରୀକ୍ଷାମୂଳକ ଭାବରେ ପରମାଣୁ ବୋମା ଓ ଉଦ୍‌ଜାନ ବୋମାର ବିସ୍ଫୋରଣ ଏବଂ ବିଭିନ୍ନ ପ୍ରକାର ତେଜସ୍କ୍ରିୟତା ଆଶ୍ରିତ ଗବେଷଣାର ଫଳ ସ୍ୱରୂପ ପୃଥିବୀର ବାୟୁମଣ୍ଡଳ ଓ ସମୁଦ୍ରର ଜଳରାଶି ଯେପରି ଭାବରେ ଦୂଷିତ ହେଲାଣି, ଏବଂ ଏହା ବର୍ତ୍ତମାନ ଯେପରି ଏକ ଉତ୍କଟ ସମସ୍ୟା ରୂପେ ପ୍ରତିଭାତ ହେଲାଣି, ସେଥିପାଇଁ କାହାକୁ ଦାୟୀ କରାଯିବ ? କଳକାରଖାନା ଗୁଡ଼ିକରୁ ନିଃସୃତ ଅବାଞ୍ଛିତ ଘୋ' ଘୋ' ଶବ୍ଦ, ଟ୍ରକ୍, ବସ୍, ଟ୍ରାମ୍ ରେଳଗାଡ଼ି ଓ ସର୍ବୋପରି ଜେଟ୍ ବିମାନ ଗୁଡ଼ିକର କଳକଳା ଶବ୍ଦ ବର୍ତ୍ତମାନ ମନୁଷ୍ୟର ସଂଜ୍ଞାବାହୀ ସ୍ନାୟୁକୁ ଯେପରି ଭାବରେ ଉତ୍ପୀଡ଼ିତ କରିବା ଦ୍ୱାରା ତାହାକୁ ମାନସିକ ବିକାରଗ୍ରସ୍ତ କରି ପକାଉଛି, ସେଥିପାଇଁ କାହାକୁ ଦାୟୀ କରିବ ? ବିଶ୍ୱର ଯେ କୌଣସି ସ୍ଥାନରେ ପଦାର୍ପଣ କରି ମନୁଷ୍ୟର ଭୋଗବିଳାସ ନିମନ୍ତେ ଆବଶ୍ୟକୀୟ ସାମଗ୍ରୀ ସଂଗ୍ରହ କରିବା, ଅଧିକରୁ ଅଧିକ ଶକ୍ତିଶାଳୀ ଯନ୍ତ୍ର ନିର୍ମାଣକରି ଉତ୍ପାଦନର ହାର ବୃଦ୍ଧି କରିବା, ପ୍ରତିରକ୍ଷା କ୍ଷେତ୍ରରେ ଅଧିକରୁ ଅଧିକ ମାରାତ୍ମକ

ଅସ୍ତ୍ର ପ୍ରସ୍ତୁତକରି ସମଗ୍ର ପୃଥିବୀରେ ନିଜ ଦେଶକୁ ଶକ୍ତିଶାଳୀ ଦେଶ ରୂପେ ସାବ୍ୟସ୍ତ କରିବା ପ୍ରଭୃତି ବିଭିନ୍ନ ସ୍ୱାର୍ଥପର କାର୍ଯ୍ୟଗୁଡ଼ିକରେ ମନୁଷ୍ୟ ଏତେଦୂର ନିମଗ୍ନ ହୋଇଛନ୍ତି ଏବଂ ଦେଶଦେଶ ମଧ୍ୟରେ ଏଥିପାଇଁ ଏତେ ତୁମୁଳ ପ୍ରତିଯୋଗିତା ଚାଲିଛି ଯେ, ବର୍ତ୍ତମାନ କେତେକ ଚିନ୍ତାନାୟକ ଏପରି ଅସ୍ୱାଭାବିକ ପରିସ୍ଥିତିକୁ ବିସ୍ମୟ ବିସ୍ଫାରିତ ନେତ୍ରରେ ଅବଲୋକନ କରିବା ପୂର୍ବକ ମନୁଷ୍ୟଙ୍କୁ ଚେତାବନୀ ଶୁଣାଇବାକୁ ଆଗେଇ ଆସିଛନ୍ତି । ସେମାନେ କହୁଛନ୍ତି "ଅପଣା ହସ୍ତେ କହ୍ନାଚ୍ଛେଦ ? କେ ଅଛି ତାର ପ୍ରତିବଳ !" ସ୍ୱାର୍ଥାନ୍ଧ ମନୁଷ୍ୟ ଏପରି ଅନିୟନ୍ତ୍ରିତ ମାର୍ଗରେ ଚାଲୁବା ଆତ୍ମମୃତ୍ୟୁ ଯେନ କର୍ମରତ ହେବାଦ୍ୱାରା ଏ ପୃଥିବୀ ଆଉ ଅଳ୍ପ କେତେକ ବର୍ଷପରେ ମନୁଷ୍ୟର ବାସ ଯୋଗ୍ୟ ହୋଇପାରିବ ନାହିଁ ବୋଲି ସେମାନେ ଦୃଢ଼ସ୍ୱରରେ ବିଜ୍ଞପ୍ତି ପ୍ରକାଶ କଲେଣି ।

ଉଲ୍ଲିଖିତ ମୁଖ୍ୟ କାରଣ ସମେତ ବିଜ୍ଞାନ ପ୍ରତି ମନୁଷ୍ୟର ଭାବ ପ୍ରବଣତାରେ ଏକ ବିତୃଷ୍ଣାଭାବ ଜାଗ୍ରତ କରାଇବା ଦିଗରେ ଅନ୍ୟତମ କାରଣ ହେଉଛି, ଆଜିର ମନୁଷ୍ୟ ବୈଜ୍ଞାନିକ ମାନଙ୍କର ଭାଷା ବୁଝି ପାରିବାକୁ ଏକାନ୍ତ ଅସମର୍ଥ ହୋଇଛି । ସାଧାରଣ ନାଗରିକ ଓ ବୈଜ୍ଞାନିକମାନଙ୍କ ମଧ୍ୟରେ ବୌଦ୍ଧିକ ବ୍ୟବଧାନର ମାତ୍ରା ଅତି ବିସ୍ତୃତ ହୋଇଯାଇଛି, ତେଣୁ ଆଧୁନିକ ଯୁଗକୁ ଯଥାର୍ଥରେ "ବିଶେଷଜ୍ଞ ମାନଙ୍କର ଯୁଗ" ନାମରେ ଅଭିହିତ କରାଯାଇଛି । ଉଦାହରଣ ସ୍ୱରୂପ, ଜଣେ ପଦାର୍ଥ ବିଜ୍ଞାନୀ "କଣିକା ପଦାର୍ଥ ବିଜ୍ଞାନ" ସମ୍ବନ୍ଧରେ ଗବେଷଣା ଚଳାଇ ଯେଉଁ ସନ୍ଦର୍ଭ ରଚନା କରିଛନ୍ତି, ନିମ୍ନ ତାପମାନ ପଦାର୍ଥ 'ବିଜ୍ଞାନ ବା ଇଲେକ୍ଟ୍ରୋନିକ୍ସ ବିଭାଗରେ ଗବେଷଣାରତ ଥିବା ଅନ୍ୟଜଣେ ପଦାର୍ଥ ବିଜ୍ଞାନୀଙ୍କ ପ୍ରତି ତାହା ଅବୋଧ ହୋଇଛି । ପଦାର୍ଥବିଜ୍ଞାନ ରସାୟନ ଶାସ୍ତ୍ର, ଜୀବବିଜ୍ଞାନ, ପ୍ରଭୃତି ବିଜ୍ଞାନର ପ୍ରତ୍ୟେକ ବିଭାଗ ବର୍ତ୍ତମାନ ବହୁଧା ବିଭକ୍ତ ଏବଂ ପ୍ରତ୍ୟେକ ସଂକୀର୍ଣ୍ଣ ଉପବିଭାଗରେ ପରିଚାଳିତ ହେଉଥିବା ଗବେଷଣାତ୍ମକ ସମସ୍ୟାଗୁଡ଼ିକର ପରିମାଣ ମଧ୍ୟ ଅତି ବ୍ୟାପକ । ତେଣୁ କୌଣସି ଏକ ସଂକୀର୍ଣ୍ଣ ଉପବିଭାଗରେ ଗବେଷଣାରତ ଥିବା ଜନୈକ ବୈଜ୍ଞାନିକ

କେବଳ ତତ୍ସମ୍ବନ୍ଧୀୟ ଜ୍ଞାନ ଅର୍ଜନ କରିବାପାଇଁ ଏବଂ ନିଜକୁ ସେହି ବିଷୟରେ ଜଣେ ବିଶେଷଜ୍ଞ ରୂପେ ପ୍ରତିଷ୍ଠା କରିବାପାଇଁ ସାରା ଜୀବନ ବିତାଇ ଦେଉଛନ୍ତି । ଏପରି ସ୍ଥଳେ ବିଜ୍ଞାନର ଅନ୍ୟ କୌଣସି ଉପବିଭାଗ କିପରି ଭାବରେ ଓ କେଉଁ ପରିମାଣରେ ସମୃଦ୍ଧ ହେଉଛି ତାର ଖବର ରଖିବାକୁ ତାଙ୍କୁ ବେଳନାହିଁ ? ବିଶେଷଜ୍ଞ-ମାନଙ୍କ ଅବସ୍ଥା ଯେତେବେଳେ ଏହିପରି, ସେତେବେଳେ ସାଧାରଣ ନାଗରିକ ବିଜ୍ଞାନର ସୀମା ମାଡ଼ିବାର ପ୍ରଶ୍ନଉଠୁଛି କେଉଁଠି ? ଜଟିଳ କ୍ୱାଣ୍ଟମତତ୍ତ୍ୱ ଆଧାରିତ ତଥା କମ୍ପ୍ୟୁଟର ଆଶ୍ରିତ ପଦାର୍ଥ ବିଜ୍ଞାନ, ରସାୟନ ଶାସ୍ତ୍ର ଓ ଜୀବବିଜ୍ଞାନ ସମ୍ବନ୍ଧୀୟ ତାତ୍ତ୍ୱିକ ଗବେଷଣା ବର୍ତ୍ତମାନ ଏପରି ଜଟିଳ ହୋଇପଡ଼ିଛି ଯେ ଜଣେ ସାଧାରଣ ନାଗରିକ କୌଣସି ଏ ଗବେଷଣାଶ୍ରୟୀ ସନ୍ଦର୍ଭ ପ୍ରତି ଦୃଷ୍ଟିପାତ କରିବା ଦ୍ୱାରା ତହିଁରେ ଥିବା ଗାଣିତିକ ଭାଷା ଓ ଚିହ୍ନକୁ ଦେଖି ତଟସ୍ଥ ହୋଇ ଯାଉଛନ୍ତି, ମାତ୍ର ତାର ସାରମର୍ମ ସମ୍ବନ୍ଧରେ ବିନ୍ଦୁ ବିସର୍ଗ ଜାଣି-ପାରିବାପାଇଁ ସେ ସମର୍ଥ ହେଉନାହାନ୍ତି । ବର୍ଷକୁ ବର୍ତ୍ତମାନ ପ୍ରାୟ ୨୫,୦୦୦ ବିଜ୍ଞାନ ତଥ୍ୟାଶ୍ରୟୀ ପୁସ୍ତକ ରଚିତ ହେଉଛି ଏବଂ ଗବେଷକମାନେ ବିଭିନ୍ନ ପତ୍ରପତ୍ରିକା ମାନଙ୍କରେ ବର୍ଷକ ମଧ୍ୟରେ ଅନ୍ୟୁନ ଏକ ଅଯୁତ ଗବେଷଣାଶ୍ରୟୀ ସନ୍ଦର୍ଭ ପ୍ରକାଶ କରୁଛନ୍ତି । ଜ୍ଞାନର ବିପୁଳତା ଭିତରେ ପ୍ରବେଶ କରିବା ଏକ ଆୟାସସାଧ୍ୟ ବ୍ୟାପାରରେ ପରିଣତ ହୋଇଛି । ପୂର୍ବକାଳରେ ଗାଲିଲିଓ ଓ ନିଉଟନ୍ ପ୍ରମୁଖ ବୈଜ୍ଞାନିକମାନେ ବିଜ୍ଞାନର ବିଭିନ୍ନ ବିଭାଗକୁ ସମୃଦ୍ଧକରିବା ଉଦ୍ଦେଶ୍ୟରେ ଗବେଷଣା ଚଳାଇ କୃତକାର୍ଯ୍ୟ ହୋଇଥିଲେ ଏବଂ ସେମାନଙ୍କ ଗବେଷଣାର ମହନୀୟତା ଉପଲବ୍ଧି କରିବା ଜଣେ ବିଜ୍ଞାନପ୍ରେମୀ ନାଗରିକଙ୍କ ପକ୍ଷରେ ସହଜସାଧ୍ୟ ହୋଇଥିଲା, ବର୍ତ୍ତମାନର ପରିସ୍ଥିତି ତାଠାରୁ ସମ୍ପୂର୍ଣ୍ଣ ଭିନ୍ନ ଆକାର ଧାରଣକରିଛି । କାରଣ, ଜୀବନ ବ୍ୟାପୀ ଚେଷ୍ଟାକଲେ ଜଣେ ବୈଜ୍ଞାନିକ ପଦାର୍ଥ ବିଜ୍ଞାନ ବା ରସାୟନ ଶାସ୍ତ୍ର ବା ଜୀବବିଜ୍ଞାନ ଅଥବା ବିଜ୍ଞାନର ଯେ କୌଣସି ଏକ ବିଭାଗରେ ଆବିଷ୍କୃତ ହୋଇଥିବା ସମସ୍ତ ତଥ୍ୟଗୁଚ୍ଛ ସମ୍ପର୍କରେ ଜ୍ଞାନ ଅର୍ଜନ କରିବା ସମ୍ଭବ ହେବନାହିଁ । ପୁଣି ଏପରିଭାବେ ଯତ୍ନଶୀଳ

ହେବାଦ୍ୱାରା ତାଙ୍କ ନିଜ ଜୀବନର ବହୁମୂଲ୍ୟ ସମୟର କେବଳ ଅପଚୟ ଘଟିବ, ମାତ୍ର ନିଜ ବୁଦ୍ଧିବଳରେ ବିଜ୍ଞାନର ଗନ୍ତାଘରକୁ ସମ କରିବାପାଇଁ ଯେ କୌଣସି ମୌଳିକତଥ୍ୟ ଯୋଗାଇ ଦେବାକୁ ସମର୍ଥ ହେବେନାହିଁ । କଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର କେନେଥ୍-ବୋଲ୍‌ଡିଙ୍ଗ୍ ନାମକ ଜନୈକ ପ୍ରବୀଣ ଅର୍ଥନୀତିଜ୍ଞ ଜ୍ଞାନରାଶିର ବିପୁଳତାରେ ଘଟୁଥିବା ଆଶାତୀତ ବୃଦ୍ଧିକୁ ଲକ୍ଷ୍ୟକରି ଯଥାର୍ଥରେ କହିଛନ୍ତି ଯେ ଆଜି ୧୦୦ବର୍ଷ ମଧ୍ୟରେ ଆମେ ଏକ ଜଟିଳ ସମସ୍ୟାର ସମ୍ମୁଖୀନ ହେବା ଗୋଟିଏ ପିଢ଼ିର ଲୋକେ ବିଜ୍ଞାନକୁ ବୃଦ୍ଧି କରିବାପାଇଁ ଯେତିକି ଜ୍ଞାନ ଯୋଗାଇଦେବେ, ସେମାନଙ୍କ ପରପିଢ଼ିର୍ ଲୋକମାନଙ୍କ ନିକଟରେ ସେହିଜ୍ଞାନ ଯୋଗାଇ ଦେବାହିଁ ହେବ ଜ୍ଞାନ—ଶିଳ୍ପର ଏକମାତ୍ର ଗୁରୁଦାୟିତ୍ୱ । ସେ ଯଥାର୍ଥରେ କହିଛନ୍ତି It is quite easy to visualige a situation perhaps in 100 years in which the whole effect of the knowledge industry will have to be devoted to transmitting knowledge from one generation to the next" ତେଣୁ ଏକ ପକ୍ଷରେ ପରିବେଶର ଦୂଷିତୀକରଣ ଏବଂ ଅପରପକ୍ଷେ ବୈଜ୍ଞାନିକ ଗବେଷଣା ପ୍ରସୂତ ତଥ୍ୟରାଜିର ଅବୋଧ୍ୟତା ବିଜ୍ଞାନ ଓ ବୈଷୟିକ ଜ୍ଞାନପ୍ରତି ଜନସାଧାରଣଙ୍କ ମାନସପଟରେ ବିଜ୍ଞାନ ପ୍ରତି ଏକ ସଂଶୟ ଭାବରେ ଉଦ୍ରେକ ଘଟାଇବା ଯୁକ୍ତିସଙ୍ଗତ ଓ ସ୍ୱାଭାବିକ ହୋଇ ନାହିଁ କି ?

ଅଭିଜ୍ଞତାସମ୍ପନ୍ନ ବିଦ୍ୱାନ ବ୍ୟକ୍ତିମାନେ ବିଜ୍ଞାନ ଓ ବୈଷୟିକ ଜ୍ଞାନର ଅନିୟନ୍ତ୍ରିତ ପ୍ରସାରତଥା ଗବେଷଣା ପରିଚାଳନା କରିବାର ପଦ୍ଧତି ବିରୋଧରେ ଯେପରି ସ୍ୱର ଉତ୍ତୋଳନ କରୁଛନ୍ତି, ଯୁବମାନସରେ ମଧ୍ୟ ତଦନୁରୂପ ପ୍ରତିକ୍ରିୟା ପ୍ରକାଶିତ ହେଉଛି । ବିଂଶ ଶତାବ୍ଦୀର ଷଷ୍ଠ ଦଶକର ଶେଷଭାଗରେ ଯେଉଁ କେତେଜଣ ପ୍ରବକ୍ତା ବିଜ୍ଞାନ ବିରୋଧରେ କଟୁ ମନ୍ତବ୍ୟ ପ୍ରଦାନ କରିଥିଲେ, ସେମାନଙ୍କ ମଧ୍ୟରେ ୩୯ବର୍ଷ ବୟସ୍କ ପ୍ରବୀଣ ଐତିହାସିକ ଥିଓଡର ରୋଜାକ ଅନ୍ୟତମ । "ଦି ମେକିଙ୍ଗ ଅଫ୍ ଏ କାଉଣ୍ଟର କଲଚର୍" ଶୀର୍ଷକ ଏକ ପୁସ୍ତକ

ଜରିଆରେ ସେ ନିଜ ମନୋଭାବ ବ୍ୟକ୍ତ କରିଛନ୍ତି । ଏହି ପୁସ୍ତକଟି ପ୍ରକାଶିତ ହେବାପରେ ସ୍ୱଳ୍ପ ସମୟ ମଧ୍ୟରେ ଯଥେଷ୍ଟ ଲୋକପ୍ରିୟତା ଅର୍ଜନ କରିଛି । ଏଥିରେ ସେ ସୂଚାଇଛନ୍ତି ଯେ ବସ୍ତୁବାଦୀ ଆଭିମୁଖ୍ୟ ଘେନି ବୈଜ୍ଞାନିକ ଗବେଷଣା ଚଳାଇବା ଦ୍ୱାରା ସଭ୍ୟତା ଓ ସଂସ୍କୃତିର ବିକାଶ ସଙ୍ଘଟିତ କରାଇବା ପାଇଁ ବର୍ତ୍ତମାନ ମାନବ ଜାତି ଯେପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଏବଂ ବୈଜ୍ଞାନିକ ଗବେଷଣାକୁ ଯେପରି ଅଗ୍ରାଧିକାର ପ୍ରଦାନ କରାଯାଉଛି, ତଦ୍ୱାରା ମନୁଷ୍ୟର ବ୍ୟକ୍ତିଗତ ଅନୁଭୂତିକୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରାଯାଉନାହିଁ, ପ୍ରକୃତିର କୌଣସି ଏକ ରହସ୍ୟ ଉପଲବ୍ଧି କରିବା ପାଇଁ ବ୍ୟକ୍ତିଗତ ଭାବରେ ସଚେଷ୍ଟ ହେବା ପାଇଁ କେହି ସେ ସାହସ ସଞ୍ଚୟ କରିପାରୁ ନାହିଁ ଏବଂ ତାର ମାନସିକ ପବିତ୍ରତା କଳୁଷିତ ହୋଇଯାଉଛି । ତାଙ୍କ ମତାନୁଯାୟୀ "କାରଣ ଅନ୍ୱେଷଣ" ( reason ) ହେଉଛି ଚିନ୍ତାଶୀଳ ମସ୍ତିଷ୍କର ବହୁବିଧ ଗୁଣଗୁଡ଼ିକ ମଧ୍ୟରୁ ଗୋଟିଏ । ସେ ଦୃଢ଼ ସ୍ୱରରେ ଘୋଷଣା କରନ୍ତି ଯେ ଆଧ୍ୟାତ୍ମିକ ଜ୍ଞାନ ଓ ଆଧ୍ୟାତ୍ମିକ ଶକ୍ତି ହେଉଛି ମନୁଷ୍ୟର ଅନ୍ୟ ଏକ ଶ୍ରେଷ୍ଠ ଗୁଣ । ବସ୍ତୁବାଦୀ ବିଜ୍ଞାନ ପ୍ରତି ସୀମିତ ଦୃଷ୍ଟି ସ୍ଥାପନ କରିବା ଦ୍ୱାରା ଆମେ ଆଧ୍ୟାତ୍ମିକ ଶକ୍ତି ପ୍ରସୂତ ବହୁବିଧ ଅଭିଜ୍ଞତାକୁ ଜ୍ଞାନରୂପେ ଗ୍ରହଣକୁ ଆଣୁନାହୁଁ, କାରଣ ତାହାକୁ ବସ୍ତୁବାଦୀ ଦୃଷ୍ଟିକୋଣରୁ ପ୍ରତିଷ୍ଠିତ ହୋଇଥିବା 'ବିଜ୍ଞାନ' ରୂପକ ତଥାକଥିତ ଜ୍ଞାନ ଭଣ୍ଡାରର ପରିସର ଭୁକ୍ତ କରାଯିବା ସମ୍ଭବ ହେଉନାହିଁ ।

ରଜାକ୍ ଓ ଅନ୍ୟ ସମାଲୋଚକ ଗଣ ସମସ୍ୱରରେ ଘୋଷଣା କରୁଛନ୍ତି ଯେ ଏକ ଯାନ୍ତ୍ରିକ ( Meehanistic ) ବୈଜ୍ଞାନିକ ପଦ୍ଧତି ଅନୁସରଣ କରିବା ପୂର୍ବକ ଅମୂଲ୍ୟ, ଅଗାଧ ସମ୍ପଦ ବିନିମୟରେ ମନୁଷ୍ୟ ଗୋଟିକ ପରେ ଗୋଟିଏ ଆବିଷ୍କାର ଘଟାଇ ପାରିଛି । ପ୍ରକୃତିକୁ ସେ ଅଭିଳଷିତ ସମ୍ପାଦନ କରିବାପାଇଁ ଗୋଟିଏ ବସ୍ତୁରୂପେ ଗ୍ରହଣ କରିଛି । ତେଣୁ ବିଭିନ୍ନ ପ୍ରକାର ଯନ୍ତ୍ର—କୌଶଳ ବିନିମୟରେ ସେ ପ୍ରକୃତିକୁ ବିବର୍ତ୍ତ ଓ ବିଦର୍ଶିତ କରି ପକାଉଛି । ଏପରି କର୍ମପନ୍ଥା ଅନୁସରଣ କରିବାଦ୍ୱାରା ଯେ ଯେଉଁ ପ୍ରକାର ସିଦ୍ଧାନ୍ତରେ ଉପନୀତ ହେଉଛି, ତାହାକୁ ସେ ସଠିକ ଜ୍ଞାନ ବା 'ସତ୍ୟ'ରୂପେ ଘୋଷଣା

କରୁଛି । ଅର୍ଥାତ୍ ମନୁଷ୍ୟ ବିଚାର କରୁଛି ଯେ ଯେଉଁ ପ୍ରକାର ସିଦ୍ଧାନ୍ତ ଅଭିଜ୍ଞତା ପ୍ରସୂତ ତଥ୍ୟରାଜି ଦ୍ୱାରା ସଂସ୍ଥାପିତ, ଯାହା କାରଣସଙ୍ଗତ ( Rational ) ଯୁକ୍ତିସଙ୍ଗତ ( Logical ) ବା ତର୍କସିଦ୍ଧ, ବାସ୍ତବ ( Realistic ) ଓ ଅନୁଭବ୍ୟ ( Sensible ) ତାହାହିଁ ପ୍ରକୃତ ଜ୍ଞାନ ବା ସତ୍ୟ । କିନ୍ତୁ ଏହି ସମାଲୋଚକ ମାନଙ୍କ ମତରେ ମାୟା ବା ରହସ୍ୟ ( Mystery ) ଅଯୌକ୍ତିକ ବିରୋଧାତ୍ମକ ଚିନ୍ତାଧାରା ( illogic Contradiction ) ଅଲୌକିକ ଅନୁଭୂତି (Transce dent Experience ) ଏବଂ ପୂର୍ବକାଳୀନ ତତ୍ତ୍ୱରାଜି(Antiquities) ମଧ୍ୟ ଜ୍ଞାନ ରାଜ୍ୟର ଅନ୍ତର୍ଭୁକ୍ତ । ପ୍ରବୀଣ ମନସ୍ତତ୍ତ୍ୱବିତ୍ ସ୍ୱର୍ଗୀୟ,ମାସଲୋ, ପ୍ରସଙ୍ଗ କ୍ରମେ ଲେଖିଛନ୍ତି । " We heve learned to think of knowlege as verbal, explicit, articulated,rational, logical, Aristotelian, realistic, sensible. Equally emportant are mystery, antiquity illogic contradiction and transce dent experience."

ସମାଜ ବିଜ୍ଞାନୀ ଓ ମନସ୍ତତ୍ତ୍ୱବିତ୍‌ମାନଙ୍କ ଅନୁରୂପ ଅଧୁନା ବୈଜ୍ଞାନିକମାନେ ମଧ୍ୟ ଏପରି ମତବ୍ୟକ୍ତ କଲେଣି । ମିଚଗାନ୍ ବିଶ୍ୱ-ବିଦ୍ୟାଳୟର ପ୍ରବୀଣ ଭୂତତ୍ତ୍ୱ-ବିଜ୍ଞାନୀ ଫ୍ରାଙ୍କ୍ ରେଡ୍‌ସଙ୍କ ମତାନୁଯାୟୀ ଟେଲିଫୋନ୍ ମାଲିକଙ୍କ ସହିତ ଟେଲିଫୋନ ନମ୍ବର ଯେପରି ଭାବରେ ସଂପର୍କିତ, ଆମେ ବିଭିନ୍ନ ମାପ ତୌଲ ଦ୍ୱାରା ଯେଉଁ ତଥ୍ୟ ଆଦାୟ କରୁ, ତାହା ପୃଥିବୀ ସହିତ ଠିକ୍ ସେହିପରି ଭାବରେ ସଂପର୍କିତ । ଅର୍ଥାତ୍ ଗୁଣାତ୍ମକ ଦୃଷ୍ଟି କୋଣରୁ ବିଚାର କରିବା ଦ୍ୱାରା ସେ ଉପ-ଲବ୍ଧି କରିଛନ୍ତି ଯେ ପ୍ରାମାଣିକ ତଥ୍ୟରାଜି ସହ ପୃଥିବୀର ସମ୍ପର୍କ ଆଦୌ ନିବିଡ଼ ନୁହେଁ । ସେ ଲେଖିଛନ୍ତି "It may be that the qualities we measure have as little relation to the world itself as a telephone number to its subscriber" ରେଡ୍‌ସ୍ ଏବଂ ଅନ୍ୟ କେତେକ ବୈଜ୍ଞାନିକମାନେ ସୂଚାଇଛନ୍ତି ଯେ ସମସ୍ତ ପ୍ରକାର ଅନୁଭୂତିକୁ ପ୍ରକାଶ କରିବା ପାଇଁ ବିଜ୍ଞାନର ଭାଷା ଯଥେଷ୍ଟ ନୁହେଁ । ଏହା କେବଳ ତାର ସୀମିତ ଅନୁଭୂତିର ପରିପ୍ରକାଶ

ଷ୍ଟାନ୍‌ଫୋର୍ଡ୍ ବିଶ୍ୱବିଦ୍ୟାଳୟର ଶଗୃଡ୍ ଏର୍ ବ୍ରୁଏବ୍ ନାମକ ଜଣୈକ ଇଞ୍ଜିନି-ୟରଙ୍କ ମତାନୁଯାୟୀ ମନୁଷ୍ୟ ଯେପରି ସତ୍ୟରେ ଉପନୀତ ହେବାପାଇଁ ବିଜ୍ଞା-ନକୁ ଏକମାତ୍ର ବିଶ୍ୱସ୍ତ ପନ୍ଥାରୂପେ ଆଦର ନେଇଛି ଏବଂ ଏହା ଯେପରି ସର୍ବଜନାନୁମୋଦିତ ହୋଇ ପାରିଛି. ମାନବ ଜାତିର ସାଂସ୍କୃତିକ ଇତିହାସରେ ତାର ପଟାନ୍ତର ନାହିଁ । ସେ କହନ୍ତି । "One of the most pernicious methods ever to be almost universally accepted is that the scientific method is the reliable way to truth"

ହାର୍ଭାର୍ଡ୍ ବିଶ୍ୱବିଦ୍ୟାଳୟର ପ୍ରବୀଣ ଜୀବ ବିଜ୍ଞାନୀ ମେଣ୍ଡେଲସନ୍‌ଙ୍କ ମତାନୁଯାୟୀ ବସ୍ତୁବାଦୀ ଆଭିମୁଖ୍ୟ ନେଇ ବୈଜ୍ଞାନିକ ଗବେଷଣାରେ ମନୋନିବେଶ କରିଥିବା ଗବେଷକମାନେ ପର୍ଯ୍ୟବେକ୍ଷଣ ନେବାବେଳେ ସେମାନଙ୍କ ମାନସ ପଟରେ ଏକପ୍ରକାର ଆଧିଭୌତିକ ବିଚାରବୋଧ ଜାଗ୍ରତ ହୁଏ । ସେ ସୂଚାଇଛନ୍ତି ଯେ ବର୍ତ୍ତମାନ ବୈଜ୍ଞାନିକମାନେ ଏପରି ଏକ ଆଧିଭୌତିକ ବିଚାର ବୋଧର Metapyhsical judgement) ଅସ୍ତିତ୍ୱକୁ ସ୍ୱୀକାର କଲେଣି । ଏପରି ଘଟୁଥିବାର କାରଣ ସମ୍ପର୍କରେ ସ୍ପଷ୍ଟୀକରଣ ଦେବା ଉଦ୍ଦେଶ୍ୟରେ ସେ କହନ୍ତି ଯେ ବୈଜ୍ଞାନିକ ମାନଙ୍କର ପର୍ଯ୍ୟବେକ୍ଷଣ ସେମାନଙ୍କ ଦାବୀ ଅନୁଯାୟୀ ତତ୍ତ୍ୱନିରପେକ୍ଷ (Theory-neutral) ହୋଇନଥାଏ; ଏହା ପ୍ରକୃତପକ୍ଷେ ହୋଇଥାଏ ତତ୍ତ୍ୱ ଭାରାକ୍ରାନ୍ତ(Theory ladien) । ବୈଜ୍ଞାନିକ ମାନଙ୍କର ଅମୋଘ ଅସ୍ତ୍ରରୂପେ ପ୍ରତିଷ୍ଠା ଲଭି କରିଥିବା 'ବସ୍ତୁବାଦ' (odjectivism) ବିରୋଧରେ ଏପରି କଟୂକ୍ତି ପ୍ରବୀଣ ଜର୍ମାନ ପଦାର୍ଥ ବିଜ୍ଞାନୀ ୱେର୍‌ନର୍ ହାଇଜେନ୍‌ବର୍ଗଙ୍କ ଚିନ୍ତାପ୍ରସୂତ "ଅନିଶ୍ଚିତତା-ସିଦ୍ଧାନ୍ତ" uncertainty principle) ଦ୍ୱାରା ସମର୍ଥିତ ହୋଇଛି । ସୁଦୀର୍ଘ ୫୦ ବର୍ଷ ପୂର୍ବେ ମହାମତି ହାଇଜେନ୍ ବର୍ଗ ଉଲ୍ଲିଖିତ ଯୁଗାନ୍ତକାରୀ ତତ୍ତ୍ୱଟିକୁ ଉଦ୍ଭାବନ କରି ନିଜ ସୃଜନଶୀଳତାର ପରାକାଷ୍ଠା ପ୍ରଦର୍ଶନ କରିଥିଲେ ଏବଂ ମନୁଷ୍ୟର ଜ୍ଞାନରାଜ୍ୟକୁ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ତାଙ୍କର ଏ ରୂପ ଅସାମାନ୍ୟ ଅବଦାନ ଯୋଗୁଁ ତାଙ୍କୁ ନୋବେଲ ପୁରସ୍କାର ଦ୍ୱାରା ସମ୍ମାନିତ କରାଯାଇଥିଲା । ଏହି ଉଦ୍ଭାବନ ସଙ୍ଘଟିତ ହୋଇଯିବାମାତ୍ରେ ପୃଥିବୀର

ଚିନ୍ତାନାୟକ ମାନଙ୍କ ମାନସପଟରେ ଗମ୍ଭୀର ଆଲୋଡନ ସୃଷ୍ଟି ହୋଇଥିଲା । ବୈଜ୍ଞାନିକ ଗବେଷଣା ଚଳାଇବାର ଚିରାଚରିତ ସଠିକ ପଦ୍ଧତି ବିରୋଧରେ ଏହା ଏକ ଅହେତୁକ ପ୍ରତିବନ୍ଧକ ରୂପେ ବିଚାର କରି କେତେକ ସ୍ୱନାମଧନ୍ୟ ବୈଜ୍ଞାନିକ ଅନିଶ୍ଚିତତା ସିଦ୍ଧାନ୍ତକୁ କଠୋର ସମାଲୋଚନା କରିଥିଲେ । କ୍ୱାଣ୍ଟମ୍ ତତ୍ତ୍ୱାଶ୍ରୟୀ ଏହି ଐତିହାସିକ ସିଦ୍ଧାନ୍ତ ଅନୁଯାୟୀ ଜଣାଗଲା ଯେ କୌଣସି ଏକ ପର୍ଯ୍ୟବେକ୍ଷଣ ନେବା ପାଇଁ ଆମେ ଆନୁସଙ୍ଗିକ ଯନ୍ତ୍ରପାତି ସାହାଯ୍ୟରେ ଯେଉଁ ପ୍ରକାରେ ଯତ୍ନଶୀଳ ହେଉ ତାହାର ଫଳ ସ୍ୱରୂପ ପର୍ଯ୍ୟବେକ୍ଷିତ ବସ୍ତୁ ବା ସ୍ଥିତିର ପ୍ରକୃତି ବଦଳିଯାଏ । ତେଣୁ ଏପରି ପର୍ଯ୍ୟବେକ୍ଷଣ ଜରିଆରେ ବସ୍ତୁର ଅବସ୍ଥିତି, ବେଗ, ସଂବେଗ ବା ଶକ୍ତି ସଂବନ୍ଧରେ ଏକାନ୍ତ ସଠିକ ତଥ୍ୟ (Absolute truth) ପାଇପାରିବା ସମ୍ଭବ ନୁହେଁ, ପର୍ଯ୍ୟବେକ୍ଷକଙ୍କ ଅଭିପ୍ରାୟଠାରୁ ଭିନ୍ନ ରୂପେ ବିଚାର କରିଯାଇ ପାରିବନାହିଁ । ପ୍ରବୀଣ ପଦାର୍ଥ ବିଜ୍ଞାନୀ ତଥା ସିଦ୍ଧହସ୍ତ ଲେଖକ "ଡ଼ଏଟ୍‌ଚ ଶ୍ଲୋରଅର୍' ତାଙ୍କ ବହୁଳ ଲେଖନୀ ପ୍ରସୂତ, ଫିଜିକସ୍ ଆଣ୍ଡ ଫିଫ୍‌ଥ ଡାଇମେନ୍‌ସନ୍ ସୋସାଇଟି, ଶୀର୍ଷକ ସାରଗର୍ଭକ ପୁସ୍ତକରେ 'ଅନିଶ୍ଚିତତା ସିଦ୍ଧାନ୍ତ" କୁ ଉପଲକ୍ଷ୍ୟ କରି ପ୍ରସଙ୍ଗ କ୍ରମେ ଯଥାର୍ଥରେ ଲେଖିଛନ୍ତି "It seems to be just as the romantics have been claiming. The observer can not be separated from the experiment."

ଅନିଶ୍ଚିତତା ସିଦ୍ଧାନ୍ତରୁ ପ୍ରକଟିତ ହେଉଛି ଯେ ପ୍ରକୃତି ସମ୍ବନ୍ଧରେ ଅବଧାରିତ ହେବାପାଇଁ "କାର୍ଯ୍ୟକାରଣ" ପର୍ଯ୍ୟବେସିତ ବିଜ୍ଞାନ ସମ୍ପୂର୍ଣ୍ଣ ଭାବରେ ସମର୍ଥ ନୁହେଁ, ଏହାର କ୍ଷମତା ହେଉଛି ସୀମିତ । ପରିସଂଖ୍ୟାନଭିତ୍ତିକ ଦୃଷ୍ଟିକୋଣରୁ ଏହା କେବଳ ଗୋଟିଏ ବସ୍ତୁର ଅବସ୍ଥିତି, ବେଗ, ବା ଶକ୍ତି ସମ୍ବନ୍ଧରେ ସମ୍ଭାବ୍ୟ ଉତ୍ତର ଦେଇପାରେ, ମାତ୍ର ବୈଜ୍ଞାନିକ ପଦ୍ଧତି ଅନୁସୃତ ଗବେଷଣା ଏ ବିଷୟରେ ନିଶ୍ଚିତ ଉତ୍ତର ଯୋଗାଇ ପାରିବନାହିଁ । ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଗୋଟିଏ ଇ-ଲେକ୍‌ଟ୍ରନ ପରମାଣୁର ଠିକ୍ କେଉଁ ସ୍ଥାନରେ ଅବସ୍ଥାନ କରିଛି, ଏପରି ପ୍ରଶ୍ନର ସଠିକ ଉତ୍ତରଦେବା ପରିବର୍ତ୍ତେ

କ୍ୱାଣ୍ଟମ୍ ତତ୍ତ୍ୱାଶ୍ରୟୀ ପଦାର୍ଥବିଜ୍ଞାନ ଆମକୁ ତତ୍କାଳୀନ ମୁହୂର୍ତ୍ତରେ ଏହାର ସମ୍ଭାବ୍ୟ ଅବସ୍ଥିତି ସମ୍ପର୍କରେ ହିଁ ସୂଚନା ଦେଉଛି । ତେଣୁ ନିଶ୍ଚିତ ଉତ୍ତର ପରିବର୍ତ୍ତେ ଏହା ସମ୍ଭାବ୍ୟ ଉତ୍ତର ଦେବାକୁହିଁ ସମର୍ଥ ହୋଇଛି । ହାଇଜେନ୍‌ବର୍ଗଙ୍କ ଦ୍ୱାରା ସର୍ବପ୍ରଥମେ ଉଦ୍ଭାବିତ ତଥା ଅଧୁନା ବିଜ୍ଞାନ ଜଗତରେ ସୁପ୍ରତିଷ୍ଠିତ ଏପରି ଏକ ମୌଳିକ ଚିନ୍ତାଧାରା ବିଂଶଶତାବ୍ଦୀର ଅନ୍ୟତମ ଶ୍ରେଷ୍ଠ ଚିନ୍ତାନାୟକ ଆଲବର୍ଟ୍ ଆଇନ୍‌ଷ୍ଟାଇନ୍‌ଙ୍କ ମାନସ ପଟରେ ସଂଶୟ ଜାତ କରିଥିଲା । ଗତାନୁଗତିକ ବସ୍ତୁବାଦୀ ଅଭିମୁଖ୍ୟ ନେଇ ବୈଜ୍ଞାନିକ ଗବେଷଣା ଚଳାଇବା ଦ୍ୱାରା ମନୁଷ୍ୟ ବିଶ୍ୱରେ ପ୍ରତିଭାତ ହେଉଥିବା ବିଭିନ୍ନ ଦୃଶ୍ୟଗୁଡ଼ିକ ସମ୍ବନ୍ଧରେ ଏକାନ୍ତ ସଠିକ ଉତ୍ତରପାଇବା ପରିବର୍ତ୍ତେ ସେ କେବଳ ସମ୍ଭାବ୍ୟ ଉତ୍ତର ପାଇପାରିବ, ଏପରି ଏକ ଚିନ୍ତାଧାରାକୁ ଗ୍ରହଣ କରିବାକୁ ସେ ରାଜି ହୋଇ ନଥିଲେ । ତେଣୁ ସେ କହିଥିଲେ ଯେ ଈଶ୍ୱର ଏହି ବିଶ୍ୱସହିତ କଦାପି ପଶା ଖେଳୁନାହାନ୍ତି । ( God does not play dice with the Universe)

ଅନିଶ୍ଚିତତା—ସିଦ୍ଧାନ୍ତର ଉଦ୍ଭାବନ ଯୋଗୁଁ ବିଂଶ ଶତାବ୍ଦୀର ବହୁ ଯୋଗଜନ୍ମା ଚିନ୍ତାନାୟକମାନଙ୍କ ମନସପଟରେ ଯେଉଁ ଉଦ୍‌ବେଳନ ସୃଷ୍ଟି ହୋଇଥିଲା, ତାହା ଏଯାବତ୍ ପ୍ରଶମିତ ହୋଇନାହିଁ । ନିକଟ ଅତୀତରେ ବୟୋବୃଦ୍ଧ ହାଇଜେନ୍‌ବର୍ଗ ପୃଥିବୀର ବିଭିନ୍ନ ଦେଶର ପଦାର୍ଥ ବିଜ୍ଞାନୀମାନଙ୍କୁ ପରାମର୍ଶ ଦେଇଛନ୍ତି ଯେ ଅଧିକରୁ ଅଧିକ ଶକ୍ତିଶାଳୀ ତ୍ୱରକ ( accelerator ) ଯନ୍ତ୍ର ନିର୍ମାଣକରି ବିପୁଳ ଅର୍ଥବ୍ୟୟ କରିବାଦ୍ୱାରା ଖର୍ଚ୍ଚ ତୁଳନାରେ ସେମାନେ ବିଶେଷ କିଛି ନୂତନଜ୍ଞାନ ଆହରଣ କରିପାରିବେ ନାହିଁ । ଏତଦ୍ୱାରା ଅନୁନିଉକ୍ଲିଅସୀୟ ଜଗତ ( Subnucler world ) ସମ୍ବନ୍ଧରେ ପୂର୍ବାପେକ୍ଷା କିଛି ଅଧିକ ମୌଳିକ ଜ୍ଞାନ ସଂଗ୍ରହ କରିବାପାଇଁ ଚେଷ୍ଟାକଲେ ସେମାନେ କେବଳ ନିରାଶହେବେ । କାରଣ ତ୍ୱରକଯନ୍ତ୍ରର ଶକ୍ତିକୁ ଯେତେଗୁଣ ଆବର୍ଦ୍ଧିତ କଲେମଧ୍ୟ ଆମେ ନିଉକ୍ଲିଅସୀୟ ଜଗତରେ ଅବସ୍ଥାନ କରିଥିବା କଣିକାମାନଙ୍କ ପ୍ରକୃତି ସମ୍ବନ୍ଧରେ କେବଳ ସମ୍ଭାବ୍ୟ ଉତ୍ତରହିଁ ପାଇପାରିବା, ସଠିକ ଉତ୍ତରପାଇଁ ଆଶାକରିବା

କେବଳ ଅସାରତାରେ ହିଁ ପରିଣତ ହେବ । ତେଣୁ "ବସ୍ତୁ ଆଭ୍ୟନ୍ତରେ ଲଘୁକ୍ରିସ୍ତ" ତୁଲ୍ୟ ବ୍ୟୟବହୁଳ ନିରର୍ଥକ ଯୋଜନା ଗୁଡ଼ିକୁ କାର୍ଯ୍ୟକାରୀ କରି ନଯିବା ଶ୍ରେୟସ୍କର ବୋଲି ସେ ଚେତାବନୀ ଶୁଣାଇଛନ୍ତି । ଗୁନ୍ଥର୍ ଷ୍ଟେଣ୍ଟନାମକ ଜଣେକ ପ୍ରବୀଣ ଆଣବିକ ଜୀବବିଜ୍ଞାନୀ ( Molecular Biologist ) ସ୍ବରଚିତ "ଦି ମେକିଙ୍ଗ ଅଫ୍ ଦି ଗୋଲଡ଼େନ୍ ଏଜ୍" ଶୀର୍ଷକ ଏକ ପୁସ୍ତକରେ ସୂଚାଇଛନ୍ତି ଯେ ଆଣବିକ ଜୀବବିଜ୍ଞାନ ସମ୍ବନ୍ଧୀୟ ସମସ୍ତ ମୌଳିକ ସମସ୍ୟା ଗୁଡ଼ିକର ସମାଧାନ ପ୍ରାପ୍ତ ହୋଇଗଲାଣି ଏବଂ ଯେଉଁ ସମସ୍ୟା ଗୁଡ଼ିକ ଅସମାଧିତ ଅବସ୍ଥାରେ ରହିଛି, ସେଗୁଡ଼ିକର ସମାଧାନ ନିକଟ ଭବିଷ୍ୟତରେ ହୋଇଯିବ । ସେ ଏହି ପୁସ୍ତକ ମାଧ୍ୟମରେ ଆହୁରି ମଧ୍ୟ ଘୋଷଣା କରିଛନ୍ତି ଯେ ଏଣିକି ବୈଜ୍ଞାନିକ ଗବେଷଣାର ସମୃଦ୍ଧି କଲେ ଯେତେଯେତେ ଅଧିକ ପୁଞ୍ଜି ଓ ଶ୍ରମ ବିନିଯୋଗ କରାଯିବ, ସେହି ପରିମାଣରେ ମୌଳିକ ଜ୍ଞାନ ସଂଗ୍ରହ କରାଯିବା ସମ୍ଭବ ହେବନାହିଁ; ବିଶ୍ବ କେବେ ସୃଷ୍ଟି ହୋଇଥିଲା ବା ବସ୍ତୁକୁ ଗଠନ କରିଥିବା ମୌଳିକ କଣିକାର ଅସଲ ସ୍ବରୂପ କ'ଣ, ଏଭଳି ପ୍ରଶ୍ନଗୁଡ଼ିକର ଏକାନ୍ତ ସଠିକ ଉତ୍ତର ମନୁଷ୍ୟ କଦାପି ପାଇପାରିବ ନାହିଁ । ସେ କେବଳ ପିଆଜ ଉପରୁ ଖୋଳପା ଛଡ଼ାଇବା ପରି ଚରମ ସତ୍ୟ ଅନୁସନ୍ଧାନ କଲେ ପରସ୍ତ ପରସ୍ତ ଅନୁକ୍ରମରେ ଖୋଳପା ଛଡ଼ାଇବା କାର୍ଯ୍ୟରେହିଁ ବ୍ୟସ୍ତ ରହିବ । ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାଦ୍ୱାରା ତାକୁ ଏ ରୂପ କୌତୂହଳୀ ପ୍ରଶ୍ନଗୁଡ଼ିକର ସମ୍ଭାବ୍ୟ ଉତ୍ତର ମିଳିଯିବ, ଏକାନ୍ତ ସଠିକ ଉତ୍ତର ପାଇବା ତା ଶକ୍ତିର ବହିର୍ଭୂତ । ଗୁନ୍ଥର୍ ଷ୍ଟେଣ୍ଟଙ୍କର ଏ ରୂପ ଚରମପନ୍ଥୀ ଚିନ୍ତାଧାରା ବର୍ତ୍ତମାନ ଜ୍ଞାନୀଜନମାନଙ୍କ ମଧ୍ୟରେ ଏକ ବୌଦ୍ଧିକ କଳହର ସୂତ୍ରପାତ ଘଟାଇଛି ।

ହାଇଜେନ୍‌ବର୍ଗ ଓ ଷ୍ଟେଣ୍ଟଙ୍କର ଏରୂପ ନିରାଶାବାଦୀ ଭବିଷ୍ୟତ ବାଣୀ ବର୍ତ୍ତମାନ ବହୁବିଧ ବାଦବିସମ୍ବାଦର ସମ୍ମୁଖୀନ । ସେମାନଙ୍କ ବିଚାର ଧାରାର ଅନୁଗାମୀ ହେବା ସମସ୍ତଙ୍କ ପକ୍ଷରେ ସମ୍ଭବ ହେଉନାହିଁ । ବହୁ ବୈଜ୍ଞାନିକ ବର୍ତ୍ତମାନ ଜ୍ଞାନାକାଶର ଦିଗ୍-

ବଳୟରେ ଏତ ନୂତନ ସର୍ଯ୍ୟୋଦୟ ଅବଲୋକନ କରିବାକୁ ଆଶାୟୀ ହୋଇଛନ୍ତି । ମନୁଷ ର ଭାବରାଜ୍ୟରେ ଭୂମୂଳ ପରିବର୍ତ୍ତନ ଘଟାଇବା ଭଳି ଏକ ଯୁଗାନ୍ତକାରୀ ମତବାଦର ପ୍ରତିଷ୍ଠା ଅଚିରେ ସମ୍ଭବ ହୋଇପାରିବ ବୋଲି ସେମାନଙ୍କର ଦୃଢ଼ବୋଧ ହୋଇଛି । ଉଦାହରଣ ସ୍ୱରୂପ, ପ୍ରବୀଣ ଐତିହାସିକ ଟମାସ୍ କୁହନ୍ ସ୍ୱରଚିତ "ଦି ଷ୍ଟ୍ରକ୍‌ଚର ଅଫ୍ ସାଇଣ୍ଟିଫିକ୍ ରିଭଲ୍ୟୁସନ୍‌ସ୍" ଶୀର୍ଷକ ଏକ ଚିନ୍ତା ଉଦ୍ରେକକାରୀ ପୁସ୍ତକରେ ଏ ବିଷୟରେ ସମ୍ୟକ୍ ସୂଚନା ଦେଇଛନ୍ତି । ତାଙ୍କ ମତାନୁଯାୟୀ, ଜ୍ଞାନରାଶିର ଗଚ୍ଛିତିକରଣ ହେତୁ ବିଜ୍ଞାନ ସମୃଦ୍ଧ ହୋଇନାହିଁ, ବିଜ୍ଞାନବୃକ୍ଷର ମୂଳଦୁଆ ବହୁବାର ଭୂଷୁଡ଼ି ପଡ଼ିଛି ଏବଂ ନୂତନ ଜ୍ଞାନ-ବୀଜର ଅଙ୍କୁରୋଦ୍‌ଗମ୍ ଘଟି ଏହା ପୁନର୍ବାର ଫଳପୁଷ୍ପ ଶୋଭିତ ବୃକ୍ଷରେ ପଲ୍ଲବିତ ହୋଇଛି । ଜଣେ ଜଣେ ଚିନ୍ତାନାୟକ ଙ୍କ ନ-ବୀଜ ବପନ କରିବାଦ୍ୱାରା ଏକ ନୂତନ ଯୁଗର ଆରମ୍ଭ ଘଟେ ଏବଂ ଏହି ଯୁଗରେ ବହୁ ବୈଜ୍ଞାନିକ ତାଙ୍କଦ୍ୱାରା ଉଦ୍‌ଭାବିତ ମୌଳିକ ଧାରଣା ବା ପଦ୍ଧତିକୁ ଆଶ୍ରୟକରି ଏହିବୀଜର ଅଙ୍କୁରୋଦ୍‌ଗମ୍ ଘଟାଇବା ପୂର୍ବକ ଏହାକୁ ଫଳପୁଷ୍ପ-ଶୋଭିତ ବୃକ୍ଷରେ ପରିଣତ କରନ୍ତି । ଏହି ଶେଷୋକ୍ତ ବୈଜ୍ଞାନିକ ମାନଙ୍କର ସଂଖ୍ୟା ଯଥେଷ୍ଟ ବେଶୀ । ଉଦାହରଣ ସ୍ୱରୂପ, କୋପେରନିକସ୍ ଭୂଭ୍ରମଣବାଦ ଶୀର୍ଷକ ଏକ ଯୁଗାନ୍ତକାରୀ ତତ୍ତ୍ୱ ପ୍ରତିଷ୍ଠା କରିଦେବା ପରେ ଗାଲିଲିଓ, ନିଉଟନ୍ ଓ ଆଇନ୍‌ଷ୍ଟାଇନ୍ ପ୍ରମୁଖ ତାଙ୍କ ପଦାଙ୍କ ଅନୁସରଣ କରି କେତୋଟି ମୌଳିକ ତତ୍ତ୍ୱ ପ୍ରତିଷ୍ଠା କଲେ । ଏହି ଚିନ୍ତାନାୟକ ମାନଙ୍କ ଚିନ୍ତା-ପ୍ରସୂତ ମୌଳିକ ଧାରଣାକୁ ଆଶ୍ରୟକରି ଶହଶହ ବୈଜ୍ଞାନିକ ବିଗତ ୫୦୦ ବର୍ଷଧରି ବିଜ୍ଞାନର ସମୃଦ୍ଧି ସାଧନ କଲେ୍ କର୍ମତତ୍ପର ହୋଇଛନ୍ତି । କୁହନ ଓ ତାଙ୍କପରି ମତପୋଷଣ କରୁଥିବା ବୁଦ୍ଧିଜୀବୀମାନେ ଘୋଷଣା କରୁଛନ୍ତି ଯେ ବିଜ୍ଞାନ କ୍ଷେତ୍ରରେ ଏକ ନୂତନ ଚିନ୍ତାଧାରା ପରିବେଷଣ କରିବା ପୂର୍ବକ ବୈଜ୍ଞାନିକ ଗବେଷଣାକୁ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିବା ଉଦ୍ଦେଶ୍ୟରେ ଜଣେ ମହାପୁରୁଷଙ୍କର ଆବିର୍ଭାବ କାଳ ପାଖେଇ ଆସିଲାଣି । ଏହି ଯୁଗ ପ୍ରବର୍ତ୍ତକ ଚିନ୍ତାନାୟକ ସ୍ୱକର୍ତ୍ତବ୍ୟ ସମ୍ପାଦନ କରିଦେବା ପରେ ବହୁସଂଖ୍ୟକ ବୈଜ୍ଞାନିକ

ତାଙ୍କ ପଥ ପ୍ରଦର୍ଶନକାରୀ ଗବେଷଣାକୁ ଅନୁସରଣ କରି ଅଭିନବ ଦୃଷ୍ଟିକୋଣରୁ ଗବେଷଣା ଚଳାଇବେ। ଏତଦ୍ୱାରା ନୂତନ ବିଜ୍ଞାନର ସର୍ଜ୍ଜନା ଘଟିବ ଏବଂ ପ୍ରକୃତିର ରହସ୍ୟ ଉନ୍ମୋଚନ କରିବା ଉଦ୍ଦେଶ୍ୟରେ ମନୁଷ୍ୟ ଏକ ଅଭିନବ ପନ୍ଥାର ଆଶ୍ରୟ ନେବ। ବିଜ୍ଞାନ ଜଗତକୁ ନୂତନ ପଥ ପ୍ରଦର୍ଶନ କରିପାରୁଥିବା ଏ ରୂପ ଯୋଗଜନ୍ମା ମହାମତି ଚିନ୍ତାନାୟକମାନଙ୍କୁ କୁହନ୍ "ବିଜ୍ଞାନର ଛଞ୍ଚାଣ" ( The eagles of science ) ନାମରେ ଅଭିହିତ କରିଛନ୍ତି। ଗଭୀର ଆତ୍ମଅବବୋଧ ସମ୍ପନ୍ନ, ଉଚ୍ଚକଳ୍ପନା ଶକ୍ତି ଧାରିତ, ଓଜସ୍ୱିନୀ ପ୍ରତିଭା ସମ୍ପନ୍ନ ଏ ରୂପ ଯୁଗପ୍ରବର୍ତ୍ତକ ପୃଥିବୀ ପୃଷ୍ଠରେ କ୍ୱଚିତ୍ ଆବିର୍ଭୂତ ହୁଅନ୍ତି ଏବଂ ନିଜ ସୃଜନଶୀଳତା ବିନିମୟରେ ସେମାନେ ଯେଉଁ ଭେଳିକି ଲଗାଇଦିଅନ୍ତି ତାହା ବହୁସଂଖ୍ୟକ ବୁଦ୍ଧିଜୀବୀଙ୍କୁ ସୁଦୀର୍ଘ କାଳ ପର୍ଯ୍ୟନ୍ତ କର୍ମରତ ରଖେ।

ବିଜ୍ଞାନ ଏହିପରି ଏକ ନୂତନ ଯୁଗରେ ପଦାର୍ପଣ କରିବାର ବେଳ କ'ଣ ସତରେ ଆଗତ ପ୍ରାୟ? ନ୍ୟୁଅର୍କସ୍ଥିତ ୟେସିଭା ବିଶ୍ୱବିଦ୍ୟାଳୟର ପ୍ରବୀଣ ପଦାର୍ଥ—ବିଜ୍ଞାନୀ, ଡେଭିଡ୍ ଫିନ୍କେଲ୍‌ଷ୍ଟିନ୍, ଏପରି ପ୍ରଶ୍ନର ଅସ୍ତିସୂଚକ ଉତ୍ତର ଦେଇଛନ୍ତି। ତାଙ୍କ ମତାନୁଯାୟୀ, କଣିକା ପଦାର୍ଥ ବିଜ୍ଞାନ, ଆପେକ୍ଷିକ ତତ୍ତ୍ୱ ଓ ମନୁଷ୍ୟର ଚେତନା (human consciousness) ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିପାରୁଥିବା ଏକ ତତ୍ତ୍ୱ ନିଶ୍ଚୟ ଅଚିରେ ଉଦ୍ଭାବିତ ହେବ; ଆଧୁନିକ ପଦାର୍ଥ ବିଜ୍ଞାନର ତାହା ଏକ ଭିନ୍ନ ରୂପ ଧାରଣ କରିବ ଏବଂ ତାପ ମାତ୍ରାକୁ ଆମେ ଯେପରି ଏକ ଅନୁଭବ୍ୟ ମାୟା (Sensory illusion) ରୂପେ ବିଚାରୁଛୁ, ଠିକ୍ ସେହିପରି ସ୍ଥାନ, କାଳ ବସ୍ତୁକୁ ଏକ ମାୟା ରୂପେ ବିଚାର କରିବାପାଇଁ ପଥ ପ୍ରଦର୍ଶନ କରିପାରୁଥିବା ଗୋଟିଏ ଯୁଗାନ୍ତକାରୀ ତତ୍ତ୍ୱ ନିଶ୍ଚୟ ଅଚିରେ ଉଦ୍ଭାବିତ ହେବ। ସେ ପ୍ରସଙ୍ଗ ସେ ଲେଖିଛନ୍ତି "The way has been prepared to turn over the structure of modern physics, to consider space, time and mass as illusion in the same way as temperature is a sensory illusion"

ଆନ୍ତର୍ଜାତୀୟ ସୁଖ୍ୟାତିସଂପନ୍ନ ପ୍ରବୀଣ ବ୍ରିଟିଶ ଜ୍ୟୋତିଃପଦାର୍ଥ ବିଜ୍ଞାନୀ ଫ୍ରେଡ୍ ହୟେଲ୍ ସୂଚେଇଛନ୍ତି ଯେ ଏହି ଅନନ୍ତ ପରିବ୍ୟାପ୍ତ ବିଶ୍ୱର କୌଣସି ନା କୌଣସି ଅଞ୍ଚଳରେ ଏପରି ପ୍ରକ୍ରିୟା ସମାହିତ ହେଉଥିବାର ସମ୍ଭାବ୍ୟତା ରହିଛି, ଯାହାକୁ କି ପଦାର୍ଥ ବିଜ୍ଞାନର କୌଣସି ଜ୍ଞାତ ନିୟମାବଳୀ ଜରିଆରେ ପ୍ରକାଶ କରାଯିବା ଅସମ୍ଭବ ।

ପୃଥିବୀ ପ୍ରସିଦ୍ଧ ମାସାଚ୍ୟୁସେଟ୍ସ୍ ଇନ୍ଷ୍ଟିଚ୍ୟୁଟ ଅଫ ଟେକ୍ନୋଲଜିର ସୁନାମଧନ୍ୟ ପଦାର୍ଥ ବିଜ୍ଞାନୀ ମୋରିସନ ମଧ୍ୟ "କାର୍ଯ୍ୟ କାରଣ ପର୍ଯ୍ୟବେକ୍ଷିତ ବୈଜ୍ଞାନିକ ଗବେଷଣା ପ୍ରସୂତ ଜ୍ଞାନରାଜ୍ୟ ସମେତ କାରଣ ବିହୀନ ରହସ୍ୟ ବୃତ୍ତ ଘଟଣାବଳୀର ସତ୍ୟତା ସଂପର୍କରେ ନିର୍ଭିକ ମତବ୍ୟକ୍ତ କରିବାକୁ ପଶ୍ଚାତପଦ ହୋଇ ନାହାନ୍ତି ମହାକାଶରେ ଦେଖାଯାଉଥିବା କେତେକ ଅଜଣା ଉଡନ୍ତା ବସ୍ତୁର କାରଣ ସମ୍ପର୍କରେ ସମ୍ୟକ ଧାରଣା ଯୋଗାଇ ଦେବା ପାଇଁ ନିକଟ ଅତୀତରେ ଯୁକ୍ତରାଷ୍ଟ୍ର ଆମେରିକାରେ ଗୋଟିଏ ସଂପାଦନର ଆୟୋଜନ କରାଯାଇଥିଲା । ଏହି ଆଲୋଚନା ଚକ୍ରରେ ସେ ଗଦେଇ ମୋରିସନ କହିଥିଲେ ଯେ କାରଣ ସଙ୍ଗତ (rational) ପଦ୍ଧତି ଅବଲମ୍ବନରେ ଗବେଷଣା ଚଳାଇବାର ତାତ୍ପର୍ଯ୍ୟ ଆମେ ସମ୍ୟକ୍ ଭାବରେ ଉପଲବ୍ଧି କରାନାହୁଁ । ଏପରି କର୍ମପନ୍ଥା ଅନୁସରଣ କରିବାର ଏକମାତ୍ର ଉଦ୍ଦେଶ୍ୟ ନୁହେଁ ଯେ ଇଉକ୍ଲିଡ଼ଙ୍କ ଅନୁରୂପ ଆମେ ସର୍ବଦା କେବଳ ଯୁକ୍ତି ସଙ୍ଗତ କାରଣ ଉପରେ ନିର୍ଭର କରି ଗବେଷଣା ଚଳାଇବା, କାରଣ ସଙ୍ଗତ ଜ୍ଞାନ ସହିତ କାରଣ ବିହୀନ ବା ରହସ୍ୟମୟ ତଥ୍ୟ ଗୁଡ଼ିକୁ ମଧ୍ୟ ଜ୍ଞାନରାଜ୍ୟର ଅନ୍ତର୍ଭୁକ୍ତ କରାଯିବା ବିଧେୟ । ସେ କହନ୍ତି, "The idea of rati onality is not that we should always be sober and do every thing like euclid. Rationality has to include so to speak the irrational"

ଯେଉଁ ପ୍ରକାର ଘଟଣା ଗୁଡ଼ିକ କେବେ ବୈଜ୍ଞାନିକମାନଙ୍କୁ ଅଯୌକ୍ତିକ ତଥା ଅପ୍ରାକୃତିକ ବୋଧ ହୋଇଥିଲା, ବର୍ତ୍ତମାନ କେତେକ ଚିନ୍ତାନାୟକ ସେହିପରି ଘଟଣା ଗୁଡ଼ିକର କାରଣ ସମ୍ପର୍କରେ ଅନୁସନ୍ଧାନ ଚଳାଇବାକୁ ଆଗଭର ହେଲେଣି । ଜୈବ ଫେରପୁଷ୍ଟି biofeed back) ଶୀର୍ଷକ ଧାରଣାର ବଶବର୍ତ୍ତୀ ହୋଇ ପ୍ରାଚୀନ ଯୁଗର

ପଣ୍ଡିତମାନେ ଚିକିତ୍ସା ବିଜ୍ଞାନ ଶରୀର ତତ୍ତ୍ୱ କ୍ଷେତ୍ରର ଯେଉଁ ପ୍ରକାର ସମୃଦ୍ଧି ସାଧନ କରିଥିଲେ, ପରବର୍ତ୍ତୀ ଯୁଗର ବୈଜ୍ଞାନିକମାନଙ୍କୁ ତାହା ଅଲୌକିକ ତଥା ଅନ୍ଧ ବିଶ୍ୱାସ ଉପରେ ପ୍ରତିଷ୍ଠିତ ହୋଇଥିବା ପରି ବୋଧହେଲା । ମନୁଷ୍ୟ ନିଜ ଜାଣତରେ ଶାରୀରିକ ତାପମାତ୍ରା ବା ହୃତ୍ସ୍ପନ୍ଦନର ମାତ୍ରା ପ୍ରଭୃତି ଜୈବିକ ପ୍ରକ୍ରିୟା ଗୁଡ଼ିକୁ ନିୟନ୍ତ୍ରଣ କରି-ପାରେ ବୋଲି ସେମାନେ ଯେଉଁ ଧାରଣା ଯୋଗାଇ ଦେଇଥିଲେ ତାହା ପରବର୍ତ୍ତୀ ଯୁଗର ବୈଜ୍ଞାନିକ ମାନଙ୍କ ଦ୍ୱାରା ଅଗ୍ରାହ୍ୟ ହେଲା । ଚୀନ ଦେଶରେ ପ୍ରାଚୀନ ଯୁଗରେ ଯେଉଁ ପ୍ରକାର ବିଚକ୍ଷଣ ଚିକିତ୍ସା ପଦ୍ଧତି ଅନୁସୃତ ହେଉଥିଲା, ପାଶ୍ଚାତ୍ୟ ବୈଜ୍ଞାନିକମାନେ ତାହାକୁ ଅବୈଜ୍ଞାନିକ ତଥା ଭ୍ରମାତ୍ମକ ପଦ୍ଧତି ରୂପେ ହେୟଜ୍ଞାନ କରିଥିଲେ । ମାତ୍ର ବର୍ତ୍ତମାନ ଉଲ୍ଲିଖିତ ପୁରାତତ୍ତ୍ୱ ଗୁଡ଼ିକର କାରଣ ସମ୍ବନ୍ଧରେ ପର୍ଯ୍ୟାପ୍ତ ଅନୁସନ୍ଧାନ ଚଳାଇବା ପାଇଁ କେତେକ ବୈଜ୍ଞାନିକ ଆଗ୍ରହୀ ହୋଇଅଛନ୍ତି, ଇମାନୁଏଲ୍ ଭେଲିକୋଭସ୍କି ନାମକ ଜନୈକ ମନସ୍ତତ୍ତ୍ୱବିତ୍ ମାନସିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ଜୀବନର ଉତ୍ତରାର୍ଦ୍ଧରେ ଭୂତତ୍ତ୍ୱ ପ୍ରତି ଆକୃଷ୍ଟ ହୋଇଥିଲେ । ପୃଥିବୀ ପୃଷ୍ଠରେ ଘଟିଯାଇଥିବା ପ୍ରଳୟଙ୍କାରୀ ବନ୍ୟା ସମ୍ପର୍କରେ ପବିତ୍ର ଖ୍ରୀଷ୍ଟଧର୍ମଗ୍ରନ୍ଥ ବାଇବଲ୍‌ରେ ଯେଉଁ ସୂଚନା ପ୍ରଦତ୍ତ ହୋଇଛି, ତାହାର କାରଣ ଅନୁସନ୍ଧାନ କରିବା ପାଇଁ ତାଙ୍କ ମାନସ ପଟରେ ଅସୀମ କୌତୁହଳ ଜାତ ହୋଇ-ଥିଲା । ପ୍ରାଚୀନ ଯୁଗର ଏହି ଚିନ୍ତାନାୟକ ନିଜ ବୁଦ୍ଧିବଳରେ ଏହାର କାରଣ ସମ୍ପର୍କରେ ଗୋଟିଏ ଶୃଙ୍ଖଳାକର ତଥ୍ୟ ପରିବେଷଣ କରିଥିଲେ । ସେ ସୂଚାଇଥିଲେ ସେ ଏକ ବୃହଦାକୃତି ଧୂମକେତୁ (comet) ପୃଥିବୀ ସହ ସଙ୍ଘାତ ସୃଷ୍ଟି କରିବା ଯୋଗୁଁ ଭୂଗର୍ଭରେ ଯେଉଁ ବିରାଟ କାମ୍ପ ଗର୍ତ୍ତ ସୃଷ୍ଟି ହୋଇଥିଲା, ତଜ୍ଜନିତ ଉକ୍ତ ବନ୍ୟା ସଙ୍ଘଟିତ ହୋଇଥିଲା । "ଦି ୱାର୍ଲଡ୍ ଇନ୍ କଲିସନ୍ସ୍" ଶୀର୍ଷକ ଏକ ସୁରଚିତ ପୁସ୍ତକରେ ସେ ଏ ବିଷୟରେ ପୁଙ୍ଖାନୁପୁଙ୍ଖ ବିବରଣୀ ଯୋଗାଇ ଦେଇଛନ୍ତି । ତାଙ୍କ ପରବର୍ତ୍ତୀ ଯୁଗର ବୈଜ୍ଞାନିକମାନେ ଏପରି ଏକ ଭୟାବହ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ଯୁକ୍ତିସଙ୍ଗତ ତାତ୍ତ୍ୱିକ ସ୍ପଷ୍ଟୀକରଣ ଯୋଗାଇ ନପାରି ଏପରି ଘଟଣାକୁ କପୋଳକଳ୍ପିତ

ତଥା ଉଦ୍ଭଟ ଚିନ୍ତାଧାରା ରୂପେ ଖଣ୍ଡନ କଲେ । ମାତ୍ର ଭେଲକୋଭସ୍କିଙ୍କ ମତବାଦର ସତ୍ୟତା ପ୍ରତିପାଦନ କରିବାପାଇଁ ବର୍ତ୍ତମାନ ବୈଜ୍ଞାନିକ-ମାନେ ପୁଣି ଆଗ୍ରହୀ ହେଲେଣି ।

ବର୍ତ୍ତମାନ ଅତୀନ୍ଦ୍ରିୟ ଅନୁଭୂତି (Extra sensory perception) ସଂପର୍କିତ ଘଟଣା ବିଜ୍ଞାନ ଜଗତରେ ଗବେଷଣା ଚଳାଇବାର ଏକ କୌତୂହଳୀ ସମସ୍ୟାରୂପେ ବିବେଚିତ ହେଉଛି । ଅବଶ୍ୟ ମନୁଷ୍ୟର ମନ ଓ ତା'ର ମାନସିକ ଶକ୍ତି ସମ୍ବନ୍ଧରେ ଅନୁଧ୍ୟାନ କରିବା ବିଜ୍ଞାନର ଇତିହାସରେ କିଛି ନୂଆ କଥା ନୁହେଁ । ପ୍ରବୀଣ ମନୋସ୍ତତ୍ତ୍ୱବିତ୍ ଫ୍ରଏଡ୍, ଅବିସ୍ମରଣୀୟ ପଦାର୍ଥ ବିଜ୍ଞାନୀ ଜେ. ଜେ. ଟମ୍‌ସନ୍ ଓ ଟମାସ୍ ଏଡ଼ିସନ୍ ଏବଂ ଚଳିତ ଶତାବ୍ଦୀର ଅନ୍ୟତମ ଶ୍ରେଷ୍ଠ ମହାମତି ଚିନ୍ତାନାୟକ ଆଇନ୍‌ଷ୍ଟାଇନ୍ ପ୍ରମୁଖ ମନସ୍ତାତ୍ତ୍ୱିକ ଘଟଣାବଳି ସମ୍ପର୍କରେ ମସ୍ତିଷ୍କ ଚାଳନା କରିଛନ୍ତି । ମାତ୍ର ଅତୀନ୍ଦ୍ରିୟ ଅନୁଭୂତିକୁ ବିଜ୍ଞାନର ପରିସର ଭୁକ୍ତ କରାଯିବାପାଇଁ ପୂର୍ବରୁ କୌଣସି ପ୍ରକାର ଉଲ୍ଲେଖନୀୟ ଉଦ୍ୟମ ପରି-ଚାଳିତ ହୋଇନାହିଁ । ଏବେ ମଧ୍ୟ ଏହାକୁ ବିଜ୍ଞାନର ପରିସର ଭୁକ୍ତ କରାଯିବ କି ନାହିଁ, ତତ୍ ସମ୍ବନ୍ଧୀୟ ବାଦାନୁବାଦର ଅବସାନ ଘଟିନାହିଁ । ମାତ୍ର ଯାହା ଜଣାପଡ଼ୁଛି, ସମୟାନୁକ୍ରମେ ଅତୀନ୍ଦ୍ରିୟ ଅନୁଭୂତି ଭଳି ଏକ ଚମକପ୍ରଦ କୌତୂହଳୀ ଘଟଣା ସମ୍ପର୍କରେ ତାତ୍ତ୍ୱିକ ଗବେଷଣା ଚଳାଇବା ପାଇଁ ପୃଥିବୀର ବିଭିନ୍ନ ଦେଶରେ ବୈଜ୍ଞାନିକଗଣ ବିଶେଷ ଆଗ୍ରହୀ ହେଲେଣି । ଯୁକ୍ତରାଷ୍ଟ୍ର ଆମେରିକାର ଡିଉକ୍ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ଡକ୍ଟର ଜେ. ବି ରାଇନ୍ ସର୍ବପ୍ରଥମେ ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ଏବମ୍ବିଧ ଆଚମ୍ବିତ ଘଟଣା ସମ୍ପର୍କରେ ସାକ୍ଷ୍ୟ ସଂଗ୍ରହ କରିଥିଲେ ଏବଂ ଏ ବିଷୟରେ ଅଭିଜ୍ଞତାମୂଳକ ଗବେଷଣା ଚଳାଇବା ଦ୍ୱାରା ସମସାମୟିକ ବୈଜ୍ଞାନିକମାନଙ୍କୁ ଏପରି ଗବେଷଣାରେ ମନୋନିବେଶ କରିବାପାଇଁ ନେତୃତ୍ୱ ପ୍ରଦାନ କରିଥିଲେ । କାଳକ୍ରମେ ଏପରି ଗବେଷଣା ଚଳାଇବା ଉଦ୍ଦେଶ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ

ମାନଙ୍କରେ ସୁବିଧା ଯୋଗାଇ ଦିଆଗଲା । ଷ୍ଟାନ୍‌ଫୋର୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର କେତେକଜଣ ପ୍ରବୀଣ ବୈଜ୍ଞାନିକ ଯାଦୁକରୀ ବିଦ୍ୟାଭିମୁଖୀ ପ୍ରଶ୍ନିତ ହେଉଥିବା ଏପରି କୌତୁହଳୀ ଘଟଣା ସମ୍ପର୍କରେ ସ୍ପଷ୍ଟୀକରଣ ଯୋଗାଇଦେବା ଉଦ୍ଦେଶ୍ୟରେ ପ୍ରଶଂସନୀୟ ଉଦ୍ୟମ ଚଳାଇଛନ୍ତି । ଡାକ ବା ତାର ବା କୌଣସି ପ୍ରକାର ମାଧ୍ୟମର ବିନା ସାହାଯ୍ୟରେ ଜଣେ ବ୍ୟକ୍ତି କିପରି ସୁଦୂର ସ୍ଥାନରେ ଥିବା ତାଙ୍କ ଆତ୍ମୀୟ ସ୍ୱଜନଙ୍କ ସମ୍ବାଦ ଜାଣି ପାରୁଛନ୍ତି । (Telepathy) ? କୌଣସି ଗୋଟିଏ ଗୁରୁତ୍ୱ ପୂର୍ଣ୍ଣ ଘଟଣା ଘଟିଥିବା ସମ୍ପର୍କରେ ଜଣେ ବ୍ୟକ୍ତି କିପରି ପୂର୍ବରୁ ଘୋଷଣା କରିପାରୁଛନ୍ତି (prerecognition) ? ନିଜର ମାନସିକ ଶକ୍ତିବଳରେ ଜଣେ ବ୍ୟକ୍ତି କିପରି ଗୋଟିଏ ବସ୍ତୁକୁ କ୍ରିୟାଶୀଳ କରାଇ ପାରୁଛନ୍ତି (Psychokinesis) ? ଅବଶ୍ୟ ଅଦ୍ୟାବଧି ଯେତିକି ସାକ୍ଷ୍ୟ ସଂଗ୍ରହ କରାଯାଇଛି, ସେଥିରୁ ଜଣାପଡ଼ୁଛି ଯେ ପ୍ରତ୍ୟେକ ମନୁଷ୍ୟ ଅତୀନ୍ଦ୍ରୀୟ ଅନୁଭୂତିର ଅଭିଜ୍ଞତା ଅର୍ଜନ କରିବା ସମ୍ଭବ ନୁହେଁ । କେତେକ ମୁଷ୍ଟିମେୟ ବ୍ୟକ୍ତିଙ୍କଠାରେ ଏପରି ଅନୁଭୂତିର ମାତ୍ରା ଅତ୍ୟଧିକ ହୋଇଛି । ତେବେ ମୁଷ୍ଟିମେୟ ବ୍ୟକ୍ତି କେଉଁ ଅସାଧାରଣ ମାନସିକ ଶକ୍ତିର ଅଧିକାରୀ ହୋଇଛନ୍ତି, ସେମାନଙ୍କ ମସ୍ତିଷ୍କରେ ବା ଶରୀରରେ କେଉଁ ପ୍ରକାର ଜୈବିକ ପ୍ରକ୍ରିୟା ସମାହିତ ହେଉଥିବା ଯୋଗୁଁ ସେମାନଙ୍କ ଠାରେ ଏପରି ଗୁଣ ପ୍ରକଟିତ ହୋଇଛି ? ବୈଜ୍ଞାନିକମାନେ ଏଯାବତ ଏହି ପ୍ରଶ୍ନର ସଠିକ୍ ଉତ୍ତର ପାଇ ନାହାନ୍ତି । ଗୁନ୍ଥର ଷ୍ଟେଣ୍ଟ୍ "ସାଇଣ୍ଟିଫିକ୍ ଆମେରିକାନ୍" ପତ୍ରିକାରେ ଏ ବିଷୟରେ ଗୋଟିଏ ଚିନ୍ତାଉଦ୍ରେକକାରୀ ପ୍ରବନ୍ଧ ରଚନା କରିଛନ୍ତି । ସେଥିରେ ସେ ଜଣାଇଛନ୍ତି ଯେ ବିଜ୍ଞାନର ଇତିହାସରେ ଏକ ନୂତନ ଯୁଗର ଆଗମନ ନିକଟ ହେଲାଣି । ବର୍ତ୍ତମାନ ପଦାର୍ଥ ବିଜ୍ଞାନର ଜ୍ଞାତ ନିୟମାବଳୀ ଅବଲମ୍ବନରେ ଏହି ସମସ୍ୟା ସମ୍ପର୍କରେ ସ୍ପଷ୍ଟୀକରଣ ଯୋଗାଇ ଦେବା ସମ୍ଭବ ହେଉନଥିଲେ ମଧ୍ୟ ନୂତନ ଯୁଗର ପ୍ରବର୍ତ୍ତକ ରୂପେ ଧରା ପୃଷ୍ଠରେ ଅବତୀର୍ଣ୍ଣ ହେଉଥିବା କେହି ଯୋଗଜନ୍ମା ଚିନ୍ତାନାୟକ ଏକ ବିପ୍ଳବାତ୍ମକ ଚିନ୍ତାଧାରା

ପରିବେକ୍ଷଣ କରିବା ପୂର୍ବକ ଏହି ଅସମାଧିତ ସମସ୍ୟାର ସନ୍ତୋଷ ଜନକ ସମାଧାନ କରିପାରିବେ ।

କଲମ୍ବିଆ ବିଶ୍ୱବିଦ୍ୟାଳୟର ସୁନାମଧନ୍ୟ ପଦାର୍ଥ ବିଜ୍ଞାନୀ ଜେରାଲଡ୍ ଫିନ୍‌ବର୍ଗ ସ୍ୱରଚିତ "ପ୍ରୋମେଥିଅସ୍ ପ୍ରୋଜେକ୍ଟ" ଶୀର୍ଷକ ଏକ ସାରଗର୍ଭକ ପୁସ୍ତକରେ ଗୁନ୍ଥର ଷ୍ଟେଣ୍ଟଙ୍କ ମତକୁ ସମର୍ଥନ କରିଛନ୍ତି ନିଜର ଦ୍ୱିଧା ବିହୀନ ମତ ପରିବେକ୍ଷଣ କରିଛନ୍ତି । ଏହି ଚିନ୍ତାନାୟକ ତାତ୍ତ୍ୱିକ ଗବେଷଣା ଚଳାଇ 'ଟାଚିଅନ୍' (ବାକ୍ଷିପ୍ରାଣୁ) ଶୀର୍ଷକ ଆଲୋକର ବେଗଠାରୁ ସର୍ବଦା ଅଧିକ ବେଗରେ ଧାବିତ ଏକପ୍ରକାର ବସ୍ତୁ କଣିକାର ଅବସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରି ବିଜ୍ଞାନ ଜଗତରେ ଏକ ଶୃଙ୍ଖଳା ସୃଷ୍ଟି କରିଛନ୍ତି । ଜଟିଳ ଗାଣିତିକ ପ୍ରକ୍ରିୟା ଅବଲମ୍ବନରେ ସେ ଉଲ୍ଲିଖିତ ସିଦ୍ଧାନ୍ତରେ ଉପନୀତ ହେବା ପରେ ଏବଂ ଏହି କଣିକାରେ ଭୌତିକ ପ୍ରକୃତି ସମ୍ବନ୍ଧରେ ପର୍ଯ୍ୟାପ୍ତ ବିବରଣୀ ଯୋଗାଇ ଦେବା ପରେ ବର୍ତ୍ତମାନ ପୃଥିବୀର ବିଭିନ୍ନ ଦେଶର ବୈଜ୍ଞାନିକମାନେ ଏପରି କଣିକାକୁ ବିଶ୍ୱର ଯେ କୌଣସି ସ୍ଥାନରେ ଆବିଷ୍କାର କରିବାପାଇଁ ବହୁବିଧ ଅଭିଜ୍ଞିୟାତ୍ମକ ଗବେଷଣାରେ ମନୋନିବେଶ କରିଛନ୍ତି । ଅବଶ୍ୟ ଏ ଯାବତ୍ ଏହାର ଅବସ୍ଥିତି ସମ୍ପର୍କରେ ପ୍ରାମାଣିକ ତଥ୍ୟ ସଂଗ୍ରହ କରିବା ସମ୍ଭବ ହୋଇନାହିଁ । ତାଙ୍କ ପରି ଜଣେ ଚିନ୍ତାଶୀଳ ଉଚ୍ଚ ପ୍ରତିଭା ସମ୍ପନ୍ନ ପଦାର୍ଥ ବିଜ୍ଞାନୀ ଉକ୍ତ ପୁସ୍ତକରେ ଲେଖିଛନ୍ତି ଯେ ମନୁଷ୍ୟ ନିଶ୍ଚୟ ଭବିଷ୍ୟତରେ ମୃତ୍ୟୁକୁ ଜୟ କରିବାର ଉପାୟ ଆବିଷ୍କାର କରିପାରିବ । ଏତଦ୍ୱାରା ମୃତ୍ୟୁଞ୍ଜୟୀ ହେବାପାଇଁ ତା'ର ଚିର ଆକାଂକ୍ଷିତ ଅଭିଳାଷ ପୂରଣ ହେବ । ସେ ଏହି ପୁସ୍ତକରେ ଆହୁରି ମଧ୍ୟ ସୂଚାଇଛନ୍ତି ଯେ ଅତୀନ୍ଦ୍ରିୟ ଅନୁଭୂତି ସମ୍ପର୍କୀୟ ସୃଷ୍ଟି କରଣ ଯୋଗାଇ ଦେବା ଉଦ୍ଦେଶ୍ୟରେ ମନୁଷ୍ୟ ଭବିଷ୍ୟତରେ 'ମାଇଣ୍ଡ୍ରନ ବା 'ସାଇକନ୍ ନାମକ କଣିକାକୁ ଆବିଷ୍କାର କରିପାରିବ । ଏପରି କଣିକ ର ଅସ୍ତିତ୍ୱ ସମ୍ପର୍କରେ କୌଣସି ତତ୍ତ୍ୱ ଉଦ୍ଭାବିତ ନ ହୋଇଥିବାରୁ ଏବଂ ଏହାର ଅବସ୍ଥିତି ସମ୍ପର୍କରେ କୌଣସି ଅଭିଜ୍ଞିୟାତ୍ମକ ଗବେଷଣା

ପରିଗୃହୀତ ହୋଇ ନଥିବାରୁ, ଅଦ୍ୟାବଧି ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ମନୁଷ୍ୟକୁ ରହସ୍ୟମୟ ଜଣାପଡ଼ୁଛି । କେତେକ ସମସାମୟିକ ଚିନ୍ତାନାୟକ ତାଙ୍କ ମତକୁ ସମର୍ଥନ କରୁଥିବା ସ୍ଥଳେ ଆଜି କେତେକ ବୈଜ୍ଞାନିକ ଏହାକୁ ଏକ ଉଦ୍ଭଟ ଚିନ୍ତା ରୂପେ ପ୍ରତ୍ୟାଖ୍ୟାନ କରୁଛନ୍ତି । ଶେଷୋକ୍ତ ବୈଜ୍ଞାନିକମାନେ ୫ାଠ ଅନ୍ୟର ସମ୍ଭାବ୍ୟ ଅବସ୍ଥିତିକୁ ସ୍ୱୀକାର କରୁଥିଲେ ମଧ୍ୟ 'ମାଇଣ୍ଡନ" ବା 'ସାଇକନ୍' ଭଳି କଣିକାର ଅବସ୍ଥିତି ସମ୍ପର୍କରେ ସେମାନେ ସନ୍ଧିହାନ ହୋଇଛନ୍ତି ।

ଫିନ୍‌ବର୍ଗଙ୍କ କୌତୁହଳୋଦ୍ଦୀପକ ତଥା ଭାବ ଉଦ୍ରେକକାରୀ ମତ ବିରୋଧରେ ସ୍ପଷ୍ଟ, ନିର୍ଭୀକ ତଥା ସଠିକ ମନ୍ତବ୍ୟ ପ୍ରକାଶ କରିବାକୁ ବୈଜ୍ଞାନିକମାନେ ସମର୍ଥ ହୋଇନାହାନ୍ତି । କଣିକା ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ବର୍ତ୍ତମାନ ଯେଉଁ ପ୍ରହେଳିକା ସୃଷ୍ଟି ହୋଇଛି, ତାହା ପଦାର୍ଥ ବିଜ୍ଞାନୀମାନଙ୍କୁ ଏକ ଗୋଲକ ଧନ୍ଦାରେ ସମ୍ମୁଖୀନ କରାଇଛି । ତାତ୍ତ୍ୱିକ ଗବେଷଣା ଜରିଆରେ ଯେଉଁ ପ୍ରକାର ଭୌତିକ ପ୍ରକୃତି ସମ୍ପନ୍ନ କଣିକାମାନଙ୍କର ସଂଭାବ୍ୟ ଅବସ୍ଥିତି ସମ୍ପର୍କରେ ସୂଚନା ପ୍ରଦତ୍ତ ହେଉଛି, ପ୍ରବୀଣ ବୈଜ୍ଞାନିକମାନେ ଅଭିଜ୍ଞତାମୂଳକ ଗବେଷଣା ଜରିଆରେ ତାହାକୁ ଆବିଷ୍କାର କରି ଦେଉଛନ୍ତି । ଏପରି ପଦ୍ଧତି ଅନୁସୃତ ହେବାଯୋଗୁଁ ଅଦ୍ୟାବଧି ତାହାକୁ ଆବିଷ୍କାର କରି ଅର୍ଦ୍ଧଶତାଧିକ ବସ୍ତୁ କଣିକାଗୁଡ଼ିକୁ ଆବିଷ୍କାର କରାଗଲାଣି । ତେଣୁ କେଉଁ ପ୍ରକାର ବସ୍ତୁକଣିକା ପ୍ରକୃତରେ ମୌଳିକ ବସ୍ତୁକଣିକା, ତତ୍ ସମ୍ବନ୍ଧୀୟ ସଠିକ୍ ଜ୍ଞାନ ଏ ଯାବତ୍ ବୈଜ୍ଞାନିକ ମାନଙ୍କର ହସ୍ତଗତ ହୋଇନାହିଁ । ନୋବେଲ ପୁରସ୍କାର ପ୍ରାପ୍ତ କୃତବିଦ୍ୟ ବୈଜ୍ଞାନିକ ମୁରେ ଗେଲ୍‌ମାନ "କ୍ୱାର୍କ୍ ଶୀର୍ଷକ ଯେଉଁ ମୌଳିକ ବସ୍ତୁ କଣିକାର ଅବସ୍ଥିତି ସମ୍ପର୍କରେ ତାତ୍ତ୍ୱିକ ଗବେଷଣା ପ୍ରସୂତ ତଥ୍ୟ ଯୋଗାଇ ଦେଇଛନ୍ତି, ତାହାର ଏକାନ୍ତ ସଠିକତା ଅଦ୍ୟାବଧି ପ୍ରତିପାଦିତ ହୋଇନାହିଁ । କ୍ୱାଣ୍ଟମ୍ ତତ୍ତ୍ୱକୁ ଆଶ୍ରୟ କରି ପଦାର୍ଥ ବିଜ୍ଞାନ କ୍ଷେତ୍ରରେ

ତାତ୍ତ୍ୱିକ ଗବେଷଣା ଚଳାଉଥିବା ପଦାର୍ଥ ବିଜ୍ଞାନୀ ମାନଙ୍କର ଗବେଷଣା ପ୍ରସୂତ ଫଳକୁ ଲକ୍ଷ୍ୟ କରି ଆନ୍ତର୍ଜାତୀୟ ସୁଖ୍ୟାତି ସମ୍ପନ୍ନ ସିଦ୍ଧହସ୍ତ ଲେଖକ ଆର୍ଥର କୋଏସ୍‌ଲର ସ୍ୱ ରଚିତ "ଦି ରୁଟ୍‌ସ୍ ଅଫ୍ କଏନ୍‌ସିଡେନ୍‌ସ" ଶୀର୍ଷକ ଏକ ପୁସ୍ତକରେ ଲେଖିଛନ୍ତି ଯେ ଆଜିକାଲି ପଦାର୍ଥ ବିଜ୍ଞାନୀ ପରମାଣୁକୁ ଏକ କ୍ଷୁଦ୍ରାକୃତି ସୌରଜଗତ ସହ ତୁଳନା କରିବାକୁ ଆଉ ଉଚିତ୍ ମନେ କରୁନାହାଁନ୍ତି । ଋଣାତ୍ମକ ଆବେଶଯୁକ୍ତ, ଇଲେକ୍ଟ୍ରନ୍ କଣିକା ଗୁଡ଼ିକ ଧନାତ୍ମକ ଆବେଶଯୁକ୍ତ ନାଉକ୍ଲିଅସ୍ ଚତୁର୍ଦ୍ଦିଗରେ ବିଚିତ୍ର ଭାବରେ ଗତିଶୀଳ ହେଉଛନ୍ତି । ସେମାନେ ସ୍ୱେଚ୍ଛାକୃତ ଭାବରେ ନିଜର କକ୍ଷ ପରିବର୍ତ୍ତନ କରିପାରନ୍ତି ନାହିଁ । କ୍ୱାଣ୍ଟମ୍ ତତ୍ତ୍ୱ ଅନୁଯାୟୀ ସେମାନେ କେବଳ ଗୋଟିଏ ନିର୍ଦ୍ଧାରିତ କକ୍ଷରୁ କୁଦାମାରି ଆଉ ଏକ ନିର୍ଦ୍ଧାରିତ କକ୍ଷକୁ ଯାଇପାରନ୍ତି, ଏତଦ୍ୱାରା ଶକ୍ତିର ଅବଶୋଷଣ ବା ନିର୍ଗମନ ଘଟେ । କି ବିଚିତ୍ର ଘଟଣା ! ପୃଥିବୀ କ'ଣ ନିଜ କକ୍ଷରୁ କୁଦାମାରି ହଠାତ୍ ମଙ୍ଗଳ ଗ୍ରହର କକ୍ଷରେ ପହଞ୍ଚି ଯାଇ ପାରିବ ? [କୋଏସ୍‌ଲର ଉଲ୍ଲିଖିତ ପୁସ୍ତକରେ ପ୍ରସଙ୍ଗକ୍ରମେ ଲେଖିଛନ୍ତି, "An absurdity ? Not to the new generation of quantum physicists. *No longer able to accept* the atom as a miniature solar system in which negatively charged electrons blithely circle the positive nucleus, they found that the electrons kept jumping from one orbit to a different orbit without passing through entervening space—as if the earth were suddenly transformed into the orbit of Mars without having to travel." ] ଏପରି ଗୋଟିଏ ଘଟଣା ଆମକୁ ଉଦ୍ଭଟ ଜଣାପଡୁଥିଲେ ମଧ୍ୟ ଇଲେକ୍ଟ୍ରନ କଣିକା ଏତାଦୃଶ ପ୍ରକୃତି ସଂପନ୍ନ ହୋଇଛି । କେବଳ ଏତିକି ନୁହେଁ, କ୍ୱାଣ୍ଟମ୍ ତତ୍ତ୍ୱରେ ଅଗାଧ ପାଣ୍ଡିତ୍ୟ ଅର୍ଜନ କରିଥିବା ପଦାର୍ଥ ବିଜ୍ଞାନୀ ମାନେ ଏପରି ଅଦ୍ଭୁତ ବସ୍ତୁ କଣିକାର ଅବସ୍ଥିତି ସମ୍ପର୍କରେ ସୂଚନା ଦେଉଛନ୍ତି, ଯାହାର କି ବସ୍ତୁତ୍ୱ ନାହିଁ ବା ଆବେଗ ନାହିଁ, ମାତ୍ର ଏହା ନିର୍ବିଘ୍ନରେ

ସମଗ୍ର ବିଶ୍ୱରେ ଆତଯାତ ହୋଇପାରୁଛି । ଏହି କଣିକାର ନାମ ନିଉଟ୍ରିନୋ ରଖାଯାଇଛି । ଅଭିଜ୍ଞତା ଦ୍ୱାରା ଏହାର ଅବସ୍ଥିତିକୁ ମଧ୍ୟ ଆବିଷ୍କାର କରାଗଲାଣି । ମନୁଷ୍ୟକୁ ବିସ୍ମୟ ଭିଭୂତ କରିପାରୁଥିବା ଏପରି ଅନେକ ଘଟଣା ବର୍ତ୍ତମାନ ପଦାର୍ଥ ବିଜ୍ଞାନୀମାନଙ୍କ କର୍ମ କୁଶଳତା ଯୋଗୁଁ ଆମ ଜ୍ଞାନ ରାଜ୍ୟର ପରିସର ଭୁକ୍ତ ହୋଇପାରିଛନ୍ତି । ଆର୍ଥର କୋଏସ୍ଲର ଯୁକ୍ତି ଦର୍ଶାଇଛନ୍ତି ଯେ ଏପରି ଚମକ ପ୍ରଦ ଘଟଣା ଗୁଡ଼ିକୁ ଲକ୍ଷ୍ୟ କରିବା ପରେ "ଅତୀନ୍ଦ୍ରିୟ ଅନୁଭୂତି" ଭଳି ଏକ କୌତୁହଳୀ ସମସ୍ୟା ସଂପର୍କରେ ବୈଜ୍ଞାନିକମାନେ ନିଶ୍ଚୟ ସ୍ପଷ୍ଟୀକରଣ ଯୋଗାଇଦେବେ । ରହସ୍ୟମୟ ଜଣାପଡ଼ୁଥିବା ଏହି ସମସ୍ୟାକୁ ପଦାର୍ଥ ବିଜ୍ଞାନୀମାନେ ନିଶ୍ଚୟ କୌଣସି ମହିମାମୟ ତତ୍ତ୍ୱ ଅବଲମ୍ବନରେ ବୁଝାଇ ପାରିବେ ।

ବିଜ୍ଞାନର ବିଭିନ୍ନ ବିଭାଗରେ ଗବେଷଣାରତ ବୈଜ୍ଞାନିକମାନେ ପ୍ରକୃତିର ନିଗୂଢ଼ ରହସ୍ୟ ଉନ୍ମୋଚନ କରିବା ଉଦ୍ଦେଶ୍ୟରେ ଯେତେ ଯେତେ ଅଧିକ ତତ୍ତ୍ୱ ଉଦ୍ଭାବନ କରୁଛନ୍ତି ବା ଯେତେ ଯେତେ ଉଚ୍ଚକୋଟିର ଅଭିଜ୍ଞତାତ୍ମକ ଗବେଷଣା ଜରିଆରେ ପ୍ରାମାଣିକ ତଥ୍ୟରାଜି ସଂଗ୍ରହ କରୁଛନ୍ତି, ପ୍ରକୃତିରାଣୀ ସତେ ଯେପରି ସେମାନଙ୍କଠାରୁ ନିଜକୁ ସେତିକି ଅଧିକ ପରିମାଣରେ ଗୋପନୀୟ ରଖିବା ପାଇଁ ଯତ୍ନଶୀଳା ହେଉଛି । ଉଦାହରଣ ସ୍ୱରୂପ ଆଧୁନିକ ଯୁଗର ଜ୍ୟୋତିର୍ବିଜ୍ଞାନୀ ଆଲୋକୀୟ ଦୂରବୀକ୍ଷଣ ଯନ୍ତ୍ର, ବେତାର ଦୂରବୀକ୍ଷଣ ଯନ୍ତ୍ର, ରାଡ଼ାର୍, ଅତିନାଲି ରଶ୍ମି, (infra-red) ଓ ଅତି ବାଇଗଣି ରଶ୍ମି-ଦ୍ୱାରା କ୍ରିୟାଶୀଳ ହୋଇଥିବା କ୍ୟାମେରା, ରଞ୍ଜନ ରଶ୍ମି ସୁଗ୍ରାହୀ ଯନ୍ତ୍ରଖଚିତ କୃତ୍ରିମ ଉପଗ୍ରହ ପ୍ରଭୃତି କର୍ମକୁଶଳୀ ଯନ୍ତ୍ରଗୁଡ଼ିକ ଜରିଆରେ ମହାକାଶକୁ ଯେତେ ଅଧିକ ଦକ୍ଷତାର ସହ ଅବଲୋକନ କରୁଛି, ଅର୍ଥାତ୍ ତାର ଦୃଷ୍ଟିକୋଣ ଯେତେ ବ୍ୟାପକ ହେଉଛି, ମହାକାଶରୁ ସେ ସେତେ ଅଧିକ ପରିମାଣର ବିସ୍ମୟ ଉଦ୍ରେକକାରୀ ଅଭିନବ ଦୃଶ୍ୟ ଅବଲୋକନ କରିବାକୁ ସମର୍ଥ ହୋଇଛି । କୌଣସି ଗୋଟିଏ ଘଟଣା

ସମ୍ପର୍କରେ ସ୍ପଷ୍ଟୀକରଣ ପାଇବା ଉଦ୍ଦେଶ୍ୟରେ ଉଲ୍ଲିଖିତ ଯନ୍ତ୍ରଗୁଡ଼ିକ ସହାୟତାରେ ମହାକାଶକୁ ଅବଲୋକନ କରିବାଦ୍ୱାରା ପୂର୍ବରୁ ଅନାବିଷ୍କୃତ ଆହୁରି ଅନେକ ଦୃଶ୍ୟ ତାର ଦୃଷ୍ଟିପଥାରୁଢ଼ ହେଉଛି । ଏତଦ୍ୱାରା ଉକ୍ତ ଅସମାଧିତ ସମସ୍ୟାର ସମାଧାନ କରିବା ତ ଦୂରର କଥା, ସମାୟନୁକ୍ରମେ ଅସମାଧିତ ସମସ୍ୟା ଗୁଡ଼ିକର କ୍ରମବର୍ଦ୍ଧମାନ ସଂଖ୍ୟା ତାର ମାନସ ପଟରେ ଏକ ପ୍ରହେଳିକା ସୃଷ୍ଟି କରୁଛନ୍ତି । ବିଗତ ଦଶନ୍ଧିରେ କ୍ୱେଜାର ଓ ପଲ୍‌ସାର୍ ନାମଧେୟ ଅଦ୍ଭୁତ ପ୍ରକୃତି ବିଶିଷ୍ଟ ଜ୍ୟୋତିଷ୍କଗୁଡ଼ିକର ଆବିଷ୍କାର ଏବଂ କୃଷ୍ଣଗର୍ଭ ଗୁଡ଼ିକର (Blackholes) ସାମ୍ଭାବ୍ୟ ଅବସ୍ଥିତି ସମ୍ପର୍କରେ ତାତ୍ତ୍ୱିକ ଗବେଷଣା ବିଶ୍ୱସୃଷ୍ଟିର ରହସ୍ୟ ଏବଂ ତାର କ୍ରିୟାଶୀଳତା ସମ୍ବନ୍ଧୀୟ ସମସ୍ୟାକୁ ଆହୁରି ରହସ୍ୟମୟ କରିପକାଇଛି । ପ୍ରଚଣ୍ଡ ଶକ୍ତି ବିକିରଣକ୍ଷମ କ୍ୱେଜର୍‌ର ଗଠନ ସମ୍ବନ୍ଧରେ ସ୍ପଷ୍ଟୀକରଣ ଯୋଗାଇ ଦେବାପାଇଁ ଜ୍ୟୋତିଃ ପଦାର୍ଥବିଜ୍ଞାନୀମାନେ ଏକାଧିକ ତତ୍ତ୍ୱ ପରିବେଷଣ କରିଛନ୍ତି ଏବଂ କୌଣସି ଗୋଟିଏ ତତ୍ତ୍ୱର ସଠିକତା ଏଯାବତ୍ ପ୍ରତିପାଦିତ ହୋଇନାହିଁ । କର୍ମପ୍ରବଣ ଜ୍ୟୋତିର୍ବିଜ୍ଞାନୀମାନଙ୍କର ଏପରି ବିଷମ ମାନସିକ ଅବସ୍ଥାକୁ ଉପଲକ୍ଷ କରି ଆର୍ଥର୍ କୋଏସ୍‌ଲର୍ ସେମାନଙ୍କୁ 'peeping toms at the keyhole of eternity' ନାମରେ ଅଭିହିତ କରିଛନ୍ତି । ବିସ୍ତାରଣକ୍ଷମ ବିଶ୍ୱରେ ବସ୍ତୁ ଓ ଶକ୍ତିର ଲୀଳାଖେଳା ଯେପରି ବିଚିତ୍ର ଭାବରେ ସଙ୍ଘଟିତ ହୋଇଛି, ତତ୍‌ସମ୍ବନ୍ଧୀୟ ଧାରଣା ଯୋଗାଇଦେବା ସକାଶେ ବୈଜ୍ଞାନିକମାନେ ଭିନ୍ନ ଭିନ୍ନ କଳ୍ପନାଶ୍ରୟୀ ତତ୍ତ୍ୱ ପରିବେଷଣ କରୁଛନ୍ତି । ଇଂଲଣ୍ଡର ପ୍ରବୀଣ ଜ୍ୟୋତିଃ ପଦାର୍ଥ ବିଜ୍ଞାନୀ ରୋଗର ପେନ୍‌ରୋଜ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଜାତୀୟ ବେତାର ଜ୍ୟୋତିର୍ବିଜ୍ଞାନ ପର୍ଯ୍ୟବେକ୍ଷଣାଗାରରେ ଗବେଷଣାରତ ଥିବା ରବର୍ଟ୍ ହେଲ୍‌ମିଙ୍ଗ୍ ପ୍ରମୁଖ ବୈଜ୍ଞାନିକମାନେ ଘୋଷଣା କଲେଣି ଯେ ଏହି ବିଶ୍ୱପୃଷ୍ଠରୁ ଅପସାରିତ ବସ୍ତୁ ସମ୍ଭବତଃ ଆଉ ଏକ ଭିନ୍ନ ବିଶ୍ୱକୁ ଚାଲିଯାଉଛି । ଅର୍ଥାତ୍, ଆମର ଜଣାଶୁଣା

ଏହି ବିଶାଳ ବର୍ତ୍ତୀ ବିଶ୍ୱ ଏବଂ ଆଉ କୌଣସି ଅଜଣା ସ୍ଥାନରେ ଥିବା ଗୋଟିଏ ଅଜ୍ଞାତ ବିଶ୍ୱ ମଧ୍ୟରେ ବସ୍ତୁ ଓ ଶକ୍ତିର ଆଦାନ ପ୍ରଦାନ ଚାଲିଛି ।

ଆଧୁନିକ ଜ୍ୟୋତିର୍ବିଜ୍ଞାନ ଯେଉଁପରି ଅବସ୍ଥାରେ ଉପନୀତ ହୋଇଥିବା ସମ୍ପର୍କରେ ସୂଚନା ପ୍ରଦତ୍ତ ହେଲା, ବିଜ୍ଞାନର ପ୍ରତ୍ୟେକ ବିଭାଗ ବର୍ତ୍ତମାନ ତଦନୁରୂପ ଅବସ୍ଥାରେ ପଦାର୍ପଣ କରିଛି । ଉଦ୍ଭାବିତ ତତ୍ତ୍ୱ ଗୁଡ଼ିକର ସଂଖ୍ୟା ବଢିବାରେ ଲାଗିଛି ଏବଂ ତା ସହିତ ତାଳ ମିଳାଇ ଅସମାଧିତ ସମସ୍ୟା ଗୁଡିକର ସଂଖ୍ୟା ମଧ୍ୟ ବଢିଯିବାରେ ଲାଗିଛି । ଅବଗୁଣ୍ଠନବତୀ ଅବୋଧ୍ୟ ପ୍ରକୃତି ପ୍ରତି ଆମ ମାନସ ପଟରେ ଏକ ବିନମ୍ରୀ ଭାବ ସ୍ୱତଃ ଜାଗ୍ରତ ହେଉଛି । ଏପରି ପରିସ୍ଥିତିର ତାଡ଼ନାରେ ବିଜ୍ଞାନ ପ୍ରତି ଆଜିର ମନୁଷ୍ୟ ସଂଶୟ ଆରୋପ କରିବାକୁ ବାଧ ହେଉଛି । ଗଣିତ ଶାସ୍ତ୍ରରେ ଅଗାଧପାଣ୍ଡିତ୍ୟ ପ୍ରଦର୍ଶନ କରିଥିବା ମାର୍ଟିନ୍ ଗାର୍ଡନର୍ ନାମକ ଜନୈକ ପ୍ରବୀଣ ବୈଜ୍ଞାନିକ ସଂପ୍ରତିକ ବିଜ୍ଞାନକୁ ଉପଲକ୍ଷ କରି ଯଥାର୍ଥରେ କହିଛନ୍ତି, "Modern science should indeed arouse in all of us a humility before the immensity of the unexplored and a tolerance for crazy hypotheses" । ସୁପ୍ରସିଦ୍ଧ ହାର୍ଭାର୍ଡ୍ ବିଶ୍ୱବିଦ୍ୟାଳୟର ଜ୍ୟୋତିଃ ପଦାର୍ଥବିଜ୍ଞାନୀ ତଥା ପ୍ରବୀଣ ଐତିହାସିକ, ଓଏନ୍ ଜିନ୍‌ଗେରିଚ୍, ଉଲ୍ଲିଖିତ ସମସ୍ୟାର ସମାଧାନ କଳ୍ପେ ରହସ୍ୟମୟ ବା କାରଣ ବିହୀନ (irrational) ପ୍ରତୀତ ହେଉଥିବା ଘଟଣାଗୁଡିକୁ ବିଜ୍ଞାନର ପରିସରଭୁକ୍ତ କରାଯିବା ସପକ୍ଷରେ ପରାମର୍ଶ ଦେଉଛନ୍ତି । ତାଙ୍କ ମତାନୁଯାୟୀ[1], ତାତ୍ତ୍ୱିକ ଗବେଷଣା ଚଲାଇବା ଏବଂ ଉକ୍ତ ଗବେଷଣାପ୍ରସୂତ ତତ୍ତ୍ୱର ସତ୍ୟତା ପ୍ରତିପାଦନ କରିବାଭଳି କେବଳ ବସ୍ତୁବାଦୀ ଆଭିମୁଖ୍ୟ ଯେନ କର୍ମତତ୍ପର ହେବାଦ୍ୱାରା ମନୁଷ୍ୟ ତାର ଦୃଷ୍ଟି କୋଣକୁ ସୀମିତ ରଖିଛି । ରହସ୍ୟମୟ ବା କାରଣବିହୀନ ପ୍ରତୀତ ହେଉଥିବା ଘଟଣାଗୁଡିକୁ କାର୍ଯ୍ୟକାରଣ ସଙ୍ଗତିସମ୍ପନ୍ନ ଘଟଣାରାଜି

ସବୁ ଚିନ୍ତାରକୁ ନେଲେ ମନୁଷ୍ୟର ଦୃଷ୍ଟିକୋଣ ବ୍ୟାପକ ହୋଇପାରିବ ଏବଂ ସେ ଅସମାହିତ ସମସ୍ୟାଗୁଡିକର ସମାଧାନ କାଳେ ସମ୍ୟକ ଧାରଣା ପାଇପାରିବ । ଡ଼କ୍ଟର ଜନ୍ ଟେଗରର୍ ପ୍ରସଙ୍ଗକ୍ରମେ ଲେଖିଛନ୍ତି, "There might be noncausal things in the world. It is only people with tunnel vision who think our science will go on in a liner, expianatory fashion. it may be that aspects of mysticism totally outside science may come back and be incorporated within its frame work." । ଅନ୍ତର୍ଜାତୀୟ ସୁଖ୍ୟାତିସମ୍ପନ୍ନ, ସ୍ବନାମଧନ୍ୟ ଜର୍ମାନୀ ପଦାର୍ଥ ବିଜ୍ଞାନୀ ଫ୍ରେଡେରିକ୍ ଭଇଜାକର୍ ବର୍ତ୍ତମାନ ପ୍ରାଚ୍ୟ ରହସ୍ୟବାଦଭିତ୍ତିକ ଦର୍ଶନ ମଧ୍ୟରେ ଏବଂ ପାଶ୍ଚାତ୍ୟ ବସ୍ତୁବାଦୀ ଦର୍ଶନ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ଉଦ୍ଦେଶ୍ୟରେ ନିଜ ଗବେଷଣାଗାରରେ ଗବେଷଣା ଚଳାଉଛନ୍ତି । ଚିନ୍ତାନାୟକ ଭଇଜାକର ଉପଲବ୍ଧି କରିଛନ୍ତି ଯେ ରହସ୍ୟବାଦ ହେଉଛି ମନୁଷ୍ୟର ଏକ ମହମୀୟ ଆବିଷ୍କାର । ସେ ଲେଖିଛନ୍ତି, "Mysticism is one of the great discoveries of mankind" ରହସ୍ୟବାଦ ବା ମାୟା ସମ୍ପର୍କୀୟ ଗବେଷଣା ଆମକୁ ନିଶ୍ଚୟ ଭବିଷ୍ୟତରେ ନୂତନ ଜ୍ଞାନାଲୋକ ବିତରଣ କରିବ ବୋଲି ସେ ଦୃଢ଼ ମତ ବ୍ୟକ୍ତ କରୁଛନ୍ତି । ସେ ସୂଚାଇଛନ୍ତି ଯେ ସାମ୍ପ୍ରତିକ ପରିସ୍ଥିତିରେ ବୌଦ୍ଧିକ ଘଟଣା ପ୍ରବାହରୁ ଯାହା ଜଣାପଡୁଛି, ବିଜ୍ଞାନ ଭଳି ରହସ୍ୟବାଦ ମଧ୍ୟ ଭବିଷ୍ୟତରେ ମାନବୀୟ ସଭ୍ୟତା ଓ ସଂସ୍କୃତିର ବିକାଶ ପଥରେ ସହାୟକ ହୋଇପାରିବ ।

(୭)

ବୈଜ୍ଞାନିକ ଗବେଷଣା ପରିଚାଳନା କରିବାର ପଦ୍ଧତିରେ ବିପ୍ଳବାତ୍ମକ ପରିବର୍ତ୍ତନ ଘଟାଇବା ଦ୍ୱାରା ବା ରହସ୍ୟମୟ ଘଟଣା ରୂପେ ପ୍ରତୀୟମାନ ହେଉଥିବା ତଥ୍ୟରାଜିକୁ ଗବେଷଣାର ଅନ୍ତର୍ଭୁକ୍ତ କରାଯିବା ଦ୍ୱାରା ମନୁଷ୍ୟ ପ୍ରକୃତିର ରହସ୍ୟ ସଠିକ ଭାବରେ ଉନ୍ମୋଚନ କରିପାରିବାର ସଂଭାବ୍ୟତା ସମ୍ପର୍କରେ ଉଲ୍ଲିଖିତ ପ୍ରକାରେ କେତେକ

ଚିନ୍ତାନାୟକ ନିଜ ନିଜର ଅଭିମତ ବ୍ୟକ୍ତ କରିଥିଲେ ଯେ ଆଧୁନିକ ଯୁଗର ଅଧିକାଂଶ ବୈଜ୍ଞାନିକ ଗତାନୁଗତିକ ଗବେଷଣା ଚଳାଇବାର ପଦ୍ଧତିରେ କୌଣସି ପ୍ରକାର ପରିବର୍ତ୍ତନ ଘଟାଇବା ଦିଗରେ ଅଳ୍ପ ଗୁରୁତ୍ଵ ଆରୋପ କରୁନାହାନ୍ତି । ପ୍ରଚଳିତ ପଦ୍ଧତିକୁ ପ୍ରତ୍ୟାଖ୍ୟାନ ନ କରିବାର ମୁଖ୍ୟ କାରଣ ହେଉଛି ଯେ ବିଜ୍ଞାନାଶ୍ରିତ ଜ୍ଞାନର ବ୍ୟାବହାରିକ ଉପଯୋଗ କରାଯିବା ଦ୍ଵାରା ଅଧିକ ଉତ୍ପାଦନକ୍ଷମ କର୍ମନିପୁଣ ଯନ୍ତ୍ରଗୁଡ଼ିକର ନିର୍ମାଣ କରାଯିବା ସମ୍ଭବ ହୋଇଛି ଏବଂ ନିକଟ ଭବିଷ୍ୟତର ଆହୁରି ଅଧିକ କର୍ମନିପୁଣ ଯନ୍ତ୍ରଗୁଡ଼ିକୁ ପ୍ରସ୍ତୁତ କରିବାପାଇଁ ବୈଜ୍ଞାନିକ କାରିଗରମାନେ ଆଶାୟୀ ହୋଇଛନ୍ତି । ପୁଣି, କେତେକ ବୈଜ୍ଞାନିକ ଉଲ୍ଲିଖିତ ଅଭିମତଗୁଡ଼ିକୁ ଅବୈଜ୍ଞାନିକ ଚିନ୍ତାଧାରା ରୂପେ ଚିତ୍ରଣ କରିବା ପୂର୍ବକ ଘୋଷଣା କଲେଣି ଯେ ବୈଷୟିକ ପ୍ରଗତିପାଇଁ ଯେଉଁ ପ୍ରକାର କାର୍ଯ୍ୟାନୁଷ୍ଠାନ ଗୁଡ଼ିକୁ ଗ୍ରହଣ କରାଯାଇଛି ଏବଂ ମନୁଷ୍ୟ ନିଜର ଶ୍ରେଷ୍ଠତା ଦେଖାଇବାପାଇଁ ଯେଉଁ ପ୍ରକାର ଗବେଷଣାର ସାଫଲ୍ୟକୁ ଅପେକ୍ଷା କରୁଛି, ସେହି ସମସ୍ତ କାର୍ଯ୍ୟଗୁଡ଼ିକୁ ସୁଚାରୁରୂପେ ସମ୍ପନ୍ନ କରିବା ଦିଗରେ ଏପରି ଚିନ୍ତାଧାରାର ପ୍ରସାର ପ୍ରତିବନ୍ଧକ ସୃଷ୍ଟି କରିବାର ଆଶଙ୍କା ଜାତ ହେଉଛି । ମେଣ୍ଡେଲ୍‌ସନ ଏହି ପ୍ରସଙ୍ଗରେ କହିଛନ୍ତି, "There is too much of use in the scientific way of knowledge to simply brush it aside. Most scientists belive that a swelling chorus of anti-scientism could jeoparadize solutions to the technological problems that so distress world we cannot revers." ସ୍ଵର୍ଗତ ଜନ୍ ଫିଜଗଲଡ଼ କେନେଡ଼ି ଯୁକ୍ତରାଷ୍ଟ୍ର ଆମେରିକାର ସଭାପତି ପଦରେ ଅଧୀନ ହୋଇଥିବା ସମୟରେ ତାଙ୍କ ବିଜ୍ଞାନ ପରାମର୍ଶଦାତା ରୂପେ ସୁଖ୍ୟାତି ଅର୍ଜନ କରିଥିବା ତଥା ଅଧୁନା ସୁପ୍ରସିଦ୍ଧ ମାସାଚୁସେଟ୍‌ସ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲଜିର ସଭାପତି ପଦରେ ଅଧିଷ୍ଠିତ ହୋଇଥିବା ଜେରୋମ୍ ଉଇଜ୍‌ନର ନାମକ ଜନୈକ ବିଦ୍ଵାନ ବ୍ୟକ୍ତି ମେଣ୍ଡେଲସନ୍‌ଙ୍କର ଉଲ୍ଲିଖିତ ମତକୁ ସମର୍ଥନ

କରୁଛନ୍ତି । ତାଙ୍କ ମତାନୁଯାୟୀ ମନୁଷ୍ୟ ବର୍ତ୍ତମାନ ଗତାନୁଗତିକ ବୈଜ୍ଞାନିକ ଗବେଷଣାର ଆଭିମୁଖ୍ୟକୁ ବଦଳାଇ ଦେବାକୁ ସହଜେ ରାଜି ହେବେନାହିଁ । କାରଣ, ଏହାକୁ ହିଁ ଆଶ୍ରୟ କରି ସେ ବୈଷୟିକ କ୍ଷେତ୍ରରେ ଅଶେଷ ସମୃଦ୍ଧି ସାଧନା କରିପାରୁଛି । କୃଷିଠାରୁ ଆରମ୍ଭ କରି ବିଭିନ୍ନ ଶିଳ୍ପଜାତ ଦ୍ରବ୍ୟ ଗୁଡିକର ବଣ୍ଟନ ନିମନ୍ତେ ସେ ବିଭିନ୍ନ ପ୍ରକାର ଯାନ୍ତ୍ରିକୌଶଳ ଗୁଡିକର ସାହାଯ୍ୟ ନେଉଛି । ତେଣୁ, ଯେଉଁ ପନ୍ଥା ଅନୁସରଣ କରିବା ଦ୍ୱାରା ସେ ଏତେ ଉପକୃତ ହେଉଛି, ତାର ପ୍ରଲୋଭନକୁ ସେ କଣ ଏତେ ସହଜରେ ପରିତ୍ୟାଗ କରି ପାରିବ ? ଉଇଗ୍‌ନର୍ କହନ୍ତି, "Too many people are too dependent on technology from agriculture to distribution of goods.".

ବିଜ୍ଞାନର ସମାଲୋଚକଗଣ ସାଂପ୍ରତିକ ବୈଜ୍ଞାନିକ ଗବେଷଣାର ପଦ୍ଧତି ସଂପର୍କରେ ଯେଉଁ ଅଭିମତ ପ୍ରକାଶ କରିଛନ୍ତି ଏବଂ ପ୍ରକୃତି ସହ ଏକ ଅଭିନବ ସମନ୍ୱୟ ସ୍ଥାପନ କରିବା ସକାଶେ ସେମାନେ ବୈଜ୍ଞାନିକ ମାନଙ୍କୁ ଯେପରି ଭାବରେ ଉଦ୍‌ବୁଦ୍ଧ କରିଛନ୍ତି, ତା' ଦ୍ୱାରା ସେମାନେ ନିଜ ନିଜର ସନ୍ଦେହ ଓ ସଂଶୟ ଭାବକୁ ଅନ୍ୟମାନଙ୍କ ନିକଟରେ ବ୍ୟକ୍ତ କରିଦେବା ସଙ୍ଗେ ସଙ୍ଗେ ମନୁଷ୍ୟର ଭାବରାଜ୍ୟରେ ଏକ ନୂତନ ଉଦ୍ଦୀପନା ଜାଗ୍ରତ କରିପାରିଛନ୍ତି । ଏଥିପାଇଁ ସେମାନେ ଯେ ଧନ୍ୟବାଦାର୍ହ୍ୟ ଏଥିରେ ସନ୍ଦେହର ଅବକାଶ ନାହିଁ । ବୈଜ୍ଞାନିକମାନେ ଯେପରି ଅହଙ୍କାରୀ ମନୋଭାବ ପୋଷଣ କରି ଏବଂ ସମାଜଠାରୁ ନିଜକୁ ବିଚ୍ଛିନ୍ନ ରଖି ପରୀକ୍ଷାଗାରର ପ୍ରକୋଷ୍ଠ ମଧ୍ୟରେ କର୍ମରତ ରହିବାକୁ ଶ୍ରେୟସ୍କର ମଣୁଥିଲେ, ବର୍ତ୍ତମାନ ସମାଲୋଚକମାନଙ୍କର ଚେତାବନୀ ସେମାନଙ୍କୁ ସାମାଜିକ ସାହିତ୍ୟବୋଧ ପ୍ରତି ସଚେତନ କରାଇ ପାରିଛି । ସେମାନେ ଉପଲବ୍‌ଧି କଲେଣି ଯେ ଅତୀନ୍ଦ୍ରିୟ ଅନୁଭୂତି ତୁଲ୍ୟ ବିଭିନ୍ନ ମନସ୍ତାତ୍ତ୍ୱିକ ସମସ୍ୟା, ଆଧ୍ୟାତ୍ମିକ ଶକ୍ତି ପ୍ରଭୃତି ବିଭିନ୍ନ ରହସ୍ୟଗୁଡ଼ିକ ସମ୍ପର୍କରେ ସ୍ପଷ୍ଟୀକରଣ ଯୋଗାଇ ଦେବା ପାଇଁ ସେମାନଙ୍କୁ କର୍ମତତ୍ପର ହେବାକୁ ହିଁ

ପଢ଼ିବ । ସୁଦୀର୍ଘ ୩୦୦ ବର୍ଷ ପୂର୍ବେ ଆମର ବ୍ରିଟିଶ ପଦାର୍ଥବିଜ୍ଞାନୀ ରବର୍ଟ ହୁକ୍ ଇତିହାସ-ପ୍ରସିଦ୍ଧ ରୟାଲ୍ ସୋସାଇଟିର ପ୍ରତିଷ୍ଠା ଦିବସରେ ପୌରୋହିତ୍ୟ କରି ଭାଷଣ ପ୍ରସଙ୍ଗରେ କହିଥିଲେ, "This society will eschew any discussion of religion, rhetoric morals and politics." । ଅର୍ଥାତ୍, ରୟାଲ୍ ସୋସାଇଟିର ଧର୍ମ, ନୈତିକତା ପ୍ରଭୃତି ବିଷୟରେ ଆଲୋଚନା କରାଯିବ ନାହିଁ । ମାତ୍ର ଆଜିର ଦୁନିଆରେ ଏପରି ମନ୍ତବ୍ୟର ଯଥାର୍ଥତା ନାହିଁ । କାରଣ ବିଜ୍ଞାନ ଆମକୁ ଚରମ ସତ୍ୟ ଜଣାଇ ଦେବାକୁ ଅସମର୍ଥ; ଏହା ଏ ଯାବତ କେବଳ ଆମକୁ ବିଭିନ୍ନ କୌତୂହଳୀ ସମସ୍ୟା ଗୁଡ଼ିକର ସମ୍ଭାବ୍ୟ ଉତ୍ତର ହିଁ ଯୋଗାଇ ଦେଇଛି । ମହାମତି କୋପର୍ନିକସ୍ ୫୦୦ ବର୍ଷ ପୂର୍ବରୁ ଯେଉଁ ବସ୍ତୁବାଦଭିତ୍ତିକ ବିଶ୍ୱଦର୍ଶନ ପ୍ରଦାନ କରିଥିଲେ ତାହା ହିଁ ବିଜ୍ଞାନକୁ ଆଜିର ଅବସ୍ଥାରେ ଉପନୀତ କରାଇଛି । ତେଣୁ, ମନୁଷ୍ୟ ଯଦି ଏହାଠାରୁ ବ୍ୟାପକ ଦୃଷ୍ଟିକୋଣ ନେଇ ଗବେଷଣା ଚଳାଇବାକୁ ସମର୍ଥ ହୁଏ, ତେବେ ବିଜ୍ଞାନ ଏକ ନୂତନ ଯୁଗରେ ପଦାର୍ପଣ କରିବ । ଏହି ନୂତନ ଯୁଗରେ ଆବାହମାନ ସଙ୍ଗୀତ ଯେ ନିକଟ ଭବିଷ୍ୟତରେ ବାଜି ଉଠିବ, ଏପରି ଭାବିବା ଅମୂଳକ ନୁହେଁ ।

—*—